


Digitized by srujanika@gmail.com

# ଦାନାପାଣି

ଲେଖକ :

ଶ୍ରୀ ଗୋପୀନାଥ ମହାନ୍ତି

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by srujanika@gmail.com

ପ୍ରକାଶକ

ଶ୍ରୀ ଅନନ୍ତ ମିଶ୍ର

**କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର**

ବାଲୁବଜାର, କଟକ : ୨

ତୃତୀୟ ମୁଦ୍ରଣ
ମହାବିଷୁବ ସଂକ୍ରାନ୍ତି : ୧୯୭୧

ଚତୁର୍ଥ ମୁଦ୍ରଣ

ଜନ୍ମାଷ୍ଟମୀ : ୧୯୭୮

ମୁଦ୍ରାକର :
ପ୍ରଜାତନ୍ତ୍ର ପ୍ରେସ,
କଟକ-୨

**ମୂଲ୍ୟ**

**ବନ୍ଧାଇ : ଟ ୧୫.୦୦**

ଅବନ୍ଧା : ଟ ୧୨.୫୦ ପଇସା

**SRI GOPINATH MOHANTY**

# DANAPANI

( Social Novel )

[ Paper used for printing of this books was made available by Government of Orissa at concessional Rate ]

Publisher
*Sri Anant Misra*
Cuttack Students' Store
Cuttack-2

3rd Edition
APRIL ; 1971

4th Edition
AUGUST : 1978

Printer :

Prajatantra Press,
Cuttack-2

Price

**Deluxe Bound—Rs. 15.00**

Popular bound—Rs. 12.50

Digitized by srujanika@gmail.com

# ଉପହାର

ଲେଖକଙ୍କର ଆଉ କେତୋଟି ପୁସ୍ତକ—

* ଲୟବଲୟ (ଉପନ୍ୟାସ)
* ପରଜା (ଉପନ୍ୟାସ)
* ଉଡ଼ନ୍ତାଖଇ (କ୍ଷୁଦ୍ରଗଳ୍ପ)
* ମନ ଗହ୍ୱିରର ଚାଷ

Digitized by srujanika@gmail.com

# ଦାନାପାଣି

ବଳୀଦତ୍ତ ଚାଲିଛି ଘୁଷୁରିଆ ପଲ୍ଲୀର ବାଟେ ବାଟେ, ସାଙ୍ଗରେ ଝରୁଆ । ତାର ଘୁଷୁରିଗୁଅ ଦରକାର, ନିଜପାଇଁ ନୁହେଁ, ସାହେବ୍‌ର ବଙ୍ଗଳାପାଇଁ ।

"ଏଇ ଗୋଲାପମୂଳେ ମୁଠିଏ ମୁଠିଏ ଘୁଷୁରିଗୁଅ ଦେଲେ ଫୁଲ୍ ବଡ଼ ହୁଅନ୍ତା ମାଳି", ମେମ୍‌ସାହେବ୍ କହିଲେ, "ଗୋଲାପକୁ ଘୁଷୁରିଗୁଅ, କ୍ୟାନାକୁ ଘୋଡ଼ାଗୁଅ, ତା ଛଡ଼ା ପ୍ରଚୁର ପାଣି ।"

ବଳୀଦତ୍ତ ମାଳି ନୁହେଁ । କୌଣସି ଏକ ବ୍ୟବସାୟୀ କମ୍ପାନୀର ତରୁଣ କର୍ମଚାରୀ ।

ସକାଳୁ ଯାଇ କାମ କରି କରି ଦିନ ବାରଟାବେଳେ ସାହେବ୍‌ର ନନ୍ଦନକାନନ ବାଟେ ଆପଣା ଘରକୁ ବାହୁଡ଼ିଲାବେଳେ ମାଳୀକୁ ମେମ୍‌ସାହେବ୍‌ଙ୍କର ଏ ଫର୍ମାସି ସେ ଶୁଣିଥିଲା, ତା'ପରେ ଉପରେ ପଡ଼ି କଲା ଖାଣ୍ଟି-ପ୍ରଶ୍ନ, "ଘୁଷୁରିଗୁଅ ଦରକାର ? ଆଣିଦେବି ଯାହାକୁ ଯେତେ, ହେଇ ମୁଁ ଚାଲିଲି ।"

ମେମ୍‌ସାହେବ ମୁରୁକେଇ ଟିକିଏ ହସିଥିଲେ ।

ସେତିକି ସମ୍ବଳକରି ଝରୁଆ ଧରି ବଳୀଦତ୍ତ ଚାଲିଛି ଫେରିଏ ଫେରିଏ । ସୁଟ୍ ପିନ୍ଧିଛି, ଟାଇ ଭିଡ଼ିଛି, ଖରାରେ ସିଝିଛି, ସକାଳର କେତେ ମୁଗର ପଖାଳ ଗଣ୍ଡିକ, ସେ ଗଲାଣି ପାଣିହୋଇ । କୋଟରୁ ରୁମାଲ କାଢ଼ି ଯେତେ ଝାଳ ପୋଛୁଲେ ବି ଝାଳ ବୋହୁଛି ଦରଦର । ଅସନା ପଲ୍ଲୀର ଗନ୍ଧକୁଣ୍ଡ ତନଖି ତନଖି ଘୁଷୁରିଗୁଅ ସଂଗ୍ରହ କରି କରି ସେ ଚାଲିଛି । ଏତେ ପରିଶ୍ରମରେ ବି ଗୋଟାଏ ବିଜୟର ଆଶା ବେଳେବେଳେ ତାକୁ ଅଧୀର କରିଦେଉଛି, ବଳୀଦତ୍ତ ଦେଖୁଛି ସ୍ୱପ୍ନ ।

"ହେଲା ଆଜ୍ଞା, ଝରି ତ ପୂରିଲା, ଆଉ କଣ ?" ଝରୁଆ କହିଲା ।

"ଚାଲ୍ ଚାଲ୍, ହେଲାଣି କୋଉଠି ? ଦେଉଳ ପରି ବୋଝେଇକରି ନେବାକୁ ହେବ । ଦେଖିନୁ କେତେ ଗୋଲାପ ଗଛ ?"

ଝରୁଆ ଦୀର୍ଘନିଃଶ୍ୱାସ ମାରିଲା । ଖରାରେ ଅଙ୍କାଲପରି ହେଲାଣି । ତାର ଝାଳ ସର-ସର ପିଠି ଉପରେ ହାତ ଚାପୁଡ଼େଇ ତାକୁ ଫୁସୁଲେଇ କଅଁଳେଇ କହିଲା ବଳୀଦତ୍ତ, "ମୂଲ ତ ପାଇବୁ, ପଚ୍ଛେଉଚୁ କାହିଁକି ? ଚାଲ୍ ଭାଇ, ଚାଲୁନୁ ?"

ବୋଝ ଧେନି ଲେଉଟିଲାବେଳକୁ ସାଇକଲ ଚଢ଼ି ଚାଲିଛନ୍ତି ମହାପାତ୍ରେ । ମହାପାତ୍ରେ ସୁଟ୍‌ପରିହିତ, କମ୍ପାନୀର ଜଣେ ବଡ଼ କର୍ମଚାରୀ ।

Digitized by srujanika@gmail.com

"କି ହୋ ବଳୀଦତ୍ତ ବାବୁ, ଖବରେ କୁଆଡ଼େ ?" ମହାପାତ୍ରେ ଓଳ୍ଗାଇଲେ । ବଳୀଦତ୍ତ ପ୍ରମାଦ ଗଣିଲା । ଅନେକ ଥର ଖବର ବୁଝୁଛ୍ନେବାକୁ ମହାପାତ୍ରେ ତାର ପିଛୁ ନେଲେଣି ।

"କଣ୍ କଥା ? ସବୁ ଭଲ ତ ?"

"ଆଜ୍ଞା ! ସେମିତ ଚାଲିଛି ।"

"ହଁ, ମୁଁ ଯୋଉଟା ଲେଖି ପଠେଇଥିଲି, ସାହେବ୍ କଣ ଲେଖିଲା ତା ଉପରେ ?"

"ସାହେବ୍ଠୁଁ ଫେରନାହିଁ ଆଜ୍ଞା, ମୁଁ କାହୁଁ ଜାଣିବି ?"

"ଆଜ ସକାଳେ ମୁଁ ଯାଇଥିଲି, ବୁଝିଲ ବଳୀଦତ୍ତ ବାବୁ ! ସାହେବ୍ କଣ-କଲା ଜାଣିଚ ନା ? କହିଲା,—ବସନ୍ତୁ । ବସନ୍ତୁ କହିଲା, ତା ସିଗାରେଟ୍-କେସ୍ରୁ କାଢ଼ି ମୋତେ ଖଣ୍ଡେ ସିଗାରେଟ୍ ଦେଲା । ବାଧହୋଇ ଟାଣିବାକୁ ପଡ଼ିଲା । ମୁଁ ତ ଆଶ୍ଚର୍ଯ୍ୟ !"

"ଆଜ୍ଞା, ଅପଣ ତ ଆଉ ଆମପରି ନୁହନ୍ତି । ଏ ସାହେବ୍ କେଉଁ ଗୁଣେ ଆପଣଙ୍କ ସରି ? କଣ ବିଦ୍ୟାରେ ନା କାମରେ ନା କେଉଁଥିରେ ? ଖାଲି ଗୋରା କୁମ୍ପାନୀକୁ ଗୋରା ମଣିଷ ବୋଲି ସିନା ! ଏଇ ଆଖି ଦେଖିବ, ଆପଣ ଆସିବେ ଆମ ସାହେବ୍ ହୋଇ । କୁମ୍ପାନୀର ତେର କାହିଁ ଦରଆପାର, ଆପଣ ହିଁ ଚଳାଇବେ ଏଇ ଡିପୋ ।"

"ନିଅ, ପାନ ଖଣ୍ଡେ ଖାଅ, ହୁସିଆର, କଡ଼ାଗୁଣ୍ଡି ।"

"ଅଜ୍ଞା ଅପଣଙ୍କ ପାନ, ବେଙ୍ଗ ପେଟରେ କଣ ଘିଅ ହଜମ ହେବ ?"

"ଆରେ, ଖାଅ ନା, ଟୋକା ଲୋକ ! ଅଇସ୍ତ୍ର ସିନା ଗଲଣି ହେଲା, ତୁମ-ପରି ଯେତେବେଳେ ପଟନି ହୋଇଥିଲି, ମୁଁ ଯାହା ଖାଉଥିଲି ଶୁଣିଲେ ଆଶ୍ଚର୍ଯ୍ୟ ହେବ ।"

ଏ ଶୁଣେଇବେ, ଛାଡ଼ିବେ ନାହିଁ, ତେଣେ ମେମ୍ସାହେବ୍ କୁଆଡ଼େ ଯିବେ, ଦେଖିପାରିବେ ନାହିଁ ଘର ଧର ବଳୀଦତ୍ତ ଆସିଛି । ବାଟ ବନ୍ଦକରି ଘରୁଆ ଠିଆହେଲାଣି, କିଛି କହି ପାରୁନାହିଁ ।

"ଯା, ଯା, ବାଟ ବନ୍ଦ କଲୁ କାହିଁକି ?—"

"ସେଗୁଡ଼ା କଣ କି ହୋ ବଳୀଦତ୍ତ ବାବୁ ?—"

"ଆଜ୍ଞା ଶାଗ ପଟାଳିଏ କରିଚ ଯେ, ଘରେ ଖତ ନଉଥିଲି ।"

"କେତେକୁ କିଣିଲ ? ଆରେ—ମୁଁ ତ ବାଇଗଣ କିଆରିଏ କରୁଚ ଯେ ପଡ଼ନ୍ତୁଡ଼ାକ ହଳଦିଆ ହୋଇଯାଉଚି ଖତ ବିନା । ଖତ କୋଉଠୁ ପାଉଚ ? ଆରେ ଘରୁଆ, ନେଇ ଦଉ ଆମ ବଗିଚାକୁ, ବୁଝିଲୁ ?"

Digitized by srujanika@gmail.com

ବଡ଼ଲୋକଙ୍କୁ ଉତ୍ତର ନାହିଁ, ସ୍ୱର୍ଗକୁ ନିଶୁଣୀ ନାହିଁ ।

ବଳୀଦତ୍ତର ମୁହଁରୁ ଝାଳ କେଉଁ କେଉଁ ବୋହିଲାଣି, ଛେପ ଢୋକ ଢୋକ କହିଲା—"ଆଜ୍ଞା ଏ ଜବା କଥା, ମୁଁ ନିଜେ ଦେଇଆସିବି ଯାଇ । ···ସାହେବ୍ ଆପଣଙ୍କ ଉପରେ ସବୁଠୁ ବେଶି ଖୁସି ଆଜ୍ଞା—"

"ତମେ କେମିତି ଜାଣିଲ ? କଏ କହୁଥିଲା ? କଣ ଲେଖିଚ ଦେଖିଚ ତାହେଲେ,—ଏ, କୁହ କୁହ । ଆଃ, ଝମେଳା ହେଲା, ଆପନା ଘିବା ଆମ ବଡ଼ାକୁ । ହୁଁ, ତମେ ମହା ଜଣେ ଦେଖୁଚ, ଆସ ଆସ ବଳୀଦତ୍ତ ବାବୁ !"

"ଆପଣ ବଳେ ଜାଣିବେ ଆଜ୍ଞା, ଖାଲି ଏ ଗରିବଙ୍କ ପାଇଁ ମିଠେଇ ରଖିଥାନ୍ତୁ । ସାହେବ୍ ଫେର୍ କାହିଁକି ଡାକଚ, ମୁଁ ଖରି ତରତର ଅଛୁ ଆଜ୍ଞା !"

"ଆଚ୍ଛା, ତା ହେଲେ ଯାଅ । ତମେ ବଡ଼ କାର୍ଯ୍ୟକୁଶଳ ବଳୀଦତ୍ତ ବାବୁ, ଟୋକା ବୟସରେ ଏତେ ଦାୟିତ୍ୱଜ୍ଞାନ ମୁଁ ଖୁବ୍ କମ୍ ଦେଖିଚି । ଯା' ହଉ ମୋଟାମୋଟି ସବୁ ଭଲ ତାହାହେଲେ, ନୁହେଁ ? ସେଇଥିପାଇଁ ସିଗାରେଟ୍ ଦେଲ, ମୁଁ ତ ଆଶ୍ଚର୍ଯ୍ୟ ! କାହିଁ କାହାକୁ ତ ସେ ଏପରି କହେନାହିଁ ! ବଣଜନ୍ତୁଙ୍କୁ ପୋଷା ମନେଇବା ବଡ଼ କଷ୍ଟ ।"

ବଳୀଦତ୍ତ ମୁରୁକେଇ ହସୁଛୁ ।

ଏ ହସ ପରଠିଁ ଅନ୍ତର ବୋଲାଲ ପଣ, ଆପେ ଆସେ । ମହାପାତ୍ରେ ଯାଇକେଲ ଚଢ଼ି ଚିଁ କନା ଉଡ଼ଗଲେଣି ସିଗାରେଟ୍ ପାଇଥିବାର ଖବର ପ୍ରଚାର କରିବାକୁ । ବଳୀଦତ୍ତ ମନେ ମନେ ତାଙ୍କୁ ଗାଳି ଦେଇ ଦେଇ ଚାଲିଛୁ ।

ବାହାର ଗୋଟିଏ ଇସ୍କୁଲ । ତୋରଣଶୋଭିତ ଦ୍ୱାରଦେଶ । ଆଜି ଉପରଓଳି ଏଠି ଉତ୍ସବ ହେବ, ସାହେବ୍ ଆସିବେ । ସାହେବଙ୍କୁ ଉଦ୍ଦେଶ୍ୟ କରି ଗାଇବାକୁ ତରୁଣ ଶିକ୍ଷକ ଅରୁଣ ବାବୁ ପିଲାମାନଙ୍କୁ ଗୀତ ଅଭ୍ୟାସ କରାଉଛନ୍ତି ।

"ଜନଗଣମନ-ଅଧିନାୟକ ଜୟ ହେ,—"

ବଳୀଦତ୍ତ ବିରକ୍ତ ହୋଇ ଚାହିଁଦେଇ ଗଲା, ଲାଗିଲା ଏ ମାଙ୍କଡ଼ାମି । ମନ-ଗହ୍ୱରରେ ଘର୍ଷଣର ରାଗ, ଏପରି ସୁବିଧା ତାର ନଜରରେ ନାହିଁ । ଚେତନ ମନରେ ଏତେବେଳେ ସେ ଖାଣ୍ଟି ସ୍ୱଦେଶୀ—ଏ କି ଅପମାନ, ଅରୁଣ ବାବୁଙ୍କର କଣ କାଣ୍ଡଜ୍ଞାନ ହଜିଛି ?

"ଆରେ, ବଳୀଦତ୍ତ ବାବୁ ଯେ—"

"ଆଚ୍ଛା, ଅରୁଣ ବାବୁ, ସାହେବ୍ କଣ ଖବର କହିଲା ? ଆପଣ କଣ ଯେ ସତେ······"

"ବୁଝି ନାହାନ୍ତି, ଏ ଯେପରିକି ଏକା ଟେକାକେ ଦୁଇ ପକ୍ଷୀ । ସାହେବ୍ ଠିକ୍ ବୁଝିବ । କେଡ଼େ ବଡ଼ ସେ,—ଭାରତ-ଭାଗ୍ୟ-ବିଧାତା । ପଦା ଲୋକେ ଖୁସି

Digitized by srujanika@gmail.com

ହେବେ ତାଙ୍କ ପ୍ରିୟ ଗୀତ ଶୁଣି । ଗୀତ ତ ଗୀତ ସେଥିରେ କଣ ବାରଣ ଅଛି
ଭୁଟ୍‌ ନ୍ରାହ୍ମାନ୍ର, ଏ ଅଏଲ୍‌ଂର ଦ୍ଧନ । ଅମର ଆଉ କଏ ଅଛି ?"

ବଳୀଦତ୍ତ ଫେଁକନା ହସିଦେଲ ।

ତାର କ ଯାଏ ?

ଅରୁଣ ବାବୁଙ୍କର ବଶେଷ ବୁଦ୍ଧି ଶୁଦ୍ଧି ଅଛି ବୋଲ ସେ ସ୍ୱୀକାର୍‌ କରିବାକୁ ନାରାଜ । ବୁଦ୍ଧି ଥିଲେ ନଜ ମତ୍‌ଲବ ମଣିଷ ପର ଆଗେ ବଖାଣେ ନାହିଁ ।

ଖର ସହ୍ଡ ବାଟେ ବାଟେ ।

ଦ୍ଧନ ଗୋଟାଏ, ଉଦୁଉଦିଆ ଖରା । ମେମ୍‌ସାହେବ୍‌ ନାହିଁ, ମାଲୀ ବି ଶୋଇଲଣି । ଖତ କୁର୍‌ହେଇ ଦେଇ ଗଲେ ମାଲୀ ବାହାଦୁର ନେବ, ସେ, ଆଣିଛି । ଅଗତ୍ୟା ବଳୀଦତ୍ତ ଅପେକ୍ଷା କଲ ।

ଗ୍ରଣଆଡ଼େ ଫୁଲବଣ, ଉଦୁହଦିଆ ଦ୍ଧପହରେ ଟୁଇ ଚହିଛି, ଦେହରେ ଲଗି ଝପିଯାଉଛି ମିଠା ପବନ ଟିକଏ । ପ୍ରକୃତର ଅଳସ ଶୋଭା । ସେପାଖେ ସାନ କୋଠର ପଦାରେ କୁକୁଡ଼ାଛୁଆ ପଲେ ଯେନ ମାଈକୁକୁଡ଼ା ଚରୁଛି । ଗୁହାଳରୁ ଘୋଡ଼ା ଗ୍ରଡ଼ିଛି ବରମ୍ବା ଯକ୍ଷର ଆର୍ତ୍ତନାଦ । ହାତେ ଉଭ କାଢ଼ି ପିଣ୍ଡାରେ ପଡ଼ି ବଡ଼ କୁକୁରଟି ଧକେଇ ହେଉଛି । ଆର କରରେ ତରୁଣୀ 'ଆଲ୍ମା' ଲୁଗାପଟା ଶୁଖୋଉଛି, ତାର ମୁକୁଳା ବାଳ, ଛନ୍ଦନ୍ତଭକା ଆଣ୍ଠୁ ବ୍ଲାଉଜ୍‌ ଓ ତରଳ ଗ୍ରହାଣି ତାକୁ ମନୋଉଛି ଗୋଟିଏ ଜନ୍ତୁପର । ଦେଖିବାକୁ ବହୁତ, ଭାବିବାକୁ ବହୁତ ।

କନ୍ତୁ ଦୂରକୁ ଗ୍ରହିଁଲେ ବଳୀଦତ୍ତ ପଦା ପ୍ରକୃତକୁ ଦେଖୁ ନ ଥିଲା, ଟୁଇତଳେ ଝାଳ·ପୋଛିପୋଛି ଭାବୁଥିଲ ନଜ କଥା ।

କ୍ଷୁଦ୍ର ଦେହ, ଯଥାସାଧ ସଜେଇଲେ ବ ସେ ବଢ଼େନାହିଁ । ଅଳ୍ପ ବଦ୍ୟା, ଆଉ ସୁଯୋଗ ନାହିଁ ନାମ ପଛରେ ବଦ୍ୟାର ବଜ୍ଞାପନ ଯୋଖିବାକୁ । ଦୂର ଦେଶରେ ଅଜଣା କେଉଁ ଯାଗା, ସେଠି କରଜ ଲଦାଲଦି, ଅଧଛପର ଗୃଳଦର, ପିଣ୍ଡାରେ ଖୁଁ ଖୁଁ କାଶି କାଶି ବାଉଆ ବାପଟି,—ବୃଦ୍ଧ । ଅଖ୍ୟାତ କେଉଁ ଗଳ ଧୂଳର ଅଖ୍ୟାତ ମଣିଷ ସେ ବଳଆ ।

କନ୍ତୁ ତାର ସଂସ୍ଥିତ ଦରକାର ।

ମୂରଣ ହେଲଦନୁଁ ଆପଣା ପିତୃପୁରୁଷଙ୍କ ମୂଳଦୁଆକୁ ଯେବେ ସେ ସ୍ୱୀକାର କରିନାହିଁ, ଅପଲ୍ୟରେ ପଡ଼ି ଚେମେଡ଼ା ଶୁଙ୍ଗୁଟା ହୋଇ ଲଢ଼ି ଶିଖିଛି, ଅଗଚ୍ଛ ପର ଜନ୍ମ ହୋଇ ଅଗଚ୍ଛ ପର ଲଟେଇ ଚଢ଼ି ଶିଖିଛି, ଲଟେଇ ଶିଖିଛି, ହାତପାଆନ୍ତ ଯାହା ପାଇଛି ସବୁ ଆପଣାର କର ସବୁର ଉପରେ ଭର୍‌ଦେଇ ମୁଣ୍ଡ ଟେକିଛି, ଆପଣା ମାପରେ ବଳୀଦତ୍ତ ବଢ଼ିଛି ।

ସେ ଆହୁର ବଢ଼ିବାକୁ ଚ୍ହେଁ ।

Digitized by srujanika@gmail.com

ଝରୁଆ ହାଙ୍କିଲା, "ସିବ ବାବୁ !"

"ହଉ ତେବେ ଚାଲ, ଏଇଠି କୁର୍ ହେଇ ଦେ ।"

ବଳୀଦତ୍ତ ଦୀର୍ଘଶ୍ୱାସ ଛାଡ଼ିଲା । ଅବସନ୍ନ ହୋଇ ଲେଉଟି ଚାଲିଲାବେଳକୁ ମନେପଡ଼ିଲା, ଖରା ଟାଣ, ଭୋକ କରୁଛି ।

ସରୋଜିନୀ ତାର ସ୍ତ୍ରୀ, ନବବିବାହିତା ।

କାନ୍ଧରେ "ପଞ୍ଚପରମେଶ୍ୱର" ବ୍ରୁଚ୍, ମୁଣ୍ଡରେ ଶବାହରୁଁ ମୋହର ସିନ୍ଦୁର ଗାର, ଆଙ୍ଗୁଠିରେ ଗୋଟିଏ ମୁଦି, ସେଥିରେ ବଳୀଦତ୍ତର ନାଁ ଲେଖା । ଶୋଇବା ଘର କାନ୍ଥରେ ଫଟୋ ଖଣ୍ଡିଏ, ଝୁଲୁଥିବା କଳା ଭମଲ ଆଗରେ ଦୁଇଟି ଚୌକିରେ ସେ ଓ ବଳୀଦତ୍ତ ।

ଏକା ମାର୍କା ଏକା ମସ୍ତକେ ଛୋଟ ଛୋଟ ଘର ଧାଡ଼ିଏ, ତହିଁରୁ ଗୋଟି-କରେ ତାଙ୍କର ସଂସାର । ଆଗରେ ରାସ୍ତା ଯାଇଛି । ରାସ୍ତା ଆରକଡ଼ରେ ଆଉ ଟିକିଏ ବଡ଼ ବଡ଼ ଘର ଧାଡ଼ିଏ ।

ସାନ ଘରେ ସରୋଜିନୀ ଓ ବଳୀଦତ୍ତଙ୍କ ଘରକରଣା ବିସ୍ତୃତହୋଇ ପଡ଼ିଛି । ଛୋଟ ହତାରେ ସାନ ବଗିଚା, ଶାଗ, ବାଇଗଣ, ଭେଣ୍ଡି, ବାହାର ପାଇଖାନା-ପାଖେ ଆମ୍ବଗଛ ମୂଳରେ କଦଳୀ ଗଛ ପୁଞ୍ଜିଏ, ତଳେ ଅରଏ ପ୍ରସାରୁଣୀ ଲଟା, ଅଗଣାରେ କାଗେଜି ଲେମ୍ବୁ ଗଛଟିଏ, କାଗେଜି ଫୁଲ ଲଦାଲଦି । ଶୋଇବା ବଖରାରେ ଯୋଡ଼ିଏ ଟ୍ରଙ୍କରେ ସମସ୍ତ ସମ୍ପତ୍ତି, ଛାତରୁ ଦୁଇ ମୁଣ୍ଡରେ ଦୌଡ଼ି ବନ୍ଧାହୋଇ ଯେଉଁ ବାଉଁଶଟି ଝୁଲୁଛି, ତହିଁରେ ସରୋଜିନୀର ଶାଢ଼ୀ ଓ ବଳୀଦତ୍ତର ଲୁଗାପଟା ମିଶିମାଶି ଝୁଲୁଛି. ଭଣ୍ଡାର ଘରେ ହାଣ୍ଡି ମାଠିଆ କେତୋଟି, କିଣା ହୋଇଥିବା ରାନ୍ଧିବା ଉପକରଣ ଯାଇତା ହୁଏ, ତା ପରେ ରୋଷେଇ ଘର, ପଦାରେ କାଠ ।

ସବୁ ବୁଲି ବୁଲି ଦେଖିବାକୁ ସରୋଜିନୀର ଅବସର ବହୁତ, ସେ ବୁଲି ବୁଲି ଆପଣାର ସମ୍ପତ୍ତି ଦେଖେ, ସବୁ ତାଙ୍କର, ଭାବି ଭାବି ଆନନ୍ଦ ପାଏ, ଛୁଆ ଖୁଣ୍ଟିମୂଠାଏ ଧନ ଗୁଡ଼ିକ ଝଣକେଇ ସାତ ପରସ୍ତକର ଘର ଓଳେଇଲାବେଳେ ମଧ୍ୟ କର୍ତ୍ତୃତ୍ୱରେ ମନ ପୂରିଯାଏ, ଛୁଆ ଖୁଣ୍ଟିକୁ ଟାଣିକରି ଧରେ ।

କିନ୍ତୁ ସରୋଜିନୀ ବଳୀଦତ୍ତ ପରି ଆଦୌ ନୁହେଁ, ନା ଦେହରେ ନା ମନରେ । ଉଚ୍ଚତାରେ ସେ ସ୍ୱାମୀଠୁଁ ଚାରି ଆଙ୍ଗୁଳି ବେଶି, ସ୍ୱାସ୍ଥ୍ୟରେ ସେ ଡବଲ

Digitized by srujanika@gmail.com

ଡାଉଳ, ସ୍ୱାମୀର ସରୁ ଧାରମୁହଁକୁ ତାର ବଡ଼ ଗୋଲମୁହଁ, ବଡ଼ ବଡ଼ ଦାନ୍ତ । ନିଜ ବିଷୟରେ ତାର ଧାରଣା,—ତାର ସବୁ ବଡ଼, ସବୁ ବଡ଼ । ମନ ତାର ଖାଲି ନିଜ ଘରକରଣାରେ ଆବଦ୍ଧ ରହିପାରେନାହିଁ, ଘରେ କାମଦାମ ବେଶି ନାହିଁ, ନୈ'ନୈବେଦ୍ୟ ନାହାନ୍ତି, ଅଜଣା କ'ଣ କିଛିକୁ ପ୍ରତୀକ୍ଷା କଲାପରି ଝରକାପାଖେ ବସି ଦୂରକୁ ସେ ଚାହିଁ ରହିଥାଏ—ଭାବୁଥାଏ । ଦିନକୁ ଦିଥର କାମରୁ ଫେରିଲାବେଳେ ସେହିପରି ଅବସ୍ଥାରେ ବଳୀଦତ୍ତ ତାକୁ ଦେଖେ, ଗୋଟାଏ ପୁଲକ ତାର ମପାଚୁପା ଖୋଲ ପୋଷାକ ଠେଲି ପଦାକୁ ବାହାରି ଦେହ ଥରେଇଦିଏ । ଝୁବ୍ ଲମ୍ବା ନିଃଶ୍ୱାସ ଓଟାରି ଓଟାରି ବଳୀଦତ୍ତ ଭାବେ, ସରୋଜିନୀ ତାକୁ ହିଁ ଅପେକ୍ଷା କରି ବସିଛି, ଆଖିରେ ଆଖି ବୁଡ଼ିଯାଏ, ଖାଡ଼ିମଲ୍ଲୀର କଢ଼ି ପରି ହସ ବାଢ଼ିଦେଇ ସରୋଜିନୀ ଧାଇଁପଡ଼ି ଦାଣ୍ଡକବାଟ ଫିଟେଇଦିଏ ।

ଦିନ ଦୁଇଟା ବାଜିଛି, ବଳୀଦତ୍ତ ଘରକୁ ଫେରୁଛି, ଏ ପର୍ଯ୍ୟନ୍ତ ସେ ତାର ଦାନାପାଣିର ଧାରଣାରେ ବୁଡ଼ିଛି । ଏଇ ଜୀବନ, କଠୋର କର୍କଶ ପଥ, ତଥାପି ପାହାଡ଼ ଚଢ଼ି ଯିବାକୁ ପଡ଼ିବ । ତାପରେ ? ତା'ପରେ ?

ସାମ୍ନା ଘରେ ରାସ୍ତା ଆରପାଖେ ଗୋଟିଏ କଲେଜଛାତ୍ର ଯୁବକ, ସେ ଘରର ମାଷ୍ଟ୍ରେ ବାବୁଙ୍କ ପୁତୁରା । ଛୁଟିରେ ଆସିଥିଲା ! ଗଦାଏ ବହି ଆଗରେ ବସି ପୃଷ୍ଠା ଲେଉଟାଇ ଲେଉଟାଇ ହଠାତ୍ ସେ ଏପାଖର ଝରକାକୁ ନିଘାଦେଲା, ତା'ପରେ ଦିନ ଦି'ଟାବେଳେ ମନେ ପଡ଼ିଲା ତାର ବ୍ୟାୟାମ ଚର୍ଚ୍ଚା । ବାହା ଟାଙ୍ଗି, ଛାତି ଫୁଲେଇ, ଜିକ ଜିକ ଡମ୍ବେଲ ଦି'ଟାଧରି ସେ ଆରମ୍ଭ କରିଦେଲାଣି ଭୀମ ବିକ୍ରମରେ । କି ଖାସା ଦିଶୁଛି, ଖାଲୁଆ ଛାତି ! ଦେହ ଟାଙ୍ଗିଦେଲେ ଦେହସାରା ଆବୁ ଆବୁ, ପଥର ପଥର । ସରୋଜିନୀ ପ୍ରଥମେ ଅଭ୍ୟାସ ଅନୁସାରେ ମୁହଁରେ ଲୁଗାମାଡ଼ି ହସିଲା, ତା'ପରେ ଓଠର ହସ ଓଠରେ ଗଲା ଜିଭି, ମୁଗ୍ଧ ହୋଇ ଚାହିଁଲା । କ୍ରମେ ଦେହ ଥରେଇ ଥରେଇ ବାରମ୍ବାର ଦୀର୍ଘଶ୍ୱାସ, ଦେହର ଶିରାପ୍ରଶିରାରେ କ'ଣ ଝଣ୍ ଝଣ୍ ଲାଗିଛି, ସେ ବି ତରଳି ଯାଉଛି, ତରଳି ଯାଉଛି । ଆଉଜି ପଡ଼ି ଦେହ ଢଳେଇ ଦେଇ ସରୋଜିନୀ ବସିଛି, ପ୍ରାଟି ଅଳସ ଆଁ, କପାଳରେ ଝାଳ ବୁନ୍ଦା ବୁନ୍ଦା, ଦୃଷ୍ଟି ଦୂରକୁ, ଦାଉ ଦାଉ ଡୋଳାଯୋଡ଼ିକ ଉପରେ ଉଦାସର କାଳି ଛାଙ୍କୁଣି ।

ବ୍ୟାୟାମଚର୍ଚ୍ଚା ଲାଗିଛି ।

କଲେଜ ଛାତ୍ର ବଙ୍କେଇ ଚାହିଁଲା, ଝରକା ପାଖେ ଚନ୍ଦ୍ରପ୍ରତିମା, କିନ୍ତୁ କାହିଁ,—ସେ ତ ଚାହୁଁନାହିଁ ? ଜାତି ସେମିତି ଏମାନେ, ମାଦଳା ମାଛି, କବିତା ନାହିଁ । ତା'ର ଆତ୍ମସମ୍ମାନରେ ଆଘାତ ପଡ଼ିଲା, ଘୃଣାରେ ଓଠ କୁଞ୍ଚେଇଲା । ସେ ପ୍ରତିଜ୍ଞା କରିଛି, ବିବାହ କରିବନାହିଁ । ତା' ଅପେକ୍ଷା ବ୍ୟାୟାମ—ସେ ଯଥେଷ୍ଟ ଭଲ । ଦି'ପହରର ନିରର୍ଥକ ଶ୍ରମଝାଳ ପୋଛିବାକୁ ତରତର ହୋଇ ସେ ଘରକୁ ଚାଲିଗଲା ।

Digitized by srujanika@gmail.com

କିନ୍ତୁ ସରୋଜିନୀ ସେଇପରି ବସିଛି । ପାଟି ଅଲଗା, ହସିଲା ପରି । ଦୂରକୁ ନିରର୍ଥକ ଦୃଷ୍ଟି, ଭିତରେ ବାଇସ୍କୋପ୍ । ରାସ୍ତା ଉପରୁ ସେଇ ଦୃଶ୍ୟକୁ ବଳୀଦତ୍ତ ଦେଖିଲା, ମୁହୂର୍ତ୍ତେ ସେ ବିଚଳିତ ହେଲା, ଉଚ୍ଚାଶା ମନେନାହିଁ, ସଂସ୍ଥିତି ମନେନାହିଁ । ମନେନାହିଁ ଷ୍ଟ୍ରାଇକ୍ ଓ ସାହେବ । ଖାଲି ସେ ଯେପରି କି ଶେକଲ ଛାଉଁଆ କୁକୁର, ନାକକାନ ବୁଜି ପିଇଯାଉଛି, ପିଇଯାଉଛି । ତାପରେ ଆଖିରେ କୁକୁରିଆ କୃତଜ୍ଞତା ଆଉ ଆତ୍ମଗ୍ଲାନି,—

## ତାକୁ ହିଁ ଚାହିଁ ସରୋଜିନୀ ବସି ରହିଛି—

“କି ଗୋ, ଜପ କରୁଛ ?” ବଳୀଦତ୍ତ କହିଦେଇ ହେଁ ହେଁ ହସିଲା । ସରୋଜିନୀ ଚମକିଲା ପରି ଉଠିପଡ଼ିଲା, ହଠାତ୍ ମୁଣ୍ଡଉପରେ ମାଠିଆରୁ ପାଣିପରି ଅଜାଡ଼ିହୋଇ ପଡ଼ିଲା ଦୁନିଆର ଯେତେ କର୍ତ୍ତବ୍ୟବୋଧ, ଆତ୍ମତ୍ୟାଗର ପ୍ରାୟଶ୍ଚିତ୍ତ ବୋଧ, କୁଆଡ଼ୁ ଓହ୍ଲେଇ ପଡ଼ିଲା ‘ପତି ପରମଗୁରୁ’ ହସ ଓ ଗୁହାଣି । ତରତରରେ କବାଟ ଖୋଲିଦେଉ ଦେଉ କାଠ ଅର୍ଗଳ ଆଙ୍ଗୁଠିରେ ବାଜିଲା ; ମନ ଭିତରର ପ୍ରାୟଶ୍ଚିତ୍ତ ଆକାଙ୍କ୍ଷା ପରିଣତି ପାଇଲା, ପୋଷା ବିରାଡ଼ି ପରି କୁଦକୁଦକା ରୋଷେଇଘରକୁ ଧାଇଁ ଧାଇଁ ସରୋଜିନୀ ଅଭିମାନରେ କହିଲା, “ଏତେ ଡେରି ? ସକାଳୁ କଣ ଗଣ୍ଡେ ଖାଇଥିଲ ଯେ, ଆଉ ଭୋକ କରୁନାହିଁ ? ଦେହଟା କେତେ କଳାକାଠ ପଡ଼ିଗଲଣି, ମାଲେ, ନିଆଁ ଲଗା ଷ୍ଟ୍ରାଇକ୍ କ'ଣ ସ୍ୱର୍ଗକୁ ନବ ?”

“ନିଅ ନିଅ ଆଣ, ଯାହା ଦଉଛ ଦିଅ, ଖୁବ୍ ଚଞ୍ଚଳ, ଫେର୍ ଅଫିସ୍ ବାହାରିଯିବାକୁ ହେବ—”

ସରୋଜିନୀ ତରତର ବାଢ଼ିଦେଲା, ଅସନ, ପାଣି, ଭାତ, ତରକାରି । ବଳୀଦତ୍ତ ଖାଇବସିଲା । ମାଛ ହୁରୁଡ଼ୋଇ ହୁରୁଡ଼ୋଇ ସରୋଜିନୀ କହିଲା—“ରାମବାବୁଙ୍କ ଘରକୁ ଫେର୍ ଭାର ଆସିଛି ।”

“ସତେ ନା ?” ରାମବାବୁ ପଡ଼ିଶା ।

“ମଫସଲିଆ ଦି'ତିନି ଜଣ ଆସିଥିଲେ, ସାଙ୍ଗରେ ଜଣେ ଭରୁଆ ଚାଉଳ, ଘିଅ, କଦଳୀକାନ୍ଦି, ଜାଲରେ ପଶି ଏଡ଼େ ଏକ ମାଛ । ରାମବାବୁ ମାଇପ ଆଖି ପିଚୁଡ଼ାକେ ଜିନିଷତକ ଘରେ ରଖି କବାଟ କିଳିଦେଲା । ଆଉ ଖାଲି ତ ଚେଁ ଚାଁ ଏଇଆ ଶୁଭୁଛି ।”

ପାଟିରେ ଭାତଗୁଣ୍ଡା ଥାଇ ଗେଁ ଗେଁ ହୋଇ ବଳୀଦତ୍ତ କହିଲା, “ଛୁଟ୍ ବାବୁ, ଆମର କି ଯାଏ, ସମସ୍ତେ ତ ଆଉ ରାମବାବୁ ହୋଇନାହାନ୍ତି !”

“ନାଁ, ଏମିତି ମୁଁ କହୁଛି ନାଁ—ମୁଁ କ'ଣ କହୁଛି ଜାଣିଛ, ଦିନ ଦି'ପହରେ ଲୋକେ ଏ ଅଧର୍ମ ବାଢ଼ କେମିତି ହଜମ କରନ୍ତି ! ତାଙ୍କର କ'ଣ କିଛି ହୁଏନାହିଁ !”

Digitized by srujanika@gmail.com

"ହେଉ ହେଉ, ନହେଉ କାହିଁକି, ସମୟରେ ସବୁ ହେବ ।" କଥାଗୁଡ଼ାକ ଅଛ ଜୋରରେ କହି ବଳୀଦତ୍ତ ପାଣି ଗିଲାସେ ପିଇଦେଲା । ସରୋଜିନୀ ଗୁହିଁଲା, ସ୍ୱାମୀର ବେକରେ ପ୍ରକାଣ୍ଡ ଗୋଟାଏ କଣ୍ଠା ଉପରକୁ ତଳକୁ ହୋଇ ନାଚୁଛି । ହସି ପକେଇଲା । ବଳୀଦତ୍ତ ଚମକିଲା, "ହସିଲ କାହିଁକି ?"

"ଏଇନା ତମେ ଯାହା କହିଲ, ସମୟରେ ସବୁ ହେବ । ତମ ସାହେବ୍ କାନରେ ପଡ଼େ, ଆଉ ଘ୍ରାମବାବୁ ମାଇପର ଗାରମା ଖସିପଡ଼ିବ । ଓଃ, ଆକୁଳର ଯୋଉ ନାଟ ! ଅଳଙ୍କାର ତ ଗଢ଼ାଲାନିଚ ହଳକ ହଳ । ଅଚ୍ଛା, ଏ ଯୁଗ କ'ଣ ହେଇଥିଲା ଖାଲି ଘ୍ରାମବାବୁଙ୍କ ପାଇଁ ? ତମେ ତ କହୁଥିଲ, ସେତେ ପଢ଼ା ଲୁହନ୍ତ ବି, ତମେ ଏଣ୍ଟେନ୍ସକୁ ସେ ଖାଲି ଫାଷ୍ଟକ୍ଲାସଯାକେ । ଆଉ ତମ ସାହେବଙ୍କୁ କହିଲେ,—"

ସରୋଜିନୀ ସ୍ନିଗ୍ଧ ଦୃଷ୍ଟିରେ ଅନେଇ ରହିଲା ସ୍ୱାମୀ ମୁହଁକୁ ଏବଂ ମୁହଁ ପଛଆଡ଼େ କେଉଁ ଦୂରର ଭବିଷ୍ୟତକୁ—ସେଠି ଖାର ଆସେ, ଅଳଙ୍କାର ଗଢ଼ାହୁଏ, ନଡ଼ି ମାଚ୍ଛଭଜାର ଚେଁ ଗ୍ରୁଁ ଶୁଭେ, ସରୋଜିନୀର ପାଦରେ ଦମ୍ଭ ଆସେ ।

ବଳୀଦତ୍ତ ହସିଦେଲା, କହିଲା,—"ସବୁର୍ କର, ମେଓ୍ୱା ଫଳିବ ।"

ସରୋଜିନୀ ପାନ ଭାଙ୍ଗି ବସିଲା । ବଳୀଦତ୍ତ ଦାଣ୍ଡଘରକୁ ଗଲା । ଭାବିଲା, କହିବ କି ନାହିଁ ଆଜିର କଥା । ବହୁଦିନୁ ଭିତରକୁ ପଶିବାକୁ ବାଟ ଟିକିଏ ସେ ଖୋଜୁଛି, ଖାଲି ମୁଣ୍ଡ ଠୁକୋଉଛି, ବାଟ ଦିଶୁ ନଥିଲା । ଆଜି ସେ ଟିକିଏ ସୁବିଧା କରି ଆସିପାରିଛି । ଭାବିଲା, ସରୋଜିନୀ ଶୁଣିବ, ହୁଏତ ସାହିରେ ଗପିଦେବ, ତେବେ ? ବିଶେଷ୍ଟ କାର୍ଯ୍ୟ କିବ କରି ସେକଥା ଲୋକ ଜାଣେ, ଅଭ୍ୟାସ ହୋଇଯାଇଛି, ତେଣୁ ସବୁକଥା ସ୍ତ୍ରୀକୁ କହେନାହିଁ । ପୁଣି ସେ ସାତ ପାଞ୍ଚ ଭାବନାରେ ବୁଡ଼ିଥାଏ, ସେଇ ଦାନାପାଣିର ଅଚ୍ଛିଣ୍ଡା ଯୋଜନା । ସରୋଜିନୀ ପାନଦେଇ ବାସନ ଉଠେଇ ଗଲାଣି । ଦୂରରୁ ଘୋଡ଼ାଟାପୁ ଶବ୍ଦ ଶୁଭିଲା, ମନର ଚେତନାରେ ଗୋଟାଏ ଶବ୍ଦ ଧ୍ୱନିତ ହେଲା, "ସାହେବ ।" ଅଭ୍ୟାସ ଅନୁଯାୟୀ ଅଧଗ୍ରେବା ପାନଖଣ୍ଡ ପାଟିରୁ କାଢ଼ି ପଦାକୁ ସେ ଫୋପାଡ଼ ଦେଲା, ମୁହଁର ପାଣି ଦେହର ଠାଣି ବଦଳିଗଲା, ଦାନ୍ତ ଘ୍ରୁପି ଇଞ୍ଜିନ୍ ବାମ୍ପ ଛାଡ଼ିଲାପରି ଫିସ୍‌ଫିସ୍ ହୋଇ ସେ ଚକ୍କାର କଲା,— "ଏଇ ସରୋଜ୍—ସାହେବ୍ ସାହେବ୍—"

"ମାଲେ, କ'ଣ ଦେଖିବ ? ସେଇ ଟାଙ୍ଗରା ମୁଣ୍ଡିଆ ପାଠମୁହାଁଟା ତ—"

"ଧାଉ, ଏଇ ସରୋଜ,—ଆସନା,—ସାହେବ୍,—ସାହେବ୍ !"

ସରୋଜିନୀ ହସି ହସି ପାଖକୁ ଆସିଲା । ଖଟାଖଟ୍, ଖଟାଖଟ୍, ଘୋଡ଼ାଟାପୁ ପାଖେଇ ଆସୁଛି । ଝରକାର ଲୁହାବାଡ଼ ଉପରେ ଦେହ ଅଜାଡ଼ି ଦେଇ ସରୋଜିନୀ ଗୁହିଁଛି ଦହନ ଯୌବନ ପରି, ଆର ପାଖରୁ କଲେଜ ଟ୍ରେନ ବନ୍ଧି ଖଣ୍ଡେ ଧରି କ'ଣ

Digitized by srujanika@gmail.com

ମୁକ୍ତ କଲପରି ଓଠ ଥରେଇ ଏହି ଆଡ଼କୁ ଚାହିଁଛି, ସବ୍ରେଜମିର ପିଠିପାଖେ ନଈଁ ପଡ଼ିଛି ବଳୀଦତ୍ତ, ଫାଙ୍କ ବାଟେ ପଦାକୁ ଚାହିଁଛି ପ୍ରତୀକ୍ଷାରେ ।

ସାହେବ ଆସୁଛି ।

ନିତି ସେ ଏଇବାଟେ ଘୋଡ଼ାଦୌଡ଼ କରାଏ ଦୁଇଥର, ସମସ୍ତଙ୍କୁ ଦର୍ଶନ ଦିଏ, ଆଜିକାର ପାଳି ଏହି ।

କିନ୍ତୁ ଏ କ'ଣ ଦେଖୁଛି ? ଖାଲି ଘୋଡ଼ାଟା ଛୁଟି ଯାଉଛି ତୀର-ବେଗରେ, ଜିନ୍ ଭିଡ଼ାହୋଇଛି, ସଓ୍ୱାର ନାହିଁ ! ବଳୀଦତ୍ତ ପାଟିକଲା, "ସବ୍ରେଜ୍, ସବ୍ରେଜ୍, ପୋଷାକଟା ବଢ଼େଇଦେଲ ବେଗେ—ଓଃ, ସବ୍ରେଜ, ସବ୍ରେଜ !" କେତେ ଚଞ୍ଚଳ ଆଖି କାନ ବୁଜି ସେ ଖୋଲଖୁଆକ ଦେହ ଉପରେ ଓଟାରି ପକାଇଲା । ତା'ର ହେତୁ ନାହିଁ । ଜବାବ ଖୋଲି ଘୋଡ଼ା ଧାଇଁବାର ବିପରୀତ ଦିଗକୁ ସେ ପାଗଳ ପରି ଧାଇଁଗଲା । କିଏ କିଏ କୁତୂହଳରେ ଅନାଇଁଛନ୍ତି, କିଏ ପଚାରିବାକୁ ବସିଛନ୍ତି, ପଚାରିବା ପୂର୍ବରୁ ବଳୀଦତ୍ତ ଛୁ' । ଉତ୍ସାହୀ ହୋଇ ରାସ୍ତାର ଦୁଇ କୁକୁର ପଛଆଡ଼େ ପିଛା ନେଲେଣି । ବଳୀଦତ୍ତ ମନେ ମନେ ଡାକୁଛି, "ତାଗ୍, ତାଗ୍ !" ପ୍ୟାଣ୍ଟର ତଳପାଖକୁ ବାଁ ହାତରେ ମୁଠେଇ ଧରିଛି, ବୋତାମ ଦେବାକୁ ସମୟ ନାହିଁ, ଯୋତା ଦି'ଟା ଢିଲା, ଫିତା ବନ୍ଧାହୋଇନାହିଁ; କିନ୍ତୁ ଏ ଯେପରିକି ଭାଗ୍ୟ ସଙ୍ଗରେ ଦୌଡ଼, ତାଗ୍, ତାଗ୍,—ବଳୀଦତ୍ତ ଛୁଟିଛି ।

ଅଧ ବେଶି ଦୂର ଯିବାକୁ ପଡ଼ିଲା ନାହିଁ । ରାସ୍ତାରେ ଠାଏ,—ଧୂଳିରୁ ଉଠି ଆସୁଛି ସାହେବ୍ । ଦେହଯାକ ଧୂଳି, ଆଘାତର ଚିହ୍ନ, ସେ ଯେ କି ରୂପ ! ଉତ୍ତେଜିତ ହୋଇ ନାନା କଥା କହି ବଳୀଦତ୍ତ ସାହେବ୍‌ର କାନପାଖେ ଚକ୍‌କର୍ ଦେବାକୁ ଲାଗିଲା, ଉତ୍ତରରେ ସାହେବ୍‌ର ତୁଣ୍ଡରୁ ଖାଲି ଗାଳିର ଶବ୍ଦ । ହୋପ୍ ହେଲା, ସାହେବ୍ ସହାନୁଭୂତିକୁ ଘୃଣା କରେ । ଲେଙ୍ଗେଇ ଲେଙ୍ଗେଇ ସାହେବ୍ ଚାଲିଛି ଘୋଡ଼ା ମୁହାଁଡ଼େ ଯାଇଛି ସେହିଆଡ଼େ । ବଳୀଦତ୍ତ ଘୋଡ଼ା ଖୋଜେଇବାକୁ ଲୋକ ପଠେଇଲା, ସହିସକୁ ଖବରଦେବାକୁ ଲୋକ ଦଉଡ଼େଇଲା, ସାହେବ୍‌ର ପଶ୍ଚାଦ୍-ଗମନଛଡ଼ା ଆଉ କିଛି କରିବାକୁ ନାହିଁ, ତେଣୁ ଗମ୍ଭୀର ହୋଇ ପାହୁଲ ଗଣି ଗଣି ସାହେବ୍‌ର ପଛେ ପଛେ ଚାଲିଲା ।

ଏଣିକି, ଗୋଟିଏ ଶ୍ରେଷ୍ଠ ଶୋଭାଯାତ୍ରା । ଆଗରେ ସାହେବ୍, ପଛରେ ଅଳ୍ପ ଛୁଉଡ଼ କ୍ଷୁଦ୍ର ବଳୀଦତ୍ତ, ବୀରଦର୍ପରେ ଚାଲିଛି, ଜନତାକୁ ଚାହିଁ ହସିଦେଉଛି ସଗର୍ବରେ, ମନେ ମନେ ବୁଝୁଛି ଭାଗ୍ୟ ଆଣିଛି ପରମ ସୁଯୋଗ, ସାହେବ୍‌ର ପତନକୁ ତା' ନିଜର ଉତ୍‌ଥାନ, ଆଉ ଧରେ କିଏ ? ଦୂରେଇ ଦୂରେଇ ଦଳ ଦଳ ସହକର୍ମୀ ଦେଖୁଛନ୍ତି, ତାଙ୍କ ଚାହାଣିରେ ଭୀତ,—ସେମାନେ ଅତି ଡେରିରେ ଆସିଥାନ୍ତି । ବଳୀଦତ୍ତ ମନ ଇଚ୍ଛା ହୁକୁମ ଦେଉଛି, କଣେଇ କଣେଇ ଚାହିଁ ଦେଉଛି ସାହେବ୍‌ର ମନକଥା ବୁଝିବାକୁ, କିନ୍ତୁ ସାହେବ୍ ମୁଖା ପିନ୍ଧିଲା ପରି ।

Digitized by srujanika@gmail.com

ସହିସ ଘୋଡ଼ାକୁ ଧରି ଆସୁଛି । ଘୋଡ଼ା ଖଲେଇ ହେଉଛି । ଘୋଡ଼ାର ପିଠି ଗ୍ଟପ୍ଟଡ଼େଇ ଗୋଡ଼ ଆଉଁସି ସାହେବ୍ ନଇଁପଡ଼ି ଘୋଡ଼ାର ଗୋଡ଼କୁ ଦେଖିଲା ।

କି ଆଶ୍ଚର୍ଯ୍ୟ ! ଘୋଡ଼ାପ୍ରତି ଏତେ ସ୍ନେହ ! ଜନତାରେ ଅସ୍ଫୁଟ ଗୁଞ୍ଜନ । ବଳୀଦତ୍ତ ବି ନଇଁପଡ଼ି ଘୋଡ଼ା ଗୋଡ଼କୁ ଦେଖୁଛି । ଘୋଡ଼ା ଗୋଡ଼ପ୍ରତି ଏହି ତା'ର ପ୍ରଥମ କୁତୂହଳ । ଏ ଗୋଟାଏ ଘୋଡ଼ାର ହିଁ ଗୋଡ଼, ଏଥିରେ ସନ୍ଦେହ ନାହିଁ; କିନ୍ତୁ ସାହେବ୍ କ'ଣ ଦେଖୁଛି, ତେଣୁ ଦେଖିବାକୁ ହେବ । ସାହେବ୍ ଚିତ୍କାର୍ କଲା,—

"ପଶୁଡାକ୍ତର—" ଏବଂ ବଙ୍ଗଳାଆଡ଼େ ହାତ ଦେଖାଇଲା । ବଳୀଦତ୍ତ ପାଖରେ ଠିଆହୋଇଥିବା ଜଣକଠୁଁ ସାଇକେଲ ଛଡ଼େଇ ପି କିନା ଛୁଟିଲା, ଲୋକଟି ଆଶ୍ଚର୍ଯ୍ୟହୋଇ ଅନାଇଛି ।

ସାଇକେଲ୍ ଚଢ଼ି ପବନବେଗରେ ଧାଇଁଗଲାବେଳେ ମନ ଭିତର ହସି ହଉଠୁଛି,—ଏଇ ସୁଯୋଗ, ଏଇ ସୁଯୋଗ । ଧଇଁସଇଁ ହୋଇ ଧାଉଁ ଧାଉଁ ଗୋଡ଼ ଯେତେବେଳେ କଟକଟ କରୁଛି, ପାଟି ଅଫା ଆଫା, ମୁଣ୍ଡ ଭିତରେ କୁମ୍ଭାଟୁଆ ବୋବାଉଛି, – ଏହି ଉଷା, ଏହି ଉଷା । ସେହି ଧାରଣାରେ ମାତି ପଶୁଡାକ୍ତରକୁ ଡାକି ଧରି ସାହେବ୍ ପାଖକୁ ଫେରିଲାବେଳକୁ ଘୋଡ଼ା ଠିଆହୋଇଛି, ସାହେବ୍ ଘାସ ଉପରେ ଆଣ୍ଠେଇ ପଡ଼ି ଗୁହିଁଛି, ଘୋଡ଼ାର ଗ୍ଟେଟା ଗୋଡ଼କୁ ଆଉଁସୁଛି ।

କାହିଁକି ସେ ଏପରି କଲା ଜାଣେ ନାହିଁ, କିନ୍ତୁ ଆନନ୍ଦର ଉଲ୍ଲାସରେ ବଳୀଦତ୍ତ ଘୋଡ଼ାର ପଛ ଗୋଡ଼କୁ ନିରେଖି ଗ୍ଟହିଁବାକୁ ମନକଲା, ସତେ କି ସେଠି କ'ଣ ସେ ଆବିଷ୍କାର କରିବ । ଆଖିପିଛୁଳାକେ ପାଖକୁ ଯାଉ ଯାଉ ଘୋଡ଼ା ଛାଟିଲା ନାତ, କର୍ମଯୋଗକୁ ଦେହରେ ନ ବାଜିଲେ ବି ପଛେଇ ଧାଇଁ ବଳୀଦତ୍ତ କଚଡ଼ାଏ ପଡ଼ିଲା ଓ ସାହେବ୍ ଗର୍ଜିଉଠିଲା, ତା'ର ଆଖି କୁହୁଳୁଛି ।

ମୁହଁକୁ ତଳକୁ ପୋତି ସେ ଠିଆହୋଇଛି, ତା'ର ସୌଭାଗ୍ୟର ଶଗଡ଼ଗାଡ଼ି ଯେପରିକି ଓଲଟି ପଡ଼ିଛି ଏକା ଧକ୍କାକେ ।

ସହକର୍ମୀମାନେ ସମବେଦନାରେ ମୁରୁକି ହସୁଛନ୍ତି,—ବଳୀଦତ୍ତ, ସ୍ଥାଡ଼କୁ ଆସ ! ଏମିତି ପାଞ୍ଚ ମିନଟ୍; କିନ୍ତୁ ତା'ର ମନ ପରିଜନ୍ମରେ ବାନ୍ଧି ହୁଏନାହିଁ । ବାଁରେଇ ହୋଇ ବଗିଗ୍ଟ ଆଡ଼କୁ ଗଲା । ବେଶ୍ ବେଶ୍, ମେମ୍‌ସାହେବ ବୁଲୁଛି ।

"ଗୁଡ୍ ମର୍ଣିଂ"

"ଗୁଡ୍ ଇଭ୍‌ନିଂ ବ୍ୟାବୁ ।" ସେହି ମୁହୂର୍ତ୍ତରେ ଜିଭଟାକୁ କାଢ଼ି କାମୁଡ଼ି ଦେଲା ଅଲକ୍ଷକେ । ସତେ ତ, ସନ୍ଧ୍ୟା ପାଖ । ମେମ୍‌ସାହେବ୍ ତା'ର ବିବ୍ରତପଣ ଦେଖିଛି; କିନ୍ତୁ ନା, ଅଟକିବାକୁ ହେବନାହିଁ, ଯେ ଅଟକେ ସେ ମରେ । ହାତ-ହଲାଇ ସକାଳର କାରସାଦି ସେ ଦେଖାଇଲା । କେତେ ଘୋଡ଼ାଘୁଅ, କେତେ-

Digitized by srujanika@gmail.com

ଘୁଞ୍ଚୁରଘୁଅ । ଖାଲରେ ପଡ଼ୁ ଢିପରେ ପଡ଼ୁ ଉଚ୍ଛ୍ୱସିତ ଭାଷାରେ ବର୍ଣ୍ଣନା କରିଗଲା । ମେମ୍‌ସାହେବ୍ ମୁଣ୍ଡ ହଲଉଛି, ଓଃ କି ଆନନ୍ଦ ! କି ଆନନ୍ଦ ! ଆହୁରି ଉଚ୍ଛ୍ୱସିତ ଭାଷାରେ ସେ ଅଜାଡ଼ି ଦେଇଗଲା, ଗାଳି ପକେଇଲା । "ଓଃ, ଆଇ ସି, ମାଳି ଏସବୁ ଲଗେଇ ଦିଅ ।" ମେମ୍‌ସାହେବ୍ ଦୁରେଇ ଯାଇ ଫୁଲଗଛ କୁଣ୍ଢେଇ ଟଗଲ କରୁଛି, ଦୂରରୁ ସହକର୍ମୀମାନେ ଚାହିଁଛନ୍ତି ।

ସାହେବ୍ ତଥାପି ଆଣ୍ଠେଇଛି ଘୋଡ଼ାପାଖେ ।

କୁଢ଼େ ଫାଇଲ୍ ଧରି ଅପେକ୍ଷା କରିଛନ୍ତି ତିନିଜଣ କର୍ମଚାରୀ ।

"ଜରୁର୍ ଅଛି ହଜୁର୍," ବୃଦ୍ଧ କୁଳମଣି ବାବୁ କହୁଛନ୍ତି ।

"ଜରୁର୍ । ଜରୁର୍ !" ସାହେବ୍ ଝେଙ୍କୁଛି, "ବ୍ୟାବୁ, ବ୍ୟାବୁ,— ଓ ଡ୍ୟାମ୍—" । ଧାଇଁଯାଇ ବଳୀଦତ୍ତ ସଲାମ୍ ବଜେଇଲା ।

"ବ୍ୟାବୁ, ଲେଖିଦିଅ ଏଥର କାହାରିକି ମୁଁ ଉପଯୁକ୍ତ ଦେଖୁନାହିଁ । ଆଃ, ଘୋଡ଼ାଟାକୁ ଭଲକରି ଦେଖ ଡାକ୍ତର୍ ।"

ଦୂରରେ ପ୍ରତୀକ୍ଷାରେ ଥିବା କର୍ମଚାରୀମାନଙ୍କ ମୁହଁରେ କଳା ନେସି ହୋଇଯାଉଛି । ବଳୀଦତ୍ତ କାଗଜ ଧରି ଚାଲିଯାଉଛି ।

ବାଭନ ଦାଗରୁ ସମସ୍ତେ ତାକୁ ହିଁ ଇଙ୍ଗିତଦ୍ୱାରା ଡାକୁଛନ୍ତି ।

ଥକ୍ ହୋଇ ଚାଲିଯାଉଛି ସେ ।

"ତମ ଘରମଣିଷ କେମିତି ଘୋଡ଼ାପରି ଦଉଡ଼ିଗଲେ ମ," ରାମବାବୁଙ୍କ ସ୍ତ୍ରୀ କହିଲେ, "ଆଗୋ, ମୁଁ ତ କାଳୀ ? ଭରି କପରତିଆ ଲୋକ ହଟେ, ସାକ୍ଷାତ୍ କଳି, ନାହିଁ ?" ସରୋଜିନୀ ଭାବିଲା, କ'ଣ ଜବାବ୍ ଦେବ, ହସିଦେଇ କହିଲା, "ସମସ୍ତିଙ୍କର କ'ଣ ଖାଲି ପେଟ ଓହଳି ପଡ଼ୁଛି, ଦୌଡ଼ିପାରିବେ ନାହିଁ ?"

"ହଁ ଗୋ ଦଉଡ଼, ଦଉଡ଼ ଏଣ୍ଡୁଅ ଧାଉଡ଼ି କଥାବଟିକୁ, ଯେତେ ଲୋକହସା ହୋଇ ଦୌଡ଼ିଲେ ମାସକୁ ସେହି ପାଠିଏ ଟଙ୍କା, ନା ଆଉ କୋଉଠୁ ବଢ଼ିବ ? ଏଁ ? ତେବେ ଏମିତି ଧାଇଁଲେ କ'ଣ ହବ ? ଯାହା ତ ହବାର ହବ, ଆଉ ଏମିତିଆ କାହିଁକି ?"

"କୋଉଠୁ ଆଉ ହବ ଅପା, ସମସ୍ତିଙ୍କର କ'ଣ ଭାଗ୍ୟ ଅଛି ଦାଣ୍ଡବାଟେ ଗୋଟେଇଥିବେ, ବାଡ଼ିବାଟେ ଗୋଟେଇଥିବେ ? ଚେଷ୍ଟା କଲେ ତ ହବ ।"

"କାହାର ଏତେ ଦାଣ୍ଡବାଟେ ବାଡ଼ିବାଟେ ଦେଖିଲ ମ ?"

"ଯାହାର ହଉ ।"

Digitized by srujanika@gmail.com

"ହୁଁ କଳିକାଳ କଥା, ପରର ପାଣ୍ଡିତପଣ ଦେଖି ଲୋକେ ପଗ୍ ବାଳ ଛିଣ୍ଡେଇ ମରୁଚନ୍ତି । ଆଗେ। କବା କଥା, ପାଣ୍ଡିତପଣ ଦେଖେଇବାକୁ କିଏ କ'ଣ ମନା କରୁଚ, ଝରସର ହେଲେ ମାଉଁସ ଝଡ଼ି ପଡ଼ିବ ସିନା, କାହା ଘର ପୂରିବ ?"

' ଆମେ କାହିଁକି ଝରସର ହବୁ ମ ଅପା ?"

"ହେଇ ଲୋ ଦେଖେ, ଦେଖେ, ଧିଅକୁ ନେଲା ଲୋ ଧିଅକୁ ନେଲା ହଟଲେ ମତେ କହୁଥିଲୁ କି ଲୋ ?"

ସାନ ମଝିଆଁ ଝୁଆଟି ରଡ଼ିଛାଡ଼ିଛୁ,—"ହେ ବୋଉ, ହେ ବୋଉ !"

"ଯାଉଚି ଲୋ ଯାଉଚି," ଗ୍ରାମଚାବୁଙ୍କ ସ୍ତ୍ରୀ ଗଲେ ।

କଥା ନୁହେଁ ତ ତାଙ୍କ କଥାଗୁଡ଼ାକ ସବୁ ଶୀତଳ କର୍ପୁର ।

ଗ୍ରାମବାବୁଙ୍କ ସ୍ତ୍ରୀ ଉପରେ ପଡ଼ି ହାଣିବାକୁ ଆସନ୍ତି, ମାଡ଼ଯାନ୍ତି ଏ ଘରୁ ସେ ଘର ।

ସେ ଚାଲିଗଲା ପରେ ସରୋଜିନୀ ଅଲ୍ଗା ହୋଇ ବସିଲା । ଇଚ୍ଛାହେଲା ସେ କାନ୍ଦନ୍ତା ।

କିନ୍ତୁ କାନ୍ଦିଲେ କିଏ ଶୁଣିବ ? ସାନ୍ତ୍ୱନା ଦେବ କିଏ ?

ବୃଥା ।

ଗୋଟାଏ କଥା ତାର ବି ମନେପଡ଼ୁଛି । ତାର ସ୍ୱାମୀ ଲୋକହସା ହୋଇଛି । ଯେଉଁ କଥା ଆପଣା ମନରେ ଥିଲା, ଖାଲି ଘୁଣ ଖାଉଥିଲା, ତାକୁ ପଦାକୁ ଉଖାରି ଦେଇଯାଇଛନ୍ତି ଗ୍ରାମବାବୁଙ୍କ ମୁଖରା ସ୍ତ୍ରୀ, ଏଣିକି ସେ ଆହୁରି ଅସନା, ସୁହିଁ ହୁଏନାହିଁ, ଭାବି ହୁଏନାହିଁ; କିନ୍ତୁ ନ ଭାବି ଉପାୟ ନାହିଁ, ଏ ଦୂର ବିଦେଶରେ ଭାବନା ହିଁ ତାର ବଡ଼ ସଙ୍ଗୀ ।

ବାପା ମା' ଧନ୍ଦି ହେଉଥିଲେ, ଭଲ ଘର, ଭଲ ବର ।

ଚମ୍ପାଣ୍ଡିଆ ଗାଁରେ ଖାନ୍ଦାନି ଘର, ସୁଣି ଭଉଣୀରେ ସବା ସାନ ସେ ।

ଭଲ ଘର, ଭଲ ବର—ଢ଼'ପନ୍ଦରଆ ପୁଞ୍ଚି ଖେଳବେଳେ କାନ ଡେରି ଶୁଣେ, ସାଙ୍ଗ-ସାଥୀଙ୍କ ଟାହିଟାପରାରେ ତାର ଆଭାସ ପାଏ ।

ବାପା ଜିଦ୍ ଧରିଛନ୍ତି, ଜୋଇଁ ହୋଇଥିବ ଦଶ ଜଣରେ ଜଣେ, ପାଠ ପଢ଼ିଥିବ, ଚାକିରି କରିଥିବ । ତେଣୁ ସେ ଜୋଇଁଙ୍କୁ ସୁନା ଘଣ୍ଟା ଓ ସାଇକଲ୍ ଦେବାକୁ ପଣ ହାଙ୍କିଛନ୍ତି, ଆଉ କେଉଁ ଭଉଣୀ ନେଇ ନ ଥିଲେ ।

ସୁନା ଘଣ୍ଟା ଓ ସାଇକଲ ଦେବାର ବରାଦ ହେଲା, ଗାଁ ଟୋକିମାନଙ୍କ ବର ଆସିଲା । ଗାଁରେ ଚହଲ,—ବର ଅସିଛି, ବାଣ ନାହିଁ, ବାଜା କେମିତି ଶୋଦରା ଶୁଭୁଛି । ତା'ପରେ ବରର ରୂପ ଓ ଆକୃତି ବିଷୟରେ ଟିକା ଟିପ୍ପଣୀ, "ଆହା-ହା, ଆମ ସରକୁ ଏଇ ବର, ଯେମିତି ସୁନା ଡାଟିଆରେ ଜାମୁକୋଳି ?" ବିବାହ

Digitized by srujanika@gmail.com

ପୂର୍ବରୁ ଗୋଟାଏ ଖଣ୍ଡମୁଣ୍ଡ, ସହରିଆ ଲୋକ ମଫସଲିଆ ଲୋକଙ୍କ ଭିତରେ କଜିଆ ଓ ମାରପିଟ୍ ଶୁଣାଗଲା, କେତେ ଲୋକ ରୁଷି ଚାଲିଗଲେ । ସବୁ ଖବର ଛାତିଁ ପହଞ୍ଚୁଥାଏ । ସବାଶ ଯେତେବେଳେ ଉଠିଲା, ବାପାଙ୍କ ହାତକୁ ଧରି ଶେଷ ଥର ପାଇଁ ସେ କାନ୍ଦିଥିଲା, 'ହାଁ ବାପା,—ମତେ ସାତ ସାଗରେ ସାର କରି ପାଣିରେ ଭସେଇଦେଲେ ହୋ, ହାଁ ବାପା—"

ତା'ପରେ ଜୀବନ ଗଡ଼ି ଚାଲିଛି, କଳ୍ପନାର ରାଜପୁତ୍ର ଓ ଆଶା ଉଚ୍ଛ୍ୱାସର ମୂର୍ତ୍ତିମନ୍ତ ରୂପ ଏହି ଚାରିଫୁଟ ନ'ଇଞ୍ଚ୍—ବଳୀଦତ୍ତ ।

ଝିଅଟିଏ ଅଭିମାନ, ହଉ ସାହା, ଯେ ଗୋଟା ସୁଖୀ ତାର, ଏମିତି କଣ ହୁଏନାହିଁ ? ସଂସାରରେ କଣ ସମସ୍ତେ ଏକାପରି ? ଏହି ତାର ସଂପତ୍ତି,—ଯେ ବଢ଼ିବ, ଘର କରିବ, ନାଁଆ କରିବ, ଈଶ୍ୱର ଦୟା କରିବେ । ସଞ୍ଜେ ସକାଳେ ସରୋଜିନୀ କରେ ଦଣ୍ଡବତ, ଗଙ୍ଗରେ ବାଟ ଚାଲେ । ସ୍ୱାମୀକୁ ସୁଖରେ ରଖିବାକୁ ଧନ୍ଦି ହୋଇ ଭଉଣୀ ପରି ସ୍ନେହରେ ତାର ସୁଖଦୁଃଖ ବୁଝେ । ସେହି ସାନ ମଣିଷଟି ଆଡ଼କୁ ଆପଣା ମୁହଁକୁ ନୁଆଁଇଁ ଆଣି ଜୀବନର ନୈବେଦ୍ୟ ମୋହିଁଦେଲାବେଳେ ଭାବନାରେ ପାଏ ମାତୃତ୍ୱର ଆନନ୍ଦ ।

କିନ୍ତୁ ଯେତେ ସୁଖର ଯେତେ ହସର ହେଉପଛେ ତାର ଉପାଦାନ, ବେଳେବେଳେ ସେ କୁହୁଳିଉଠେ । ଦେହରେ ମୁଣ୍ଡରେ ନିଆଁ ଲାଗେ । ଦୋକାନର କାମର କ୍ଳାନ୍ତି ଓ ସଞ୍ଚୟର ଭବିଷ୍ୟତ ଯୋଜନା ପରେ ବଳୀଦତ୍ତ ଯେତେବେଳେ ସୁଖରେ ଶୋଇ ଘଂଘୁଡ଼ି ମାରୁଥାଏ, ସରୋଜିନୀ ନାଗୁଣୀ ପରି ସାଁ ସାଁ ଦୀର୍ଘଶ୍ୱାସ ମାରୁଥାଏ, ଛଟପଟ ହେଉଥାଏ, ବାରମ୍ବାର ଉଠିପଡ଼ି ହାଲ୍ ଚାଲ୍ ହୁଏ, ସୁପୁପ୍ତ ସ୍ୱାମୀ ଆଡ଼କୁ ଚାହିଁଲାବେଳକୁ ତା ମନରେ ନ ଥାଏ ଜିକ୍‌ଜିକ୍ ପିତଳର ପଦ୍ମ-ପରମସ୍ଥୁରୁ ବ୍ରୁ ରୁର ଛୁଇ, ଗୋଳମାଳିଆ ଅଡ଼ଟା ମନରୁ କଟକଟ ଆଖିବାଟେ ଝରିପଡ଼େ ବିଷାକ୍ତ ହିଂସ୍ରକ ଦୃଷ୍ଟି । ମନରେ ମେଘ ଚାଲେ । ଡେରିରେ ନିଦ ହୁଏ, ସକାଳକୁ ପୁଣି ସେ ହସି ହସି ଘରକରଣାକୁ ଆଶାୟୀ ହୋଇ ପରଖେ ।

ରାମବାବୁଙ୍କ ସ୍ତ୍ରୀଙ୍କ ନିର୍ଦ୍ଦୟ ଅଛା, ପୁଣି ତାର ଭାବନା ଓଲଟେଇ ଦେଇଛି । ସରୋଜିନୀ ତୁଳସୀପାଖେ ବସିଛି । ଆଖିରୁ ଧୀରେ ଧୀରେ ଧାର ନିଗୁଡ଼ୁଛି । ଭାବୁଛି, ଲୋକେ ଏମିତି ନିଷ୍ଠୁର ହୁଅନ୍ତି କାହିଁକି ? ପରକୁ ହାଣି କି ସୁଖ ମିଳେ ? ଭଗବାନଙ୍କ ସଂସାରରେ ଏତେ ଦୁଃଖ କାହିଁକି ?

ଜୀବନର ଯେତେ ଜଟିଳ ବେଳାରେ ଭଗବାନଙ୍କୁ ଡାକିଲେ ମନ ଚହଟିଯାଏ ଗାଁଗହଳକୁ ଅପଣା ବାପଘରକୁ ସେହି ସାବକ ଚାଳଘର ଧାଉଡ଼ିରେ ଅନ୍ଧାରି-ଗମ୍ଭୀରଟିଏ । କାଠ ଖଟୁଲି ଉପରେ ପିତଳର ରାଧାକୃଷ୍ଣ ମୂର୍ତ୍ତି, ତଳେ ଶାଳଗ୍ରାମ ଶିଳା ନାଲି ବନୋଉତ କନା ଉପରେ ଥୁଆ ହୋଇଛନ୍ତି । ଘଣ୍ଟି ବାଜେ, ଧୂପଧୂଆଁ

Digitized by srujanika@gmail.com

ଉଠେ, କଦଳୀ କ ଉଖୁଡ଼ା ଭୋଗପାଇଁ ପଣ୍ଡିଶାଘରେ ଛୁଆ ଜମାହୁଅନ୍ତି, ମିଠା ବାହ୍ନାରେ ଜନ୍ଦା ଜମନ୍ତି । ସେଠି ଭକ୍ତରେ ବୋଉ କରେ ଦଣ୍ଡବତ, ବାପା ବଡ଼ ପାଟିରେ ଦୁଃଖର ଜଣାଣ ଜଣାନ୍ତି । ସରୋଜନୀ ଦଣ୍ଡବତ ହୁଏ ।

ଲୁହ ଟଳଟଳ ଆଖି, ଲୁହଟୋପା ବାଟେ ଚୁଲ୍ଲୀ ନିଆଁ ଦିଶୁଛି, ପୁଣି ଦୃଷ୍ଟି ଫେରିଯାଉଛି ମନ ଭିତରକୁ, ଏହି ପରିଚିତ ଦୃଶ୍ୟ, ପରିଚିତ ଶବ୍ଦ ଫୁଟିଲ ଗୁଡ଼ଲର ଟର୍ ବର୍, ଚନ୍ଦ୍ରା ବାସ୍ନା, ଧୂଆଁ ଖଟୁଲି ସଙ୍ଗେ ସଙ୍ଗେ ଦିଶିଯାଉଛି, ଅତୀତ ଜୀବନ—ଯାହା ସେ ହୋଇ ନ ଥିଲା, କିନ୍ତୁ ହେବ ବୋଲି ପ୍ରବଣତା ସାଇତି ରଖିଥିଲା । ଦିଶୁଛି ମନକାନ୍ଥରର ଚୂନ୍ଦରେଖା ଅଭିମାନ,—ପଡ଼ିଆର ଉହାଡ଼ରେ—ତା'ର ପୃଷ୍ଠପଟରେ ଗୁଡ଼ାଏ ଭଙ୍ଗା ଆଶାର ସ୍ୱପ୍ନ । ବନ୍ଧ ତଳେ ଓଉମୂଳେ ଯେପରି ଗୁଡ଼ାଏ ଭଙ୍ଗା ହାଣ୍ଡି ଖପରିକୁଢ଼ ଗଦା ହୋଇ ରହିଥାଏ ।

କେହି ନାହିଁ, କେଡ଼େ ନିରୋଳା !

ଚୁଲ୍ଲୀରେ କାଠ ଜଳି ଜଳି ପାଉଁଶ ହେଉଛି ଖଣ୍ଡକୁ ଖଣ୍ଡ, ରୋଷେଇ ଘରର ନୀଡ଼ ଗୋଟାକ ପରେ ଗୋଟାଏ ଘଟି ଘଟି ଚାଲିଛି, ଯେପରିକି ଗୁଆଁକୁ ଗୁଆଁ । ଏହି ପୁରୁଣା ଚିନ୍ତା, ଏକା ପରିସ୍ଥିତିରେ ଏକାପରି ସେହି ହନ୍ତସନ୍ତ, ସେହି ଝରଝରି ଭାବନା, ସେ ମଧ୍ୟ ଆପେ ଛୁଟି ଆସୁଛି ଧାଡ଼ିହୋଇ, ପୁଣି ଚାଲିଯାଉଛି, ମନ ଥମ୍ଭି ଯାଉଛି । ପୁଣି ସକାଳ ହେବା ଭଲ ହେବା ଆରୋଗ୍ୟ ହେବାର ସହଜ ଜନ୍ମଗୁଣ ଅନୁସାରେ ଭବିଷ୍ୟତ ଗଢ଼ୁଛି, ଆପଣା ପେଟରୁ ସୂତା କାଢ଼ି ବୁଢ଼ିଆଣୀ ବସା ବୁଣୁଛି । ସେଥିରେ ସେ ଶୋଇ ପଡ଼ୁଛି ଫେର୍ ଦେଖୁଛି ସୁଫେର ସ୍ୱପ୍ନ । ସରୋଜନୀ ପ୍ରକୃତିସ୍ଥା ହେଉଛି । ଯେପରିକି ଜୀବନର ଏହି ପରିବେଷ୍ଟନୀ ତା'ର ଜନ୍ମରୁ, ଏ ମଧ୍ୟ ଜୀବନରେ କବର୍, ଏହାରି ଉପରେ ଅଗ ଗଢ଼ିବାକୁ ମୂଳରୁ ତା'ର ପ୍ରତିଜ୍ଞା, ଦୁଇ ପହରୁ ।

ରୋଷେଇଘରେ ବସି ବସି ମୁଣ୍ଡଟା ଝାଙ୍କୁଛି, ଆଖି ମାଡ଼ିପଡ଼ୁଛି । ଓଃ, କ—ଣ, କେତେ ଡେରି, କେତେବେଳେ ସେ ଆସିବେ ! ନିଚ୍ଛାଟିଆ କେଡ଼େ ନିଚ୍ଛାଟିଆ !

ସରୋଜନୀ ରନ୍ଧାଘର ବନ୍ଦକରି ଦାଣ୍ଡଘରକୁ ଆସିଲା । ପିଲା ଆରପଟେ ନୀରୋଦ୍ ବାବୁଙ୍କ ବସାରେ ସେହି କଲେଜଛାତ୍ର ବହିପାଖେ ବସି ପଢ଼ୁଛି । ସରୋଜନୀ ଦାଣ୍ଡଘରେ ଲ୍ୟାମ୍ପ ଜାଳିଦେଲା । ଆଲୁଅର କୌଣସି ଆବଶ୍ୟକ ନାହିଁ । ଆଲୁଅ କଲେ କେବଳ ନିଜେହିଁ ପଦାକୁ ବାରିହୋଇ ପଡ଼ିବ, ସେ ଜାଣେ । ତଥାପି ତା'ର ଖିଆଲ୍ ହେଲା ଟିପେଇ ଟିପେଇ ଯାଇ କାନ୍ଥର ସେ ଲ୍ୟାମ୍ପ୍‌ଟିକୁ ତେଜି ଦେବାକୁ । ମନ ଭିତରର କେଉଁ ଅଜଣା ସାନ ପାପ ଉସୁମେଇ ଦେଲା ତା'ର ବ୍ୟକ୍ତିତ୍ୱକୁ,

Digitized by srujanika@gmail.com

ଗୋଟିଏ ଅପରୂପ ଠାଣିରେ ସର୍ବୋଜନୀ ଝରକାପାଖେ ଦୂରକୁ ଚାହିଁ କରପତିଆ ହୋଇ ଠିଆହୋଇ ରହିଲ ଏବଂ ସେ ଅଂରଧରେ—ହଠାତ୍ ଯେପରିକି ପୋଥିରେ ତୋର ବନ୍ଧାହେଲ୍ । କଲେଜଷ୍ଟ୍ରିଟ ଲଣ୍ଠନ କମେଇଦେଲ୍ । ଝରକା ପାଖେ ଚୁପ୍‌ଚୁପ୍ ଠିଆହୋଇଥିବାର ଦିଶିଲ୍ ତା'ର ଛାୟାରୂପ, ଆଲୁଅ ସେ ଲୋଡ଼େନାହିଁ, ସେହି ଅନ୍ଧାର ଛାଇରେ ହିଁ ତା'ର ପ୍ରକାଶ ।

ଏଂକଟ୍ ରାଓ, ସେ ବଳୀଦତ୍ତର ସହକର୍ମୀ ଓ ବନ୍ଧୁ ।

ଶାମଳବର୍ଣ୍ଣ ଡେଙ୍ଗା ପାତଳା ଝେଙ୍ଗୁଆ ଚେହେରାର ମଣିଷ । ଏଂକଟ୍ ରାଓ ପତ୍‌ଲୁନ୍ ପିନ୍ଧେ । ତା'ର ଛନଛନିଆ ମୁହଁ, ପଦାକୁ ବାହାରିଲେ ପୋଷାକ ପିନ୍ଧି ପ୍ରସ୍ତୁତ ସେ ସବୁବେଳେ, ଯୋତା ସଫା ଝକ୍‌ଝକ୍, ମୁଣ୍ଡର ଫିରେଇ ଚିକ୍‌କଣ ହୋଇ କୁଣ୍ଡାହୋଇଛି । ମୁହଁ ସଦ୍ୟ ଧୁଆ ଓ ମସୃଣ । ବ୍ୟବହାରରେ ଭଦ୍ରତା ଓ ବିନୟ ତା'ର ସହଜ ଗୁଣ । ଅଳ୍ପ କହେ, କହେ ମିଠାକଥା, ପରର ଦୃଷ୍ଟିକୋଣରୁ ନିଜକୁ ଚାହିଁ କଥା କହିବା ତା'ର ସ୍ୱଭାବ, ତୁଚ୍ଛା ଦାୟିତ୍ୱହୀନ ଗପରେ କେବେ ମାତିବାର ତାକୁ କେହି ଦେଖିନାହିଁ ଏବଂ କାହାରିକୁ ଆଘାତ ଦେବା ତା'ର ନୀତି-ବିରୁଦ୍ଧ । ଏମିତି ପତ୍‌ଲୁନ୍ ପିନ୍ଧି କୌଣସିଠି ଖଟ୍ ଖଟ୍ ଶବ୍ଦ ନ କରି ଧୀରେ ଅଗକୁ ବାଟ କାଟି ଚାଲିଯିବାପାଇଁ ଯେପରି ସେ ମୂଳରୁ ଗଢ଼ାହୋଇଛି ।

ତା'ର ଗାର୍ହସ୍ଥ୍ୟ ଜୀବନର କଥା ପଦାରେ ସେ ଗପି ବସେନାହିଁ, ନିଜ ବିଷୟରେ ସେ ଅତ୍ୟନ୍ତ ଚୁପ୍‌ଚାପ୍, ନିଜର ଅଭାବ ଅଭିଯୋଗର ତାଲିକା ତିଆରି କରି ସେ ସାଙ୍ଗ ସାଥୀ ବୁଲି ବାଣ୍ଟେ ନାହିଁ । ସେ ଖାଇନାହିଁ ? ସେ କ୍ଲାନ୍ତ ? ଘରେ ତା'ର ଅସୁବିଧା ଅଛି ? ବୃଥା ପରର କଳ୍ପନା-ଜଳ୍ପନା, ଏଂକଟ୍ ରାଓ ଖାଲି ହସିଦିଏ । ତା'ର ଅଧ୍ୟବସାୟର ଅନ୍ତ ନାହିଁ, ଉପରିକ କର୍ମକର୍ତ୍ତା ଆଗରେ ସବୁ-ବେଳେ ତା'ର ଢଳିପଡ଼ୁଥିବା ଦାସ୍ୟଭାବ, ତା'ର ବ୍ୟକ୍ତିତ୍ୱ ସେକି ରହିଛି, ଯେତେ କେଞ୍ଚିଲେ ବି ଫୁଲ୍‌କାକୁ ଉତୁରିବ ନାହିଁ, ଏଭରରେଡ଼ି ବ୍ୟାଟେରିର ବିଜ୍ଞାପନ ପରି ସଦା ପ୍ରସ୍ତୁତ ସେ ସବୁବେଳେ, ମୁହଁରେ ସେହି ଏକା ତାନରେ "ୟେସ୍ ସାର୍" ।

ଏବଂ ମୂର୍ତ୍ତିମନ୍ତ "ୟେସ୍ ସାର୍" ନିରପରାଧ ନୀରବରେ ପ୍ରଗତିଶୀଳ ଏଂକଟ୍ ରାଓ ପ୍ରତି ବଳୀଦତ୍ତର ଗଭୀର ସମ୍ମାନ, କାରଣ ବଳୀଦତ୍ତ ସେଠି ଦେଖେ ଗୋଟାଏ ପରମ୍ପରାର ସଂସ୍କୃତ ଆଦର୍ଶ ଯାହାଲାଗି ସେ ସାଧନା କରେ, ପାଖ ପଶି ପାରେ-ନାହିଁ । ଏଂକଟ୍ ରାଓ ମିତବ୍ୟୟିତାର ଚରମ ଆଦର୍ଶ ।

Digitized by srujanika@gmail.com

କାମରୁ ଫେରି ଯେମିତ ସେ ତାର ସାନ ଘରେ ପଶିଯାଏ, ଯେଉଁଠି ବାପ ମା', ସ୍ତ୍ରୀ, ଭଉଣୀ ଭଣୋଇ ସମେତ ସେ ଏକା ଘରକେ ଚଳୁଛୁ, ସେ କବାଟ କିଲିଦିଏ । ନିର୍ଭୋଳାରେ ତାର ଦରିଦ୍ର ଘରକରଣାର ବାସ୍ତବ ରୂପକୁ ନିବିଡ଼ଭାବେ ସେ ଆଲିଙ୍ଗନ କରି ଆପଣାର ରୂପ ବଦଳାଏ । ଘରେ ସାନ ଖଣ୍ଡେ, ପଦା ପିଣ୍ଡାକୁ ଆସିବାକୁ ହେଲେ ଲୁଙ୍ଗୀ । ରେସ୍ତେଇ ହାତେ ହାତେ, ତାର ମଧ ଘନଘଟା ନାହିଁ । ଓଳିଏ ମାଣ୍ଡିଆ ଜାଉ, ଓଳିଏ ଭାତ, ଗୁଡ୍ରୁ, କୌଣସି ଗୋଟାଏ ପିଠା । ଦହିପାଣି ଭିଟାମିନ୍ ଯୋଗାଏ, ସେ ଖୁବ୍ ପାଣିଚିଆ ତେଣୁ ହଜମକୁ କଷ୍ଟ ନୁହେଁ । କାଠ ଅଳ୍ପ ଜଳେ, ଘଣ୍ଟାଏ ଲଗିଲେ ତମ୍ବାପାତ୍ରରେ ରୋଷେଇ ପ୍ରସ୍ତୁତ । ଅନ୍ୟାନ୍ୟ ବଦ୍ ଖର୍ଚ୍ଚ ଆଦୌ ନାହିଁ । ରାତିରେ ବିଶେଷ କରିସିନ ଜାଳିବା ପ୍ରୟୋଜନ ହୁଏନାହିଁ । ଖା'ପିଆ ସନ୍ଧ୍ୟରୁ ସରିଥାଏ, କେବେ ଦରକାର ହେଲେ ସାନ ଲ୍ୟାମ୍ପ୍ ଅନ୍ୟାରେ ଦୁଘଣ୍ଟା ଅମତ୍ରେ କ୍ଲବ୍‌ଘରେ, ଯେଉଁଠି ପେଟ୍ରୋମ୍ୟାକ୍ସ୍ ଜଳେ, ଖବରକାଗଜ ପଢ଼ାହୁଏ । ଏତେ କୁଟୁମ୍ବ ଏକାଠି ରହିବାରେ କିଛି ଅସୁବିଧା ହୁଏ ନାହିଁ, ନିଆଁ ଥାଏ ଗୋଟିଏ ଛୋଟିଆ ବଖରା, ସେଠି ଅଧରାତିରେ ନାଲି କାଗଜ ଘୁରା ହୋଇଥିବା ଲ୍ୟାମ୍ପ୍ ଜଳିବାର ଦେଖିଲେ ଆଉ କେହି ସେ ବଖରାକୁ ଯାଆନ୍ତି ନାହିଁ ।

ଘରେ ଲଫାପା ଉପରର ଇକନମି ସ୍ଲିପ୍, ବାହାରେ ପ୍ରେସ୍ ସାର୍, ହସି ହସିକା ଏଂକଟ ରାଓ ତାର ପ୍ରତିକୂଳ ଅବସ୍ଥା ଓ ଦାରିଦ୍ର୍ୟକୁ ଜୟକରି ଜୀବନ ବିତେଇ ଚାଲେ । ବଳୀବର୍ଦ୍ଦ ଅନୁକରଣ କରିବାକୁ ମନ ବଳାଏ, ହାଲ୍ଲିପାଲ୍ଲି ହୁଏ, ଘରେ କହେ "ଦେଖୁଚ ସରୋଜ୍, ପାରନ୍ତ ନାହିଁ ?"

ସରୋଜିନୀ ହସେ ।

"ଏଂକଟ ରାଓର ସ୍ତ୍ରୀକୁ ଦେଖିଚ ? କେଡ଼େ ପରିଶ୍ରମୀ, ଅଥଚ ସବୁବେଳେ କେମିତ ସଫାସୁତୁରା, ମୁଣ୍ଡ କୁଣ୍ଡାଏ, ମୁଣ୍ଡରେ ଫୁଲ ନାଏ ।"

"ଆଃ, ଭାରି ଏଂକଟ୍ ରାଓର ସ୍ତ୍ରୀ । ଶାଢ଼ୀ ଖଣ୍ଡେ ଖଣ୍ଡେ ଛ' ଛ' ବର୍ଷ ହେଲ ସାଇତ ରଖି ପିନ୍ଧୁଚି । ଯୋଉ ମୁଣ୍ଡବନ୍ଧା, ବଜାରରୁ ବାଳ କିଣି ଆଣି ଯୋଡ଼ ଦେଇ ବାନ୍ଧେ । ଆଉ ଫୁଲଖୋସା ଯାହା କହୁଲ, ମାନିଲି, ରାତିରେ ଫୁଲ ମକଚ ହୋଇଯିବ ବୋଲି କାଢ଼ି ଦେଇ ପାଣିରେ ପକାଇ ଦିଏ, ସକାଳକୁ ପୁଣି ଗେଞ୍ଜେ ।"

"ଫେର୍ ଜାଣ ସେ କେଡ଼େ ସୁନ୍ଦର ଗୀତ ବୋଲେ—"

"ଆମକୁ ସେମିତ ଫୁଲେଇ ହେଉ ଆସିବ ନାହିଁ । ଏଂକଟକୁ କହୁଲ ନାହିଁ ତମ ପେଇଁ ସେମିତ ଗୋଟିଏ କନିଆଁ ଠିକ୍ କରିଦିଅନ୍ତା,—"

"ଧ୍ୟାତ୍, ଯାହା କହୁଲେ ତମେ ଥଟ୍ଟା କରୁଚ, ଭାବୁଚ ତମର ଏ ଓଡ଼ିଶା ଦେଶର ବୋଙ୍ଗ ବୋଙ୍ଗ କଡ଼ା ଗୁଣ୍ଡି ମିଶା ପାନଖିଲେ ଲେଖା ଯାକ ଦେଇ ତ୍ରେପେଇ

Digitized by srujanika@gmail.com

ଘରେ ଅଣ୍ଡାଭଜା ସକାଳୁ ଗାଡ଼ି ଅଧଘଣ୍ଟାଏ ଲେଟ୍ ଥିଲେ କର୍ତ୍ତବ୍ୟ ଶେଷ ହେଲା, ସେଇଥି ହେଲା ଘର ଘରକରଣା । ଜାଣ, ବଙ୍ଗାଳି କଣ କହନ୍ତି,— ବାଙ୍ଗାଲ୍ ମାନୁଷ ନହେଁ, ଉଡ଼େ ଏକ୍ ଜନ୍ତୁ, ଲଫ୍ ଦିଏ ଗାଛେ ଓଠେ ଲ୍ୟାଜ୍ ନେଇ କନ୍ତୁ' ଆଉ ତେଲଙ୍ଗା କହନ୍ତି,—"କଣ ଏମିତି ଗୋଟେଇବାପରେ ତମର ସବୁ କମାଣି ଶେଷ ମ, କଣ ସୁନାରୁପା ତରକାରି ଖାଉଛ ? ଓଡ଼୍ରନ୍ଧ୍ୱାଲନ୍ ! ଆଉ ବିଦେଶକୁ ବାହାରିଲେ, ସେତେବେଳେ ତମେ କଳେଲେଖାଁ ପାନ ଠେଲିଦେଇ ଝମର ଝମର ଅଳଂକାର ନାଇ କାନକୁ କାନ ଗଣ୍ଠେଇ ପ୍ରସେସନ୍‌ରେ ବାହାରିଥିବ, ଆହା-ହା, ଚନ୍ଦ୍ରଆଖୋନାର ଜନ୍ତୁ ତ ! କେମିତି ଘରକରଣା କରିବାକୁ ହୁଏ,—ପାଖରେ ଅଛ, ଏଇ ଏଂକଟ ରାଓ ଘରୁ ଶିଖିନଅ ସବୋକ୍, ବୁଝିଲ ?"

ପର ନାରୀର ପ୍ରଶଂସା ଆପଣା ସ୍ତ୍ରୀ ପସନ୍ଦ କରେନାହିଁ ।

ସରୋଜନୀ କଣ୍ଠରେ ଲୁହଗୁଡ଼ା ଅଟକାଏ ।

ବଳୀବନ୍ତ ଦୀର୍ଘଶ୍ୱାସ ଗୁଡ଼େ ।

ସେଇ ଏଂକଟ୍ ରାଓ, ତାର ବନ୍ଧୁ ! କଫି ପିଆଏ, ଇଡ୍‌ଲି ଖୁଆଏ । ଯଦି କେବେ ଖାଲି କ ଘଣ୍ଟାମାର୍କା ସିଗାରେଟ୍ କିଣେ ଅଣାକ ଏକ ପ୍ୟାକେଟ୍, ଖାଇଦିଏ । ଏଇ ନୀରବ ବନ୍ଧୁତାରେ ଖାଲି ଦୁଇ ବନ୍ଧୁଙ୍କର ଚୁପଗୁପ୍ ଆଳାପ ଶାସ୍ତ୍ରଚର୍ଚ୍ଚା । ବାଟେ ବାଟେ ତେଙ୍ଗା ବାଙ୍ଗର ଦୁହେଁ । ସାଙ୍କର ଶାସ୍ତ୍ର ଅଫିସର୍ କାର୍ଯ୍ୟପ୍ରଣାଳୀ, କଣ କିଏ ଲେଖିଲା, କଣ କେମିତି ଲେଖାହୁଏ, କେଉଁଠା ଗଲା କେତେଦୂର ଏବଂ ନୀରବରେ ଏଂକଟ୍ ରାଓର ହାତଦେଖା ଚର୍ଚ୍ଚା ।

ଏଂକଟ୍ ରାଓ ଦେଖେ, ଗୃହଗର ଗୃହବାଡ଼ ଭିତରେ ତାର ଭାଗ୍ୟ ନିର୍ଦ୍ଦିଷ୍ଟ ହୋଇ ବନ୍ଧାହୋଇଛି, ତାହାରି ଭିତରେ ସୀମାବଦ୍ଧ ହୋଇ ରହିଛି ତାର ସମଗ୍ର ଜୀବନ, ବର୍ତ୍ତମାନର, ଭବିଷ୍ୟତର । ସେ ବିଷୟରେ ତାର ଆକ୍ଷେପ ନାହିଁ, ଛଟପଟ ନାହିଁ, ବରଂ ଆପଣାର ପରିଷ୍କାର ବସ୍ତୁବାଦୀ ଦୃଷ୍ଟି ଲାଗି ସେ ଗୌରବ ଅନୁଭବ କରେ. ସେଇ ପରିଷ୍କାର ସଫା ଦୃଷ୍ଟିରେ ସେ ଜାଣି ବସେ ଗୃହଗର ଦରମା ଓ ସଂସାରର କଳେବରର ସମ୍ବନ୍ଧଶୀଳ ରୂପ, ଆଜି ଏପରି ଅଛି—ପାଞ୍ଚବର୍ଷ ପରେ ପାଞ୍ଚ ଟଙ୍କା ବଢ଼ିଲେ ସଂସାରର ଅମୁକଠି ଟିକିଏ ମାଟିନେସି ହେବ, ସେତେବେଳେ ତାର ଚେହେରା ହେବ ଏପରି, ତା'ପରେ ପୁଣି ଦଶବର୍ଷ—ଦରମା ଅନୁପାତରେ ତାର ପରିବର୍ତ୍ତନ ବି ଲକ୍ଷ୍ୟ କରିହୁଏ । ଏଂକଟ୍ ରାଓ ଅଙ୍କ କଷିଦିଏ । ବାଟେ ବାଟେ ଗଲାବେଳେ ନିଜଠୁଁ ଯଦି କାହାକୁ ସେ ଅଧିକ ଭାଗ୍ୟବାନ୍ ଦେଖେ, ଦୁଃଖ କରେ ନାହିଁ, ତାର ଦୃଷ୍ଟି ଚହଲେ ରାସ୍ତା ଗୁଡ଼ା ରାସ୍ତାକରକୁ । ଦେଖେ ମଳାମୁଣ୍ଡିଆ, ମଜୁରିଆ, କୌପୁନିପିନ୍ଧା ଭିକାରି, ପଂଗୁ, ତାଙ୍କର ସଙ୍ଗେ ନିଜକୁ ତୁଳନା କରେ, ଭାଗ୍ୟକୁ ଧନ୍ୟବାଦ ଦିଏ, ବେଲ୍ଟୁ ଟୁନ୍ଟୁ ସିଠ ମାରିଦିଏ ।

Digitized by srujanika@gmail.com

କିନ୍ତୁ ନିଜ ଭିତରେ ତାର ଯେଉଁ ଅମେଣ୍ଟା ଆଦର୍ଶବାଦ,—ବସ୍ତୁବାଦୀର ବଟ୍‌ଫ ବୋର୍ଡ଼ତଳେ ଅନାଖି ଧାସ ଟିକକ, ଅଙ୍କକଷା ଦୁନିଆଁ ଯାକର ଯୋ,ନା ଉହାଡ଼ରୁ ତଥାପି ସେ ଖୁସ୍ ଖୁସ୍ ହୁଏ,—ବିନ୍ଥଣା ଭିତରର ଗୋଟିକିଆ ଟିକି ଘୁରପୋକଟି ପରି ।

ତାହାର ଚାଜନାରେ ଏଂକଟ୍ ରାଓ ଧରେ ହାତଦେଖା ପୋଥି, ଖରଶାସ୍ତ୍ର, ଇଂରେଜୀ, ଫରାସୀ ଓ ଜର୍ମାନ ଗ୍ରନ୍ଥର ଅନୁବାଦ, ଟେଜରୋଲ୍‌କୁ କରେ ମୁହଦୁଆ, ହାନ ଲେନ୍‌ସରେ ଦେଖି ପେନ୍‌ସିଲ୍ କାଗଜରେ ଅଙ୍କି ମଣ୍ଡ ରହେ ତାର ଭବିଷ୍ୟତର ପ୍ରକାଣ୍ଡ କୋଲପ ଭିତରେ ଗୁଞ୍ଚ ମୋଡ଼ିବାରେ ।

ଭାବେ, ସେ ଦେଖୁଛି ।

ହାତଦେଖା ଶାସ୍ତ୍ର କହେ ହାତର ରେଖା ବଦଳି ଲାଗିଥାଏ ଏବଂ ତାହା ସଙ୍ଗେ ସଙ୍ଗେ ଭାଗ୍ୟ ବି ଏବଂ ଇଚ୍ଛାଶକ୍ତି ଓ କାର୍ଯ୍ୟବଳରେ ମଣିଷ ନିଜ ହାତରେଖାର ବାଙ୍କ ବଦଳେଇ ପାରେ ।

ତେଣୁ ଅନେକ ସମୟରେ ଏଂକଟ୍ ରାଓ ସାନ ଲେନ୍‌ସ ଧରି ତା' ହାତ ପାପୁଲିକି ଗୁହିଁ ଗୁହିଁ ସଂଭାବିତ ପରିବର୍ତ୍ତନ ଲକ୍ଷ୍ୟକରେ । ପ୍ରଧାନ ରେଖା ଓ ପ୍ରଧାନ ଗ୍ରହ-କ୍ଷେତ୍ରଗୁଡ଼ିକୁ ଗୁହିଁ ବେଳ ଇଚ୍ଛାଶକ୍ତି ପ୍ରୟୋଗକରି ଦୀର୍ଘଶ୍ୱାସ ପକାଏ,—ଭାଗ୍ୟରେଖାର ଏତ୍ତ ଅଗର ନାସି, ଟିକାଏ ଯଦି ବାଙ୍କନ୍ତା ସେ ମର୍ଟି ଆଙ୍ଗୁଠି ମୂଳର ଶନିକ୍ଷେତ୍ର ଗୁଡ଼ି ବାଶି ଆଙ୍ଗୁଠି ମୂଳ ମର୍ଟିକ ବୃହସ୍ପତି କ୍ଷେତ୍ର ଆଡ଼କୁ ! ପାପୁଲି ମର୍ଟିର ମଙ୍ଗଳ କ୍ଷେତ୍ରଟି, ଯୋଗଖି ପରି ରହିଛି, ଆହା,—ଯଦି ଟିକିଏ ଟୋଲନ୍ତା ସେ ! ତେବେ ଏଂକଟ୍ ରାଓ,—କେଉଁଠି ବସନ୍ତା ସେ ଯାଇ, ଆଉ ଘରର ଉପରିକର ଚୌକି ସେତେ ଦୂର ହୁଅନ୍ତା ନାହିଁ ତା' ପାଇଁ । ଇଚ୍ଛାଶକ୍ତି, ଇଚ୍ଛାଶକ୍ତି ! ଘଟୁ, ଘଟୁ, ଘଟୁ ।

ନୂଆ ଲୋକ ଦେଖିଲେ ତାର ଆଖି ନଧାପଡ଼େ ହାତପାପୁଲି ଉପରେ ଏବଂ ଉପରିକମାନଙ୍କର ହାତପାପୁଲିକୁ ଅଲକ୍ଷ୍ୟରେ ଗୁହିଁ ସେଥିରୁ ଜଣାପଡୁଥିବା ସ୍ୱଭାବ, ଚରିତ୍ର ଓ ସେମାନଙ୍କ ଭବିଷ୍ୟତ ଆଦି ଗୋଟିଏ ଖାତାରେ ଟିପି ରଖିଥାଏ, ସେହି ଲେଖାକୁ ଦେଖି ନିୟନ୍ତ୍ରଣ କରେ ସେମାନଙ୍କ ସଙ୍ଗେ ନିଜର ସମ୍ବନ୍ଧ ।

ସାଙ୍ଗଲୋକେ ହାତ ଦେଖେଇବାକୁ ଆସନ୍ତି, ଏଂକଟ୍ ରାଓ ଅଭ୍ୟାସ କରେ, ଦକ୍ଷତା ବଢ଼ାଏ ।

କିନ୍ତୁ ବିଦ୍ୟାକୁ ସେ ମୂଲ୍ୟଏ ତୁଳାଏ ନିଜ ଭବିଷ୍ୟତ-ଦେଖା ଦର୍ପଣ ପରି,—ଧନ ଆସିବ, ଦକ୍ଷତା ବଢ଼ିଯାଇଥିବ, ଉଜ୍ଜ୍ୱଳ ହୋଇ ଦିଶି ପାରିବ ନିଜ ଭାଗ୍ୟର ପ୍ରତି ଟିକି ଟିକି ଘଟଣା, ଅନିଯୋଚଳ ଅପସରି ଯିବ, ଏଂକଟ ରାଓ ବୁଝିବ କେଉଁଠି ସେ ।

Digitized by srujanika@gmail.com

ବଳୀଦତ୍ତର ଏଥିରେ ତା ସହିତ ମତଭେଦ ଘଟେ । କ୍ଷୁଦ୍ର ବଳୀଦତ୍ତ ସାର୍ବଜାନ୍ ଏଂକଟ୍ ରାଓର ଉଦ୍ଦେଶ୍ୟକୁ ଉପହାସ କରେ, ସମସ୍ତିଙ୍କ ଉଦ୍ଦେଶ୍ୟକୁ ମନେ ମନେ ଉପହାସ କରେ, ଯେଉଁଠି ସେ ନ ମିଶେ ତାର ଆପଣା ମତ ସହିତ । ବଳୀଦତ୍ତ ଏଂକଟ୍ ରାଓର ହାତଦେଖା ବିଦ୍ୟାକୁ ଦେଖେ ମହାଜନ କାରବାର ହାତକାମ ଦେଖିଲାପରି, ଭାବେ—ଉପଯୁକ୍ତ ବଣିଜ କରିପାରିଲେ କେତେ ଲାଭପ୍ରଦ ହୁଅନ୍ତା ଏ, ବଣିଜ ନ କଲେ ଉପୁଜେଇବା ଖାଲି ଗଧଖଟଣି ପରି । ବଡ଼ ବଡ଼ ଉପରକମାନଙ୍କ ହାତ ଦେଖନ୍ତି ଏଂକଟ୍ ରାଓ, ପୁଣି ସେମାନଙ୍କ ଘର-ଲୋକ-ମାନଙ୍କର, ଫଳରେ ମିଳନ୍ତା ପ୍ରତିପତ୍ତି, ପ୍ରତିପତ୍ତିରୁ ଉନ୍ନତି । ଏହି ଉପାୟର ସାର୍ଥକତା ଭାବିଲେ ମନ ତାର ପୂରିଉଠେ, କିନ୍ତୁ ନିଜର ସେ ଜ୍ଞାନ ନାହିଁ, ବହିରେ ଆଖି ଲଗେଇ ଗାର କାଟି ପଢ଼ି ଗଣିତ କଷି ଫଳ ପରଖିବା ତାକୁ ଲାଗେ ବଡ଼ ବିଷମ, ନିଜ ପ୍ରବୃତ୍ତିକୁ ପରବାଟେ ଚରିତାର୍ଥ କଲାଭଳି ବାରମ୍ବାର ସେ କହୁଥାଏ, “ଏଂକଟ୍ ରାଓ, ଯେତେ କହିଲେ ତୁମେ ବୁଝୁନାହିଁ । ତୁନ ହୋଇ ଘରକୋଣରେ ରହିଲେ ପଚାରିବ କିଏ ? ଯାଅ, ବାହାର, ନିଜକୁ ପ୍ରଚାର କର ବାବୁ ! ଏ ଯେ ପ୍ରଚାର ଯୁଗ । ଉପରକମାନଙ୍କର ହାତ ଦେଖି ଫଳ କହ । ଯିବ ନା ?”

ଏଂକଟ୍ ରାଓ ହସିଦିଏ । ବଳୀଦତ୍ତର ବୁଦ୍ଧିର କ୍ଷୁଦ୍ରତାକୁ ସେ ଦୟା କରେ । ଭାବେ ଜୀବନର ବାସ୍ତବତାକୁ ଯେ ନ ଚହ୍ନେ ସେ ମଣିଷ ନୁହେଁ ।

ସନ୍ଧ୍ୟାରେ ପୁଣି ସେ ଯାଇ ଧରିଥିଲା ଏଂକଟ୍ ରାଓକୁ—

“କାଲି ଟିକିଏ କଷ୍ଟକରି ଦେଖିବ କି ଏଂକଟ ରାଓ, ତୁମେ ଯାହା କହିଥିଲ,—ବେଳ ପାଖେଇ ଆସୁଚି ପରା, —ଖାତାଟା ବି ଦେଖିବ ।”

“ଆଚ୍ଛା ।”

“ଏଇଥର ତୁମ ଗଣନାର ସତ୍ୟାସତ୍ୟ ଜଣାପଡ଼ିବ ।”

ଏହି କଥା ଶୁଣିଛି ସେ ଅନେକ ଥର । ଏଂକଟ୍ ରାଓ ହସିଦେଲା ।

ଯନ୍ତ୍ରରେ ଆଲୁଅ ଜଳୁଛି ଗୋଟିଏ ସଫାସୁତୁରା ଅଥଚ ଖୁବ୍ ଛୋଟ କୋଠା ଘର ଭିତରେ, ଦୁଆର ଏକଦମ୍ ମେଲା । ଖୋଲା ଝରକା ଓ ଦୁଆର ମୁହଁବାଟେ ପର୍ଦାର ଅନ୍ଧାରକୁ ଆକ୍ରମଣ କରି ଧାଇଁ ଆସୁଛି ସେହି ବିଜୁଳିର ଆଲୁଅ, ତା ସହିତ ନାନା କଣ୍ଠର ଉଚ୍ଚ ରୋଳ, ହସ, ଚତ୍କାର, ଆଉ ସାମ୍ନାର ରାସ୍ତା ଧୂଅ ଉଦେଇର ସହରିଆ ଗନ୍ଧ ଉପରେ ଛୁଞ୍ଚିହୋଇ ପଡ଼ୁଛି ସେହି ଆଖପାଖରୁ ଟିକିଏ ମଧୁମାଳତୀ ଫୁଲର ଉଡ଼ା ଅତର, ଗୁମେଲର ଝଡ଼ିଲା ପାଖୁଡ଼ା, କେଉଁଠୁ ମହିଁରେ ମହିଁରେ

Digitized by srujanika@gmail.com

ଜେଷ୍ଟ ଦେଉଛି ହେନାର ଉଦ୍‌ଭ୍ରାନ୍ତକ ବାସ୍ନା । ସବୁ ସେହି ସାନ ବକ୍ସଖଣ୍ଡର ବାନ୍ଧ କରରେ । ଚୌଡ଼ା ରାସ୍ତାରେ ଗାଡ଼ି ଓ ପଦଗ୍ରସ୍ତଙ୍କ ପଟୁଆର ଲାଗି ରହିଛି । ଆରପାଖେ ପ୍ରକାଣ୍ଡ ଏକ ଦୋମହଲା କୋଠା, ରାଜନୈତିକ ଓକିଲବାବୁଙ୍କ ପ୍ରାସାଦ, ଉପରେ ଟଙ୍ଗା ହୋଇଥିବା ବାଉଁଶଜାଲିର ପର୍ଦ୍ଦା । ଉହାଡ଼ରୁ ଝିଅଟିଏ ଗଲା ସାଧୁଛି, ତଳେ ମେଳା ପରି ଲୋକ, କିଏ ଟହଲୁଛି କିଏ ବସିଛି, କିଏ ଉଦ୍‌ବଗ୍ନ ହୋଇ ବାରମ୍ବାର ଦୁଆର ମୁହଁକୁ ଦେଖାଚାହାଁ କରୁଛି, ଭିତରେ ବିଜୁଳି ଆଲୁଅ ତଳେ ଗମ୍ଭୀର ହୋଇ ଘରର ମାଲିକ, ପାଖରେ ଢ଼'ଢନ ଜଣରୁ ବେଶି ନାହାନ୍ତି, କେବଳ ମୁଣ୍ଡହଲାରୁ ବାରହ୍ନଏ, ଆଲୋଚନା ଲାଗିଛି । ଆଲୁଅ ଜଳଜଳ ସାନ ବକ୍ସରେ ଏ ପରିସ୍ଥିତି ତ୍ରିତ ଆଦୌ ସଚେତ ନୁହେଁ, ସେ ତାର ଅସ୍ତିତ୍ୱ ପ୍ରଚାର କରୁଛି, ତାର ସ୍ୱରରେ ।

ଏ ବାଟେ ଗଲାବେଳେ ବଳୀଦତ୍ତ ଟିକିଏ ଦୋଦୋପାଞ୍ଚ କଲା । ତହିଁ। ଦର, ଏ ଘରେ ଥାଏ ତାର ସହକର୍ମୀ ବନବିହାରୀ ପଟ୍ଟନାୟକ; କିନ୍ତୁ ସହକର୍ମୀ ଅନେକେ ତ ଥାଆନ୍ତି ଅନେକ ଗଳିରେ, ରାସ୍ତାରେ, ପ୍ରତି ଦୁଆରେ ଅଟକି ଅଟକି ଗଲେ ରାତି ଗଡ଼ି ଦିନ ହୁଅନ୍ତା, ଦିନ ବୁଡ଼ି ରାତି ହୁଅନ୍ତା । ବଳୀଦତ୍ତ ହିସାବୀ ଲୋକ, ସେ ଅନର୍ଥକ ସମୟ ନଷ୍ଟ କରିବା ପସନ୍ଦ କରେନାହିଁ ।

କିନ୍ତୁ ଏଠିକା କଥା ସ୍ୱତନ୍ତ୍ର, ବିନ୍ଦୁ ଘର ଦାଟେ ଚାଲିଗଲାବେଳେ ବାଟର ନାଟ୍ୟଘରର ସହରିଆ ବିମୂଢ଼ଶ୍ୱାନରେ ମଧ୍ୟ ଧକ୍‌କା ବାଜି ସେ ସେହି ମୁହୂର୍ତ୍ତକ ହୋଇଯାଏ ମଫସଲିଆ, ଜୀବନର ହଜିଲା ସରଳ ସ୍ୱାଭାବିକ ଉପାଦାନକୁ ସେ ନୂଆ ଆଖିରେ ନୂଆ ମୂଲ ଦେଇ ଦେଖେ, ଆଉ ଦୁଇ ପାହୁଣ୍ଡ ଆଗେଇଲେ ପଚ୍ଛେ ଫାନ୍ଦିପାରିଯାଏ । ହସର ଲହର କଥାର ଲହର ଉଠୁଛି ପଡ଼ୁଛି ତାହାର ଉଚ୍ଛାସୁଅରେ ଓଟାର ହେଲା ପରି ଭିତରକୁ ଚାଲିଲା ବଳୀଦତ୍ତ । ସମୟର ଜ୍ଞାନ ଏବଂ ଅର୍ଥକ ଅନର୍ଥକର ପ୍ରଭେଦ ବିଷୟରେ ତାର ଯେଉଁ ଟାଣୁଆ ମୋଟାସୋଟା ଧାରଣା, ଆପଣା ମୁହଁରେ କେବେ ନ ହେବା ଚୁମ୍ବି ଫୁଟେଇ ତାକୁ ସେ ଭୁଲିଗଲା, ଭିତରକୁ ଚାଲିଲା, ଭିତରକୁ ଭିତରକୁ । ପରିସ୍ଥିତି ଓ ପ୍ରକୃତି ଯେପରିକି ତାକୁ ଅନୁକମ୍ପା କରିଛନ୍ତି, —ଆହା ବିଚରା ଯନ୍ତ୍ରଜୀବ, ସହଜ ହେଉ ଏହି ଘଡ଼ିକ । ଦୁଆର ମୁହଁରେ କାଳୀ କୁତ୍ତୀ ସେହି ଅନୁକମ୍ପାର ସଙ୍କେତ ପାଇଛି ଯେପରିକି, ଭଉଁ ଭଉଁ ହେଲାନାହିଁ ଓଲଟି ଲାଙ୍ଗୁଡ଼ ପିଟୁଛି । ଭିତରୁ ବିନୁର ମଧୁର ଝଙ୍କାର,

"ହେଲୋ, ମିଷ୍ଟର ଦାସ୍, ବହୁଦିନକେ ଯେ,—ହେଇ ଟୁନୁ, ଆଉ କପେ ଚ୍ୟା ଆଣ, ଜଅ ବଡ଼ ଟାଣ ।"

ଗମ୍ଭୀର ହୋଇ ଟେବୁଲ କରରୁ ସଣ୍ଟୁ ବାବୁ—"କହେ, କି ମନେ କରେ ?" ବିନୁ ତାର ମୁହଁ ଆଉଁସିଲା, ନାଟକ ଖେଳାଳିପରି କହିଲା, "ଆହା

ମୁହଁଟି ଶୁଖି କଳାକାଠ ପଡ଼ିଯାଇଚ, 'ଅଫିସରେ ଯାହେବ ମାଇଲ ? ଆବେ ବେଧୁଆ, ଏଠିକି ଆଇଲୁ ତ ହସିବାକୁ ହୁଏ ଜାଣିନୋଉ, ହସ୍ ହସ୍, ଭଲ ଦଶା ଅଛୁ ତ । ନହେଲେ ହେଇ ଦେଖ୍ ।" ଧରିଛି ଡଣ୍ଡି ପାଖରୁ କାମିଜ୍‌ଟାକୁ । ବଳୀଦତ୍ତ ଚକାର କରୁଛି, "ଛୁଡ଼ ଦେ ଭାଇ ଛୁଡ଼ ଦେ, ଫଟିଯିବ ଫଟିଯିବ—ଓଃ କେଡ଼େ କାଟୁଚ !"

"ଆଉ କଣ୍ ଭାବୁଥିଲୁ ଖାଲି କୋମଳ ପେଲବ ସ୍ପର୍ଶ ଦେଉଥିବେ ନା କଣ ଠଉରେଉଚୁ । ନ ହସିଲେ ମୁଁ ଛାଡ଼ିବି ନାହିଁ, ହେଇ ଦେଖ୍ ।" ବଳୀଦତ୍ତ ଯନ୍ତ୍ରଣାରେ ଅଧୀରହୋଇ ହସୁଛି । କେବେ ନ ହସିବା ଲୋକ ଶୁଖିଲା ମୁହଁ ନେଫେଡ଼ ଦାନ୍ତ ଉପରୁ ଓଠକୁ ଓଟାରି ନେଇ ହସର ଗୋଟାଏ ପ୍ରେତରୂପ ଦେଖାଉଛି । ତାକୁହିଁ ଗ୍ରହି ଘରସାକ ସମସ୍ତେ ହସୁଛନ୍ତି, ବନୁ ତଥାପି ଛାଡ଼ୁନାହିଁ, "ଆହା ହା—ଏଇ ହସ ? ଏଇ ହସ ତୁ ଘରେ କେହି ନଥିଲାବେଳେ ଦେଖାଉ, ହଇରେ ବୋହୂ ମିଲା ଡରେ ନାହିଁ ?"

"ଛାଡ଼୍—ବଜାଉ—"

"ହଉ ବସ୍, ଗିଲ୍ ଏଥର ଗରମ୍ ଚା', ଏ ଭଜା ଝଟଣ୍ଡ ଲେବାଉଥା, ମର୍ଚ୍ଚିରେ ମର୍ଚ୍ଚିରେ—ହସ୍ ।" ମୁଣ୍ଡ ପଛଆଡ଼େ ହାତ ଯୋଡ଼ି ଦେଇ ବନୁ ତାକୁ ବସେଇଦେଲା । ପାଟିରେ ମୁଡ଼ି ମୁଡ଼ି ଡଣ୍ଡିରେ ଗରମ ଚା' ବଳୀଦତ୍ତ ଘର ମଣିଯାଉଛି, କଥା କହିବାରେ ତାର ଯେପରିକି ଆଗ୍ରହ ଓ ଉତ୍ସାହ ବଢ଼ିଯାଉଛି, କହୁଛି—"ବ୍ରୁଟ୍ଟିଲ୍ ବନ୍ତ, ତୋର ଏଠିକି ଆସିଲେ ତୋର କୁକୁର ଯେପରି ଦୁଇହାତ ଟେକି ଉପରେ ଅଜାଡ଼ି ହୋଇ ନଙ୍ଗରେ ଆଞ୍ଚୁଡ଼ି ଜଭରେ ଚାଟି ସମ୍ଭାଷଣ ଜଣାଏଁ, ତୋର ସମ୍ଭାଷଣଟା ଠିକ୍ ସେହିପରି ଭାଇ, ନ ହେଲେ କି କହନ୍ତି—ବନ୍ତୁଃ ବନ୍ତୁ—ବାନରଃ ।"

"ଏଇ ବଳେଇଲାରେ, ଟୋକା ବଳେଇଲାରେ—କନ୍ତୁ ବାନରଃ ଆଉ କୁକୁରଃ ଠିକ୍ ଏକା କଥା ନୁହେଁ—"

"ତାପର୍, ବଳୀଦତ୍ତ," ସଣ୍ଡୁବାବୁ କହିଲେ, "କ୍ୟାମନ୍ ଚଲ୍‌ଚ୍ଛେ ?"

"କଣ୍ ଚଳିବ ସଣ୍ଡୁଦା, ସଂସାରର ଜଞ୍ଜାଳ ଲାଗିରହିଚ ।"

"ସଂସାର୍ ? କେତଟା ସଂସାର୍ ତୋମାର୍ । ହେ ବନୁ ? ଜୟ ଜଗନ୍ନାଥ ।" ଏଥର ସଣ୍ଡୁଦା ଶୁଣିବାକୁ ପ୍ରସ୍ତୁତ, ଆଗନ୍ତୁକର କଥାକୁ ଓଲଟେଇ ଗୋଟିଏ ସରସ ପ୍ରଶ୍ନ ପକ୍ଷରଦେଇ ସେ ଚୁପହୋଇ ବସିବେ, ହସିଲା ଆଖି ହସୁଥିବ, ଓଠରେ ଅଳ୍ପ କୁଞ୍ଚୁକୁଞ୍ଚୁଆ, ଆଉ କଥା ନାହିଁ ।

ବର୍ଷ ଠେଲି ବର୍ଷ ଗଡ଼ିଯାଇଛି, ପୃଥିବୀ ବଦଳୁଛି, ମଣିଷର ଚକ୍‌କଣ କଳା ଛାଲ କହରା ଧରୁଛି, କାନ ଉପରେ ଲାଗୁଛି ଘୁଣଧୂଳି କମ୍ପ ପଞ୍ଜରରେ ବଳ

Digitized by srujanika@gmail.com

ସବୁଦିନେ ବନ୍ଧୁର କୋଠରି ଭିତରେ ଟେବୁଲ୍ ପାଖେ ବସିଥାନ୍ତି ସଣ୍ଡ୍ରା, ସଂଯତ, ଭଦ୍ର, ପ୍ରାୟ ନୀରବ, ଅଧେ ମୁଣ୍ଡ ଚନ୍ଦା ଚକ୍‌ଚକ୍ ହୋଇ କପାଳର ବିସ୍ତୃତି ବଢ଼ାଇଛି, ସାମାନ୍ୟ ସିଝା, ସୁନ୍ଦର ଚେହେରା ।

ସଣ୍ଡ୍ରା ବନ୍ଧୁର କୋଠରି ପରି ।

ତାଙ୍କୁ ଲମ୍ବିବସିଲେ ବି ଚଳନ୍ତି ଦୁନିଆଁର ହିସାବର ତରଙ୍ଗ ହାତରୁ ଖସିପଡ଼େ ।

ସମସ୍ତଙ୍କର ପରିଚୟ ଅଛି, ଯେପରିକି ତାଙ୍କର ନାହିଁ, ସେ କେବଳ ବନ୍ଧୁ ଘର ଟେବୁଲ୍ ପାଖେ ସଣ୍ଡ୍ରା ।

ଅବଶ୍ୟ ତାଙ୍କ ବିଷୟରେ ମୋଟାମୋଟି କେତୋଟି କଥା ସମସ୍ତେ ଜାଣନ୍ତି, ବନ୍ଧୁ ତୁଣ୍ଡରୁ ଓ ତାଙ୍କ ହାବଭାବ କଥାଭାଷାରୁ ତାର ପରିଚୟ ମିଳେ । ବନ୍ଧୁ କହେ ସେ ଜଣେ କଣ୍ଟ୍ରାକ୍ଟର କରନ୍ତି, ଘରେ ଉତ୍ରୁ ସୁଚ୍ଛଳପଣ ନ ଥିଲେ ବି ଗମ୍ଭୀର ସ୍ୱଚ୍ଛଳତା ଅଛି, ଦାର୍ଜିଲିଂରେ ମଧ୍ୟ ତାଙ୍କର ଘର ଓ ବ୍ୟବସାୟ ଅଛି । ପୁଣି ବନ୍ଧୁ କହେ ସେ ଏକପ୍ରକାର ଅଜବ୍ ମଣିଷ, ଯୁଦ୍ଧରେ ଯାଇ ଉତ୍ତର-ଏସିଆ ଓ ୟୁରୋପର ଅନେକ ଅଞ୍ଚଳ ସେ ବୁଲିଆସିଛନ୍ତି । ହିମାଳୟ ସେ ପ୍ରାନ୍ତରେ ବିପଦସଂକୁଳ ଗୁପ୍ତଚର କାର୍ଯ୍ୟ ମଧ୍ୟ ସେ କରିଛନ୍ତି, ଜୀବନ ବିପନ୍ନ କରିଛନ୍ତି । ବନ୍ଧୁକ ଫୁଟାଇବାରେ ହାତ ଖୁବ୍ ଅବ୍ୟର୍ଥ, ନିଜେ ମାରିଛନ୍ତି କେତେ ଗୁପ୍ତମାରୁଙ୍କୁ, ସେ ପୁଣି ତାନ୍ତ୍ରିକ, ଅଲୌକିକ କ୍ଷମତାଶାଳୀ, ଇତ୍ୟାଦି ।

ଅବଶ୍ୟ ବନ୍ଧୁ ଦିନରାତି ଲାଗି ଲାଗି ଖୁବ୍ ଡିଟେକ୍‌ଟିଭ୍ ଉପନ୍ୟାସ ପଢ଼େ, କେତେକ ବିଷୟରେ ତାର ଆଶ୍ଚର୍ଯ୍ୟ ଅନୁଭୂତି ମୂଳରୁ ରହିଛି । ଯଥା, ସେ କହେ,—ଅଷ୍ଟ୍ରେଲିଆରେ ଏକପ୍ରକାର ଫୁଲ ଅଛି ଯେ ମାଟିତଳେ ଗଛରେ ଥାଏ, ବର୍ଷାର ପ୍ରଥମ ଘଡ଼ଘଡ଼ି ମାରିଲେ ମାଟି ଫାଟିଯାଏ ଓ ମାଟି ଉପରେ ଫୁଟିଉଠେ ସେହି ଗୋଟିଏ ବୋଲ ଫୁଲ, ଯେଉଁ କାରଣରୁ ବନ୍ଧୁକୁ କେତେକ ବନ୍ଧୁ କହନ୍ତି "ଭୂଇଁଫୋଡ଼୍" ଏବଂ ତା କଥାରେ ଶତକଡ଼ା ୭୫.୮ ଧଡ଼ି ଗୁଡ଼ିବା ପାଇଁ କେତେକେ ଉପଦେଶ ଦିଅନ୍ତି; କିନ୍ତୁ ସାଣ୍ଡ୍ରାଙ୍କ ହାବଭାବ ଓ କଥାଭାଷାରୁ ଅନୁମାନ କରିହୁଏ ତାଙ୍କର ଉଦାର ଓ ଗଭୀର ଜ୍ଞାନ, ମଧୁର ଦାର୍ଶନିକତା, ପ୍ରଚୁର ମନୁଷ୍ୟ-ଅଭିଜ୍ଞତା । ମୁହଁରୁ କିଛି କଳି ହୁଏନାହିଁ, ଦୃଷ୍ଟି ସୂକ୍ଷ୍ମ ପରି ଗଳିଯାଏ ପରର ଆଖିକି ମୁହଁକୁ, ତର୍କରେ ଯେପରିକି ତାଙ୍କର ଶେଷ କଥା ଯେଥିକି ଉତ୍ତର ନାହିଁ । ଜାଗତିକ ଫଳପ୍ରାପ୍ତିକୁ ଦାନ କରିଦେଇ ଏକପ୍ରକାର ଅତି ଉଚ୍ଚ ଭାଗ୍ୟବାଦହିଁ ତାଙ୍କ ବ୍ୟକ୍ତିତ୍ୱର ବିଶିଷ୍ଟତା ଏବଂ ଯେତେବେଳେ ଦୀର୍ଘଶ୍ୱାସ ସହିତ ସେ କହନ୍ତି, "ସବ୍ଇ ଗୋବିନ୍ଦେର୍ ଇଚ୍ଛା" ସେତେବେଳେ ତାଙ୍କ କଥାରେ ଭଙ୍ଗୀରେ ବ୍ୟକ୍ତିତ୍ୱରୁ

Digitized by srujanika@gmail.com

ବ୍ୟଞ୍ଜନାରେ ପୃଥକ୍‌ବାଟ। ଜଳଜଳି ଥିରେ ଚାଲିଯାଇ ହଠାତ୍ ଅଦୃଶ୍ୟ ହୋଇଥାଏ। ପୁଣି ସେ ହଜେ ଅତି କାଳରେ, ଚଉଶୋମଲ, ଚନ୍ଦ୍ରଘର।

ସେ ଓଡ଼ିଆ କହନ୍ତି, ବଙ୍ଗଳା କହନ୍ତି, ବଙ୍ଗଳା କହିଲେ ବି ତାଙ୍କର ମାନବିକତା ତାଙ୍କୁ ଆଉ୍‌ଜାଣ ରଖିବାକୁ ଦିଏ ନାହିଁ, ଛପ ଛପି ଏକାତ୍ରକାର ଅତି ଦୁର୍ଲଭ ମଣିଷ ଯାହାଙ୍କ ପରିଚୟ ଖାଲି ମଣିଷପଣ, ଜାତି ନୁହେଁ ଭାଷା ନୁହେଁ, ଯେଉଁ ପ୍ରକାର ଲୋକଙ୍କ ସଙ୍ଗେ କେବଳ "ବଙ୍ଗ ଆମାର୍" ବଙ୍ଗଭଗ୍ନୀଙ୍କୁ ଭୁଲ୍ କରିବା ଅସମ୍ଭବ।

ହଠାତ୍ ବଳୀଦତ୍ତର ମନେପଡ଼ିଲା, ଟ୍ରେନ୍‌ରେ ବସିବା ବିଷୟରେ ବନ୍ଧୁ ସଙ୍ଗେ ସେ ଗୋଟାଏ ଆଲୋଚନା ଆରମ୍ଭ କରିଥିଲା। ସେଇଆ ତ ମଜା ନୁହେଁ, କାମ-ଦାମ ଶେଷରେ ଘରକୁ ଫେରିଲେ। ହାଇଁପାଇଁ ମନ ଆପଣା ଆପେ ବନ୍ଧାଗତକୁ ଖସିପଡ଼ୁଛି, ସେହି ଆଲୋଚନା ଦରକାର, ମନର ଖାଦ୍ୟ। ଯେଉଁ ଅଫିସ୍ କାର୍ଯ୍ୟ ଗୋଟା ଜୀବନର ଶିଳ୍ପକଳା, ଯାହା ଉପରେ କଟେ ଜୀବନର ଜାଗ୍ରତ ସମୟରୁ ବେଶି ଭାଗ, ଯାହା ଜୀବନଧାରଣର ଅବଲମ୍ବନ, ଭବିଷ୍ୟତର ସିଡ଼ି ଓ ପିଡ଼ି ଉଭୟ,—ତାହାରି ବିଷୟରେ ଉନ୍ନତ ଚର୍ଚ୍ଚା।

"ହଇରେ ବନ୍ଧୁ, ଆଜି ସାହେବ୍—" କହୁ କହୁ ସଣ୍ଡାଙ୍କର ଦୃଷ୍ଟି ଖୋଲା-ଖୋଲିକା ମୁହଁରେ ବାନ୍ଧିମାରୁଛି, ବାଡ଼ ଢ଼'କରରେ ବନ୍ଧୁର ଓଠ ବଙ୍କେଇଲାଣି, ଦୁଇଜଣ ଶ୍ରୋତା ଜଣୁ ଓ ବୁଧୁ ଅତିଶୟ ମନୋଯୋଗ ଦେଇ ଚାହିଁଲେଣି ଏବଂ ନଧ,—ସେ ଏତେବେଳଯାଏ ଛବିବହୁଳ ମାସିକ ପତ୍ରରୁ ନାଟକର ତାରତମ୍ୟ ଲକ୍ଷ୍ୟ କରିବାରେ ବ୍ୟସ୍ତ ଥିଲା, ସେ ହଠାତ୍ ମୁହଁ ଟେକିଲାଣି, ବଳୀଦତ୍ତର କୁତୂହଳ ଜାଗିଲା। ଦୀର୍ଘଶ୍ୱାସ ପକାଇ ସେ ଗୁହାରି ହାଉଡ଼ିବାରେ ମନଦେଲା। ମନ କହୁଛି, ଏମାନେ କିଏ ସତେ? ଜୀବନର ସମସ୍ୟାକୁ ଏତେ ହାଲୁକା କରି ଫୁଙ୍କି ଉଡ଼ାଇବାରେ ପ୍ରୟାସୀ କେବଳ ବାଡ଼ଧୁଆଁରେ, ପ୍ରଗତି ପାଇଁ ଯୋଜନାହିଁ ନାହିଁ।

ଏଇ ବନ୍ଧୁଟା,—

ଭାବିଲେ ଅନୁକମ୍ପା ହୁଏ। ପିଲାର କି ସୁନ୍ଦର ହସ୍ତାକ୍ଷର, କି ପ୍ରଚଣ୍ଡ ଇଂରେଜୀ ଜ୍ଞାନ, କେତେ ଚଟ୍‌କରି ଗୋଟିଏ କାମ ବୁଝି ନେଇପାରେ, କେତେ ଶୀଘ୍ର କରି ଦେଇପାରେ। ସମସ୍ତିଙ୍କର ସମ୍ମାନ ଅର୍ଜନ ଶେଷରେ ସେ ଉପରିକମାନଙ୍କ ସଙ୍ଗେ କଳି କରେ। କଥା ପଦେ ସହେ ନାହିଁ, ପଦେ ଶୁଣିଲେ ଦଶପଦ ଶୁଣାଏ! କହେ ତାର ସମ୍ମାନରେ ଆଘାତ ହେଲା। ଯେପରି କି ଉପରିକମାନଙ୍କର ସମ୍ମାନଜ୍ଞାନ ନାହିଁ, ଖାଲି ତାର। ଆରେ ବାବା ବୁଝିଲି ନଲେ—। ସୁତରାଂ, ସେ ଶୁଣିବ ନାହିଁ, ଏଠି କହିବା ବୃଥା। ସବୁବେଳେ ଫିଟ୍‌ଫାଟ୍ ଚେହେରା, କାଳଚଟକା ଛିଟଫୁଲ୍ ସାର୍ଟ, ସତେ ଯେପରି ଚାକିରିକି ଯାଉନାହିଁ, ସେ ଯାଉଛି ମୁଲ୍କକୁ।

Digitized by srujanika@gmail.com

ଆଃ, ତା ନିଜର ଯଦି ଏତେ କ୍ଷମତା ଥାଆନ୍ତା,—ବଳୀବନ୍ତ ଭାବେ । ତା'ପରେ ଘରକୁ ଆସିଲେ,—କାହିଁ ମଝିରେ ମଝିରେ ଉପରିକମାନଙ୍କ ଘରକୁ ଯାଇ ସାନ୍ନିଧ ଖୋଜି ସେବା-କାର୍ପଣ୍ୟ ଉପାୟରେ ମନ ନେଇ ସମ୍ପର୍କ ପାତିବା, ନା ଘରର ଝରକା ପରକୁ ଖୋଲି ଭେଲେଇ ବସି ଆଡ୍ଡା ମାରିବା, ନ ହେଲେ ବହି ପଢ଼ିବା, ଗଦାଗଦା ବହି, ଝାଲବୁହା ପଇସାଦେଇ ବହି କିଣିବା, ମାସିକ ପତ୍ର କିଣିବା, ଖବର କାଗଜ କିଣିବା । ଆଶ୍ଚର୍ଯ୍ୟ ! ଆରେ ବାବା ଥରେ ଚାକିରିରେ ପଶିଲେ ଏ ବହିପଢ଼ାର କି ଦରକାର, ତେଣିକି ଏକମାତ୍ର ବହି କାର୍ଯ୍ୟଶାସ୍ତ୍ର, ନାଃ, ଏ ଜୁଟିବ ନାହିଁ ।

ଆଉ ଫେର୍ ଉପରିକମାନଙ୍କ ମତ ବିରୁଦ୍ଧରେ ନିଜ ମତ ଠିଆକରିବା ପୁଣି ତାଙ୍କର ଭୁଲ୍ କାଢ଼ିବା,—ଏ କି ପାଗଳ କଥା ? ବର୍ଷା ଦେଖି ଛତା ନ ଦେଖାଇ,—ଅସମ୍ଭବ, ଏ ଜୁଟିବ ନାହିଁ ।

ଜୁଟି ଥିଲେ ନିଜେ ହୁଏତ ଗୋଟାଏ ଉପରିକ ହୋଇ ବସନ୍ତାଣି, କେତେ ଲୋକ ଚଢ଼ିଲେଣି, ଆଉ କେତେ ଉପରକୁ ଚଢ଼ିବେ, ଏ ଶୃଗାଳ ଯେଉଁଠି ସେଇଠି ।

ବନ୍ଧୁ କହେ ତାର ପୂର୍ବପୁରୁଷ ଥିଲେ ନାଁ-ଡାକ୍ ଜମିଦାର, ଅଦ୍ୟାପି ଗାଁରେ ପ୍ରତିପତ୍ତି ଅଛି । କିନ୍ତୁ ଏ ତ ସାଆନ୍ତ ମନୋଭାବ, ହୁଏତ ତାର ପତନର ବଡ଼ କାରଣ, ରାଜ୍ୟର ଯେତେ ବଡ଼ ବଡ଼ ଘର,—ମନ୍ତ୍ରୀ, ବ୍ୟବସାୟୀ, ଉଚ୍ଚ କର୍ମକୃଷ୍ଟ,—ବନ୍ଧୁ କହେ କିଏ ତାର ଭାଇ, କିଏ ତାର ମଉସା, କେହି ତର୍କକଲେ ବଂଶଲତା ହାଙ୍କେ ।

ଏ ବି କପଟ ସାଆନ୍ତ ମନୋବୃତ୍ତି—ପକ୍ଷୀଲଗା ଉଡ଼ିଲ ଚଢ଼େଇକି ମୋର ବୋଲି କହି ତା ସଙ୍ଗେ ସଙ୍ଗାତ ପାତିବାକୁ ମନକରି ଆପଣା ଦେହରେ କୁଳ ବାଛି ମିଛାଉପନ୍ତ୍ କେଉଁଲେ ମଣିଷର କି ଉପକାର ହୁଏ ?

ବରଂ ଯଦି ଲୁଚି ଥାଆନ୍ତା, ସେହି ବଡ଼ ବଡ଼ ଲୋକଙ୍କର ପିଠି ନେଇ ବନ୍ଧୁ ନିଜେ କଣ ନିଜର ଟିକିଏ ସୁବିଧା କରିପାରନ୍ତା ନାହିଁ ? ଟିକିଏ ମୁହଁ ନେଫେଡ଼ି ଦେହ ବଙ୍କେଇଲେ,—ଟିକିଏ ନଇଁଲେ,—ଟିକିଏ ଦବିଲେ,—ଗ୍ଭଡ଼ଃ, ହେବ ନାହିଁ,—

ଉଚ୍ଚା ଅହମିକା, ମୂର୍ଖଟା ।

କିନ୍ତୁ ତଥାପି ରାଗ ହୁଏନାହିଁ ତ ବନ୍ଧୁ ଉପରେ ? କାହିଁକି ? ସେଠି କଣ ଅଜଣା ଶକ୍ତି, କଣ ଅଜଣା ମୋହନୀ, ସେହି ଗୋରା ତକତକ ପାତଆ ପରି ଲମ୍ବ ଲମ୍ବ ଉଞ୍ଚ ଦେହଟିରେ ତା'ର ପ୍ରାଚୀନ ପୂର୍ବପୁରୁଷମାନଙ୍କର କେଉଁ ଅଜଣା ଚୁମ୍ବକ ଶକ୍ତିର

Digitized by srujanika@gmail.com

ଯଉଟଙ୍କ, ସହଜରେ ସେ ସହାନୁଭୂତି ଜନ୍ମାଏ । ଏଇ ସାନ ବସ୍ତିଟି ଭିତରେ ବି ପାଏ ନେତୃତ୍ୱ ।

ତା ଛଡ଼ା ମନେପଡ଼େ,—ସେ ଦୁନିଆସାକର ଧରମ ବେଠିଆ । କାହାଘରେ କିଏ ବେମାର ଅଛି, ରାତିରେ ଜଗିବା ଦରକାର, ଡାକ୍ତର ଡାକିଦିବା ଦରକାର ? ବଜାରରୁ କାହାର କଣ ଆସିବ ? ଆଉ କାହାର କିଛି କାମ ଅଛି ? ସାଙ୍ଗ-ସୁଖ ଦରକାର ? ମନଖୋଲି ଦୁଃଖ ଶୁଣେଇବାକୁ ଶ୍ରୋତା ଦରକାର ?—

ବନ୍ଧୁ ହାଜର୍ ଅଛି ।

ବାଟରେ ଦେଖାହେଲେ ତାର ଡାହାଣ ହାତ ଆପେ ଡାହାଣ ପକେଟ୍ ଭିତରକୁ ପଶିଯାଏ, ବାହାରେ ବଡ଼ ଖଣ୍ଡିଏ । ସରୁ ସରୁ ସ ନ ସାନ ବଡ଼, ତାର ମୁଣ୍ଡ ପୋଡ଼ା । ଅବେ ସେଠୁଁ ସିଗାରେଟ୍ ବାହାରୁଥିଲି, ଏବେ ସମସ୍ତ ବଦଳିଛି । ପୁଣି ବାଁ ପକେଟ୍ରୁ ବାଁ ହାତ ସାଙ୍ଗେ ସାଙ୍ଗେ ବାହାରକରେ ଏ ବ୍ୟବ୍ରର ଅଭିଜାତ୍ୟର ସଙ୍କେତ ଗୋଟିଏ ଷ୍ଟ୍ରେଟ ମେଟାଲ୍ ଲାଇଟର, ଭିତରେ ଟିକିଏ ପେଟ୍ରୋଲ । ଝଟ୍ କରି ହାତ୍ନୁଆ ବୁଢ଼ାଅଙ୍ଗୁଠି ଟିପରେ ବନ୍ଧୁ ତାର ପଥରର ଚକ୍‌ଟି ଚଗଡ଼ି ଦିଏ, ବନ୍ଧୁ ମୁହଁରେ ବଡ଼ ଗେଷ୍ଟି ନାଁ ଦିଏ, ବେକରୁ ଦେହ ହାତରୁ ହେଉ କାମିଜଟା ଓଟାରି ଧରି କହେ "କୁଆଡ଼େ ଗ୍ଲଲ୍‌ବୁ ରହ ।"

ବଳୀଦତ୍ତ ତୃପ୍ତହୋଇ ଗୁହାଳିଆ ଶେଟକଲା । ଘରଯାକ ସମସ୍ତିଙ୍କ ଗୁ'ପାଠ ଖାଲି, ସମସ୍ତିଙ୍କ ମୁହଁରେ ଜଳକା ବଡ଼, ଗଳ୍ପ ଗ୍ଲଲିଛି ମନରଙ୍ଗା ।

ଖବର କାଗଜର କଥା, ରାଜନୀତି, ସାହିତ୍ୟ, ସଣ୍ଢାଙ୍କ ଦର୍ଶନ ।

ବଳୀଦତ୍ତ ସେମୁଡ଼ା ବୁଝେନାହିଁ, ବାରମ୍ବାର ବାରମ୍ବାର ହାଇ ମାରୁଛି । ଆକଯାକ ଏତେ କଣ ବହି ରଖିଛୁ ବନ୍ଧୁ ? ମଣିଷ ମାହାଳାଆରେ ଏତେ ପଢ଼େ ? ନାପସନ୍ଦ କରି ଆଖି ଆଡ଼େଇ ଯାଉ ଯାଉ ନଜରପଡ଼ିଲା ନେଳିଆ ମଲାଟର ଖଣ୍ଡିଏ ସାନ ବହି ଉପରେ, "ବ୍ୟବସାୟୀ ଚିଠି କେମିତି ଲେଖିବାକୁ ହୁଏ ।" ମହାଭଥ୍ୟ ଅନ୍ଧକାର ଜଳ୍ପରି ବଳୀଦତ୍ତର ଆଖି ହଠାତ୍ ଜଳିଉଠିଲା, ଅତି ଆଗ୍ରହରେ ବହିଟିକୁ ଗୋଟେଇନେଲା । ଦୃଷ୍ଟି ପଡ଼ିଲା ବନ୍ଧୁର ଏବଂ ହଠାତ୍ କେଉଁ ମୂହୂର୍ତ୍ତ ମନେ ପଡ଼ିଗଲା ପରି ମୁହଁର ଭାବ ତାର ବଦଳିଗଲା, ଅଧାଜଳା ବିଡ଼ିଟାକୁ ଜୋରରେ ଦୂରକୁ ଫୋପାଡ଼ିମାରି ସେ ଉତ୍ତେଜିତ ହୋଇ କହିଲା—

"ଜାଣିଲ ସଣ୍ଢାଦା, ଆଜି କଣ ହେଲା ? କାମ ପାରି ବହିଖଣ୍ଡେ ଦେଇ ବସିଥିଲି ତ ଦରପୋଡ଼ା ହନୁ ଅଫିସ୍ କହିଲା, ପୁଣି ଜରୁର କାମ ଆସିଚ, ଏତକ କରିଦେବାକୁ ହେବ । ଯାହାଥିଲି ପାଖ୍ୟ ଗାଡ଼ିଏ ଦେବ । ରାତି ସାଢ଼ିଥାଆନ୍ତା । କହିଲି, ଏଠିକି କାହିଁକି ଆଜ୍ଞା ! ଏ ତ ଆପଣଙ୍କ ନୁଆ ଜୋଇଁଙ୍କ କାମ, ମୋ କାମ ମୁଁ କରି ସାରିଚି, ଯାଆନ୍ତୁ' ତାଙ୍କ ପାଖକୁ, ସେ ନ କଲେ ବୋଲି ମୋ ମୁଣ୍ଡରେ ଚଢ଼ିବେ

Digitized by srujanika@gmail.com

ନା କଣ ? ତାପରେ ସେ କହିଲା,' ସାହେବଙ୍କ ଜଗର ଧଣଚନ୍ଦ୍ର କଣ ଦେବାକୁ ହିଁ ହେବ ।

"କହିଲ କଣ ଜାଣିଲ ? କହିଲ, ଆଜ୍ଞା ଆପଣଙ୍କ ନୂଆ ଜୋଇଁଙ୍କର ଟାଲ ଏତକ କର୍ତ୍ତବ୍ୟ ମୋପରେ ଲୁଚିବେ ନା ଆଉ କଛୁ ? ତେବେ ଗୋଟା ପୁଛା ମଚେଣ୍ଟି ଜୋଇଁ କଣନଅନ୍ତୁ, ଅଉ କାହିଁକ ? ହାଃ ହାଃ ହାଃ ହାଃ ।"

ଜଣେ ହଉର ବଢେଇଛୁ, ସମସ୍ତେ ଯାହା ଖବନ୍ତ ଜଣେ କହେ, ବୃଦ୍ଧ ହୃଂଗ୍ରକ ଚଳା ଜନ୍ତୁ-ଚିତ୍କାରରେ ଆତ୍ମପ୍ରକାଶ କରୁଛୁ, ଧରଯାକ ହୋ ହୋ ହୋ ହୋ ।

ଏଠି ଅନ୍ଧାରରେ ବଳୀଦଉର ଆଖି ତେଜ ହଉଚ୍ଛି, ସେହ୍ଵ ହସରେ ସେ ବ ମାତଯାଇଛୁ, ଦନ୍ତକପାଟି ଭୁଲିଛୁ ସେ ଉନ୍ମତର ଉପାଦକ । ଆଗ୍ରହରେ ଏକାଥରକେ ବନ୍ଧୁ ତୁଣ୍ଡରୁ କଥା ଛଡ଼ିନେବାକୁ ସମସ୍ତେ ଚିତ୍କାର କରୁଛନ୍ତି—"ତାପରେ ? ତା'ପରେ ?" ବଳୀଦଉ । ନନ୍ଦ । ଜନ୍ତୁ, ସେ ଟାଇପ୍ ଠୁକ୍ ଠୁକ୍ କରେ । ସ୍ଵଧୂ ଧେ ଉନସ୍ତ ହୃସ୍ତାବ କପେ ।

"ତାପରେ ?"

"ତାପରେ ? ତାପରେ ଲଙ୍କାପୋଡ଼ା ଏକଦମ୍ ଲଙ୍କାମରଚ ପର ଜଳ ପଡ଼ିଗଲା । କହିଲ କାମବେଳେ ବନ୍ଧୁ ପଡ଼ାହେଉଛୁ, କାମ ବଢେଇଲେ ଜବାବ୍ ନା ? କମାନା ମାଗଣା ଦରମା ଦଉଚ ହେ ?"

"ମୋର ଭାଇ ହାତ କଟକଟ ଡାକଲାଣି, ଆଉ ଧୈର୍ଯ୍ୟ ନାହିଁ । କହିଲ 'ନେଟାଉଟ୍'—ତାପରେ—"

ଗେଟ୍ ଆଉଟ୍ କହି ଏକ ଡଆଁ ମାରଚ ବନ୍ଧୁ, ଯାନ ଟେବୁଲଟି ଯାଇଛୁ ହଲି । ଶୂନ୍ୟ ଷ୍ଟ'କପ୍ ପ୍ଲେଟ୍ ତଳେ ପଡ଼ି ଖଟ୍ ଖଟାଂ । ଆସ୍ତେ ତାକୁ ଗୋଟୋଉ ଗୋଟୋଉ ମନୁଙ୍କୁ ମନ ସେ କହୁହେଉଛୁ "ନଇଲେ ? ସବୁବେଳେ ବକର ବକର କଚର କଚରେ । ଏତେ କାହିଁକ ସେ ଫମ୍ପି ହବ ? ତାର କ ଦରକାର ?"

ସଣ୍ଡୁବା ଗମ୍ଭୀର । କହିବାର ହେଲେ ଧେ ନିଷ୍ଟସ୍ତ କହନ୍ତେ—"ଉତ୍ତେଜନା ମନୁଷ୍ୟର କ୍ଷତକାରକ, ଆୟୁଷ ନଷ୍ଟକରେ, ଶାସ୍ତ୍ରରେ ଅଛୁ ।" କନ୍ତୁ ଅନ୍ୟମାନେ ଚଆପି ଆଗ୍ରହାନ୍ଵିତ । ଏ ସ୍ପେଷଣ ବତ୍ପାତରେ ବଳୀଦଉ ଥଣକନା ଗଲାଗଲାଣି କଳ ଟୋଲ ଭିତରକୁ; କନ୍ତୁ ତାର ଆଗ୍ରହ ମରନାହିଁ । ନନ୍ଦ ଗୁଡ ଫୁଲେଇ ସିଧାହୋଇ ବସିଲାଣି, କେବ୍ର କେବ୍ର ବାଳ କପାଳରେ ଝୁଲୁଛୁ, ମୂର୍ତ୍ତି ସ୍ପେଷଣ ଦଶୁଛୁ, ଆପଣାର କୌଣସି ଅନୁଭୂତ ମନେପଡ଼ୁଛୁ, ନନ୍ଦ କହୁଛୁ— 'ତାପରେ ବନ୍ଧୁ ?"

"ହୁଂ, କହୁଛୁ ଶୁଣ ! କୁତ୍ତି ଅର୍ଦ୍ଦଳି ଆସି କହିଲା ଟ୍ରେଟ ସାହେବ୍ କହିଚନ୍ତି ଏ ଘରେ କଣ ହଉଚ ? ଗୋଲମାଲ ହଉଚ କାହିଁକ ? କହିଲି ସା କହିଦଉ ଏ ଘରେ ହୋମ ହଉଚ । ଟ୍ରେଟସାହେବ୍ଙ୍କ ବାପା ଯଜମାନ ପୁରୋହିତ କନା—"

Digitized by srujanika@gmail.com

ମ୍ୟୁଜିଅଡ଼୍ ବାଃ—ବାଃ - ବାଃ—

"ଅଭିନ୍ନ ବାହ୍ ବାହ୍ କହିବ ନାହିଁ କାହିଁକି ?"—ସିଣ୍ଟୁଦା କହିଲେ, "ଦେଖିବାକୁ ତ ଲାଗୁନାହିଁ; କିନ୍ତୁ ଏଇ ବାହ୍ ବାହ୍ ଶୁଣିବାକୁ ଏ ପାଗଳ ଆପଣାର ସର୍ବସ୍ୱ ଢାଳିଦେଇ ବସିଛି, ପାଉଛି, ଗାଉଛି ପାଁଣ୍, ସମସ୍ତେ ବାଃ ବାଃ କରି ଉଦ୍ଦ୍ୟ' ଖୋସାମଦ୍ କରି ଏଗିୟେ ଚଲୁନ୍ ଆର ବନ୍ଧୁ ଯାକ୍ ଚୁଲୋୟ । ଆରେ ପାଗଲ୍, ଏ ସବୁ ପାଗଲାମି ଛଡ଼ା କିଛି ନୁହେଁ, ମୁଜରା ନ କରିବୁ,—ଗ୍ୟାଞ୍ଜଦେ, ମୁଜରା କରିବୁ—କର୍ —"

"ଏକଥା ଆପଣ କହୁନାହାନ୍ତି ସଣ୍ଟୁଦା, ଏକଥା କହୁଛି ଆପଣଙ୍କ ପରିବାର," ଉତ୍ତରରେ ମୁଖ ବକ୍ରକରି ନନ୍ଦ କହିଲା, "ସମସ୍ତେ ଜାଣନ୍ତି ବଙ୍ଗାଳୀମାନଙ୍କ ଭଲ ମୁଜରା କରି ଆସେ, ଇଂରେଜ୍ ଆଗ ମେଠ ପହଞ୍ଚିଥିଲେ, ସେମାନେ ଆଗ ଇଂରେଜୀ ପଢ଼ିଥିଲେ । ତା' ବୋଲି ଆମକୁ ତ ତା' ଆସେ ନାହିଁ । ଆମେ ତ ତା ପାରିବୁ ନାହିଁ—"

"ନାଁ ପାର୍ବି ତୋଗ୍ ମର୍, ଅତୋ ବକ୍ ବକ୍ କଯେର୍ ?"

"ଇସ୍—ଏମିତ ମାରିଲାବାଲା ନାଁ ?After you, Sir—"

"ଶୋନୋ ନନ୍ଦ—" ସଣ୍ଟୁଦାଙ୍କ ସ୍ୱର ଗମ୍ଭୀର, ସେ କିଛି କରିନାହାନ୍ତି, କେବଳ କୋଟ୍ ତଳେ ହାତକୁ ଉଥର ନୁକାନୁକି କରିଦେଇଛନ୍ତି, ସେଥିକରେ ତାଙ୍କଠି ଯାଦୁକରର ଠାଣି, କିଛି ଭୟାନକ, ନାଟକରେ ବୈନାଶିକର ରୂପଛଟା, କାଖତଳେ ବୋମା, ସମସ୍ତେ ଚୁପ୍—

"ଶୋନୋ ନନ୍ଦ, ଶୁଧୁ ଗାଏର୍ ଜୋରେ କିଛୁ ଫଲ୍‌ଏ ନା, ବୁଝଲେ ?...ଆରେ, ସମସ୍ତେ ଚୁପ୍‌ଚାପ୍ ପଡ଼ିଗଲେ ଯେ"। ତାପରେ ତାଙ୍କର ଅଖଳା ଧୀର ହସ, ମନେପକାଏ ବନ୍ଧୁ, କହେ ସେ ତାନ୍ତ୍ରିକ । ପୁଣି ବାତାବରଣକୁ ସହଜ କରିଦେଇ ସେ ଚଳେଇଲେ ତାଙ୍କ ସାଧାରଣ ଗଳାରେ,—

"ବୁଝିଲ ନନ୍ଦ, ଅପ୍ରିୟ କଥା କହିବା ସେତେ କଷ୍ଟ ନୁହେଁ, ଅପମାନ ଦେବା ଅତ୍ୟନ୍ତ ସହଜ । ତୁମେ ଯେମିତି ଓଡ଼ିଆ ବୋଲି ଗର୍ବ କର, ମୁଁ ବି ସେମିତି ବଙ୍ଗାଳୀ ବୋଲି ଗର୍ବ କରିପାରେ. ଅଥଚ ଆମେ ଏକା ମାଟି, ଏକା ପାଉଁଶ. ଗର୍ବ କରିବାର ଗୋଟିଏ କିଛି ଗୁଣ ମନ ଆଗରେ ଧରି ରଖିଲେ ହେଲା । ତୁମେ ଗର୍ବ କରିପାର, ତୁମେ ଆଖି ଥାଇ ଥାଇ ଅନ୍ଧ, ମୁଁ ଗର୍ବ କରିପାରେଁ, ମୋର ଆଖି ଅଛି । ଆମ ଗର୍ବରେ କିନ୍ତୁ ଭୂଇଁ ତାଡ଼ ହେବନାହିଁ । ବଙ୍ଗାଳୀ ମୁଜରା କରି ଶିଖିଲେ—ବେଶ୍ ଭଲ, ତୁମେ ସେ ପରିସ୍ଥିତିରେ ଥିଲେ ସେ ଦେଢ଼ଶ ବର୍ଷର ଷ୍ଟାର୍ଟ୍ ପାଇଥିଲେ ତୁମେ ବି ଶିଖିଥାନ୍ତ ଆହୁରି ଭଲ, ଅଙ୍ଗୁର ଖଟା କହିବା ତମର ଆଉ ଦରକାର ପଡ଼ନ୍ତା ନାହିଁ । ଏ ହେଲା ଅର୍ଥନୈତିକ ସମସ୍ୟା, ଏ ବିଷୟରେ ସଙ୍କୀର୍ଣ୍ଣତା ଉପୁଜାଇ ପ୍ରାଦେଶିକ ଲଢ଼େଇ ଲଗେଇଲେ ତମେ ବି ହବନାହିଁ ଗୋପବନ୍ଧୁ ଦାଶ

Digitized by srujanika@gmail.com

କି ମୁଁ ବି ହେବି ନାହିଁ ଚିତ୍ତରଞ୍ଜନ ଦାଶ୍ । ଏସବୁ କାହିଁକି ? ଗୁଡ଼ । ଆମର ଯୋଉ କଥା ପଡ଼ିଥିଲା. ବୁଝ୍‌ଲେ ବନ୍ଲୁ, ତୋମାର୍ କଷ୍ଟ ହବେନା । ଗୁଡ୍ ନାଇଟ୍ ।”

“ନାଇଟ୍”, ବନ୍ଲୁ କହିଲା, ସେ ଡିଟେକ୍‌ଟିଭ ଉପନ୍ୟାସ ପଢ଼େ । ହସି ହସି କପାଳରେ ତିନି ଆଙ୍ଗୁଳି ମାରି ସେ “—ନାଇଟ୍” କହିଲା, ମୁଣ୍ଡରେ ଅବଶ୍ୟ ଲଣ୍ଡନର ଗୋଟିଏ କଟିକଟିଆ ଗଳି, କକ୍‌ନୀ ଡ୍ରାଇଭର ସେକ୍‌ସ୍‌ଟନ ବ୍ଲେକ୍ ଡିଟେକ୍‌ଟିଭଙ୍କଠାରୁ ଗାଡ଼ିଭଡ଼ା ନେଇ ବିଦାହେଉଛି ।

ଘରେ ହାଉ ହାଉ ।

ବଳୀଦତ୍ତ ତୁନିହୋଇ ବସିଛି, ବିବାଦ ବିତଣ୍ଡାଠୁଁ ସେ ବହୁ ଦୂରରେ । ବର୍ତ୍ତମାନ ତାର ଆହତ ବିରକ୍ତ ମୁହଁ ।

“ସନ୍ତୁଦାଙ୍କୁ ମୁଁ ଏପରି ଉତ୍ତେଜିତ ହେବାର କେବେ ଦେଖିନାହିଁ,” ରାଧୁ କହିଲା । “ଧେତ୍ ନନ୍ଦ, ତୁ ଯାହା ପାରି ତା କହିଲୁ,” ବନ୍ଲୁ କହିଲା ।

“ଉଁଃ, କହିଲି ତ ବେଶ୍ କଲି । ସନ୍ତୁଦାଙ୍କ ସଂଗେ ମୋର କିଛୁ ବିବାଦ ନାହିଁ, ତାଙ୍କ କଥା କିଏ ନ ଜାଣେ ? ମୁଁ କହିଲି ତାଙ୍କ ଜାତିଭାଇଙ୍କ କଥା । ଆମକୁ ଅଛା କରିବେ, ସମସ୍ତଙ୍କୁ ଅଛା କରିବେ, ବ୍ରିଟିଶ୍, ଯାଙ୍କେ ମାଙ୍କେ ଆମ ଦେଶକୁ ପୋଡ଼ି ଜାଳି ଖାଇଲେ, ସବୁ ଜମିଦାରୀ ସବୁ ଠିକାରି, ଏବେ ପୁଣି ଆମ ଅଫିସରେ ଯେଉଁ ମର୍ଚ୍ଚିଆଁ ସାହେବ୍ ଆସିଚି, ଜାଣୁଚୁନା ତା କଥା—”

ଆହା ଖାଲି ଦାନାପାଣିର କଳରେ, ଖାଲି ଦାନାପାଣିର କଳ— ହେଲିଆରେ ମୁଠେ ଖୁଦ, ସେଥିପାଇଁ,—

ବନ୍ଲୁ ଅସ୍ୱାଭାବିକ କରୁଣ ସ୍ୱରରେ କାହିଲା ସେପରିକି ସେ ଉଡ଼ଞ୍ଚ ବନ୍ଲୁ ନୁହେଁ ମୁହୂର୍ତ୍ତେ ପୂର୍ବରୁ ଗୋଡ଼ ଗୁଞ୍ଜି ହୋଇ ସେ କହୁଥିଲା ଗେଟାଉଟ୍, ତା’ ଭିତରୁ କଥା କହୁଛନ୍ତି ଜଗନ୍ନାଥ-ଦେଶର ସର୍ବତ୍ୟାଗୀ ଉଦାରତା ମାଗି ତାର କେଉଁ ହଜିଲା ପିତୃପୁରୁଷ, ନବୀନ, ସଦାନନ୍ଦ—ଦୂରକୁ ଦୃଷ୍ଟି ବଢ଼ାଇ ଦେଇ ଦୀର୍ଘଶ୍ୱାସ ଦୀର୍ଘଶ୍ୱାସରେ ସେ ମନକୁ ମନ କହିହେଲା—“କେଡ଼େ ସୁନ୍ଦର ଦେଶଟା ଛାରଖାର ହୋଇଗଲା—ହାଃ—”

ହଠାତ୍ ତାର ସହଜ ସ୍ୱର ଫେରିଆସିଲା, କହିଲା—“ନେଃ ବଡ଼ ଖା ମୁଣ୍ଡଟା ଅଣ୍ଡାଳର । ଆଜିର ଖବରକାଗଜଟା ପଢ଼ିଚୁନାଁ ? ଦେଖ୍ ସେ ଖଟ ଉପରେ ଅଛି ।

ତୁମେ ଶଳେ ନିଜ ନିଜ ଗୋବରଗଦା ଆବୋରି ଆପଣା ପ୍ରଦେଶ ପ୍ରଦେଶ ବୋଲି ଚିତ୍କାର କରିବ, ତେବେ ଭାରତଟା କାହାର୍ ? ଜବାବ୍ ଦେ,—ଭାରତଟା କାହାର ?”

Digitized by srujanika@gmail.com

ସଭ୍ଭ ଭାଙ୍ଗିଗଲା । ହଠାତ୍ ସମସ୍ତଙ୍କ ସମୟବୋଧ ମାଡ଼ି ମାଡ଼ି ପଡ଼ିଲା । ଗ୍ରସ୍ତ-ଚଳନ୍ତା, ଗ୍ରଜମନ୍ଦିର ଛ୍ୱାଇ, ଏ ସମାଜରେ ଚେତନଙ୍କ ମନରେ ସେ ଘୋଡ଼ାଏ ଆଣଙ୍କୋର ରୂପ, ଭିଡ଼ାକଥା କାନରେ ଶୁଣିଲେ ଚେତନ ମନରେ ପ୍ରତିଘାତ ଉପୁଜେ, ହଣେ ଅଫିସର ଘଣ୍ଟା, ଘଣ୍ଟାର ହାତ ସାଢ଼େ ଦଶ ଉପରକୁ ସଙ୍କେତ ଦେଉଛି । ସେ ସେହି ମୂଳର ଦାନାପାଣି ସଂସ୍ଥାନ ଉପରେ ଆକ୍ରମଣର ଅଦେଖା ହାତ । ତେଣୁ ତାର ଆଶ୍ରୟ-ନାଡ଼ ସେହି ଅଫିସ କୋଠରୀ । ମନ ଗହ୍ୱରରେ ସେ ଭାବପ୍ରବଣ ଉଚ୍ଛ୍ୱାସମୟ ଦ୍ୱଙ୍ଗୀତ ।

ନବୁଜା ଦେଉଳ ଆଗରେ ଅନ୍ଧାରରେ କେତେଗୁଡ଼ାଏ ହରିଜନ । -

ଆଲୁଅ ଫିଟିଲେ ସେଥା କାମରେ ସେଥା ଲାଗେ ।

ତଥାପି ଅନ୍ଧାରର ସେ ଗୁଣୁ ଗୁଣୁ ଏକାଠି ମିଶି ହୁଏ ବଜାରର ହଟଗୋଳ । ତେଣୁ ଜାଗ୍ରତ ସ୍ୱପ୍ନସ୍ଥ ।

ବନ୍ଦୁ କବାଟ ଖୋଲିଲା । ଗୋଟାଏ ଚେତନ ଦାନ ଶେଷ । ଭିତରକୁ ପଶିଲା, ଚୌକି ଏଣେ ତେଣେ ହୋଇ ଥୁଆହୋଇଛି । ଖଟ ଉପରେ ଅଇଁଠା ଚା' ପାତ୍ରସବୁ ଓ ଅଲରା ବଲରା ଖବରକାଗଜ, ଟେବୁଲର ବନ୍ଧ ଟଣା ଓଟରା ହୋଇ ପଡ଼ିଛି ଇତସ୍ତତଃ । ଚଟାଣରେ ଖଣ୍ଡିଆ ବଡ଼ି ଓ ବଡ଼ଗୁଲ ଅନଙ୍ଗାପ, ପୁଣି ଏସବୁ ସଫାସୁତୁରା କରିବାକୁ ପଡ଼ିବ ।

ଅଭ୍ୟାସ ଅନୁଯାୟୀ ଡ୍ରେସର ପାଖକୁ ଗଲା ମୁଣ୍ଡ କୁଣ୍ଡେଇବାକୁ । କେହି ନ ଥିବାବେଳେ ସେ ମୁହଁ ଦେଖେ, ମୁଣ୍ଡ କୁଣ୍ଡାଏ । ପୂରୁଣେ ଉଚ୍ଚ Chest of Drawers. ସେ ବି Liquidated ଆଇନଜୀବୀର ଘରପୋଡ଼ରୁ କୁଢାଖିଏ, ତା ଉପରେ ପାତଳ ସାଗୁଆନ କାଠର ସେଲଫ, ତଳ ଉପର ହୋଇ ଦୁଇ ଖୋପ, ଉପରେ ମାନେ Encyclopaedia, ତଳେ ମାନେ Book of Knowledge.

ଦର୍ପଣ ପାଖେ ଫଟୋଏ ଫଟୋ,—ସେ ଓ ତାର ସ୍ତ୍ରୀ । ତାର ଫଟୋ ପର ସ୍ତ୍ରୀ,—ଶେଫାଳୀ, ବନ୍ଦୁ ଥଟ୍ଟା କରି କହେ— ଜହ୍ନିଫୁଲ ।

ବନ୍ଦୁ ଦୀର୍ଘଶ୍ୱାସ ପକାଇଲା । ମୁଣ୍ଡ କୁଣ୍ଡେଉ କୁଣ୍ଡେଉ ସବୁ ମନେପଡ଼ିଲା । ଖବର କାଗଜର ଗ୍ରାହକମାସର ଦାମ ବାକି । ଦୋକାନରୁ ଚା' ଆସୁଛି ଧାର । କରଜ କରଜ—ଘେରି ରହିଛି କରଜ, ସବୁବେଳେ ନାକ ତୁରୁତୁରୁ । ଶେଫାଳୀ ପୁଣି ଅନ୍ତଃସତ୍ତ୍ୱା ଥାଇ ହାତରେ ଟେଲେଇ କରେ, ଦୁଆର ଓଳାଏ, ବାସନ ମାଜେ, ପୁଣି ପିଲଙ୍କ କାମ ।

Digitized by srujanika@gmail.com

ଦଶ ବର୍ଷ ଚାଲିଲା ଶେଫାଳୀକୁ କଣ ସେ ଦେଇଛି ? ଖଣ୍ଡେ ଅଲଙ୍କାର ? କେବେ ଖଣ୍ଡେ ଦାମୀ ଶାଢ଼ୀ ? make-up ବଳରେ ମକଟୀ ଉର୍ବଶୀ ହୋଇ ବସି ମଞ୍ଚରେ ନଚାଏ, make-up ଅଭାବରେ ମେନକା ଦାସୀହୋଇ ନଇଁପଡ଼ି ବାଲ୍ଟିଫାଟିଆ ପିଆଁ ଲଗା ପିନ୍ଧି ଦୁଆର ଓଳାଏ, ଟିପ ନଷ୍ଟକରି ରଗଡ଼ି ରଗଡ଼ି ଅଇଁଠା ବାସନରୁ ରେକେଟା ଛଡ଼ାଏ । ଆଃ ! ଦୀର୍ଘଶ୍ୱାସ । ତାର ସରାଗର ଜହ୍ନି ଫୁଲ ମଉଳି ପଡ଼ୁଛି ।

ବନ୍ଦୁର ଦୁଇ ଆଖିରେ କଣ୍ଟାଳିଆ ତାଡ଼ । ସାମ୍ନାକୁ ଚାହିଁଛି, ଓପାର କପାଳର ବିସ୍ତୃତ ଉପରେ ଠାଏ ଠାଏ କଳା ମେଘର ଚୂଇ । ସରୁ ସରୁ ସମାନ୍ତରାଳ ଗାର । ଉପରକୁ ଚାହିଁଛି । ସୁନେଲି ଅକ୍ଷରରେ Book of Knowledge.

Book of Knowledge ! Damn ! ବନ୍ଦୁ କହିଲା । ବିକଟ ଚିତ୍କାର କରି ଅଗଣା ଆଡ଼କୁ କୁଦିଗଲା —"ଭାତ ବାଢ଼ ।"

ଅନ୍ଧାରେ ଅନ୍ଧାରେ ଏକୁଟିଆ ଚାଲିଛି ବଳୀଦତ୍ତ । ଆପଣା ଉପରେ ଚିନ୍ତା ଆସୁଛି — କାହିଁକି ସେ ଏତେ ସମୟ ନଷ୍ଟକଲା । ରାଗ ହେଉଛି ବନ୍ଦୁ ଉପରେ, ଟିକି ଟିକି କରି ଯେତିକି ବିଶ୍ଳେଷଣ କରୁଛି ସେତିକି ତାର ହିଂସା ବଢ଼ୁଛି । ମନେ ପଡ଼ୁଛି, ଆପଣାର ସମସ୍ୟା, ଆପଣାର ଆଦର୍ଶ, ପାଖେ ଏଙ୍କଟେଶ୍ୱରଓ, ପାଖେ ଏ ବନ୍ଦୁ । ଭବିଷ୍ୟତର ତାରତମ୍ୟ ଆଖିକି ଜଳ ଜଳ ଦିଶେ, ଯେ ଯେପରି ସେ ସେପରି ଫଳ ପାଇବ ଅବଶ୍ୟ । ମର୍ତ୍ତ୍ୟରେ ମୂର୍ଖତର୍କ ହିସାବ ଗଣିତକୁ ଓଲଟ ପାଲଟ କରେ । ବେଳେବେଳେ ଅଦେଖା ଭାଗ୍ୟ, କିନ୍ତୁ କେତେ ଥର ? ପ୍ରଗତିଶୀଳ ମନୁଷ୍ୟ ଭାଗ୍ୟର ପଥଆଡ଼କୁ ଧ୍ୟାନକରି ଶିଖିଛି, କାର୍ଯ୍ୟରେ ହିସାବ କରି ଗଣି ଦେଇଛି ପୁଣି ହିସାବ କଷି ସୁଧ ଅସଲ ମିଶାଇ ଗଣିନେଉଛି ଆପଣା ମୂଲର ପାଉଣା । ବନ୍ଦୁ ନିଜେ ନିଜ ଗୋଡ଼ରେ କୁରାଢ଼ି ଚୋଟ ମାରି ମାରି ଚାଲିଛି, ଏଠି ଭାଗ୍ୟ କଣ ?

ସାନ ସାନ ପାହୁଣ୍ଡରେ ତରତର କରି ବାଟ ଚାଲି ଚାଲି ସେ ତାର ଭବିଷ୍ୟତରେ ଚାଲିବାକୁ ଆରମ୍ଭ କଲା । ହଠାତ୍ ସେ ଫୁଲିଯାଇଛି. ମୁଣ୍ଡ ଉଞ୍ଚ ହୋଇ ହୋଇ ଆକାଶକୁ ନ ଉଠିଲେ ବି ଆକାଶ ନଇଁପଡ଼ି ଛୁଇଁଛି ତାର ମୁଣ୍ଡକୁ । ଚାରିପାଖେ ଫୁଲଫୁଟା ତାରା । ପାଦତଳେ ଅନ୍ଧାରେ ଅନ୍ଧାରେ ପୃଥିବୀ ଲେଟିଛି । ଏମିତି ସେ ଧୁମ୍ ଧୁମ୍ ଗୋଡ଼ କଚାଡ଼ି ଜଗତ ଜିତି ମାଡ଼ି ଦଳି ଚାଲିଯିବ ତାର ଅଭୀଷ୍ଟସ୍ଥଳକୁ । ଝରପଟିଆ ଟେଣ୍ଟ ହୁଙ୍କା ଉହାଡ଼ରେ ସାନ କଣ୍ଟାଗଛ ତଳେ ଭାଙ୍ଗି ରୁଜି ମେଣ୍ଟିମାଣ୍ଟି ହୋଇ ବସିଛି ବନ୍ଦୁ, ଦାନ୍ତନିକୁଟି ବସିଛି, ଉପରକୁ ଅନେଇଁଛି । ମୁଁ

Digitized by srujanika@gmail.com

ତାର ଉପରକର ଉପରକ । ଉପରକ, ନାଁ ଦୟା ନାହିଁ, ଆପଣା କର୍ତ୍ତବ୍ୟ କର । ଦୟା ନାହିଁ, ମାୟା ନାହିଁ । ଭିତରୁ ବାହାରୁଛି ସାହେବର ସ୍ୱର, ନିର୍ମମ,— କାର୍ଯ୍ୟକୁଶଳ ।

ହାଃ ହାଃ ହାଃ ହାଃ—ବଳୀଦତ୍ତ ହସିଉଠେଲା ।

ଗୋଟାଏ ମନର ଖିଆଲ, ମୁହୂର୍ତ୍ତିକର ଅଲେକଜାଣ୍ଡର, ନେପୋଲିଅନ୍, ହିଟ୍‌ଲର । ନା ଆମେରିକାର ପ୍ରେସିଡ଼େଣ୍ଟ, From log cabin to White House. 'ଘରଭଉ' ପାଇଁ ଥରେ ସେ ପାଇଥିଲା ଖଣ୍ଡିଏ ମୋଟା ବହି ପୁରସ୍କାର । ଠିକ୍ ଠିକ୍—Fr ·m Log Cabin to White House ।

କିନ୍ତୁ ତାର White House ଟିକିଏ ନିଆରା ସେ ।

ସେ ଗୋଟିଏ ବଡ଼ ଅଫିସ କୋଠି, ଯାହାର ମାଲିକ ସେ ନିଜେ । କରେକେ ମାଳ ମାଳ ଟାଇପ୍‌ରାଇଟର୍‌ର ଠକାଠକ୍ କାନକୁ ଶୁଣାଉଛି ମାଲିକପଣର ନହବତ୍ ଯନ୍ତ୍ରସଙ୍ଗୀତ,—କର୍ମରତ ଏତେ ଭ୍ରମରର ଗୁଣୁଗୁଣୁ ଯେପରି,—ସଙ୍ଗୀତର ଆଳାପ । ଏମୁଣ୍ଡ ସେମୁଣ୍ଡ ବାଟ ଗୃହଲେ ଶସ୍ୟ ବୋଝେଇ ଧାନଗଛ ପରି ହାତପାଆନ୍ତି ନଇଁ ପଡୁଛନ୍ତି ସମସ୍ତେ । ସେ ଏମାନଙ୍କ ଅମଳଦାର ପାଇବ କର୍ତ୍ତବ୍ୟସାଧନର ଅମୋଘ ତୃପ୍ତି, ଅକ୍ଷୟ ଯଶଃ । ତାପରେ,—ବେଲୁନ ଉଡ଼ୁଚ୍ଛନ୍ତି ଯେ, ପଦବୀର ମାତ୍ରା ବଢୁଛି । ନଦା ନଦା କୋଠା ଧାଡ଼ିଧାଡ଼ି, ଜମି,—ଯେତେଦୂର ଆଖି ପାଏ । ଶଗଡ଼ ପୂଜା ଏ, ଗୃହ ବେଉସା ପାଇଁ ଏବଂ ଭଡ଼ା ପାଇଁ । ସହରରେ ଭଡ଼ା ଲଗାଇବା ପାଇଁ ଶହେଟା ଗୃହ ଛ'ଟା ।

ଏବଂ ନିଜ ପାଇଁ ମଟର ଖଣ୍ଡେ, ଆରେ, ମଟର ତ ଅବଶ୍ୟ, ଖଣ୍ଡେ ଜିପ୍ ଗାଡ଼ି, ଖରବେଗରେ ଧାଇଁବ ।

ତଥାପି ସୃଷ୍ଟିର କଳ୍ପନା ହେଉନାହିଁ ଶୃଙ୍ଖଳାମଧ୍ୟ ବା ସର୍ଣ୍ଣିଷ୍ଟ ।

ଅଭ୍ୟାସ ନାହିଁ, ହେବ ଧୀରେ ଧୀରେ ।

ବାଉଁଶ ବଢ଼ିଲେ ପୋଲ ବଢ଼ି ବ୍ଲକବ ଆପେ ।

ହଠାତ୍, ଆଗରେ ଜଣେ ପୁଲିସ୍ । ସ୍ଥିର ଗମ୍ଭୀର ଉଦ୍ଦେଶ୍ୟରେ ମାଡ଼ି ଆସୁଛି । ପଞ୍ଚହତା ନଦା ମଣିଷଟା ଅନ୍ଧାରେ ଅନ୍ଧାରେ, ଦୂରରୁ ଯେ ମାଡ଼ି ପଡ଼ୁଛି କେତେ ଘାଏ ଓଃ ! କାହିଁକି ? ହେ ଭଗବାନ ! କାହିଁକି ? ବଚଗ୍ର ନିରୀହ ବଳୀଦତ୍ତ ! ଗୋଟାଏ କୃଷ୍ଣାଙ୍ଗର ଗୃହକର, ଗ୍ରକନାଥଠୁ ଯେ ବହୁ ଦୂରରେ, ଏଗ୍ରେ ଉହାର ସେପରି କହୁ ନାହିଁ । ତାର ମୁଣ୍ଡ ଉପରକୁ ଲମ୍ବ ଲମ୍ବ ହୋଇ ଲମ୍ବି ଆସୁଛି ଦ'ଟା ମୋଟା ମୋଟା ହାତ । ଆଙ୍ଗୁଠିମ ମୁଠା ପରି ଠକ୍ ଠକ୍ ଅଛି, ମୁହଁରେ ଝାଳ ଆଉ ବାମ୍ପ, ସ୍ୱର କାହିଁ ? ଷଣ୍ଢ଼ ଆସି ପରି ଦ'ଟା ହାତ ଯାଉଛି

Digitized by srujanika@gmail.com

ଧରିଲାଣି ବେକ ପାଖରୁ, ମୁହଁ ପାଖକୁ ମୁହଁ ଓହ୍ଲେଇ ଆସୁଛୁ କାମୁଡ଼ିବ ଅବା ପିଠିରେ ଗୋଟାଏ ଘୁମ୍‌କିନା ଠୁ' ସେଇଆ, ବାରୁଦ ଫୁଟିଲା ପରି ତୋଳକନା ଶବ୍ଦ—

"ଶ'ଅଳା—ଆବେ ଏମ୍ତେ ଥରୁଚୁ କାହିଁକି ବେ, କ'ଣ କଛୁ ଚୋଠି କରିକି ଆସିଚୁ କବେ, ହାମ୍ ବଜାର୍‌ରେ ବାଟ ଗ୍ଲୁଡ଼ୁନାହିଁ ଚତେ, ମୋର ଗାଁଟ୍ ଅଛୁ ।"

"କିଏ ରାଜ ? ଓହୋ, ଏଡ଼େ ବଜାରୀ ହୋଇଗଲୁଣି ତୁଟା ? ଏଁ ?"

"ଆଉ କୌରଭନ ଭଲ ଥିଲ, ହଇବେ, ଏଁ ? ଶଃ । ଆରେ ଥରୁଚୁ କାହିଁକି, ଡର ମାଡ଼ୁଚ ଆଉକି ପଡ଼୍, ବନ୍ଧା ଯାହା ଥିଲା ତା ଅଛୁ, ଏଭର୍‌ରେଡ଼ି, ତୁ ଶଳା ସିନା ବସିଲୁଣୁ ଆକାଶରେ. ଆଉ ପୁଟ୍ ପ୍ରୀତି ଅଛୁ କି ଗୋ ମନେ ? ନା କଣ୍ ?"

ଶ୍ରୀଦ ଚକ୍ର ମାଡ଼ିଲାଣି ମନେ ମନେ. କିନ୍ତୁ ମନକୁ ଜାଗ୍ରତ ଆର ରଖିବାକୁ ପଡ଼ିବ ଯେମିତି ଅଭଦ୍ରତା ନ ହୁଏ । ଏ ରାଜ, ପିଲାଦିନର ସାଙ୍ଗ, ପିଲାଦିନର ମୁଠ ବଡ଼ଦିନର କଣ୍ଟାଳିଆ ଗାଲରେ ଖାଲି ଲଜ ମଖାଉଛୁ । ରାଜକୁ ମୁହାଁମୁହିଁ କିଛୁ କହିଦେବାକୁ ସାହସ ସ୍ଫୁରୁନାହିଁ, ତାର ଲଗାମ୍‌ଛଡ଼ା ତୁଣ୍ଡକୁ ବଡ଼ ଭୟ, ବଜାରଟା, ଯାହା ପାଉ ତା କହିଦେବ ।

ଏହି ରାଜ, ସେ ଗୋଟିଏ ବିଖ୍ୟାତ ଜମିଦାର ଘର ପୁଅ, ହାଲକୁ ପୋଲିସ୍ କନ୍‌ଷ୍ଟବଲ ! ଫାନ୍ଦ ଫାନ୍ଦ ବଳୀବର୍ଦ୍ଦ କହିଲା—"ଜମିଦାର ଘର ପୁଅକୁ କନ୍‌ଷ୍ଟବଲ ଚାକିରି ଆରୋଉଚ କେମିତି ରେ ରାଜ ? ସବୁ ଭଲ ତ ?"

' ଆରେ ସେ ଜମିଦାର ଘରକୁ ମାରୋ ଗୋଲି । ଚାକିରିରେ ଆମେ ସମସ୍ତେ ଜମିଦାର ।"

"କଣ ଜମାଦାର ହେଲୁଣି ? ଆଚ୍ଛା ତୁ ପରା ମଫସଲରେ ଥିଲୁ ? ବଦଳି ହୋଇ ଆସୁଚୁ ପରା ?"

"ହଁ ବଦଳି ହୋଇ ଆସିଚି । ଜମାଦାର ହେଲେ କେତେ, ନ ହେଲେ କେତେ, ଯେମିତି ସେମିତି ହଉ ପେଟ ତ ଚାଲୁଚି ? ନା କଣ ? ବାପା ଦାଦାଙ୍କ ସାଙ୍ଗେ ଜମିଦାରୀ ତ ଗଲା, ଫୁର୍ତ୍ତି କରୁ କରୁ ପଢ଼ାକାଲି ବି ଗଲା । ତେବେ ପିତୃପୁରୁଷମାନେ ଗୋଟାଏ କଥା ଦେଇଗଲେ, ଏଇ ଚେହେରାଟା, ଦେଖିଲେ ସାହେବ୍ ବି କହେ ତୁମ୍ ବହୁତ୍ ଖୁବ୍, ବାସ୍, ସେଇଆକୁ ବିକି ଖଟି ପେଲୁଚି ନାହା, ଆଉ କଣ ଅଟକୁଚ ? ଆଚ୍ଛା ତୁ ଅଇଗୁ କେତେବାଟ ଗଲୁଣି କହିଲୁ ? ଆଚ୍ଛା ଗୋଲଗାଲ୍ ତ ଦିଶୁଚୁ,—ଆବେ ରହ, ଯାଉଚୁ କୁଆଡ଼େ,—ହାଁ ଆଉ ଦିନାକେତେ ଗଲେ ପୁରା ଫୁଟ୍‌ବଲ୍; କଣ କଳାବଜାରର ପଙ୍କ ନେସିହେଉଚୁ କିରେ ? ଅଚ୍ଛା କଣ ପଢେ, ନା କଣ ?"

Digitized by srujanika@gmail.com

"ଧେତ୍—ତୋର ସେ ବଜାରୁଆ କଥା ଗଲା ନାହିଁ ।"

"ଆଉ ଗଲେ କଣ ହବ ? ତୁ ଟା ତ ଭାରି ଭଦ୍ର ହେଇଚୁ, ଆମର ତ ଖାଇ ଯେତେ ଗ୍ରେର ବଜାରି ଆଉ ବଦମାସଙ୍କ ସାଙ୍ଗେ ସଙ୍ଗ, ଆମ କଥାଇ ନିଆରା । ଆଉ,—ସ'ହେଉ ବହୁତ ଦିନ ପରେ ଦେଖା, ସେମିତି ଅନ୍ଧାରେ ଅନ୍ଧାରେ ଯାଉଁଚୁ, ମୁଁ ଭାବିଲି—ଅବା କୋଉଠି କଣ କରିକରି ଆସିଚୁ, ସନ୍ଦେହ ଆଖି ଜନା । ଓଃ ଖାଇ ବଳି, ଦୁନିଆର କି ପରିବର୍ତ୍ତନ ! ଛୁଉଃ ।"

"ଦେଖ୍‌ଚ ଭାରି ଖୁସିଅଛୁ ତୁ, ନଇଲେ ସମସ୍ତେ ପାଟି କରୁଚନ୍ତି ଦରମା ନିଅଣ୍ଟ, ଆଉ ସାମାନ୍ୟ କନ୍‌ଷ୍ଟେବଲ କାମରେ—"

"ଆରେ କନଷ୍ଟବଲ କାମ ସାମାନ୍ୟ ନୁହେଁରେ, ସାମାନ୍ୟ ନୁହେଁ, ସବୁକାମ ପରି ସେ ବି ଗୋଟାଏ କାମ, ତୁ କାହାର ଯୋତା ପୋଛୁଥିବୁ, ମୁଁ କାହାକୁ ସେଲ୍ୟୁଟ୍ ଦେଉଥିବି । କାମ ତ କାମ, ସବୁ ଏକା ।"

"ବାସ୍ତବିକ୍ ରାଜ, ତୋ Spiritକୁ ଧନ୍ୟ କହିବା, ଏତେ ବଡ଼ ବିପତ୍ତି ଆସିଲା ଗଲା, ସେମିତି ସେମିତି । ତୋ ପ୍ରତି ଖାଇ ମୋର ଭକ୍ତି ଆସୁଛି ।"

"ଭକ୍ତି ଆସୁଛି ! ପ୍ରଣାମ କର, ପ୍ରଣାମ କର । ଗାଁରେ ତୋ ବଡ଼ଦପୁରୁଷ ତ ମୋ ବଡ଼ଦପୁରୁଷ ପାଖେ ଆଣ୍ଠେଇ ଆଣ୍ଠେଇ ଗଲେ, ତୁ ଆଜି ପ୍ରଣାମଟାଏ କଲେ କ'ଣ ନୂଆ କଲୁ କି ? ଆଉ, ତୁ ମୋପାଇଁ ଏତେ ଦୁଃଖ କରନା, ତୋ ନିଜର ବହୁତ ଦୁଃଖ ବାକି ଥିବ ।"

"ମୋ ନିଜର ଦୁଃଖ !"

"ଆରେ, ସେ ଯେତେ ବଡ଼ ହେଉ, ଦୁଃଖଟା କୁଆଡ଼େ ଯିବ ? ଦୁଃଖ ଆସିବଇ ଆସିବ । ଏପାଖେ ଆସିଲେ,—ସେପାଖେ ଯିବ । ଦରମା ବଢ଼ିଲେ,—ମହଙ୍ଗାଭତ୍ତା କମିବ । ଏପାଖେ ଉଠିଲେ,—ସେପାଖେ ପଡ଼ିବ, ଆଉଥିବ ଯାଉଥିବ; ଯାଉଥିବ, ଆଉଥିବ. ଆଉଥିବ ଯାଉଥିବ—"

"ତୁ ଆଉ ମୋ ହାତକୁ ଏମିତି ହଲନା ଭାଇ, ସେ ଦେଖିବ କହିବ କୃତ୍ରିମ ନିଶ୍ୱାସପ୍ରଶ୍ୱାସର ଚେଷ୍ଟା କରେଇଚ, ଯୋଉ କାଟୁଚ—"

"ରାଇଟ୍,—କୃତ୍ରିମ ନିଶ୍ୱାସ ତୋର ଦରକାର, ଏ ଦୁନିଆ ଯାହା ହେଲଣି ତମେ ସବୁ ପାଠୁଆ ବାବୁମାନେ ଯାହା ହେଲଣି, ନିଶ୍ୱାସର ଭାରି ଅଭାବ । ଆନନ୍ଦର ବାଜଇ ନାଇଁ. ତାକୁ ଗଢ଼ିବାକୁ ଶକ୍ତି ବି ନାହିଁ । ଦୁଃଖରେ ଦମ୍ ଫାଟିଯାଉଚ, ସେଇ ହାତଗୋଡ଼ ଛଟପଟରେ ବାଜ୍‌ନେସ୍—ବାଜ୍‌ନେସ୍—"

ଭାବୁକି "କନ୍‌ଷ୍ଟେବ୍‌ଲ କବି କନ୍‌ଷ୍ଟବ୍‌ଲ—"

"ହବୁକି ହଁ, କବିତା ଆଉ ଫୁଟିବ କୋଉଥିରୁ. ତୁ ତ ପାଖରେ ନାହୁଁ—"

Digitized by srujanika@gmail.com

"ସତରେ, ତୋ କଥାଗୁଡ଼ା କବିତା ପରି ଶୁଭୁଚି—"

"ଜାଣିନୋଡ଼ି, ଆମ ଦାଦା ସୁରେନ୍ଦ୍ରଲାଲ ଛନ୍ଦ ଭଣିତା କରୁଥିଲେ—ଛାତ୍ର ସୁଖରେ ଆ ସଭ, ଯେବେ ଦେଖା ହେଲେ ତୁଣ୍ଡରେ ଏ ଷ୍ଟେନ୍ସପଦକ ଆଉ, ଯାଉଛୁ—ଡାଉଟି ଅଛୁ ।"

"ନମସ୍କାର୍—"

"ଧନ୍ଟେଡର—" ଚାଲିଯାଉଛି ସେ, ଲେଫ୍ଟ୍ ରାଇଟ୍, ଲେଫ୍ଟ୍ ରାଇଟ୍, ନଦ' ମଣିଷଟା ।

କେତେ ପୁରୁଣା ଜମିଦାରଘର ପୁଅ, ଖାନ୍ଦାନଘର ପୁଅ କନ୍ଷ୍ଟେବଲରେ ପରିଚଳ ପିଲାଦିନଟା ଯାଏ ଖେଳବଦର ହୋଇ, ବଉଳ ନଲାମ ଦେଣା ବାକିରେ ସବୁ ଚାଲିଯାଇ ରହେ ଖାଲି ପିତୃପୁରୁଷଙ୍କ ଦେହେଗର ଛାଟା, ଛେଗୁପିଟା ଗଢ଼ଣ, ତଶରର ବୁନିଆଦ । ପରମ୍ପରାର ଶାସକ ପ୍ରବୃତ୍ତିରୁ ତଥାପି ଇଚ୍ଛାହୁଏ ଶାସନ କରିବାକୁ । କାମ ଜୁଟେ ।

ମନେପଡ଼େ ରାଜାର କଥା, ଦ'ଣ୍ଡଟା ତ୍ରକର ପରିବାସ ବନ୍ଧାଥିଲେ ।

ମନେପଡ଼େ, ବନ୍ଧୁଲଆମି କରି ସୁନ୍ଦା ଚ୍ୟାଲେଲରେ ସେ ଥିଲା ବଡ଼ସ୍ଟେଟ, ତା ପରେ ?

ନା, ଗଡ଼ିଯାଉ ସେ ଅନ୍ଧାରେ ଅନ୍ଧାରେ କୂଅ ଭିତରକୁ, ଯାଉ, ଯାଉ ।

ବଳୀଦତ୍ତ ତରତର ହୋଇ ଘରକୁ ଚାଲିଛି ।

କନ୍ତୁ ଯେ ଚଳୁଡ, ଛୁବୁଧ ।

ମନେ ପଡ଼ୁଛି, ରାଜ ମୁହଁର ହସ ନଭ ନାହିଁ ତ ! କେଉଁଠି ତଥାପି ସେ ପୁରୁଣା Rati ର ଅନୁପାତ ସମାନ ରଖିଛି, କେଉଁଠି ତଥାପି ଅଛି ତାର ଅଧିକପଣ ।

ହଠାତ୍ ଯେମିତ ଏଂକଟ୍ ରାଓର ଗଣନା ଓ ବଳୀଦତ୍ତର ଭାଗ୍ୟ ସମାନ୍ତରାଳ ଅବସ୍ଥାରୁ ପରସ୍ପର ଆଡ଼କୁ ଢୁଙ୍କିଯାଇ ଏକାଠି ମିଶିବାକୁ ମନ ବଳାଉଛି । ସକାଳର କଥା,—ଏଙ୍କଟ୍ ରାଓ କହିଲା—"ଏଥର ଦାସ୍ 'ମିଠେଇ ରଖିଥା ।" ଅଥଚ ସମସ୍ତେ ଜାଣନ୍ତି, ଗୋଟିଏ ଉନ୍ନତ ପଦ ସମସ୍ତିଙ୍କ ମୁହଁ ଉପରେ ଖାଲିହୋଇ ଉଷେଇ ହୋଇଛି । ପ୍ରାର୍ଥୀ ଏଂକଟ୍ ରାଓ, ବଳୀ ଓ ଅନ୍ୟମାନେ । ବଳୀଦତ୍ତ ସନ୍ଦେହରେ ଚାହିଁଥିଲା,—ଏଙ୍କଟ୍ ରାଓ ଠିକ୍ କହୁଚି ତ ?

Digitized by srujanika@gmail.com

ସେତେବେଳେ କହୁଦେଇ ସାଣ ଏଂକଟ୍ ରୁଓ ଲେନ୍ସ୍ ଭିତରେ ନିଜ ତାହାଣ ହାତର ପାପୁଲିର ଖୋଲକୁ ନିରେଖୁଛି ନିବିଷ୍ଟ ମନରେ, ବୁଢ଼ାଆଙ୍ଗୁଠି ଟିଲୁ ଖୁନ୍ କୋରରେ ରଗଡ଼ି ଲାଗିଛି କଳାଦାଗ ଗୋଟାକୁ, ମୁହଁ ଉଦାସ । ବନ୍ଧୁର ପ୍ରଶ୍ନରେ ମୁହଁ ଉଠେଇ ହସି ଦେଇ କହିଲା,—"କ'ଣ କହିଲ ? ଠିକ୍ ଛ ? ହଁ ଠିକ୍, ଠିକ୍ ଅବଶ୍ୟ ଯଦି ଏ ସାଇନସ୍ ଠିକ୍ ହୋଇଥିବ ।"

ଏଂକଟ୍ ରୁଓର ଘଣ୍ଟାମାର୍କା ସିଗାରେଟ ଖୋଲରୁ ଶେଷ ସିଗାରେଟ୍ଟି ଓଟାଣ ନେଇ ଗୁଞ୍ଜି ଦେଇ ଦିଆସିଲି ମାରିଲାବେଳେ ବଳୀଦତ୍ତର ହାତ ଥରୁଥିଲା । ଲାଗୁଥିଲା,—ଆସନ୍ନ ଭବିଷ୍ୟର ଦୂରର୍ ଚେତ୍ ଲାଗିଛି ତା'ଠି ।

ସେଦିନ ଝରିବେଳେ— ।

ହଠାତ୍ ସାହେବ୍‌ର ଆଦେଶ, ସାଙ୍ଗରେ ଯିବାକୁ ହେବ । ଏକାଠି ସାହେବ୍‌ର ବଡ଼ ମଟରରେ ବସି ସାହେବ ସାଙ୍ଗରେ ଯିବାକୁ ହେବ ଗୋଟାଏ ଜାଗାକୁ, କାମ ଅଛି । ବଳୀଦତ୍ତର ମୁଣ୍ଡ ବୁଲିଗଲା ।

ଅଫିସର କାଚ କବାଟ ଆଗରେ ଠିଆହୋଇ ସେ ଆଗ ନିଜର ଚେହେରାକୁ ଦେଖିଲା । ଖୋଲା କବାଟ କାନ୍ଥସନ୍ଧିରେ ଅନ୍ଧାର ପାଇ ହୋଇଛି ଗୋଟିଏ ଦର୍ପଣ, ସବୁ ଦିଶୁଛି । ଦାନ୍ତରେ ପାନଦାଗ ନାହିଁ, ଜିଭରେ ଅଛି । ରୁମୁଦାନ୍ତରେ ରେନ୍ତ ରେନ୍ତ ସେ ତାକୁ ସଫା କଲା । ରଗଡ଼ି ରଗଡ଼ି କପାଳର ଝାଳ, କାନସନ୍ଧିର ପୁଟ, ନାକର ବଣ ବଣ । ପିନ୍ଧା ପୋଷାକ ଉପରେ ହାତ ପିଟି ପିଟି ଆଣିଲା । ଖୁବ୍ ଚଞ୍ଚଳ । ନିଜକୁ ସେ ଦର୍ପଣରେ ଶେଷ ଚାହାଁ ଚାହିଁଦେଇ ମା'ଙ୍କ ନାଁ ସ୍ମରଣ କରି ତରତର ହୋଇ ଧାଇଁଲା ।

ସାହେବ୍ ଠିକ ଗାଡ଼ିକି ଯାଉଛନ୍ତି । ପଶିଯାଇ ମଙ୍ଗଟକ ଉପରେ ହାତ ପକେଇଲେଣି । ପଛ ସିଟ୍‌ରେ ବସିଲାଣି ସାହେବ୍‌ଙ୍କ ମହାବଳୀ ଆଲ୍‌ସେସିଏନ୍ କୁକୁର, ଜିଭ ଲହ ଲହ କରୁଛି । ବଳୀଦତ୍ତ ମହା ସମ୍ଭ୍ରମରେ ଗାଡ଼ି କରରେ ଏମୁଣ୍ଡ୍ରୁ ସେମୁଣ୍ଡ୍ରୁ ତରତର ହୋଇ ଯା'ଆସ କରୁଛି । କ'ଣ କରିବ କିଛି ଠିକ୍ କରିପାରୁନାହିଁ । ସାହେବ ଏ ପାଖକୁ ଥରେ ମୁହଁ ବୁଲେଇଥିଲେ, ସେ ନଇଁପଡ଼ି ସାଲ୍ୟୁଟ ଦେଇଥିଲା । ତତ୍‌କ୍ଷଣାତ୍ ସାହେବ ଆରପାଖକୁ ମୁହଁ ବୁଲେଇନେଲେ । କଣ କରାଯାଏ ? କଣ କଲେ ପୁଣି ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଏ ? ଜାଣିବାକୁ ଇଚ୍ଛା ହେଉଛି,—ମନେ ପଡୁଛି ଯୋଡା ଖଡ଼ଖଡ଼ କରାଯାଇ ପାରେ । ଯଦି ସେ ରାଗନ୍ତି ? ଇଞ୍ଜିନ୍ ଗରଗଡ଼ ପରି ଘୁଡୁରୁ ଘୁଡୁରୁ କଲାଣି । ଏ କି ଦୁଃଖ ! ସ୍ୱର୍ଗର ଦ୍ୱାର ଥରେ ମେଲା କରି ଦେଇ ପୁଣି ମର୍ତ୍ତ୍ୟକୁ ଫୋପାଡ଼ିବାକୁ କିଏ ହାବୁକା ମାରୁଛି । ଅଥବା ମେଲ୍ ଚଢ଼ିଲା ବେଳକୁ କବାଟ ବନ୍ଦ, ଗାଡ଼ି ଛାଡ଼ି ଦେଉଛି, ଭିତରୁ କେଉଁମାନେ ଜୋରରେ ପେଲୁଛନ୍ତି । ସେହି ଦି ମିନଟ୍ ତା ପକ୍ଷରେ ଗୋଟାଏ ଯୁଗ ।

Digitized by srujanika@gmail.com

ତା ପରେ ଖରା ଝଲସିଲା । ବଡ଼ବାବୁ ଧାଇଁ ଧାଇଁ ଆସି କାଗଜ ତାଡ଼ାଏ ସାହେବଙ୍କ ହାତକୁ ବଢ଼ାଇ ଦେଲେ, ସାହେବ ଏଣିକି ମୁହଁ ବୁଲେଇଲେ ଖୁବ୍ ଜୋରରେ ଏମୁଣ୍ଡ୍ ସେମୁଣ୍ଡ୍ ଆକୁଳ ହୋଇ ଯା' ଆସ କରୁଥିବା ବଳୀବଦ୍ଧ ଫେର୍ ନଇଁପଡ଼ି ସଲାମ କଲା । ସାହେବ ପନ୍ତ ସିଟ ଦେଖାଇ ହୁକୁମ୍ ଦେଲେ 'ବସ' ।

ବସ୍ ବସୁ ଗୁଡ଼ିଦେଉଛୁ ଗାଡ଼ି, ଗାଡ଼ିର କବାଟ ସେ ଭଲ କରି ଧରି ପାରିନାହିଁ, ଖୋଲା ଅଛୁ, ପ୍ରାଣପଣେ ଓଟାରି ଧରିଛୁ । ଫେର୍ କୁଣ୍ଡିକିଲା, ଏଥର ସେ ଝାଙ୍କେଇଲାଣି । ହଠାତ୍ ସାହେବ୍ଙ୍କ ଏବରକ୍ତ ନଯା—ଁ ହାତରେ ଏକ ଟାଣ୍, ଝୁଙ୍କ୍—କବାଟ ବନ୍ଧ ହେଲା ।

ଏଥର ବଳୀବଦ୍ଧ ତାର ପିଶିଛିଡକୁ ନଯାଦେଲା । ଶକଟାକାର କୁକୁର, ସତେ ଅବା ଗୋଟାଏ ଗୃହପାଳିତ ବାଘ,—ଦୃକୋଣ । ହିଂସ୍ର ଦୃଷ୍ଟିରେ ଚାହିଁ ରହିଛୁ, ଆଁ କରୁଛୁ, ଜିଭ ଦେଖାଉଛୁ । ଆରମ୍ଭ କଲାଣି ଗୋଟାଏ ଗମ୍ଭୀର ଘୁମୁରା ବଳୀ-ଦଦ୍ଧର ଛାତିକୁ ରକ୍ତ ଶୁଖି ଯାଉଛୁ, ପାଟିରେ ଆସୁଛୁ ଗୋଟାଏ କଲକାଲିଆ ଚିତ୍କାର, ଖୁବ୍ ଜୋରରେ ସେ ବୋବାଇଲା—"ଇଲେ ବାପାଲେ ! ଇଲେ ମୋ ଦାଉିଲ ! ଖାଇଗଲା ଲେ !" ଅତି ପ୍ରାଚୀନ ଆଦିମ ଭାବପ୍ରକାଶର ସନାତନ ବାଟରେ ଗୁଡିର ବୋବ ହୁଗାଲ ଚର୍ଚ୍ଚିରେଇ ପଳାଇଲା,—ପଳାଇଲା, କିନ୍ତୁ ଚିତ୍କାର ଝଙ୍କ ହୋଇ ହେଉଛୁ ଏକପ୍ରକାର ସରୁହୋଇ କୁନ୍ଥେଇବାର ସାନ ଶବ୍ଦ, ଭୟଭୀତ ସାନ ଜନ୍ତୁର ଶବ୍ଦ । ଏଥିରେ କୁକୁରର ମିଜାଜ୍ ଆହୁରି ଗରମ ହୋଇଗଲା । ଏଥର ତାର ଗମ୍ଭୀର ଗର୍ଜନ ଅଗ ସିଟ୍‌ରେ ପହଞ୍ଚିଲା ଏବଂ ସାହେବ ଚିତ୍କାର କଲେ—Shut up Dick ଡିକ୍ କୁକୁର ଏତକ ନିର୍ଦ୍ଦେଶ ଖୋଜୁଥିଲା । ତାର ଘୁମୁରା ବନ୍ଦ ହେଲା । କିନ୍ତୁ ଏଣିକି ଯେ ବନ୍ଦ୍ ତା ବୃନ୍ଦେ । ତାର ପ୍ରକାଣ୍ଡ ମୁହଁ ଆଗକୁ ଗେଞ୍ଜି ବଳୀବଦ୍ଧର ଚିଲା ଉପରକୁ ଶୁଙ୍ଘି ଶୁଙ୍ଘି ଆବିଷ୍କାର କରିଗଲା । ତାର ପ୍ୟାଣ୍ଟର ଗୋଡ଼ର ଭାଗକୁ ଗୋଡ଼ରେ ଆଞ୍ଚୁଡ଼ିଲା ଓ ଦାଗ ଲଗାଇଲା ଓ ତାର କୋଡ଼ ଉପରେ ଗୋଟିଏ ଓଜନ ପାଦ ଥୋଇ ଥିର ହୋଇ ଶୋଇଲା ।

ଯାହା ହେଉ, ଏ ବି ଏକପ୍ରକାର ସନ୍ଧି, ଆଶାଙ୍କା ପଦେ ପଦେ,—ମନଟା ଟିକେ ପଦାକୁ ଉଡ଼ିଯାଇ ମେଘରେ ହଜି ନ ଯାଉଣୁ ଧୀରେ ଚୁଟିକି ଧରି କିଏ ଜଣେ ଓଟାରି ଦିଏ, ଚେତେଇ ଦିଏ,—ତୁ ଏଇଠି ଅଛୁ ।

ଏମିତି କେ ଗୁଡ଼ିଦେଲେ ଚେତନା ବେଶ୍ ପଦାଟିର ଉଷ୍ଣରେ ଉଡ଼ି ପାରୁଛି ସୁଡ଼ୁପରି । ଗାଡ଼ି ଚାଲିଛୁ । ଶାଂକିତ ହୋଇ ଲୋକେ ବାଟ ଛାଡ଼ି ଦେଉଛନ୍ତି, ଦଣ୍ଡବତ ଅସଂଖ୍ୟ । ଚଷା ଲୋକେ ଆଶ୍ଚର୍ଯ୍ୟ ହୋଇ ବଳୀବଦ୍ଧ ଆଡ଼କୁ ଗୃହୁଁଛନ୍ତି, ସେଉଁମାନେ ତାକୁ ମନେ କରନ୍ତି ମଣା ମାଛି ପରି ସେମାନେ ବି ମୁହଁ ଟେକି ଟିକିଏ ଅନେଇ ଦେଉଛନ୍ତି । ଗାଡ଼ି ଚାଲି ଯାଉଛୁ । ବାସ୍ତବିକ, ଚଳନ୍ତି ଗାଡ଼ି ଉପରୁ

Digitized by srujanika@gmail.com

ପୃଥିବୀଟା ଦିଶେ ଅନ୍ୟ ପ୍ରକାର । ସେଇ ଏକା ସଡ଼କ, ଏକା ଗଳି, ଏକା ଦୋକାନ ବଜାର, କିନ୍ତୁ ଭୂଇଁରେ ଚାଲି ଚାଲି ଗଲେ ସେ ମାଡ଼ି ମାଡ଼ି ପଡ଼େ, ଘୋଡ଼ାଗାଡ଼ିରୁ ସେ ଆଉ ପ୍ରକାରେ, ମଟର ଗାଡ଼ିରୁ ଆଉ ପ୍ରକାରେ—ରେଳଗାଡ଼ି ଭିତରୁ ସମ୍ପୂର୍ଣ୍ଣ ଆଉ ପ୍ରକାରେ—ସତେ ଯେମିତି ଖାଲି ଚଳନ୍ତି ସରେଇଘର ।

ଆସନର ଉଚ୍ଚତା ଓ ବାହନର ଗତିରେ ଦେଖଣାହାରର ବ୍ୟକ୍ତିତ୍ୱ ବି ଖାତୀଦାର ହୁଏ, ତାର ଆଖି ବଦଳେ,—ଭାବନା ବଦଳେ । ବଦଳିଯାଏ ପାରିପାର୍ଶ୍ୱିକ ଅବସ୍ଥାର ସଜାସଜିରେ ଟିକିଏ ଅଦଳବଦଳ ହେଲେ, ଟେବୁଲଟା ଘୁଞ୍ଚିଲେ କି ନଲ୍ ଟଣଟା କମିଲେ ବି ।

କି ଆଶ୍ଚର୍ଯ୍ୟ ! ବଳୀଦତ୍ତ ଭାବୁଥିଲା । ନିଶା ଖାଇଲେ ବି ତାର ମନଟା ଏପରି ଫୁଲନ୍ତା ନାହିଁ । ରାତ୍ରିର ପ୍ରଥମ ଅର୍ଦ୍ଧଘଣ୍ଟାରେ ସେ ଫୁଲି ଫୁଲି ପଦାକୁ ଚାହିଁଥିଲା, ନିଜେ ଉଚ୍ଚ ହୋଇ ସମସ୍ତଙ୍କୁ ତଳକୁ ଚାହିଁଥିଲା । ଦ୍ୱିତୀୟ ଅର୍ଦ୍ଧଘଣ୍ଟାରେ ମନରେ ଆସିଛି ଉଦାର ସମବେତ ଯୋଜନା, ବିସ୍ତୃତ ବିଶ୍ଳେଷଣ । ନୂଆ ଧାରଣା ମନକୁ ଆସୁଛି, ନୂଆ ଅନୁଭୂତିର ସ୍ୱାଦ, ନୂଆ କଳ୍ପନା । ସେ ଯେପରିକି ସତେ ସତେ ନିଜର କୃଶଫୁଟ ନଇଷ୍ଟ ଖୋଳ ଠେଲି ସତକୁ ସତ ଗଜାଶାଳ ପରି ବଢ଼ି ଉଠୁଛି । ଏଣିକି ସେ ନିଜ ଦୁଃଖ ଭୁଲି ପରକୁ ସହାନୁଭୂତି କରିପାରେ ।

ସାମ୍ନାରେ ଏଇ ସାହେବ, ବଡ଼ ସେ, କିନ୍ତୁ ଭାବିଲେ ଦୁଃଖ ହୁଏ । କାହିଁକି ସେ ମଦ, କୁକୁର ଓ ଘୋଡ଼ାରେ ମନ ବଳାଏ ? ଚୁପ୍‌ଚାପ୍ ବସିଛି, ଗାଡ଼ି ଚଳେଇଛି, କିନ୍ତୁ କେଡ଼େ ଏକୁଟିଆ ଓ ନିସ୍ତ୍ରୁଟିଆ ଦିଶୁଛି । କାମରେ ବୁଡ଼ିଲେ ସେ କଳପରି ଚାଲିଥାଏ । କାମରୁ ଉଠିଲେ ସେ ଜୀବନକୁ ମୁହାଁମୁହିଁ ଚାହିଁପାରେ ନାହିଁ; ଘୋଳି ହୋଇପଡ଼େ । ହେଇ ତ ସେଦିନ ଘରେ,—ଟେବୁଲ୍‌ରେ ଗଦାଏ କାଗଜ ପତ୍ର ଯଣ ଥୁଆ ହୋଇଥିଲା, ଦୁଆରମୁହଁରୁ ବନ୍ଧୁକ ଉଞ୍ଚେଇ ସେଇ କାଗଜଗଦାକୁ ଲକ୍ଷ୍ୟ କରି ସାହେବ ବନ୍ଧୁକର ଘୋଡ଼ା ଟିପୁଥିଲା, ମେମ୍‌ସାହେବ ଛଡ଼େଇନେଲା, ନହେଲେ କି କାଣ୍ଡଟା ଘଟିଥାନ୍ତା ? ସେ ପାଖେ ବେହେରା ବୁଢ଼ା ଆସି ଢୁଳୋଉଥିଲା, ଧଡ଼ପଡ଼ ହୋଇ ଉଠି ଆସିଲା । ଖାଲି କଣ ସେ ନିଶାପାଗଳ ହୋଇଥିଲା ସେ ଘଡ଼ିକ ନା ତାର ଗୋଟା ଜୀବନ ଉପରେ ବଢ଼ି ଉଠୁଥିବା ବିରକ୍ତି ସେଦିନ ହକି ମାରିଥିଲା ବନ୍ଧୁକ ମୁହଁରେ ?

ଆଉ ମେମ୍‌ସାହେବ, ସେଇଠି କଣ ସାହେବର ମନର ଭାବର ବ୍ୟବହାରରେ ଅବୁଝା ଅଡ଼ୁଆ ଜାଲର ଖିଅ ମିଳିବ ? ଭଗବାନ ଜାଣନ୍ତି । ବନ୍ଧୁ ଗହଣରେ ସେ ନାଚରେ ମାତି ଖଟାଖଟ୍ ନାଚେ, ସାହେବର ହାତରେ ହୁଏ ଓଜନ ।

ଆଉ ମଦ । ସେଦିନ ସେ କି ଅବସ୍ଥାରେ ତଳେ ଢଳି ପଡ଼ିଥିଲା, ପୋଷାକ ଦୁ' ଫାଳ ହୋଇ ଖୋଲି ଯାଇଥିଲା, ବେହେରା ପିଲାପରି ଟେକିନେଇ ଖଟରେ ଶୁଆଇ ଦେଇ ପଂଖା ଖୋଲିଦେଲା ।

Digitized by srujanika@gmail.com

ଛବ ପର ମେମ୍‌ସାହେବ । କିନ୍ତୁ ଛବ ପର ସେ ଆସେ ଯାଏ, ଖରାଦିନେ ତାର ଦରକାର ଉଟି ବା ଦାର୍ଜିଲିଂ ଯିବା, ଶୀତଦିନେ ବୋମ୍ବାଇରୁ କଲିକତା ଦୌଡ଼ିବା । ପ୍ଲେନ୍‌ରେ ଚଢ଼ିଇ ପର ସେ ଉଡ଼ିଆସେ, ଉଡ଼ିଯାଏ ଏକୁଟିଆ ।

ଅଦ୍‌ଭୁତ ଏମାନଙ୍କର ଦାମ୍ପତ୍ୟଜୀବନ ସଂସାର !

ଛୁଆ ଦୋଟି ବିଲାତରେ । ବୁଢ଼ା ବାପ ଗାଁରେ, ସେଠି ମେଣ୍ଢା ପୋଷେ, ବନସୀରେ ମାଛ ମାରେ ଅବସର ସମୟରେ ।

ଗୋଟିଏ ଭାଇ ଆଫ୍ରିକା ଉଠି ଯାଇଛି, ସେଠି ସେ ଶ୍ରମ କରେ ।

ଭଉଣୀ, ହଁ ବେହେରା କହେ ଭଉଣୀଟିଏ ବି ଅଛି, ଆଗେ ଜର୍ମାନୀରେ ଥିଲା ବୋଲି ଥିଲା, ବର୍ତ୍ତମାନ ହଂକଂରେ କେଉଁ ପାଦ୍ରୀର ସ୍ତ୍ରୀ । ଦାମ୍ପତ୍ୟଜୀବନ ସଂସାର ସତେ !

ଗୋଷ୍ଠାଯାକ ପୃଥିବୀ ତାଙ୍କ ଘର ।

ମଶ ବସ୍ତି ଉଠି ପଡ଼ି ଗ୍ଲଲିଛନ୍ତି । ବୋମା ମାଡ଼ରେ ଗାଗଣ୍ଡା ଜଳିଯାଉଛି ଥରକୁ ଥର, ଥରକୁ ଥର ଯୁଦ୍ଧରେ ଶ୍ମଶାନଚଣ୍ଡୀ ପାଖେ ବଳି ପଡ଼ୁଛନ୍ତି ଗଜା ବୟସିଆ ଛନଛନିଆ ଟୋକା ଯେତେ, ତଥାପି ଜୀବନଲେଖା ସଂସ୍କୃତି ଡାକ ପକେଇଛି,—କାଦୁଅ ଖାଅ, ରକ୍ତ ଖାଅ, ବଞ୍ଚ, ବଂଶ ବଢ଼ାଅ ଆଉ କ୍ଷତ-ବିକ୍ଷତ ଯୁଦ୍ଧର ଘମାଘୋଟ ଭିତରେ ରଡ଼ି ଛାଡ଼ୁଛନ୍ତି ପାକଳ ବୁଢ଼ା ମୁରବିମାନେ— "ଆଗାଅ ଆଗାଅ, ଦୁଃଖର କଳିଜା ଚିପୁଡ଼ି ତଥାପି ଆମେ ପାଇବା ଆନନ୍ଦର ରସ, ଏଇ ଅନ୍ଧାରରୁ ଆଲୁଅ ଉପୁଜିବ, ମାଡ଼ି ଗ୍ଲଲ, ମାଡ଼ି ଗ୍ଲଲ, ଢ଼ପ୍ ଢ଼ପ୍ ଢ଼ରେ, ଲିଂ ଲିଭ ଦ କିଂ ।"

ତେବେ ସାହେବ ଉଦାସ କାହିଁକି ? କ୍ଲାନ୍ତ କାହିଁକି ?

ବଳୀଦତ୍ତ ଭାବୁଛି, ସେ ଜାଣେ ବୁଝେ ।

ସାହେବର କଳ୍ପିତ ଦୁଃଖ ନିଜ ଉପରକୁ ନେଇ ସେ ଭାବୁଛି ବୁଢ଼ୀ ମା' ପର—ଅହା ! ଯାକୁଳିନ୍ତା, ଆଉଁଷନ୍ତା ତାର ଧୋଇହେଇ ମନକୁ ।

ପ୍ରିୟା ପର ଭାବୁଛି,— ସୁଖ ଦିଅନ୍ତା ।

ଦାସ ପର ଭାବୁଛି,—ସେବା କରନ୍ତା ମନ ଜାଣି ।

ଚେତନାରେ ବାଧା ଉପୁଜାଇ ସାହେବର କର୍କଶ ବଲବଲା—ଅରେ, ଢ଼ ଅର, ବଳୀଦତ୍ତ ବୁଝି ପାରୁନାହିଁ, ଚମକିଲା, ଆଗକୁ ନଇଁଲା । ସାହେବ ରୁଷ୍ଟ ହେଲଣି । କଣ ଭାବ ସେ ବିରକ୍ତ ହୋଇଥିଲା ।

କିନ୍ତୁ ବଳୀଦତ୍ତର ଚେତନା ପଛକୁ ଫେରିଛି, ଏଥର ସେ କେବଳ ଗର୍ବିତ, ନିଜ ପାଇଁ ।

Digitized by srujanika@gmail.com

ଆଗରେ ବାଟ ବନ୍ଦ କରି ଚାଲିଛି ଗୋଟାଏ ମଟର ଗାଡ଼ି । ବାଟ ଛାଡ଼ୁ-ନାହିଁ । ଡ୍ରାଇଭର ପାଖେ ବସିଛି, ଜଣେ ପ୍ରକାଣ୍ଡ ଚୁଟି, ବେକରେ ଘାଗଡ଼ା ମାଳି ଓ କଣ୍ଠି, ବାହାତଳେ ନାଲି ବଟୁଆ । ଚଢ଼ିଲା ପରି ବସିଛି, ମୁହଁରେ ଖେଙ୍କୁଛି, ଦରବୁଢ଼ା ହାତରେ ଇଙ୍ଗିତ କରୁଛି । ଡ୍ରାଇଭରକୁ ଗର୍ଛିପର୍ଛି ହୋଇ,—"ଆହୁରି ଜୋରରେ, ଆହୁରି ଜୋରରେ ।"

ଖେବନ ସାହୁ । ଇଟା ପୋଡ଼ାଏ, କଣ୍ଟ୍ରାକ୍ଟରି କରେ । ମୁକ୍ତ ବଜାରରେ ଚମ୍ପୁ-କଳା ଯୋଗାଣି ଟଙ୍କାର ସ୍ତୂପ ତାର, କଳାକୁ ଟଙ୍କାଏ । ନୂଆ ଧନୀ । ଟିପ ଦିଏ । ବ୍ଲେଟ ଖଣ୍ଡେ ପିନ୍ଧେ ।

ଦାନାପାଣିର ମୂଲ୍ୟରେ ଜନ୍ମୀ ଖେବନ ସାହୁ ।

"ଥୋଡ଼ା କେଆର୍ କରେ ? ହେଁଃ ।"

ସାହେବ୍‌ର ପଁ ପଁ ନ ମାନି ପ୍ରଚୁର ଧୂଳି ଉଡ଼େଇ ମଦୁଆ ପରି ଟଳି ଟଳିକା ତାର ମଟର ଆଗେ ଆଗେ ପଳେଇଲା ।

ସାହେବ୍ ଲାଲ୍ ପଡ଼ିଛି, ବାଁ ଆଙ୍ଗୁଠିର ମୋଟା ନଖ କାମୁଡ଼ି ପକାଉଛି ।

"ହେଇ, ବ୍ୟାବୁ, ସେ ମଟରର ନମ୍ବର ନୋଟ୍ କରନ୍ତୁ ?"

ଗଡ଼ଗଡ଼ କରି ବଳୀଦତ୍ତ ହାଙ୍କଗଲା ଖେବନ ସାହୁର ନାଁ ଗାଁ ଓ ତାର ମଟର ନମ୍ବର । ଉତ୍ସାହରେ ଭୁଲିଗଲା ଯେ, ମଟରର ମାଲିକର ନାଁ ଗାଁ ଲେଖା ନ ଥାଏ । ଆଉ ନମ୍ବର ନେଲେ ସାହେବ୍ ବା କଣ କରିବ ? ସେ ତ ସରକାର ନୁହେଁ, କୁମ୍ପାନିର ସାହେବ୍ । କିନ୍ତୁ ସେଥିରେ କଣ ଅଛି ? ପଚାରିଲା ମାତ୍ରେ ସବୁ ଖବର ସେ ଦେଇପାରିଛି । ଜୟ ମା କାଳୀ !

"ହୁଁଃ" ସାହେବ୍ ଚମକିତ, "ଆଚ୍ଛା, ଟିପି ରଖ ।

ପାଇବ ଏଥର ଖେବନ ସାହୁ । କିନ୍ତୁ ସାହେବ ଚମକିତ ହେଲା କାହିଁକି ?

ପୁଣି ସନ୍ଦେହ, ପୁଣି ଅବିଶ୍ୱାସ ।

ଖେବନ ସାହୁ ଧୂଳି ଉଡ଼େଇ ଚାଲି ଯାଉଛି ।

ବଳୀଦତ୍ତର ଥର୍ମୋମିଟରର ପାରା ଦପ୍‌କିନା ଖସିପଡ଼ିଲା ତଳକୁ, ଖସିପଡ଼ି ସେ କେଉଁଠି ଲୁଚିଗଲା । ସେ ବିଶ୍ୱଜୟୀ ନୁହେଁ, ସେ କିଛି ନୁହେଁ, ସେ ଖାଲି ବଳୀଦତ୍ତ, ଦାନାପାଣିର କଣିକା ଗୋଟେଇବାକୁ ଗୋଟିଏ ପିମ୍ପୁଡ଼ି ।

ଲୋକେ କେତେ ବଡ଼ଲୋକ ହେଲେଣି,—ଓଃ !

ନଈକୂଳେ ଯେଉଁମାନେ ତୁଚ୍ଛା ହାଓ୍ୱା ଖାଉଥିଲେ, କେତେ ଉଞ୍ଚ ଡାଳକୁ ଚଢ଼ିଗଲେଣି ସେମାନେ ! ଓଃ !

କୁକୁରଟା ତା ଉପରେ ଅଧେ କାୟା ଲଦି ଦେଇ ଶୋଇଛି ।

ମନେ ପଡ଼ୁଛି ବାପ ବୁଢ଼ା କଣ କରୁଥିବେ ?

Digitized by srujanika@gmail.com

କୁକୁର ଦେଖିଲେ ଆଗ ତାଙ୍କ ତୁଣ୍ଡରୁ ବାହାରେ—"ଡାଡ଼ା ବାଡ଼ା—ଛୁଇଁଦେବ—ମାରି କରିଦେବ—"

ଦୀର୍ଘଶ୍ୱାସ ପକେଇ ସୀଟ୍‌ର ପଛ ଆଡ଼କୁ ବଳୀଦତ୍ତ ବସି ରହିଲା ।

ସନ୍ଧ୍ୟା ।

ଦିନର କ୍ଲାନ୍ତି ଶେଷରେ ଶୁଖିଲା ମୁହଁରେ ଦାଣ୍ଡ କବାଟର କଡ଼ା ହଲେଇଲା ବେଳକୁ ବାସିଧୋବପିନ୍ଧା ବ୍ଲାଉଜପିନ୍ଧା ମୁଣ୍ଡରେ ପାଢ଼ ପକା ଗୋଟିଏ ସତ୍ରୋଜ୍ଞମୀ ହସ ହସ ମୁହଁରେ କବାଟ ଖୋଲି ଧରି କହିଲା—

"ମହାପାତ୍ରେ ଆସିଥିଲେ ।"

"ମହାପାତ୍ରେ ! କୋଉ ମହାପାତ୍ରେ ?" ରହସ୍ୟ କରି ବଳୀଦତ୍ତ କହିଲା,—"ମାରୁଥିଲେ ମହାପାତ୍ରେ ଗୁହିଁଥିଲେ ଜଲକା, କିଏ ସେ ମହାପାତ୍ରେ ?"

"ହଁ, ଜାଣି ନାହାନ୍ତି କି ସତେ ! ଟ୍ରେଜରି ହଉଚନ୍ତି । ତମର ସେଇ ମୁଁ, ଯାହାଙ୍କ କଥା ଏତେ କହ, ତମ ମଝିଆଁ ସାହେବ୍ କି ସାନ ସାହେବ୍ କି କି ସାହେବ୍,—ସେଇ ମୁଁ କହି ଯାଇଚନ୍ତି ତୁମେ ଯିବ ।"

"ଆସିଥିଲେ ? ଆସିଥିଲେ ? ତମେ କେମିତି ଜାଣିଲ ? ଆଉ କଣ କହିଚନ୍ତି ?"

"ମାଲେ, ଚରିଖଣ୍ଡେ ପିନ୍ଧି ଦର ଓଲୋଉଥିଲି, ଦାଣ୍ଡପିଣ୍ଡାରେ ଦେଖିଲି କିଏ ଜଣେ ମିଣିପିଟାଏ, କହିଲେ, ବଳୀଦତ୍ତ ବାବୁ ଫେରିଲେଣି ?" ମତେ କେମିତି କାଠ କାଠ ଲାଗିଲା । କହିଲେ, ମୁଁ ମହାପାତ୍ର, କି ସାହାବ କହିଲେ ! ଫେରି କହିଲେ,—'ଘରେ କଣ କେହି ନାହାନ୍ତି ? ଭାରି ଶୋଷ ହେଉଚି ।' ଭାବିଲି, ଦେଖ ପୁଣି ସାହାବ ! ଲୋକଟା କି ଅଦ୍ଧଟାଏ ମୁଁ । ଘରଭିତରକୁ ଗଲି, ଲୁଗାପଟା ପାଲଟିଲି, କିଛି ସମୟ ଗଲା, ଫେର୍ ଦେଖିଲି ଲୋକଟା ଦାଣ୍ଡ ପିଣ୍ଡାରେ ପହରାବାଲା ପରି ଟହଲୁଚି । ଭାବିଲି ସତେରେ ଭାରି ଶୋଷ ହେଉଥିବ ପରା । ସାହସ ପାଇଲି, କାଗେଜ ଚୁପୁଡ଼ି କାଚ ଗିଲାସରେ ପାଣି ଗିଲାସେ ଧରିଲି, କବାଟ କଣେ କଣେ ଯାଇ ପିଣ୍ଡାରେ ଥୋଇଦେଲି । ଢକ ଢକ କରି ପିଇଦେଇ କହିଲେ 'ଓଃ ! ଆମ ଘରଆଡ଼େ ଆପଣମାନେ ବୁଲି ଯାଉନାହାନ୍ତି କାହିଁକି ? ବଳୀଦତ୍ତ ବାବୁ ଆସିଲେ କହିଦେବେ ସେ ଯିବେ, ଜରୁର୍ କଥା ଅଛି ତାଙ୍କ ଚାକିରି ବିଷୟରେ ।' ଆଚ୍ଛା, ତମ ସାହେବଙ୍କ ଆଖି ସବୁ କଣ ବଲେଇ ଆଖି,—ଅନ୍ଧାରରେ ବି ଦାଉ ଦାଉ ଜଳେ,—"

Digitized by srujanika@gmail.com

ସବୁ ଠିକ୍ ଠିକ୍ କହୁଛି ।

ଆଖି ଜଳବାଯାକେ ।

ଛୁଡ଼ିଯାଇଛି କେବଳ ଗୋଟିଏ ଅଦରକାଣ୍ଡ ପାନ କଥା, ଶୋଷର ଶେଷରେ ମହାପାତ୍ରେ କହୁଥିଲେ, "ପାଣି କେତେ ବାସୁଛ—" ମାନେ କି ହଟହଟା କଥା, ପାଣି ଫେର୍ ବାସେ ! ଆଉ ପାଣି ପିଇସାରି ତାଙ୍କ ସ୍ୱାଭାବିକ ହୃସାଗପଣରେ କାଚ ଗିଲାସଟି ତଳେ ନ ଥୋଇ ହାତକୁ ହାତ ବଢ଼େଇ ଦେଉଥିଲେ,—କହୁଥିଲେ, "ତଳେ ଥୋଇଲେ ଖଙ୍ଗିଯିବ," ଆଉ ଆପଣା ଆଙ୍ଗୁଠି ଟିପରେ ଗୋଟାଏ ଦେଖଣୀରୁଆ ଟାଣ ଗୃପ, ବଢ଼େଇ ଧୋଉ ଦେଉ ପଡ଼ିଯିବ ବୋଲି ଗିଲାସକୁ ସେ ମୁଠେଇ ଧରିଥିଲେ ନିଷ୍ଟସ୍ୱ ।

କଥାଗୁଡ଼ାକ ବଳୀଦତ୍ତଙ୍କୁ ଟିକିଏ ଅଡ଼ୁଆ ଅଡ଼ୁଆ ଲାଗୁଥିଲା । ମନ ଭିତରେ କେଉଁଠି ଟିକିଏ କଳାମେଘ, ସେ ଯେପରି ଖିପାରେ ଫେରୁଦେବାକୁ ଚାହେଁ, "ଶୁଖୁଆ ପୋଡ଼ା ଦେଖିଲେ ବିରାଡ଼ିର ଆଖି ଗ୍ରୁଁକୁ ଜଳେ ।" କିନ୍ତୁ ସରୋଜିନୀ କେତେ ଖୁସି ଆଜି, ପାଦ ତଳେ ପଡ଼ୁନାହିଁ, ସ୍ୱାମୀର ସାଫଲ୍ୟର ଅନୁଭୂତି ନିଷ୍ଟସ୍ୱ ତାକୁ ଫୁଲେଇ ଦେଉଛି· ଏକା ଆମ୍ବା ତା । ମହାପାତ୍ରେ ବୁକିଶ ବିଷୟରେ ଜାଣିଛନ୍ତି,—ବୁକିଶରେ ଉନ୍ନତି କରୁ ହେବ, ନିଷ୍ଟସ୍ୱ ହେବ, ଏଂକଟ ସାଓ କହୁଥିଲ ବ ତାହା । ବୁକିଶ । ବୁକିଶ ଆଜି ସବୁ ସୁନ୍ଦର । ସରୋଜିନୀ କେତେ ସୁନ୍ଦର । ମଣିଷ ଏଇଆ ତ ଚାହେଁ ଘରକୁ ଫେରିଲାବେଳେକୁ । ସଫାସୁତୁରା, ସୁବେଶିନୀ, ହସ ହସ । ନ ହେଲେ ଘରଲିପା ଗୋବର ଜଲ୍ ଜଲ୍ ହାତ, ମୁହଁରେ ହାଣ୍ଡି କଳା, ନୁଖୁରା ଫୁରୁଫୁରୁ ମୁଣ୍ଡରେ ଚୂଲିଫୁଙ୍କା ପାଉଁଶ, ଛିଃ । ସରୋଜିନୀ ବାସୁଛି, ମୁହଁରେ ବାସ୍ନା ସ୍ନୋ ଟିକିଏ, ଏକ୍‌ଲଟ୍ , ଯାହା କେବେ କ୍ୱଚିତ୍ ବାହାରେ ।

ଆଜି ନିଷ୍ଟସ୍ୱ କିଛି ବିଶିଷ୍ଟ ଦିନ ।

ବୃହସ୍ପତି ଚଳୁଛନ୍ତି ।

କାହିଁ ସେ କଳା ମେଘ ? ମନର କେଉଁ କଣରେ ଲୁଚିଲାଣି । ବଳୀଦତ୍ତର ପଥରର ମଞ୍ଚ ଧସେଇ ଧସେଇ ମାଡ଼ି ଆସୁଛି ବଢ଼ିର ଜୁଆର, ବ୍ୟକ୍ତିତ୍ୱକୁ ଆଚ୍ଛନ୍ନ କରି ରାଉ ରାଉ ଗର୍ଜୁଛି ବୃଦ୍ଧି ଅସୁମା ।

ସରୋଜିନୀ ତାର ଦାରକାର, ଏଇ ମୁହୂର୍ତ୍ତରେ ।

ମନ ଗହ୍ୱରର ଦଖଲ ଅଧିକାର ଆଶିଦରଣା ହୋଇ ନିଜକୁ ଜାଣିବାକୁ ଚାହେଁ ସରୋଜିନୀ ଉପରେ, ସେ ଗୋଟା ପୁରା ତାର, ଆଉ କାହାର ନୁହେଁ !

ତା ପରେ ବୁଲିଯିବାକୁ ହେବ ମହାପାତ୍ର ଘରକୁ,—ସସ୍ତ୍ରୀକ ।

Digitized by srujanika@gmail.com

ମୁହସଞ୍ଜ, ଚଆଁ ଜଗତ ! କଣ ଅଛି ତହିଁରେ ? କବାଟକିଲା ଘରେ ସେ ଅନୁଭବ କରିବାକୁ ଚାହେଁ ମାଲିକ ସେ ନିଜେ, ଗୋଟାଏ ଉଗ୍ର ହିଂସାର ତୋଫାନ୍, ଷେକ ନ ଥାଇ ପଶୁର ଆକ୍ରମଣ ।

ସରୋଜିନୀ ଚିତ୍କାର କରୁଛି,—ଆରେ—ଆରେ—ଆରେ ।

ଆନନ୍ଦ କି ବିରକ୍ତି ବୁଝି ହେଉନାହିଁ ।

ବଳୀଦତ୍ତ ହି ହି ହସୁଛି, ସେ ହସ ବିଜୟୀର ଉଲ୍ଲାସ ବା ଆହତର ଆର୍ତ୍ତ ଚିତ୍କାର ।

ରାସ୍ତା ଆରପାଖ ଘରୁ କଲେଜଛାତ୍ର ଆବୃତ୍ତି କରୁଛି ସେକ୍ସପିଅରଙ୍କ ଷ୍ଟୀଚ୍‌ଟିଏ ଖୁବ୍ ବୀରଦର୍ପରେ,—"ହାଉଲ୍ ହାଉଲ୍ ଓଇ ୱିଣ୍ଡ୍ସ୍—"

"ଚାଲ, ଡେରି ହେବ ଯେ ।" ବଳୀଦତ୍ତ ତରତର କଲା । ସେ ଶୀଘ୍ର ଶୀଘ୍ର ତାର ବୁଲିଯିବା ବେଶ ପିନ୍ଧିଦେଇଛି, ଧୋବ ଲୁଗା, କାମିଜ୍, ଓଦା ଗାମୁଛାରେ ମୁହଁ ରଗଡ଼ୁଛି, ମୁଣ୍ଡରେ ପାଣିହାତ ମାରି ସାଉଁଳୁଛି, ସରୋଜିନୀ ଅଳସ ହୋଇ ବସି ପାନ ଖାଉଛି, ଯିବାକୁ ଫୁର୍ତ୍ତି ନାହିଁ । କହିଲା, "ମୁଁ କହୁଛି ଆଜି ଯିବାନାହିଁ, ଥାଉ,—ଡେରି ହେଲଣି, ଫେରିଲାବେଳକୁ କେତେ ରାତି ହେବ, ବୁଝିଲ ?"

"ଆଉ ଗୋଟାଏ ହବ ? ସେ ଡାକିଥିଲେ । ଉଠ—"

"ତମେ ଯାଅ । ଅଚ୍ଛା, ଯେଉଁମାନେ ଯିବାକୁ ଡାକନ୍ତି, ଗାଡ଼ି ପଠାନ୍ତି ନାହିଁ କାହିଁକି ? ତାଙ୍କର କଣ ନାହିଁ ?"

"ହଉ ଠାକୁରଙ୍କ ଡାକ, ଗାଡ଼ିରେ ବସିବ । ଯିବ ଚାଲିଲ, ମୁଣ୍ଡ କୁଣ୍ଡାଅ ।"

"ମୁଣ୍ଡ ତ କୁଣ୍ଡେଇଛି—"

"ଚାଲ ନ, ଖାଲି କଥା !"

ପାଞ୍ଚ ମିନିଟ୍ ପରେ ସରୋଜିନୀ ଜଣାଇଲା, ସେ ପ୍ରସ୍ତୁତ । ହାଇ ମାରି କହିଲା,—

"ହଉ ଚାଲ—"

"ଏ କଣ କରିଚ ? ତୁମ ଭଲ ଶାଢ଼ୀଟା କଣ କଲ ?"

Digitized by srujanika@gmail.com

"ଧୋବାଘରେ ପଡ଼ିଚ ।"

"ଆଉ ଚଟି ? ଚଟି ଧଟା ତ ମାତ—"

"ଏତେ ସିଧା ହେଉଚ ବସି, ଯିବ ଯଉ ଗ୍ଭଲିଲ, ନଇଲେ ମୁଁ ଯିବ କାମ କରିବ ।"

"ଜାଣି ଲ ସରୋଜ, କାମ ତ ସବୁବେଳେ ହେଉଚ, ଅକାମରେ ଅଧନଆ ବାଧ୍ୟାର ।"

କହିଦେଇ ସେ ଖୁସିହେଲା, ଲାଗିଲା ଖୁବ୍ ପାଣ୍ଡିତ୍ୟପୂର୍ଣ୍ଣ କଥାଟିଏ କହିଦେଇଛି । ଘରେ ତାଲା ପକାଇ ଦୁହେଁ ବାହାରିପଡ଼ିଲେ ।

ଅଜି ରାସ୍ତାରେ ଜୀବନଶକ୍ତିର ଢେଉ ଖେଳୁଛି, ନିତ୍ୟ ଗତର ସେହି ଅନ୍ଧାର ରାସ୍ତା, ଆଜି ସେ ନୂଆ । ଆଜିର ଜୀବନ—ଅନୁଭୂତ ଜଗତରେ ପୋଡ଼ି ଜଳି ନାହିଁ, ଅଭିବଞ୍ଚନ ପ୍ରାଚୁର୍ଯ୍ୟରେ ଅଚେତ ହୋଇ ଶୋଇନାହିଁ, ଆଜି ପଦେ ପଦେ 'ମୁଁ' ମନେପଡ଼େ, ଚଞ୍ଚଳ କରେ ଆଶା । ବଳୀଦତ୍ତ ଜୀବନକୁ ଅନୁଭବ କରି କରି ଗ୍ଭଲିଛି । ରାସ୍ତାରେ ସରୋଜିନୀକୁ ଲକ୍ଷ୍ୟ କରି କହିଲାଣିଚି ବଡ଼ ବଡ଼ କଥା, ରହସ୍ୟ କରୁଛି, ନିଜ ପ୍ରଶ୍ନର ନିଜେ ଉତ୍ତର ଦେଉଛି, ଯେପରି କି କଥା କହୁଛି ନିଜ ସଙ୍ଗେ ।

ସରୋଜିନୀ ମଉନ ହୋଇ ଗ୍ଭଲିଛି, ଗାଧୁ ପରି ତାକୁ କିଏ ଅଡ଼େଇ ନେଇ ଗ୍ଭଲିଛି ! ମନରେ ଅଜଣା ବିଫଳତାର କରୁଣ ଧ୍ୱନି, ଦେହରେ କ୍ଳାନ୍ତି, ବିରକ୍ତି । ଏ ଜୀବନ ତା ପକ୍ଷରେ ଯେପରିକି ଏକ ଘନଘୋଡ଼ିଆ ଦଉଡ଼, ଯିବାକୁ ତ ହେବ,— ପଞ୍ଚା ଉଠି ।

ସାମନାରେ ମହାପାତ୍ରଙ୍କ ବଡ଼ ଘର, ସରୋଜିନୀ ଦବି ଦବି ଯାଉଛି; ବଳୀଦତ୍ତ ଟେକି ଟେକି ଉଠୁଛି । ସରୋଜିନୀର ବ୍ୟକ୍ତିତ୍ୱରେ ଲଘିମା,—କିଏ ଏଠି ତାର ପରିଚୟ ? ବଳୀଦତ୍ତ ପରିସ୍ଥିତିକୁ ଚେତନାହୀନ । ଫାଟକ ହେଲା । ଏହି ଫାଟକ ଗୋଟାଏ ଚତ୍ତ୍ୱାଜୀବନର ରୂପକ, ସେଠି ଉପରତଳ, ବଡ଼ ସାନ, ଦାସ୍ତିତ୍ୱ । ସିଲଣ୍ଡ୍ରିକେଲ୍ ଟବମାର କାଚ ପରି ପୁଣି ଜୀବନର ଦୃଷ୍ଟିକୋଣ ଘୁରିଯାଇ ଦେଖାଉଛି ନୂଆ ରୂପ । ଶିଉଳିବୋଲା ମୋଟା ମୋଟା ସ୍ତମ୍ଭ ଦ'ଟା, ମଝିରେ ଆଲକାତରାବୋଳା ଶାଳକାଠର ଠିଆବାଡ଼ ଛନ୍ଦାହୋଇ ଫାଟକ, ସେହି ସେ ଜୀବନର ଦାନ୍ତୁରି ହସ, କଳାମିଶ୍ମିଶ୍ । ତାହାର ଅଡ଼କୁ ଗ୍ଭହିଁଲେ ବଳୀଦତ୍ତକୁ ଦିଶେ ଆପଣାର ଚତ୍ତ୍ୱା ବ୍ୟକ୍ତିତ୍ୱ, ମହାପାତ୍ରେ ବା ଉପରିକଦଳଙ୍କ ତାରତମ୍ୟରେ, ସେ ବ୍ୟକ୍ତିତ୍ୱ ବଙ୍କା,—ସିଧା ନୁହେଁ, ସରୁ,—ମୋଟା ନୁହେଁ, ଖର୍ବ,—ଉନ୍ନତ ନୁହେଁ । ଦେହ ବଙ୍କେଇ ମୁହଁ ନୁଆଁଇ ମୁଣ୍ଡବାଳରେ ଦୋଟି ଆଙ୍ଗୁଠି ହୁଳି ବୁଲାଇ ପରି କଣେଇଁ କଣେଇଁ କୃତଜ୍ଞ ଗ୍ଭହାଣୀ, ଭଦ୍ରମିଶା ପାଟି, ଅଲିଭ ଫାଙ୍କ, ଧାଡ଼ିଏ

Digitized by srujanika@gmail.com

ଦାନ୍ତ, ଟେଙ୍କ୍। ଭାବେ,—ଖୋଲୁଛି, ବୁଜୁଛି, ଖୋଲୁଛି ବୁଜୁଛି, ସେ ଏକପ୍ରକାର ହସ । ସେଠି ସୌରଭ ନାହିଁ, ଅଛି ଦାନାପାଣିର ଚେତନା, ପେଟ ଗୃଧ୍ରକ ପାଇଁ ସହଜ ଦାସ୍ୟ ଭାବରେ ସୁବିଧାଭିକ୍ଷା ।

ବଳୀବର୍ଦ୍ଦ ଠିଆହେଲା, ପଦାରେ ତାର ଦ୍ରୁତ ପରିବର୍ତ୍ତନ ଲାଗିଛି, ଜନ୍ତୁ ଭିତରର ବନ୍ଧୁରୂପୀ ପ୍ରକୃତ ରକ୍ଷାକବଚ ଫିଟାଉଛି, ପାରିପାର୍ଶ୍ୱିକ ଅବସ୍ଥାରୁ ରଙ୍ଗ ଘେନୁଛି ।

ସରୋଜିନୀ କହିଲା—"ଏଇ ମହାପାତ୍ରଙ୍କର ଘର ? ଭିତରକୁ ଚାଲ, ଠିଆହେଲ କାହିଁକି ?"

"ରଇଥା" ବଳୀବର୍ଦ୍ଦ କହିଲା, "ପରିଚ୍ଛା କରେଁ," ତା ସ୍ୱରରେ ଡାକିଣୀ ପଡ଼ିଛି । ସରୋଜିନୀ ଏଣେତେଣେ ଚାହିଁଲା । ସ୍ୱାମୀର ରୂପ ପରିବର୍ତ୍ତନର କଥା ବୁଝେ ନାହିଁ ସେ ଅବୋଧୀ । ଭାବୁଛି, ଏଇ ଘରେ ଯେ ଥାନ୍ତି ଆସିଥିଲେ ସେ ଆଜି ।

ଗିଲାପ ବଦଳେଇ ଦେଲେବେଲେ,—ଛିଃ ।

ଏଇ ତାର ସ୍ୱାମୀ, ତାର ଗର୍ବର ଟେକ ।

ଜନ୍ତୁ ମଣିଷର ଚମ ତ ପଥର ନୁହେଁ, ସେ ସ୍ପର୍ଶ ଗ୍ରହଣ କରେ ।

ଗୋପନରେ ଗୋଟାଏ ଛବି କଳ୍ପନା କରିହୁଏ, ସେଥିପାଇଁ ସ୍ଥୂଳ ନିଦର୍ଶନ ପ୍ରୟୋଜନ ନାହିଁ, ନାରୀମନର ସୂକ୍ଷ୍ମ ଅନୁଭୂତିହିଁ ଯଥେଷ୍ଟ ।

ସେ ଗୋଟିଏ ଅଶାନ୍ତ ପୁରୁଷର ଛବି, ଦୁଃଖୀ, ଦରିଦ୍ର, ପିପାସୁ ।

ହିଁ, ତାଙ୍କର ବଡ଼ ଶୋଷ ।

ଦୟା ହୁଏ ।

ଆଉ ଏଇ ଫାଟକ ପାଖେ ଠିଆହୋଇ ଗୋଟେ କୁତୂହଳ,—ଏଇ ଘରେ ଯେ ଥାନ୍ତି, ସେ, ତାଙ୍କର ସ୍ତ୍ରୀ, ତାଙ୍କର ସନ୍ତାନମାନେ । କିପରି ସେ ସ୍ତ୍ରୀ ?

ସରୋଜିନୀର ମନରେ ଦୁଃସାହସିକ ଆବିଷ୍କାରକର କୁତୂହଳ । ନୀରବରେ ସେ ହସୁଛି ।

ଅତି ସନ୍ତର୍ପଣରେ ଚାଲିଛି ବଳୀବର୍ଦ୍ଦ ପଛେ ପଛେ ସରୋଜିନୀ, ତାର ଗତିରେ ଅହେତୁକ ଯୌବନର ମାଧୁର୍ଯ୍ୟ ।

Digitized by srujanika@gmail.com

ଖାଲି ଦେହରେ ଲୁଙ୍ଗି ଖଣ୍ଡେ ବେଢ଼େଇ ହୋଇ ଗୁଡ଼ାଖୁ ଟେଲାଏ ଧରି ଦାନ୍ତ ଘଷି ଘଷି ଟହଲୁଛି ଗୋଟାଏ ଲୋକ, ବେଳ ସାଢ଼େ ଆଠ । ବାର ହୁଅନ୍ତା ନାହିଁ, କିନ୍ତୁ ଗୁଡ଼ାଖୁ ଯୋଜନାରେ ଧାରାପ୍ରବାହୀ ତୁଣ୍ଡରୁ ତାର ବଳବଳେଇଲା ପରି ବାହାରି ପଡ଼ୁଛି କେତେଗୁଡ଼ିଏ କଥା, ତାର ପ୍ରତିଧ୍ୱନି ପରି ଦାଣ୍ଡର ଅନ୍ୟ ଜଳଜଳ ଘରୁ ସେହି କଥାକୁ ଉଚ୍ଚାରଣ କରୁଛି ଜଣେ, ସ୍ୱର ବିନୀତ ।

"ଆରେ ଟାଉ ଟାଉ କରି ଲେଖ, କଣ ଆଳ୍, କହିଲେ କାଲ୍ ବୁଝିବ, ଲେଖୁଚ ଖମ୍ବଆଳୁ । ଜଲ୍ଦି କର । ହେଃ, ତମର ଉନ୍ନତିର ଆଶା ନାହିଁ, କହାତ ଘରକୁ ଯିବାକୁ ଖୋଜୁଚ । ତୁମମାନେ ମାଗଣା ଦରମା ଦଉଚ, ନାହିଁ ? ଫୁର୍ତ୍ତି ଲେଖ, ଶୁଣୁଚ ?"

ଦସ୍ତୀକ ବଳୀଦତ୍ତ ।

"କିଏ ? କିଏ ସେ ସେଠି ? ଆରେ ଗୋପାଳିଆ,—କହିଥିଲି ନା କାମ ହଉଚ, କାହାକୁ ଛାଡ଼ିବୁ ନାହିଁ, ଏଁ ? ରହ, ଦହଟି ଅଣ୍ଡାକରି । କିଏସେ ସେଠ ? କୁଆଡ଼େ ଆସିଚ ? ଏଠି କିଛି ନାହିଁ ଯାଅ,—ଭଗୋ, ଅଫିସରେ ଦେଖାକର, ଚୂନ ହୋଇ ଠିଆହେଲ ଯେ, କଥା କହୁନା କାହିଁକି ? କିଏ ?"

"ସାର—

"ଓ ମିଷ୍ଟର ଦାସ୍, ଆଉ କିଏ ସାଙ୍ଗରେ ?"

"ସାର୍, ପିଲମାନେ ଆସିଚନ୍ତି—"

"ଓ ଆଇ ସୀ, ଆସନ୍ତୁ ଆସନ୍ତୁ, ଭିତରକୁ ଆସନ୍ତୁ, ମୁଁ ବାଟ ଦେଖାଇ ଦଉଚି,—ଆସନ୍ତୁ,—ଏଇବାଟେ,—ଆଜି କେଡ଼େ ଭାଗ୍ୟର କଥା,—କଣ କରିବା ଏ କାମଜାଲାରେ ମଣିଷ ଏକ୍‌ଦମ୍ ଅନ୍ଧ,—ଏଇ ବାଟେ ଆସନ୍ତୁ,—ଅରେ, ଆଲୁଅ ଆଣ ରେ ।"

ମହାପାତ୍ର ଗଲେ ବାଟେଇ ଦେବାକୁ । ବଳୀଦତ୍ତ ଭିତରକୁ ଚିହିଁଲା,—"କି ବନବାବୁ, ଏତେ ବେଳଯାଏ ?—"

ଦାଣ୍ଡପଟୁ ଶୁଖିଲା ମୁହଁରେ ଫୁସ୍‌ଫୁସ୍ କରି ବନବାବୁ କହିଲେ,—"ଦେଖୁଛନ୍ତି ତ ଆଗିରେ, ଯେ ଦଶଟାବେଳେ ଖାଇ ଆସିଥିଲି ଆଉ ଆଜି ଘରକୁ ଯାଇ ନାହିଁ । ଝାଡ଼ା ମାଡ଼ ମାଡ଼ ବନ୍ଦ ହେଲା । ତଥାପି ଚାଲିଚ କାମ । କଣ ଗୁଡ଼ାଖୁ ଘଷ୍ ଘଷ୍ କହୁଚନ୍ତି ବେଳେ ବେଳେ ରୋଦର ପାଟିରୁ ବାର ହଉନାହିଁ, ଅବଶ୍ୟ ସାହେବମାନେ ବି ପାଇପ୍ ମୁହଁରେ ଯାକି ଡିକ୍‌ଟେଶନ ଦିଅନ୍ତି, କିନ୍ତୁ ସେ ସାହେବୀ ଶବ୍ଦ, ତାଙ୍କରୁ ଠାସୁକୁ ମାରି ହୁଏ, ଏ ବାବା ଓଡ଼ିଆ ଶବ୍ଦକୁ ଦାନ୍ତଘଷା

Digitized by srujanika@gmail.com

ଧ୍ୱନି, ତହିଁରେ ଇଂରେଜୀ ଭାଷା, ତାକୁ ଫେର୍ ପିଟମ୍ୟାନ ସର୍ଟ୍‌ହ୍ୟାଣ୍ଡ । ଛାଡ଼, କପାଳ,—ଦେଲେ ପାନଟଙ୍କେ ? ଆଜି ତ ସାହେବ ସାଙ୍ଗେ ଏକାଠି ବସି ଯାଉଥିଲେ, କଣ ହେଲା ? ଆପଣ ଉଠିଲେ ବଳୀଦତ୍ତ ବାବୁ, ଆପଣ ଉଠିଲେ ଏଥର—”

“ହୁଁ, ହୁଁ”—ଗଲାଟଙ୍କେଶ ଶୁଭୁଛି । ସେ ଫେରିଆସିଲେ । ବଳୀଦତ୍ତ ପଦାକୁ ଆସି ରୁମାଲରେ ମୁହଁ ପୋଛି ଧୀରେ ଧୀରେ ଟହଲିଲା, ଯେ କିଛି ଜାଣେ ନାହିଁ ସେମିତ । ବନବାବୁ ଖାତା ଉପରେ ମୁହଁ ଝୁଲାଇଲେ ।

ମହାପାତ୍ର କହିଲେ,—“କାମଟା ଅଟକିଗଲା ରହିଲା ଯେ,—ଆଚ୍ଛା ବନବାବୁ ତୁମେ ଘରକୁ ଯାଅ, ତୁମଦ୍ୱାରା କିଛି ହବ ନାହିଁ । ଧର ତ ବଳୀଦତ୍ତ ବାବୁ, ତମର ତ ଫୁର୍ତ୍ତି ହାତ,—ତମେ ମନ କଲେ ଅଚିରେ ସାରିଦେବ, ଓଃ— ଏ ସାଧାରଣ ଲୋକଗୁଡ଼ାକ ଏମିତ ହାବୁଡ଼ା,—ଛାଡ । ଧର ଏଥର । ହଁ, କାଲିଲଣା,—ଆଜି ମୁଁ ତମ ଘରକୁ ଯାଇଥିଲି । ଛାଡ଼ । ସେ କଥା ପରେ କଥାଭାଷା ହବ । ଧର ଏଥର,—ଲେଟ୍—”

ଭ୍ରତାଖୁର ଶେଷ ଅଂଶ ଶୀଘ୍ର ସରିଗଲାଣି, ଏଥର କାମ ସହଜ ।

ବଳୀଦତ୍ତ ଲେଖୁଛି ।

ଢଂ ଢଂ,—ନ’ଟା ବାଜିଲା । ଲେଖା ଚାଲିଛି ।

ପୁଣି,—ସାଢ଼େ ନ’, ଲେଖା ଚାଲିଛି ।

ବଳୀଦତ୍ତ ଭୁଲି ଆସିଥିଲା ।

ଆଜି ତା’ର ବଶିଷ୍ଟ ବ୍ୟକ୍ତିତ୍ୱର ଜୀବନ ଚେତନା ନାହିଁ, ଯେ କଳମଶିଷ, କାମ କରେ । ଲେଖା ସରିଆସୁଛି, ଏଥର ବୋଧହୁଏ ତାର ଛୁଟି ।

ମହାପାତ୍ର କାହିଁକି ଡାକିଥିଲେ ପଚାରିବାକୁ ତାର ମନେ ନାହିଁ । ଆଗରେ ଦିଶୁଛି, ପୁଣି ଆସନ୍ତା ଦିନର ପରିଶ୍ରମ, ଏତକ ଲେଖା ଟାଇପ୍ କରିବାକୁ ହେବ । ହାତ ଚାଲିଛି । ମନ ମରିଛି । ବଳୀଦତ୍ତ କାମ କରୁଛି ।

ତେଣେ ସର୍ବୋଜନୀ—

ସବୁ ସଉଗ ଜଳି ଯାଇଥିଲା ବାସ୍ତବତାର ମୁହାଁମୁହିଁ ହୋଇ,— ମହାପାତ୍ରଙ୍କ ପ୍ରଥମ ସମ୍ଭାଷଣ ଶୁଣି, ତାପରେ ଭୁଟୁଲା ନିଆଁରେ ପାଣି ଢାଳିଲା ପରି ହଠାତ୍ ତାଙ୍କର ଅସ୍ୱାଭାବିକ ଭଦ୍ରତା ଅସହ୍ୟ,—କେବଳ ତଳିଲା ବାମ୍ପରେ କୁହୁଡ଼ି ସୃଷ୍ଟି କଲା, ଶାନ୍ତିର ନାଁ ନାହିଁ ।

Digitized by srujanika@gmail.com

କଣ କଲେ ମଣିଷ ଏଠୁ ଛୁଟି ପାଏ ? ସରୋଜନୀ ଡରଡର ଭାବିଗଲା ।

କଲୁ ଆଗେ ଆଗେ ମହାପାତ୍ର,—"ଏଇ, ଏଇ ବାଟେ ।" ସେହି ତରତର ଚାଲି, ତରତର କଥା,—ସବୁ ମଣିଷ ସମାନ ଧାରୁ,—ସରୋଜନୀ ଭାବିଲା,— କେବଳ ଉଣେଇଶି ବିଶ୍ । ଓଟବି ହେଲା ପରି ହାଣକୁ ଗଲା ପରି ସେ ଚାଲିଯାଉଛି ।

ଭିତର ଅଗଣାର କବାଟ ଠେଲି ମହାପାତ୍ରେ ହାକିଲେ—"ହେଲ୍ଲା, ବନୀବିହ୍ୱ ବାବୁଙ୍କ ପିଲାଏ ଆସିଛନ୍ତି !" କହିଦେଇ ଚାଲିଗଲେ । ସରୋଜନୀ ଧୁଲୁ ଧୁଲୁ ହୋଇ ଚାହିଁ ରହିଲା । କାହିଁ କଏ ? କରପଟିଆ ହୋଇ ଗୋଟେଇ ଘରୁ ଯାଚି ଶୁଭୁଛି, ଗୋଟେଇ କାର୍ଯ୍ୟ ବିଷୟରେ ସମାଲୋଚନା । ଗୋଟାଏ ପାଖୁ ପଢ଼ା-ପିଲଙ୍କ ପାଠପଢ଼ା । ଗୋଟିଏ ଘରେ ଦୁ' ତନୋଟି ପିଲ କଲକାଳିଆ ହୋଇ ଖେଳୁଛନ୍ତି । ବଖୁରିଗୁଡ଼ିକର କବାଟ ଖୋଲାଅଛି, ଆଲୁଅ ଲଗଛି, ଦିଶୁଛି,—ଘରେ ଜିନଷ, ପଲଙ୍କ, ବିଛଣା, ଥାକ, ଆଲମାରି,—ପଦାର୍ଥବହୁଳ ବଡ଼ଲୋକ ଘର, ସମସ୍ତେ କାର୍ଯ୍ୟବ୍ୟସ୍ତ, ସେ ଏଠି କଏ ?

ଖେଳୁ ଖେଳୁ ପିଲ ତନୋଟି ପଦାକୁ ଦୌଡ଼ି ଆସିଲେ, ତାକୁ ଦେଖି ଅକ୍ଳକା ହୋଇ ଠିଆହେଲେ, ପୁଣି ଦୌଡ଼ିଗଲେ ବୋଉ ପାଖକୁ । ଦାସୀଟାଏ ଆସିଲ ମନକୁ ମନ କହି କହି ଗଲ,—"କଏ ଯେ ଆସିଲେଣି—ଆଁ !" ବୁଢ଼ୁ ଗୁହୁଁ ସମସ୍ତେ ଆସିଲେ, ଏ ଗୃହର କର୍ତ୍ତ୍ରୀ, ଝିଅମାନେ, ପୁତ୍ରାଣ ଚାକର ଓ ଚାକରାଣୀ । ଏକାଥରେ ଯୌଥ ପରିଦର୍ଶନ ।

ଗୃହକର୍ତ୍ତ୍ରୀ ପଚାରିଲେ,—

"କଏ ?"

"ମୁଁ ରୁଲି ଆସିଛି ।"

ସେପାଖୁ ଉତ୍ସାହ ନାହିଁ, ରାତର ଏ ବେଳା ଓ ଅଚହ୍ନା ଲୋକର ଚାଲି ଆସିବା ଏକାଠି ଖାପେ ନାହିଁ । ପୁଣି ପ୍ରଶ୍ନ—"ସାଙ୍ଗରେ କଏ ଆସିଛି ?"

"ସେ ଆସିଛନ୍ତି ଯେ, ପଦାରେ ଗପ କରୁଛନ୍ତି ।"

"ଓ ସାହେବଙ୍କ ପାଖେ ଅଛନ୍ତି ?"

"ହଁ ।"

"ହଉ, ଆସ ଉପରକୁ । ଆରେ, ସପଟାଏ ଆଣିଲ୍ ରେ । କଣ, ପାନ ଖାଅନା ? ସାଧା କି ଚୁଣି ? ଆରେ, ମୋର ପାନବଟା ଆଣିବୁଟି । କୋଉଠି ତମ ବସା ? ଆଉ ସଅଳ ସଅଳ ଆସିଲ ନାଇଁ କାହିଁକି ? କୁଆଡ଼େ ମୁଁ ଯାଇ ପାରୁଛି ନା କାହାକୁ ଚହ୍ନିଲି ନା ଜାଣିଲି । ସବୁବେଳେ ତ ଏଇ ଧନ୍ଦା ଆଉ କଣ ? ତମର ଝୁଅପିଲା କେତୋଟି ? ଓ—ତମେ ତ ଟୋକାଟା କହାଉ, ଆଉ କଣ ? ବାପଘର କୋଉ ଗାଁ ? ଶାଶୁଘର ? କଣ ସବୁ ତରକାରି କରୁଚ ?—"

Digitized by srujanika@gmail.com

ତ ପରେ ? ପ୍ରଶ୍ନ ଶେଷ ।

ସାହେବ ଗମ୍ଭୀର ଚେକାମାଡ଼ ବସିଛନ୍ତି । ସର୍ବେଜାମୀ ଦେଖୁଛି, ବଶେଷତ୍ୱ ପାଉନାହିଁ । ନଷ୍ଟସ୍ୱାସ୍ଥ୍ୟ ସାଧାରଣ ମଣିଷ ଜଣେ, ସାନଘରେ ପଡ଼ିଥିଲେ ବି ବାଛେ ହୁଅନ୍ତା ନାହିଁ । ହାଡ଼ ଉପରେ ପୁନା ଛୁଆଣି, ସେଉଳ ଏବଂ କହିବାର ଏକପ୍ରକାର ଭଙ୍ଗୀ ତାଙ୍କୁ ଏ ସ୍ଥାନରେ ଖାପେଇଛି । କହିବାର ଭଙ୍ଗୀରେ ଆଦେଶର ସୂଚନା ।

ଦ୍ବିତ୍ବ ଅଦେଶ ପାଇ ଗୃକର ଯାଇଥିଲ ପଶଚସ୍ତ ଟଙ୍କା ଫେରଆସିଲ । ରେସ୍ତୋରାଘର ବାହାନାରେ ଯାଇ ସମ୍ବାଦଟି ସେ ବୁଝିନେଲେ । ପିଲାଏ ଅପେକ୍ଷା ଲଗେଇଲେଣି ଖାଇବେ ବୋଲି, 'ଯାଏଁ', ସେ କହିଲେ, ଉଠିଗଲେ ।

ତାପରେ ସାଙ୍ଗ ରଖିବାକୁ ଗୃକରାଣୀଟି, "ମା, ତମ ବାବୁ କଣ କରନ୍ତି ? ସେ କଣ ଆମ ସାହେବଙ୍କ ପାଖେ ଗୁମାସ୍ତା ହେଇଚନ୍ତି ? କେତେ ଟଙ୍କା ଦରମା ପାଆନ୍ତି ? –" କିନ୍ତୁ ତାର ଏ ଦୁଃଖ ସୁଖରେ ବାଧା ପଡ଼ିଲା, ଦୂରରୁ ଆସିଲା ଧମକ୍—"ହେଇ ମଣ୍ଟି, ବାସନ ମାଜୁଚୁ ନା ବସିଚୁ ?"

ପୁଣି ସେ ଏକା । ଦୁହକର୍ମୀ କାର୍ଯ୍ୟରେ ଖସିଗଲେଣି । ସର୍ବେଜାମୀ ମନେ ମନେ ଜପୁଛି, "ଆଉ କେତେବେଳ ? ଆଉ କେତେବେଳ ?

ଘରକରଣା ନଡ଼ ଗୁଲିଛି ଏ ଘରେ, କଏ ସେ ଏଠି ?

ଖବୁ ଖବୁ ନିଜ ଭିତରୁ ବାହାରେ ତାର ବ୍ୟକ୍ତିତ୍ୱ, ମନେପଡ଼େ—ଠେଲାଠେଲି ପେଲାପେଲି ଏ ଦୁନିଆଁର ମେଳାରେ ସେ ବି ଜଣେ ମଣିଷ, ତାର ଆକାର ଅଛି, ଆକୃତି ଅଛି, ଧନ୍ଦା ଅଛି, ଘର ଅଛି, ଉଦ୍ଦେଶ୍ୟ ଅଛି ।

ଉଦ୍ଦେଶ୍ୟ ଅଛି କଣ ତା'ର ଉଦ୍ଦେଶ୍ୟ ? ଗୌଣ ମନରେ ଉଦ୍ଦେଶ୍ୟ ବି ଗୁଣ୍ଡାହୋଇ ଝଡ଼ିପଡ଼େ, ତାର ଧକ୍କା ରହେ ନାହିଁ, ବ୍ୟକ୍ତିତ୍ୱ ସାନରୁ ସାନ ହୋଇ ମୁହଁ ଲୁଚେଇବାକୁ କେଉଁ କଣରେ ହଜିଯାଏ ।

କଏ ସେ ଏଠି ? କେହି ନୁହେଁ । ଖାଲି କଣ ଦେଖଣାହାର ତେବେ ? ମୁଠେଇ ଧରିବାର ଉଗ୍ର ଆକାଂକ୍ଷା ମନରେ ପୂରାଇ ବାରମ୍ବାର ଦେଖେ.—ଫୁଃ !— ମୁଠା ଖାଲି । ସେ କିଛି ନୁହେଁ, ଖାଲି କୁହୁଳା ମନର ଭାବ—ସଳିତା, ନାଲି ହୋଇ ଜଳେ, ନେସିଯାଏ ଗନ୍ଧ କଳା । ସେହି ସେ ।

ଠିକିବାକୁ ଛଟପଟ, ପଳାୟନପନ୍ଥୀ ବ୍ୟକ୍ତିତ୍ୱ । କିନ୍ତୁ ଯାଇ ହେଉନାହିଁ । ବାଟ ବନ୍ଦ କରିଛି ପରିସ୍ଥିତିର ଅର୍ଗଳ । ଚେତନାରେ ଜନ୍ମଗତ ଭୀରୁପଣ ।

ଖାଲି ଗୋଟାକୁ ଗୋଟା ଦୀର୍ଘଶ୍ୱାସ ପକାଇ ଉହକ ବିକଳ ହୋଇ ଗୁହିଁବା । ଦୁର୍ବଳ ମନରେ ଠାକୁରଙ୍କୁ ଡାକିବା ମୁକ୍ତି ପାଇଁ । ନିଜ ନିର୍ଯ୍ୟାତନ ଲାଗି ପରର ଦୋଷ ବାଛି ମନଇଚ୍ଛା କ୍ଷୋଧିବା ।

Digitized by srujanika@gmail.com

ସରୋଜିନୀ ଶୁଣୁଛି, ଦେଖୁନାହିଁ । ଅଣନିଶ୍ୱାସୀ ହୋଇ ସ୍ୱପ୍ନାରେ ପହଁରୁଛି, ତରତର, ତରତର, ବାରମ୍ବାର ଲାଗିଛି ଯେପରି ସେ ଅବହେଳିତା । ମନେ ମନେ ମହାପାତ୍ରଙ୍କୁ ଗାଳିଦେଉଛି, ପୁଣି ସ୍ୱାମୀଙ୍କୁ, ପୁଣି ନିଜର ନିର୍ବୁଦ୍ଧିତାକୁ ।

ତାପରେ ରାତି ପ୍ରାୟ ସାଢ଼େ ଏଗାରଟା, ଭିତରୁ ଶୁଭିଲା,—"ଏଁ । ଯାଇ ନାହାନ୍ତି !" କବାଟ ଖୋଲି ଘରର ଗୃହିଣୀ ପଦାକୁ ଆସି କହିଲେ—"ମାନେ ! ଏତେବେଳଯାଏ ତୁମକୁ ଏଠି ବସେଇ ରଖିଚନ୍ତି ! କାମ କରୁଚନ୍ତି ! କିଏ ଅପେକ୍ଷା କରିଚି କହିଲ ! ହେଇ, ଗୋପାଳିଆ ଆରେ,—ଅଲି—ଅଲି—କିଏ ଅଛୁ, ଯାଇ କହିଦବୁ ସାହେବଙ୍କୁ ତମର । ହଉ, ତମେ ଯାଅ ଏଥର । ସେ ଉଠିବେ ସେ । ବାଟ ଦେଖାଇ ଦେ ଗୋପାଳିଆ, ଅନ୍ଧାର ହେଇଚି । ହଉ ଯାଅ । ଆସୁଥିବ, ଏଁ ?"

ଗୋପାଳିଆ ବାଟ ଦେଖାଇ ଦେଖାଇ ଚାଲିଛି । ସରୋଜିନୀ ପଦାରେ ଆସି ଠିଆହେଲା । ଅଫିସ ଘରେ ଗୋପାଳିଆ କଣ କହୁଚି । ବାରଣ୍ଡାରେ ଉଠିପଡ଼ୁଛନ୍ତି ମହାପାତ୍ରେ ।

"ଓଃ, ଆଉ ରଖେଇ ଦେବେନାହିଁ । ଆଉ ଘଣ୍ଟେ ଛଟି ଅକ୍ଲେଶରେ ଏଇକ୍ଷଣି ସରିଯାଇଥାନ୍ତା । ହଉ, ବଳୀଦତ୍ତ ବାବୁ, ଯାଅ ଏଥର । ଡେରି ବି ବୋଧହୁଏ ହେଲାଣି । ଏତକ ନେଇଯାଅ । କାଲି ଟାଇପ୍ କରି ଆଣିବ ।"

ବଳୀଦତ୍ତର ନମସ୍କାରକୁ ପ୍ରତିନମସ୍କାର କରିବାକୁ ଅପେକ୍ଷା ନ କରି ମହାପାତ୍ର କବାଟ କିଳିଲେ ।

ଅନ୍ଧାର ବାଟ, ଏକୁଟିଆ ବଳୀଦତ୍ତ ଓ ସରୋଜିନୀ ।

"ଏତେ ଡେରି କଲ ?" ସରୋଜିନୀ ଆଉ ଅଧିକ କହିପାରିଲାନାହିଁ ।

ବଳୀଦତ୍ତ ଭିଡ଼ାମୋଡ଼ା ହେଲା, କହିଲା, "ଦେଖୁଛ ତ !"

ଚୁପ୍‌ଚାପ୍ ଦୁହେଁ ଘରମୁହାଁ ।

ଗୋଟାଏ ନୂଆ ଚେତନା,—ରୁଦ୍ଧ ରଖିଥିବା ବିଦ୍ରୋହ, ଜଣେ ସୃଷ୍ଟିରୁ ପରିସ୍ଥିତିର ବନ୍ଧରରେ, ଆଉ ଜଣେ ଗୌଣ ମନୋବୃତ୍ତିର ଲୁହାପୋଷାକ ତଳେ ।

ସକାଳୁ ଉଠି ବାସି ମୁହଁରେ ପାଣି ଦେଇ କି ନ ଦେଇ ଯେ ଗତ ରାତିରେ ରଖିଥିବା କାଗଜପୂଳାକ ପାଣ୍ଡୁଲିପି ଦେଖିଥିଲି,—ବଳୀଦତ୍ତ ଦାସ୍, ଏଇ ତା ଜୀବନର କବିତା ।

ଏଇ ଦୁନିଆଁରେ କେତେ ତ ଫେଜର୍ ଫାଟେ, କିନ୍ତୁ ତାର ଆଖି କିମ୍ବା ଅନୁଭୂତିରେ ଗୋଟେଇ କିଏ ଆପଣା ଆନନ୍ଦ ପାଇଁ ଆନନ୍ଦର ସାମଗ୍ରୀ ।

Digitized by srujanika@gmail.com

ପ୍ରତ୍ୟେକଙ୍କ ପାଇଁ ବୈଶିଷ୍ଟ୍ୟ ସେ, ଯାହାକୁ ଯେପରି ରୁଚେ । କିଏ ଯେନେ-ଲହଭଗ୍ ଚନ୍ଦ୍ରା, ରାଗ ଲ୍ଖ୍ ନ୍ଖ୍ ଅନୁଭବ କରୁଥିବ ଏକପ୍ରକାର ସ୍ୱାଦ, ଲୁହର ଲୁଣି ସ୍ୱାଦ,—ଦମ୍ଭର ଦଶଣରେ ପ୍ରିୟ ଖାଉମାଟି । ନିଜକୁ ଟୁଙ୍କରେ ଚିଟି ଲହୁ-ଲୁହାଣ କରି କିଏ ଆନନ୍ଦ ପାଏ । କାହାର ଆନନ୍ଦ ସାମଗ୍ରୀ ଦ୍ୱସର ଗୁଙ୍ଗୁଡ଼ି, ଝୁରୁ ଝୁରୁ ଧଳାଫୁଲ, ମହକ ଉଠେ ।

ଝରକାଦାରେ କାହ୍ନ ବସିଛି । ରାସ୍ତାକଡ଼ରେ କୁକୁରଟିଏ ମନ ଦେଇଛି ଫାଳେ ଫିମ୍ପି ମରା ଖଣ୍ଡିଆ କୋଡାରେ ।

ରାସ୍ତା ଆରପାଖେ ବ୍ୟାଦ୍ରାମ ସାଉ କଲେଜଛାତ୍ର ପାପୁଲିରେ ଝାଳ ପୋଛି ଫୋପାଡୁଛି । ତାର ଲମ୍ବ ବାଳ ଛୁଟିହୋଇ ପଡୁଛି କପାଳ ଉପରେ, ଝାଳ ପୋଛୁ-ପୋଛୁ ଜୁଦାଉ ଲାଗୁଛି ଭାବ ଯେ ସେ ବହୁତ କସରତ କରୁଛି । ଝାଳ ତାର ଆନନ୍ଦର ସାମଗ୍ରୀ ।

ଝାଲ ଅନୁପ୍ରାସରେ ଅନୁଭୂତିର ବୈଶିଷ୍ଟ୍ୟତା,—ଆପଣା ମନ ଯେମିତି - ଓଳ ଯେମିତି କୋଳ, ତେଲଉଣି ଯେମିତି ଚକୁଳି - ଆନନ୍ଦ । ବସ୍ତୁ ଜଡ଼, ଚେତନା ଚିନ୍ମୟ, ଘଟଣା ପୁରାତନ, ଅନୁଭବର ବୈଶିଷ୍ଟ୍ୟତାରେ ନୂତନ ଆନନ୍ଦର ବୋଧ !

ବଳୀଦତ୍ତ ଫାଇଲ ମାରୁଛି ।

ତା'ପରେ ଅଫିସକୁ ଧାଇଁ ଟାଇପ୍ କାମ । ସାରୁ ସାରୁ ସାଢ଼େ ଦଶ ।

ସରୋଜିନୀ କହିଥିଲ ଘରେ ପରିବା ନାହିଁ ।

ନ ଥାଉ ।

ଗରମ ଗରମ ଭାତ ହଣ୍ଡା, ଉହୁ ଉହୁ ଡାଲିପାଣି, ବାମ ହାତରେ ଥିବା ଗୋଟାଏ ସିଝା ଆଳୁ, ମହିଁଆ ମସିଆ ଲୁଣ ହଣ୍ଡା, ଲାଲ୍ ଲାଲ୍ ଲଙ୍କା ମରିଚ ଯୋଡ଼ିଏ । ମୁଠାଏ ଗଲିବା କଥା,—ବଳୀଦତ୍ତ ଭାବେ,—ଖାଦ୍ୟ କଣ ମୁଖ୍ୟ ନା ଦାଫନା ପାଇଁ ଆପୁସାର ହେବାର ଆନନ୍ଦ ?

ଅତଏବ ପରିବା ନ ଥାନ୍ତୁ, କିଛି ନ ଥାଉ—କାଠ ଥାଉ ଓଦା, ଚୁଲି ଥାଉ କାଉଁଦା । ଘରକୁ ଫେରି ପ୍ୟାଣ୍ଟ ଫିଙ୍ଗିଦେଇ ଲୁଙ୍ଗି ଓଟାରିହୋଇ ଠିଆଁ ଚକା ପକେଇ ବସିପଡ଼ି ତରତର କରି ହଣ୍ଡା ଖୁମ୍ପି ନେଇ ଗ୍ରାସ କରିବାକୁ ଲାଗେ ।

ପହୁଞ୍ଚିଲେ ଘଣ୍ଟାକୁ ଦେଖି ସ୍ୱସ୍ତିରେ ନିଃଶ୍ୱାସ ହଣ୍ଡା ।

Digitized by srujanika@gmail.com

ଏଇ ଦିନର ଆରମ୍ଭ ।

ପ୍ରଥମେ,—ମହାପାତ୍ରଙ୍କ ପାଖକୁ ।

ବସିଛନ୍ତି ସେ,—କଳା ଯୋତା, ପଟେ ସାମାନ୍ୟ ଆଁ କରିଛି, ଡାଉଥି ଫିତା, ନାଲି ମୋଜା, ହଳଦିଆ ପ୍ୟାଣ୍ଟ୍, ଧୋଇଯାଇଥିବା ଫିକା ନେଳି କାମିଜ୍, ଡୋରିଆ କୋଟ୍ ମୋଟାମୋଟି ମୁଗ ବର୍ଣ୍ଣର, କରପଟିଆ ତଳିଛି ଚନ୍ଦନବର୍ଣ୍ଣର ପଟିପଟିକା ଛାଇର ଫାଶ, ମୁହଁରେ ସ୍ନୋ ଜକଜକ କରୁଛି, ଆଖିରେ ଚଉଡ଼ା ଫ୍ରେମ୍‌ର ଚଷମା, ମୁଣ୍ଡକୁଣ୍ଡା ହୋଇନାହିଁ, ଠିଆ ବସିଲା ନାନା ଭଙ୍ଗୀରେ କହରା ବାଳ, ସେଥିରୁ ଉତ୍କଟ ବାସ୍ନାତେଲର ସୌରଭ ବାହାରୁଛି । ଟେବୁଲ ଉପରେ ପାଦଯୋଡ଼ାକ ଆଗ୍ରାକରିଛି ଉଦ୍ଧତ ଭଙ୍ଗୀରେ, ଚୌକିରେ ବସି କୋଡ଼ରେ ଧରିଛନ୍ତି ଖଣ୍ଡେ ଲେଖା-ପଟା, ଖୁବ୍ ବଡ଼ ବଡ଼ ଅକ୍ଷର ବସେଇ ହାତ ଚାଲିଛି । ଟେବୁଲରେ ଯୋତାମଡ଼ା ପାଦପାଖେ ନରକେ ଖଣ୍ଡେ ଗଣ୍ଠିଗଣ୍ଠିକିଆ ବଙ୍କା ବାଡ଼ି, କରଚ୍ଛେ ପ୍ରକାଣ୍ଡ ପାନଡ଼ବା, ଖୋଲା ଖବରକାଗଜ ଠୁଙ୍ଗାରେ ଗୁଣ୍ଡି ପୁଳାଏ, ବୋତଲ ତିନୋଟି, ଗୋଟିକରେ ପିପରମେଣ୍ଟ ଅର୍କ ମେନ୍ଥଲ୍, ଗୋଟିକରେ କଞ୍ଚା ଜୁଆଣି, ଗୋଟିକରେ ନାଲି ନାଲି ବଟିକା,—ପାନର ମିଠାମସଲା ।

ବଳୀଦତ୍ତ ଭାବେ ପ୍ରତ୍ୟେକ ବଡ଼ ମଣିଷ ଗୋଟିଏ ଗୋଟିଏ ଅବତାର, ମୂର୍ତ୍ତି କରି ସେବା କରିପାରିଲେ ବର ମିଳେ । ଏଇ ମହାପାତ୍ର ଅବତାର,—ମଣିଷର ଅହଂ ରୂପ, ଡ୍ୟାମ୍ କେୟାର । ଦୁନିଆଁ ଅଣ୍ଡାକୁ ଯୋତାର ଅଗ । ଜ୍ଞାନୀ, ହଁ, ଉପାଧି ତାର ପ୍ରମାଣ, କେବଳ ପାଠରେ ନୁହେଁ, ଶାଠରେ, ଟେସ୍, ତାସ, ପଶା, କବସ୍ନକ, ହୋମିଓପାଥି, ଜ୍ୟୋତିଷ, ଶ୍ଳୋକାନ୍ତ, ଗୃକର, କଥାକୁହା, ଟ୍ୟାକ୍ଟ୍ । ଯାହା କରିବେ ବୋଲି ମନ ଦେଲେ ସେଥିରେ ସେ ଶୀଘ୍ର ମାଡ଼ିପାରନ୍ତି, ତନ୍ତ୍ରରେ ସେ ଜ୍ଞାନୀ; କିନ୍ତୁ ସେ ଜ୍ଞାନର ଗୋଟିଏ ବିଶିଷ୍ଟ ରୂପ ଅଛି, କଟତର ଆଖିକି ସେ ଦିଶେ ଏଇ ବଙ୍କାବାଡ଼ି ପରି,—

କମ୍ପୃତ ଅସମ ଟଳଟଳ ।

ଏବଂ ସେ ଜ୍ଞାନକୁ ଧାରଣ କରିଥିବା ବ୍ୟକ୍ତିତ୍ୱର ରୂପ ସେହି ବଟନ ପରିଚ୍ଛଦର ସମଷ୍ଟି ପରି, ତାର ଠାଣି ପରିଷ୍କୃତ ।

ଝଣ୍ଡ୍ରକବୁ ଅଧେ ବାଡ଼ି ଶୋଷିଦେଇ ବନ୍ଦୁ ଏ ଅସମଞ୍ଜସ ଉପରେ ଗୋଟିଏ ଲେକ୍‌ଚର୍ ଝାଡ଼ିପାରେ, "—ଆହା-ହା, ବଡର ବଳୀଦତ୍ତ, ଠାକୁରଙ୍କ ପୂଜା

Digitized by srujanika@gmail.com

କର, ବର ପାଇବୁ, ହରନାମ ନେ, ତରିଯିବୁ, ଚପଳ ସ୍ୱର୍ଗକୁ ଯିବୁ, ଆଉ ମହାପାତ୍ର ମହାପାତ୍ର ଘୋଷି ହେଲେ କଣ୍‌ଟା ପାଇବୁ ?"

ବଳୀଦତ୍ତ ହାତେ କଭି କାଢ଼େ,—"ବୁଢ଼େଇବୁ ତୁ, ବନା, କଏ ଶୁଣିବ, ଜାଣିଚୁ ସେ କେଡ଼େ ଜ୍ଞାନୀ—"

"ଖ୍ରିପିଗଲ ଜ୍ଞାନୀ ହେଲେ, ଅ-ହ-ହ – ବ୍ରହ୍ମଜ୍ଞାନ—"

'ଆରେ, ଜ୍ଞାନକୁ ଯେମିତ ଫୁଟ୍‌ବଲ୍ ମାରି ଉଡ଼େଇ ଦେଇହୁଏ ନାହିଁରେ, ତୁ ଯେତେବେଳେ ଆଡ୍‌ଡା ଦେଇ ବୁଲୁଥିଲୁ, ନଇଲେ କ୍ୟାରମ୍ ପିଟୁଥିଲୁ, ସେ ସେତେବେଳେ ପଢ଼ୁଥିଲେ,—"

ସେତେବେଳେ ତା ବହିପଢ଼ାରେ ତୋର ମୋର ଯେମିତ କାଣିଗୁଏ ଉପକାର ହେଉ ନ ଥିଲା, ଅଇଲ୍ଲୁ ବି ତାର ବ୍ରହ୍ମଜ୍ଞାନରେ ତୋରୁ ମୋର କିଛି ଲାଭ ଲୋକସାନ ନାହିଁ । ଦୁନିଆଁ ଗୁହେଁ ମଣିଷପଣିଆଁ, ଆମେ ଗୃହୁଁ ସ୍ନେହ ସହାନୁଭୂତି, କିଛି ନ ହେଲେ ଭଦ୍ରତା,—ମଣିଷର ମଣିଷ ପ୍ରତି ମଣିଷଭଳି ବ୍ୟବହାର, ଯୋଉଠି ତା ନାହିଁ,—ମାରୋ ଗୋଲି, ଡ୍ୟାମ୍,—ଆରେ ବଳୀବର୍ଦ୍ଧ ଦାସ, ଗୋଟିଏ କିନିଷ ବିଷୟରେ ଦଶକଥା ଘୋଷିଦେଇ ଜାଣିନେଲେ ମଣିଷ ଜ୍ଞାନୀ ହୁଏ ନାହିଁରେ, କି ବଡ଼ ହୁଏ ନାହିଁ ତୋର ଏ ମହାପାତ୍ର ପରି ଅହମିକାରେ ପେଟ ଫୁଲେଇ ବଡ଼ ବୋଲେଇଲେ । ଏମିତିଆ ମହାଜ୍ଞାନୀମାନେ ଜଗତରେ ସବୁ ଅନର୍ଥର ମୂଳ । ଆଉ ଏଠି ଜ୍ଞାନ ବୋଲି ଯାହାକୁ କହୁଚୁ ସେଠି ସତରେ ସେତେ ଗହୀର ନାହିଁ, ସେଠି ଖାଲି ଢୋଲ ପିଟି ପିଟି ଗୋଟାଏ ଭଣ୍ଡ, ଫ୍ରଏଡ୍ ଭାଷାରେ ଲୋକଟା ଗୋଟାଏ ବଡ଼ ରକମର ଏକ୍‌ଜିବସନିଷ୍ଟ, ତଳେଇ ଦେଖ୍ ଆହୁରି ମଜା ପାଇବୁ, ଯା—"

ବେଶ୍, ଇନ୍‌ଫିରିଅରିଟି କମ୍ପ୍ଲେକ୍ସ୍,—ବଳୀଦତ୍ତ ଭାବେ । ଭାବେ,— କିନ୍ତୁ ଆପଣା ପଣ୍ଡିତପଣରେ ବିନୁ ଭୁଲ୍ କରେ ଗୋଟାଏ କଥା,—ଏତେ ବଡ଼ ଦୁନିଆଁରେ ଯେଉଁଠି ଏତେ ପ୍ରକାର ମଣିଷଙ୍କର ଅର୍ଥାତ୍ ଚଉପନକୋଟି ପ୍ରାଣୀଙ୍କର ବାସ, ସେଠି ସମସ୍ତିଙ୍କ ସଙ୍ଗେ ମିଳାମିଶି ଆମକୁ ଚଳିବାକୁ ପଡ଼ିବ, ସେଠି ସବୁରି ବ୍ୟକ୍ତିତ୍ୱ ବିଷୟରେ ସବୁବେଳେ ସଚେତ ରହି ସମସ୍ତଙ୍କ ରୂପ ଭେକ ବିଶ୍ଳେଷଣ କରିକରି ମୁଣ୍ଡ ହଲେଇଥିଲେ ମଣିଷ ପାଦେ ବି ଆଗେଇ ପାରିବନାହିଁ ।

ମହାପାତ୍ର ଏଗ୍‌ଜିବସନିଷ୍ଟ୍ ! ହଉନ୍ତୁ ବା ସାଡ଼ିଷ୍ଟ୍,—ଯାହା ପାରି ତା ଇଷ୍ଟ,—ସେଥିରେ ବଳୀଦତ୍ତର କି ଯାଏ ? ତାର ଗୋଟିଏ ନୀତି,—କାର୍ଯ୍ୟଂଶ୍ୱାଗେ, କାର୍ଯ୍ୟଂଶ୍ୱାଗେ ।

ଏଇ, ମହାପାତ୍ର ବସିଛନ୍ତି ।

Digitized by srujanika@gmail.com

ବଳୀଦତ୍ତ ଘର ଭିତରକୁ ଆସି ତିନି ମିନଟ୍ ଠିଆହେଲାଣି ।

ମହାପାତ୍ର କଣ ଦେଖିନାହାନ୍ତି ତାକୁ ? ଦେଖିଥିବେ ଅବଶ୍ୟ !

କିନ୍ତୁ ଉପଯାଚକ ନ ହେବା ଅବସ୍ଥାରେ ହଠାତ୍ କାହାରି ଅବସ୍ଥିତି ପ୍ରତି ସଚେତ ହେବା ତାଙ୍କର ନୀତିବିରୁଦ୍ଧ, କାରଣ ତହିଁରେ ଆତ୍ମସମ୍ମାନ କ୍ଷୁଣ୍ଣ ହୁଏ ।

ଠିଆ ଠିଆ ଅପେକ୍ଷା କରୁ ବଳୀଦତ୍ତ, ଅପେକ୍ଷା କରୁ ସାରା ଦୁନିଆଁ, ମହାପାତ୍ର କାମ କରୁଥାନ୍ତୁ । କାର୍ଯ୍ୟର ଗୁରୁତ୍ୱର, ତା ଆଗରେ ବ୍ୟକ୍ତି କିଏ ? ବ୍ୟକ୍ତିତ୍ୱକୁ ବା ପଚାରେ କିଏ ?

ଫାଇଲ ଯାକ ବଳୀଦତ୍ତ ଠିଆହୋଇଛି । ମହାପାତ୍ର ତାର ଉପରକ ନୁହନ୍ତି, ନ ହୁଅନ୍ତୁ, ହୋଇପାରିବେ ତ ! ସେ ଆପଣାକୁ ସେହି ଆଶାରେ ପ୍ରବୋଧ ଦେଉଛି, ମୁହଁ ପୋଛି ପିଠିଆଡ଼େ ହାତ ଛନ୍ଦିମାରି ଅଣ୍ଟା ଢଳେଇ ଜଣକ ଆଗରେ ଠିଆହେବା,—ଅନୁଭବ କରିବା ଯେ ଆପଣାର ଆନ୍ତ୍ର ପଏଡ଼ ପ୍ରପିତାମହଙ୍କ ଉତ୍ତରଦାୟିତ୍ୱ ଯେଉଁ କ୍ଷୁଦ୍ର ଲଙ୍ଗୁଡ଼ କଟି ତାହା ଧୀରେ ଧୀରେ ଯାକ ହୋଇଯାଉଛି, ଯାକ ହୋଇଯାଉଛି,—ଆପଣାର ବ୍ୟକ୍ତିତ୍ୱ ଭୁଲି ପରର ବ୍ୟକ୍ତିତ୍ୱରେ ସେହି ସମଷ୍ଟିକ ଲୀନ ହୋଇଯିବା,—ଲୀନ ହୋଇଯିବା,—ଏ ଯେପରିକି ଗୋଟାଏ ତ୍ୟାଗର ସାଧନା, କିଛିହୁଏ ଆଶାରେ,—କାରଣ ତା ସହିତ ଜଡ଼ିତ ତାର ଦାନାପାଣିର ସ୍ୱପ୍ନ ।

ଟେଲିଫୋନ୍ ବାଜିଉଠିଲା, ମହାପାତ୍ର ଫୋନ୍ ଧରିଲେ,—

"ମୁଁ—ମୁଁ ମହାପାତ୍ର,—ମହାପାତ୍ର କହୁଛନ୍ତି—···—ହାଁ···ହଁ··· ହୁ···ହଉ···—ଇଡ଼ିଅଟ୍—"

ଏଥର ବଳୀଦତ୍ତ ଆଡ଼କୁ । ''ହ୍ୟାଲୋ, ମିଷ୍ଟର ଦାସ୍—''

ବଳୀଦତ୍ତର ସମୁଦାୟ ବ୍ୟକ୍ତିତ୍ୱ ପ୍ଲାବନ କରି ଉଠିଆସୁଛି ଅନାଦର ଜୁଆର, ମୁହଁରେ ହସ, ଅଙ୍ଗରେ ଅପୂର୍ବ ଭଙ୍ଗୀ—ଏଥର ସେ ଆପଣାକୁ କରିବ ପୁରଭିତ ନୈବେଦ୍ୟ—

"ସାର୍,—ସାର୍; ଏ, ହେଇଟି ଆଣିଚି—"

"ଆଁ, ଆଣିଛ ? ଏତେ ବେଗି ସାରିଦେଲ ? ବାଃ—"

"ସାରନ୍ତି ନାହିଁ ସାର୍, ଆପଣଙ୍କ ଜରୁରି କାମ — !"

"ଠିକ୍ ଠିକ୍ । ଜରୁରି, ବଡ଼ ଜରୁରି ବଳୀଦତ୍ତ ବାବୁ, ବହୁତ ଧନ୍ୟବାଦ ।"

ମହାପାତ୍ର କାଗଜତକ ନେଲେ, ବଳୀଦତ୍ତ ଠିଆହୋଇ ରହିଲା । ପୁଣି ମହାପାତ୍ର କାମରେ ମନଦେଲେ, ବଳୀଦତ୍ତ ଠିଆହୋଇ ରହିଲା ।

Digitized by srujanika@gmail.com

ମୁହଁରେ ଠାଏ ଠାଏ ଜକ ଜକ ହସ ବୋଳି ମହାପାତ୍ର କହିଲେ,—“ହଉ ଯାଅ ମିଷ୍ଟର ଦାସ, ପାରିବ ଯଦି ଆଜି ସନ୍ଧ୍ୟାରେ ଟିକିଏ ଆସିବ ।”

ମହାପାତ୍ରଙ୍କ ଅକୁହା ପ୍ରଶଂସା ମନେ ମନେ କଳ୍ପନା କରିନେଇ ବଳୀଦାର କୃତକୃତ୍ୟ ହେଲା, ଭାବିଲା,—ଶୁଭରେ ଆଜି ଆରମ୍ଭ, ଏଇ ‘ବୌନି’ ।

ତାପରେ ଅଫିସ୍‌ର ବଡ଼ବାବୁ । ଶେଠଧକା ହୋଇ ପ୍ରୌଢ଼ ଭଦ୍ରଲୋକ, ଘନେ ମାଂସଳ ଶରୀରକୁ ବୟସ ସ୍ଥାନେ ସ୍ଥାନେ ଓଟାରି ଓଲଟି ଓହଳାଇ ପକାଇଛି, ମୁହଁର ବିଶିଷ୍ଟତା ଏକ ପ୍ରକାଣ୍ଡ ଥୋମଣି . ତାର ତଳଚଳର ସବୁବେଳେ ଝୁଲିବାର ଅଭ୍ୟାସ, ବଡ଼ ବଡ଼ ଦାନ୍ତ, ମୋଟା ମୋଟା କାନ ଉପରେ ମେଞ୍ଚେ ମେଞ୍ଚେ କଳା ବାଳ । ଆଖିରେ ଚଷମା, କିନ୍ତୁ ତାର ଫ୍ରେମ୍‌ର ନାଡ଼ ସ୍ଥାନରେ ଅଫିସ୍‌ର ଦୋସ୍ତର ପୁଡୁଲିର ଡୋର ହଳଦିଆ ଓ ନାଲି,—ଦୁଇଖିଅ ଛନ୍ଦାଛନ୍ଦି । ପାଟି ଅଳ୍ପ ଆଁ କରି କାନ ପାରି ନକଲ୍ ପରି ନଇଁପଡ଼ି ସେ ଯେତେବେଳେ ପାଖ ଦୂରର ଟେବୁଲ୍‌ଗୁଡ଼ିକୁ ଗୁହାରନ୍ତି, ସେତେବେଳେ ଟେବୁଲ୍‌ରେ ଚହଲ ପଡ଼େ, ଟେବୁଲ୍‌ରେ ହାତ ଚଳେ ତରତର, କାଗଜପତ୍ର ଫରଫର ହୁଏ, କର୍ମରତ ମୁହଁଗୁଡ଼ିକ ଟେବୁଲ୍ ଉପରେ ତଳି ରହୁଥାଏ ମଉଳା କଇଁଫୁଲ ପରି ।

ଏଇ ବ୍ୟକ୍ତିତ୍ୱ ବଳରେ ସେ ଏଠି ବଡ଼ବାବୁ,—ନ ହେଲେ ଲୋକେ କହନ୍ତି ତାଙ୍କର ଉପରମହଲା ଫାଙ୍କା; କିନ୍ତୁ ସେଥିରେ ଯାଏ ଆସେ କେତେ ? ଚେହେରାରେ ଆବଶ୍ୟକ ଅନୁସାରେ ତତ୍ପରତା, ମୁହଁରେ ବଙ୍କା ଭଙ୍ଗୀ, ମୁଣ୍ଡ ହଲେଇବାର ଢାଙ୍ଗରେ ଏକପ୍ରକାର ପଣ୍ଡିତପଣ, ନିଜକୁ ନ ଆସିଲେ ବି ପରକୁ ଧରି ତରେଇ ହଟେଇ କଟେଇ ନେବାର ଅଭିଜ୍ଞତା ବା କର୍ମକୁଶଳତା,—ଏତ କଣ ଯଥେଷ୍ଟ ନୁହେଁ ?

ଘେର ବସିଛନ୍ତି ଚାରିଜଣ—ହରିବାବୁ, କୃଷ୍ଣବାବୁ, ରାମବାବୁ ଓ ଗୋପାଳ ବାବୁ, ଠିଆ ହୋଇଛନ୍ତି ହତଭାଗ୍ୟ ବୀରବାବୁ, ଆଜିର ଏଇ ଘଡ଼ିକ ସେ ହତଭାଗ୍ୟ, କାରଣ ଧମକ ଚାଲିଛି ।

“ହେଇ ଫେର୍ ଗଣି ଦେଉଚ ଶୁଣ,” ବଡ଼ବାବୁ ଗର୍ଜନ କରୁଥାନ୍ତି, ଟେବୁଲ ଉପରେ ମୋଟା ମୋଟା ଆଙ୍ଗୁଠି ପିଟି ଗଣୁଥାନ୍ତି, “ପ୍ରଥମେ,—ସବୁଦିନେ ତମେ ଆସିବ ଡେରିରେ, ନା କଣ ? ଦଶଟାବେଳକୁ ଆସିବାକୁ କୁହା ହୋଇଥିଲା ନା ? ତମର ଦଶଟା ପନ୍ଦର,—ସାକ୍ଷାତ୍ ଲାଟ୍‌ସାହେବ୍, ଆଉ କଣ—”

ଲାଟ୍‌ସାହେବ୍ ଦଶଟା ପନ୍ଦରରେ ଆସନ୍ତି କି ନା ସେ କଥା କେହି ଭାବି ନାହିଁ; କିନ୍ତୁ ଲାଟ୍ ସାହେବ୍ କହିଲେ କଥାଟାର ଗୁରୁତ୍ୱ ଉତ୍କଟ ପଡ଼େ ପଡ଼େ ।

Digitized by srujanika@gmail.com

"ମନେ ମନେ ଲଟ୍ ସାହେବ୍ ହୋଇଗଲ, ନୁହେଁ ? କିନ୍ତୁ ଦେଖୁଚ ଏଇ କଲମ, ସ୍ଥାର ଏକା ଗାରକେ ତମର ଦାନାପାଣି ଉଠିପାରେ—"

ଗମ୍ଭୀର ସମସ୍ତେ, ବଡ଼ବାବୁଙ୍କ କଥାରେ ସା' ଦେବାକୁ ହେବ ଅଥଚ ପଡ଼େ ତୁଣ୍ଡ ଖୋଲି କହିଲେ ବଡ଼ବାବୁ ନ ଥିଲାବେଳେ ବୀରବାବୁ ତାଙ୍କର ବୀରତ୍ୱ ଦେଖାଇବେ । ତେଣୁ ସମସ୍ତେ ତୁନିହୋଇ ବୀରବାବୁଙ୍କ ତଳପାରୁ ତାଳୁଯାଏ ଚାହିଁ ଥାନ୍ତି ନୀରସ ମୁହଁରେ, ପରେ କହିହେବ,—ମୌନ ସହାନୁଭୂତି, କଣ କରିଯାଏ ?

ବୀରବାବୁ ଆକୁଳ ହେଲେଣି,—"ସାର୍ ସ୍ତ୍ରୀ ବେମାର, ହାତରେ ସେପେଇ କରି ଆସିବାକୁ ପଡ଼େ, ଫେର୍ ଆଜିକାଲି ଯୋଉ କାଠ ସାର୍, ଖାଲି ଓଦା, ଫୁଙ୍କି ଫୁଙ୍କି ପ୍ରାଣ ଯାଏ, ପିଲା ଦି'ଟାଙ୍କୁ ଦଶଟା ଖୋଇଦେଇ ନ ଆସିଲେ ଦିନଯାକ ବୋବାଉଥିବେ,—ଦି'କୋଶ ଦୂରରେ ଅଛୁ, ମୋଟେ ପନ୍ଦର ମିନଟ୍ ଏପାଖ ସେପାଖ ସାର୍ ।"

"ଆରେ ହେଃ, ବହୁତ ଶୁଣିଚ ଏ ସବୁ କଥା, ଶୁଣି ଶୁଣି ବାଳ ପାଚଲଣି, ଆମର ଆଉ ଘରଦୁଆର ଅଛୁ କି, ହେଁ—ପିଲାଙ୍କୁ ଦୁଧ ଦେବାକୁ କୁଂପାନି କାମ ଡେରି କରୁଥିବ, ନାଇଁ ? ଗୁଜରି ଝୁଣ୍ଡଉଦଉନ ? ଘରେ ଥାଇ ଚୁଲି ଫୁଙ୍କୁଥ, ସ୍ତ୍ରୀକୁ ପଥ୍ୟ ରାନ୍ଧିକି ଦଉଥ, କଥା କହି ଶିଖିଚ, ଉପନ୍ୟାସ ଲେଖ, ଉପନ୍ୟାସ ଲେଖ, ଭଲ ଲେଖି ଆସିବ—"

"ମିଛ ନୁହେଁ, ସ୍ତ୍ରୀ ବେମାର ସାର୍—"

"ତ ସେଥିରେ କୁଂପାନିର କି ଗଲା ହେ ? ଆମେ କଣ ଏଠି ଡାକ୍ତରଖାନା ଖୋଲି ବସିଚୁଁ କି ବା ଅନାଥାଶ୍ରମ ? ହଇଏ, କହିଲ ତମେ ସବୁ ?— ପ୍ରତ୍ୟେକ୍ ଦିନ୍ ଡେରି—ପ୍ରତ୍ୟେକ୍ ଦିନ୍ ଡେରି, ମଣିଷ କେତେ ସହେ ? ଏଁ ? କଣ କୁଂପାନି ଘର ଟଙ୍କା ତମେ ମାଗଣା ପାଇଲ ନା କଣ୍ ହେ ? ଆଚ୍ଛା, ଏ ତ ଗଲା ଏକ ନମ୍ବର ଗୁଣ୍, ପୁଣି ଶୁଣ,—ତମେ କେଇଟା ଗଳ୍ପ ଲେଖିଦେଇ ହେଲା ବାକି ପକେଇଲଣି କହିଲ ? ଦଉଡ ଆଜି ଥଣ୍ଡା କର—"

"ସାର୍-ସାର୍—ମୋଟେ ଦି'ଦିନ ଗଡ଼ିଚ,—ଆପଣ ତ କହିଥିଲେ ଆପଣ ନିଜେ ଟିକିଏ ଭଲ କରି ଯାଞ୍ଚ୍ କଲେ ତା'ପରେ ଗଳ୍ପ ଲେଖିବାକୁ—"

"ତ ପଞ୍ଚରେ କି ସକାଳେ ଗଲ କୋଉଠି ? ଏଁ—"

ସମସ୍ତେ ମୁହଁ ଚାହାଁଚାହିଁ ହେଲେ । ଅତଏବ, ଅସଲ ରାଗର କାରଣ ଏତେବେଳେ ବୁଝାଗଲା, ସମସ୍ତେ ବିରକ୍ତ ହେଲେ ବୀରବାବୁଙ୍କ ମୂର୍ଖତାରେ ।

କାନ୍ଦ କାନ୍ଦ ହୋଇ ବୀରବାବୁ କହିଲେ—"ସାର୍ ମୋ ସ୍ତ୍ରୀ ବେମାର, ସକାଳେ ଡାକ୍ତର ଡାକିଗଲି, ସନ୍ତରେ ଗଲି ଔଷଧ ଆଣି, ତା ଛଡ଼ା ତ ହାତରେ

Digitized by srujanika@gmail.com

ଟେଲିଫୋନ୍ କରିବାକୁ, ନ ହେଲେ କଣ ଯାଇନଥାନ୍ତି ସାର୍, ଆଉ କୋଉଠିକି ଯାଆନ୍ତି ? ଆପଣଙ୍କ ପାଖକୁ ନ ଯାଆନ୍ତି ତ ଯାଆନ୍ତି କୋଉଠିକି ? ଆଜି ଯିବି ସାର୍, ଧୋବାକୁ ତାଗିଦ୍ କରି ଲୁଗା ନେଇଯିବି । ଆପଣ କଣ ଜାଣନ୍ତିନାହିଁ ସାର୍,—ଆପଣଙ୍କ ପାଖକୁ ନ ଯିବି ତ ଯିବି କୋଉଠିକି ? ଖାଲି ସ୍ତ୍ରୀ ବେମାର ବୋଲି ସିନା—”

'ସାର୍' ମାନେ ମହାଶୟ, କିନ୍ତୁ ବୀରବାବୁ ତାକୁ ବ୍ୟବହାର କରନ୍ତି ଯେପରି,—ତାର ଅର୍ଥ ନ ହୁଏପଡ଼େ ହଜୁର୍ ଜାହାଁପନା ଆଉ କେଉଁ ସ୍ତରକୁ । ଯାହା ହେଉ,—ଏ ବିନୟ, ଏ ବ୍ୟବହାର, ଏ ଆନୁଗତ୍ୟ ଏବଂ ଶେଷରେ ଧୋବା,—ତା ଉପରେ ଆଉ ଚଳେନାହିଁ । ବଡ଼ବାବୁଙ୍କୁ କଥା ବୁଲେଇବାକୁ ପଡ଼ିଲା,—

"ଯାଅ, କାମ କର ଯାଅ,—ଫେରେ ଯେମିତି ମତେ କହିବାକୁ ନ ପଡ଼େ ବୁଝି ଖବର୍ଦ୍ଦାର । ସ୍ତ୍ରୀ ବେମାର ହୋଇଛି ! ଆଃ, ଏମିତିଆ ଗୋଟାଏ ବାଜେ କୈଫିୟତ୍ ଦବାକୁ କେମିତି ସାହସ ହୁଏ ତମର ? ମାଲିକମାନଙ୍କ ପଣତ ଉହାଡ଼ରେ ଆତ୍ମରକ୍ଷା କରିବାକୁ ଲାଜମାଡ଼େନାହିଁ ତମକୁ ?"

ବୀରବାବୁ ମୁହଁ ତଳକୁ ପୋତି କରେଇ କରେଇ ଗଲେ, ତାଙ୍କ ଦେଖି ରହସ୍ୟ ଉପୁଜେଇ ବଳୀଦତ୍ତ କହିଲା,—"ତାର ରହିଗଲା ମିଲିଟାରୀର ଅଭ୍ୟାସ ସାର୍,—ତେଣେ ଅବଧାନ ଡାକ ପକେଇଥିବ, ଏଣେ କାନ୍ଦି କାନ୍ଦିରେ ଟ୍ରେନିଂ, ବୁଢ଼ୀମା ପନ୍ଥଆଡ଼େ, ଆଜି ଘର ପେଟ ମୋଡ଼ୁଚି ମା, କୋଉ ପକୋଉଚି, କୋଉ ପକୋଉଚି, ଆଉ ଆଜିକି—ଏଃ ।"

ମୁଣ୍ଡ ନ ବୁଲେଇ ଚାଲିଗଲେ ବୀରବାବୁ, ସତେକି କିଛି ଘଟିନାହିଁ, କଣ ବା ଘଟିଛି, ଏ ତ ନିତି ଦେହସହା, ମୁହଁ ପୋଛିଦେଲେ କାମ ସରିଲା, ତେଣେ ବଳୀଦତ୍ତ କଥାରେ ବଡ଼ବାବୁ ହସିଲେ ।

ବଡ଼ବାବୁ ହସିଲେ ।

ହସିଲେ ପାଖର ପାଞ୍ଚଜଣ କର୍ମଚାରୀ ଯାହାକୁ ଯେପରି ଆସେ, ବଳୀଦତ୍ତ ଚଳେଇଛି କୁକୁଡ଼ାପରି, ଡମ୍ଫ ଦେବା ଆଗରୁ ମାଈ କୁକୁଡ଼ା ଯେପରି ବ୍ୟସ୍ତହୋଇ ବୋବାଏ,—"ସି ମାଇନର୍", ରହି ରହିକା,— ତାର ହାର୍ଦ୍ଦିକ ହସ— ବଡ଼ବାବୁ ହସୁଛନ୍ତି ବୋଲି । କୃଷ୍ଣ ବାବୁଙ୍କର ଲମ୍ବା ଗ୍ରସଭ, ହିଁ-ହିଁ-ହିଁ-ହିଁ,— ହରିବାବୁଙ୍କର ନଟବରୀ କାଣ ମଝିରେ ମଝିରେ କମା ସେମିକୋଲନ୍ ପରି ଗୋଟିଏ ଗୋଟିଏ ହଃ ହଃ,—ରାମବାବୁଙ୍କ ଲହରୀ ବନ୍ଦ ହୋଇଯାଉଛି, କ୍ଷୀଣକାୟ ଲୋକ ସେ, ଦମ୍ ନେଇ ପୁଣି ଚଳେଇଛନ୍ତି, ଗୋପାଳବାବୁଙ୍କ ଅଙ୍ଗ ପ୍ରତ୍ୟଙ୍ଗ ହସୁଛି, ଟେବଲ୍ ତଳେ ଥନ୍ତଲ ପେଟ କୁଦାମାରୁଛି, ହେଃ ହେଃ ହେଃ—ବଡ଼ବାବୁ ହସୁଛନ୍ତି—ହେଃ ।

Digitized by srujanika@gmail.com

ଏବଂ ଧାଡ଼ି ଧାଡ଼ି ଟେବୁଲରେ ଅନେକେ ସେ ହସର ପାଳି ଧରୁଛନ୍ତି । ଗୋଟାଏ ହସର ପ୍ରତିଯୋଗିତା, ବଡ଼ବାବୁଙ୍କ ମୁହଁକୁ ଚାହିଁ ସମସ୍ତେ, ଯେପରି ତାଙ୍କର ହସ ବନ୍ଦ ନ ହେବା ଆଗରୁ ଆଉ କାହାର ହସ ବନ୍ଦ ନ ହୁଏ । ଡିସିପ୍ଲିନ୍,— ଅଛା ପଢ଼ିଛ ?

ଏଂକଟ୍ ଉପରେ ମୁହଁରେ ରୁମାଲଦେଇ କାମ କରିଯାଉଛି ।

ଚୌମୁର୍ ଲଂ ପରି ଚିତ୍କାର କଲେ ବଡ଼ବାବୁ,—ଆଉ, ହସ ବନ୍ଦ ଆଉ, କାମ କର ସମସ୍ତେ ।

ଅପ୍ ।

ସବୁ ବନ୍ଦ । କେବଳ କାଗଜ ଓଲଟେଇବାର ଫଡ଼ ଫଡ଼ ଶବ୍ଦ, କାଗଜ ଉପରେ କଲମର ଚର୍ ଚର୍ ।

ବଡ଼ବାବୁଙ୍କ ଟେବୁଲ୍ ଉପରୁ ଖଣ୍ଡେ କାଗଜ ତଳେ ଖସିପଡ଼ିଲା । ସଙ୍ଗେ ସଙ୍ଗେ ନଇଁପଡ଼ିଲେ ପାଞ୍ଚ ଜଣଯାକ । ଗୋପାଳବାବୁ,—ତାଙ୍କ ପକ୍ଷରେ ନଇଁବା ଅସମ୍ଭବ, ତଥାପି—ଚେଷ୍ଟା ତ କରିବାକୁ ହେବ, ଭଡ଼୍ ଭଡ଼୍ ଚକ୍ର ଖୋଲିଗଲା ଗୋଟାଏ ବୋତାମ୍. ତଥାପି ଚେଷ୍ଟା ଚାଲିଛି ନଇଁବାକୁ । କ୍ଷୀରୋଦ୍ର ରାମବାବୁ ଅଣ୍ଟା ବଙ୍କେଇ ଟେବୁଲ ତଳେ ପୂର୍ବୋକେଣି ଦେଲେ, କିନ୍ତୁ ତାଙ୍କର ଦୃଷ୍ଟିରେ କମ୍ । ବଳୀଦତ୍ତ ତାଆଁ ଟାଏ ମାରି ଚଟାଣରେ ବସିପଡ଼ିଲାଣି, ପାରିଗଲା ସେ, ଟେବୁଲ୍ ଉପରେ ରଖିଦେଇ ପଥର ଚାପିଦେଲା । ବଡ଼ବାବୁ ତେଣେ ଅନେଇଲେ ନାହିଁ । ବଡ଼ବାବୁ କାର୍ଯ୍ୟବ୍ୟସ୍ତ ।

ଘୁରିଜଣ ଖସି ଚାଲିଗଲେ ।

କିନ୍ତୁ ବଳୀଦତ୍ତ ତାର ପ୍ୟାଣ୍ଟ୍ ପକେଟ୍ରୁ ବାହାର କଲା ଗୋଟିଏ ବସ୍ତୁ, ଟେବୁଲ୍ ତଳେ ଦେଖାଇ ଧରିଲା, ଧୀରେ ଧୀରେ ଟେକିଲା ଆସ୍ତେ ।

ଖଣ୍ଡେ ପାନ । ହଳଦିଆ କାଗଜ ଗୁଡ଼ାହୋଇଛି । ଉପରେ ଚୁଇଁଛି ଅତରଖାଡ଼ି । ଖ୍ୟାତନାମା କୁଣିଆ ଦୋକାନର ପାନ ଖଣ୍ଡିଏ ।

ସେ ନିଜେ ପାନ ଖାଏ ନାହିଁ; କିନ୍ତୁ ଅକାଳେ ସକାଳେ ଏହି ତାର ଭେଟି ।

"ଓ, ଏନର୍ଜିପିଲ୍, ଆଚ୍ଛା—," ତଳରେ ପେନ୍ସିଲ୍‌ପରି ଥୋଡ଼ି ଖୁବ୍ ଚଞ୍ଚଳ ଚାଲିଛି, ବଡ଼ବାବୁ ପଚାରିଲେ,—"ତାପରେ, କଣ ହେଲା ?"

"ସେହି କଥା ତ ପଚାରିବାକୁ ଆସିଛି ସାର୍, ସବୁ ଆପଣଙ୍କ ହାତରେ, ଅପଣଙ୍କ ଦୟା । ଆପଣଙ୍କୁ ସବୁ ଲାଗିଲା, ଯାହା କରିବେ ।"

"କଥାଟା ଏ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ," ବଡ଼ବାବୁ କହିଲେ, ସ୍ୱର ଖୁବ୍ ଗମ୍ଭୀର ।

Digitized by srujanika@gmail.com

"ହେଉନାହିଁ ଆଉ କଣ ସାର୍, ଆଉ ଦିନେ ଦି'ଦିନ ତ ?"

"ସେ ଠିକ୍ ।" ବଡ଼ବାବୁ ଲେଖାରେ ମନଦେଲେ ।

ଛୋଟ ପିଲା ଗେହ୍ଲେଇ ହୋଇ ଗେଲକଲା ପରି ବଳୀଦତ୍ତ କହିଲା,—"ସାର୍—ସାର୍—କଣ ହେଲା ମୋର ? ଆପଣ ନ କହିଲେ ମୁଁ ବରଂ ହଙ୍ଗର୍ ଷ୍ଟ୍ରାଇକ୍ କରିବି । କହିବେ ନାହିଁ ସାର୍ ?"

ବଡ଼ବାବୁ ମୁରୁକେଇ ହସିଲେ । କିଛି ନ କହିଲା ପରି ଅନ୍ୟମନସ୍କ ହୋଇ କହିଲେ—"ସାହେବ୍ ତ ଭଲ ଲେଖିଛି । ତେବେ, ଆଉ ବି ଜଣେ ଅଧେ ତ ଥିବେ—।"

ମନ ଭିତରେ ଖୁସି ହେଲେ ବି ବାହାରେ ଗୋଟାଏ ଦୀର୍ଘଶ୍ୱାସ ପକାଇ ବଳୀଦତ୍ତ ଉଠିଲା, କହିଲା—"ଆପଣ ଅଛନ୍ତି ବୋଲି ମୋର ସବୁ ବଳ ସାର୍, ନ ହେଲେ ଏମାନେ ମୋତେ ଫାଙ୍କି ଦିଅନ୍ତେ ।" ନମସ୍କାର ଜଣେଇ ସେ ବିଦାହେଲା । କିଛି ବାଟ ଯାଇ ପୁଣି ଲେଉଟି ଆସି ବଡ଼ବାବୁଙ୍କ କାନପାଖେ ନଇଁପଡ଼ି କହିଲା—"ପଦେ କଥା ଥିଲା ସାର୍ ! କଣ ଆପଣ ଭାବିବେ, ଟିକିଏ ଦୋଦୋପାଞ୍ଚ କରୁଛି, ଅଭୟ ଦେବେ ତ କହିବି ।"

"କଣ୍ ?"

"ସାର୍, ଏଙ୍କଟ୍ ରାଓକୁ ଆପଣ କିଛି କହିଥିଲେ କି ?"

"କୋଉ ବିଷୟରେ ?"

"ନା ତାକୁ ଆପଣ ଶାସନ କରିଦେଇ,—ମାନେ କିଛି ଗାଳି ଦେଇଥିଲେ କି ?"

"ଧୁତ୍—କଣ୍ ହେଲା ଜଣ୍ ? ଟିକ୍କେ ଫିଟେଇକରି କହୁନ ?"

ବଳୀଦତ୍ତ ଥାଥା ମାମା ହେଲା, ଯେପରିକି ତଣ୍ଟି ପାକେ କଥା ଉଠି ଆସୁଛି, ଆଉ ତେଣିକି ନାହିଁ, ଯେପରିକି ବଡ଼ବାବୁଙ୍କ ଧର୍ଷଣରେ ବଡ଼ ମର୍ମାହତ ସେ, ବଡ଼ କ୍ଷୁବ୍ଧ; କିନ୍ତୁ ଅପ୍ରୀତିକର କଥା କହିବାକୁ ପାଟିରେ ବଚନ ଧରୁନାହିଁ । ମୁଣ୍ଡପୋତି ଆଙ୍ଗୁଠି ଫୋଟେଇ ଥରେ ଏପାଖ ସେପାଖ ଘୂରିଆସିଲା ସେ । ବଡ଼ବାବୁ ଆଶ୍ଚର୍ଯ୍ୟ, କାମ ଅଟକେଇ ସ୍ଥିର ହୋଇ ତା'ଆଡ଼େ ଅନେଇଛନ୍ତି,—କପାଳର ଚମଡ଼ା ଟାଣି ଟାଣି ହେଉଛି, ଓସାରି ହେଉଛି, ଟାଣି ହେଉଛି, ଓସାରି ହେଉଛି, କେବଳ ଅପେକ୍ଷା ।

"ବଡ଼ ଖରାପ ଲାଗିଲା ସାର୍, ଦେଖନ୍ତୁ ତ ଲୋକଙ୍କ ସ୍ୱଭାବ କେମିତି ! ବିନା କାରଣରେ ଅପବାଦ ଦେବେ । ନାନା କଥା କହି ଲାଗିଛି ଖାଲି କଣ ସେ ଏକା, —ତାର ଘରେ ବି । କହୁଛି ସୁବିଧା ପାଇଲେ ସାହେବ ଆଗରେ ବି କହିବ, କହିଲା ଏକାପଟେପାକ୍ କରିଦେବ, ଦେଖିବା ଯେତେବେଳେ କିଏ ରକ୍ଷାକରେ । କଣ ବାବା

Digitized by srujanika@gmail.com

ଅଛୁ ଯେ ତୁ ବାହାର କଣ ଏକ୍‌ସପୋଜ୍ କରିବୁ ? କରିବୁ ତ କରିବୁ, ଏତେ କହୁ ହଉଚୁ କାହିଁକି ? ଲୋକେ କଣ ଭାବିବେ ? ଆପଣଙ୍କ ପଛଆଡ଼େ ଏପରି, ଆଉ ସମ୍ମୁଖରୁ ଅଭିଗ୍ନ, ଆଃ, ନଇଁପଡ଼ି ପାଦତଳେ ପଡ଼ିଯିବ ସତେକି ବାନ୍ଦରର ଅବତାର । ଆଉ ଚରଣ-ଚୁଟିଆ କଣ ଗଛରେ ଫଳନ୍ତି ?"

"ଆଁ ! ଏକାଂଟ୍ ରାଓ ! ତମେ କି କହୁଚ ବଳୀଦତ୍ତ !" ଫମ୍ପା ସ୍ୱରରେ ଆପେ ବାହାରି ପଡ଼ିଲା ପିଲାଦିନର ସହଜ ଅଭ୍ୟସ୍ତ ଭାଷା,—"ତମେ ଠିକ କହୁଛ ?"

"ଧୀରେ ସାର୍ ଧୀରେ, ଶୁଣି ପକେଇଲେ ମୋର ଜୀବନ ଯାଇବ, ସେପରି ଲୋକଙ୍କୁ ଉପାୟ ଅନ୍ୟପ୍ରକାର । ହେଇ, ସମସ୍ତେ କେମିତି ସନ୍ଦେହରେ ଚାହିଁଲେଣି ସାର୍, ଆଜି ସଞ୍ଜକୁ ବସାକୁ ଆସିବି, ଆପଣଙ୍କୁ ସବୁ କଥା ବୁଝାଇ କହିବି । ଏକ୍‌ସପୋଜ୍ କରିବ । ଖାଲି ଏକ୍‌ସପୋଜ୍ କଲାବାଲା—ହେଃ—"

"ଓଃ, ସସାର୍—ବ୍ୟାଟା କାଳସାପ୍—କାଳସାପ୍—" ଦଣ୍ଡବତ କରି ବଳୀଦତ୍ତ ତୁନିହୋଇ ବାହାରି ଚାଲିଗଲା, ତା ଯିବା ନ ଯିବା ବଡ଼ବାବୁ ଆଦୌ ଲକ୍ଷ୍ୟ କରି ପାରିଲେନାହିଁ । ସ୍ଥିରହୋଇ ଏକ ଭଙ୍ଗୀରେ ଚାହିଁ ରହିଥାନ୍ତି ସେ ସାମ୍ନାର ଧାଡ଼ି ଧାଡ଼ି ଟେବୁଲ ଆଡ଼କୁ ।

ସେଇଠି ସବୁ—ନୀରବରେ ବିଦ୍ରୋହ କୁହୁଳୁଛି ।

ତାଙ୍କର ଧାନାପାଣି ଉପରେ ଆକ୍ରମଣ କରିଛି ଏଙ୍କଟ୍ ରାଓ କାହିଁକି ! କ୍ରମେ ତଳଓଠ ଉପରେ ପଡ଼ିଗଲା ଦାନ୍ତର ଚାପ, ଜନ୍ତୁପରି ଗୋଟାଏ ଅସ୍ଫୁଟ ଶବ୍ଦ କରି ବଡ଼ବାବୁ ଉଠିପଡ଼ିଲେ, ଡ୍ରୟର ଖୋଲି ଚାବି ପେନ୍ଥାଏ ବାହାର କଲେ, କରେଜେ ଗୋଟିଏ ଲମ୍ବା ଆଲମାରି, ଆଲମାରି ଖୋଲି ଫାଇଲଟିଏ ବାହାର କରି ଆଣିଲେ, ତା ପରେ ଲେଖି ବସିଲେ, ଦାନ୍ତ ଚାପି ଚାପି ।

ବଳୀଦତ୍ତ ଏଙ୍କଟ୍ ରାଓ ପାଖେ ବସି ବସି ଦେଖୁଛି । ଚାଲିଛି ମଧୁରାଳାପ—

"ଓଃ ଏତେ ଖଟି ମରୁଛ କାହିଁକି ଏଙ୍କଟ୍ ରାଓ, କିଏ ବୁଝିବ, କିଏ ପ୍ରଶଂସା କରିବ ? ଦେଖୁନ ତ ଦିନଆଟା ଚାଲିଛି କପଟ । ଖାଲି ଫାଙ୍କି ଫାଙ୍କି, ଯେ ଯେତେ ପାରିଲା । ଆଉ ତୁମ ପରି ଯେ କାମିକା ଲୋକ ଖାଲି ଘର ଆଉ କାମ କାମ ଆଉ ଘର, ପଦାକୁ ଦୃଷ୍ଟି ନାହିଁ, କିଏ ବୁଝୁଛି ଏ ସବୁ ପରିଶ୍ରମର ବଡ଼ପଣ ? ତୁମପରି ରହି, ଆଉ ଜୋଉଠି ଥିଲେ କଣ ହେଇପାରନ୍ତାଣି, ଆଉ ଏଠି ! ଛିଃ—"

ଏଙ୍କଟ୍ ରାଓ ହସିଲା, ତାର ଡ୍ରେଟ ଫ୍ଲାକସ ଆଡ଼କୁ ହାତ ଦେଖାଇ କହିଲା "କାଫି, କାଫି ଜାଓ୍ୱାଲ ?—"

ବଳୀଦତ୍ତ ନାହିଁ ନାହିଁ କଲା, ଏ ବି ତାର ଅଭ୍ୟାସ, ଅଧିକପେ କଫି ତା ହାତକୁ ବଢ଼ାଇ ଦେଇ ଏଙ୍କଟ୍ ରାଓ କହିଲା "ନିଅନା ଟିକିଏ,—"

Digitized by srujanika@gmail.com

"ହେଇ ଦେଖ ଏଜ୍ଞ୍ଟ ଗ୍ରେଡ୍, ବୁଢ଼ା କଣ୍ କନ୍ ଫିଡେ଼ନ୍ସିଏଲ୍ ଆଲମାରି ଖୋଲିଲଣି, ଉଠେଇଲା ତ, ଏଁ—ମତଲବ କଣ ?"

"ଆ, ଖାଅ ନା ତୁମେ କଫି ବଲୀଦତ୍ତ, ଅଣ୍ଡା ହୋଇଯିବ, କାହାର ମତଲବରେ ଆମର ଯାଏ ଆସେ କେତେ ?"

ଖବର ମିଳିଲା ଘଣ୍ଟାବେଳେ, ବଲୀଦତ୍ତର ପଦୋନ୍ନତି ଘଟିଛି । ଅଫିସ-ଯାକ ସମସ୍ତେ ଘେରିଗଲେ, ସମ୍ବର୍ଦ୍ଧନା ଜଣାଇଲେ, ଶୁଖିଲା ମୁହଁରେ ନୀରସ ସ୍ୱରରେ । ଜଣକର 'ହୋଇଛି' ବୋଲି କହୁ କହୁ ପ୍ରତ୍ୟେକେ ଯେପରି ଭାବୁଛନ୍ତି ଯେ ତାଙ୍କ ନିଜର 'ହୋଇନାହିଁ', 'ହୋଇପାରିଥାନ୍ତା', ତଥାପି ଦାନାପାଣିର ନୁକାଛକ କଣ୍ଟାକଟି ମୁଖରେ ମାମୁଲି ଦେଉଛି ସମ୍ବର୍ଦ୍ଧନା ଜଣାଇବା, ପାନ ମାଗିବା, ଜଳଖିଆ ମାଗିବା, ଭୋଜପାଇଁ ଅଳିକରିବା । ରହମତୁଁ ଶମ୍ଭୁ ପର୍ଯ୍ୟନ୍ତ ଚପରାଶି ମାଗୁଛନ୍ତି ବକ୍ସିସ ।

ଜକ ଜକ ଆଖିରେ ଚୂବ ବଡ଼େ ହସି ଠିଆହୋଇଲା ଆସି ଏଜ୍ଞ୍ଟ ଗ୍ରେଡ୍, ହାତ ବଢ଼େଇ ଦେଲା, କହିଲା "ଫଳିଲା ତ ଗଣନା ? ଆଉ ଦୋଷ ଦବନାହିଁ ନୁହେଁ ?"

"ଦୋଷ ! କି ଦୋଷ ଭାଇ ?" ବଲୀଦତ୍ତ ଚମକିଲା ।

"ଗଣନା ଭୁଲ ହୋଇଥିଲେ କମି ଦୋଷ ଗାଇବୁଲିଥାନ୍ତ ତମେ ? ନିଅ, ସିଗାରେଟ ଖଣ୍ଡେ ଲଗା, କାମ ତ ସରିଲା, ଘ୍ୟାଲ ଯିବା—"

'କୁଂପାନି'ଘର ବଡ଼ ଅଫିସର ଫାଟକ ଟପି ରାସ୍ତାକୁ ବାହାର ଆସିଲାବେଳକୁ ବଲୀଦତ୍ତ ଅନୁଭବ କଲା, ତାର କଣ ପରିବର୍ତ୍ତନ ହୋଇଯାଇଛି । ପାଦ ବଡ଼ ଉଶ୍ୱାସ, ଚାଲିଲା ପରି ଲାଗୁନାହିଁ । ଉଡ଼ିଲା ପରି ଲାଗୁଛି, ଗୁନ୍ଦା ଠେଲି ହୋଇଯାଉଛି ପବନରେ ଚାଲିଆଡ଼େ ସେ ଖେଳି ବୁଲିବାକୁ ଚାହେଁ, ପବନରେ ବୁହାହୋଇ ଚାଲିଛି ତାର ଛାତିର ପଟୁଆର । ମୁଣ୍ଡ ଭାବନା ବଢ଼ି ଚାଲିଛି ଦୂରକୁ ଦୂରକୁ, ତାର ବାଘ୍ୟରେ ସବୁ ସମ୍ଭବ, ସବୁ ହାତପାଆନ୍ତରେ ।

ତାର ପଦୋନ୍ନତି ଘଟିଛି ।

ଏବେ ଖୋଆକେ ରାଟ୍ କଣ ଛାଡ଼େଇ ଦେଇଛି ସେ ଆପଣା ଦେହଲୁଗାରୁ ତୋର ପାରିପାର୍ଶ୍ୱିକ ଅବସ୍ଥାର ବନ୍ଧନରୁ, ଗଢ଼ ଗଢ଼ ସେ ଉଡ଼ିଚାଲିଛି ।

Digitized by srujanika@gmail.com

ପଦୋନ୍ନତି କଣ ହୁଏନାହିଁ ? କେତେ ହୋଇଛି, କେତେ ହେବ । ପଦୋନ୍ନତିର ସନ୍ଧାନ ବା କଣ ? କାହିଁରେ ଅଛି କଣ, କଣ ବା ନାହିଁ ? କିନ୍ତୁ ବଳୀଦତ୍ତ ଏ ମୁହୂର୍ତ୍ତରେ ଐତିହାସିକ ନୁହେଁ, ନୁହେଁ ଦାର୍ଶନିକ ବା ବୈଜ୍ଞାନିକ, ସେ ଜଣେ ସାଫଲ୍ୟମୁକ୍ତ ମନୁଷ୍ୟ, ମୋହମାୟାରୁ ଆନନ୍ଦ ପାଏ, ଏବଂ ଏ ଜୀବନ ।

ତାର ସାଫଲ୍ୟର ଧାରଣା ଆବଦ୍ଧ ରହିଛି ଜୀବନରେ, ତାର ସ୍ଥୂଳରୂପ ପଦୋନ୍ନତି । ଖାଲି କଣ ଅଧିକା କେତୋଟି ଟଙ୍କା ? କେବଳ ଧନ ଲାଭର ଆନନ୍ଦ ? ନୁହେଁ । ଯେପରିକି ସେ ପଦୋନ୍ନତି ତାର ବ୍ୟକ୍ତିତ୍ୱର । ଭେଙ୍କଟ୍ ରାଓ, କେଶବ ବାବୁ, ମଧୁବାବୁଙ୍କଠୁ ସେ ବଡ଼ ହୋଇଛି, ସାଧାରଣ ଜୀବନ ଭିତରେ ସେ ଯେତିକି ଅସାଧାରଣ ହୋଇଛି, ଏତିକିରେ ଅଟକିବ ନାହିଁ, ଆହୁରି ଦୂରକୁ ମାଡ଼ିବ, ଦୂରକୁ ମାଡ଼ିବ, ସେତେବେଳେ ସେ କଣ ହେବ ? ବାଟ ଦିଶେ ନାହିଁ, ଆଖିରେ ଅଣାର ଧୂଆଁ, ସାନ ସାନ ଦୁଇ ହାତପାପୁଲିକୁ ଏକାଠି ମୁଠାଏ, ପାଣି ଖୋଲେ, ଶରୀରରେ ମୁହଁରୁ ହୃଦୟର ଧାର ବୋହିଯାଏ, ବଳୀଦତ୍ତ ଦାନ୍ତ୍ ଜେଲ୍ଲି ଜେଲ୍ଲି ବାଟ ଚାଲେ ।

ହେଉ ହେଲି ଯେତେ ମନେ ପଡ଼ୁଛି,—ଯାହାଙ୍କ ସେ ଦେହ ଜୋର୍‌ରେ ବଳେଇ ନାହିଁ, ତାର ଆକୃତି ସାନ ଦେଖି ଲୋକେ ତା ଅଗରେ ବେକ ତେରି ତଳକୁ ଚାହିଁଛନ୍ତି, ଛାତି ଫୁଲେଇଛନ୍ତି, ତାହାରି ଉପରେ ବଳ ଝଡ଼େଇଛନ୍ତି । ତଥାପି ସେ ସହିଛି, ଜାଣି ଜାଣି କଳିଆଗୋଳକୁ ଯାଇନାହିଁ, ଖେଳ କସରତ୍‌ଠୁ ସେ ଆଡ଼େଇ ଥାଏ, ଯାହାଙ୍କ ନାହିଁ ବୋଲି ସେ କହିନାହିଁ, ପ୍ରତିବାଦ କରିନାହିଁ; କିନ୍ତୁ ଏ ତାରତମ୍ୟରୁ ଗୋଟାଏ ଗୁଣ ସେ ଆପେ ଆୟତ୍ତ କରିଛି, ବଳରେ ମୁହାଁମୁହିଁ ନ ହେବାର ଗୁଣ, ନିଜକୁ ଝଣ୍ଟାପରି ଟେକି ଧାଇଁଯାଇ ଭୁସୁଡ଼ି ପଡ଼ିବା ଅପେକ୍ଷା ପିଠେଇ ଦେଇ ଆଡ଼େଇ ରହି ସେ ତାର କାର୍ଯ୍ୟ ଉଦ୍ଧାର କରିଛି । ଲୋକଙ୍କୁ ହାତରେ ନ ମୋଡ଼ି ମୋଡ଼ିପାରି ଶିଖିଛି ସେବାରେ, ବନ୍ଧୁରେ ଓ ପ୍ରଶଂସାରେ । ଇସ୍କୁଲରେ ସେ ଗୁଡ଼୍ ବୟ୍, ଭଲ ପିଲା, ମାଷ୍ଟରମାନଙ୍କୁ ବେଶି ଦିକ ସେ ଦେଇନାହିଁ, ବରଂ ଗୁପ୍ତରେ ଖବର କହିଛି କେଉଁ ପିଲା କି ଦୁଷ୍ଟାମି କରେ, ଶାସନର ଉପାୟରେ ସାହାଯ୍ୟ କରିଛି । ଚାକିରିରେ ସେହି ଉପାୟରେ ସେ ଉପରିକମାନଙ୍କ ପ୍ରିୟପାତ୍ର, ଭଗବାନ୍ ତାକୁ ହାତରେ ଶକ୍ତି ବେଶୀ ଦେଇନାହାନ୍ତି, ନ ଦେଉ,—କିନ୍ତୁ ନିଜକୁ 'ବାହ୍ ବାହ୍' ଦିଏ, କୌଶଳୀ ସେ, ବୁଦ୍ଧିର୍ଯସ୍ୟ ବଳଂ ତସ୍ୟ, ଠେକୁଆ ହୋଇ ବେଶ୍ ତାର ଚଳେ ।

ମିଛ ଚଳେଇ ହାତେ ହାତେ ପରୀକ୍ଷାରୁ ଫଳ ପାଇ ସେ [illegible] ପୁରୁଣା କାଠ ଚୁଲ୍ଲି ଆଫିସ ଅଫିସ ଘରେ, ଏଣିକି ସେ ସତେଜ, ସୁନ୍ଦର, କିନ୍ତୁ ନିଜର ନୂଆ ଚେହେରା ନିଜକୁ ଆରେଇ ନାହିଁ । ସେ ବହିଲା ।

Digitized by srujanika@gmail.com

ତ୍ରିଭ ନେଲ୍‌ଅଟାଣି । ବସାପାଖ । ସରୋଜିନୀ ବସିଥିବ । ସରୋଜିନୀଙ୍କୁ ସେ ଚାହିଁବ । ତାପରେ ? ତରତର ଚାଲି, ଘରମୁହାଁ ।

ଦୂରରୁ ଶୁଭୁଛି ବଂଶୀନାଦ । ବେଶ୍ ବେଶ୍—ଦିନ ଶେଷରେ ମଧୁର ବଂଶୀ, ଶାନ୍ତ ସନ୍ଧ୍ୟା । ତା ପରେ ଚନ୍ଦ୍ରଗୁପ୍ତ ଆପଣା ଘର,—ସାନ ଅଗଣାରେ ଡେଙ୍ଗା ଡେଙ୍ଗା ଖଜୁରିଗଛ ଧାଡ଼ି ଉପରେ ଝାଟିବାଡ଼ରେ କନ୍ଦ୍ରିଫୁଲ ଫୁଟିଥିବ । ପାଖ ଦେଳରୁ ଗୁହାଳରୁ ଗୋରୁଙ୍କ ହମ୍ବାରଡ଼ି, ଚଉରା ତଳେ ସଳିତା ଥୋଇ ବେକରେ କାନି ଗୁରେଇ ଓଳଗି ହେଉଥିବ ତାର ସ୍ତ୍ରୀ, ତାହାର ଶୁଭ ମନାସୁଥିବ । ଠାକୁରଘରୁ ଘଣ୍ଟା ମାଦଳ ଶବ୍ଦ । ପଢ଼ଶାଘରେ ସନ୍ଧ୍ୟା ଦୀପର ବନ୍ଦନା "ଦୀପଂ ଜ୍ୟୋତି ପରଂ ବ୍ରହ୍ମ"—

ଦୂରରୁ ବଂଶୀ ସ୍ୱନ, ବେଶ୍—ବେଶ୍ ।

କିନ୍ତୁ ଏ କେଉଁ ଛବି ? ଏ ତ ଗାଁର ! ନାହିଁ ନୋହିବା କଥା, ବହିରେ ପଢ଼ିବା କଥା । ବୋଧହୁଏ ସିନେମାରେ ଦେଖାହୁଏ —ସିନେମା ସେ ଦେଖେ ନାହିଁ । ମନ ଗଢ଼ିଛି ଅଦ୍ଭୁତ ଖିଆଲ । ହୁଏତ ସେ ଶୋଷର ପାଣି, ଘୋଳିହେଲା କଲ-ଜୀବନର ଆଡ଼ି ହା' ହା'କାର !

ବାଜେ କଥା । କଳୀଦତ୍ତ ଚାହିଁ ଦେଖିଲା ସେପାଖେ ସେ କଲେଜ ଛାତ୍ର ଝରକା ପାଖେ ଫୁଙ୍କୁଛି ବଇଁଶୀ । ଏ ପାଖେ ତା ଘର ଝରକା ପାଖେ ଗାଲରେ ହାତ ଦେଇ ବସିଛି ତାର ସ୍ତ୍ରୀ ସରୋଜିନୀ । "ହୁଁ—ଚଗଲା ଟୋକା—," ଗର୍ଜି ଉଠିଲା ମନ,—ଚଗଲା ଟୋକା,—ଚଗଲା ଟୋକା—, କିନ୍ତୁ କଣ ତା'ର ବଇଁଶୀର ସମ୍ବନ୍ଧ ସରୋଜିନୀର ବସି ରହିବା ସାଙ୍ଗରେ ? ସରୋଜିନୀ ଏମିତି ଏଠି ବସି ରହି ସବୁଦିନେ ତାକୁହିଁ ଅପେକ୍ଷା କରେ ପରା । ଆହା ବିଚାରି, କେଡ଼େ ଛଟପଟିଆ ଲାଗୁଥିବ ତାକୁ । ତଥାପି, ମନଟା ମାନୁନାହିଁ । ଲାଗୁଛି ଯେପରିକି ସେ ଝରକାର ବଇଁଶୀବଜାଳି ଟୋକା ଏ ଝରକାର ସରୋଜିନୀ ଖାଲି ଗୋଟାଏ ଛବିର ଏପାଖ ସେପାଖ ।

ରାଗରେ ଦେହଟା ଥରୁଛି, ଖର ନିଶ୍ୱାସ । କଳୀଦତ୍ତ ଆପଣା ଘରର କଡ଼ା ହଲେଇଲା । ସରୋଜିନୀ କବାଟ ଖୋଲିଦେଲା । ଆପଣାର ରାଗରେ ଘର ଭିତରକୁ ଅନ୍ଧ ବାଟ ମାଡ଼ିଯାଇ ତାପରେ କ୍ଳାନ୍ତପଡ଼ି ଚାହିଁଲା ସେ ସରୋଜିନୀଙ୍କୁ । ପଦୋନ୍ନତି କଥା ଘୋଷଣା କରିବାକୁ ସ୍ମରଣ ନାହିଁ । ସରୋଜିନୀର ପିଠିଟା ଦିଶୁଛି, ସରୋଜିନୀ ଧୀରେ ଧୀରେ କବାଟ କିଳୁଛି । ପ୍ରକାଣ୍ଡ ଆକାର ସରୋଜିନୀ ପିଠି, ପଟେ କାନ୍ଥପରି । ସେଠି ତାର ମୁହୂର୍ତ୍ତିକର ବିକୃତ ମନର ବର୍ବର ଚିନ୍ତା ଭିତରକୁ ଭେଦେନାହିଁ, ପଛେଇ ରହେ । ବଇଁଶୀର ଲହର ଉପରକୁ ଉଠିଲା, ବୃହତ୍ ଘୂର୍ଣ୍ଣି ଘୁଣ୍ଡା ହୋଇ

Digitized by srujanika@gmail.com

ଝଡ଼ିପଡ଼ିଲା, ତା ପରେ ପବନରେ ଧୂଳି ପରି ଉଡ଼ି ଗଲାଣି ହାହାକାର, କାନ୍ଦୁର- ଗଁ ଗଁ ।

ସରୋଜିନୀ ବିଷଣ୍ଣ ମୁହଁରେ ଚୁଲିପଡ଼ି ରହିଥିଲା ବଳୀଦତ୍ତ ଗମ୍ଭୀର ହୋଇ ଠିଆ ହୋଇଛି, ମୁହଁକୁ ତଳକୁ ତଳେଇଛି, ଓଠରେ ଓଠ ଚିପିଛି, ଅନୁମାନ କଲା ସ୍ୱାମୀ ତାର ବଂଶୀ ସ୍ୱରରେ ମୁଗ୍ଧ, କହିଲା "ଖୁବ ସୁନ୍ଦର ବାଜୁଛି, ନୁହେଁ ? କେଡ଼େ ଉଦାସ ? ଗଉଡ଼ କାହୁଁ ବଜେଇ ଜାଣିବେ ଏମିତି ? ଆଃ, ଖୁବ ଭଲ—"

"ଆଁଉଁ, କି କହିଲ !" ଏତେବେଳେ ଚେତା ପାଇଲା ବାଟ, "ଖୁବ ଭଲ ବଜଉଚ ନା ଖୁବ ଭଲ ବୋବାଉଚ, ଛିଃ, ଅଚ୍ଛା ବଜାଉଛି, ମଣିଷ କହୁ ନ କହୁଣୁ ଲୋକଙ୍କ ବଜାରରେ ବଢ଼ି ଯାଉଛି, ଭଦ୍ରଲୋକ ପାଖରେ ଏଣିକି ବାଇନାଟ ବସେଇବେ ମନେ କରୁଚନ୍ତି, ନାଁ ? ରହ ମୁଁ ଦେଖେ ତାକୁ ମଜା,—" ଚିତ୍କାର କଲା ବଳୀଦତ୍ତ ଦୃଢ଼ମୁଷ୍ଟିରେ, ଆଗକୁ ଚମକିଲା, ଦୁଆରମୁହଁ ଆଡ଼କୁ ! ଆତଙ୍କରେ କାନ୍ଧ ଉପରେ ଧରି ପକେଇ ସରୋଜିନୀ କହିଲା, "ଛି ଏ କଣ କରୁଚ ? କାହାର କିଏ କଣ କଲେ ଆମର କି ଯାଏ ?"

କାନ୍ଧ ଉପରେ ସରୋଜିନୀର କରମୁଷ୍ଟି, ମୁଣ୍ଡ ଉପରେ ସରୋଜିନୀର ସ୍ନେହ ତେଣିକି ତାର ମୁହଁ, ଛଟପଟି ହୋଇ ବଳୀଦତ୍ତ ରହିଲା, "ଗ୍ଲାନି, ଗ୍ଲାନି ବାଟ ।"

ଛାଡ଼, ଛାଡ଼ ବାଟ,—ତା ସଦ୍ଭୁତ ଉଗ୍ରମୂର୍ତ୍ତି, କେତେବେଳେ ଦେଖିଥିବା କେଉଁ ଅଭିନେତ୍ରୀକୁ ଜାଣିଶୁଏ । ଗୋପନରେ ଜୀବନକୁ ପ୍ରଶ୍ନବିଦ୍ଧ କରୁଛି କଳା, ତେଣିକି ଅନ୍ଧାର ଗୋଟିଏ ହେଣ୍ଡାଲ,—ପ୍ରହାର—ପ୍ରହାର !

"ଏ—ମା, ମୁଁ କୁଆଡ଼େ ଯିବ ଲୋ, ତମେ ଏମିତି କାହିଁକି ହଉଚ ?"

ଦେଖିବ କେମିତିଆ ସେ ବଂଶୀବଜାଳି. ବଜାଉଥିବା କାହିଁକି, ହଠ ତୁମେ, ଥପ୍ । କରେ ତାକୁ ।"

ଚିତ୍କାରଟା ଅବଶ୍ୟ ହୋଇଥିଲା ଖୁବ୍ ଉଚ୍ଚରେ । ସେ ପାଖେ ବଂଶୀସ୍ୱନ ହଠାତ୍ ଥପ୍ କରି ବନ୍ଦ ହୋଇଗଲା । ବଳୀଦତ୍ତର ଦେହର କମ୍ପ ସରୋଜିନୀଠି ଚହଟିଛି, କବାଟକୁ ପିଠି କରି ବଳୀଦତ୍ତକୁ ଧରି ସରୋଜିନୀ କହିଲା; "କୁଆଡ଼େ ଯିବ ? କଣ ହେଲା ? କଣ ହୋଇଚ ତମର ? ଆଖି ଦିଟା କୁମ୍ଭାଟୁଆ ଆଖିପରି, ମୁହଁରେ ପାଣି ନାହିଁ, କାହିଁ ଏମିତି ହେଉଚ ? କୁଆଡ଼େ ଯିବ ? ମାଡ଼ ମାରିକିଦାର କରିବାକୁ ? ପାରିବ ତୁମେ ? କାହିଁକି ଏମିତି ଉଚ୍ଛନ୍ନ ହଉଚ କହିଲ ମତେ; ସବୁଦିନେ ଶାନ୍ତ ଲୋକ, ଖୁଣ୍ଡାମି ହୁଣ୍ଡାମିକି ପାରିବ ତୁମେ ? ଆସିଲ ଶୋଇପଡ଼ିବ ଟିକିଏ—"

Digitized by srujanika@gmail.com

ଏଁ କ'ଣ ଏ କହୁଛ ? ପାରିବ ତୁମେ ? ନନ୍ଦା କଥା ନନ୍ଦା କଣ୍ଠା ପରି କିଏ ଯେମିତି ହାତୁଡ଼ିରେ ପିଟିଦେଲା ମୁଣ୍ଡ ଭିତରକୁ । ଥଣ୍ଡା, ଥଣ୍ଡା ସବୁ । ଥଣ୍ଡା କଥା, ଥଣ୍ଡା ଲୁହା, କଲିଜା ଆହୁରି ଥଣ୍ଡା । ଭାବିଲେ ମନେପଡ଼େ ତ ସତେ,—କୁନ୍ଦିଲା ପରି ଜୁଆନ ଟୋକା, ତାର ଭାଲୁଆ ଗୁଡ଼ି । ସେ କସରତ୍ କରେ । ସତେ କି ଉତ୍କଳ ଭୀମ ପଦ୍ମଚରଣଙ୍କ ସାନଭାଇ । ସେ ଫୁଟ୍‌ବଲ୍ ଖେଳେ, କଲେଜ୍‌ରେ ପଢ଼େ, ତା'ର ବନ୍ଧୁ ନାହିଁ । ଆଜି ସେ ଚଳନ୍ତି ପଥର ପାଖେ ସେ ନିଜେ ବଳୀଦତ୍ତ ।

ଦେହରେ ଉଷୁମିଆ ଝାଳ ଫାଟି ଆସୁଛି । କୋଟ୍‌ର ବୋତାମ ଫିଟେଇ ଫିଟେଇ ଉପରିକ ଭଙ୍ଗୀରେ ସାହେବୀ କାଇଦାରେ ସେ କହିଲା, "ଓଃ ସରୋଜ୍, ଏକ୍‌ସ୍‌କ୍ୟୁଜ୍ ମି, ମାଇଁ ନାର୍ଭସ୍ ଆ' ଜମ୍ପି,—ମାନେ ସ୍ନାୟୁଗୁଡ଼ାକ ଡିଆଁ ମାରୁଚି, ଦେହଟା ବିଗିଡ଼ିଲା ବୋଧେ । ଅଫିସ୍‌ରେ 'ଯୋଉ କାମ ଭିଡ଼, କାମ କରି କରି ମୁଣ୍ଡଭିତର ଅଡୁଆ ଝଡୁଆ, କାନ ଭାଁ ଭାଁ, ହେଉ, ଦେଖ ତାଳୁ ଉପର ତାତି-ଥିବ ନିଶ୍ଚୟ । ତା'ପରେ ଘରକୁ ଆସିଲାବେଳକୁ ନିଶ୍ଚିନ୍ତରେ ମଣିଷ ବସିଲା ବା ଟିକିଏ ନା କାନ ପାଖେ ସେଥିରୁ ଗୋଟାଏ ରେଡ଼ିଓ କଲକଲା, ଭଲ ଅଧନ୍ତା ବଇଁଶୀ ବଜେଇ ଚଟେ ବାପା, ତୁ ବଜାନ୍ତୁ ଆମେ ଶୁଣନ୍ତୁ । ଏଗୁଡ଼ା କଣ ଚଳୋଉଛୁ ସତେ କି ଚିଲ ଶାଗୁଣା ଏକାଠି—ହେଇଃ, ଇଡ଼ିଅଟ୍ "

"ଆଉ ସେ ତାର ଆମର କାହିଁପାଇଁ କଲି, ରହିଥା' ମୁଁ ଖବର ପଠାଉଚି ମିସେସ୍ ବାବୁଙ୍କ ପାଖକୁ, କେମିତି ବଜେଇବ ସେ ଦେଖିବା ନାହିଁକି ?"

"ହୁଃ ତମ କଥାକୁ ସେ ଅନେଇଁକି ବସିଚି ଆ—"

"ମୁଁ ମୋ ନାଁରେ କାହିଁକି କହିବି, ତମ ନାଁରେ ନା,—ତମ ନାଁ କହିଲେ ଶୁଣିବେ ନାହିଁ. ଅଛା ପଡ଼ିଚ ? ମୁଁ କହି ପଠାଇବି ଏଗୁଡ଼ା ଶୁଣିଲେ ମୁଣ୍ଡ କଣ ହଉଚି । ପୁଣି କାହା ଘରେ ଗୋଟିକିଆ ପିଲା ଥିବେ, ବଇଁଶୀ ଶୁଣିଲେ ମା'ମାନେ ଭାତ ଖାଇବେ ନାହିଁ । ବଜେଇବା ଇଚ୍ଛା ତ ଯା ବାବା ପଡ଼ିଆକୁ ।"

"ବେଶ୍ ବେଶ୍—"

"ଆଣିଲି ତମେ ଖାଇ ବସିବ ।"

ଦୁଇ ମିନିଟ୍‌ରେ ସରୋଜିନୀ ଜଳଖିଆ ଆଣି ଥୋଇଦେଲା । ଖାଇ ବସୁ ବସୁ ବଳୀଦତ୍ତ କହିଲା, "ଓଃ, କାମ ଚାପରେ ମୁଣ୍ଡ ଠିକ୍ ରହିବା କଷ୍ଟ—" ଖାଉ ଖାଉ ଗୋଟିଏ ଗ୍ରେଟ୍ ଲେକ୍‌ଚରର ସୂତ୍ରପାତ କରି ସେ ଆରମ୍ଭ କଲା, "ଜାଣିଲ ସରୋଜ୍, ମଜୁରିଆ ଲୋକ ଯେତେ, ସମସ୍ତିଙ୍କର ଏଇ ଦୁର୍ଦ୍ଦଶା, ପାଞ୍ଚ ପାଞ୍ଚ ଲାଲ୍ ହୋଇ ଘରକୁ ଫେରନ୍ତି, ସବୁ ଝଗଡ଼ାନ୍ତି ଘରେ, ସଞ୍ଜ ପହରରେ ଯାବତ ଗଣ୍ଡଗୋଳ, ହାବତ ଅଶାନ୍ତ । ଭଣ କରିବା କାମର ଏ ଲକ୍ଷଣ । ମିଜାଜ୍ ବିଗିଡ଼ିଯାଏ—"

Digitized by srujanika@gmail.com

ସରୋଜିନୀ ତଳକୁ ମୁହଁପୋତି ବସିଛି, ତୋଫାନଟାକୁ ଏତେ ସହଜରେ ସେ ଉଡ଼େଇ ଦେଇ ପାରୁନାହିଁ, ମୁହଁ ଥମ୍ଭିଛି ମେଘପରି ।

କଥା ନଅସରେ ବଳୀଦତ୍ତ ଗିଳିଲାଗିଛି ଖାଦ୍ୟ, ବାରପଣ ଶେଷ । ପେଟର ଭୋକ ନଭିଗଲାଣି । ଦେହରେ ପୂରି ଆସିଲାଣି ଶାନ୍ତି । ହଠାତ୍ ତାର ଖିଆଲ ହେଲା —କେତେ ବଡ଼ କଥା ସେ ଭୁଲିଯାଇଛି ! କୌତୁକ ଲାଗିଲା । ଫାଙ୍କିବନା ହସି ଚାପିଦେଇ ସେ କହିଲା, "ଶୁଣିଲଣି ସରୋଜ୍ ! ଆଜି ଫଳ ବାହାରିଗଲା, ଅଫିସଭିତରେ ଏକା ମୋରି ହେଲା ପ୍ରମୋସନ୍ ।"

ସରୋଜିନୀ ଚମକି ପଡ଼ିଲା । ମୁହୂର୍ତ୍ତିକେ ତା'ର ମୁହଁର ମେଘ ଭାଙ୍ଗିଯାଇ ଖେଳିଗଲା ତରଳ ଖରା । ହସି ହସି ଝାଙ୍କିହୋଇ ଠିଆହୋଇପଡ଼ି କହିଲା, "ସତେ ! କହୁନା ଏତେବେଳଯାଏ ! ଏତେ ଭୁଲିଲୋକ ତମେ !"

ପଛକଥା ଗଲା ଉଡ଼ି ଭୂତହୋଇ, ବସ୍ତୁବାଦୀ ଦୁନିଆର କାଉଁରୀମନ୍ତ୍ରରେ ଘୋଟିଗଲା ମୋହନୀ, ଦୁଇଟି ହୃଦୟ ଆହୁରି ଆସିଲା ପାଖକୁ ପାଖ, ଏକା ଛନ୍ଦରେ ବାଜି ଉଠିଲେ ଦୁହେଁ ।

ସେ ଛନ୍ଦର ନାଁ ଶାର୍ଦ୍ଦୂଳ ବିକ୍ରୀଡ଼ିତ ନୁହେଁ, ତା ନାଁ ଗ୍ରେଡ୍‌ଥ୍ରୀର ପ୍ରମୋସନ୍ । ଦୁଇଟି ଚଢ଼େଇ ପାଖକୁ ପାଖ, ଟୁଆଁ ଟୁଇଁ । ଟୁଇଁ ବଡ଼ ହେଉ ଟିକିଏ, ତଥାପି ତା ନାଁ ଟୁଆଁ ନୁହେଁ । ଗ୍ରେଡ୍‌ଥ୍ରୀର ପ୍ରମୋସନ୍ । ଟୁଆଁ ଚଢ଼େଇ କାଠିକୁଟା ବୋହୁଆଣି ବସା ବାନ୍ଧିଦେଇଛି । ଟୁଇଁ ଡିମ୍ବ ଦେବ । ତା'ପରେ ଏଇ ନୂଆଁଘର, ଟୁଆଁ ଟୁଇଁ ଆଉ ଡିମ୍ବ ।

ଗ୍ରେଡ୍‌ଥ୍ରୀର ପ୍ରମୋସନ୍ ।

ସରୋଜିନୀ ପାନ ବଢ଼େଇଦେଲା, ବଳୀଦତ୍ତ ପାନଖିଲିଟି ଓଲଟାପାଖେ ପାଟିରେ ପୂରେଇ ଗୋଟା ପାଖଟି ଉହୁଙ୍କେଇ ଦେଲା ସରୋଜିନୀର ମୁହଁକୁ, ସରୋଜିନୀ ହସି ହସି ଜାମୁଡ଼ି ନେଲା ।

କହିଲା "ୟା ପରେ ?"

ତା ମୁହଁର ଭଙ୍ଗୀକୁ ପ୍ରମୋସନ୍‌ର ତାତ୍ପର୍ଯ୍ୟ ବିଷୟରେ ପ୍ରଶ୍ନ ବୋଲି ଅର୍ଥ କରି ବଳୀଦତ୍ତ କହିଗଲା, "ୟା ପରେ ଆଉ କଣ ?" ହୁଏତ ଭଲକରି ମୁଠିଏ ଖାଇ ପାରିବା, କାରଣ ଦରମା ପଞ୍ଚସ୍ତରିରୁ ତେଇଁଲା ଦେଢ଼ଶକୁ । କାଲିଠୁ ଚପରାଶିଟିଏ ମିଳିବ । ବସା ବଦଳିବ ତ ନିଶ୍ଚୟ, ଏମିତି ସି. ଟାଇପ କ୍ୱାର୍ଟରରେ ତ ଆଉ ଚଳିବ ନାହିଁ ଆମର । ସେ ଯା ହଉ, ଏ ପ୍ରମୋସନ୍‌ରେ ଲାଭ ଜାଣ ଏତିକି ଯେ ନାବାଳକ ପଣଟା କଟିଗଲା, ଆମେ ଆଉ କିରାଣୀ ନୋହୁଁ, ସାନ ହଉ ବଡ଼ ହଉ ଆମେ ବି ଅଫିସର । ବୁଝିଲ, ଆମେ ବି ଅଫିସର । କର୍ମରେ ଥିଲେ ଆମେ ବି ମହାପାତ୍ର ହେବା ଆମେ ବି ସାହେବ ହେବା, ବୁଝିଲ ? ଖାଲି ଦିନାକେତେ ପରିଶ୍ରମ ଆଉ ପରିଶ୍ରମ

Digitized by srujanika@gmail.com

ସାଙ୍ଗରେ ଟିକଏ, ବୁଝିଲ,—ଲୋକଙ୍କ ମନନେବା ଭଳି ଟିକଏ ଟ୍ୟାକ୍ଟ୍—ଟ୍ୟାକ୍ଟ୍ ମାନେ କଣ ବୋଲି ବୁଝେଇବି ତମକୁ କହ ? ତାର ଓଡ଼ିଆ ନାହିଁ କି ଆମ ଓଡ଼ିଆଙ୍କୁ ଟ୍ୟାକ୍ଟ ଜଣାନାହିଁ । ସେଇଥିପାଇଁ ଅନ୍ୟାନ୍ୟ ଦେଶର ଲୋକେ ଟ୍ୟାକ୍ଟ ବଳରେ ଉପରଓ୍ୱାଲାଙ୍କୁ ଫ୍ଲିକ୍ କରି ମାରିନେଇ ଚାଲ୍, ଆମ ଲୋକେ ଆଁ କରି ଚାହିଁଚନ୍ତି । ବସିଥା ବାବା, ଓଡ଼ିଆ ଦେଢ଼ଗୋଡ଼ିଆ । ଜମା ନଇଁବେ ନାହିଁ, ସବୁଥିରେ ଅପଣାର ଅଣ୍ଟି । କାହାଠୁ କେମିତି କାମ ହାସଲ କରିହବ, କଳେବଳେ କୌଶଳେ, କୋଉଠି କେମିତି କଥା କହିବ, ପାଣିରେ ସର ପକେଇଦବ. ଗାଆନ୍ତା ମଣିଷଠୁ ଚ୍ଚଲ ଛଡ଼େଇ ନବ, ସେ ଜୁଳୁଜୁଳୁ କି ଅନେଇଁଥିବ ଜ୍ଞାନ ନା ପାଗଲପଣ, ଯାଣ ନା ଟ୍ୟାକ୍ଟ । ଦେଖିଲ ତ କେଡ଼େ ଜଲ୍ଦି ପ୍ରମୋସନ ! ରାଜପୁତ୍ ବୁଝିଥିଲେ ଟ୍ୟାକ୍ଟ୍, ସେଇଥିପାଇଁ ମୋଗଲ ରାଜୁତିରେ ବି ଶାସନ କରୁଥିଲେ ରାଜପୁତ୍ । ସେ ତ ଇତିହାସ । ଏବେ ଅନ୍ୟମାନଙ୍କୁ ଦେଖ—”

ଆପଣା ବକ୍ତୃତାରେ ମୁଗ୍ଧହୋଇ ଗପିଚାଲି ବଳୀଦତ୍ତ, ଏକଥା ସେପରିକି ନିଶା, ନିଶାରେ ନିଶା ଲଗେ । ସରୋଜିନୀ ଚୁପ ହୋଇ ଶୁଣିଚାଲିଛି । କଥା ହଉ ଅକଥା ହଉ ବଳୀଦତ୍ତ ଅବତାର ଦେଖାଉଚି ଗୋଟାଏ ନୂଆ ବ୍ୟକ୍ତିତ୍ୱର. ତା'ର ଆଖି ସରୋଜିନୀର ଆଖିକୁ ବାନ୍ଧିଧରିଛି, କହିଲ, “ମୁଁ କହେଁ, ବିଶ୍ୱାସ ହୁଏନାହିଁ ତମର ସବୁ, ଏଥର ଦେଖିଲ ତ, ଏ କଣ, ଆହୁରି ଦେଖିବ, ଏତ ଆରମ୍ଭ ମୋଟେ । ତେବେ ଆମର ପ୍ରଧାନ ଅଭାବ କଣ କି, ଘରକରିରେ କଡ଼ାକରି ସାହାଯ୍ୟ ନାହିଁ ମାଇକିନାମାନଙ୍କର । ଏମ ସବୁ ରାନ୍ଧିବାଢ଼ି ଜାଣ, ମୁଁ ମନା କରୁନାହିଁ, ତା ତ କରେ ପାଞ୍ଚଟଙ୍କିଆ ପୂଝାରି,—ମାନେ ତମେ ମନରେ ଦୁଃଖ କରନାଇଁ,—ଘରକରିରେ ତମର ଆମକୁ ସାହାଯ୍ୟଟା କଣ ?

ଶାସ୍ତ୍ର କହେ ସ୍ତ୍ରୀ ହେଉଚି ସହଧର୍ମିଣୀ, ଧର୍ମ ମାନେ ବୃତ୍ତି; କିନ୍ତୁ ତମର ବୃତ୍ତି ଆମର ବୃତ୍ତି ହଉଚି ଭିନେ । ଏଇ,ଆନ୍ତମାନଙ୍କ କଥା ଦେଖ, କ୍ରମୀନର ଅଉ ସେତେ ଅଫିସର, ଫରଓ୍ୱାଡ଼ ସ୍ତ୍ରୀ, କ୍ଲବ ଘରେ ହେଲ ଜାଣି କହିଲେ ପଦେ ଉପରଓ୍ୱାଲାଙ୍କୁ, ଏଣେ ସ୍ୱାମୀର ପ୍ରମୋସନ୍ । କିଏ ଗାଇ ଜାଣେ, କିଏ ନାଚ ଜାଣେ, କିଏ ଖେଳି ଜାଣେ, କିଏ କଥା କହି ଜାଣେ । ଏଣେ କଥାଖେଳରେ କାମ ଉଠେଇ ନେଇ ଛୁ' । କିଏ ଜାଣୁଚି ? ନା ନିଜର କିଛି ଷ୍ଟଡିହେଉଚି ? ବର୍ଷକରେ ଗୋଟିଏ ସ୍ୱାମୀର ଗୁଣଟା ପ୍ରମୋସନ୍, ଲୋକ କାହିଁ ଉଠୁଚନ୍ତି, କାଲି ସେ ଲୁହା ଝରିଲୋଉଥିଲା କି ମୁଣ୍ଡା ଜାଣୁଥିଲା, ଆଜି ତା ପରି ମେ, ବଡ଼ ଅଫିସର । ଆଉ ଆମ ବେଳକୁ ଝୁଲୁଚି ପଥର, ଖାଲି ପଥର ।”

ବଳୀଦତ୍ତର ବ୍ୟକ୍ତିତ୍ୱ ବଢ଼ିଛି, ସରୋଜିନୀର କମିଛି । ନିଜକୁ ବାହ୍ ବାହ୍ ଦେଇଦେଇ ସ୍ତ୍ରୀକୁ ସେ କାଟି ଥୋଇଦେଲାଣି ପଥର କରି । ସରୋଜିନୀ

Digitized by srujanika@gmail.com

ଚୁପ୍ ହୋଇ ବସିଛୁ । ଖାଲି ଭାବି କହୁଛ—"ଲୋକେ କରୁଛନ୍ତି, କହୁଛ, ମୁଁ ଶୁଣୁଛି । ତେବେ ସ୍ୱାମୀମାନେ ରୋଜଗାର କଲେବୋଲି ସ୍ତ୍ରୀମାନେ ଯଦି ଚାକିରାଣୀ ହେବେ ଘର ରହିବ କାହାପାଇଁ ? ଘର ବା କଣ ଦରକାର, ନାଁ ? ଠିକ୍, ଠିକ୍ ତେବେ ସମସ୍ତେ ସବୁକଥା ପାରନ୍ତିନାହିଁ । ଯେ ଯେମିତି ଗଢ଼ା, ମୁଁ ନ ପାରୁଛି ବୋଲି ଦୋଷଦେଲେ କଣ ମୁଁ ପାରିବ ?"

"ଧେତ୍ତେରିକା, ଅଚ୍ଛା ଅଣ୍ଡିଆ ଚୁହିଁଲ, ଯାକୁଇ କହୁଥିଲି ଓଡ଼ିଆ ଦେଢ଼ଗୋଡ଼ିଆ ଓ୍ୟାଣ୍ଟିଂ ଇନ୍ ଟ୍ୟାକ୍ଟ୍ । କିଏ ତମୁକୁ କଣ୍ କହିଲା ? ପାରିବ ନାହିଁ ? କେବେ ଚେଷ୍ଟା କରିଥିଲ ? ସମସ୍ତେ ସବୁ ପାରୁଚନ୍ତି, ତମେ ସବୁ ପାରିବ, ଖାଲି ମନଦେଲେ ହେଲା ।"

"ମୋର କିଛି ଦରକାର ନାହିଁ, ମୁଁ କିଛି ପାରିବିନାହିଁ ।"

"ଅଚ୍ଛା ତମେ ଆରମ୍ଭ କର ତ, ସିଏଟି ଭ୍ୟାଟ୍, ବିଏଟି ବାଟ୍ ଯୋଗ ହିସାବ । ଦେଲ ପାନ ଚାରିଖଣ୍ଡ, ଚାଲି ଆସେଁ ।"

ସବ୍ରେକ୍ତମା ପାନ ଦେଲା ।

ବଳୀବର୍ଦ୍ଦ ପଦାକୁ ବାହାରିଲା ।

ପାନ ଚୋବେଇ ଚୋବେଇ ଅନ୍ଧାରେ ଅନ୍ଧାରେ ଚାଲିଛି ବଳୀବର୍ଦ୍ଦ । ଚୁପ୍‌ଚାପ୍, କଳ ସଙ୍ଗେ ସଙ୍ଗେ ଚାଲିଛି ।

ଅନ୍ଧାରେ ଅନ୍ଧାରେ ତା ପାଇଁ ଯୁଡ଼ିଛି ଖୋଲିଯାଉଛି ଅଳ୍ପ ଅଳ୍ପ, ସିଧା ରାସ୍ତା, ଦୂରରେ ଝିକିମିକି ଆଲୁଅ, ସେ ରାସ୍ତାର ଶେଷ ନାହିଁ । ଥାଉ କେତେ ଅନ୍ଧାର, ବଳୀବର୍ଦ୍ଦ ଆଗକୁ ଚାଲିବ । କେତେ ବାଟ ? ଯେତେ ହେଉ ବଳୀବର୍ଦ୍ଦ ଆଗକୁ ଚାଲିବ । ଭାଗ୍ୟ ! ଫୁଃ । ସବୁ ଆପଣା ହାତର କରାମତି, ମୂର୍ଖ ଅପେକ୍ଷାକରେ ଭାଗ୍ୟକୁ, ସେ ନୁହେଁ । ଅଫିସର । ଏଇ ତ ଆରମ୍ଭ ମୋଟେ ।

ତାପରେ ? ଆଖିକୁ ଆଖି ଦିଶିଯାଉଛି ତା'ର ଭବିଷ୍ୟତ । କାହାପରି ହେବ ? ମହାପାତ୍ର, ମହାନ୍ତି, ସିଂ, ତ୍ରିପାଠୀ, ଦାସ, ଦଣ୍ଡସେନା, ମିଶ୍ର, ମଙ୍ଗରାଜ, ଜଗଦଳ, ମିଲ୍, ଅସଂଖ୍ୟ ସେମାନଙ୍କ ନାଁ ଅସଂଖ୍ୟ, ତଥାପି ଅତି ଅଳ୍ପ, ହଜାରେ ଦଶହଜାରରେ ଜଣେ । ସ୍ୱତନ୍ତ୍ର ସେମାନଙ୍କ ଜୀବନ ସ୍ୱତନ୍ତ୍ର ସେମାନଙ୍କ ଶ୍ରେଣୀ ।

ପ୍ରଣାମ ପାଇ ପାଇ ପଥର ବି ଦେବତା ହୋଇ ଯାଏ ଭକ୍ତ ସଂସାର କଳ୍ପନାରେ, ସେମିତି ପାଇ ପାଇ ମଣିଷ ବି ସଂସାର କଳ୍ପନାରେ ସ୍ୱୀକୃତ, ସଂସାର କରେ ନୁହେଁ । ମୁହଁରେ କ୍ଷମତାର ଦୃପ୍ତଭଙ୍ଗୀ, ସ୍ୱରରେ ଦୃଢ଼ତା, କୁହୁଳି ବି କଥା କହୁଥାଏ,—ମୋର କ୍ଷମତା ଅଛି, ମୁଁ ସାଧାରଣ ନୁହେଁ । ଲୋକେ ତାଙ୍କ ପାଖ ମାଡ଼ନ୍ତିରେ ଗନ୍ଧ ବାରି ଆପେ ଦୂରକୁ ହଟିଯାନ୍ତି । ରାସ୍ତା କରରେ ଗଛମୂଳେ ଦୂରକୁ ଖୁଣ୍ଟି ହାତ ଦେଖାଇ କଥା କୁହାକୁହି ହୁଅନ୍ତି । ବ୍ୟକ୍ତିଗତ ଜୀବନ ମନ-ଇଚ୍ଛା,

Digitized by srujanika@gmail.com

ଦୁନିଆର ସାଧାରଣ ନିୟମରେ ତାଙ୍କୁ କେହି ମାପିବାକୁ ଯାଏ ନାହିଁ, ସେ ମାପର ବାହାରେ ସେ, ତେଣୁ ।

ସେହି ଶ୍ରେଣୀରେ ଜଣେ ହୋଇଛନ୍ତି ସେ—ବଳୀଦତ୍ତ ଦାସ । ଅଛି କ୍ୟା ପରବାହ ?

ଆଜି ଗଛ ଡାହିରେ ଚଢ଼ି ତଳକୁ ଚାହିଁ ଦାନ୍ତ ଦେଖେଇ ହସୁଏ ନିଃଶବ୍ଦରେ, ଉପରୁ ଦେଖିହୁଏ ତା'ର କରୁଣ ଜୀବନ । ତା ପ୍ରତି ଘୃଣା ହୁଏ, ବଳକା ଘୃଣାହୁଏ କାରଣ ନିଜର ସେ ଥିଲା ଅତୀତ । ତା'ର ଆଜି ଏତେ ଟିକିଏ ସହାନୁଭୂତି ନାହିଁ, ସେ ତାଙ୍କୁ ନଚେଇବ, ମଣ କରିବ, କସି କସି କାମ ଆଦାୟ କରିବ, ସେ ଶ୍ରେଣୀର ସବୁ ଫେଞ୍ଚ୍‌କାମି ସେ ଜାଣେ; କିନ୍ତୁ ନିଜକୁ ସେ ଦଳର ବୋଲି କେବେହେଲେ ସେ ଛନ୍ଦା ପକେଇବ-ନାହିଁ, କୋଉଠି ଛୁଣ୍ଡା କନ୍ଥାପରି ସେ ଅତୀତ ଯାଇଛି ତ ଯାଉ ।

ସେ ଅଫିସର ।

ସେ ବଳର ଅବତାର, ବପୁର ନ ହେଉ ପଛେ, ସେ କାର୍ଯ୍ୟଦକ୍ଷତାର ଅବତାର, ପରିଶ୍ରମରେ ଘୋଡ଼ା, ଟ୍ୟାକ୍‌ଟରେ ଝୁର, ବୁଦ୍ଧିରେ ଗଜାନନ, ଶ୍ରେଣୀରେ ଅତିମନୁଷ୍ୟ, ଲଜ୍ଜା ନାହିଁ, ସଙ୍କୋଚ ନାହିଁ, ମାୟା ମମତା ନାହିଁ, ନିଷ୍ଠୁର ଦାୟିତ୍ୱ ତୁଲେଇବାକୁ ନିଷ୍ଠୁର ତା'ର ଶକ୍ତି, ସିଧା ତା'ର ବାଟକାଟି ଆଗକୁ ଚାଲିଯିବ, ନିନ୍ଦନ୍ତୁ ନୀତିନିପୁଣାଃ ।

ଲୋକେ ଅନୁସରଣ କରିବେ, ଲୋକେ ମୁଣ୍ଡ ନୋଇଁବେ, ଲୋକେ ଠିଆ-ହୋଇ ରହିବେ ଅପେକ୍ଷା କରି । ଦେଖାହେବାକୁ ନିଜ ନାଁ ଲେଖି ପଠେଇ ସଦାରେ ବୁଲି ବୁଲି ଧୂଳି ଖାଉଥିବେ, ଦେଖାହେଲେ ଜଣ ଜଣକୁ ସେ ଦେବ ଏକ ମିନଟ୍ । ବାରମ୍ବାର ଘଣ୍ଟା ଦେଖି ଦେଖି ପଚାରୁଥିବ 'ଆଉ କଣ ?'

ଫୁଲି ଉଠୁଛି ମନ, କିନ୍ତୁ ନିର୍ଜନ ସେ, ସାଙ୍ଗସାଥୀ ନାହିଁ ।

ମନହେଲା, ସିଗାରେଟ୍ ଖଣ୍ଡେ ଖାଇବ । ପାନ ଦୋକାନରେ ଅଟକିଲା, "ଏଇ, ଖଣ୍ଡେ କ୍ୟାପ୍‌ଷ୍ଟାନ୍ ।" ପାନ ଦୋକାନୀ ବଡ଼ାଏ ପାନ ଭାଙ୍ଗୁଛି । ପୁଣି ଗରାଖଙ୍କ ସଙ୍ଗେ ଖେଳ ବିଷୟରେ ଚର୍ଚ୍ଚା ଚଳେଇଛି । ନୂଆ ଖେଳାଳୀ କିଏ ସେ ଓହ୍ଲେଇଛି ଜଣେ ଫରିଦ ମିଆଁ, ଚର୍ଚ୍ଚାଟି ତାହାରି ବିଷୟରେ । ତେଣୁ ପାନ ଭଙ୍ଗାରେ ଡେରି ହେଉଛି ।

"ଏଇ, ଖଣ୍ଡେ କ୍ୟାପ୍‌ଷ୍ଟାନ୍—"

ଚାରିଥର ହାଙ୍କିଲା ପରେ ପାନ ଦୋକାନୀ ହଁ ଦଉଚି କିନ୍ତୁ ଅନ୍ୟ ଗରାଖିଙ୍କି ପଚାରି ଲାଗିଲାଣି "ବାବୁ ତୁମର କ'ଣ ? ଖଇରିଆ କଡ଼ା ? ଦେଶୀ ଗୁଣ୍ଡି କିଏ ଲବ ?" ପୁଣି ଫରିଦ ମିଆଁ । ଝୁଲୁଥିବା ନିଆଁ ଗୁଳିରୁ ଦଉଡ଼ିରୁ ବଡ଼

Digitized by srujanika@gmail.com

ଲଗାଉଛି ଜଣେ କେହି, ମୁଣ୍ଡରେ ରୁମାଲ ବାନ୍ଧିଛି, ହାଡ଼ୁଆ ମୁହଁରେ କଣ୍ଟା କଣ୍ଟା ବୁଢ଼, ଥୋଡ଼ିରେ ଦାଢ଼ି କେଶଏ, ଛୁଣ୍ଡା ମଇଳା କାମିଜ୍ ଉପରେ କଳା ଫତୁଆ, ଅଣ୍ଟାରେ କନାଖଣ୍ଡ଼, ତଳକୁ ଢାଲପକା ମଇଳା ପାଇଜାମା । କଥା ଉଠ୍‌କେଇ ଦେଉଛି ସେ "ଫରଦ ମିଆଁ ଠୁ ତା ଚଚ୍ଚା ସମଦ ମିଆଁ ଆହୁରି ଭଲ ଖେଳୁଥିଲା, ମାଡ଼ ଖାଇ ଆଣ୍ଠୁ ଟା ଭାଙ୍ଗିଗଲା ବୋଲି ସିନା ?" ବଡ଼ଟା ବି ସହଜରେ ଲାଗିବାକୁ ଚାହୁଁ ନାହିଁ, କେଉଁଠି କଣ ଥିବ ଏବଂ ତୁଣ୍ଡରେ ଫରଦ ମିଆଁ । ବଳୀଦତ୍ତର "ଏଇ ଖଣ୍ଡେ କ୍ୟାପ୍ଟେନ ଏଇ"କୁ କଥାରେ ବୁଡ଼େଇ ଦେଇ ଜୁଆରପରି ଗଡ଼ି ଚାଲିଛି ପାନ ଦୋକାନୀର ଫରଦ ମିଆଁ ସପକ୍ଷରେ ବଳିଷ୍ଠ ଅଭିଯାନ, ଅଚ୍ଛା ଖେଳୁଆଡ଼ ଫରଦ ମିଆଁ ପାନ ଦୋକାନୀର ଗୋଟାଏ ଅମେଣ୍ଟା ଆଦର୍ଶ ରୂପ, ତା ପାଇଁ କ'ଣ ନ କରିପାରେ ସେ । ଏମିତି ଲଢ଼େଇ ଲାଗେ, ଖେଳ ପଡ଼ିଆରେ ଦେଖଣାହାରଙ୍କ ଭିତରେ ଲହୁ ଲୁହାଣ ।

ତରେ ସେ ଥୋଡ଼ା କାହାକୁ ? ଫରଦ ମିଆଁ ଭଲ ଖେଳେ, ତା ପାଇଁ ସେ ଦଶପଦ କହିବ, ଅବଶ୍ୟ । କର୍ତ୍ତବ୍ୟର ତାଗିଦା ।

"କଣ ଦବନାହିଁ ଗୋଟାଏ ସିଗାରେଟ ?" ବିରକ୍ତ ହୋଇ ବଳୀଦତ୍ତ ହାଙ୍କିଲା, କିନ୍ତୁ ତା'ର ବଡ଼ତର ଏଠି ମୂଲ୍ୟ ନାହିଁ, ମୂଲ୍ୟ ଫରଦ ମିଆଁର ବେଶି । ପାନ ଦୋକାନୀ ଅନୁକମ୍ପାରେ ଚାହିଁଲା, ଠିଆହେଲାଣି ବାବୁଟି ବହୁତବେଳୁ । ସିଗାରେଟ୍ ବଢ଼େଇ ଦେଇ କହିଲା, "ବାବୁ ତମେ କହିଲ ଭଲ, ଯାଇନ ଆଜି ଖେଳ ଦେଖି ? କୋଉ ଖେଳୁଆଡ଼ଟା ତମ ଆଖିକି ବେଶି ବଢ଼ିଆ ଲାଗୁଥିଲା ତେବେ କହ ।"

"ମୁଁ ଯାଇନାହିଁ ।"

"ଓ", ନମ୍ର ସ୍ୱରର ଏ । ସାଧାରଣ ଗରାଖ ଜଣେ । ପାନ ଦୋକାନୀ-ଅନ୍ୟମାନଙ୍କୁ ଜେଗ ଅଟେଣ୍ଡ କଲା । ବଳୀଦତ୍ତ କହିଲା, "ଦିଆସିଲି ଦେଲ ସିଗାରେଟ୍ ଲଗେଇବି ?"

"ହେଇ ସେ ଦଉଡ଼ିରେ ନିଆଁ ଅଛି ।"

"କଣ ଦିଆସିଲି ନାହିଁ ?"

"ବହୁତ ଅଛି, ଲାଇନ ଗୋଟାଏ ଲୁଆଟେ କିଣି ? ହେଇ ଲଅ ।"

"ନାହିଁ ଥାଉ ।" ସିଗାରେଟ୍ କିଣି ବିକଦେଲାଣି ଆତ୍ମମର୍ଯ୍ୟାଦାର ବଡ଼ ଭାଗକ ଆଉ ଅଳପ ବାକି । ଯାଉ ସେତକ । ଦଉଡ଼ି ଅଗରେ ନିଆଁ ଅଛି ସତ, କିନ୍ତୁ ଦଉଡ଼ିକୁ ସିଗାରେଟ୍ ଅଗ ପାଇପାରୁନାହିଁ । ଦଉଡ଼ି ହଲିଯାଉଛି, ତାଲେ ଅନୁହରଣ କରୁଛି ମୁହଁ । ଲଗେଇ ଲଗେଇ କଲେ ଟାଣୁ ଟାଣୁ ନେପଥ୍ୟରୁ କାହାର କୋଳାହଳ—"ଆରେ ଲାଗିଲା ରେ ।"

Digitized by srujanika@gmail.com

ସମତାର ପୀଠସ୍ଥଳ ସହରିଆ ପାନ ଦୋକାନ ତା'ର ବଡ଼ଲୋକ ସାଆଁନ୍ତ-ମନଙ୍କୁ ପାସଙ୍ଗରେ ବି ପକାଉ ନାହିଁ ।

ଷଣ୍ଡମନରେ ପୁଣି ସ୍ପୃହା । ପୁଣି ଚିନ୍ତା, କେହି ବୁଝିଲେ ନାହିଁ, କେହି ଦେଲେନାହିଁ ତା'ର ମନଲାଖି ପାଉଣା, ନା ସ୍ତ୍ରୀ, ନା ଜନସାଧାରଣ । ଗାଁ କନିଆଁ ସିଙ୍ଘାଣିନାକୀ, ଏ ଦେଶରେ ସୀରନ୍ତ୍ରିକା ନାହିଁ । ହତଭାଗ୍ୟ ଦେଶ । ଛକ୍‌......କିଏ ଅପେକ୍ଷା କରିଛି କାହା ନିନ୍ଦା କି ପ୍ରଶଂସାକୁ ? ଯିବାକୁ ହେବ ଆଗକୁ, ସେ ଷ୍ଟିମ୍‌ରୋଲର, ସେ ଅଫିସର, ବଳେ ଲୋକ ଜାଣିବେ, ବଳେ ପାଖକୁ ଆସି ସାକୁଲେଇ ହେବେ । ସେତେବେଳେ ? ହେଁ—ସେତେବେଳେ ?

ଉତ୍ସାହ ତେଜୁଛି, ଚାଲିଛି ନୂଆ ଢଆର ଅଫିସର । ଏମିତି ରାସ୍ତାରେ ଛାତି ଫୁଲେଇ ଚାଲନ୍ତି କେତେ ମୂର୍ତ୍ତିମନ୍ତ ଉତ୍ସାହ । ପୁଣି ସେମାନେ ଅନ୍ଧାରରେ ମିଶି ଯାଆନ୍ତି । ଅତୀତର କେତେ ରାଜା, କେତେ ଶାସକ, କେତେ ଖଣ୍ଡପତି, ବକ୍ସି, ଶ୍ରେଣୀକ, ଅମାତ୍ୟ, ବୁଢ଼ାଲେଙ୍କା, ମହାପାତ୍ର । ସେମାନେ ବି ନୂଆ ଉତ୍ସାହ ରୂପରେ ଦାଣ୍ଡ ଚାଲିଥିଲେ, ଭାବିଥିଲେ ମାଟିରେ ମାରିଯିବେ ମୋହରର ଛାପା, ହାତରେ ମୁଠେଇ ଥିଲେ, ଗୋଡ଼ରେ ଦଳିଥିଲେ । ସମସ୍ତ ଗୋଡ଼ରେ କଳ ସେମାନେ ମୁରୁଗୁ ଧରିଲେ ମାଟି । ମାଟିର ନାହିଁ ଉତ୍ସାହ କି ତେଜ । କିନ୍ତୁ ବଳୀଦତ୍ତ ବିଶିଷ୍ଟତା ଖୋଜୁଥିଲା । ତାର ଦୃଷ୍ଟି ଉପରର ଆକାଶକୁ ନାହିଁ, କି ତଳର ମାଟିକୁ । ଆଗକୁ ଚାଲିଛି ଖୁବ୍ ତରତର, ମନ ଲହରରେ ଷ୍ଟିମ୍‌ରୋଲର୍‌ର ଧାରଣା ।

ଅନ୍ଧାରରେ ପ୍ରତିଷ୍ଠା ଖୋଜି ଚାଲିଛି ସାନ 'ମୁଁ' ପଣଟିଏ, କାହା ପାଟିର ସାବୁନ୍ ଫେଣଫେଙ୍କା ସାନ ବୁଦ୍‌ବୁଦ୍‌ଟିଏ । ଫୁଲୁଛି, ଫାଟି ନାହିଁ ।

ଚାଲିଛି ।

ଅଧମ ମନରେ ଯେତେବେଳେ ବିଶ୍ୱାସ ଆସେ ଯେ ନିଜର ଶକ୍ତି ବଢ଼ିଛି, ସେତେବେଳେ କିନ୍ତୁ ନାନା ଛନ୍ଦରେ ସେ ଶକ୍ତିକୁ ପରଖିକରି ଦେଖେ । ପରଖ କରେ ତାହାର ଉପରେ, ଯାହାକୁ ସେ ଭାବେ ନିହାତି ହୀନବଳ, ଯେ ବାଧା ଦେଇ-ନାହିଁ ବୋଲି ତା'ର ଧାରଣା । ସାନ ପିଲା ବ୍ଲେଡ୍ କିଣୁକି ମିଛେ, ପେନ୍‌ସିଲ ଓ କଲମକୁ କାମୁଡ଼ି ଛିଣ୍ଡେଇ ଦାନ୍ତର ଜୋର ପରଖେ, ଗଜା ଷଣ୍ଢ ଗଜା ଗଛକୁ ଭୁସେ, ପିଠିକୁ ରଗଡ଼େ ଭଙ୍ଗା ଅଧାକାନ୍ଥି ଦେହରେ । ଫ୍ୟାସିଷ୍ଟ ରାଜ୍ୟ ପଡ଼ଶା ସାନ ଦେଶ ଉପରେ ଚଢ଼ାଉ କରେ ।

ପରଖି ହେବାର ଏହି ପ୍ରଚଣ୍ଡ ନିଶା ବଳୀଦତ୍ତ ଦାସକୁ ଟାଣି ନେଇଯାଉଛି ତାର ଅତୀତର ସହକର୍ମୀ ବନ୍ଧୁର ବସା ଦୁଆରମୁହଁକୁ, କାରଣ ବଳୀଦତ୍ତ ଜାଣେ ଦାନାପାଣି ମୁଷ୍ଟିରେ ବନ୍ଧୁ ପଡ଼ିଛି ଅତି ପଛରେ, ବନ୍ଧୁ ହାରିଛି, ନିଜେ ସେ ଜିତିଛି । ସେଇଠି ଆଜି ତା'ର ପ୍ରକାଶ ହେବ, ସେ ବଳୀଦତ୍ତ ଦାସ, ନୂଆ ଗଢ଼ା ଅଫିସର ।

Digitized by srujanika@gmail.com

ଅଲଗା ହସି ନାଭି ଖୋଲି ଆରାମଚୌକିରେ ବସିପଡ଼ି ସମ୍ଭାଷଣ ଜଣେଇ ସେ ପଚାରିବ "କିରେ ବନ୍ଧୁ, ଭଲ ଅଛୁ ? ଚାଲିଚି ତ ସବୁ ଭଲ ?" ବନ୍ଧୁକୁ ଉପଦ ସଦୁପଦେଶ ଦେବ ହୁଏତ, ସଦୁପଦେଶ ଦେବାକୁ ତାକୁ ଭଲଲାଗେ ଯଦି ଶ୍ରୋତାର ରାଜିଥାଏ । ସେଇ ତା'ର ଦୈନନ୍ଦିନ ସାମାଜିକ କାର୍ଯ୍ୟ, ସମାଜକୁ ତା'ର ଅମୂଲ୍ୟ ଦାନ, ସେଥିରେ ପରୋପକାର । ପରୋପକାରାପ୍ତ ସ୍ୱର୍ଗାପ୍ତ । ସେ ଅକଲ ବାଣ୍ଟେ ।

ତେଣୁ ହୁଏତ ସେ କହିବ, "ଏମିତି କଳଆଖୋର ବୁଦ୍ଧି ଛାଡ଼ ବନ୍ଧୁ, ତୁ ନରମ ହ, ବର୍ଷାଆଡ଼କୁ ଛତା ଦେଖା, ଏମିତି ହେଲେ କେତେ ଦିନ ଚାଲିବ ଭାଇ ?" 'ଭାଇ' ପଦ ବି ଯୋଡ଼ିବ ସେ, ସହାନୁଭୂତି ଦେଲାବେଳେ 'ଭାଇ' ପଦଟି ଉଚ୍ଚାରଣ କଲାବେଳେ ତଣ୍ଟିଠୁ ଉପରକୁ ବାମ୍ଫେଇ ଉଠେ, ସବୁ ସଫା ସବୁ ତରଳ ସେ କରିଦିଏ ଗ୍ଲିସେରିନ୍ ଆନିମା ପରି, "ତୁ ଭାଇ ନରମ ହ, ତୋର ବୁଦ୍ଧି ଅଛି, ବିଦ୍ୟା ଅଛି, ପାର୍ଟସ୍ ଅଛି. ଲଗେଇ ପାରୁନୁ, ଯୋଖି ପାରୁନୁ । କରି ଦେଖ୍. ମାସେ ଦେଖ, ଦି ମାସ ଦେଖ୍, ତା'ପରେ କହିବୁ ମତେ ।"

ଏବଂ ବହିବାଟେ ବନ୍ଧୁର ମନକୁ ସେ ଆକ୍ରମଣ କରିବ । କାରଣ ବନ୍ଧୁ ବହି ପଢ଼େ, ବହିବାଟେ ଦୁନିଆକୁ ଦେଖେ ଏଇ ମୂର୍ଖ, କିନ୍ତୁ ବହିରେ ବହି ଅଛି, ସାଫଲ୍ୟ ପାଇଁ ବହି ଲେଖାହୋଇଛି ଗଦା ଗଦା ।

"ବହି ପଢ଼ିଚୁ ଭଲ ବନ୍ଧୁ ? ଅସଲ ବହି ଅଛି, ହାଉ ଟୁ ଉଇନ୍ ଫ୍ରେଣ୍ଡ୍ସ୍, ଉପରବାଲାଙ୍କୁ ବଶୀକରଣବିଦ୍ୟା । ନଇଲେ ବ୍ୟାରେନ୍ ଓଲ୍କମୂରଙ୍କ ବହି— ସକ୍‌ସେସ୍ । ଏଇ ଗୋଟାଏ କଥା ତହିଁରୁ ଓଲଟାଇ ଦେଖ. ପ୍ରଥମେ । ସୂତ୍ର-ହେଉଛି ସଂସାରରେ ଯେତେ ଲୋକ ସମସ୍ତେ ନିଜ 'ମୁଁ' ପଣକୁ ଖାଡ଼ାକରି ଭାବନ୍ତି ନିଜର ମତ ଠିକ୍ । ତାଙ୍କ ନାହିଁ କହି ପ୍ରତିବାଦ କଲେ ଅପମାନ ଘେନନ୍ତି, ଆପଣା ମତକୁ କୁଣ୍ଢେଇ ଧରନ୍ତି ଆହୁରି ଜୋର୍‌ରେ । ତେଣୁ ସେଠି ଉପାୟ କଣ ? ଉପାୟ ମୂଳରୁ ତାଙ୍କ କଥାରେ ହଁ କହିଦେବା, ଆଜ୍ଞା ହଁ ଆପଣ ଯାହା କହୁଛନ୍ତି ତା ଏକଦମ୍ ଠିକ୍ । ତହିଁରୁ ଭଲ ଆଉ କିଏ କହିପାରିବ ? ତେବେ ଏମିତି କଲେ ହ'ନ୍ତା କାହିଁ ? 'ଆପଣ'ଙ୍କ ଇଚ୍ଛା । ଏମିତି କଲେ 'ଆପଣ' କହନ୍ତେ "ହେଇ ଏମିତି", ଦେଖନ୍ତୁ 'ଆପଣ'ଙ୍କ ଇଚ୍ଛା । ମାନେ ସବୁଥିରେ କହିବାକୁ ହେବ "ଆପଣ···ଆପଣ କରୁଚନ୍ତି···ଆପଣ ଭାବୁଚନ୍ତି, ମୁଁ ନୁହେଁ 'ମୁଁ' ର ମୋଟେ ସ୍ଥାନ ନାହିଁ ଏ ସମ୍ବନ୍ଧରେ । ଫଲେ 'ଆପଣ' ମୋ ମତକୁ 'ଆପଣଙ୍କ' ମତ ବୋଲି ଧରିନେଇ ଆହୁରି ଦୃଢ଼କରି ଜାରି କରିଯିବେ । ହେବ 'ମୋ' କଥା, ସେଇ 'ଆପଣ' କରିବେ, 'ମୋ' କଥା ରହିବ । 'ଆପଣ' ନିଜକୁ ନିଜେ ପ୍ରତିବାଦ କରି କହିବେ "ହଇଓ. ଏ ତ ଖୁବ୍ ଠିକ୍ । ତେବେ ମୁଁ ସେମିତି କାହିଁକି ଭାବୁଥିଲି ।" ସେତିକିବେଳେ ଭାବିବାର କାରଣଟା ଢାଳିଦେବାକୁ

Digitized by srujanika@gmail.com

ହେବ ଶର୍ତ୍ତ ଉପରେ । ସେ ଭୁଲ ବୁଝାଇଥିଲା ବୋଲି ଆପଣ ଭୁଲ ବାଟରେ ଚାଲିଥିଲେ । ତାପରେ ହୁଏତ 'ଆପଣ' ନିଜର ପ୍ରଥମ ମତର ଦାୟିତ୍ୱ ଅଜାଡ଼ି ଦେବେ ମୋର ଶର୍ତ୍ତ ଉପରେ । କେବଳ ଯେ ମୋ ମତ ରହିଲା ତା ନୁହେଁ, ଗୋଟିଏ ଶର୍ତ୍ତ ନିକାଶ କରିହେଲା, କେମିତିଆ ସାଇନ୍‌ସ, ହଇରେ, ବନ୍ଧୁ, ପ୍ରତ୍ୟେକେ, ଯେଉଁମାନେ ଉପରକୁ ଉଠୁଛନ୍ତି ଧରୁଛନ୍ତି ଏହି ନୀତି । ଆଉ ତୁ ଧରିବୁ ନାହିଁ ?"

କଳ୍ପନା କରି ହେଉଛି ବନ୍ଧୁର ଗମ୍ଭୀର ମୁହଁ, ଚୁପ୍‌ଚାପ୍ ବଡ଼ ଜଳିଯାଉଛି । ହାଏରେ ବନ୍ଧୁ !

ଆଜି ବଳୀବର୍ଦ୍ଦ ସହାନୁଭୂତି ଅଜାଡ଼ିଦେବ, କାରଣ ତାର ପ୍ରମୋସନ୍ ହୋଇଛି । ହୃଦୟସ୍ପର୍ଶୀ ବ୍ୟକ୍ତିତ୍ୱ ଆଡ୍‌ଆଲରେ ଯେଉଁ ଟିକ ଘଡ଼ିଟି ତାର, ସେ ମୂର୍ତ୍ତି, ଅତି ପୂର୍ତ୍ତି । ସହାନୁଭୂତିରେ ଦି ଟୋପା ଲୁହ ବି ଢାଳିପାରେ ବନ୍ଧୁର ଆର୍ଥିକ ଦୁର୍ଦ୍ଦଶା ପାଇଁ । ପୁଣି ଦ୍ୱିଗୁଣ ଉତ୍ସାହରେ ସେଠି ଜାପାନୀ ବ୍ୟାରେନ୍ ଓକମୁରା ଓ ଆମେରିକାନ କାର୍ଣ୍ଣେଗି ଓଳ୍ହେଇବେ, ବଳୀବର୍ଦ୍ଦ ବଙ୍କ ଚାଲିବ, ବନ୍ଧୁର ଚାହା ଗରମ, ବନ୍ଧୁର ବଡ଼ କଡ଼ା, ହୁଏତ ସିଗାରେଟ୍ ଖଣ୍ଡେ ରୋଲ୍‌କରି ଛେପ ଲଗେଇ ସେ ଧରେଇ ଦେଇପାରେ, ଟିଣଟି ଭର୍ତ୍ତି ଥିଲା ।

ବଙ୍କ ଚାଲିବ ।

ସନ୍ଧ୍ୟାର ଆରମ୍ଭ ମୋଟେ ।

ଏଇ—ବନ୍ଧୁଘର । ପରିଚିତ ଦୃଶ୍ୟ ସବୁ, ଚହ୍ଲା ବାହ୍ଲା, ଯାହାର ଝିର୍ଣ୍ଣ ମାଟି ପୁରୁଣା ହୁଏ ତ ପୁଣି ନୂଆ ହୁଏ । ଖୋଲା ଦୁଆରମୁହଁ ଝଙ୍କା ଗୁଲ୍‌ମେଲ୍ ଲୁଦା, ଆଲୁଅ ଜଳଜଳ ଯାନ ବଖୁରି ଅନ୍ଧାରି ରାସ୍ତା ଉପରକୁ ତାର କିରଣ ଚହଟି ରହିଛି । ଆରପାଖେ ପ୍ରକାଣ୍ଡ ପ୍ରାସାଦ, ସଡ଼କ ହୋଇଛି ଆଗନ୍ତୁକମାନଙ୍କର ମଟର ଗ୍ୟାରେଜ, ଗାଡ଼ି ସନ୍ଧରେ ଚାଲ ଗଲ ଯା ଆସ ପଦାତିକମାନଙ୍କର ।

ବନ୍ଧୁଘର ହତା ଭିତରକୁ ପାହୁଣ୍ଡେ, କର୍କଶ ବୋବାଳି ଛାଡ଼ି କାଳୀକୁକ୍ରି ଅଂମଣ କରିବାକୁ ଆସି ହାଜର । "ଆରେ ଆରେ, ଟମି, ଚୁଃ ଚୁଃ—"

"ଭୋ ଭୋଃ, ଭୋ ଭୋଃ,—କସ୍ତ୍ୱମ୍ ଭୋଃ—"

କାଳୀ କୁକ୍ରୀ ଲାଙ୍ଗୁଡ଼ ହଲେଇ ବାଟ ଛାଡ଼ିଦିଏ, ଶୁଙ୍ଘି ଶୁଙ୍ଘି ପଛକୁ ଧାଏଁ ଆଜି ଏ କି ବିଚାର ! କୁକୁରର ଗନ୍ଧବାରି ମଣିଷ ଚିହ୍ନେ କହନ୍ତି, କାଳୀ କୁକ୍ରୀଙ୍କ ଗନ୍ଧସ୍ମୃତିରେ ଆଜିକା ବଳୀବର୍ଦ୍ଦ ଲାଗୁଛି ଅଚିହ୍ନା, କି ବିଚାର !

Digitized by srujanika@gmail.com

ବଳୀଦତ୍ତ ପ୍ରତ୍ୟାକ୍ରମଣ କରିବାକୁ ଇଚ୍ଛା ଗୋଟେଇଲା, କାଳୀ କୁତ୍ତୀ ତରକେଇ ଗୃର୍ଦ୍ଧି ଛୁଟିଲା ଦୀର୍ଘ କୁହାଟ, ଦାନ୍ତ ଦେଖାଇ ଗାଉଁ ଗାଉଁ ହେଲା । ତାର ଦୀର୍ଘ କୁହାଟ କୁକୁରିଆ ଭାଷାରେ ଗୋଟାଏ ସାହାଯ୍ୟ ଭିକ୍ଷା, ଆମ କୁତ୍ତୀ ଯେ, ଏ ପଡ଼ାର ରାସ୍ତାର ବାଙ୍କରେ ଅଛନ୍ତି ଅନେକେ ଯେଉଁମାନେ ତାର ପ୍ରଶଂସକ, ତାର ଉପାସକ, ତାର ବନ୍ଧୁ । ଦୂରରୁ ସେମାନେ ଉତ୍ତର ଦେଲେ । କ ରୂପି ବ ବଳୀଦତ୍ତ ? କିନ୍ତୁ ହଠାତ୍ ସେ ଅନୁଭବ କଲା, ସେ ଗୋଟିଏ କୁକୁର-ବ୍ୟୂହ ଭିତରେ । ଯେ,— କୁମାମା ଘର ଅଫିସର । ଧୀରେ ରାଗ ବଢ଼ିଯାଇ ଆସିଲା ଉପ୍,—କ ଦୁର୍ଯ୍ୟୋଗର ଗଡ଼, ଏ ଗଡ଼ରେ ସେମାନେ ଆକ୍ରମଣ କରି ଆସୁଛନ୍ତି ସାହାର କୁକୁରମାନେ, ଦାନ୍ତ ଦେଖାଇ ଜିଭ ଲହ ଲହ କରି ଝେଡ ଆସୁଛନ୍ତି ସେମାନେ, କିଏ ଗୋଡ଼ରେ ରାସ୍ତାକୁ ଆଞ୍ଚୁଡ଼ି ପକାଇ ପ୍ରସ୍ତୁତ ହେଉଛି, କିଏ ଗୋଡ଼ ଟେକି ପରିସ୍ରା କରି ପ୍ରସ୍ତୁତ ହେଉଛି, ସମସ୍ତିଙ୍କ ତୁଣ୍ଡରେ କରାଳ କୋଳାହଳ, ନାନା ସ୍ୱରରେ ଏବଂ ଗ୍ରାମେଲ ଗନ୍ତଲେ ଗର୍ଜନକରି ଫୁରୁକୁଟି ପରି ନାଚ ନାଚ ରଣରଙ୍ଗିଣୀ କାଳୀ କୁତ୍ତୀ ତାଙ୍କୁ ହଦ୍ରେକତ କରୁଚ,—ଆଗାଅ; ଆଗାଅ ! ଦେଖାଅ ସବହସ୍ତର ସହରର ବଳ ନରମ ପୁରୁପୁରୁ ପୁଷ୍ଟି ବାଦ ଉପରେ ।

ରାସ୍ତାରେ ଥାଇ କରୁଣ ସ୍ୱରରେ ଚିତ୍କାର କଲା ବଳୀଦତ୍ତ—"ବନ୍ଧୁ, ବନ୍ଧୁ,—" "ଅରେ ଅରେ—ହେଇ ଟମି ! ଚ୍ଲଆ ଭାଇ, କିଛି କରିବ ନାହିଁ ।"

ଟମି ଅପମାନ ପାଇ ଭେଉଁ ଭେଉଁ ହୋଇ ଘର ଭିତରକୁ ପଳେଇଲା । ଇଂଗିତ ବୁଝି ସାହାର କୁକୁର ଲେଉଟିଗଲେ । ବଳୀଦତ୍ତ ମୁକ୍ତହେଲା, କିନ୍ତୁ ପଡ଼ିଲା ବନ୍ଧୁ ହାତରେ, ହାଡ଼ୁଆ ହାତରେ ତାର ବାହାକୁ ମୋଡ଼ିଧରି ଘୋଷାରି ନେଇ ଗ୍ଲଲିଛି ବନ୍ଧୁ— ପାଗଳ ବନ୍ଧୁ,—"ଆରେ ଏମିତ ଥରୁଚୁ କାହିଁକ ? ଡରିଲୁ କରେ ? ଆରେ ଅନ୍ତା, ହେଇ ସଣ୍ଢୁଦା, ହେଇ ଅଶୋକ, ହେଇ ନନ୍ଦ, ହେଇ ଦେଖ ବଳୀଦତ୍ତ ଆସିଛି ।" ଆରାମ ଚୌକି ଭିତରେ ମାଡ଼ିଦେଇ,—"ବପ୍, ଗ୍ଲ' ଖା, ପୁଷ୍ଟି ହ, ବଟରାକୁ କୁକୁର ଗୋଡ଼େଇଲେ ।"

"ନମସ୍କାର—" ବଳୀଦତ୍ତ କହିଲା ।

"ନମସ୍କାର—"କି ବଳୀଦତ୍ତ, ତମର କଣ ହେଇଚ ? ମୁହଁଟା ଫ୍ୟାକାଶେ କ୍ୟାନୋ ଏଉଁ ? କରେ ବନ୍ଧୁ ?"

"ତାଙ୍କର ପ୍ରମୋସନ୍ ହେଇଚ" ନନ୍ଦ କହିଲା, "ନା, ସତ ନୁହେଁ ?"

ସମସ୍ତେ ହସିଲେ, ଅନ୍ତ କହିଲା,—"ଭଲ ଲଜକ୍ ତମର ନନ୍ଦ, ପ୍ରମୋସନ୍ ହେଲେ ମୁହଁଟା ଶୁଖିବ କାହିଁକ ?"

"କାରଣ କୁକୁର ଗୋଡ଼ାନ୍ତି" ସମସ୍ତେ ହସି ହସି ଗଡ଼ିଲେ, ବଳୀଦତ୍ତ ହସିବାକୁ ବାଧ ହେଲା । ନନ୍ଦ ଠିଆହୋଇ କହିଲା, "ତିନ ଟିନଟା ପ୍ରମୋସନ୍ ପରେ

Digitized by srujanika@gmail.com

ମୋର ଯଥେଷ୍ଟ ଅନୁଭୂତ ହେଲଣି ଭାଇ ବଳୀଦାସ, କୁକୁର ଗୋଡ଼ାନ୍ତ, ମୋ ପଛରେ ବି କୁକୁର । ତେଣୁ ମୁଁ ସଂସାର ଛାଡ଼ୁଛି । ଚାଲିଲି ଭାଇ ବନ୍ଦୁ ।"

"ଏତେ ଚଞ୍ଚଳ ?"

"ଯାହେତୁ ତ ଯିବାକୁ ହୁଅନ୍ତାରେ ଓଲ୍ଡ, ତା ଆଗରୁ ଯିବା ବରଂ ଭଲ, ନିଜ ଆନ୍ଦ୍ରରେ ସବୁ ବାଦ ସଫାକର ଦଣିଷ ଯାଇ ପାରବ, ଚାଲିଲି ଭାଇ ବନ୍ଦୁ," ନନ୍ଦ ଆଗେଇଲା ।

"କୁଆଡ଼େ ଗ୍ଧଲଲେ ନନ୍ଦବାବୁ, ଏତେ ଶୀଘ୍ର ?" ବଳୀଦାଉ କହିଲା । ନନ୍ଦ କହିଲା,—"ମୁଁ ବି ଖୋଜୁଛି ଗୋଟିଏ ପ୍ରମୋସନ୍‌ର ସନ୍ଧାନରେ ବଳୀଦାଉ ବାବୁ, ସନ୍ଧ୍ୟବେଳେ ନ ଗଲେ ଠିକଏ ହଏ ? କଣ ଭାବିବେ ?" ନନ୍ଦ ହସିଲା ।

"ତା' ତ ସତ, ତା' ତ ସତ,—" ବିଜ୍ଞଭାବେ ମୁଣ୍ଡ ହଲେଇ କହିଲା ବଳୀଦାଉ । "ରନ୍ଦ" ବନ୍ଦୁ କହିଲା । ସଣ୍ଢୁଦା ଧ୍ୟାନସ୍ଥ, ଅନ୍ତ ଓ ଅଶୋକ ଖବର କାଗଜ ପଢ଼ୁଛନ୍ତି ।

"ଭୂତ କହୁଚୁ ରନ୍ଦ; ନୂଆ କଣ ବୁଝିବୁ ? ହେଇ ଦେଖ ବଳୀଦାସ ବାବୁ କେତେ ଚଞ୍ଚଳ ବୁଝିନେଲେ, ଅନୁଭବୀ ଲୋକ । ଆରେ ବୋକା ସଫ୍ରରେ ଯିବାକୁ ହୁଏ, ବୁଝିଲୁ, ତୋ ପରି ଘରେ ବସି ରହିଲେ କାମ ହୁଏ ନାହିଁ ।"

"ଠିକ୍ କଥା ବନ୍ଦୁ ଛାଡ଼ ଦେ ସେ ଯାଉନ୍ତୁ । ଆଚ୍ଛା ନନ୍ଦବାବୁ, ଆପଣଙ୍କର କେଉଁଠିକି ପ୍ରମୋସନ୍ ହେଉଛି ?

"କେଉଁଠିକି ? କହିଦେବି ? ଆଚ୍ଛା ପ୍ରମୋସନ୍ ନ ହେଉଣୁ ଆଗରୁ କେହି କହିଦେଇ ଭେଦ ଫିଟେଇବଏ ? "ମନସା ଚନ୍ତନ୍ତଂ କର୍ମଂ ବଚସା ନ ପ୍ରକାଶୟେତ୍, ଅନ୍ୟଲକ୍ଷିତ କାର୍ଯ୍ୟସ୍ୟ ଯତଃ ସିଦ୍ଧିର୍ନଯାୟତେ ।" ନା କଣ, ବଳୀଦାଉ ବାବୁ ? ଆପଣ କଣ କହି ଦଅନ୍ତେ, ନା କହିଥଲେ ? ଆଚ୍ଛା ସମସ୍ତେ କହନ୍ତୁ, ମୋର ତ ପ୍ରମୋସନ୍ ଦହଚ ଏତକ ମୁଁ କହି ପାରଲଣି, ଆଜି ଘଣ୍ଟାକୁ ନିଶ୍ଚୟ ଖବର କାଗଜରେ ବାହାରଯିବ, ଆହୁର ଫେର କହିଦେବି କୋଉଠିକି ପ୍ରମୋଶନ୍ ହବ ? ରଖିବ ତମେ ସବୁ ? ହଉରେ ବନ୍ଦୁ, କହିବି କି ନାହିଁ ?" ନନ୍ଦ ହସୁଥିଲା ।

"କହ. କହିଦେ,—" ବନ୍ଦୁ କହିଲା ।

"କହନ୍ତୁ, କହନ୍ତୁ," ବଳୀଦାଉ ଅଳି କଲା ।

"କହ ନାହିଁ ।" ଅନ୍ତ କହିଲା ।

"ଓଃ ପାଗଳ" ସଣ୍ଢୁଦା କହିଲେ, "କି ବଲ୍‌ବରେ, ପାଗଳ ?"

ନନ୍ଦ ବସିପଡ଼ିଲା, "କହିଦେଇ ତେବେ ଯାଏଁ, ନା କଣ ? କାରଣ ଅନ୍ତା ନାହିଁ କରୁଛ । ଶୁଣନ୍ତୁ ବଳୀଦାଉ ବାବୁ, କୋଉଠିକି ପ୍ରମୋସନ୍ ପାଇଁ ଚେଷ୍ଟା କରୁଚ । ଆପଣଙ୍କୁ କହିଦେଲି, କାରଣ ଆପଣଙ୍କ ସାଙ୍ଗେ ସେଠି କମ୍ପିଟିସନ ନାହିଁ,

Digitized by srujanika@gmail.com

ସଣ୍ଢ଼ୁଦା ତ ଆଗରେ ସେଠି, ମା'ର କୋଡ଼ପୋଛା ପୁଅ, ଅନ୍ୟ ସାଙ୍ଗେ ଅଛୁ, କିନ୍ତୁ ସେ ସେଠି ଆଗ ପହଞ୍ଚିବ, ଯୋଉ ଜୋର୍‌ରେ ମାଡ଼ିଚାଲିଛ ହାତ ଉଣ୍ଡା ଦୋହଲାଇଲଣି ତାର । କହଲି—କହଲି—କହଲି କୋଉଠିକି ମୋ ପ୍ରମୋସନ୍ ।"

ତା ପରେ ଉଚ୍ଛ୍ୱସିତ ଆନନ୍ଦରେ ହସି ଦେଇ ସେ ଗୀତ ବୋଲିଲା—

"ଆରେ ସେଇଠିକିରେ ସେଇଠିକି । ଶୁଣ

ଶୂନ୍ୟ ମନ୍ଦିରେ ବିହାର, ରୂପରେଖ ନାହିଁ ଯାର

ଦୁଇ ପାଦ ନ ମିଶାଇ ଏକ ପାଦ ଧର ଧର ।

ଅଲେଖ ପାଟଣାପୁର, ସେ ଠାବରେ ତାଙ୍କ ଘର

ନାହିଁ ଶରଦ ଗ୍ରୀଷ୍ମ ସାଧୁଜନେ ହେତୁ କର ।

ନିର୍ମିଷ ନିଅଇଣ୍ଡା ପିଉଥିଲେ ଲାଗେ ମିଠା

ଅଦେଖା ଅନାମେ ସ୍ୱାଦ ଏମନ୍ତ ସାଧୁରେ ।

ଦେଖି ତା କୁଟକ ଚାଲି, ଜ୍ଞାନୀ ମରୁଛନ୍ତି ଭାଳି;

ଚକ୍ଷୁ କୁଟକରୁ ବେଗ ବଜ୍ରୁରୁ ଅଧିକ ଖର ।

ଯେଉଁଠାରେ ବ୍ରହ୍ମ ଅଛ, ଉଦେ ଅସ୍ତ ନାହିଁ କିଛି

କହେ ଭୀମ ଅରକ୍ଷିତ ନିର୍ମଳ ନିଅନ୍ଧକାର ।

ସେଇଠିକି ମୋର ପ୍ରମୋସନ୍, ବଳୀଦତ୍ତ ବାବୁ, ସେଇ "ଅଲେଖ ପାଟଣାପୁର ।" ତା'ପରେ ତାର ଆଖି ଛଳଛଳେଇ ଆସିଲା, ତଣ୍ଟି ଘାଗଡ଼ା, ଲୁହ ଭିତରୁ ହସିଦେଇ କିଏ କହିଲା, "ହଉଛି କୋଉଠି, ବହୁତ ବାକି, ହଉଛି କୋଉଠି ?" କାନ୍ଦୁରା ପାଟିରେ ଗୀତ ବୋଲିଲା,—

"ଚନ୍ଦ୍ରାବରଣ ହେ, ମତେ ତାରିବ କି,

ମତେ କନ୍ଦାଇ କନ୍ଦାଇ ମାରିବ କି ?"

ଗାଇ ଗାଇ ଚାଲିଗଲା, ବାଟରୁ ପାଟିକଲା "ଭାଇ, କେହି ମତେ ଧାରୁଆ କରନାହିଁ, ମୁଁ ଆଗରୁ କହୁଛି, ନମସ୍କାର—ନମସ୍କାର —"

ବନ୍ଧୁ ଉଦାସ ହୋଇ କହିଲା, "ଚାଲିଲା ସିଧା ଶ୍ମଶାନ ପାଖ ମଠକୁ ।" ସଣ୍ଢ଼ୁଦା ଦୀର୍ଘଶ୍ୱାସ ପକାଇ କହିଲେ, "ସବୁ ଗୋବିନ୍ଦେର୍ ଇଚ୍ଛା ।"

ବଳୀଦତ୍ତ କାବାହୋଇ ଚାହିଁ ରହିଲା । ସେ ଏ କଣ ଦେଖୁଛି ! ଏତ ଥିଏଟର ! ସାଧାରଣ ଜୀବନରେ କି ହୁଏ ଏପରି ! ମଣିଷ ସତେ ସତେ ଥିଏଟର କରେ ? ବର୍ତ୍ତମାନ ମନେପଡ଼ୁଛି, ଚଉରାଜଣ ନିନ୍ଦୁ ଏ ନିନ୍ଦ ଭିନେ ତ ସତେ । ସେ ନିନ୍ଦ ଥିଲା ପୋଷାକ ଓ ଢଙ୍ଗକରେ ପ୍ଲାଟ୍‌ଫର୍ମ, ଟକ୍‌କର ଦେଉଥିଲା ମୋଟା ଜୁଙ୍ଗୁ ସଙ୍ଗେ । ଦୁଃଖ ଆଜି ନାହିଁ, ମନେପଡ଼େ ତାର ଫୁଲିକା ଗାଲ ମଝିରେ ଛୋଟ

Digitized by srujanika@gmail.com

ନାକଟି, ଆଖିରେ ଚଷମା, କଥା କହିଲେ ଗୁଲୁରୁ ଗୁଲୁରୁ ଫସ୍‌ଫସ୍ ଶବ୍ଦ । ତା'ଙ୍କ ଚଉଡ଼ାଧାର ପଞ୍ଜାବୀ, ଓଢ଼ଣା ରୁମାଲ ପିଲ୍‌କର, ଦେହଗୋଟା ମହକେ । ଏମ୍. ଏ. ବି. ଏଲ୍, ବୁଝୁ, ସାତ ଭଉଣୀରେ ଗୋଟିଏ ବୋଲି ଭାଇ, କେତେ ନବକ, କେତେ ଦଲ୍‌ଦାର, ଅଧା ବୟସରେ ବୁଝୁ ଖୁଲିଗଲା ।

ନନ୍ଦ ସଙ୍ଗେ ତୁଳନା କରୁ କରୁ ହଠାତ୍ ମନେପଡ଼ିଲା ବୁଝୁ ।

ଏଇ ଚଉକରେ ବୁଝୁ ବି ଦିନେ ବସୁଥିଲା । ଏଇ ବଖୁରୀରେ ଲଗେଇ ଦେଉଥିଲା ଧୁମ୍‌ଧାମ୍ । ସତେ ତ ଏ ସଂସାରରେ ବୁଝୁ ଆଉ ନାହିଁ ।

ସେ ନନ୍ଦ ବୁଝୁ ସଙ୍ଗେ ଟକ୍‌କର ଦେଉଥିଲା ନା ଆହୁରି ଆଗକୁ ମାଡ଼ୁଥିଲା । ବୁଝୁ ଜୀବନକୁ ଭଲ ପାଉଥିଲା, ଯେତେ ସୁନ୍ଦର ବାଗ୍ନା, ସୁନ୍ଦର ଗୀତ, ସୁନ୍ଦର ଫୁଲ, ସୁନ୍ଦର ଝିଅ, କିନ୍ତୁ ସେ ଦେଖିବାକୁ ଭଲପାଏ, ଫୁଲଟାକୁ ଫୁଲପରି ଟେକି ଶୁଙ୍ଘେ ଦୂରରୁ, ହାତରେ ଚିପି ଧରିବାକୁ ତା'ର ମୋଟା ଆଙ୍ଗୁଠି ବି ଚଙ୍କେନାହିଁ । ଏଡ଼େ ବଡ଼ ମୋଟା ଫୁଲୁକା ଦେହଟାରେ ମୂଳରେ ସଙ୍କୋଚ, ତେଣୁ ଖାଲି ଦେଖିବା ବାହାନାରେ ସେ ଧାଇଁଯାଏ ଦିଲ୍ଲୀରୁ କଲିକତା, କଲିକତାରୁ ମୁମ୍ବଇ, ମୁମ୍ବଇରୁ ପୁଣି ସମୁଦ୍ରକୂଳ, ସେ ସେଠୁ ପୁଣି କରାଚୀ ଯାଏ । ସବୁବେଳେ କ୍ୟାମେରା ସାଙ୍ଗରେ । ଆଣେ ତାଡ଼ା ତାଡ଼ା ଫଟୋ, ସୁନ୍ଦରୀ ଝିଅ, ସୁନ୍ଦର ଦୃଶ୍ୟ ଏହିମାନଙ୍କର । ଆଣେ ବୋଝ ବୋଝ କାହାଣୀ,—ସୁନ୍ଦର ଗୀତରେ ଦୂରରୁ ଦେଖିବା ଅନୁଭୂତି । ଏ ଘରେ ଗପ ମେଲିହଏ ଅତି ଉତ୍ସାହରେ—"ବୃନ୍ଦିଲ୍ ବନ୍ଧୁ—" । ବୁଝୁ,— ଧୋବ ଫରଫର କୁଞ୍ଚୁକୁଞ୍ଚିଆ ପାତଳା ଫିନ୍‌ଫିନ୍ ଲୁଗାଖଣ୍ଡ, କୁଞ୍ଚୁକୁଞ୍ଚିଆ ମୁଣ୍ଡବାଳ, ଚ୍ଚେଟ ଭୂଲୁଣ୍ଡା ନାକଟି, ମୁହଁରେ ପିଲାପରି ହସ, ବସୁଧାବନ୍ଧୁ । ଦାନାପାଣିର ଧୁମ୍‌ଧାମ୍ ତା'ର ଜୀବନପୂଜାକୁ ସ୍ପର୍ଶ କରିପାରିନାହିଁ । ସଂସାରରେ ତାର ଶତ୍ରୁ ନାହିଁ, ଚାଳିଶଟା ବର୍ଷ ମୋଟେ, ସେ ବି କରି ଗୁଲିଗଲା ସେହି—

"ଅଲେଖ ପାଟଣାପୁର, ସେ ଠାବରେ ତାଙ୍କ ଘର,

ନାହିଁ ଶରଦ ଉଷ୍ମ, ସାଧୁଜନେ ହେଜୁ କର ।"

ଖ୍ରୀମଲେଇ ଭଜନ ସଙ୍ଗେ ସଙ୍ଗେ ମନେ ମନେ ଝଣ୍‌ଝଣେଇ ଉଠୁଛି ବୁଝୁ ! ମନେ ପଡ଼ୁଛି, ନନ୍ଦ ବି ଝୁଲିଲା କୁଆଡ଼େ । ନନ୍ଦ ଥିଲା ଏକପ୍ରକାର ବୁଝୁର ପ୍ରତିଦ୍ୱନ୍ଦୀ । ସେ ବି ଭଲ ପାଉଥିଲା ସୁନ୍ଦର ଗୀତ, ସୁନ୍ଦର ଫୁଲ, ସୁନ୍ଦରୀ ଝିଅ, କିନ୍ତୁ ଦେଖିବାପାଇଁ ନୁହେଁ, ଖାଇ ହଜମ୍ କରିବା ପାଇଁ । ନନ୍ଦ ଭୋଗକୁ ପାଇଦେଇ ପାରୁଥିଲା, ଠାକୁରାଣୀ ପରାକୁ ପିଇଦେଇ ପାରୁଥିଲା । ପରିଣାମ ପାଇଁ ସେ କେବେ ମୁଣ୍ଡ ଘାଣ୍ଟେଇ ନାହିଁ, ତେଣୁ କେତେ ଅନୁଭୂତି ତାର । କେଉଁଠି କାହାର ସେ ଧର୍ମଭାଇ ହୋଇଛି, କାହାର ଟିଉସନ୍ ମାଷ୍ଟର, ଗାଡ଼ିରେ କାହା ସଙ୍ଗ

Digitized by srujanika@gmail.com

ଯାହା, କାହାର ବନ୍ଧୁ, କାହାର କଣ । ଏହି ତାର ଅଶାନ୍ତ ଦେହକ୍ଷୁଧା ମେଣ୍ଟାଇବାକୁ ସୁଯୋଗ ଅର୍ଜିବା ସନ୍ଧାନରେ ସେ ମନ୍ଦିର ଆଖପାଖରେ ନାକେଇଛି । ଗୀର୍ଜାଘରେ ଆଣ୍ଠୁ ମାଡ଼ି ବସି ପ୍ରାର୍ଥନା ସଭାରେ ଯୋଗଦେଇଛି, ମସ୍‌ଜିଦ୍ ପଛଆଡ଼େ ଗଳିରେ ବୁଲିଛି । ଏଥିପାଇଁ ନ ଜାଣିବା ଲୋକ ସେ କଷ୍ଟକରି ବଙ୍ଗଳା ଭାଷା ଶିଖିଛି, ପୁରୀ ସମୁଦ୍ର କୂଳରେ ହୋଟେଲରେ ରହିଛି, ନା ବଦଳେଇଛି, କେତେ କଣ କରିଛି । କାରଣ ସେ କଞ୍ଚାମାଂସ ଚାଖିବାକୁ ଚାହେଁ । ଏହି ଭ୍ରମରେ କେତେବେଳେ ସେ ଖାଇଛି ମାଡ଼ । କେତେବେଳେ କାହାଠୁଁ ନାଁ ଲେଖା ରୁମାଲଟିଏ କଣ୍ଟିଏ ଉପହାର ପାଇଛି । ଫଳକୁ ସେ ଅପେକ୍ଷା କରି ବସିନାହିଁ, ପ୍ରଚେଷ୍ଟା କରିଛି । ସବୁବେଳେ ଲ୍ଟ୍ ଟ୍, ସବୁବେଳେ ଫିଟ୍‌ଫାଟ୍, ହସ ହସ, ତୁଣ୍ଡରେ ବଙ୍କପନ ପରି ଝାଲି ଗୋଟାକ ପରେ ଗୋଟାଏ ହୃଦୟ ଜୟ କରିଥିବାର କାହାଣୀ—"ଯେଥର କଣ ହେଲା ନା ଗାଡ଼ିରେ ଯାଉଥିଲି, ଭାରି ଭିଡ଼, ଭୁବନେଶ୍ୱର ଷ୍ଟେସନ୍‌ରେ ଉଠିବାକୁ ଚାହେଁ ଗୋଟିଏ ଝିଅଟିଏ, ହାତରେ ଭ୍ୟାନିଟିବ୍ୟାଗ୍, ଓଠରେ ଲିପ୍‌ଷ୍ଟିକ୍ । ହଠାତ୍ ମତେ ହିଁ ଲକ୍ଷ୍ୟକରି କହିଲା ମଶାୟ—ଏକ୍...' ତାପରେ କଣ କଲି—"

ସେହି ନନ୍ଦ ।

ବଳୀଦତ୍ତ ଚମକି ପଡ଼ି ଭାବିଲା, ଖାଲି କଣ ତା'ର ମନ ବଦଳିଛି ? ଚେହେରା ବି । ଗୁଡ଼ ଖିଅର ନାହିଁ, ଆରମ୍ଭ ହେଲାଣି ଦାଢ଼ୀ, କପାଳ ମଝିରେ ସିନ୍ଦୂର ଟିକା, ଆଖି ନାଲିଆ, ବଦୁ ବଦୁ ବନା କାରଣରେ କେତେ ଥର ସେ ମୁରୁକି ମୁରୁକି ହସୁଥିଲା । କଥାରେ ଧର୍ମ-ପାଗଳ ।

ସେହି ନନ୍ଦ ଥିଲା ବିଦ୍ୟାରେ ଏମ୍. ଏ:, ଚାକିରିରେ ଉପରିକ ଅଫିସ୍‌ଅର୍, ଉଦ୍ଦେଶ୍ୟରେ ଚରମନ ସୁବିଧାବାଦୀ, ବସ୍ତୁବାଦୀ, ଧର୍ମରେ ନାସ୍ତିକ ଚାର୍ବାକ୍‌ପନ୍ଥୀ ।

କଳ୍ପନା କରିହୁଏ ନାହିଁ ସେହି ନନ୍ଦ ଆଜି ବାବାଜୀ ମାର୍ଗରେ । ଜୀବନ ତା'ଠି ଗୁଛି, ଦାନାପାଣିର ଚିନ୍ତା,— ଯେପରି ସେ ଭୁଲିଛି ।

"କଣ ଭାବୁଚୁ ବଳୀଦତ୍ତ, ନେ ବାଡ଼ ଖା—"

"ନାହିଁ କିଛି ଭାବୁନାହିଁ ତ ।"

"ଧୂତ୍ ଧୂତ୍, ମିଛ କହୁଚୁ । କଣ ଭାବୁଚୁ କହ, ନଇଲେ ଧରିବି ତୋ କାନକୁ ।"

"ଓର୍ ଓଁ ଯା ଭାବ୍‌ଛେ ଭାବୁକ୍, ତାତେ ତୋମାର କି" ଘଣ୍ଟା ଦା କହିଲେ ।

Digitized by srujanika@gmail.com

"ଆରେ ଖବ୍ ନା ରେ ! ଖବଲେ ଏଣ୍ଟୁ ନନ୍ଦ ପରି ବାବାଜୀ ହୋଇଯିବୁ !"

"ସେ ଭଙ୍ଗୀ ନେଇ ଓର୍ ବନ୍ଧୁ ନନ୍ଦ କ ବଲେ –

'ନଗ୍ରମିଷ୍ଟ ନଅଇଣ୍ଟା ପିଉଥିଲେ ଲଗେ ମିଠା-ଅଦେଖା ଅନାମେ ସ୍ୱାଦ ଏମନ୍ତ ସାଧୁ'—ବଲୀଦତ୍ତ କ ଗ୍ରନ୍ଥ ଏ ସବ୍ ? ଓ ଆମିର୍ ଗ୍ରନ୍ଥ ଏଣ୍ଟୋ ଗ୍ରନ୍ଥ, ଦ୍ୟାଖା ଗ୍ରନ୍ଥ, ନାମ୍ ଓ ଗ୍ରନ୍ଥ । ତୋର୍ ମତୋ ବୋକା ତ ନଇଁ ଓ—ନା କଣ କହୁଚ ବଲୀଦତ୍ତ ?"

"ଆପଣ କ ସୁନ୍ଦର ଓଡ଼ିଆ କହୁଛନ୍ତି ଦଣ୍ଡୁଦା !" ବଲୀ ଦତ୍ତ କହିଲା ।

"ଭାଲୁ ପଣ୍ଟୁନୋଉଁ, ଅଇଚ୍ଛୁ ଗୋପୀଖପା, କେଶବ କୋଇଲିରୁ ବସ୍ୟାଲଗି ପଟଲଯାକେ ସବୁ ନାଇଦବ ।"

"ତେବେ ଓଡ଼ିଆ ବଙ୍ଗଳା ମିଶେଇ କଣ କହୁଛନ୍ତି କାହିଁକି ?"

"ଓ ବୁଝୋଇ ଯ୍ୟାକ୍ । ଆର ଉଦ୍ଧ୍ ଅ଼ାର ତାମିଲ, ତାଓ ଯଦ୍ଧ ମିଶିଏ ପାର୍ତାମ୍ ଯେଓ ହତୋ ଯ୍ୟାକ୍, ବୁଝଲେ ଦାଦା ହିଁ ।ଦୁଗ୍ରମ, ଯାର୍ ଯ୍ୟାମନ୍ ରୁଚ—ସବ୍ଇ ଗୋବନ୍ଦେର୍ ଇଚ୍ଛେ ।"

"ଏ ସମସ୍ତ ପାଗଲ" ବଲୀଦତ୍ତ ଭାବିଲା ।

ଅନ୍ତ କହିଲା—"ବହୁତ ବେଳ Buitend କଲୁଣି ବନ୍ଧୁ, ଟିକଏ ଅମୁକୁ ଚହେଇ ଦେ ।" ବଟ୍ ଏଣ୍ଡ୍ ଫେର୍ କଣ ? ବ-ମୁଣ୍ଡି ବଟ୍, ବଟ୍ ମାନେ କନ୍ଦୁ, ଏଣ୍ଡ୍ ମାନେ ଶେଷ, 'କନ୍ଦୁ ଶେଷ' 'କନ୍ଦୁ ଶେଷ' ବଲୀଦତ୍ତ ଧନ୍ଦ ହେଲ; କନ୍ଦୁ ଭାବିବାକୁ ଅବସର ନ ଦେଇ ବନ୍ଧୁ ଠିଆହୋଇ ପଡ଼ିଲ,—"ମୋର ଦୋଷ ହେଇଚ, ସାତଟଣ୍ଡ ରାମାୟଣ ଗଲଣି, କହିପାରି ନାହିଁ ହୁ ଇଜ୍ ହୁ । ସେ ବଲୀଦତ୍ତ ଦାସ୍,—ଖାକ୍ 'ଶ୍ରୀ'ଟା । ଲ । ସେ କୁମାମାର ବଶିଷ୍ଟ କର୍ମଚାରୀ, ଆଜି ପଦୋନ୍ନତ ଘଟିଚ ଯାଙ୍କର ।

"ଅଉ ସେ ? ସେ ଶ୍ରୀ ଅନନ୍ତ କୁଲକର୍ଣ୍ଣି ଚଉପଟ୍, ମାନେ ଶ୍ରୀ ଅନନ୍ତ କୁଲକରଣ ଚଉପଟନାୟକ, ବିଖ୍ୟାତ କବି, ବିଖ୍ୟାତ ରାଜନୀତିଜ୍ଞ, ବିଖ୍ୟାତ ଛନ୍ଦୋଟନ ପ୍ରବର୍ତ୍ତକ ବୋମ୍ବେରେ—ପ୍ରଥମ ଚନ୍ଦ ଅନନ୍ତଶଯ୍ୟା,' ପୁଣି ବିଖ୍ୟାତ ସମାଲୋଚକ, ଅଉ—ରହ ବାଧା ଦେ ନାହିଁ, ବିଖ୍ୟାତ 'ହଟହଟା' ଗାଁର ଜମିଦାର ଏବଂ ବାରିଷ୍ଟର୍ ଏଟ୍ ଲ, କିଙ୍କନମ୍ ଇନ, ବି. ଏ. 'ହନମ୍'—"

"ଅଁ—"

ବଲୀଦତ୍ତର ଶ୍ରେଷ୍ଠ ଅଁ—ଅଉ ବୁଜେନାହିଁ ।

Digitized by srujanika@gmail.com

“—ଏବଂ ଯେ ହେଉଛନ୍ତି ଶ୍ରୀମାନ୍ ଅଶୋକ୍ ମେହେଟ୍ଟା ଏମ୍. କମ୍., ସପ୍ତଦଶପୁରୁଷ ହେଲା ଓଡ଼ିଶାର ବାସିନ୍ଦା, ଶ୍ରୀ ମାଧବ ମେହେଟ୍ଟାଙ୍କ ନାତି, ଜନେ-ମେହେଟ୍ଟା ଯ୍ୱାଣ୍ଡ ମେହେଟ୍ଟା ଲିମିଟେଡ୍, କଣ୍ଟ୍ରାକ୍ଟର୍, ବିଶିଷ୍ଟ ମାସିକ ପତ୍ର ‘ଛଣଜନ୍ମା’ର ସମ୍ପାଦକ ଏବଂ ଲେଖକ ଅତି ଉଚ୍ଚକୋଟିର ।”

“ଓ—”

ଅନ୍ୟ କହିଲା—“ଏବଂ ଏ ହେଉଛନ୍ତି ଶ୍ରୀ ବନବିହାରୀ ପଟ୍ଟନାୟକ ଏମ୍. ଆର୍. ଭି. ଏସ୍, ଲିଜିଅନ୍ ଡ଼ି ଅନର୍, ଫେଡ଼େରେଲ ଇନ୍‌ଭେଷ୍ଟିଗେସନ୍ ବ୍ୟୁରୋ, ବିଖ୍ୟାତ ଗୁଇନ୍ଦା ସେକ୍‌ସନ୍ ବ୍ଲେକଙ୍କ ସହକାରୀ ଅର୍ଥାତ୍ ସେକ୍ରେଟେରୀ ।”

ସମସ୍ତେ ହୋ ହୋ ହସିଲେ, ବୋକା ବନିଲା ବଳୀଦଉ । ଦୁଇ ଅପରିଚିତ ଭଦ୍ରଲୋକଙ୍କ ପରିଚୟ ପାଇ ସାରି ଆଶ୍ଚର୍ଯ୍ୟ ହେଉ ହେଉ ପରିଚୟଟା ହସରେ ଉଡ଼ିଯାଉଛି, ତେବେ ଏ କଣ ସତ ନା ମିଛ ?

କିଏ ସେ ଏମାନେ ?—ଜଣାଚର ଜୀବ ? ବଳୀଦଉର ମନେପଡ଼ୁଛି, କେଉଁଠି ଦେଖିଛି ସେ ଏମାନଙ୍କୁ । ଏଇ ଯାହାଙ୍କୁ ବନ୍ଧୁ କହିଲା ଅନନ୍ତ କୁଳକର୍ଣ୍ଣି ଚଉପଟ୍,—କେଉଁଠି ବିରାଟ ଜନସଭାରେ ବକ୍ତୃତା ଦେଉଥିଲା ଏହିପରି ଜଣେ, ଏମିତି ହାଡ଼ୁଆ ମୁହଁ, ଚହଟୁଣ୍ଡ ଚିବୁକ, ବାଡ଼ୁଆ ଶାଣଦିଆ ଆଖି, ଦମ୍ଭିଲା କପାଳ, ଏମିତି କପାଳ ଉପରେ ବିଚ୍ଛେଇ ପଡ଼ିଥିଲା କେସ୍ କେସ୍ ଅଲଗା ବାଳ । ତା'ର ବେକରେ ଥିଲା ଫୁଲମାଳ, କଥାରେ ଥିଲା ଆସନ୍ତା ନେଉଁ ସ୍ୱର୍ଣ୍ଣଯୁଗର ଛବି, ଜନତାରୁ ଶୁଭୁଥିଲା ଘନ ଘନ କରତାଳିର ଗହଳି ଶବ୍ଦ । ସେହି କଣ ଏ ? ଯେ ଲୋକଙ୍କୁ ଚେତାଉଥିଲା, କନ୍ଦାଉଥିଲା, ହସାଉଥିଲା, ଉଡ଼େଇ ପାରୁଥିଲା କଥାର ଘଡ଼ଘଡ଼ିରେ ?

ତା ପରେ ଆଉ ଦିନେ କେବେ ଖବର କାଗଜରେ ବାହାରିଲା ବଡ଼ ଛବି, ଏମିତି ଜଣେ. ତା ମୁହଁର ଝଡ଼ ଖଣ୍ଡାଧାର ପରି, ଏମିତି ଗହ୍ୱର ଅତଳ ଆଖି; କିନ୍ତୁ ସେ ହସୁଥିଲା କରୁଣ । ଖବର କାଗଜ ସମ୍ବାଦ ଅଙ୍କିଦେଲା—କେଉଁ ଅଗନାଗ୍ନୀ ବଣଦେଶରେ ଆନ୍ଦ୍ରିଅ ଜାଲିଲା ଏହି ଲୋକ ଦାସତ୍ୱର ଶିଙ୍କୁଳି ଛିଣ୍ଡ ଛିଣ୍ଡ କରି କରି ତାଙ୍କିଲା, ନାଚି ହେଲା ଉଦ୍‌ବୃତ, ତା ପରେ ସ୍ୱେଚ୍ଛାଚାରୀର କ୍ରୋଧର ନିଆଁ କ୍ରୁର୍ ହେଇ ହେଇ ପଡ଼ିଲା ତାହାରି ଉପରେ,—ଜେଲରେ ଫୋଟକା ହେଲା ପୋଡ଼ା ପାରିନାହିଁ । ହାତ ଗୋଡ଼ରେ ଜଞ୍ଜିର ଓହଳାଇ କୋରଡ଼ା ମାଡ଼, ମଳଦ୍ୱାର ବାଟେ ବାଉଁଶ କେଞ୍ଚା, ଶୋଷିକଲେ ତୁଣ୍ଡରେ ପରିସ୍ରା, ପିଠିରେ ନିଆଁ ଗୋଳିଣା ଚିଆଁ, ନାକରେ ଲଙ୍କାମରିଚ ଧୂଆଁ, ପାଦୁଲିରେ ନାଗଫେଣୀ କଣ୍ଟା—ଓଃ, ଦେଶ ଦୁଃଖରେ ଶିହରି ଉଠିଥିଲା, ରାଗରେ ଜଳି ଉଠିଥିଲା, ସ୍ୱାନ-ସାଫଲ୍ୟକାମୀ ବଳୀଦଉ

Digitized by srujanika@gmail.com

ଦାସ ବି ନବ୍ରୁତିଆ ଢଙ୍ଗରେ ସବୁ ପାଦୁକ ମୁଠେଇ ଉଞ୍ଚେଇଥିଲ ଅଦେଖା ଶତ୍ରୁ ମୂର୍ତ୍ତିକୁ । ଖବର କାଗଜ ସମ୍ବାଦ ଆଙ୍କୁଥିଲ,—ଏହି ସେ ଲୋକ ? ଏତେ ନିର୍ଯ୍ୟାତନାରେ ବି ଅନ୍ଧାରକୁ ସନ୍ଦେଶ ଛୁଟିଥିଲ—

"ବନ୍ଦୀର ମୁକ୍ତି ନିଶ୍ଚିତ, ଦଳିତର ବିଜୟ,
ଶୃଙ୍ଖଳ ଝଂକାର ନାଦେ ଗାଇ ମୁକ୍ତିର ବାଣୀ
ଜଡ଼ତାର ଶିରେ ବଜ୍ର ହାତୁଡ଼ି ହାଣି
ଆଣି ଜଗତେ ପରଶି ସଂଜୀବନୀ
ମାଡ଼ି ଚାଲ୍, ଦଳି ଚାଲ୍, ମାଡ଼ି ଚାଲ୍ ।"

ଦେହରେ ପୀଡ଼ା, ମନଦ୍ୱାରରେ ବାଉଁଶ, ତୁଣ୍ଡରେ ପଶ୍ରା,—
ଗାଇ ପାରିଥିଲ ମୁମୂର୍ଷୁ ଦେହରେ ବିଜୟ ପଞ୍ଚୁଅରର ଗୀତ,—ଖବର କାଗଜ ଟୁପିଥିଲା ।

ଏଇ କଣ ସେହି ଲୋକ ?

ସାଦୃଶ୍ୟ ଅଛି, କିନ୍ତୁ ସେ ବୋଲି ବିଶ୍ୱାସ ଆସୁନାହିଁ, ସେ ନ ଥିଲ "ଅନନ୍ତଶଯ୍ୟା" ଶ୍ରୁଦ୍ଧାଚାର ପ୍ରବର୍ତ୍ତକ, ନଚୁବା—ସେହିପରି ଦେହ, ଏ ସେ ପ୍ରାଣର ସାମୟିକ ଅନନ୍ତଶଯ୍ୟା ! କହି ହେଉନାହିଁ ।

ଆଉ ଏଇ ଯାହାକୁ ବୁହାଦେଉଛି ଅଶୋକ ମେହେନ୍ତା—ରାସ୍ତାରେ କେତେଥର ସାଇକେଲରେ ଯିବାର ସେ ଦେଖିଛି, ଏହିପରି ଜଣେ ଲୋକକୁ । ଟ୍ରାଇନେଉଥିବା ବେଳେ, ସାହିତ୍ୟିକମାନଙ୍କ ସଙ୍ଗେ, କେବେ କେଉଁଠି ବୁଲିବାର ଦେଖିଛି । ଖାଲି ସାହିତ୍ୟର ଆଲୋଚନା, ଶାଣୁଆ ଯୁକ୍ତି, କଥା ଶୁଣିଲେ ଫାଙ୍କିବାଟେ ଦିଶେ ଭିତରର ମାର୍ଜିତ ମନ । ସଭା ଗହଳରେ ବେଦୀ ଉପରେ ଠିଆହୋଇ ବକ୍ତୃତା ଦେଉଛି ଏହିପରି ଜଣେ, ପଣ୍ଡିତ ଭାଷାରେ ଅବୋଧ ଦର୍ଶନଶାସ୍ତ୍ର ମିଶାଇ ବାଣ୍ଟି ଦେଉଛି ଉତ୍ସାହର ପାଖୁଡ଼ା, ସ୍ୱପ୍ନରେ ଟଳ ଟଳ ଆଖି । ଏହିପରି ସେ, କିନ୍ତୁ ସେ ତ ନ ଥିଲା କଂଟ୍ରାକ୍ଟର !

ପଶଚନ୍ଦ୍ର—ପଶଚନ୍ଦ୍ର—

ଉଡ଼ନ୍ତା ଚଢ଼େଇର ପଶଚନ୍ଦ୍ର ନୁହେଁ ପିଠିରେ ଅଣ୍ଟାକ ଆଖିବୁଜି ମେଞ୍ଚା ହୋଇ ବସିଥିବା ଚଢ଼େଇ, ସେ ମେଞ୍ଚାଏ ପର ।

ଜଳନ୍ତା ମଣିଷର ପଶଚନ୍ଦ୍ର ନୁହେଁ କାଲୁଆ କାଦୁଆ ମୁର୍ଦ୍ଦାର,—ଧରିଲେ ଲାଗେ କାଦୁଅ ଚକଟିଲି ପରି, ଇସ୍ ! ମେଞ୍ଚେ ମେଞ୍ଚେ କାଦୁଅ,—ମୁର୍ଦ୍ଦାର,—

କାହିଁର ପଶଚନ୍ଦ୍ର, ଇସ୍ !

Digitized by srujanika@gmail.com

ବାହାରେ ଅନ୍ଧାର ଘନ; ମୁଣ୍ଡ ଭିତରେ କନ୍ଦର ସେହି ଶେଷ ଗୀତ-'ଶୂନ୍ୟ ମନ୍ଦରେ ବନ୍ଧାର',—ଭିତରେ ଚୁପ୍‌ଚାପ୍ ହୋଇ ବସିଛନ୍ତି ଗୋଟିକ'ଗୋଟି, ବନ୍ଧୁର ଏ ପାଗଲା କୋଠି ଧାରଣା ଉପୁଜାଏ । ମନେପଡ଼ୁଛି କଣ ମୂର୍ଦ୍ଧାଗ, ଦେହ ଶୀତୋଉଛି, ବଳୀଦଉ ଯିବାକୁ ଗ୍ଭହେଁ ।

ସଣ୍ଢୁଦା କହିବାକୁ ଆରମ୍ଭକଲଣି, ଦେଉଳର ଗମ୍ଭିର ଭିତରେ କଏ ଯେପର କଥା କହୁଚ, କଥାର ଉଦ୍ଦେଶ୍ୟ ସେ ନିଜେ—

''ଶୁନ୍‌ଲେ ତ ପଣଚସ୍ତ ? କ'ଣ ଏଥିରୁ ବୁଝିଚ ତୁମେ କହ ? ଜଣେ ଲିଙ୍କନସ୍ ଇନ୍, ଜଣେ କଣ୍ଟ୍ରାକ୍‌ଟରସ୍, ଜଣେ ଫେଡ଼େରାଲ୍ ଇନ୍‌ଭେଷ୍ଟିଗେସନ୍ । ଆଉ ମୋ ପଣଚସ୍ତଟା ବର୍ତ୍ତମାନ ବୋଧହୁଏ ଟିବେଟ୍ୟାନ୍ ଲମା । ହ୍ୱାଟ୍‌ସ ଇନ୍ ଏ ନେଇମ୍ ?

''ନିଜେ ନିଜେ ପଣଚସ୍ତଟା ବି ତ ଠିକ୍ କର, ଯଦିଚ ଏଥିକପାଇଁ ମୁନି ଋଷି କଲ୍ପକଲ୍ପାନ୍ତ ବିତାନ୍ତି ତବୁଓ ଓର୍ ନାଗାଲ୍ ଓ଼ା ପାଏନା ।

''ପଣଚସ୍ତଟା ବି କ'ଣ୍ ? ଲୋକେ ଆମକୁ ଯାହା ବୋଲି ଡାକନ୍ତି, ଯାହା ବୋଲି ଭାବନ୍ତି, ସେଇଟା ଗୋଟାଏ ଲେବ୍‌ଲ୍ ଛଡ଼ା ତ ଆଉ କିଛି ନୁହେଁ ? ଲେବ୍‌ଲ୍‌ଟା ବଦଳେଇ ଦିଅ, ଜିନଷର ଉପାଦାନ ବଦଳିବନାହିଁ ଏତେ ଟିକିଏ । ଉପରର ଲେବ୍‌ଲ୍ ଯେ ଭିତରର ଜିନଷକୁ ଠିକ୍ ବର୍ଣ୍ଣନାକରେ ସେ ଏକଦମ୍ ଭୁଲ । ତଥାପି ତୁମେ ଦେଖିବ ଏଇ ଲେବ୍‌ଲ୍ ଗୋଟେଇ ବୁଲୁଛନ୍ତି ଯେତେ ବଡ଼ ପିଲ, ସେଇଥିପାଇଁ ଯେତେ କଟାକଟି ମରାମରି, ଗ୍ଭ'ର ଲେବ୍‌ଲ୍ ଗୋଟେଇଲେ ପ୍ରାଇଜ୍ ମିଳେ, କାର ଲେବ୍‌ଲ୍ ଗୋଟେଇଲେ ମିଳେ ଅଶାନ୍ତି ।''

''ବାବା ନିଜ ମନକୁ ଆଗେ ପଗ୍ଭର, ନିଜର ଆବଶ୍ୟକତା କଣ, ନିଜର ଦ୍ରୁତଟା କଣ, What do you really need, What are the permanent values in life, ତା ନୁହ, ଶୁଧୁ ଲେବ୍‌ଲ୍, ନିଜର ଆବଶ୍ୟକ, ନିଜର ଅଭାବ, ନିଜର ଇଚ୍ଛା ସବୁ ଜିନଷ ପାଇଁ ମା' ପେଟରୁ ଜନ୍ମ ହେଉ ହେଉ ତୁମ ଆଗରେ ଅଛି ଗୋଟାଏ ଲେବ୍‌ଲ୍, ତାର ପାଇଁ ଲଢ଼ି ଲଢ଼ି ତୁମ ପ୍ରାଣ ଯିବ । ପେଟେଣ୍ଟ ମେଡ଼ିସିନ୍‌ର ବିଜ୍ଞାପନ ପର ପେଟେଣ୍ଟ ଆଇଡ଼ିଆର ଦୌରାତ୍ମ୍ୟ ଚ୍ଛୁଇଛି ଦୁନିଆରେ, ସେଇଥିପାଇଁ ଯେତେ ଚେଷ୍ଟାକଲେ ବି ପୃଥିବୀ ସଭ୍ୟ ହେଉନାହିଁ କ ସଂସାରରୁ ଗ୍ଭଡ଼ୁନାହିଁ ମୁଦ୍ଧ, ଅଶାନ୍ତି ।

—''ଯଦି ବାବା, ଏତେଟା ନ ପାରିବ, ତେବେ ଧର ସରଳ ମାର୍ଗ,—ଅଟୋସଜେସନ୍ । ମାନେ, ଲେବ୍‌ଲ୍ ବଦଳାଅ । ଧନ ସଞ୍ଚୟ ନାହିଁ, ଭାବ ହୋଇ ଯେ ଯୋଉଁ ପବତ ଦିଶୁଛି, ସେଇଟା ଗୋଟାସୁଦ୍ଧା ତୁମର, ତା ତଳେ ତୁମର ସୁନାଖଣି ଅଛି । ବ୍ୟାଙ୍କ୍‌ରେ ଯାହାର ସଞ୍ଚିତ ଅନର୍ଜିତ ପୁଞ୍ଜି ରହିଛି, ସେ ଯେ ସେଥିରୁ

Digitized by srujanika@gmail.com

ତୁ' କଣ ଖାଉଥିବ ତାର କିଛି ମାନେ ନାହିଁ, ଖାଲି ଦେଖିଲେ ସୁଖ । ସେମିତି ତମର ହେ ପର୍ବତ । ଭାବ ପୃଥିବୀଟା ତୁମର, ଆଉ ଦୁଃଖ ନାହିଁ । ଏଇ, ବନ୍ଧୁର ଖଟଟା ମୋର, ନାଇଁରେ ବନ୍ଧୁ,—ହେଇ ମୁଁ ଶୋଇଲି, ତକିଆଟା ମୁଣ୍ଡତଳକୁ ଦେ ତ ବାବା, – ଆଃ –"

ଅନ୍ତ ଓ ଅଶୋକ ସେମିତି ଚୁପ୍‌ଚାପ୍ ବସିଛନ୍ତି ।

ବଳୀଦାଉର ମୁଣ୍ଡଟା ଗୋଳମାଳ ହୋଇଗଲା, ସେ ସେପରି ସେ ନନ୍ଦର ପଛେ ପଛେ ଯିବାକୁ ଚାହେଁ । ଘଣ୍ଟା ଚିଟିଲା ଦଶଟା, ରାତି ଦଶଟା ତଥାପି ଚେତନା ଫେରିଗଲା,—ଦିନ ଦଶଟାବେଳେ ସେ ବଡ଼ବାବୁଙ୍କୁ କହି ଆସିଥିଲା, ରାତିରେ ଯିବ ।

ଯାଃ—ଗୋଟାଏ ରାତି ବୃଥାରେ ଗଲା ।

ବନ୍ଧୁ ଘରୁ ବାହାରି ଆସି ବାଙ୍କ ବୁଲିବାଯାକେ, ପଛେ ପଛେ ସେହି ଧାରଣାଗୁଡ଼ାକ । ବାଙ୍କ ବୁଲି ଫରଚ୍ଚ ରାସ୍ତା, ବଡ଼ ସଡ଼କ । ଦୋକାନ ବଜାର, ବଡ଼ ବଡ଼ କୋଠା । ଗାଡ଼ି ଓ ଗହଳି । ଆଲୁଅ ଝକାଝକ । ଛକରେ ସେ ଠିଆହେଲା, ପଛର ମାୟାବାଦକୁ ଯେପରିକି ବଳଲଗେଇ ଛୁଣ୍ଡେଇ ଓଟାରି ନିଜକୁ ଦମ୍ଭ-ଦେବାକୁ ମହାପାତ୍ରଙ୍କ ଭଙ୍ଗୀ ଅନୁକରଣ କରି କହିଲା—

"ଇଡ଼ିଅଟ୍—ପାଗଳ—ପାଗଳ—"

ତା'ପରେ ଜୋରରେ ଚାଲିଲା ।

ସର୍ବେଶ୍ୱର କବାଟ କିଳିଲା । ସଙ୍ଗେ ସଙ୍ଗେ କିଛି ହୋଇଗଲା ଇଚ୍ଛା ମନ ଓ ଅଣଇଚ୍ଛା ଅଶାନ୍ତିଭରା ପ୍ରଭାବ-ପ୍ରତିକ୍ରିୟାମୟ ବାହାର ମନଜଗତର ମଝିରେ କବାଟ, ଏଥର ତାର ଇଚ୍ଛାମନ ନିର୍ବୋଲା, ନିସ୍ତୁଟିଆ । ସେମୁଖା ଖୋଲିପାରେ, ବେଶ ହତାଶ ଥୋଇ ଦେଇ ଖେଳିପାରେ ନିଜ ସଙ୍ଗେ । ଆଶ୍ଚର୍ଯ୍ୟ ତାର ମନର କାରବାର, ଗୋଟାଏ ଗୋଟାଏ ସାଧାରଣ କାର୍ଯ୍ୟ,—କବାଟ କିଳିବା, କାନ୍ଥରେ ବାଡ଼େଇ ହୋଇ ଏବୁଣ୍ଡିରେ ଝୁଣ୍ଟି ଅଧାଜାଣତାରେ ଦେହକୁ କଷ୍ଟ ମୂଳେଇବା, ଚୁଲ୍ଲୀମୁହଁବାଟେ ସରୁ କାଠଖଣ୍ଡେ ଗେଞ୍ଜିଦେଇ ଉଦାସ ଦୃଷ୍ଟିରେ ସେ ଜଳି ଜଳି ପାଉଁଶ ହେବା ପର୍ଯ୍ୟନ୍ତ ଟାଳରେ ହାତ ଦେଇ ତାକୁ ଚାହିଁ ରହିଥିବା,—ଏଥିରେ ଯେପରିକି ଭିତର ମନର ଲୁଚିରଖା କେଉଁ ଧାରଣା ସଙ୍କୋଚ-ପରିଆସ୍ତରେ ନିଜର ପ୍ରତିବିମ୍ବ ଦେଖେ, ବାହାରର ସାଧାରଣ କାର୍ଯ୍ୟଟି ହୁଏ ଗୋଟିଏ ରୂପକ, ତାର ମନ ଅଶାନ୍ତ, ଇଚ୍ଛା ତହିଁରେ ଚରିବୁଲେ ।

Digitized by srujanika@gmail.com

କବାଟ୍ କଲଲ୍, ଘରେ କେହ୍ନ ନାହିଁ । ସେ ଏକୁଟିଆ ।

କଚ୍ଛ ନ ଭାବି କରିଗଲ ସେ ନିତିଦିନର ସାଧାରଣ କାମ, ଆଲୁଅ ଲଗେଇବା, ଘର ଓଳେଇବା, ଜିନିଷପତ୍ର ସାଇତି ରଖିବା, ପରିବା ବନୋଇ ବନୋଇ ଚୁଲ୍ଲିମୁଣ୍ଡେ ବସି ଚୁଲ୍ଲି ଫୁଙ୍କିବା । ଧିକ ଧିକ ଜଳୁଛି ଚୁଲ୍ଲି ନିଆଁ । ଭାତ ବସିଛି, ଡାଲ୍ ବସିଛି । ଘୁରିଆଡ଼ ଅନ୍ଧାର ।

ଧୀରେ ଧୀରେ ମନ ଭିତରକୁ ଫେରେଇ ଆଣିଲ ସେ ପୁରୁଣା କଥା, ବଳୀଦାଉ ଘରକୁ ଫେରିଥିଲ । ହଠାତ୍ କେଉଁ କଥାରେ ପାଦ ଝୁଣ୍ଟି ସେ ପାଗଲ ପରି ଗର୍ଜିଥିଲ, ଗାଳି ଦେଇଥିଲ । ପାଦରେ ଝୁଣ୍ଟି ପ୍ରକାଶ କରିଯାଉଛି ସେହି କଥାଟାର ଅସ୍ତିତ୍ୱ,—ମନ-ଗହନର ଅନ୍ଧାର ଭୂତ ସେ, ଅଶାନ୍ତ ମୁଦବତ୍ତିମନର ଆକାଙ୍କ୍ଷାର ରୂପ । ସେ ଆକାଙ୍କ୍ଷା ମେଣ୍ଟାଏ ନାହିଁ ବଳୀଦାଉର ହାବଭାବ, ତାର ପ୍ୟାଣ୍ଟ୍ କୋଟ୍, ତା'ର ପ୍ରମୋସନର ବଡ଼ିମା ।

ମୁଣ୍ଡରେ ଜକଜକ ସିନ୍ଦୂର ଟୋପା, ହାତରେ ଖଡ଼ୁ, ଜଗତର "ଜାତ ବଜର ହେଉ" ଆଶୀର୍ବାଦ, କାନ୍ଧ ଉପରେ 'ପତିପରମଗୁରୁ' ବ୍ରୁଚ୍,—ସବ୍ରେଜିନୀ ଅଜଣା ଦୁଃଖରେ ସକେଇ ହୋଇ କାନ୍ଦିଥିଲ ।

ଚୁଲ୍ଲିଫୁଙ୍କା ଆଖିପାଣି ପାଲଟିଥିଲ ତତଲ ଲୁହ । ସେହି ମୁହୂର୍ତ୍ତକ ଆପଣା ଜୀବନକୁ ସେ ଛୁଁ' କରି ଦେଉଛି ସେତକ,—ଜୀବନଟା ଧୂଆଁ ହୋଇ ଜଳିଲାଗିଛି— ଏଇ ଚୁଲ୍ଲି ଭିତରେ ମନର ତାନ ଗୋଟାଏ ଲମ୍ବା 'ହାସ୍ୱ' ।

କ ହମାଉଁଲେ ଜାଣିତା ମନ ତା'ର କାରଣ ସୃଷ୍ଟି କରେ, ଗୋଟି ଗୋଟି ହୋଇ ମନେପଡ଼େ ଇତିହାସ । ଜେଜେବାପା ମରିଥିଲେ । ଜେଜେମା,—'କେଡ଼େ ଶରଧା କରୁଥିଲେ,—କୋଡ଼ରେ ନ କାକଲେ ନିଦ ହୁଏନାହିଁ, ସେ ମଲେଣି । ମଉସା,—ଅନ୍ତଲ ପେଟରେ ଶୁଆଇ ନଗ୍ରନ୍ତ,—ଆହା, କାହାନ୍ତ ଆଉ ସେ ! ମୃତ୍ୟୁ—ପୁଣି ବିଚ୍ଛେଦ । ପୁଣି ଆପଣାର କ୍ଷତ ଓ କ୍ଷତି, ଅଭାବ ଅଭିଯୋଗ । ନିଜକୁ ଆହା ଚୁ' ଚୁ'—କେଡ଼େ ହୀନିମାନି ! କେଡ଼େ ନିରମାଖୀ !

ସଂସାର-ଦୁଃଖର ଲୁଣି ସମୁଦ୍ର, ସେଉଁଠୁ ହେଲେ ଅଞ୍ଜୁଳାଏ ଉଠେଇ ନେଇ ମନରେ ଅଜାଡ଼ି ଦେଲେ, ଆଖିବାଟେ ନିଗିଡ଼ି ପଡ଼େ ଝର ଝର ଲୁଣି ଲୁହ ।

ସବ୍ରେଜିନୀ କାନ୍ଦୁଥିଲ, ମନେପଡ଼ୁଛି ବାପଘରେ, ତା'ପରେ ଏ ଦୂର ବିଦେଶ, ସୁଖ ନାହିଁ, ଶରଧା ନାହିଁ, ଖାଲି କଲକାମ । କେତେ ଦୂରରେ ରହିଲେ କିଏ ? ସାଙ୍ଗମେଳ ନାହିଁ, କରିଧରି ଦେବାକୁ କେହି ନାହିଁ । କି ଜୀବନ ! କ୍ରମେ କାନ୍ଦ ସରିଗଲ । ଉଦାସ ମନ, ହଲଚଲ ନାହିଁ, ଝୁଲି ରହିଲ ଚୁପ୍‌ଚାପ୍ । ଧୀରେ ଧୀରେ ତେଜ ଉଠୁଛି ମନରେ କଣ, ପଦନଖିଆ ସାପପରି ଚମଚମ ମୁହଁ, ସଁ ସଁ ଦୀର୍ଘନିଃଶ୍ୱାସ, ଟଂ ଟଂ ଆଖି, ବସ୍ତୁତ ପ୍ରବୃତ୍ତି ଶିଥିଳତା ଖୋଜି ନିଜ ଭିତରୁ କାଢ଼ି

Digitized by srujanika@gmail.com

ଅନ୍ଧାରରେ ଗଡ଼ୁଛି ଚୂପ । ଏମିତି ଛନ୍ଦେକେ ସେ ଆସେ, ଝଙ୍ଝେଣେଇ ଉଠେ ମନ । ଅସ୍ଥିର ହୋଇ ଏପାଖ ସେପାଖ ହେଲା ଦହେ—ପିଣ୍ଡା, ଦୁଆର, ଦାଣ୍ଡଘର ଝରକା ବାଟେ ଅନ୍ୟମନସ୍କ ହୋଇ ପଦାକୁ ।

କାହିଁ କିଏ ? ରାସ୍ତା ସେପାଖେ ଝରକା ବାଟେ ଦିଶୁଛି କଲେଜଗ୍ରାଫ ବହିକି ଗୁହିଁ ପେନ୍‌ସିଲ୍‌ର ଅଗ ପାଟିରେ ପୂରେଇ କଣ ଭାବୁଛି ।

କ'ଣ ଭାବୁଛି । ମନ ଚହଲିଗଲା ତେଣେ । ଧଡ଼କିନା ଝରକା ବନ୍ଦ କଲା । ପୁଣି ମନ ଥକିଲା ପକ୍ଷୀ ଓହଳାଇ ଦେଇ ଫେରିଆସିଲା ଆପଣା ସ୍ଥାନକୁ ।

ଏଥର ଭାତ ଫୁଟିଲାଣି ଟବ୍ ଟବ୍ ।

ତତଲା ପାଣିରେ ଅସଂଖ୍ୟ ବୁଦବୁଦ୍—ଟବ୍ ଟବ୍ ଟବ୍ ଟବ୍ । କେଡ଼େ ତାଳରେ ଆସେ ! କି ଶବ୍ଦ ! କେତେ ବଡ଼ ବଡ଼ଟାମାନ । କାହିଁ ଫାଟି ମିଳାଇଯାଏ, ତଥାପି ସ୍ଥାନ ଖାଲି ରହେନାହିଁ । ପାଖକୁ ପାଖ ମେଞ୍ଚା ମେଞ୍ଚା ହୋଇ ନାଚ କରୁଥାନ୍ତି । ବୁଦ୍‌ବୁଦ ସବୁ କି ଅସରନ୍ତି । ଯେତେବେଳେ ଦେଖିଲେ ସେତେବେଳେ ପୂର୍ଣ୍ଣ । ପୂର୍ଣ୍ଣରୁ ପୂର୍ଣ୍ଣ ଚାଲିଯାଏ, ରହିଥାଏ ପୂର୍ଣ୍ଣ । ନିତିଦେଖା ବୁଦ୍‌ବୁଦ୍‌ର ନାଚ ନିତି ଦେଖାଏ ନୂଆ ଚମକ ।

ସରୋଜିନୀ ଭାତ ରାନ୍ଧୁଛି ।

କିଛି ନାହିଁ, ଘରର ବୋହୂଟିଏ ବସି ଭାତ ରାନ୍ଧୁଛି, ଅତି ସାଧାରଣ ଦୃଶ୍ୟ ।

ରାତି ନଅଟା ।

ଫେରୁଥିବେ ଅଗନ୍ତି ! ତାଙ୍କର ପ୍ରମୋସନ ହୋଇଛି, ଅନ୍ୟ ପାଦ, ବଡ଼ ପାଦ । ସାନଘରୁ ବଡ଼ଘରକୁ ଗୋଡ଼ ବଢ଼େଇବା ପାଖ ହୋଇଗଲା । ଏହା ପରେ ଧନ ଆସିବ, ସରୋଜିନୀ ଧନ ଭଲ ପାଏ । କେମିତି ଜୀବନ ସେ ? ଧନୀ ହେଲେ କେମିତି ଲାଗେ ? ପିଲାଦିନୁଁ ଏଯାଏଁ ମନେ ପଡ଼ିଗଲା ଦେଖା କଥା, ଶୁଣା କଥା । ପାଖ ଗାଁରେ ତାର ବରଘର ଲାଗିଥିଲା,—ଭଣ୍ଡାରୁଣୀ କହେ କୋଠାଘର, ଧାନ ଅମାର, ଦାସୀପଣବାସୀ ଖଟନ୍ତି, ଦାଣ୍ଡରେ ଯାଆନ୍ତାଯାତ, ନାଚତାମସା ହୁଏ, କଲବାଜା ବାଜେ । ଜାତକ ଶୁଝିଲାନାହିଁ; କିନ୍ତୁ ସେ ଥିଲା ଗୋଟାଏ ବଡ଼ଲୋକ ହେବାର ସ୍ୱପ୍ନ । ତା'ପରେ ବାଟରେ ଘାଟରେ, କାହା ଘରକୁ ବୁଲିଗଲେ, ଦେହରେ ଦାମୀ ଶାଢ଼ୀ, ମୁଣ୍ଡରୁ ଗୋଡ଼ଯାକେ ଅଳଙ୍କାର,—କିନ୍ତୁ ନାଁ, ସବୁ ଧନଲୋକ ବେଶହୋଇ ବୁଲନ୍ତି ନାହିଁ, ଧନ ଅଛି ଏତିକି ଧାରଣା ଯଥେଷ୍ଟ । ଯାନବାହନ, କୋଠାବାଡ଼ି, ଭୂମି ସମ୍ପତ୍ତି ଥିଲେ ଯଥେଷ୍ଟ ନୁହେଁ, ଦରକାର କର୍ତ୍ତୃତ୍ୱ, ଧନଗତ ଅଧିକାର, ମନ ଇଚ୍ଛା ଏବଂ ଲୋକେ ଖାତିର କରିବେ । ଥିଲେ ଯଥେଷ୍ଟ ନୁହେଁ,—ଅଛି ବୋଲି କହି ବୁଲିବେ ଦଶଜଣ । ସେମାନଙ୍କର ଅଛି, ଆମର ନାହିଁ । ନ ଥିଲାଲୋକ ନ ଥିଲେ ଥିଲାଲୋକଙ୍କର ଥାଇ ନ ଥିଲା ପରି । ମାସକୁ ଦେଢ଼ଶ ଟଙ୍କା, ଏତେ କଣ— ! କିନ୍ତୁ

Digitized by srujanika@gmail.com

ବଢ଼ି ଯିବ ହୁ ହୁ କରି, ସ୍ୱାମୀର ଆଶା ଓ ଉଦ୍ୟମ ତାର ଆକାର ଓ ଗଢ଼େଇ ସଙ୍ଗେ ସମତୁଲ ନୁହେଁ । ତେଣୁ ସେ ଧନୀ ହେବ, କିନ୍ତୁ ଏତେ ଧନ—ଧନ କ'ଣ ଦେହରେ ଲଗେ ? ଚେହେରା ବଦଳାଏ ? ମନରେ ଢାଏ ସରସ ମୋହିନୀ ? ସେଇଠି ଉଠେ ଦୀର୍ଘଶ୍ୱାସ ।

ତବଛା ଟେକେଧର କରେଇରେ ସନ୍ନତ ଲାର ଅବସ୍ଥା ଦେଖି ଦେଖି ଦୀର୍ଘଶ୍ୱାସରେ ତବ ସଳତା ନିଭିଗଲା । ଚୁଲିରୁ ନେଇ ଆଲୁଅ ଜାଳୁ ଜାଳୁ ସେହି ଏକ ମିନିଟ୍ ପୁଣି ଫେରିଆସିଲା ମନର ସେହି ପୁରୁଣା ଦରଜ, ଝଣକ ଉଠିଲା । ଏ ସେହି ବ୍ୟକ୍ତିତ୍ୱ ଯେ ଭାବେ ଶାନ୍ତି ନାହିଁ, ସୁଖ ନାହିଁ । ଶାନ୍ତି ନାହିଁ,—ସେ'ତ ଅବସ୍ଥାର କଥା, କର୍ମର କଥା, ସାଉଁଲେଇବାକୁ ଧନର ସେଠି ହାତ ପହଞ୍ଚେ ନାହିଁ, ମନ ସୁଖ ନ ଥାଇ ଜଗତଯାକ ଜିନିଷ ଘରେ ଭର୍ତ୍ତିକଲେ ଫଳରେ କି ଲଭ ?

କିନ୍ତୁ, ସୁଖ,—ସେ ଗଢ଼ିବ ହୁଏ ଧନରେ, ଅନ୍ତତଃ ଅସଲର ନକଲ ଗଢ଼ି ହୁଏ । ଠିକ୍ ସେଇଆ ନୁହେଁ,—ସେହିପରି ଗୋଟାଏ ବଦଳରେ ଆଉ ଗୋଟାଏ । ପ୍ରତି ମୁହୂର୍ତ୍ତିରେ ବଦଳା ଘେନିବାକୁ ମନ ପ୍ରସ୍ତୁତ, ତେଣୁ ସୁଖର ବଦଳା, – ସୁଖ ପରି କିଛି । ସେଇଆକୁ ପାଇବାକୁ ଧନ ଢାଏ ସ୍ୱାଧୀନତା ।

ହୁଏତ ସୁଖ ଆସିବ । ମନେ ପଡ଼ିଲା, 'ସେ' କହନ୍ତି,—ବାହାରୁନି କାହିଁକି, ପଦାକୁ ବାହାରନ୍ତି, ଶିକ୍ଷିତ ହୁଅନ୍ତି, ଆମେ ଯୋଡ଼ିଲେ ବଡ଼ ବଡ଼ଆମାନଙ୍କ ସଙ୍ଗେ ସାମାଜିକ ସମ୍ବନ୍ଧ, ଦେଖନ୍ତି କେଡ଼େ ଶୀଘ୍ର ଆମର ଭାଗ୍ୟ ସୁଧୁରିଯାନ୍ତା । ପଥର, ତୁମେ ପଥର ।

ହୁଏତ ଧନ ଦେବ ସ୍ୱାଧୀନତା, ଆଉ ସେ ବି ଖୁସି ହେବେ ।

ସରୋଜିନୀ ସାମ୍ନାରେ ଦେଖୁଛି ନୂଆ ଜୀବନ, କପାଳରେ ଟୋପା ଟୋପା ଝାଳ, ନାକପୁଡ଼ା ଫଣଉଛି, ନିଃଶ୍ୱାସରେ ତୋଫାନ, ରକ୍ତରେ ତାତି । ମୁହଁ ତଳେଇ ଦେଇ ଅନ୍ୟମନସ୍କ ହୋଇ ଦେଖୁଛି ସେହି ଜୀବନ, ସେହି ସୁଖ, ଯାହା ଜାଣିଲା ମନ ଆଗରେ ଭାଷାରେ ବି ପ୍ରକାଶ କରିହୁଏ ନାହିଁ । ତୁନିତାନି, କେବଳ ଅନୁଭୂତି, କେବଳ ସ୍ୱପ୍ନ, ତାର ରୂପରେଖ ଅଙ୍କିବାକୁ ମନରେ ନାହିଁ ବଳ; କିନ୍ତୁ ତାର ତେଜ ତାତି ହେବାକୁ ଅନ୍ତର ବଡ଼ ବ୍ୟାକୁଳ, ବଡ଼ ବ୍ୟଗ୍ର । ଅନ୍ଧାରରୁ କେଉଁଠୁ ତେଜ ଛୁଟିଛି, ନିଜକୁ ମୋହି ଧରିଛି ସେହିଆଡ଼େ, ନିଜେ ବି ଅସ୍ପଷ୍ଟ ଛାୟାବୃତ ।

କିଏ ଡାକୁଛି ନା ?

"ବେହେରା—ବେହେରା—"

କିଏ ସେ ? ଭାବନାରୁ ଉଠି ଗୋଟାଏ ଡାକିଲା ସରୋଜିନୀ କବାଟ ଖୋଲି-ଅଣ ପଦାକୁ ଚାହିଁଲା । "କିଏ ?"

Digitized by srujanika@gmail.com

ମୁହଁରେ ବାଜୁଛି ଥଣ୍ଡା ପବନ, ପଦାରେ ଅନ୍ଧାର, ଅନ୍ଧାରରେ ଜଳୁଛି ଠାଏ ସିଗାରେଟର ଅଗ, "ମୁଁ ମହାପାତ୍ର ।"

ଦି'ପାହୁଣ୍ଡ ପଛେଇ ଯାଇ ଧଡ଼୍‌କିନା କବାଟ ଦିଫାଳ ମାଡ଼ିଦେଲାବେଳକୁ ଶୁଭିଲା "ଉଃ, ମୋ ଗୋଡ଼,—ଶୁଣନ୍ତୁ ।"

ସରିଲା, କବାଟ ଫାଙ୍କରେ କେତେବେଳେ ସେ ପାଦଟା ଭର୍ତ୍ତିକରି ଦେଇଛନ୍ତି—ହେଇତ, ଓହଳି ପଡ଼ି ଦି' ହାତରେ ସେ ପାଦଟାକୁ ଗଣ୍ଠି ରୁ ଚାପି ଧରିଛନ୍ତି । ଦି' ଚାରିଥର ଉଃ—ଉଃ—

ଚାରିଗୋଡ଼ିଆ ଜନ୍ତୁ ଗୋଟାଏ ଯେପରି । ଜନ୍ତୁର ପାଦ ଜଖମ୍ ହୋଇଛି, କଣ ସେ କରିବ ? କାହାକୁ ଡାକିବ ! କି ଉପାୟ !

ରହି ହେଉନାହିଁ, ଯାଇ ହେଉନାହିଁ, ଦେହ ଥରୁଛି । ଛାତି ଧଡ଼ଧଡ଼ । ଓଠ କାମୁଡ଼ି ଅଣନିଶ୍ୱାସୀ ହୋଇ ସରୋଜିନୀ ତାଙ୍କର ପାଦକୁ ଚାହିଁ ଠିଆହୋଇଛି !

କ'ଣ ହେଲା !

ମହାପାତ୍ର ! ମହାପାତ୍ର ଆହତ !

ତଳୁ ମୁହଁଟେକି ମହାପାତ୍ର କହିଲେ,—"ବଳୀଦତ୍ତ ବାବୁ ନାହାନ୍ତି କି ?"

"ନା ।"

"ଓ,—ତେବେ—"

ଆଖି ଦିଟା ଜଳୁଛି କେମିତି ! ସ୍ୱର କେମିତି ଫମ୍ପା ଫମ୍ପା । ମାଡ ବେଶି ବାଜିଛି ବୋଧହୁଏ । ମହାପାତ୍ର ଠିଆହେଲେଣି । ଘର ଭିତରକୁ ପାଦେ, ଦି' ପାଦ । ସରୋଜିନୀ ପାଦକୁହିଁ ଚାହିଁଛି ।

"ସେ ଆପଣ ବେଶି ଭାବନ୍ତୁ ନାହିଁ, ମୋରି ଦୋଷ, ପାଦଟା ଭିତରେ ରହି ଯାଇଥିଲା । ବଳୀଦତ୍ତ ବାବୁ ନାହାନ୍ତି ତାହେଲେ, ବହୁତ ବୁଲି ବୁଲି ଆସିଲିଣି, ଥିଲେ କହିଥାନ୍ତି ଚା' କପେ ଦିଅନ୍ତୁ, ଆଜି ତ ତାଙ୍କର ପ୍ରମୋସନ୍ ହୋଇଛି, ନା କଣ ? ଚାହା କପେ ଖୁଆଇ ନ ଥାନ୍ତେ ସେ ଘରେ ଥିଲେ ? ଏଥର ତ ସେ ଅଫିସର, ସାଙ୍ଗର ଭାଇ, ଆଉ ଚିନ୍ତା କ'ଣ ?"

ଅନ୍ଧାର, ଭାରି ଅନ୍ଧାର ।

ଘର ଭିତରର ମିଟି ମିଟି ଆଲୁଅ, ସେ ଅନ୍ଧାରର ଛୁଗୁଲ ହସ ।

ସରୋଜିନୀ ମୁହଁକୁ ପୋତି ଚୁପ୍‌ଚାପ୍ ଠିଆହୋଇଛି । ଚାହା କଥାରେ ମନେ ପଡ଼ିଗଲା ଠଣାରେ ଅଛି ଚାହାପାତ୍ର । ଟିକିଏ ଗରମ ପାଣି, ଟିଣେ ଦୁଧରୁ ଦି' ଚାମୁଚ ଚାହାପତ୍ର ମେଞ୍ଚାଏ, ଚିନି ଟିକିଏ । ସେହି,—କପେ ଗରମ ପାଣି, ଯାହା ନା ଚା ।

Digitized by srujanika@gmail.com

ନାହିଁ କରବ ସେ ? 'ସେ' ଥାଆନ୍ତେ—ସେ ଆସିବେ, କଣ କହିବେ ସେ ?

"ଏତକ ଟିକେ ଉମଦେଇ ହେଲନାହିଁ ? ମୁହଁ ଫିଟେଇ କହିଲେ। ଛି !"

କର୍ତ୍ତବ୍ୟର ପଣ୍ଡଆସ୍ତରେ ଗୃହାପାନ୍ଥ ଧରବାପାଇଁ ସେ ହାତ ବଢ଼େଇ ଦେଲ, ଠଣା ତାଙ୍କର ପାଖରେ । ଗୃହାପାନ୍ଥ ଧରୁ ଧରୁ ଲମ୍ବାହାତ ଉପରେ ଗଲ ଯାଉଛି ପିଚ୍ ପିଚ୍ ମହାପାତ୍ରଙ୍କର ଶାଣୁଆ ଦୃଷ୍ଟି । ଇଷି ! ଚମ ଶିତେଇ ଉଠୁଛି । ଶ୍ରେମ ଠିଆ ଠିଆ ।

ମହାପାତ୍ର ଗୃହିଁ ରହିଛନ୍ତି ତାର ଖୋଲା ବାହାକୁ । ପର୍ମ୍ ହୋଇଥିବା ସିଧା ରବର ଟିଉବ୍, ନା, ସାପ – ନା, ଲତା—ନା ଗୋଗ୍ରି ତକତକ ଚମଡ଼ା, ତା ତଳେ କଞ୍ଚା ମାଂସ—କଞ୍ଚା ମାଂସ । ତାର ଛନ୍ଦରେ ବଜୁଳି, ବାୟୁ ବ୍ୟୋମର ବ୍ୟବଧାନ ଭିତରେ ସେ ଖେଳାଏ ଚୁମ୍ବକୀ ତରଙ୍ଗ । ଗୋଟେଇ ନେଉଛନ୍ତି ଗୃହାପାନ୍ଥ । ଗୃ, ଦୂରରୁ ଭାସିଆସେ କପ୍ ପିଆଲର ବଛନ୍ଦ ଖଟ୍‌ଖଟାଂ, ଶବଦରେ ଉପୁଜାଏ ଭିତରର ତାଡ—ଚହ୍ଲା ବାମ୍ନା, ଚହ୍ଲା ରଙ୍ଗ, ଚହ୍ଲା ବାର୍ମ,—ମିଠା ହାତର ସ୍ନେହ ପରଷା, ଘରର ଚୁଲୀ, ଅଧ ଘସ୍ରେଇ ।

ମୁଗ୍ଧ ମହାପାତ୍ର ଗୃହିଁ ରହିଛନ୍ତି । ବହୁଲା ସରେ୍ାଜନୀ ଗୃହାପାନ୍ଥ ଧରୁଛି, ଅଳସ ହାତ । ନେଉ ନେଉ ଥର ଉଠିଲା ହାତ । ପିଆଲରୁ ଖସି ପଡ଼ୁଛି କପ୍ । ଗୋଟାଉ ଗୋଟାଉ ଆଉ କଏ ଜଣେ ହାତବଢ଼େଇ ଦେଉଛି । ହାତଧର ପକୋଉଛି କଏ । ବଜ୍ରାଟ । ଦେହ ଗୋଟାକ ବରଡ଼ାପତ୍ର ପର ଥରଉଠୁଛି । ପୃଥିବୀ ଦୋହଲି ଉଠୁଛି । ଭରିଦେଇ ଧର ରଖୁଛି କଏ । ଆଖି ବୁଜି ହୋଇଯାଉଛି । ଆଖି ଖୋଲିଲାବେଳକୁ ଗୋଟାକ ଝାଳ ଫିଟିଗଲାଣି । କର୍ମ ଉଠୁଛି । କହୁଛି କଏ "ଧୀରେ,—ଫେର୍ ଝୁଣ୍ଡିବେ, ଫେର୍ ପଡ଼ିଯିବେ ।" କଛି ଶୁଣିନାହିଁ, କଛି ପଢ଼ିନାହିଁ, ଗୃହାକପ୍ ପିଆଲା ଓ କେଟଲ ଧର ଅଳ୍ପ ନଇଁପଡ଼ି ଏକମୁହାଁ ହୋଇ ଘର ଭିତରକୁ ଛୁଟିଛି ସେ, ତାନ୍ତ ଚହଟୁଛି, ତାଡ ଚହଟୁଛି, ଓଃ ଅସମ୍ଭାଳ ତାଡ, ମୁଣ୍ଡ ଭିତରେ ତୋଫାନ ।

ଏକାଥରକେ ଚୁଲୀମୁଣ୍ଡ ପାଖକୁ । ସେହି ତାର ଦୁର୍ଗ, ସେହି ତାର ଆଶ୍ରୟ, ତାର ଅନ୍ତରର ଜଭିତ ସାଥୀ । ଭାବନାର ପ୍ରତୀକ, ଜୀବନର ରୂପ, ଗୃହସ୍ଥଳୀର ସୂଚନା—, ଅଗ୍ନି ।

ଚୁଲୀ ନଆ ଜଳ ଲଗିଛି ।

ବସି ପଡ଼ି ଆପଣାକୁ ସଜାଡ଼ୁ ସଜାଡ଼ୁ ଦାଣ୍ଡଘରୁ ଶୁଭୁଛି ମହାପାତ୍ରଙ୍କ ଉଚ୍ଚାଟ ଉଲ୍ଲାସ ବ୍ୟଙ୍ଗୋକ୍ତି ମିଶା,—

Digitized by srujanika@gmail.com

"ଆଉ ଟିକଏ ହୋଇଥିଲେ ବଳୀଦତ୍ତ ବାବୁଙ୍କର ଏତେ ସଉକର ଗ୍ଲାସ କପ୍‌ଟି ତଳେ ପଡ଼ି ଯାଇଥାନ୍ତା—ଏକଦମ୍ ଚୂନାହୋଇ—ହେଁ । ଚନାମାଟି ପଡ଼ିଲେ ଗଲା ଚୁନ୍‌ଚୁନା, ଆଉ ଯୋଡ଼େ ନାହିଁ, ହେଃ ହେଃ ହେଃ—"

ସରୋଜିନୀ କାନେଇ ରହିଛି ।

ଚନାମାଟି ପଡ଼ିଲେ ଚୁନଚୁନା,—ପଢ଼ିଥିଲା କି ? କାହିଁକି ଏ କଥା ? କି ନମୁନା ଚାଲି ଯାଉଛି । ଗୁମ୍‌ହୋଇ ଚାହିଁ ରହିଛି ଗ୍ଲାସ ପାଣିକୁ । ପଛକଥା ପଛକୁ ଫିଙ୍ଗିଦେଇ ଅତି ଚଞ୍ଚଳ ସହଜ ହେବାକୁ ଚେଷ୍ଟାକରୁଛି, ମୁଣ୍ଡ ଭିତରେ ଦୂରରେ ତୋଫାନର ଘାଉଁ ଘାଉଁ ।

ଘଣ୍ଟା ପରେ । ଭାବିଲେ ଡର ମାଡ଼େ । ଖାଲି ଅପେକ୍ଷା । ସତେକି ଯୁଗଟାଏ । ତା ପରେ ଦାଣ୍ଡଘରୁ ଶୁଭିଲା,—"ଆରେ ବଳୀଦତ୍ତ ବାବୁ କି ! କୁଆଡ଼େ ଯାଇଥିଲେ ? ମୁଁ ଆପଣଙ୍କୁ ଅପେକ୍ଷା କରି ବସିଥିଲି ।"

'ସାର୍ ନମସ୍କାର । ସାର୍ ନମସ୍କାର । କେତେବେଳେ ଆସିଲେ ସାର୍ ? ପାନ—"

"ମୋପେଇଁ ଭାବନ୍ତୁ ନାହିଁ, ଚା ଆସୁଛି । ବହୁତ ସମ୍ବର୍ଦ୍ଧନା, ଆପଣଙ୍କର ପ୍ରମୋସନ୍ ହୋଇଛି—"

"ସାର୍, ସେ ଆପଣଙ୍କ ଦୟା—

"କିଛି ନୁହେଁ କିଛି, ନୁହେଁ, ଏ ତ ଆରମ୍ଭ ମୋଟେ, ଆଉ କେତେ ବାକି ଅଛି । ଆପଣହିଁ ଦିନେ ଏ କମ୍ପାନୀର ଜଣେ ବଡ଼ ସାହେବ ହେବେ, ବ୍ୟବସାୟ ଚଳାଇବେ, ହେଇଲ୍ ମ୍ୟାକ୍‌ବଥ୍, ହେଇଲ୍ କଡ଼ର୍, ହେଇଲ୍ ଗ୍ଲାମିସ୍, ଦି ଗ୍ରେଟେଷ୍ଟ ଇଜ୍ ୟେଟ୍ ଟୁ କମ୍—ହାଃ ହାଃ—"

"ସବୁ ଆପଣଙ୍କ ଦୟା ସାର୍, ନଇଲେ ମୋର ଆଉ କିଏ ଅଛି ?"

"ନିଶ୍ଚୟ ନିଶ୍ଚୟ, ମୁଁ କହିଲି ସାହେବଙ୍କୁ ଯେ ବଳୀଦତ୍ତ ଦାସଙ୍କୁହିଁ ଦିଅ । ଏମିତି ଆଉ କାମିକା କିଏ ଅଛି ? ଆଚ୍ଛା ସେ କଥା ପଛେ କହିବି, ଆପଣ ଆଗ ଭିତରକୁ ଯାଇ ଆସନ୍ତୁ ।"

"ସାର୍ ମା'ଙ୍କର ଗୋଟିଏ ଦାନ୍ତ କ'ଣ କଷ୍ଟ ଦେଉଥିଲା—ଶୁଣିଥିଲି—"

"ଦାନ୍ତ ? କାହିଁ ମୁଁ ଜାଣିନାହିଁ !"

"ହଁ, ଦାନ୍ତଟିଏ କଷ୍ଟ ଦେଉଥିଲା, ଅର୍ଦ୍ଧେକ ପଚିର ଭୁଟିଥିଲା, ଡାକ୍ତରବାବୁଙ୍କୁ କହି ଦେଇଛି ।"

"ତେବେ ଡାକ୍ତରବାବୁ ଯାଇଥିବେ ନିଶ୍ଚୟ । ତାଙ୍କର ଏଇ ପାଇରିଆ କି ନା, ବେଳେବେଳେ ଦାନ୍ତ ସେମିତି କଷ୍ଟ ହୁଏ । ବାଃ, ଆପଣ ବହୁତ ତତ୍ତ୍ୱ ନେଉଛନ୍ତି ଦେଖୁଛି । ଆଚ୍ଛା ବଳୀଦତ୍ତ ବାବୁ, ଆପଣ ତ ଏମିତି ରାତିରେ ବହୁତ ବେଳ

Digitized by srujanika@gmail.com

ସଦାରେ ରହୁଚନ୍ତି, ଏଣେ ଘରେ ଏକୁଟିଆ, ବଡ଼ ହଇରାଣ ହେଉଥିବେ । ମୁଁ ଜହୁଚ କଣ କ; ଗୋଟିଏ ଟୋକିଆ-ମୋଟିଆ ଗୃକର ଟୋକା ରଖନ୍ତୁ । ଅଚ୍ଛା; ଆପଣ ଆସନ୍ତୁ ଭିତରୁ ।"

ସାଫଲ୍ୟକାମୀ ବଳୀଦତ୍ତର ହୃଦସ୍ଥ ଆନନ୍ଦରେ ଉଛୁଳି ପଡ଼ୁଛୁ । ହସି ହସି ଦୁମ୍ ଦୁମ୍ ପାଦ ପକାଇ ସେ ଯାଇ ଭିତର ବାରେଣ୍ଡାରେ । ସରୋଜିନୀ ବାନେଇ ଥିଲ, ସେ ବ ହସ ହସ, ସତେ ଯେପରି ମୂର୍ତ୍ତିମନ୍ତ ମମତା । ତରତର ଆଙ୍ଗୁଠିରେ ଯୋତାର ଫିତା ଖୋଲ ପକେଇଲ, କୋଟ୍ ଖୋଲଦେଲ, ଫୁସ୍‌ଫୁସ୍ ହୋଇ କହି ଲଗିଲ—"ଆଗୋ ଏତ୍ତିକ ବର୍ଣ୍ଣିଟଣ, ତମେ ନ ଥିଲ, କଏ ଡାକୁଚ ବୋଲ କବାଟ ଖୋଲଦେଲ । ଚମକ ପଡଲ, ଦେଖିଲ ମିଣିପିଟାଏ । ମୁଁ ତ ମଲ ! କହିଲେ ମୁଁ ମହାପାତ୍ର, ତମ ନାଁ ଧର କହିଲେ ନାହାନ୍ତି କ ? ଆଚ୍ଛା ହଉ ମୁଁ ବସୁଚ । ଗୃହା ଟିକଏ ପଠେଇ ଦେବେ ? ଗୃଣ୍ଠି ଫିଟେଇ ମିଣିପିଟାଏ ନଜେ ମାଗୁଛନ୍ତି ଗୃହା । ମନେ ମନେ କହିଲ ହଉ, ବଡ଼ୁର ଘର ଶାଗଭଜ । ଗୃ ବସେଇଲ, ଭାବଥିଲ ନେଇ ଦବ କଏ । ନଇଲେ ଆଡ଼େଇ ହେଇ ଦୁଆରବନ୍ଧ ପାଖେ ତଳେ ଥୋଇ ଦେଇଥାନ୍ତି, ଛି, କ'ଣ ଭାବନ୍ତେ ସେ ?"

"କାହିଁ, ଭିତରକୁ ଯାଇ ଟେବୁଲ ଉପରେ ଥୋଇ ଦେଇ ଆସିଥିଲେ କ'ଣ ପାପ ହୋଇଥାନ୍ତା ? ଏଇତ ତମ ଓଲମି । ଜାଣିଚ, କେଡ଼େ ବଡ଼ ଲୋକ ସେ, ତାଙ୍କର କଲମରେ ମୋର ଦାନାପାଣି ବନ୍ଧା । ନଜେ ଗୃ' ମାଗିଲେ ! ଓଃ, ସେମିତ ସରଳ, ସେମିତ ଖୋଲ୍ଲ ଲୋକ ସେ ସବୁଦିନେ । ତାଙ୍କର ବଡ଼ ଦୟା— ବଡ଼ ଦୟା । ଖାଲ ଗୃ' ଦବ ? ନାଁ କଛୁ ଖୋଟାଏ କରଦଅ । ଏଇ, ମହନଭୋଗ ଟିକଏ ହେଲେ ।"

"କ'ଣ ବାତ୍ଚାଲାପରେ ରହିଲେ କ ବଳୀଦତ୍ତ ବାବୁ ! ଧାତ୍ତୁ, ମଣିଷ ଯାହା ଗୃତରେ ଭୁଲଯାଏ । ଥାଉ don't mind me, ମୁଁ ଯାଉଚ ବଳୀଦତ୍ତ ବାବୁ—"

"ସାର୍ ସାର୍, ଆଉ ଟିକଏ, ଆଉ ଟିକଏ—"

"ହଉ ହଉ ମୁଁ ଯାଉ ନାହିଁ ।"

ଅଳ୍ପ ସମୟ ପରେ ଦୁଆରମୁହଁ ପାଖେ ସରୋଜିନୀ ଆସି କରପଟିଆ ହୋଇ ଠିଆହେଲ, ହାତରେ ଗୃ ଓ ମହନଭୋଗ ।

ଦେହର ଫାଳେ ଦଶୁଛୁ, ସେହି ଫାଳକରେ ଭୋଜ୍ୟର ନୈବେଦ୍ୟ ।

ବଳୀଦତ୍ତ ଯେନି ଆସିଲ ।

ମହାପାତ୍ର ଚତ୍କାର କର ଉଠିଲେ—"ତା ହେଲେ ଆଜ ଘରେ ଖାଇବା ବନ୍ଦ କଲେ ଆପଣ । ସ୍ୱେ କଣ ? ସ୍ୱେ ତ ବ୍ଲ୍ୟାକ୍ ମ୍ୟାଜିକ ।"

Digitized by srujanika@gmail.com

ଉତ୍ତମ ମଦନମୋହନ ଉପରେ ଗ୍ଲେଜିଂ ଆଙ୍ଗୁଠିର ଛାପ, ବେଶ୍ ଗଳି ଯାଇଛି । ମହାପାତ୍ର ଦୃଷ୍ଟି ଦେଇ କହିଲେ, "ହେଇ ଦେଖନ୍ତୁ । ଯତ୍ନରେ ମାଡ଼ିମୁଡ଼ି କେତେ ଦେଇଛନ୍ତି । ଆପଣଙ୍କ ସ୍ତ୍ରୀଙ୍କ ଆଙ୍ଗୁଠିଗୁଡ଼ିକ ଜଣାପଡ଼ୁଛି ଖୁବ୍ ଗ୍ରେଟ । ଉଦ୍ଧିରେ ଏତେ କାମ ।"

ମହାପାତ୍ର ହସିଦେଲେ । ବଳୀବର୍ଦ୍ଧ ବାବୁ ପଣ ଗୁଣ୍ଡି ହସୁଛି । ନେପଥ୍ୟରୁ ଶୁଭୁଛି ଖେଁ ଖେଁ ହସର ଶବ୍ଦ । ସମ୍ଭୋଜନା ଜଣେଇ ଦେଉଛି, ସେ ହସୁଛି ।

"କି ସୁନ୍ଦର ମଦନମୋହନ, ବାସ୍ତବିକ ଆପଣଙ୍କ ସ୍ତ୍ରୀ ଗୋଟିଏ ରତ୍ନ । ମୋର ଈର୍ଷା ହେଉଚି—ହେଃ-ହେଃ-ହେଃ ।"

ସକାଳକୁ ବାଡ଼ପାଖେ ରାମବାବୁଙ୍କ ସ୍ତ୍ରୀ—

"ତମର ତ କ'ଣ ଖୁବ୍ ତୋନାଲ୍ ମୋନାଲ୍ !"

"ଏଁ ।"

"ତମର ତ କ'ଣ ଝୁବ୍ ଝନ୍ଝନ୍ ।"

"କ'ଣ ?"

"ଏଁ ଆମକୁ ନୁଚେଇବ ? ବଡ଼ ହେଲ, ବଡ଼ ବଡ଼ ଲୋକ ସବୁ ଆସୁଛନ୍ତି । ଆମକୁ, ଏ ଗରିବଙ୍କୁ ଆଉ କାହିଁକି ପଚାରିବ ଲୋ ଭଉଣୀ ! ହଉ ଏଇ ଆଖି କେତେ କଥା ଦେଖିଚ, କେତେ କଥା ଦେଖିବ । ଠାକୁରେ ବଡ଼ ବଢ଼ନ୍ତ କରୁ । ସୁଖେରେ ଥା' ! ସୁଖେରେ ଥା ! ମଲ ଏ କଣ କରୁଚ ମ ? ସେସ୍ତ୍ରେ କିମ୍ପି ଅମୃତଭଣ୍ଡାଗୁଡ଼ାକ ଝଡ଼େଇ ପକେଉଚ ? ଗଛେରେ ଥିଲେ ପାଚନ୍ତା ନାହିଁ ?"

"ନଅ ଘ'ଣ୍ଟା ରୁଣ କରିବ ।"

"ମୋର ଯାଉଚି । ଆଲୋ ଥାଉ ବା ଥାଉବା, ପାଚିବ ।"

"ଆଉ କଣ ହବ ଅପା, ଆମେ ପା ଯାଉଛୁ ।"

"ଆଲୋ, ସେଇଥିପେଇଁ ଲୋ ସେଇଥିପେଇଁ । ନେମ୍ବୁ ଗଛେରେ ଏତେ ଫୁଲକମ୍ପି ନଦ ହୋଇଥିଲ, ଅଇଗ୍ଗ ଦେଖିଲବେଳକୁ ଗଛ ନଣ୍ଡା । କଣ ଝଡ଼େଇ ପକେଇଲ କି ଲୋ ? ତମେ ନ ଖାଇଥାନ୍ତି, ଭଲ ଆଉ ତ କଏ ଖାଇଥାନ୍ତା । ଗଲ୍ଲ ! ଶଗଡ଼େ ହେବ ନେମ୍ବୁ ଫଳଥାନ୍ତା ଲୋ ! ଅଇଟ୍ଟ ନେମ୍ବୁଗୁଡ଼ିକ କି ମହଙ୍ଗା, ପଇସାକୁ ଗୋଟାଏ । ଥାଉବା, ଥାଉବା, ଅମୃତଭଣ୍ଡାଗୁଡ଼ିକ ଝଡ଼ା ନାହିଁ

Digitized by srujanika@gmail.com

"ତମ ହେଇ ସରୁ ନାହିଁକି ଅପା !"—ଅମୃତଭଣ୍ଡା ଗଛରେ ଆହୁରି କେଥରାଏ ମାରି ସରୋଜିନୀ କହିଲା ।

"ନାହିଁବା ।"

"ତାହେଲେ ତମେ ଘରକୁ ଯାଅ ।"

"ଘରେ ନାହିଁ ଆଉ କଣ ବାହାରେ ଅଛୁ କି ଲୋ ! ସବୁ ଦେଖି ଦେଖି ତ ଆଖି ବୁଜି ବସିଛ, ଆଉ ଏଇଟା କାହିଁକି । ହଉ ଲୋ, ଗଲି । ରୋପିଲ ଗଛ ହାଣନ୍ତି ନାହିଁ ଲୋ !"

ରାମବାବୁଙ୍କ ସ୍ତ୍ରୀ ଗଲେ ।

ସରୋଜିନୀ ଏଥର ସତକୁ ସତ ଗଛ ଓପାଡ଼ିବାରେ ମନ ଦେଲା ।

ପୁରୁଣା ଘର ଛାଡ଼ିବାକୁ ପଡ଼ିବ । ଆପଣାର ଦଖଲ ଅଧିକାରର କିଛି ବୋଲି କିଛି ଛାଡ଼ିଯିବ ନାହିଁ ସେ ଏଠି, କୁଟାଖିଏ ବି ।

କିନ୍ତୁ ମଣିଷ ଆପଣାର ବହୁତ କଥା ଛାଡ଼ି ଦେଇଯାଏ ପଛରେ, ନ ଥାଉ ପଛେ ଏତେ ଟିକିଏ ଇଚ୍ଛା ଏବଂ ଏହି କଥା ଅନୁଭବ କଲେ ସରୋଜିନୀ ଓ ବଳୀଦତ୍ତ ଉଭୟେ. ଯେତେବେଳେ ଗାଡ଼ି ଆସି ଠିଆହେଲା, ଜିନିଷପତ୍ର ବନ୍ଧାବନ୍ଧି ଶେଷ,. ପୁରୁଣା ବସାରୁ ଯିବାକୁ ହିଁ ହେବ ।

କେବଳ ଅନ୍ୟ ବସା ନୁହେଁ,—କମ୍ପାନୀର ଅର୍ଡର. ସ୍ଥାନାନ୍ତର । କାରଣ ବଳୀଦତ୍ତର ପଦୋନ୍ନତି ହୋଇଛି ଏବଂ କମ୍ପାନୀର ବିଚାରରେ ସେ ଆହୁରି ବଡ଼ ଦାୟିତ୍ୱ ତୁଲେଇବାକୁ ସମର୍ଥ, ସୁତରାଂ ତାକୁ ଯିବାକୁ ହେବ ଦୂରକୁ । ଆଶାରେ ଉତ୍ଫୁଲ୍ଲ ସେ,—ଦରମା ବଢ଼ିଛି, ଆସୁଛି କ୍ଷମତା ଜାହିର କରିବାର ସୁଯୋଗ ଓ ଅବସର । ସେଇ ଦୂରରେ ଦିଶିଯାଏ ନିଜର ଭବିଷ୍ୟତ, ସେ ବି ସିଡ଼ି, ଉପରକୁ ଚଢ଼ି ହେବ । ପାଟିତୁଣ୍ଡ ଧାଁଧପଡ଼ କରି ଯିବାକୁ ଆୟୋଜନ ସେ କରିସାରିଛି ଷୋଳ ଅଣା, ଗାଡ଼ିକୁ ଜିନିଷ ଉଠେଇ ଉଠେଇ ଖୁବ୍ ଚିତ୍କାର କରିଛି "ଚଲ୍,—ଚଲ୍—", କିନ୍ତୁ ଶେଷ ମୁହୂର୍ତ୍ତରେ ଅଳପେକେ ମାଣେଇ ରହିଛି ଅନ୍ୟମନସ୍କ ଭାବେ ଏବଂ ଏତିକିବେଳେ ମଣିଷର ଚରମ ଦୁର୍ବଳତା ତାଠି ପ୍ରକଟ କରିଛି ନିଜକୁ, ସେ ଯେଡ଼େ ଅଗ୍ରଗାମୀ ହେଲେ ବି ପଛକୁ ନୁହେଁ. କାରଣ ପଛରେ ରହିଗଲା ନିଜର କିଛି ଭାଗ, ସାଙ୍ଗରେ ନେଇହେବନାହିଁ ।

କାରଣ ତେଜ ବିଶେଷ ନାହିଁ ଖାଲି ଏକମାତ୍ର ଆକାଶର ସୂର୍ଯ୍ୟ ବା ଟେବୁଲ୍ ନଲ୍‌ଟିଣ । ମଣିଷ ବି ସମସ୍ତ ଉପରେ ବିଛେଇଦେଲେ ନିଜର ତେଜ, ସ୍ଥାନ ଉପରେ ବିଛେଇଦେଲେ ନିଜର ତାତି, ଅନୁଭୂତି ଯେଉଁ ଅନୁଭୂତି ଦେଇଯାଏ ସ୍ପର୍ଶର ଓ ସ୍ମରଣର, ଦେଇ ଦେଇ ଦିନେ ସେ ହିମକାକର, ଅନ୍ଧାର ହୁଏ, କିନ୍ତୁ ସେ ପରିଣତି ଏକା—

Digitized by srujanika@gmail.com

ମୁହୂର୍ତ୍ତକେ ଆସେ ନାହିଁ । ସେ ଗୋଟାଏ ଜମ, ଜନ୍ମଠୁ ମରଣଯାକେ । ତାହାର କିଛି ଆଧାର ଥିଲା ଏହି ବସା । ଏଠି ସେ ନିଜର କିଛି ଛାଡ଼ିଯାଉଛି ।

ଏତେ ଦିନ ସକାଳୁ ଉଠିଲେ ଏହି ଥିଲା ଦୃଶ୍ୟ, ଘର କହିଲେ ଚଳ ଥିଲା ଏଇ । ଘରେ ବସି ଆକାଶ କହିଲେ, ଚଳ ଖେଳେ ଏଇଠୁ ଦେଖା ଆକାଶର, ଏଇ ପଛଭୂମି ଉପରେ । ଦାନ୍ତ ଘଷିଛି ଏହି ଏକା ଜାଗାରେ, ଗାଧୋଇଛି ହୋଇ ସେଠି, ସବୁଦିନେ । ଦେହର କିମ୍ବା, ମନର କିମ୍ବା ପାଇଁ ଆପଣାର ବ୍ୟକ୍ତିତ୍ୱ ଉପରେ ମପାଚୁପା ଖୋଲପାପର ଜାକିହୋଇ ରହିଛି ଏହି ଘର, ଏହି ଘରବେଷ୍ଟନୀ, ଯେ ତା ନିଜ ସହିତ ଦେଣନେଣରେ ହୋଇଛି ନିଜର ଆପଣାର । ତାକୁ ଆଜି ଛାଡ଼ିବାକୁ ହେବ ।

କୁମ୍ଭୀନୀର ଗୁକିଶକଲେ-କେତେ ଘର, କେତେ ଦେଶ । ଗଙ୍ଗାକୂଳରେ ପିତୃଦେବଙ୍କ ପାଉଁଶ, ଗୋଦାବରୀ କୂଳରେ ମାତୃଦେବୀଙ୍କ ଅସ୍ଥି, ବିନ୍ଧ୍ୟାଚଳ ତଳେ କାହା ଭଡ଼ାଘର ଦୁଆରେ ଆପଣାର ବିବାହ ବେଦି, ସମୁଦ୍ର କୂଳରେ ଆପଣାର ସମାଧି । ଗୁକିଶଆ ଉଡ଼ନ୍ତା ଚଢ଼େଇ, କିନ୍ତୁ ସେ ଉଡ଼େ କୁମ୍ଭୀନୀର ଅନ୍ତରରେ । ବାଟରେ ବାଟୋଇ ବାଟେ ଗୁଲିଯାଏ, ଘର ଥାଏ ଘର ଆବୋରି । କିଏ କଣ ?"

ପଛୁଆଣି ଚନ୍ଦାରେ ବୁଢ଼ିଆଣୀ ଜାଲକୁ ଝାଙ୍କି ଝୁଣ୍ଟେଇ ପକେଇ ବଳୀଦତ୍ତ ଚିତ୍କାର କଲା, "ଗୁଲ, ଗୁଲ, ଡେରି ହେଉଛି ଲୋ ।"

ସରୋଜିନୀ ଭୂଇଁରେ ମୁଣ୍ଡିଆ ମାରି କାହାକୁ ଦଣ୍ଡବତ ହେଉଛି ଯିବା ଆଗରୁ । ଯିବାପାଇଁ ସେ ବେଶ ହୋଇଛି, ରଙ୍ଗିନୀ ଶାଢ଼ୀ, ଚକ୍ ଚକ୍ ଚୁଡ଼ି, ଜକଜକ୍ ସିନ୍ଦୂର ଗାର, ମ୍ଲୋବୋଲା ମୁହଁ, ପାଦରେ ଅଳତା ।

ଏହି ତାର ସ୍ତ୍ରୀ ।

ଯିବାବେଳରେ ନିରମ ମନରେ ବଳୀଦତ୍ତ ସେ ଦୃଶ୍ୟ ବି ଗ୍ରହଣକରି ଉତ୍ସାହ ପାଇଲା । "ଗୁଲ ଗୁଲ" କହି ଶେଷଦେଖା ଦେଖି ଆସିଲା ତାର ବସାକୁ,— କିଛି ଛାଡ଼ ନାହିଁ ତ ? କିଛି ନାହିଁ । ବାଜେ କାଗଜ, ବାଜେ କନା, ଆଳୁକୁଚ ମାଳୁକୁଚ, ଛିଣ୍ଡା ଯୋତା, ଖଣ୍ଡିଆ ଚୁଲି ସହିତେ ସବୁ ସେ ବନ୍ଧାବନ୍ଧି କରେଇ ଗାଡ଼ିକି ଉଠେଇଛି । ଯେଉଁଠି ବଗିଚା ଥିଲା, ସେଠି ଗଦା ହୋଇଛି କେବଳ ମଳି ଭାଙ୍ଗ ଟିଣ, ଦୁଆରେ ଅଳିଆ ।

ବାରବାଟେ ଆସି ମେହେନ୍ତାଣୀ ଅପେକ୍ଷା କରିଛି, ଯଦି କିଛି ଥାଏ ? ଉଇଖିଆ ଦେବଦାରୁ କାଠର ଡାବଲର ପଟା ଉଜିଫାଳ ଦୁଆରେ ପଡ଼ିଛି, ଫନ୍ଦ-ଭଙ୍ଗା ବଡ଼ ଦାଣ୍ଡି ଟିଏ, ବଡ଼ା ଗୃହଖଣ୍ଡ । ସେହି ଆଡ଼କୁ ହାତ ଦେଖାଇ ମନର ଉଦାରତାରେ ସେ କହିଲା, "ନେଇ ଯା । ବାଉରେ ଦେଖ, ରନ୍ଧା ଥିବ, ନେଇ ଜାଲିବୁ ।"

Digitized by srujanika@gmail.com

ଫେରପଡ଼ ଗୁଲଲ ସେ ଦାଣ୍ଡଦୁଆର ମୁହଁକୁ । ସବ୍ରେଜକାଙ୍କୁ ଘେର ସାହର ବଦାବାଦ ଲଗିଛ । "ଯାଉଛ ଅପା ?" "ଯାଉଚୁ ଲେ ?" "ଗାଲ ଦେବନାହିଁ ଲେ ?" "ଛଠି ଦେବ, ଏଁ ।" ବନ୍ଧୁ କେତେ କେତେ "ନମସ୍କାର-ନମସ୍କାର-ନମସ୍କାର ।"

ହଠାତ୍ ଏହ ଗଲ ଘଡ଼ରେ ମନେ ପଡ଼ୁଛ, ସତେ ତ, କେତେ ବାସ୍ତବ ଥିଲେ ଏମାନେ ! ଆଉ ଦେଖାଦେଖି ହେବ କ ନା ଜାଣେନାହିଁ ।

ପାଞ୍ଚବର୍ଷର ଏହ ଚହ୍ଲା ଦୃଶ୍ୟ । ପଢ଼ି ସାରଲ ଉପନ୍ୟାସ ପର ଆଉ ଭେଟିବ ନାହିଁ ତାକୁ ତା ଆଖି । ଉପନ୍ୟାସର ଚରିତ୍ରଗୁଡ଼ିକ ପର ଭୁଲ ହୋଇଯିବେ ସେମାନେ, ତାଙ୍କ ସମ୍ପର୍କରେ ବଶିଷ୍ଟ ଘଟନା ସବୁ । ହସ କଥା, ଗୁଭରୋଷ କଥା, ଗୁପ୍ତ ଅପବାଦ, କୁତ୍ସା, କେବଳ ସ୍ନେହ । ଧନେ ଥିଲେ ଆପଣା ଆଲମାରର ସଜା ସାଇତା ଜନଷ । ଘରକରଣା । ସେ ଭୁଲ ହେବ । ଭୁଲ ହେବ ତାଙ୍କ ନାଁ ଗାଁ । । ଦୂର ଦୂର ଦଶବର୍ଷ ପରେ ବାଟରେ ଦେଖାହେଲେ ଦ୍ୱିଧା ଲଗିବ ।

ଚହ୍ଲାଦୃଶ୍ୟ ପର ହୋଇଯିବ ।

"ଯାଉଛ ଅଜ୍ଞା, ନମସ୍କାର ।"

ବଳଦ ଗାଡ଼ କଁ କଁ ହୋଇ ଗୁଲବାକୁ ଆରମ୍ଭ କଲ, ବଳୀବର୍ଦ୍ଦ ବଳଦ-ଗାଡ଼ ହିଁ ଆଣିଛ, ସେ ଝର୍ଚ୍ଚ ବରୋଧୀ ।

ସବ୍ରେଜକା ପଛକୁ ଗୁହିଁଛ । ହେଇ, ଅନେଇଁ ରହଛ କଲେଜ ଛୁଅ । ଦୂର ଆକାଶର ଧୂଉଡ଼ଉଡ଼ା ଦେଖିଲାପର ତାର ଫାଙ୍କା ଦୃଷ୍ଟି । ଅଖିରେ ଭାଷା ନାହିଁ । ସବ୍ରେଜକା ଦୂରରୁ ତାକୁ ମୁହାଁମୁହିଁ ଗୁହିଁ ହସିଦେଲ; କନ୍ତୁ ସେମିତ ତାର ଘୁଙ୍ଗା ଦୃଷ୍ଟି, ଚେତନାହୀନ ।

ଧୂଳ ଉଡ଼ୁଛ,—ଘୂଡ଼ି ଓଲ୍ଟୋଉଛ—ଘଡ଼ କଟାକଟି ଲାଗୁଛ—ଘୂଡ଼ି କଟୁଛ—ତଥାପି ଧୂଳ ଉଡ଼ୁଛ—ଘୁଡ଼ି ଉଡ଼ୁଛ ।

ଆଉ ଦେଖା ହେବନାହିଁ,—ସବ୍ରେଜକା ଭାବଲ ।

ସେମିତ ଏକା ଠାଣିରେ ଏକା ଭଙ୍ଗୀରେ ଠିଆହୋଇ ରହ ଖାଲି ବୋକା ପରି ଅନେଇଛ ସେ । ଦୂରତାରେ ସାନହୋଇ ଆସିଲଣି ତାର ମୁହଁ । କେଡ଼େ ସାନ ! ଝାମ୍ପସା । ଦୁର୍ବଳ । ମନେ ପଡୁଲ ନାହିଁ, ସେ ବ୍ୟାୟାମ କରେ, ବଂଶୀ ବଜାଏ, ସେକ୍ସପିଅର୍ ଆବୃତ୍ତି କରେ ଝଡ଼ ପର ରଡ଼ ରଡ଼ି । ସେ ଦୁର୍ବଳ । ସେ ଗଢ଼ ଭୁଲଛ । ସେ ଭାଷା ଭୁଲଛ ।

କାହିଁକ ?

Digitized by srujanika@gmail.com

ବାମ୍ବୁଆ ଆଖିରେ ଦୂରକୁ ଚାହିଁ ରହି ସରୋଜକାନ୍ତର ଖିଆଲ ହେଲା,—ସେ ଖେଳ କରନ୍ତା, ତ ହାତରେ ସେ ଟିକି ମୁହଁଟିକି ଚେକାଧରି ଅଜସ୍ର ଖେଳରେ ବଳ ଦଅନ୍ତା ଏହି ଦୁର୍ବଳକୁ । ଖେଳ କରନ୍ତା !

ହାକ୍‌କୁ ହାକ୍‌କୁ ହେଲା ଫମ୍ପା ଛାତି, ହୃଦୟରେ ପ୍ରବଣତାର କଲ୍‌କାଣ୍ଟା ଘୂରୁଛି,—ଟଳ ଟଳ ଛୁଣ୍ଡି ପଡ଼ୁଛି, ଛୁଣ୍ଡି ପଡ଼ୁଛି । ଅଯଥାରେ ଆଖିରୁ ଟଳି ପଡ଼ିଲା ଲୁହ । ଏଇ,—ଗାଡ଼ି ବାଙ୍କ ବୁଲିଲା ।

"ହେଇ ଦେଖ ମହାପାତ୍ରଙ୍କ ବସା "

ସରୋଜକାନ୍ତ ବେକ ବଙ୍କେଇ ଚାହିଁଲା, କେହି ନାହିଁ, ତଥାପି ମୁହଁ ଉପରେ ଓଢ଼ଣା ଟାଣିଦେଲା । ଲାଗିଲା,—ମୁହଁ ସତେ କି ଜଳୁଛି । ସେଠି ବି କଟିଛି ଘଡ଼ିର ଡୋର, ସାର ଖାଲି ଦୀର୍ଘଶ୍ୱାସ ।

"ଆହା, ଏଇ ଦେଖ ଆମ ଅଫିସ୍—ଆମ ଅଫିସ୍—ମୁଁ କୋଉଠି ବସୁଥିଲି ଜାଣ ? ନଜର କର, ହେଇ ଯୋଉଠି କଳାପଟା ଟଙ୍ଗାହୋଇଛି ତା ପଛଅଡ଼କୁ ଟିକିଏ—"

ପାଗ୍ ଖୋପ, ପାଗ୍ ଖୋପ ।

ଫଡ଼୍ ଫଡ଼୍ ହେଉଛନ୍ତି ଦେହଲିଆ ପାଗ୍ ।

"ଆଉ କେବେ ଯଦି ଆସିବ, ତେବେ ବସିବ ହେଇ ସେପାଖ ଘରେ,—ଚାହିଁ ରଖ—"

ସରୋଜକାନ୍ତ ଶୁଣି ଶୁଣୁନାହିଁ । କଣେଇ ଚାହିଁଛି । ଘମାଘମ୍ କୁମ୍ଭୀମାନର ଅଫିସ୍ ଲାଗିଛି । ମନେପଡ଼ୁଛନ୍ତି ଖାଡ଼ି ଉପରେ ପାଗ,—ବଗ୍‌ବଗୁମ୍‌କୁମ୍—ବଗ୍‌ବଗୁମ୍‌କୁମ୍—ଶଗଡ଼ଟା କେଁ କେଁ ହୋଇ ଚାଲିଛି । ବେଳେବେଳେ ଲାଗୁଛି ତାର କେଁ କେଁ ଗୋଟାଏ ମଣିଷର କୋବାଳ । ସାକ୍ଷାତ୍ ମଣିଷ ପାଟିରେ ଆପତ୍ତି ଅଭିଯାନ ଓ ବିଳାପର ଧ୍ୱନି, ଟଳି ଟଳି ଗଡ଼ି ଉଠି ଯୋଷାଣ ହେଲାପରି, ତଥାପି ସେ ଚାଲିଛି, ରହୁଁ ନାହିଁ । ବାଟ କେତେ ଦୂର ! କେତେ ଦୂର !

ନୂଆ ଜାଗା ।

ସୂର୍ଯ୍ୟ ଉଠୁଛି ।

ରେଳରୁ ଓହ୍ଲେଇ ଷ୍ଟେସନ ବାହାରକୁ ଗଲାବେଳକୁ ଠିଆହୋଇଥିଲା ଜଣେ ଦରବୁଢ଼ା ଡେଙ୍ଗା ଲୋକ, ଅଧଚନ୍ଦା ମୁଣ୍ଡରେ ଗୋଟାଏ ପଗଡ଼ି ଭିଡ଼ିବାରେ

Digitized by srujanika@gmail.com

ବ୍ୟସ୍ତ ଥିଲା । ଯନ୍ତ୍ର ହୋଇ ମୁଣ୍ଡି ଆଣ୍ଟିଏ ମାରି କହିଲା, ''ଦଣ୍ଡବତ ମା', ଦଣ୍ଡବତ ହଜୁର, ମୁଁ ହଜୁରଙ୍କ ଚପରାଶି, ଗାଡ଼ି ରଖିଛି ।'' ବଳୀଦତ୍ତ ଦେହ ଟାଣକରି ଗମ୍ଭୀରହୋଇ ଦୁ'ଥର ଝାଙ୍କି ହେଲା ତା' ଆଡ଼କୁ । ସରୋଜିନୀ କେବଳ ହସିଦେଲା, କହିଲା, ''ତମ ନାଁ ?''

''ଆଜ୍ଞା ମୋ ନାଁ ନତା ।''

ତାର ଧଳା ପ୍ୟାଣ୍ଟ । ନୋଗ୍ କୋଗ୍ ଓ ମଇଳା ଧଳା କୋଟ୍, ତା ଉପରେ ଓସାରିଆ ଫିତା, ସେଥିରେ ପିତଳ ଚକତିରେ କମ୍ପାନୀର ନାଁ ଝକ୍‌ଝକ୍ କରୁଛି । ବଳୀଦତ୍ତ ମୁହଁରୁ ସରୋଜିନୀ ମୁହଁକୁ ବଲବଲ କରି ଚାହିଁ ନତା ଚପରାଶି ବାହାଲା ହୋଇ କହିଲା, ''ମୋର ବାପ ନାହିଁ, ମା' ନାହିଁ, ତମେ ମୋର ବାପ ମା, ତମରି ଭରସାରେ ପଡ଼ିରହିଛି ।''

ସରୋଜିନୀ ପୁଣି ହସିଲା । ତାର ଜୀବନରେ ପ୍ରଥମ ଥର କେହି ଜଣେ ତା'ଠି ଆତ୍ମସମର୍ପଣ କରୁଛି । ଅନନୁଭୂତ ମାତୃତ୍ୱରେ ପୂରିଉଠିଛି ତାର ମନ, ଗୌରବରେ ମୁହଁ ଉଜ୍ଜ୍ୱଳ । ନଘା କଲା,—ତାର ହାଡ଼ୁଆ ମୁହଁ, ପାଣିଚିଆ ଆଖି, ପୋଡ଼ା ଚକ୍ ଚକ୍ ଓଠ, ଧଳା ବାଳ, ରୁଢ଼ ଏଠି ସେଠି । ଗାଲର ସିଝା ଚମଡ଼ାରେ ଫାଲକରେ ଲଗିରହିଛି ଠାଏ ଗୋଟାଏ କଣ ହଲ ହଲ, ଅସ୍ଥିର ଗୋଡ଼ । ସରୋଜିନୀ ତା ସଙ୍ଗେ ଗପିବାକୁ ଚାହେଁ—''ନତ, କି ଜାତି ତମେ, ତମ ଘର କେଉଁଠି, କେତୋଟି ପିଲାଝିଲା ।'' ବଳୀଦତ୍ତ ଖଣ୍ଡେ ଦୂରକୁ ହଟିଯାଇ ଅଧୀର ହୋଇ ଭୂଇଁରେ ଯୋତା ପିଟୁଛି । ଚତ୍କାର କଲା ''ନତାଘ୍ର, ଆ'ରେ,'' ଝୁଡ୍ କୋର୍ ଦେଇ—

''ନତାଘ୍ୱ—ଆ ଏଠିକି ।''

''ହଜୁର—'' ନତାଇ କୁହାଟ ମାରି ଧାଇଁଲା ।

''ତୁ ଚପରାସି ?''

''ହଁ ହଜୁର ।''

''କେବଠୁ କାମ କରୁଛୁ ?''

''କୋଡ଼ିଏ ବର୍ଷ ହୋଇଗଲା ହଜୁର୍ ।''

''କୋଡ଼ିଏ ବର୍ଷ !'' ବଳୀଦତ୍ତର ରୁଦ୍ଧରଖା ରାଗ ଏକାବେଳକେ ଅଜାଡ଼ି ହୋଇ ପଡ଼ିଲା, ''କୋଡ଼ିଏ ବର୍ଷ ! ଆଜି ତୋର ଅକ୍‌କଲ ଫିଟି ନାଇଁରେ ବୁଢ଼ା ! ଗାଡ଼ି ଅଇଲା, ଗାଡ଼ି ଛାଡ଼ିଦେଲା, ତୁ ଆରାମ କରି ଠିଆହୋଇଚୁ ପଦାରେ ! ରେଲରୁ ଓହ୍ଲେଇଦବାକୁ ଗଲୁନାହିଁ । ଜିନିଷ ଉତାରି ଦବାକୁ ଗଲୁନାଇଁ, ପଦାରେ ଠିଆହୋଇ ଗପ ଲଗେଇଚୁ ଘୁଲଖୋର୍—''

Digitized by srujanika@gmail.com

ଏଇ ପହିଲଥର । ମନେପଡ଼େ ଏମିତି କଥା କହନ୍ତି ଯେମାନେ, ଯାହାଙ୍କ ପର ହବ ବୋଲି ସ୍ୱପ୍ନ ଦେଖୁଥିଲା ସନେ ସେ—ଇଷ୍ଟାଡ଼ି ମଣିଷ ।

ଏବଂ ଗୋଟାଏ ଲୋକକୁ ମୁହାଁମୁହିଁ ଶୋଧିଦେଇ ଗଲାବେଳେ ଯେ ଯଦି ଚୁପ୍ ଚାପ୍ ଠିଆହୋଇ ରହି ହାବଭାବରେ ଟାଣ ଅହଙ୍କାର ଛତ ଦେଖାଏ, ତେବେ ଶୋଧି ଲାଗିଲେ କି ଭୁଣ୍ଡସୁଖ ! ମୁହଁରେ ଗାଳି, ଛାତିରେ ଖଇ ଫୁଟେ । ଭୁଣ୍ଡସୁଖରୁ ହାତସୁଖ କରିବାକୁ ମନ କଲେ, ଏହି ପରଖ ପାଇଁ ତେଜି ଉଠିଥିଲା ବଳୀଦତ୍ତ ଭିତରର ବଡ଼ ମଣିଷ, ତେଜି ଉଠି ବଡ଼ ହୋଇଥିଲା ।

"ଯାଉଚୁ ନା ? ହେଇଁ । କାମ ଶିଖିନା, ଶିଖିବାକୁ ପଡ଼ିବ । ସବୁ ଛିଲମଛିଲ, ନାହିଁ, ଏମିତି ହେଲେ କୁମ୍ପାନିର କାମ ଚଳିବ ନାହିଁ କହି ଦଉଚି, କାମ ବିଗିଡ଼ିଲେ ଏକା ଗାରକେ ଦାନାପାଣି ଉଠେଇ ଦେବ, ଶୁଣୁଚୁ ନା ମତେ ?"

ନଟାଇ ତଡ଼ବଡ଼ ହୋଇ ଉଠିଛି । ଏକାଥରକେ ହଲିଉଠିଛି ତାର ଦେହସନ୍ଧି; କିନ୍ତୁ ସେ ବୁଢ଼ା ହେଲଣି, ଆଶ୍ରୟ କରିଥିଲା ଗୋଟାଏ ଚଟକକୁ, ଚଟକର ବେଲ ଗଡ଼ିଯାଇ ନାକରୁ ବୋହୁଚି ପାଣି । ଦାନାପାଣିର ବାଧିକା ଆଶଂକାରେ କାର୍ଯ୍ୟ କରିବାପାଇଁ କର୍ମି ଉଠୁଚି ତାର ଅବୟବ, କିନ୍ତୁ ତହିଁରେ ସମତାଳ ନାହିଁ । ଗୋଡ଼ ଯୋଡ଼ା ଦୁ'ଆଡ଼େ ଝାଙ୍କିହେଉଚି । ହାତ ଯୋଡ଼ା ଅନ୍ୟ ଦୁଆଡ଼େ । ନାନା ଭଙ୍ଗୀରେ ଝାଙ୍କିହୋଇ ଭାଙ୍ଗି ହୋଇ ଅତି ଦ୍ରୁତ ଗୁଲୁଚି, ତାର ମୁହଁ ଗୋଟିଏ ଶଗଡ଼ ଆଡ଼କୁ । ଗାଡ଼ିବାଲା ପିଙ୍କା ବଳୁଚି । ନଟାଇ ମୁହଁ ବୁଲେଇକରି ବାବୁଠୁ ପାଇଥିବା ଗାଳିର ସୁଧମୂଳ ମିଶେଇ ଅଜାଡ଼ି ଦେଇ ଖାଉସ୍ୱରରେ ଶୋଧାର ଆରମ୍ଭ କଲା, "ତେରି—"

ଗାଡ଼ିବାଲା ବି ଅଳସ ହୋଇ ବସିଥିଲା କେତେବେଳୁ, ଯୁଦ୍ଧର ସୂଚନା ପାଇ ତେଜି ଉଠି କହିଲା, "କଣ ? ଭଡ଼ାକଥା ପଟି ନାହିଁ, ଫଟା ପାହୁଲା ନାହିଁ, ଖାଲି ତୋଡ଼ ? ମୁହଁ ସମ୍ଭାଳି କଥା କହ । କିଏ ତୋ ଖାତକ ନୁହେଁ କି କିଏ ତୋ ଜମିଦାରରେ ଘର କରିନାହିଁ । ହଁ, ଗାଳି ଦଉଚି ? ଦେଖ ହୋ—"

ଲାଗିଗଲା ସେଠି ଝଙ୍କାଝଙ୍କ । ନଟାଇ ଚଇପଟ ତାର ହାତ ଦୁ'ଟା ହଲେଇ ଲଢ଼ିଚି, ଦୁଇ ପକ୍ଷରୁ ନାନା କାଡ଼ି ଟାଳିର ପ୍ରଦର୍ଶନୀ । ଲୋକ ଜମିଲେଣି । ବଳୀଦତ୍ତ ତେଣେ ନିଜ ହାତରେ ଘୋଷାରି ଘୋଷାରି ଜିନିଷଗୁଡ଼ାକ ଏକାଠି କରୁଚି । ସରୋଜିନୀ ଚଢ଼ିଲୁଚି, କୁଲିମାନେ ବଳୀଦତ୍ତକୁ ବେଢ଼ି ମୂଲ୍ୟପାଇଁ ଧିକ୍ ସିକ୍ ଲଗାଉଛନ୍ତି । ଶଗଡ଼ିଆ ଶୋଧି ଶୋଧି ଘଡ଼ର ଘଡ଼ର କରି ତା ଗାଡ଼ି ନେଇ ଗ୍ଲଲିଗଲା, କହିଗଲା, "ବାବୁ—ବାବୁ, ମୁଁ ଅଉ ବାବୁ ଦେଖି ନାହିଁ, ଭରି ବାବୁ ବାବୁ ହଉଚି—"

Digitized by srujanika@gmail.com

ନଡାଇ ଫେର ଆସୁଛ, ଗାଳ ଦେଇ ଦେଇ ସେ ଝାଳନାଳ ।

ବଳୀଦତ୍ତ ଡାକଲଣି । ନକେ ଆଗେଇଗଲା । ଦୂରରେ ଆଉ ଖଣ୍ଡେ ଶଗଡ଼ । ଶଗଡ଼ିଆ ଅପେକ୍ଷା କରିଥିଲା, ଆଉ ଶଗଡ଼ ନାହିଁ ।

"କେତେ ନେବୁ ?"

"ତନି ଟଙ୍କା ।"

"ଦୁଇ ଟଙ୍କା ?"

"ହଉ ଗୁଲ୍ । ହେଇ ଚପରାସି, ବୋଝ୍ ଏଇ ଜିନିଷ ସବୁ, ଗାଡ଼ିରେ ଥୋ ।"

"ହଜୁର୍ !"

"ବସା ଠିକ୍ ଅଛି ?"

"ହଜୁର !"

ନୂଆ ସକାଳରେ ଆତ୍ମପ୍ରକାଶ କରିଥିଲା ନୂଆ ଅଫିସର୍ ।

ଚପରାସି ଗୁଟିଁ ଥିଲା ।

ସରୋଜନୀ ଗୁହିଁଲା, ଏଇ ତାର ନୂଆ ଘର,—ଆଗରେ ବଗିଚା, ପଛରେ ବାଡ଼, ବଡ଼ ଖଞ୍ଜା, ବଡ଼ ଘର ସବୁ ।

ବଡ଼ ଘର ସବୁ,—ପୁରୁଣା ଯାଇଛି, ନୂଆ ଆସିଛି । ଗାଡ଼ିରୁ ଓହ୍ଲାଇ ଗୁରିଆଡ଼ ଥରେ ବୁଲି ଆସି ଜିନିଷ ଓହ୍ଲେଇ ଥୋଇଲା ମନ୍ଦିରେ । ଏଥି ଛଣକେ ଆପଣାର ହୋଇଯାଉଛି କେଡ଼େ ଚଞ୍ଚଳ । ଗୃହିଁ ଗୃହିଁ କଳ୍ପନାରେ ଦେଖି ସାରିଲଣି, ଏ ଘରେ ବସା, ସେ ଘରେ ଶୁଆ, ସେ ଘର ଭଣ୍ଡାର, ସେ ଘରେ ରନ୍ଧା,- ଇତ୍ୟାଦି । ଜିନିଷ ବୋହି ଧକେଇ ହେଲଣି ନଡା, ଅଳସେଇ ହେଉଛି ।

"ଗୁଳକର ଟୋକାଟେ ବ ଠିକ୍ କରଛି ମା ! ଛୁଆଁ ଜାତ, କହିଲେ ଆଣିବ ।"

"ପଗ୍ଗରୁଛୁ ?" ବଳୀଦତ୍ତ କହିଲା, "ଚଞ୍ଚଳ ଆଣ୍, ଶସ୍ତା ତ ?"

"ହଜୁରେ ଯାହା ଦେବେ ।"

କୁଳ ଧରି ବଳୀଦତ୍ତର ମନଟା ବ ଖୁସି ଅଛି । ରହସ୍ୟକରି କହିଲା, "ଆରେ ଓଲା, କଥାରେ କହନ୍ତି ନାହିଁ,—କାଲି ଗାଈ ହେଇଥିବ, ନାଙ୍ଗୁ ତଳେ ଓହଳୁଥିବ, ଖାଉଥିବ ଅଳ୍ପ, ଦୁଧ ଦଉଥିବ ବେଶି ।"

"ହଜୁରଙ୍କ ବୁଦ୍ଧି ! ଆହାହା, ସବୁ କ ଧର୍ମ ଯୁକେଷ୍ଟି, କ ବଚନ, ମା,—କ ବଚନ,—" ନଡା କହିଲା, ତା ପରେ ମାଙ୍କ କାନ ପାଖେ ଫୁସ୍‌ଫୁସ୍ କରି କହିଲା, ଯେପରି ବାବୁ ଶୁଣିମେ,—"ଏକା ହେଲେ କଣ ହେଲା, ଖରି କଡ଼ା

ହାକମ । ସେ଼୍ର କାମ କରେଇବେ, କାମ ଜାଣନ୍ତି, ସ୍ବାଙ୍କ ଆଗ ହାକମମାନଙ୍କ ପର ନୁହନ୍ତି । କାମକୁ ଖାଲ୍ପ, ସାଇବ ସେହ୍ଲାପୁଅ କରବ—"

"ଅଗ ମୋର ଲୁଗାପଟା କାଢ଼ି ଦବଟି, ସାହେବ୍ ପାଖରୁ ଆସେ ।"

"ଗାଧୁଆ ଖିଆ ?"

"ହଅନା ତମେ, ବୁଝି ପାରୁନ, ନୂଆ ଜାଗା ପରା ।"

ସରୋଜିନୀ ପୋଷାକ କାଢ଼ିଦେଲା । ଆଉ ଘରେ ବଳୀଦଉ ଓଟାର ହେଉଚୁ, ପିନ୍ଧ ହେଉଚୁ । ଏପାଖେ ନନ୍ତା, "ଗୁକର ଟୋକାକୁ ଡାକ ଦେବ ମା ?"

"ଗୁକର !"

ପ୍ରଥମେ କିଏ କହିଥିଲା ? ମନେ ପଡ଼େ । ମନଟା ପିଡା ପଡ଼ଗଲା । ଗୋଟାଏ ଛୁଣ୍ଡା ସ୍ମୃତି, ଧରୁ ଧରୁ ଝଡ଼ିପଡ଼େ, ଉଠେ ଦୀର୍ଘଶ୍ୱାସ ।

"ଆଉ, ଗୁକର କଣ ହେବ ନନ୍ତା, ଦ'ପ୍ରାଣୀ ମୋଟେ, ଏକା କଣ ମୁଁ ପାରବ ନାହିଁ ? ତୁମେ ତ ଅଛ, ଟିକିଏ କାନ୍ଧ ଲଗେଇ ଦେଲେ କାମ ଉଠିଲା ।"

"ଲୋକେ କଣ କହିବେ ମା, ଉଲୁଗୁଣା ଦେବେ । କହିବେ ବାବୁଘରେ ଗୁକର ବକଟେ ନାହିଁ ? ପୋଇଲୀ ପରିବାଘା ନାହିଁ ? ବାବୁ କଣ ଏମିତି ସେମିତି ? ସାକ୍ଷାତ୍ ଅଫିସର, ସକାଳ ପାହିଲେ ବାର ଅନୁସରଣିଆ ଆତଯାତ ! ମୁଁ ଥାଇଁ ଥାଇଁ ମୋ ବାବୁକୁ କିଏ ଝୁଣିବ ? ଦାନ୍ତ ଲଗେଇଦେବ ନାହିଁ ! ନଇଲେ କାମ କି କାମ ? ମୁଁ ଟିକିଏ ବାଉଁଆ ହୋଇଗଲି ବୋଲି ସିନା, ବୁଢ଼ା ହେଲି, ଗଢ଼ଣ କର ପାଲି । ତମ ଦଦ୍ଧାରୁ କେତେ ବାବୁଙ୍କ ସେବା କରଚ, ଏକା ଏକା ରାନ୍ଧକର ଦେଉଥିଲି, ଘର ଓଳାଉଥିଲି, କାଠ ହାଣୁଥିଲି । ଅଇଲ୍ଟୁ, ଦେହ ଟିକିଏ ଭଲ ନାହିଁ, ଯେତେବେଳେ ଦେହ ଭଲ ଥିବ ଦେଖିବ ନାହିଁ ମୋ କାମ । ଫେର୍ ପେଟକୁ ବ ମାରୁଚ । ତେବେ, ସେ ଆଉ କଣ ସବୁଦନେ ?"

"ଏ ଘରେ କିଏ କିଏ ଥିଲେ ନନ୍ତା ?"

"ଅଠରଟା ବାବୁଙ୍କ ସେବା କଲିଣି ମା, ଏଇ ଘରେ ସ୍ବରବାବୁ ମଣିଚନ୍ଦ୍ର ।

"ମଣିଚନ୍ଦ୍ର !"

"ମଣିଚନ୍ଦ୍ର । ମଲ ଜାଇଲାକୁ କିଏ ଦାଣ୍ଡୀ ମା, ଜନମ ମରଣ ଲଗିଚ । ତମ ଧରମରୁ ମୁଁ ବ କେତେବେଳେ ଆଖି ବୁଜିଦେବି, ଖାଲି ଠାକୁରଙ୍କୁ ଜଣାଣ ଏତକ, ମୁଁ ମଲାବେଳେ ଏଇ ବାବୁ ବାବୁଆଣୀଙ୍କ ପାଦକୁ ଧ୍ୟାନକରି ମୋ ଜୀବ ଯାଉ, ତେବେ ମତେ ବଇକୁଣ୍ଠ ପ୍ରାପତ ହେବ । ଜୀବନଯାକ ଅଫିସରମାନଙ୍କ ସେବାକଲି, ମଲାବେଳେ ଅଫିସର୍ ନ ଦେଖି ମୋ ଆଖି ବୁଜିବ ? ହଁ ମା, ସ୍ବରଜଣ ଗଲେ ଏଇ ଘରେ, ନିଜେ ଗାଡ଼ି ଚଢ଼ିଯାଇ ତାଙ୍କ ଛୁଆପିଲାଙ୍କୁ ଛାଡ଼ିଦେଇ ଆସିଲି । ସ୍ବା' ଛଡ଼ା

ଏଇ ବସାରେ ଦ ଜଣଙ୍କ ବୋଉ ମଣ୍ଡଚନ୍ଦ୍ର, ଜଣକର ଖରସା ମଲା, ଛୁଆ ତ ପୁଞ୍ଜାଏ ଦ ପୁଞ୍ଜା । ତାଙ୍କ ପେଇଁ ବ ମୁଁ ନାହିଁ ଜାଳଚ, ଭୃତ୍ଭ କଣଚ, କାମ ପାଇଲେ ମୁଁ କେବେ ଲକ୍ଷ୍ଯ ରଦ୍ଦେ ? ସାର୍ଟିଫିକେଟ୍ ରଖିଚ ମା ! ଦେଖେଇବ ।"

"ଆଉ ଭଡ଼ା ବସା ନାହିଁ ?"

"ଆଉ ଭଡ଼ା ବସା କଣ ହବ ମା, ଏଇ ତ ଭଲ, ସବୁ ସୁବିଧା, ଭଡ଼ା ଦ ପଡ଼ବ ନାହିଁ, ଅଫିସି ପାଖ, ବଜାର ପାଖ ।"

"ଆଉ ଏତେ ଲୋକ ଯେ ଏ ଘରେ ମରଚନ୍ଦ୍ର କହୁଚ ?"

"ସେମିତ କଣ ମରନ୍ତ ନାହିଁ ମା, ଏ ତ ବଧାତା ବଧାନ, କେ କଣବ ଆନ, ତା ବୋଲି କଏ ଘର ଛାଡ଼ କ ଘଣ୍ଟ ଛାଡ଼ ଯାଏ ? ହେଇ ଦେଖୁନ ମା, ଏ ଯୋଉ ମାଟି, ଯେଉଁଠି ଆମେ ବସିଚେ଼, କଏ ଜାଣେ ଏଠି କଣ ଅଛୁ—"

"ଏଁ !"

ସରୋଜିନୀ ବଡ଼ ବଡ଼ ଆଖିକର ଗ୍ଲରଆଡ଼କୁ ଚ୍ଛହିଁଲ । କଣ କହୁଚ ଏ ଲୋକଟା ! ଦେହଟା ଶୀତେଇ ଉଠୁଚୁ ଯେ !

"ନାହିଁ ମା, ମୁଁ କଣ କହୁଥିଲ କ, ଏଇ ଏତେ ଲୋକ ଯେ ମରୁଚନ୍ତ, କୁଆଡ଼େ ଯାଉଚନ୍ତ ସେମାନେ ? ଏଇ ମାଟିକୁ ତ ? ଦୁନଆଁଟା ଗୋଟାଏ ମୁର୍ଦାରଖାନା, ଏଇ ମାଟିରେ ମିଶିଚ ସମସ୍ତଙ୍କ ହାଡ଼ମାଉଁସ । ଆପଣା ହାତରେ କୋଟି ଗୋଟିକର ସମସ୍ତିଙ୍କି ପକେଇ ଆସିଲ ମା, ବାପ, ବୋଉ, ଖରସା ,ପିଲାଦଟା, ଅଇଚ୍ଛ ମୁଁ ନଣ୍ଡା ଗଛ । କୁଆଡ଼େ ଗଲେ ସେମାନେ ? ଏଇ ମାଟିକୁ ତ ? ଆଉ ଏ ପୃଥ୍ୱୀ, ଏ ବସୁଧା,—ଶାସ୍ତ୍ର କହୁଚ ଏ ମେଦେମେଦା ଅସୁରର ହାଡ଼ଯାକ, ସେଇ ହାଡ଼ଗଦା ଉପରେ ଆମେ ଘର କରୁ, ସେଇ ହାଡ଼ଗଦା ଉପରୁ ରସ ନେଇ ଜହ୍ନି, କଲରା, କଖାରୁ, ଲଉ ଫଳେ, ଆମେ ତାକୁ ଖାଉଁ, ସେଇ ରସରେ ବଳଉ ଆକୁ, ଝମ୍ପୁଆକୁ—"

"ଆଉ, ଆଉ ନାଇ, ସେସବୁଡ଼ା କହନା—"

"କଛ ନାହିଁ ମା ! ଖତ, ଗ୍ଲଉଲ—ଧାନଗଛ, ମୁଗଗଛ ସବୁ ଗଛ ସାର ନେଇ ବଢ଼େ ଏଇ ହାଡ଼ମାଉଁସ ଗଦାରୁ, ତାର ରସ ପଶେ, ଫଳରେ ସେଇମାନ ମଣିଷଙ୍କ ହାଡ଼, ରକ୍ତ, ମାଉଁସ—"

"ଇସି, ଥାଉ ଥାଉ ନାଇ, ସେସବୁଡ଼ା ଶୁଣିଲେ କଛ ଖାଇବାକୁ ମନ ହବ-ନାହିଁ—"

"ନାହିଁ ମା' ମନ ହବ ନାହିଁ, ସେଇଥିପେଇଁ ପରା ମୁଁ କମ୍ ଖାଏ, ଖାଇବେ ଏ ଆଇଁଷ, ଏ ପରର ରକ୍ତ, କଣ କରବ,—ବଧାତା ଏମିତ ନିୟମ କର ଥୋଇଚ । ଏଠି ପରର ରକ୍ତ ମାଉଁସ ନ ଖାଇଲେ ମଣିଷ ବଞ୍ଚିପାରବ ନାହିଁ—"

Digitized by srujanika@gmail.com

"ମା' ଲୋ—"

ସରୋଜିନୀ ଘରଆଡ଼େ ଦେଖୁଥିଲା ଖାଲି ହାଡ଼, ରକ୍ତ, ମାଉଁସ, ଅତ ନଦେ ।ସ ମାଟିର ଚେହେରା ଦିଶୁଥିଲା ବାଉଳା । ନିତା ତାର ଚେହେରା ଦେଖି ସୁଖ ପାଉଥିଲା, ଶାନ୍ତିରେ ଭୁଲେଇବା ଢଙ୍ଗ ତାର ଭାଙ୍ଗି ଯାଇଛି । ବାବୁଆଣୀପଣ ଖସିପଡ଼ି ଦିଶୁଛି ଖାଲି ଗୋଟାଏ ଢର୍ଲା, ତାକୁ ଡର ମାଡ଼େ । କହିଲା, "ଏ ବର୍ଦ୍ଧମଗ୍ୟାନ ମା, ଦୁନିଆଟା ଖାଲି ଦିବା ଆସିବା, ଭାବିଲେ ମାଥା କଟେ । ଥାଉ, ଏତେ ଭାବ ନାହିଁ, ସବୁ ତ ବିଧାତା ବିଧାନ; ଅଉ କଣ କରିବା କହ ? ସ୍ବୀକର ଟୋକା ଆଣିବ ମା ?"

"ହଁ, ହଁ ଆଣିବ ନିତ, କେହି ନାହିଁ ନିଚ୍ଛିଟିଆ—"

"ଆଉ ମୁଁ ଭାବୁଚି, ଗୋଟାଏ ରୋଷେଇଆଣୀ ବି ଖୋଜିଲେ ଭଲ ହବ, ଏଡ଼େ ବଡ଼ ଘର, ଘରକୁ ମଣିଷ ସିନା ଶୋଭା ମା, ବାବୁ ଆଉ ମୁଁ ତ ଖାଲି ଗସ୍ତରେ ବୁଲୁଥିବୁ, ଘରେ ଦିଜଣ ଥିଲେ ସିନା ? ଶାସ୍ତ୍ରରେ ଗୋଟାଏ ଖଞ୍ଜି ଦେବ, ଖାଇପିଇ ଦ'ଢନଟଙ୍କା—"

"ଦି'ଦଟା ' ଦରମା କେତେ ଯେ—"

"ଟଙ୍କା କଥା ମତେ ଛାଡ଼ିଦିଅ ମା', ଏ ରାଇଜରେ ସୁନା ଫଳେ । ବାବୁ ଜାଣି ଜାଣିବେ ନାହିଁ, ତାଙ୍କ ସାଙ୍ଗରେ କି କଥା ? ସବୁ ମୁଁ କରେଇ ଦିଏଁ । ଏତେ ବାବୁ ଗଲେ, କଣ ନ ଖାଇଲେ, କଣ ନ ପିଇଲେ, କଣ ନ ନେଲେ ? ଏଠି ଟଙ୍କା ଅମଳ କରି ଗଡ଼ଣିରେ ମପାହୁଏ, ସବୁ ମୁଁ କରେଇ ଦିଏ, ତମର ପଚେଇ କୋଉ କଥାକୁ ? ଖାଲି, ଆଉ ଅଉ ଘର ମା'ମାନେ ଯେତେବେଳେ ବୁଲି ଆସୁଥିବେ ତମ ଦଟିକ, ମାସକୁ ଥରେ ଦିଥର ମୁହଁ ଶୁଖେଇ ତମେ କହୁଥିବ —ନିତ, ଘରେ ଗୃଢ଼ିଲ ନାହିଁ, ଦଶଟଙ୍କା କେଉଁଠୁ ଉଧାର ଆଣନ୍ତି ନାହିଁ ? ଦୁଆରମୁହଁକୁ ଯାଇ ଟାଣି କରି ଫୁସ୍ ଫୁସ୍ କରି କହୁଥିବ, ସମସ୍ତେ ଶୁଣୁଥିବେ, ଅଉ ବାବୁ ବି ଅଫିସରୁ ଦଶ କୋଡ଼ିଏ ଟଙ୍କା ଫି ମାସରେ କରାଣୀବାବୁଠୁ କରଜ ଆଣୁଥିବେ—"

"କଣ କରଜ କରି ପୋଇଲା ପରିବାର ରଖାହେବେ ?"—

"ନାଇ ମଁ ମା, ଖାଲି ଲୋକଦେଖାଣିଆଁକୁ ନା, ବୁଝିନ୍ନ, ସେଥିରେ କଥା ଅଛି । ଲୋକେ ବୁଝିନ୍ତୁ ତମେ ଉଧାରକରି ଚଳୁଚ, ଲୋକଙ୍କର ଯୋଉ ହିଂସିକା ଅଖି, ସେ ଅଖିରେ ଧୂଳି ନ ଭୁଷିଲେ ଟଙ୍କା ଅମଳ କରି ହବ ? ସେମାନେ ବାଦ ସାଧିବେ ନାହିଁ, ସରୋଜିନୀ କିଛି କହିଲାନାହିଁ । ଦାନାପାଣିର ନୂଆ ବ୍ୟାକରଣ ଏ, ତା ମନରେ ନାନା ଭାବ ଆସେ । ଭାବେ ଏ ନିତ, ତା ମୁହଁରେ ପାପ ।

Digitized by srujanika@gmail.com

ମିଷ୍ଟର ଶ' ।

ଶ' ପଦଟି ସ୍ନେହମୟ ମଧୁର ସମ୍ବନ୍ଧର ସୂଚନା ଦେଇଆସିଛି ଯୁଗେ ଯୁଗେ । ଓଡ଼ିଆ ଭାଷାରେ ତାର ଗୋଟିଏ ବିଶିଷ୍ଟ ସ୍ଥାନ, ଅଥଚ ବ୍ୟବହାରରେ ଜିଭ ଅଗରେ ସେ 'ହ୍ୟଃ' ବି ହୁଏ । ବାକ୍ୟ ଶେଷରେ ମନକୁ ମନ ତାକୁ ଉଚ୍ଚାରଣକଲେ କେହି କେହି ପାଆନ୍ତି ନୂଆ ଉନ୍ମାଦନା, ନୂଆ ଉତ୍ସାହ ।

ଏବଂ ଶ' ଶବ୍ଦରେ ଅଛି ଏ ଦେଶରେ ଗୋଟିଏ ବ୍ୟାପକ ସାର୍ବଜନୀନତା, ସଙ୍ଗୀର ସମ୍ବୋଧନ ସଙ୍ଗୀକୁ, ଚାଷୀର ବଳଦକୁ, ମଜୁରିଆର ତାର ସ୍ତ୍ରୀକୁ, ସମସ୍ତଙ୍କର ସମସ୍ତିଙ୍କୁ ।

କିନ୍ତୁ ମିଷ୍ଟର ଶ'ଙ୍କ ଗଠନରେ ସ୍ନେହର ସୂଚନା ନାହିଁ, କଳା ମିଶ୍ ମିଶ୍ ମୋଟାସୋଟା ଡେଙ୍ଗାଲୋକ ଜଣେ, କୋଡ଼ିଫାଳ ପରି ମୁହଁ, ସେ ଗମ୍ଭୀର, ରୁକ୍ଷ, ନିଷ୍ଠୁର । ମୁଣ୍ଡରେ କଦଂବଫୁଲିଆ ଷ୍ଟ୍ରେଟ ଷ୍ଟ୍ରେଟ ହୋଇ କଟାବାଳ, କାଚପରି ଆଖି । ମୋଟା ଓଠରେ ଫାଳିକିଆ ବାଙ୍କ ଯେପରିକି ବାଁପାଖ ଗାଲ ସବୁବେଳେ ଫୁଲି ରହିଛି । ଅସ୍ୱାଭାବିକଭାବେ ମୋଟାବେକ, ସେ ହଠାତ୍ ବୁଲିଯାଇ ଗୋଟିଏ ଭଙ୍ଗୀରେ ଚାହେଁ, ବହଳ ହାତ ଜନ୍ତୁର ଥାବା ପରି, ଡ୍ରମ ପରି ପେଟ, ଠାଣିରେ ସବୁବେଳେ ଛକ ରହିଛି—ହେଇ ଡେଞ୍ଚିଲ – ଭଙ୍ଗୀ । ମନେପଡ଼େ ଫୁଲ୍କା ପାଖେ କୁସ୍ତି ଆଖଡ଼ାର ଖଲିଫା ।

କିନ୍ତୁ ଖଲିଫାର ତାରୁଣ୍ୟ ନୁହେଁ, ଖଲିଫାର ପ୍ରୌଢ଼ତ୍ୱ ।

ସମ୍ମାନ ଅସୁଲ କରି କରି ଅହଙ୍କାର ବଢ଼ିଛି, ଯେଣେ ଗୃହଜଞ୍ଜାଳ ବଢ଼ି ବଢ଼ି ଦାନୁଦାନ ବିରକ୍ତି ବଢ଼ିଉଠୁଛି, ଦାନାପାଣିର ଉନ୍ନତି ଲାଗି ନାନାକ୍ଷେତ୍ରରେ ତ୍ୟାଗ ଦେଇ ଦେଇ କ୍ରମେ ତ୍ୟାଗର ଚେତନାରେ ମନ ହାଲୁ ହାଲୁ ଜଳୁଛି ।

ଏପରି ମନୁଷ୍ୟ ସ୍ନେହଶୀତଳ ନୁହେଁ । ନୁହେଁ ମଧ ସାର୍ବଜନୀନତାର ଅଧିକାରୀ । ଯାହାର ଗୁଳିରେ ଭୂଇଁ ଦୁଲୁଦୁଲୁ କଂପେ, ଯାହାର ସ୍ୱରରେ ଗଛର ଚଢ଼େଇ ଉଡ଼ିଯାଆନ୍ତି, ଯାହାର ପ୍ରକୋପରେ ଲୋକେ ତ କମ୍ପି ଯାନ୍ତି ଯାନ୍ତି, ସେ ସାର୍ବଜନୀନ ନୁହେଁ, ସ୍ୱତନ୍ତ୍ର । ଚାରିପାଖର ମନୁଷ୍ୟ ସମାଜକୁ ଯଦି କେବେ ସେ ଚାହେଁ, ତେବେ ମିଶିବାକୁ ନୁହେଁ, ଆଦାୟ କରିବାକୁ । ମଣିଷ ଦେଖିବା ଅଭିଜ୍ଞତା ତାର ନାହିଁ । ସେ ଦେଖେ ନର୍ତ୍ତକୀ କଣ୍ଢେଇ, ତାର ଦୁନିଆଁ ଖାଲି କଣ୍ଢେଇ ଦୁନିଆଁ । ଗହନ ମନର ବିକୃତିର ରୂପାନ୍ତରିତ ଇଚ୍ଛାର ତାଡ଼ନାରେ ସେଇ କଣ୍ଢେଇମେଳାରେ ସେ ଘୋଡ଼ାଦଉଡ଼ ଖେଳିବାକୁ ମନ ବଳାଏ, କେତେ କଣ୍ଢେଇର

Digitized by srujanika@gmail.com

ମୁଣ୍ଡ କେଉଁ କଣ୍ଢେଇର ଗଣ୍ଡି ଛେଚି ପିଟି ଭାଙ୍ଗି ପକାଏ, କଣ୍ଢେଇ-ସଂସାରରେ ବିଭ୍ରାଟ୍ ଘଟାଇସାରି ସେମାନଙ୍କ ଅବସ୍ଥା ସେ ଦେଖେ,—କେଉଁଟା ଚିତ୍‌ପଟାଙ୍ଗ, କେଉଁଟାର ମୁଣ୍ଡ ତଳକୁ, ଗୋଡ଼ ଉପରକୁ, କେଉଁଟା ଖଣ୍ଡ ଖଣ୍ଡ। ସେ ଏ ଦୃଶ୍ୟ ଉପଭୋଗକରି ଆନନ୍ଦ ପାଏ, କହନ୍ତୁ ପଛେ ଲୋକେ ସାଡ଼ିଷ୍ଟ୍, ଏକ୍‌ଜିବିସନିଷ୍ଟ୍, ଯାହା କହୁ।

ଅଥଚ ସେ ଶ',-କାରଣ ସେଠି 'ସାହୁ' ପଦରୁ 'ଶ' ପଦକୁ ତାଙ୍କର ସାହେବୀ ପ୍ରକାଶ,—ପଦ'ରେ ଦେହରେ ସୁଟ୍, ମୁଣ୍ଡରେ ଟପ୍ ହ୍ୟାଟ୍, ତୁଣ୍ଡରେ ଚେରୁଟ୍, ହାତରେ ବାଡ଼ି। 'ବନ୍ଦ୍ୟ ଉପାଧ୍ୟାୟ' ପରିବର୍ତ୍ତେ 'ବାନର୍‌ଜୀ' ପରି ପୁରୁଷାନୁକ୍ରମିକ 'ସାହୁ'ର ଇଂରାଜୀ ଭେକ ତାଲବ୍ୟ 'ଶ' ନିଜକୁ ଶୁଣିବାକୁ ଖୁସି ଲାଗେ।

ମିଷ୍ଟର ଶ' ଜଣେ କର୍ମଗୁରୁ, ସାଧାରଣ ନୁହନ୍ତି,—କମ୍ପାନୀର ସାହେବ୍।

ବସିଚନ୍ତି ପ୍ରକାଣ୍ଡ ମିଷ୍ଟର ଶ', ଦୁଇ କରରେ କାଠ ଥାକରେ କାଗଜ ଗଦା ଗଦା, ସେଥିରେ ବଡ଼ ବଡ଼ ସମସ୍ୟା। ବଡ଼ ବଖରାଟିଏ, ଝରକାର ଦୁଆରେ ମୋଟା ପର୍ଦ୍ଦା ଟଙ୍ଗାହୋଇଛି। ଦାହାର ଆଲୁଅର ବିରୋଧୀ ଏ ଘର ଭିତରେ ଟେବୁଲ ଉପରେ ବିଜୁଳି ଆଲୁଅ ଜଳୁଛି। ଟେବୁଲ ସେପାଖେ ଆଗନ୍ତୁକଙ୍କ ପାଇଁ ପଡ଼ିଛି ଖଣ୍ଡେ ଧରନ୍ଥ ଚୌକି, ପୂରା ହାତ। ଆଉ ଖଣ୍ଡେ ଚୌକି,—ଟିକିଏ ପୁରୁଣା, ତାର ଗୋଟିଏ ହାତ ନାହିଁ। ଖଣ୍ଡିଏ ଟୁଲ। ଆଗନ୍ତୁକର ଯଦି ନିତାନ୍ତ ବସିବାକୁ ଜିଦ, ତେବେ ତାର ପଦ ଦେଖି ବିଚାରକରି ଏହି ତିନିପ୍ରକାର ଆସନରୁ ଯେଉଁ ଆସନ ପାଇଁ ସେ ଯୋଗ୍ୟ ବୋଲି ଶ' ଭାବିଲେ, ତାକୁ ସେହି ଆସନ ଦିଆହୁଏ। ଅବଶ୍ୟ ଶ' ଭାବିବା ପାଇଁ ତର ଥିବା ଦରକାର, ନ ହେଲେ ଆଗନ୍ତୁକ ଠିଆହୋଇପାରେ।

ଘର ଭିତରେ ଗୋଟିଏ ପାଖେ କାଠ ଉପରେ କନା ଛୁଟାହୋଇ ପୁରୁଷେ ଉଞ୍ଚର ପର୍ଦ୍ଦା ଠିଆହୋଇଛି। ତାହାର ଉଢ଼ୁଆଳରେ ଗୋଟିଏ ଠିଆ ପରିସ୍ରା-ପାତ୍ର ଓ ଗୋଟିଏ ଝାଡ଼ା ବସିବା ପାତ୍ର ସଜା ହୋଇଛି। ଏ ଉଭୟ କର୍ମ ଶ' କରନ୍ତି ସେହି ଉଢ଼ୁଆଳରେ। ସାହେବୀ ପଣର ଲକ୍ଷଣ ଏ, ଘରର ଗମଗ୍ର ଗନ୍ଧ ଭିତରେ ପରିସ୍ରାର କଡ଼ା ବୋତକା ଗନ୍ଧ ବାରିହୋଇପଡ଼େ ପରିଷ୍କାର। ସେହି ଘରେ ଆଉ କରକୁ ଅନ୍ୟ ଗୋଟିଏ ପର୍ଦ୍ଦାର ଉଢ଼ୁଆଳ, ସେଠି ଜଳଖିଆ ପାତ୍ରରେ ପଣି ଜଳଖିଆ ଓ 'ଖାନା' ଥାଏ, ଫ୍ଲାସ୍କରେ ଥାଏ ଗ୍ର। ସେଠି ଠିଆ ଅଲୁମୁଣୀ ଉପରେ ଖଣ୍ଡେ ତଉଲିଆ, ଖାନା ଖାଇବାକୁ ଖଣ୍ଡିଏ ଟେବୁଲ୍, ତହିଁରେ ଖଣ୍ଡେ ଦର୍ପଣ ବି ଠିଆ ହୋଇଥାଏ, ବେଳକାଳକୁ ପ୍ରସାଧନ ପାଇଁ।

Digitized by srujanika@gmail.com

ବସିଛନ୍ତି ମିଷ୍ଟର ଶ'—ଲେଫ୍ଟେନାଣ୍ଟ । କଲମକୁ ସେ ଜୋର୍‌ରେ ମୁଠେଇ ଧରି ମଉଡ଼ ଲେଖନ୍ତି କାଗଜ ସଙ୍ଗେ କସରତ୍ କଲାଭଳି, ସେତେବେଳେ ମୁହଁର ମାଂସପେଶୀ ସଙ୍କୁଚିତ ହୋଇ ଟାଣ୍ଡି ରହେ, ମୁହଁରେ ଭାବ ପରିସ୍ଫୁଟ ହୁଏ, କେତେବେଳେ ହିଂସାର, କେତେବେଳେ କ୍ରୋଧର, କେତେବେଳେ ବା ସତର୍କ କୁଟିଳତାର ।

ଟେବୁଲ୍ ଉପରେ ଥୁଆ ହୋଇଥିବା ଡାକରା ଘଣ୍ଟିରେ ଦୁମ୍‌କିନା ପାହାରେ, ଡାକରା ଘଣ୍ଟା ଚିଁ ଚିଁ ରେଇ ଉଠିଲା । ପର୍ଦ୍ଦା ସେପାଖେ ଅଳସହୋଇ କାନ୍ଥକୁ ଆଉଜି ବସିଥିବା ଚପରାଶିଟି ଧଡ଼ପଡ଼ ହୋଇ ଉଠିପଡ଼ି ଭିତରକୁ ଆସି ଅଣ୍ଟା ଭାଙ୍ଗି ସଲାମ୍ କରି କହିଲା, "ହୁଜୁର୍ ?"

"ଆବେ ଡାକଆନ୍ ।"

"ହଜୁର୍ ।"

ସେମିତି ଧଡ଼ପଡ ହୋଇ ଖୁବ୍ ବେଗରେ ଚପରାଶି ପଦାକୁ ଧାଇଁଗଲା, ଇତସ୍ତତଃ ହେଲା । ଧାଡ଼ିକି ଧାଡ଼ି ବାବୁମାନେ ବସି କାମ କରୁଛନ୍ତି, ପୁଣି କେଉଁଠି କେଉଁଠିକେ ସାନ ସାନ ସାହେବମାନେ, ଅଫିସର୍ ବଡ଼ବାବୁ । ସାହେବ୍ କହିଛନ୍ତି ଡାକିବାକୁ ହେବ । କାହାକୁ ? ବୁଦ୍ଧି ପାଞ୍ଚି ଚପରାଶି ଧାଇଁଲା ବଡ଼ବାବୁଙ୍କ ପାଖକୁ, ଦେହ ବାଙ୍କୁଆ କରିଦେ, ହାତ ଟାଳ ହୋଇଗଲା ପାଦରୁ ଆଗ ଦେହ ।

"ସାହେବ୍ ସେଲାମ ଦେଇଛନ୍ତି ଆପଙ୍କୁ !"

ତରତର ହୋଇ ଉଠିପଡ଼ି ବଡ଼ବାବୁ ଧାଇଁଲେ କୋଠିକୁ, ଯାଉ ଯାଉ ଅଭ୍ୟାସ ହାତ କୋଟ୍‌ର ବୋତାମ ସବୁ ବୁଜି ଦେଲା । ସାହେବ ଲେଖୁଛନ୍ତି । ଠିଆହୋଇ ରହିବାକୁ ପଡ଼ିଲା । ମୁହଁ ନ ଟେକି ତୋଳା ଟେକି ସାହେବ କହିଲେ—

"କାମ କରଛ ?"

ମୁହଁକୁ ବାହାର ପଡ଼ିଲା, "କି କାମ ?" ଅନୁତାପ କରିବାକୁ ପଡ଼ିଲା ।

ଗର୍ଜିଉଠି ସାହେବ କହିଲେ, "କି କାମ ? କେତେଥର କହିବ ? ତୁମକୁ ମିଶେଇ ଷୋଳଥର ହେଲା । କହ, କରିଛ କି ନାହିଁ ?"

ତରତର ହୋଇ ବଡ଼ବାବୁ କହି ପକାଇଲେ, "ଚାଲିଛି ସାର୍ ଚାଲିଛି, ସରିବା ଉପରେ, କାଲି ଶେଷ ଯାକ ଲାଗିଥିଲି ।"

"ହଉ ଯାଅ,—ଏପର୍ଯ୍ୟନ୍ତ ସରିନାହିଁ ? ନିକମା ଲୋକଗୁଡ଼ାକ ।" ମୁହଁ ପୋଛି ଡରିଲା ଚାଲିରେ ଲଙ୍ଗୁଡ଼େଇ ଲଙ୍ଗୁଡ଼େଇ ଫେରି ଚାଲିଲେ ବଡ଼ବାବୁ । ପଦାକୁ ଆସି ନିଃଶ୍ୱାସ ମାରିଲେ । କି କାମ ସେ ଜାଣନ୍ତି ନାହିଁ, ଦେଢ଼ଶ କାମ ଥିବ, ପଚାରିଲେ ନ କହି ବାକି ଅଛି କହି ଆସିବାଟା ଭୁଲ ହେଲା ।

Digitized by srujanika@gmail.com

କ ଉତ୍ତର ସେ ଦେଉଛନ୍ତି, କେଉଁ କାମ ସମ୍ପର୍କରେ ସେ ଜାଣନ୍ତି ନାହିଁ । ତଥାପି ପ୍ରଶ୍ନ ଆସିଲେ ଉତ୍ତର ତ ଦେବାକୁ ହେବ । ପ୍ରଶ୍ନ ବାହାରୁ ବି ଆସେ । ଘଣ୍ଟା ଅଧରେ ଟେଲିଗ୍ରାମ୍—ରୁମର ଭିନ୍ନ ଭିନ୍ନ ଡିପୋରେ ସମୁଦାୟ କେତେ ବଳକା ଅଛନ୍ତି ଟେଲିଗ୍ରାମ୍ କର, ଏ ବର୍ଷ କେତେ ଆକାଶରେ ଧୂଆଁପତ୍ର ସ୍ତୂପହୋଇଛି ଟେଲିଗ୍ରାମ୍ କର ।

ଉତ୍ତର ଟେଲିଗ୍ରାମ୍ କରିବାକୁ ହୁଏ । ଅନୁସନ୍ଧାନ କରି ତଥ୍ୟ ସଂଗ୍ରହ ଶେଷ-କରିବା ପର୍ଯ୍ୟନ୍ତ ଉତ୍ତରକୁ ଅଟକେଇ ରଖିଲେ ସେ ବଡ଼ବାବୁ କାମରେ ବେଶି ଦିନ ରହନ୍ତେ ନାହିଁ ।

ବଡ଼ବାବୁ ଗଲେ, କୋଠରୀରେ ସାହେବ୍ ଏକୁଟିଆ ।

କାଗଜ ଉପରେ ମାଡ଼ି ମାଡ଼ି ରହି ରହିକା କଲମର ଲଙ୍ଗଳ ଗ୍ରୁପ ।

ବାହାରେ ବାହାଘରର ବାଜା ଶୁଭୁଛି, ମହୁରୀ ଶୁଭୁଛି । ମହୁରୀଟା ବଜେଇଛି ଖୁବ୍ ଭଲ । ଗୋଟାଏ ଲହରର ମନକୁ ଘେନିଯାଉଛି କେଉଁ ଅତୀତକୁ ।

ସାହେବ୍ ବିରକ୍ତ ହୋଇ ଉଠିଲେ—ଓଃ, ମଣିଷ ଜନ୍ମହେବେ, ବାହା ହେବେ, ଘରକରଣା ଖେଳିବେ, ମରିବେ । ଜୀବନର ସାଧାରଣ ପଥର ଗତ । ଘୋଳଟେଇ ପୋଳଟେଇ, କି ବିରକ୍ତିକର ! ତାହାରେ ସେଇ ହ୍ୱାଟର ଯୋଗ । ଲୁଚା ଉହାଡ଼ରେ ସ୍ୱାର୍ଥକୁ ଜାକିରଖି ଆପଣା ଆପଣା ଉଦ୍ଦେଶ୍ୟରେ ଗୋଟିକ ଗୋଟି ଅତିଯାତ, ସେଇ ଅଳ, ସେଇ ଆପତ୍ତି, ସେଇ ସଙ୍କ, ସେଇ ଦୁଃଖ ।'

ଦୂରରେ ଶୁଭୁଛି ବାହାଘରର ପଟୁଆର, ତଳରେ ଫୁଟୁଛି ଠୋ ଠା, ମହୁରିଆ ଚାଲେଇଛି ।

ଦୁଏକ ଢୋକ ମଦ ପିଇଥିବ ।

ଇଃ, ସେଇ କଥା, ସେଇ କଥା, ବିରାମ ନାହିଁ । ରାସ୍ତାରେ ଚାଲିଛି ଟପପର ଅଟରନ୍ତି ଧାଡ଼ିଏ ଶଗଡ଼ଗାଡ଼ି ସେଇ କେଁ କଟର, ଗୋଟିକା ଗୋଟି ।

ଘୋଟି ରହିଥିବା, ଲଗି ରହିଥିବା ବର୍ଷା ପରି ସନ୍‌ସନିଆ ଏଇ ଜୀବନ । ତଥାପି ଲୋକେ ଘୁଷୁରିପରି କାଦୁଅରେ ଗଡ଼ି ଗଡ଼ି ଜୀବନ ଉପଭୋଗ କରିବାରେ ବ୍ୟସ୍ତ ।

ଏଇ ଜୀବନ ।

ଦୂରର ମହୁରୀ ସ୍ୱରର ଶୁଭୁଛି । ଅଣାୟତ୍ତ ହୋଇ ଚହଲି ଯାଉଛି ମନ ।

ଚୁଲ୍ଲୁ ଏଇ ଜୀବନ । କାଗଜ ଉପରେ ସ୍ଥିର ହୋଇ ଠିଆହେଲାଣି କଲମ, ଟେବୁଲ କରକୁ ଲାଗିଛି । ମୁହଁରେ ଗୋଟାଏ ଝୁରି ଅଧା ହସ ଝୁଲୁଛି ସ୍ଥିର ହୋଇ । ଅଧା ଚେତନାରେ ଘଡ଼ିବାଣ ପରି ଭୁର୍ ଭୁରେଇ ଉଠୁଛି ଅଧା ସ୍ମୃତି, ନାଲି, ନେଳି, ବାଇଗଣି, ହଳଦିଆ ନାନା ଜାତି । ପ୍ରବଳଷ୍ଟଟେ ଜାଣ

Digitized by srujanika@gmail.com

ତା ମନ ଝଙ୍କାର କରୁଛି,—ଏ କଚ୍ଛନୁର୍ହେଁ, ଏ ଦୁର୍ବଳତା, ଏ ମିଛ, ଅଚ୍ଛ ହେୟବ୍ୟଞ୍ଜକ କରନ୍ତ ସଂସାରୀ ଲୋକଙ୍କ ଚେତନାକୁ ।

କହେ ସେ,—ଏହି ଅଫିସ୍ କୋଠିର ଡକ୍ଟେଟର୍ ।

ଡକ୍ଟେଟର୍ । ଏକା ଗୋଇଠାକେ ଉଡ଼ିଯାଏ ପଣ ପଣ ଲୋକଙ୍କ ଭାଗ୍ୟ, ସବୁ ଦାନାପାଣିର ଆଶ୍ରିତ । ମୁର୍ହିର ଶତ ଛଡ଼େଇ ନେଲେ ହଷ୍ଟ ମୁଣ୍ଡ ନଇଁଯାଏ ଆପେ ଆପେ । ମଣିଷ ଵିକଳ ହୋଇ କାନ୍ଦେ । ଦ୍ୱାରରେ ବନ୍ଧୁତା ଥାଉ, ମଝିରେ ଜଣକ ପଛରେ ଅନନ୍ତ ବଳକା କିଛି ଅଜାଡ଼ି ଦେଲେ, ଆଉ ଦଶଜଣ ଉଠେଇ ଖେଦେଇ ହୁଅନ୍ତି, ଛଡ଼ାଛଡ଼ି କରିବାକୁ ଚେଷ୍ଟାକରନ୍ତ ନାନା ଛଟକରେ । ବନ୍ଧୁତା ଭୂତ ହୋଇ ପବନରେ ମିଳେଇଯାଏ । ଲଢ଼େଇଦେବା ବଡ ସହଜ, ସାମାନ୍ୟ ଗୋଟାଏ ପ୍ରଚଣ୍ଡ ଉପରେ । ତା’ ପରେ ଦଶେ ମଣିଷ ପଶୁ ଲଢ଼େ, ଧସ୍ତାଧସ୍ତି ଗଡ଼ାଗଡ଼ି କାମୁଡ଼ାକାମୁଡ଼ି । ଗର୍ଜନରେ ଗଗନ ଫାଟେ,—କି ଇତର ! ଯେତେ କି ରାସ୍ତାରେ କୁକୁର ଲଢ଼େଇ ।

ମୁହଁ ଗାଲ ଚକ୍ ଚକ୍, ଛନଛନିଆ ଟୋକା ମାଡ଼ି ଆସନ୍ତି । ଆଖିରେ ସର୍ବଜୟୀ ଆଶା, କାର୍ଯ୍ୟରେ ଗମ୍ଭୀର ଆନନ୍ଦ ଉଚ୍ଛ୍ୱାସ, ଗୋଲରେ ଛନ୍ଦ ମାଂସପେଶୀର ଲୀଳାୟିତ ନାଚରେ । ଏ ଧନ ତ ଗଣାପେଲ, ଧନ ଗୁରଟା ଦାନାପାଣି ଝାଙ୍କ । ତା ପରେ ଫୁଲ ମଉଳିଯାଏ । ଯୌବନ ବାର୍ଦ୍ଧକ୍ୟକୁ ମୁଣ୍ଡ ନୁଆଁଏ,—ଟାକୁଆ ଗାଲ ଉପରେ ଟାଆଁସିଆ ଚୁଲ । ଆହତ ନଷ୍ଟେଜ ଆଖି,—ସେ କାହାକୁ ମୁହାଁମୁହିଁ ଚାହିଁବାକୁ ଭୟ କରେ, ଅନ୍ତରାଳରେ ଲୁଚେ ଯୌବନର ଧ୍ୱଜଭଙ୍ଗ । ତେଣିକି କଲାଟାଏ ଯେ । ସୂର୍ଯ୍ୟୋଦୟ କି ସୂର୍ଯ୍ୟାସ୍ତ ଦେଖିବାକୁ ମନ ଛଟପଟ କରିବନାହିଁ । ଖେଳିବାକୁ ଖେଳ, ଦେଖିବାକୁ ତାର ସ୍ମରଣ ବି ହେବନାହିଁ । ବହି ପଢ଼ିବାର ଆନନ୍ଦଠୁଁ ସମାଜରେ ଗୁଲି ଗପ କରିବାର ଆନନ୍ଦ ପର୍ଯ୍ୟନ୍ତ ସବୁ ଆନନ୍ଦର ଚେତନା ତାର ମଉଳି ପଡ଼ିବ । ଖାଲି କଲଟାଏ, ବସ୍ କହିଲେ ବସିବ, ଉଠ୍ କହିଲେ ଉଠିବ, ଦଳ ବାନ୍ଧି ସେଲମ୍ ଦେବ, ଫମ୍ପା ସ୍ୱରରେ କୋରସ୍ କରି ପ୍ରଶସ୍ତି ଗାଇବ । କେବଳ ଗୋଟାଏ ଚେତନା ତା’ର,—ସୁବିଧା ପାଇଲେ ଆଗେଇ ଧରିବ ଦାନାପାଣିର ଦଦରା ଛେଣ୍ଡିଲିଆ ଖଣ୍ଡି,—“ଆଉ ମୁଠିଏ ସାର୍, ଆଉ ମୁଠିଏ, ହେ ଭଗବାନ, ଆଉ ମୁଠିଏ ।”

ଆଉ ପଟଟା ଅନୁମାନ କରିହୁଏ । ଅଳତା ନାଇ ଅଳକା ଝୁଲେଇ ଦେଖା ସାଜି ଆସିଥିଲା ତାର ଘରଣୀ,—ମଡ଼ାର ବସ ନାଣ୍ଟାପରେ ସେ ଗର୍ଜନମୟୀ କଙ୍କାଳ, ଉଗ୍ରହସ୍ତା, ଅଭାବରେ ଅର୍ଦ୍ଧମନୁଷ୍ୟ ତାର ସନ୍ତାନପଲ । ସମସ୍ତେ ମିଶି ଅଶାନ୍ତିରେ ହିଂସାରେ ଯେପରି କି ମରଣ ଦେବତାର ପ୍ରୋପାଗାଣ୍ଡାବାହିନୀ,—“ମରଣକୁ ନମସ୍କାର କର, ଜୀବନ ନାହିଁ, ମରଣ ଅଛି, ଆସ ହେ ମରଣ, ଚନ୍ଦ୍ରାରେ ମାୟାଜାଲ

Digitized by srujanika@gmail.com

ବତ୍ସଳ ଆସ, ଶୀଘ୍ର ଆସ ।" ଗୃହିଣୀ ଚତ୍କାର କରେ "ମର୍ ମର୍ ମର୍ ମର୍—"
ସନ୍ତାନପଲ ପାଲି ଧରି ନାଚନ୍ତି ଧେଇ ଧେଇ ।

ହାଃ ହାଃ ହାଃ ହାଃ—ଉଲ୍ଲେଖର,—ହୋଃ ହୋଃ ହୋଃ ହୋଃ—ବାରମ୍ବାର ପେଶେ ବଜ,—ଜୀବନ, କେମିତ୍ୟା ପ୍ରତିଶୋଧ ? ମର୍ ମର୍ ମର୍ ମର୍ ।

ବାହାଘର ପଟୁଆର ଗଲଣି ଦୂରେଇ, ଦୂରର ମହୁରୀ ଖାଲି ଭଙ୍ଗା କୋହ, ରହି ରହିକା ଶୁଭଯାଏ, ରହି ରହିକା ଶୁଭେନାହିଁ ।

ସେପାରର ଚେଉ ପରି ପବନେ ପବନେ ଚହଟି ଆସେ ସେ ।

ତାର ଢମ ଢପ ନାହିଁ, ସେ ନୁହେଁ ବିଦେଶୀ ବ୍ୟାଣ୍ଡ ବାଜା ସହିତ ପଲ୍‌ଟଣ ପଟୁଆର । କାନ ଅତଡ଼ା ପକେଇ ଭୂଇଁକୁ ଘୋଡା ଟାପୁରେ ଚପି ଚାଡ଼ି ପବନକୁ ବ୍ୟାପକଭାବେ ଆକ୍ରମଣ କରେନାହିଁ, ତାର ନାହିଁ ଝକଝକ ନନ୍ଦା ପିତ୍ତଳର ଲୋକଦେଖାଣିଆ ଆଭିଜାତ୍ୟ ।

ଖାଲି ଦୂରର ମହୁରୀ । ବାପ ଗୋସାପ କାଳରୁ ଗାଁ ଗୋହିରୀର ପୁରୁଣା ଗତଟିଏ । ହାତପାଆନ୍ତାକୁ ଆସୁଛି, ଦୂରେଇ ଯାଉଛି, ବାଜି ଯାଉଛି ରହି ରହିକା ।

ମାଡ଼ ବସେନାହିଁ, ବାନ୍ଧ ରଖିବାକୁ ପ୍ରୟାସ ନାହିଁ ମୋଟେ । ଖାଲି ଛୁଇଁଦେଇ ପଳେଇଯାଏ, ଛୁଇଁଦେଇ ପଳେଇଯାଏ । କୁହାଟ ମାରି ଲିଭିପଡ଼େ ଚୋଟା ଉହାଡ଼ରେ, ହେଇ ଦୂରେଇ ଯାଉଛି ।

ସେତ ଅବନା,—ଅନାବନା, ଅନାବନା···

ତଥାପି ମନ ଧାଇଁଯାଏ ତାରି ପଛେ ପଛେ । ଚେତନା କାନେଇ ରହେ ଦୂରରୁ ତାର ଭଙ୍ଗା ଲହର ଗୋଟେଇବାକୁ ।

କାହିଁ କେବର କଥା ହେଲଣି ସେ,—କାଲି ସକାଳ ପରି ଲାଗୁଛି । ମହୁରୀର ପଛୁଆ କମିଆଁରେ ବଣିଯାଉଛି ମେଞ୍ଚି ମେଞ୍ଚି ଚୋଟାମାଳ, ଆମ୍ବ ବଉଳିଛି । ଦୂରରୁ ଦୃଷ୍ଟି ଚହଲେଇ ଦେଖିଲେ ଅନ୍ଧି ହୋଇଯାଉଛି ହାଲୁକା ଖଇରେ କସରା ହଳଦିଆ ରଙ୍ଗର ବଙ୍କା ଟଙ୍କା । ତାହାରି ପ୍ରତିଛବି ମାଳ ମାଳ କ୍ଷେତରେ ଚନ୍ଦା ଟାଙ୍ଗରା ମାଟି, ବିଲରେ କଟା ହୋଇଯାଇଥିବା ହଳଦିଆ ନଡ଼ାର ମୂଳ, ହୁଡ଼ରେ ଅଧ ପାଚିଲା ଟିକ ଲଟାର ମୋଟା ପଳସଙ୍ଗରେ ଗୁନ୍ଦା ଗୁନ୍ଦା ହଳଦିଆ ଫୁଲ । ଯାହାରେ ନୂଆ ଛୁଅଣି ଗୁଳ । ହଳଦି ସବୁଠି, ସେହି,—ବାସନ୍ତିକା ।

ସହରର ବହି ଘୋଷା ମୁଖରୁ ଦୁନିଆଁରୁ ଦଣ୍ଡେ ଫିଟିଗଲେ କି ଶାନ୍ତି ଥିଲା ସେଠି, ସହରଠୁଁ ଦୂରରେ । ଗଛବୃକ୍ଷ—ଶୀତଳ ଧାଡ଼ି ଧାଡ଼ି ଗୁଳଘର ସେଠି, ଖାଲିମାଳ ଆଉ ଚୋଟା । ଅପରାହ୍ଣ ସମୁଦ୍ରର ଶାନ୍ତ ଗୃହ ଆ ତଳେ, ସେଉଁଠି ଗଭୀର ନୀରବ କଲ୍ପ ହର୍ଷିତ ।

Digitized by srujanika@gmail.com

ଯେଉଁଠି ଜୀବନ ସନ୍ଦେହ-କାକୁଳ ନୁହେଁ, ସରଳ, ପରିଷ୍କାର ।

"ସାହୁଏ ଅଛ ଘରେ ?"

ମିଷ୍ଟର୍_ଣ' ନୁହେଁ, ସାହୁଏ ।

"ବସ, ପାନ ଖାଅ, ଯାରେ—ପାନ ଆଣ, ପାନ ।"

ମଠେଇ ମଠେଇ ବସି ସଦାଳାପ କରିବା, ନଠେଇ ନଠେଇ ପାନପତ୍ରରେ ଚୂନ ଲଗେଇ ଧୀରେ ଧୀରେ ଠୁକୁରୁ ଠୁକୁରୁ କରି ଗୁଆକାତିରେ ଗୁଆ ଛେଚିବା, ଘୁଣ୍ଡି ବାଣ୍ଡି ପାଟିରେ ଜାକିବା, ଟିକିଏ ସରଲେ ଆଉ ଟିକିଏ ଯୋଖିବା ।

ମଠେଇ ମଠେଇ ଗ୍ରୁହିଁ ରହିବା ମଫସଲର ସବୁଜନିଆଁ ମଠୁଆ ନାଟକ, ଗାଁ ଗହଣରେ ଯେଉଁଠି ପ୍ରାଚୀନ ଦେଶର ହୃତ୍‌ପିଣ୍ଡଟା ଧକ୍ ଧକ୍ କରୁଛି, ସେମିତ ମଠେଇ, ନଠେଇ ନଠେଇ,—ମଠୋଉଛ କିନ୍ତୁ ବନ୍ଦ ହେଉନାହିଁ, ଗ୍ଲୁଛି ଶତାବ୍ଦୀ ପରେ ଶତାବ୍ଦୀ । ଗ୍ଲ ଆସିଛି, ଘଣ୍ଟା ଦେଖି ତରତର ହେବାନାହିଁ । ମଟର ଚଢ଼ି ଟିକିଏ ଆଭୂତ ପରି ଧୂଳି ଉଡ଼େଇ ଏକାକାର କରିବା ନାହିଁ । ନାହିଁ ରେଲ ଟାଇମ୍ ଦେଖି ଧକାଧକ ପେଲାପେଲି ହୋଇ ହାମେଇ ହାମେଇ ନଥଲ୍ ନଥଲ୍ ହୋଇ ଧାଇଁବା, ଝୁଣ୍ଟିବା, ପଡ଼ିବା ପୁଣି ଧାଇଁବା ।

ଖାଲି ଗ୍ରୁହିଁବା, ବୁଝିବା, ଆପଣା ହୃତ୍‌ପିଣ୍ଡରେ ଅନୁଭବ କରିବା ସେହି ସବୁଜନିଆ ହୃତ୍‌ପିଣ୍ଡର ଧକ୍ ଧକ୍,—ଯେ ବହିରେ ଲେଖାନାହିଁ । ଲେଖାଅଛି ଜାତିର ରକ୍ତରେ ।

ଖାଲି ଶୁଣିବା, ମାତିବା ଭାବନାର ଢେଉରେ, ସ୍ୱପ୍ନିଳ ଆଖିରେ ଗ୍ରୁହିଁ ରହିବା ଦୂରକୁ ଦୂରକୁ । ପାହାନ୍ତିଆବେଳର ଚୂଡ଼ାପାହାରରେ ଆରମ୍ଭ ତାର ଛନ୍ଦ, କମେ ଧାନ ଉସୁଆଁ, ବଡ଼ ପଗ, ଗୁଣ୍ଡ ତିଆରି, ଭୁଇଁରେ ଛଟାକୁଟା, ମୁରୁଜ ବଂଶା, ପୋଖରୀକୂଳେ ଗାଁ ଝିଅଙ୍କ ଗପ, ଜନମାନଙ୍କ ନକୁଟା କାମ, ଗଲ୍ ଧୀରେ ଧୀରେ, ଗାଁର ଘରେ ଘରେ ଚୁଲି,—ବାଉଁଶ ନିଆଁ, ପତ୍ର ନିଆଁ, ସେ ବି ଧିକ ଧିକ ଜଳେ, ହୁରୁ ହୁରୁ ନୁହେଁ । ଦେରକଣରେ କାଞ୍ଜିପାଣି । ସେ ବି କହିବ ସେହି ସରଳ ନିରୁଦ୍‌ବେଗତାର ମଠିଆ ଅପରନ୍ତ କାହାଣୀ । ଘରେ ଘରେ ଦଶ ବର୍ଷର ଉପର ବର୍ଷର କାଞ୍ଜିପାଣି ବସିଛି । ସାଇତା ହୋଇ ରହିଛି ମୂନ ମୂନର ଧୂଳିତଳେ ମୂଗା ମୂଗର ଘରକରଣା, ଅମ୍ଳ ହାଣ୍ଡି,—ସେ ବି ପୁରାତନ ।

"ସାହୁଏ, ବୁଲିଯିବ ନାହିଁ ?"

ଜଳ ଜଳ ଖରାରେ ଗାଈଗୋଠରେ ଷଣ୍ଢ ନାଚୁଛି । ଗ୍ରୁହିଁ ରହୁ ରହୁ ଘଡ଼ିଏ ବେଳ । ଗଛରୁ କାଠି ବୋହୁନେଉଛି କାଉ, ସେଠି ବି ଗ୍ରୁହିଁ ବୁଝିବାର ଉନ୍ମାଦନା । ପିଲାଏ କଂକ ଧରୁଛନ୍ତି । ଉଡ଼ି ପଳେଉଛି ଗୋଟିଏ ପ୍ରଜାପତି । ଠିଆପାଲି ଦେଖି ଦଳ ଯାଉଛନ୍ତି । କୁଣିଆଁ ଘରକୁ ଯାଉଛି କିଏ, ଆଗେ ଆଗେ

Digitized by srujanika@gmail.com

ଚାକିରୀ ହାଣ୍ଡି, ପଛେ ପଛେ ଜାମାଯୋଡ଼ ହୋଇ ଜଣେ, ତା କାନ୍ଧରେ ନାଲି ଟହ ଟହ ପାଟପତନ ନାଇ ଝୁଲୁ ଝୁଲୁ ଗ୍ରନ୍ଥି ସାନ ପିଲାଟିଏ ।

ସମାନ ସମସ୍ୟେ, ବାଦଲୁବଧା ନାହିଁ,—ଅହଂସ—ଖାଦ୍ୟ ଖାଲି ଖଡ଼ାବନ୍ତଯୋଡ଼ ।

ସେହି ଅତୀତ, ସେଇଠି ମିଷ୍ଟର୍ ଶ'ଙ୍କ ଚେର, ସେହି ସେ ପଚ୍ଛୁଆଣି ଦିନର ମଣିଷପଣ, ଖୋଲି ଆସୁଥିଲା ଆସ୍ତେ ।

ଚମକି ପଡ଼ିଲେ ମିଷ୍ଟର୍ ଶ', ବାଲିବାଲେଇଲା ପରି କହି ହେଲେ,—"ଡ୍ୟାମ୍ ଯେଣ୍ଟିମେଣ୍ଟେଲ୍ ରୁବିଶ୍ । ଇଡ଼ିଅଟ୍ ।" କର୍କଶ ସ୍ୱରେ ବଙ୍କେଇ ଉଠିଲା ଓଠ, ଆଖି ମିଞ୍ଜି ମିଞ୍ଜି ହୋଇ ଲାଗି ରହିଲା ଯେପରି କାହା ଉପରେ, ଶଠ୍, ଶଠ୍, ଦୁନିଆ ଗୋଟା ଅବିଶ୍ୱାସୀ ଶଠ୍, ଆପଣା ଦେହରେ ଚଉଛି ଗରଳ, ସେ କାମ କରି କରି ଘଷିହୋଇ ଘୋରିହୋଇ ମରିବାକୁ ଚାହେଁ, ଚାହେ ନାହିଁ ଗାଉଁଲି ଶାନ୍ତି । ଅବେଳାରେ ହଠାତ୍ ଉଠିଛି ଅତୀତର ବେଳା, ପଚ୍ଛୁଆର କରି ଗଲିଛି ଅତୀତ, ଯାହା ଦେବନାହିଁ ।

ବିଦ୍ୟା ହେଲା ଶେଷ, ନିଜେ ହେଲେ ଉଚ୍ଚଗଜ ପଣ୍ଡିତ, ତା ପରେ ବିବାହ, ତା ପରେ ଚାକିରି । ସୁନ୍ଦରୀ ସେ, ତନ୍ୱୀ,—ସୁଲେଖା, କିନ୍ତୁ ସେ ବିଦ୍ୟାର ମୂଲ୍ୟ ବୁଝେ ନାହିଁ, ଚାହେଁ ନରମ ସୁଆଗ, ବୁଝେ ନାହିଁ ପୁରୁଷପଣର ଗାରିମା, କଠୋର ଗୃହ-ସ୍ୱାମୀରେ ଆପଣାକୁ ଢାଳେ ଢାଳେ ଆହୁତ ଦେବାର ମର୍ଯ୍ୟାଦା । ସେ ସଙ୍ଗୀତ ଭଲ ପାଏ, ପଢ଼େ କବିତା, ତାର ସଂସ୍କୃତ ମନରୁ ଉଠୁଥିବା ଢେଉକୁ ସେ ମାଡ଼ିଯିବାକୁ ଚ୍ରେଷ୍ଟାକରେ ପଦାକୁ ପରକୁ ଆପଣାର କରେ । ସୌନ୍ଦର୍ଯ୍ୟରେ ଚହଟାଏ ବଶିଷ୍ଟ ବ୍ୟକ୍ତିତ୍ୱର ତେଜ, ବୋଡ଼ ଖୋଲି ପକାଏ, ସ୍ୱାଧୀନା ହୁଏ । ଅରଣା ଚଢ଼େଇ ସେ, ସୁନ୍ଦର ସତ—କିନ୍ତୁ ମନନାଖି ପୋଷା ମାନେନାହିଁ । ମାଂସଳ ବାହୁରେ ଯାବୁଡ଼ି ଧରିଲେ ତାର ବ୍ୟକ୍ତିତ୍ୱ ସତେକି ଘୃଣାରେ ଥରଉଠେ । ଖୋଲା ଥିଲେ ମନଖୋଲି ହସେ ।

ତା' ପରେ ସଂଘର୍ଷର ଜୀବନ, ଈର୍ଷା, ସନ୍ଦେହ, ଚେଷ୍ଟା ହତାଶାର ।

ଅବିଶ୍ୱାସ ବଢ଼ିଉଠେ, ସୁଲେଖାର ହସ ସରି ଆସେ, କ୍ରମେ ସେ କ୍ଷୀଣ ମୃତ୍ୟୁରି ଅଗ୍ନି, ନିଜେ ଦହୁଛି ନିଜକୁ, ମିଷ୍ଟର ଶ'ର ରକ୍ଷାକବଚ ହୁଏ ମେଦବହୁଳ ପାଣ୍ଡିତ୍ୟ । ଆତ୍ମପ୍ରତ୍ୟୟ ଲାଗି ନାନା ମାର୍ଗ ଖୋଜି କେତେ ଦିନେ ଅଧ୍ୟୟନ ଆରମ୍ଭ ଶ୍ରୀସ୍ତ୍ରୁ...ବୁନ୍ଦାନ୍ ଲୁନ୍ଗାନ୍ ଲୁଗା ଝିଖାଲି ବେତ ଧରି ସପାସପ୍ ଚଟାଚଟ୍, ଠେଙ୍ଗା ଧରି ହୃଦୟ ଜୟ କରିବାକୁ ଅଭିଯାନ ।

ସେ ଉନ୍ନ ରହିଲାକ ସେ ଉପାୟ ।

ସୁଲେଖା ମାଡ଼ ଖାଏ ।

Digitized by srujanika@gmail.com

ସୁଲେଖାକୁ କଷ୍ଟଦେଲେ ମନରେ ଆସେ ଗୋଟାଏ ତୀବ୍ର ଉତ୍ତେଜନା ।

ଏକପ୍ରକାର ଅଦ୍ଭୁତ ଆନନ୍ଦ, ମନର ଗହନରେ !

ବୃଷ ଜାଣିଛି ସ୍ୱାମୀ ତୃପ୍ତି ପାଇଁ ପିଟେ ସୁଲେଖାକୁ ।

ପଡ଼ୋଶୀ କେହି ହୁଏତ ପଚାରିଲେ ସୁଲେଖା ନୂଆ ନୂଆ ଫନ୍ଦି କାଢ଼ି ସଫେଇ ଦିଏ, ପିଉସୀ ମରିଗଲେ,—ମାଉସୀ ମରିଗଲେ ।

ପିଉସୀ ମାଉସୀଙ୍କ ସଂଖ୍ୟା ବାରମ୍ବାର ନିଃଶେଷ ହେଲେ ବି ସୁଲେଖାର ସାମୟିକ କାନ୍ଦଣା ଅଣ୍ଟେ ନାହିଁ; କିନ୍ତୁ ବୃଷସ୍ୱାମୀ ବିଜୟ ପାଏନାହିଁ, ପାଏ ତିକ୍ତତା, ଦାନାପାଣିରେ ପଦ ବୃଦ୍ଧି ସେ ତିକ୍ତତାରେ ଇନ୍ଧନ ଯୋଗାଏ, ବାରମ୍ବାର ଭାବେ — ଜୀବନଟା ହୋଇଥାନ୍ତା ଆଉ ପ୍ରକାରେ, ହୋଇ ପାରିଥାନ୍ତା !

ଆଜି ଜୀବନଚେତନା ନାହିଁ କିନ୍ତୁ ବିଭ୍ରାଟର ସ୍ତୂପ ଅଗଣିତ । ସୁଲେଖା ସନ୍ତାନବତୀ, ଗୋଠପୂର୍ଣ୍ଣ ସନ୍ତାନମାନଙ୍କ ଉତ୍ତୁଆଳରେ ରହି ହାଡ଼ଚମର ସୁଲେଖା ଆୟୁଷର ବୋଝକୁ ଟାଳିଯାଏ, ଆଜି ତାର ନିଃଶେଷିତାର ସ୍ୱାଧୀନତା । ମିଷ୍ଟର ଶ' ଆଶ୍ରୟ ନେଇଛି ଫାଇଲକୁଢ଼ରେ, ନିଜକୁ କାର୍ଯ୍ୟନିବଦ୍ଧ ରଖିବା ଉପାୟରେ । ସଂଘର୍ଷରେ ସୁଲେଖାର ପ୍ରତୀକ ତାର ଅଧସ୍ତନ ଯେତେ ସମସ୍ତେ । ଆଜି ଦରିଦ୍ର ହୀନବଳ ଉପରେ ଅତ୍ୟାଚାର କରି କରି ତାର ସଢ଼ିଆସୁଥିବା ଯୌନକ୍ଷୁଧାର ଶେଷ ରକ୍ତ ରୂପାନ୍ତରରେ ଆନନ୍ଦ ପାଏ, ଡିକ୍‌ଟେଟର ହୋଇ ତଥାପି ସେ ଖୋଜିରହେ ଆତ୍ମବିଶ୍ୱାସ, ଜଗତକୁ ଭ୍ରୂକୁଟି ଦେଖାଇ ତର୍ଜନରେ ମଜା ସେ ନିଜ ଜୀବନ ଉପରେ ପ୍ରତିଶୋଧ ନିଏ ।

ଘାଉଡ଼ା ମଣିଷ, ସନ୍ଦେହୀ, ଅଶାନ୍ତ ।

ଗୋଟାଏ ଆର୍ତ୍ତ ହାହାକାର ମୂର୍ତ୍ତିମନ୍ତ ।

ପଦାକୁ ସେ ଅତି ଭୟାନକ, ଉପରିକମାନଙ୍କ ବିବେଚନାରେ କୁମ୍ଭୀର କର୍ତ୍ତୃପକ୍ଷଙ୍କ ବିବେଚନାରେ ସେ ଅତିମାତ୍ରାରେ କାର୍ଯ୍ୟକୁଶଳ, ଦୁର୍ଦ୍ଧର୍ଷ, ଷ୍ଟିମ୍ ରୋଲର,—ସେ ସବୁ ପାରେ ।

ଭାବନାରେ ରଞ୍ଜକ ଲଗିଲାପରି ହଠାତ୍ ମିଷ୍ଟର ଶ' ବଡ଼ ଚଞ୍ଚଳ, ଗୋଟାଏ ବଡ଼ ଦାୟିତ୍ୱର ସମସ୍ୟା ମନେପଡ଼ିଛି । ଏଥର ଧୂମପାନ । ମିଷ୍ଟର ଶ' ବଡ଼ର ପକ୍ଷପାତୀ । ଘଣ୍ଟାକରେ କଠାଏ ସରିଯିବ, ତଳେ ଥୁଆ ହୋଇଥିବା ବଡ଼ ଫ୍ୟାନ୍‌ରେ ଉଡ଼ିଯିବ ତାର ଶେଷାଶେଷି ଲଞ୍ଜ । ଆରମ୍ଭ ହେଲା ଦମ୍ । ପଦାର ପଙ୍କବାଟେ ଚୁହିଁଦେଇ କିରାଣିମାନେ ଫେରି ବୁଲିଗଲେ । ସାହେବ୍ ବଡ଼ ପିଉଥିଲେ–

Digitized by srujanika@gmail.com

ବେଳେ ବାଧା ଦେବା ବାଧ୍ୟବାରୁଙ୍କ, କାରଣ ସମସ୍ତେ ଜାଣନ୍ତି, ବଡ଼ଧୁଆଁ ରେ ବନ୍ଧୁରଙ୍କ ପରିଷ୍କାର କରୁଥିଲାବେଳେ ସାହେବ୍ ମୁଣ୍ଡକାମ କରନ୍ତି; ବଡ଼ ବଡ଼ ସମସ୍ୟା ତୁଟାନ୍ତି ।

ପଦାରେ ଚପରାଶି ପାଖେ ବଳୀଦତ୍ତ ପେଶ୍‌କଲା ନିଜ ନାଁ ଲେଖା ଚିର୍‌କୁଟି କାଗଜ ଖଣ୍ଡି ।

"ଅପେକ୍ଷା କରନ୍ତୁ, ଦେଖୁ ନାହାନ୍ତି ? ସାହେବ୍ ବଡ଼ ବିଜି ଅଛନ୍ତି, ଏତେବେଳେ ଖାଇବା କାମ ସଫା ହେଉଛି; କେହି ଯିବା ମନା—"

ଚପରାଶି ତାର ବେଞ୍ଚଟିରେ ବସି ଧୂମପାନ କରୁଛି, ପାଖରେ ଥୋଇଦେଇଛି ତାର ପଗଡ଼ିଟି ଅନ୍ତତଃ ଦଖଲ ଅଧିକାର ବଜାୟ ରଖିବାକୁ । ବେଳେବେଳେ ଅବଜ୍ଞା ଅନାଦରରେ ଚାହିଁ ଦେଉଛି ଟହଲ ମାରୁଥିବା ବଳୀଦତ୍ତଆଡ଼କୁ । ମଝିରେ ମଝିରେ ଘରଭିତରୁ ଶୁଭୁଛି କନ୍ଦରର ଗର୍ଜନ ପରି ଗମ୍ଭୀର ଗର୍ଜନ, ଘୁଁଷି ରଖିଲାପରି, ତଥାପି ଭୟପ୍ରଦ । ସେତକବେଳେ ଚପରାଶି ଚମକି ପଡ଼ୁଛି, ତରତର କରି ପଗଡ଼ିଟି ମୁଣ୍ଡର ଟାଲକି ଉପରେ ଥୋଇଦେଇ ପଗଡ଼ି ସ୍ଥାନରେ ଗୁଣ୍ଡର ବଣ୍ଡିଟି ବେଞ୍ଚରେ ରଖି ଧପାଲି ଯାଉଛି ପର୍ଦ୍ଦା ପାଖକୁ, ପୁଣି ବେଞ୍ଚପାଖକୁ ଲେଉଟି ଆସୁଛି । ବଳୀଦତ୍ତ ଚପରାଶି ଆଡ଼କୁ ଈର୍ଷାରେ ଚାହିଁ ପୁଣି ପିଣ୍ଡା ଉପରେ ଟହଲ ମାରୁଛି, ରହି ହେଉନାହିଁ, ଯାଇ ହେଉନାହିଁ ।

ଅଧଘଣ୍ଟାଏ, ଘଣ୍ଟାଏ, ଦେଢ଼ଘଣ୍ଟା ଟହଲୁଛି ନୂଆ ଅଫିସର୍ । ବାରମ୍ବାର ହାତ ଉପରକୁ କାମିଜର ଅଗ ଟେକି ଧରି ସେ ହାତଘଣ୍ଟା ଦେଖିଲାଣି, ପ୍ରତି ଦେଖା ଯେମିତି କି ଗୋଟାଏ ଗୋଟାଏ ଆବିଷ୍କାର । ବହୁତ ବିବସ୍ତ ହୋଇ ଦେଖି ଦେଖି ହୃଦୟଙ୍ଗମ କଲାଣି ସମୟର ଦୁର୍ନିବାର ଗତି ! ଦେଖିଲାଣି,—କାଳଃ ଗଚ୍ଛତି ଗଚ୍ଛତ୍ୟାୟୁ । ହଜିଲା ମୁହୂର୍ତ୍ତକୁ ଫେରାଇ ଆଣିବା ଅସମ୍ଭବ ।

ଉଦ୍‌ବିଗ୍ନ ଲାଗୁଛି ସତ, ବିଶେଷତଃ ଏଇ ଚପରାଶି ତାରତମ୍ୟରେ ବଢ଼ାଇ ଦେଉଛି ଉଦ୍‌ବିଗ୍ନତା, କିନ୍ତୁ ସେ କାରଣ ନୁହେଁ । ଅପେକ୍ଷାକରି ଜାଣେ, ନହେଲେ ସିଦ୍ଧି ପାଇବା ଅସମ୍ଭବ । ଦର୍ଶନ କରିବାପାଇଁ ଆଉ ଜଣେ କିଏ ସାହେବୀ ପୋଷାକପିନ୍ଧା ଭଦ୍ରଲୋକ ଆସିଲେଣି । ସେ ବି ଚପରାଶିକୁ ଧରେଇ ଦେଲେଣି ତାଙ୍କ ନାଁ ଲେଖା କାଗଜ ଖଣ୍ଡିଏ ଏବଂ ମୁହଁକୁ ତଳକରି ମାପିଲାପରି ଖୋଜ ପକାଇ ଖଟ୍ ଖଟ୍ କରି ଟହଲ ଲଗେଇଲେଣି ବଳୀଦତ୍ତ ଟହଲୁଥିବାର ବିପରୀତ ଦିଗକୁ ।

ଭଲ, ଦୁଇଜଣ ଦୁଇଆଡ଼କୁ ମୁହଁକରି ଖଟ୍ ଖଟ୍ ଖଟ୍ । ଚପରାଶି ଦୃଶ୍ୟ ଉପଭୋଗ କରୁଥିଲା । ଏଥର ସେ ବଟୁଆ ଖୋଲି ପାନ ଭାଙ୍ଗିବା ଆରମ୍ଭ କଲାଣି । ବେଳେବେଳେ ଚାହିଁଦେଉଛି ଦୁଇ ଭଦ୍ରଲୋକଙ୍କଆଡ଼କୁ । କେହି ପଚାରିବାକୁ ଚେଷ୍ଟା କଲେ ସେ ତାର ଗଣ୍ଡିଗଣ୍ଡିଆ ପାପୁଲି ଟେକେ, ପିଣ୍ଡାରେ ଟ୍ରାଫିକ୍ ଥପ୍ କରି ବନ୍ଦ ହୋଇଯାଏ । କୋଠରୀ ଭିତରକୁ ସେ ନିଃଶବ୍ଦରେ ଇଙ୍ଗିତ ଦେଖାଏ ତାଲର

Digitized by srujanika@gmail.com

ଙ୍କାଙ୍କୁ ଦେଖାଇଲାପରି । ଏତିକି ଯଥେଷ୍ଟ, ତା ପରେ ସେ ପାନ ଚୋବାଇବସେ, ବାବୁଭାଇଙ୍କୁ ଟେହଲିବାର ଦୃଶ୍ୟ ଉପଭୋଗ କରେ ।

ଟେହଲନ୍ତୁ ସେମାନେ, ପୁରୁଣା କାଳର ଚପରାଶିଙ୍କବେ ଏଥିରେ ତାର ଇଜ୍ଜତ ବଢେ । ବୁଢ଼ାଲୋକ ସେ, ଆଖିପତା ଧଳା ହେଲାଣି, ସିପାରଙ୍କର ଆଖି, କଠୋର ଅନ୍ଧ୍ୟମରେ କଟାହୋଇ ଠିଆ କଣ୍ଟାପରି ଧଳା ମୁଛ, ମୁଣ୍ଡରେ ପ୍ରକାଣ୍ଡ ଗୋଳଆ ପଗଡ଼ି, ନାଲି ହଳଦିଆ ଧଳା, ଦେହରେ ଯାହା ପୋଷାକପରି ଲମ୍ବା ନାଲି କୋଟ, ତା' ଉପରେ ଆଡ଼ବାଙ୍କରେ ଓସାରିଆ ବହଳ ଦୋପୁଣ୍ଡ ପଟି । ସେଥିରେ ପିତଳର ଖୁବ୍ ବଡ଼ ଚକ୍‌ତି, ଝକ୍ ଝକ୍ କରୁଛି, କୁମ୍ପାନୀର ନାଁ ଲେଖାହୋଇଛି । ଭିତରେ ସାହେବ୍, ପଦାରେ ଟେହଲିଆ ଦର୍ଶନପ୍ରାର୍ଥୀ. ମଝିରେ ସେ—ସେ ଗୃହେଁ ପଣ୍ଡିତରେ ଗାମ୍ଭୀର୍ଯ୍ୟ ।

ବଳୀଦତ୍ତ ତା ପାଖକୁ ଯାଇ ପୁଣି ଥରେ ଧୀରେ ଧୀରେ ଅନୁନୟ କଲା,— "ଯାଅ ଟିକଏ ।"

"ହୁଁ ।"

"ଯାଉନ, ଜରୁର ଅଛି, ତେଣେ କୁମ୍ପାନୀର କାମ ନଷ୍ଟ ହଉଚ. ମୁଁ ଏଠି ଅପେକ୍ଷା କଲେ ସାହେବ ଜାଣିଲେ ବିରକ୍ତ ହବ ।"

ଚପରାଶି ତାର ଅଜ୍ଞତା ଦେଖି ହସିବାକୁ ଇଚ୍ଛାକଲା ମୁହୂର୍ତ୍ତେ । ଓଠର ବାଙ୍କ ପୁଣି ସିଧା ହେଲା । ସେ ତାର ଗାମ୍ଭୀର୍ଯ୍ୟ ନଷ୍ଟକରି ଦୁର୍ବଳତାକୁ ପ୍ରଶ୍ରୟ ଦେବନାହିଁ । ଗମ୍ଭୀର ହୋଇ ମୁଣ୍ଡ ହଲେଇ କହିଲା—"ଜାଣିନା, ସେ ବାଘ ।"

"ଏଁ ।"

"ରକ୍ତମୁଖା ବାଘ ।"

ବଳୀଦତ୍ତର ଦେହର ରକ୍ତ ଶୁଖିଗଲା । ହୁଏତ ଆଗନ୍ତୁକର ଦେହର ରକ୍ତ ମୁହଁର ତେଜ ଶୁଖେଇବା ପାଇଁ ଏ ସମୁଦାୟ ବ୍ୟବସ୍ଥା । ଭିତରକୁ ପଶିଲାବେଳକୁ ତାର ଆଉ କିଛି ନଥିବ ।

ହଠାତ୍ ଟିଂ କରି ବାଜିଉଠିଲା ଡକରା ଘଣ୍ଟି, ଭିତରୁ ଘଡ଼ଘଡ଼ି ପରି ଗର୍ଜନ ଶୁଭିଲା, "କୋହାଇ ! କୋହାଇ !"

ଧଡ଼ପଡ଼ ହୋଇ ଧାଇଁଗଲେ ଚପରାଶି, ଭିତରୁ ଶୁଭିଲା ତାର ଗଦ୍‌ଗଦ ପ୍ରତ୍ୟୁତ୍ତର—

"ହଜୁର୍" ।

ବଳୀଦତ୍ତର ହୃତ୍‌ପିଣ୍ଡ ଉପରେ ଦୁମ୍‌କନା ପାହାର ପଡ଼ିଲା, ଭାବିଲା,— ଏଇ କ'ଣ ବେଳ ! ଏଇ କ'ଣ ବେଳ ! ମୁଣ୍ଡ ଭିତରେ ଭଉଁରି ଖେଳୁଛି ଦେହ

Digitized by srujanika@gmail.com

ନିନାଦ,—"ଚୋହାଇ ! ଚୋହାଇ !—" 'ଚୋଇ ହାୟ୍'ର ସାହେବୀ ଡାକ ଏବଂ 'ହଜୁର',—ସେ 'ହଜୁର'ର ଭୂରନ୍ତ ପ୍ରକାଶ ଚଟ୍‌ପଟ୍ ! ମୁହଁ ଝାଳେଇଗଲା, ଆଉଜି ପଡ଼ିଲା ସେ କାନ୍ଥକୁ ।

ମନଭିତରୁ କେଉଁ ଅଜ୍ଞାତ ଚେତନାରେ ସନ୍ଦେଶ ଛୁଟିଛି, ଏଥର ତାର ଡକରା ପଡ଼ିବ । ଅନୁଭବ କଲା,—ଭବନା ଓଲଟି ପାଲଟି ଯାଉଛି, ଦେହ ଥରେଇ ଥରେଇ ଗୋଟାଏ ଅଜଣା ଭୟ । ଭିତରେ ସାହେବ, – ତାର ଗନ୍ତମୁକ୍ତିର ଅଧିନାୟକ, ତାର ଦାନାପାଣିର ବ୍ୟକ୍ତିତ୍ୱକୁ କଲମର ଏକା ଗ୍ରେଟକେ ମାରି ପାରିବ, ତାରି ପାରିବ । ଦାନାପାଣି ! ଓଃ ! କେଡ଼େ ଦରିଦ୍ର । ଦରିଦ୍ର ସେ ! ଦାନାପାଣି !—ଯେପରିକି ଗୋଟାଏ ନରଭୂକ୍ ଲଟାର କଳା କଳା ଗଣ୍ଡିଗଣ୍ଡିଆ ପିଅ, ଘୁରେଇ ଧରିଛି, ମାଡ଼ି ଆସୁଛି ଘୁପି ଆସୁଛି ତଳଆଡ଼ୁ । ବେକ ଚିପି ଦଉଛି, ତଣ୍ଟି ଅଠା ଅଠା । ରୁମାଲ କାଢ଼ି ରଗଡ଼ି ରଗଡ଼ି ମୁହଁ ପୋଛିଲା, ପ୍ରସ୍ତୁତ କଲା ନିଜକୁ ଯଥାସାଧ୍ୟ । ତଥାପି ଅପ୍ରସ୍ତୁତ, ବଳିର ପଶୁ । ଯନ୍ତ୍ରକୁ ସତ ଚପରାଶି ଧାଇଁଆସି ହାତ ଦେଖାଇ ଅଭିବ୍ୟକ୍ତ କଲା, ଡାକରା ପଡ଼ିଛି ।

ତୋଫାନରେ ଓଟାଣ୍ଡ ହେଲପରି ଠେଲଦେଲା ପରି ପର୍ଦା । ଆଡ଼େଇ ସେ ଭିତରକୁ ପଶିଲା, ତୁଆରମୁହଁ ଟପି ଦୂରକୁ ଚାହିଁଦେଇ ଅଣ୍ଟାରୁ ଭଙ୍ଗିପଡ଼ି ଜଣାଣ ଜଣେଇଲା ।

"ଗୁଡ୍ ମର୍ଣ୍ଣିଂ—ସାର୍ ୟୋର୍ ଅନର୍—"

ଦୂରରୁ ଜବାବ୍ ଆସିଲା—"ସୀଟ୍ ଡାଉନ୍, ସୀଟ୍ ଡାଉନ୍—" ବସିପଡ଼ । ବାବା ହୋଇ ଦୂରକୁ ଚାହିଁଲା । ବସିବାକୁ ହେଲେ ପାଖକୁ ଯିବା ଦରକାର । ଯିବ କି ? ସାହେବ୍‌ର ମୁହଁ ତଳକୁ, ଫାଇଲ ଉପରକୁ ।

"ସୀଟ୍ ଡାଉନ୍—ୟୁ ହିଆ—"

ଆଦେଶର ପ୍ରଚଣ୍ଡତା ଯେପରି ତାର କାନ୍ଧରେ ହାତ ମାଡ଼ି ତଳକୁ ଚପି ଦେବାକୁ ଚାହେଁ । କୋଟ୍-ପ୍ୟାଣ୍ଟ ପିନ୍ଧା ବଳୀଦାଣ୍ଡ ଦବିଯାଇ ସେହି ଚଟାଣରେ ବସିପଡ଼ିଲା ସୀଟ୍ ଡାଉନ୍‌ର ତୋଫାନ ତଳେ ।

"ଇଡିଅଟ୍—" ଗର୍ଜିଲେ ସାହେବ—"କମ୍ ହିଆ !"

ଥରି ଥରି ଆଗେଇ ଚାଲିଲା ବଳିର ପଶୁ, କାନ ଖାଁ ଖାଁ କରୁଛି । ସାହେବ୍ ତାର ନାଁ ଲେଖା କାଗଜ ଖଣ୍ଡି ଉଠେଇ କାଗଜରୁ ତା ଉପରକୁ ତା ଉପରୁ କାଗଜକୁ ମିଳେଇ ଦେଖିଲା ଚାହାଣୀରେ ବାରମ୍ବାର ଦେଖିଲେ, ତାଳୁରୁ ତଳପାଯାକେ ।

ଥରିଲାଗିଲା ବଳୀଦାଣ୍ଡ, ଥରିଲାଗିଲା । ଥରି ଥରି ବ୍ୟାକରଣ ଭୁଲ ଅଶୁଦ୍ଧ ଇଂରେଜୀରେ ଗାଇଗଲା ନିଜ କଥା, ସେ ଆସିଛି, ଆସୁ ଅଛି କାମରେ ଜଏନ୍ କରିଛି,

Digitized by srujanika@gmail.com

ସେ ପ୍ରାଣପାତକରି ପରିଶ୍ରମ କରିବ, ତାର ଭୁଲ୍ ହେଲେ ସାହେବ ତାକୁ କ୍ଷମା କରିବେ, କେତେ କଥା ।

ପାଞ୍ଚମିନିଟ୍ । ସାହେବ ଶୁଣିଗଲେ । ତାପରେ କହିଲେ, "ୟେସ୍ ।"

'ୟେସ୍' ମାନେ ହଁ ବୋଲି ସେ ଜାଣେ, ଜାଣେ ନାହିଁ ସାହେବ 'ୟେସ୍' କହିଲେ ବୁଝାଏ, ଚାଲିଯାଅ । ଠିଆହୋଇ ରହିଲା ।

ଗମ୍ଭୀର ହୋଇ ସାହେବ ପଚାରିଲେ ଇଂରାଜୀରେ—'କୁଆଡ଼େ ଆସିଥିଲ' ।

"ହଜୁରଙ୍କୁ ପ୍ରଣିପାତ କରିବାକୁ ।"

"ପ୍ରଣିପାତ ତ କରିସାରିଛ ଆଉ କଣ୍ ?"

"କିଛି ନାହିଁ ।"

"ଯାଇପାର, କାମ କର ଯାଇ, ବୃତ୍ତ୍ ବକ ପରି ଚାହିଁନ୍ଥ କଣ, ଯାଅ ।" ହଠାତ୍ ସେ ଚଞ୍ଚଳହୋଇ ଉଠିଲା. ତୁଣ୍ଡରୁ ବାହାରିଲା, "ହଜୁର୍—"

'ଗେଟ୍ ଅଉଟ୍, ୟେସ୍ !"

ଗେଟ୍ ଆଉଟ୍‌ର ଠେଲାରେ ଢେଙ୍କିଲପରି ସେ ବାହାରି ଆସିଲା. ହାବଭାବରେ ଗୁଡ଼ଦେଇ ଆସିଲା ତାର ବ୍ୟକ୍ତିତ୍ୱର ଚୂଡ଼ି ତାଙ୍କର ପାଦତଳେ । ପଦାରେ ଚପରାଶି ଧରିଲା, କହିଲା, "ବକ୍‌ସିସ୍ ?"

ବ୍ୟକ୍ତିତ୍ୱ ଖର୍ବ ହୋଇଯାଇଥିଲା, ବାହାରେ ଖୋଲାରେ ଫୁଙ୍କାରେ ନୂଆ ଧାରଣାର ପବନ ପିଇ ପିଇ ପୁଣି ସେ ଫୁଲିଉଠୁଛି, ବାରମ୍ବାର ନିଜକୁ ନିଜେ ଚେତେଇ ଦେଉଛି; ସେ ଅଫିସର; ସେ ସାଧାରଣ ନୁହେଁ; ତାର ବହୁତ ପ୍ରବଣତା, ବିଶିଷ୍ଟତା ବହୁତ । ଧାଡ଼ି ଧାଡ଼ି ପାଗଖୋପରେ କିରାଣିମାନେ ବସି କାମ କରୁଛନ୍ତି; ଏତେ ମୁହଁ; ଏତେ ବେଶ;---ସେମାନଙ୍କଠାରୁ ଉନ୍ନତତର ସେ; କେବେ କେଉଁ ପରିସ୍ଥିତରେ କାହାର ଦାନାପାଣି ତାହାରି କଲମ ମୁନରେ ରହିବ; କେବେ କେଉଁ ସୁନେଲି ବେଳାରେ କାହାର ସେ ହେବ ଭାଗ୍ୟବିଧାତା ।

ସେ,—

ମୁହଁ ଟେକି ସେମାନେ ଚାହୁଁଛନ୍ତି, କୁତୂହଳୀ ଆଖି, ସମ୍ଭ୍ରମ ପରିସ୍ଫୁଟ । ସେମାନେ ଈର୍ଷା କରୁଛନ୍ତି ତାକୁ ।

ଆଉ ଘଣ୍ଟାଏ ତ, ତାପରେ ଅବଶ୍ୟ ଚାରିଆଡ଼େ ରଟିଯାଇସାରିଥିବ, ତାର ନାଁ, କେବଳ ଏ ଅଫିସ୍ ଘରେ ନୁହେଁ, ପଦାରେ, ସହରରେ, ସହରକୁ ଆଗନ୍ତୁକ ମଫସଲମାନଙ୍କ ତୁଣ୍ଡରେ ବୁହାହୋଇ କେଉଁ ଦୂରଦୂରାନ୍ତରେ । ଏ ପ୍ରାନ୍ତରେ କୃପାନୀ ପରାକ୍ରମୀ, ଧନରେ, ବଳରେ, ପ୍ରତିପତ୍ତିରେ ବ୍ୟବସାୟରେ ଏବଂ କ୍ଷମତା— ତାର ସଂଜ୍ଞା ଏହି ଏତେଗୁଡ଼ାଏ ଉପାଦାନର ବାହାରେ ନୁହେଁ, ଏଠିକରେ ସେ ସୀମାବଦ୍ଧ ।

Digitized by srujanika@gmail.com

ନଗ୍ରେଲା କୋଠିରେ ପର୍ଦ୍ଦା ପଛଆଡ଼େ ଧର୍ଷଣ,—କୁମ୍ପାନୀ କୋଠିର ଓପାର ବରେଣ୍ଡାବାଟେ ଜୋତା ଖଟ୍ ଖଟ୍ କରି ଆଗେଇ ଗ୍ଲଲଲବେଳେ ସେ ଧର୍ଷଣର ଚେତନା ବେଳୁ ବେଳୁ ଦୂରେଇ ଯାଉଛୁ, ଘଟନା ଉପରେ ବର୍ତ୍ତରର ଗ୍ଲପ ଆସି ହୃଦୟର ଘୁଣି ଦେବା ଗୁମ୍ଫାରୁ ଉଠି ସେ ଆସୁଛୁ ପ୍ରଶସ୍ତ ମୁକ୍ତ ବର୍ତ୍ତରର ଉନ୍ମୁକ୍ତ କ୍ଷେତକୁ, ସେଠି ମନରେ ଓଳମାନ ନାହିଁ, କେବଳ କାରଣର ସମର୍ଥନରେ ଫଳର ଗଣନା, ମନକୁ ସେ ସ୍ପର୍ଶ କରେନାହିଁ ।

ସେହି ବର୍ତ୍ତରର ମାପରେ ଧର୍ଷଣର ପରମାପ କରି ବଳୀବର୍ଦ୍ଦ ବୁଝିପାରୁଛୁ, ଏ କିଛୁ ନୁହେଁ, କିଛୁ ଘଟିନାହିଁ, କଣ ବା ଘଟିଛୁ । ସାହେବ୍ ପିଲ୍ଲ ନେଇ କର୍ମନ ଜୀବନରେ ଏସବୁ ସେ ବହୁତ ଦେଖିଛୁ । ମୋଟାପର୍ଦ୍ଦା ଉଢ଼ୁଆଳରେ ନଗ୍ରେଲା କୋଠିରେ କେତେ ବଡ଼ ବଡ଼ ଲୋକଙ୍କର କେତେ ପ୍ରକାର ସତ୍କାର ହୁଏ, ସାହେବ ତୁଣ୍ଡର ଗର୍ଜନ, ହାକମ ମୁହଁର ଭ୍ରୂକୁଟି, ସୃଷ୍ଟି ଛଡ଼ା ସୀମାବେଢ଼ା ବାହାରର ଦୃଷ୍ଟି-ମାର୍ଗଫଳକ ଦୁର୍ଭାଗ୍ୟର ତାଣ୍ଡବଲୀଳା,—କାଗଜରେ ଅଙ୍କା ହୁଏନାହିଁ, ପର୍ଦ୍ଦା ଟପି ଯଦାକୁ ବାହାରେ ନାହିଁ । ଅପମାନ, ଧର୍ଷଣ ଖାଇ ହଂସପରି ପିଠି ଝାଡ଼ିଦେଇ ଯଦାକୁ ଆସି ବଡ଼ ବଡ଼ ଲୋକେ ଅମ୍ଳାନ ବଦନରେ କହିପାରନ୍ତି’—ସାହେବ୍ ଖୁବ୍ ଉର୍ଚ୍ଚା କଲା; ସୁଖଦୁଃଖ ପଗ୍ଚରିଲା, କି ସ୍ନେହ କି ସଦ୍‌ଭାବ !

ଲୋକେ ଶୁଣି ପ୍ରଶଂସା କରନ୍ତି, ଚୁପ୍‌ଗୁପ୍ ଗାଳି ହଜମ କରି ଯଦାକୁ ଆସି ପ୍ରଶଂସା ପାଇଛୁ କହିଲେ ଲୋକ ନିଜେ ଅନ୍ୟମାନଙ୍କ ଚକ୍ଷୁରେ ସମ୍ମାନଭାଜନ ହୁଏ, ବେପାରୀ ଖାଲି ହାତରେ ତୁଣ୍ଡରେ ହଜାରେ ହଜାରେ ଟଙ୍କାର ନା ଧରି ଅନ୍ୟମାନଙ୍କ ବିଶ୍ୱାସ ଜନ୍ମାଇ ଅନ୍ୟମାନଙ୍କଠୁ ଟଙ୍କା ଠୁଳ କରିପାରେ । ସେହି ତ ଟ୍ୟାକ୍‌ଟ୍,—ପ୍ରକୃତ ଶାସ୍ତ୍ରର ନୀତି । ପରାଜୟ ପାଇ ପରାଜୟ ବୋଲି ମାନିଲେ ଲୋକ ଧୀରେ ଧୀରେ ତଳକୁହିଁ ଦବି ଲାଗିଥାଏ, ଆଉ ତାର ଜୟର ଆଶା ନାହିଁ । କିନ୍ତୁ ପରାଜୟକୁ ଜୟ ବୋଲି ଚଳେଇ ଦେଇ ଯେ ଆପଣା ମନର ଫାଢବାପଣ ଦେଖାଇପାରେ ଅପମାନ ପାଇ ମାନ ମିଳିଲା ବୋଲି ଦଶଜଣ ବନ୍ଧୁଙ୍କୁ ଡାକି ଭୋଜଭାତ ଦେଇପାରେ ସେହି ତ ହୁଏ ଦୁର୍ଦ୍ଧର୍ଷ । ତେଣୁ ସେ ନ ପାରିବ କାହିଁ ? କେବଳ ବର୍ଷାକୁ ଛତା ଦେଖାଇବା ନୁହେଁ ପିଠିକି ପଥର କରିବା ମଧ୍ୟ ସାଫଲ୍ୟବାଦର ଅମୋଘ ନୀତି । ଆଉ ପଥର ବା କଣ ? ଉପରିକ ସାହେବଠୁଁ ଯଦି ଗାଳି ନ ମିଳିବ ଆଉ ଗାଳି ଦେବାକୁ ଶକ୍ତି କାହାର, ଗାଳି ବା ଦେଇ ପାରିବ କିଏ ?

ଭାବୁ ଭାବୁ ବଳୀବର୍ଦ୍ଦ ମୁହଁରେ ଖେଳିଉଠିଲା ତାର ବ୍ୟବସାୟୀ ବାଙ୍କ ହସ, ହସ ନ ହେଉ ପଛେ —ହସେ ହସ ପରି ।

Digitized by srujanika@gmail.com

ଏବଂ ସର୍ବୋପରି ଅଫିସର୍ ବାପୁଆବଲାଦ ବଡବାବୁଙ୍କ ପାଖକୁ ଯାଇ ଯାଇ ତାର ପୂର୍ଣ୍ଣ ବିଶ୍ୱାସ ଆସିଲା,—ସେ ମାଛ ଠିକ୍ ରଖିବ, ଅଟରେ ସେହି ମାଛବଳରେ ସାରଙ୍ଗୀ ବଜାଇ ନଚାଇ ପାରିବ ଖଲ୍‌କୁ, ଯେତେ ବଡ ପାହାଡ଼ ଖଲ୍ ହେଉ ସେ ।

ବଡ଼ବାବୁ ଅଫିସର୍ ଶ୍ରେଣୀର ମୂର୍ଦ୍ଧନ୍ୟ, କିରାଣି ଶ୍ରେଣୀର, ସର୍ବୋଚ୍ଚ ବଡ଼ ପାହ୍ୟାର । ଆପଣା ଶ୍ରେଣୀର ମୂର୍ଦ୍ଧନ୍ୟ ବୋଲି କଂପାନୀର ଅନେକ ଅଫିସର୍ ତାଙ୍କୁ ଭଲ ମୁହଁରେ ଦେଖନ୍ତି, ତାଙ୍କ ଗୁରୁତ୍ୱକୁ ବୁଝନ୍ତି । ସେମାନଙ୍କ ଦୃଷ୍ଟିରେ ସେ ଅଜାତ, ସେଠି ମିଶାମିଶି କଲେ ନିଜ ପଦ-ମର୍ଯ୍ୟାଦା କ୍ଷୁଣ୍ଣ ହେବ ପରା । କିନ୍ତୁ ସାଫଲ୍ୟର ଚୂଡ଼ା ବଳୀଦତ୍ତ ଦାସ ନିଜର ଅତୀତ ଜୀବନରୁ ଜ୍ଞାନ ସଞ୍ଚି ପାଇଛନ୍ତି ଭିନ୍ନ ତଥ୍ୟର ସନ୍ଧାନ, ସେ ବୁଝିଛନ୍ତି—କିରାଣି ବି ହସିପାରେ, ଏବଂ ଅଫିସର ବଡ଼ବାବୁଙ୍କ ହସ ଶାଣଦିଆ ହସ, ସେ ଫମ୍ପା ନୁହେଁ । କିରାଣିହିଁ ଯେକୌଣସି କମ୍ପାନୀ, ଯେକୌଣସି ଅନୁଷ୍ଠାନରେ ମୂଳ କାରିଗର—ସେହି ଅଧାପେଟରେ କାମକରା ଜୀର୍ଣ୍ଣଶୀର୍ଣ୍ଣ ପ୍ରାଣୀ, ପରିଶ୍ରମର ଚାପରେ ଯେ ଘାରିହୁଏ ସକାଳୁ ରାତିଯାକେ; ପୁଣି ଘରକୁ ଫାଇଲ୍ ଆଣି ମିଟ୍ ମିଟ୍ ନଲ୍‌ଟଣ ଆଲୁଅ ପାଖେ ଆଣ୍ଠେଇପଡ଼େ ସପ ଉପରେ, ଯାହାର ଦରମା ପନ୍ଦର ଦିନ ଯାଏ ନାହିଁ, ଯାହାର ନିଜ ଫାଇଲ୍ ଟପି ପଦାକୁ ଯିବାକୁ ଅବସର ପାଏନାହିଁ, ଦେଖିବାକୁ ନିଅଣ୍ଟିଆ ଘର-କରଣା ଯୋଜନାରେ ଗୃହିଣୀର କେତେ ରକ୍ତ ଶୁଖିଲାଣି, ଝଡ଼ିଲାଣି କେତେ ଆୟୁଷ, ପିଲାଏ କେଉଁଥିରେ ପାରଦର୍ଶିତା ଅର୍ଜିଲେଣି—ପାଠ ପଢ଼ାରେ ନା ଘୁଡ଼ି ଉଡ଼େଇବାରେ, ସେହି ନିରୀହ ପ୍ରାଣୀ,—ଯେ ଯୁଆଳ ଓହ୍ଲାଇ ଥୋଇ ଦେଇ ଆସିଲେ ଜୀବନ ବି ଥୋଇ ଦେଇ ଆସେ ଆପଣା ଚହ୍ଲା ଟେବୁଲ ଉପରେ, ତେଣୁ ପେନ୍‌ସନ୍ ଟଙ୍କା ଉପଭୋଗ କରି କମ୍ପାନୀ ଉପରେ ବାର୍ଦ୍ଧକ୍ୟର ନିକମାପଣର ଦାଉ ସାଧି ଫାଉ ମାରିବାକୁ ବେଶୀ ଦିନ ବଞ୍ଚିରହେ ନାହିଁ । କିରାଣିହିଁ ସବୁ କାମର କର୍ମୀ, ନାଲି ଫିତାର ବ୍ରହ୍ମା, ଅଫିସର୍ ମାରେ ଦସ୍‌କତ ।

ତେଣୁ ବଡ଼ବାବୁ ପ୍ରସନ୍ନ ଥିଲେ ସାହେବ୍‌ର ପ୍ରସାଦ ଅର୍ଜିବା ବେଶୀ ଦୂର ନୁହେଁ । ପ୍ରସନ୍ନ ନ ଥିଲେ,—କାହିଁ କାହିଁ ଘଟଣା ଘଟିଯାଏ, କିରାଣିର କରାମତ କାଗଜରେ ରହେ ନାହିଁ । ପ୍ରକାଶ ପାଏ ସେହି କରାମତର ଫଳ, ଅବଶ୍ୟ ଅଫିସର ଟାଇପ୍ ଯନ୍ତ୍ରରେ,—ଦସ୍‌କତ ସାହେବର ।

ଅତଏବ—"ନମସ୍କାର ଆଜ୍ଞା, କେମିତି, ଭଲ ଅଛନ୍ତି ? ମୁଁ ଆଜି ଆସିଲି, ଭାବିଲି ଆଗ ଯାଏଁ ଦେଖା କରି ଆସେ, ନା କଣ ? ହାଃ-ହାଃ—"

ବଡ଼ବାବୁ ଧଡ଼୍‌କିନା ଉଠିପଡ଼ିଲେ,—"ଆରେ, ଆପଣ ! ବସନ୍ତୁ ବସନ୍ତୁ । ରେ,—ଚୌକିଟେ ଆଣ୍‌ରେ । ଆପଣ ବସନ୍ତୁ ଆଜ୍ଞା, ଠିଆ ହେଲେ ଯେ—"

Digitized by srujanika@gmail.com

"ଆଃ, ଠିଆ ହବାରେ କଣ ଅଛି, ଏ ତ ଘରକଥା; ବସନ୍ତୁ ଆପଣ ! ଓଃ, ଏତେ ଫାଇଲ୍ ! ଏତେ କାମ ! ଏତେ କାମ କରନ୍ତି ଆପଣମାନେ ! ନଉନ୍ତୁ"—ପାନ ବଢ଼େଇଦେଲା ।

"କାମର କଥା ଆଉ କହୁଚନ୍ତି ଆଜ୍ଞା ! ସେ କଥା କିଏ ବୁଝୁଚି । ଗଣି ଗଣି ନଅ ନଅଟା ଡ଼ିପାର୍ଟମେଣ୍ଟ୍ ମୋ ଗ୍ରୁପ୍‌ରେ, ସାହେବ୍ ବାରମ୍ବାର ଲେଖୁଥିବ 'ଜରୁର—ଜରୁର,' ଆଉ ନିଜେ ମୁଁ ନ ଲେଖିଲେ କଣ କିଛି ହବ ? ସେତେ ବଡେଇ ବି ସବୁ ଭୁଲ କରନ୍ତି, ନିଜେ ଠିକଣା ନ କରି ସେଇ ଭୁଲ ଥାଇ କାଗଜକୁ ଉପରକୁ ପଠେଇଦେଲେ ଆଉ ରକ୍ଷା ଅଛି ?"

"ମୁଁ ଜାଣେ ବସନ୍ତବାବୁ, ମୁଁ ଜାଣେ, ଶୁଣିଛି ଆପଣଙ୍କ କଥା । ଏକା ଏଡ଼େ ବଡ଼ ଦାୟିତ୍ୱ ମୁଣ୍ଡେଇଛନ୍ତି, ଉପରଓ୍ୱାଲାଙ୍କର ଖାଲି ଦସ୍ତଖତ ନା ଆଉ କଣ ?"

ବସନ୍ତ ବାବୁ ହସିଲେ, ବିନୟ ଦେଖାଇ କହିଲେ, "ସେ କଥା କୋଉଠୁ ହବ ଆଜ୍ଞା, ଯେତେ ହେଲେ ଆମେ କିରାନି ତ, ଅଫିସର୍ ଯାହା କହିବେ ସେଇ ସିନା କଥା; ଆମ ନିଜର କଣ ଏମିତିକା କୃତିତ୍ୱ, ବୁଦ୍ଧି ଆପଣମାନଙ୍କର ।"

"ଏଇ ବିନୟ ଦେଖିଲେ ବୁଝାପଡ଼େ କେମିତି ଜାଣିବା ଲୋକ ଆପଣ । ତେବେ, ମତେ ଆଉ ଲୁଚେଇବେ କି ? ମୁଁ ବି ତ କିରାନି ଥିଲି, ମାତ୍ର ସିପାହି—ନାଁ ହର୍ଦ୍ଦାରର, ଏଇଆ ତ ? ବାସ୍ତବିକ, କିଏ ଦବ ଏ ପରିଶ୍ରମର ମୂଲ୍ୟ !"

କାଗଜପତ୍ର ଖେଳେଇ ଧରିଲା ଗୋଟିଏ ଲେଖା,—"ଏ ନୋଟ୍ କିଏ ଲେଖିଛନ୍ତି ବସନ୍ତବାବୁ ? ଆପଣ ତ ନିଶ୍ଚୟ, ଜଣା ପଡ଼ି ଯାଉଛି ଲେଖା ଢଙ୍ଗରୁ । ଆଃ ! ଚମତ୍କାର ! ଚମତ୍କାର ! କି ସୁନ୍ଦର ଭାଷା । ଏପାଖୁ ବୁଝିଲେ ଅର୍ଥ ହେବ 'ହଁ', ସେ ପାଖୁ ବୁଝିଲେ 'ନାହିଁ'···ତିନି ତିନିଟା ଅର୍ଥ । ଇଂରେଜୀ ଭାଷାରେ ସେଇ ତ ବାହାଦୂରି । ଆଉ କି Compact । ଫମ୍ପା ନୁହେଁ, Facts and figures ଏକଦମ୍ ନିଦା । ସାହେବ ତ ଆଖି ବୁଜି ଦସ୍ତଖତ କରି ଦେଉଥିବ ବିନା ଆପତ୍ତିରେ···ନାଇଁ, ଆପଣଙ୍କଠୁ ଶିଖିବାକୁ ମୋର ଅଛି ବହୁତ କଥା, ଯଦି ଆପଣଙ୍କୁ ବାଧା ନ ହୁଏ ତେବେ ଘଡ଼ିଏ ଘଡ଼ିଏ ଆସି ବସୁଥିବି ଦେଖୁଥିବି, ଚମତ୍କାର ନୋଟିଂ—"

ବସନ୍ତବାବୁ ବସି ମୁରୁକେଇ ମୁରକେଇ ହସୁଥିଲେ ।

ଏହି ଫାଇଲ୍ ଉପରେ ବ୍ୟବସାୟୀ ଚିଠିରେ ରଖିଦେଇ ଗଲେ ସେ ତାଙ୍କର ଶିଳ୍ପକଳା, କେଇ ଜଣ ବୁଝନ୍ତି ? କେଇ ଜଣ ପଢ଼ନ୍ତି ? ଜାଗ୍ରତ ଜୀବନର ସମୁଦାୟ ବୁଦ୍ଧି, ସମୁଦାୟ କଳ୍ପନା ଦେଇ ଗଢ଼ି ଦେଇଗଲେ ନିଜର ସୃଷ୍ଟି, ହେଉ ପଛେ ଚିଠିର ନୋଟିଂ, କେତେ ଗୁଡ଼ାଏ ହିସାବର ବିନ୍ୟାସ । ତଥାପି ଶିଳ୍ପ ସେ ।

Digitized by srujanika@gmail.com

ତା'ର ପ୍ରକାଶ ପାଇଁ ସାଧନା ବହୁତ । ପୁରୁଣା ଫାଇଲ୍ ଦସ୍ତଣ୍ଡି କେତେ ପ୍ରାଚୀନ ଲେଖାର ନମୁନା ଦେଖି ସେ ଲେଖିବାର କାଇଦା ହାସଲ କରିଥିଲେ । ସ୍ବକର କାର୍ଯ୍ୟରେ କେତେ ବହି ଘୋଷି ଡିପାର୍ଟମେଣ୍ଟର କେତେ ଆଇନର ଅର୍ଥ ଅଭିଧାନ ଦେଖି ଆବିଷ୍କାର କରି କେତେ କେତେ ଖାତାରେ ଲେଖି ଲେଖି ଅରଜିଥିଲେ ଦରକାରୀ ଜ୍ଞାନ । ଦପ୍ତରରୁ ଛଡ଼େଇ ନେଇ ନିଜେ ଅଠା ବୋଳି ସାମୟିକ ସଂଶୋଧନ କାଗଜଗୁଡ଼ିକ ବହିରେ ମାରି ମାରି ନିଜ ସ୍ବକରି ଜ୍ଞାନକୁ ରଖିଛନ୍ତି ଏକ୍‌ଦମ୍ ନବ୍ୟ ଆଧୁନିକ । ତା ପରେ ପ୍ରତ୍ୟେକ ନୋଟ୍ ପ୍ରତ୍ୟେକ ଚିଠି ଲେଖିଲାବେଳେ କେତେ ଯେ ଗବେଷଣା, ତା କେବଳ ଅନୁଭବୀ ହିଁ ଜାଣେ ।

କିନ୍ତୁ କିଏ ବୁଝେ "କାଗଜ ଖାଲି କାଗଜ", ଏତିକି ତ !

ଏତେ ଦିନେ ମିଳିଛି ହେଲେ ଜଣେ, ଯେ ବୁଝିବ ।

ବସନ୍ତବାବୁଙ୍କ ମନ ଆପଣାଛାଏଁ ନରମି ଗଲା ବଳୀଦତ୍ତ ଆଡ଼କୁ, ଅତି ବିନମ୍ରରେ ମଧୁର ହସ ହସି କହିଲେ,—"ସାହେବ୍ ମୋ ଲେଖା ସବୁ ପାଶ୍ କରିଦିଏ ଅଲ୍ପ, କେତେ ଥର ତା ଉପରେ ମନ୍ତବ୍ୟ ବି ଲେଖିଲାଣି,—ଭଲ, ଖୁବ୍ ଭଲ, ଧନ୍ୟବାଦ । ଦେଖେଇବି ଗୋଟାଏ ଆପଣଙ୍କୁ ।"

"ସତେ ! ଏମିତି ଲେଖିଥିଲା । ବାସ୍ତବିକ, ଆଶ୍ଚର୍ଯ୍ୟ ଆପଣ—"

ବସନ୍ତବାବୁ କହିଲେ,—"ସ୍ୱେ ସାହେବ୍ କାମ ଚହ୍ନିପାରେ ।"

ବଳୀଦତ୍ତ ଦାସ ଅପେକ୍ଷା କରିଥିଲା ଏତିକି ପାଇଁ, ସାହେବର କିଛି ପ୍ରଶଂସା ଶୁଣିବାକୁ । ପ୍ରତ୍ୟେକ ଉପରିକଙ୍କଠି କେତେଗୁଡ଼ିଏ ଉନ୍ନତ ଗୁଣ ଆବିଷ୍କାର କରି ଗାଇ ବୁଲିବାକୁ, ମଣେ ଯେ ଚତୁର କର୍ମଗୃହୀର ନିତାନ୍ତ କର୍ତ୍ତବ୍ୟ । ତା ହେଲେ ଦଶଜଣ ଜାଣିବେ, ମେ ଉପରିକର ନିଜର ଲୋକ, ସମ୍ମାନ କରିବେ, କୁହା-କୋହିରେ କଥା ଯିବ ବହୁତ ବାଟ, କାଳକ୍ରମେ ଉପରିକର କାନରେ ବାଜିବ,—ମନ ଥିଲେ ଅନେକ କଥା ତ ଆବିଷ୍କାର କରିହୁଏ, କାହାର ସୁନ୍ଦର ଚେହେରା, କାହାର ସୁନ୍ଦର ପୋଷାକ, କାହାର ପାଠପଢ଼ା, କାହାର ପାଠାଭାବ ସତ୍ତ୍ୱେ ଚତୁରତା, ନାନା କଥା ଏହିପରି ।

କିନ୍ତୁ ଆକାର ଆକୃତିରେ ଯେ ଗୋଟାଏ କାଠ ଖୁମ୍ବ, ଖପାରେ ଘଡ଼ଘଡ଼ି, କିଏ ତା ବିଷୟରେ ପ୍ରଶଂସାର କଥା ଆବିଷ୍କାର କରିପାରେ ?

"ସ୍ୱେ ସାହେବ୍ କାମ ଚହ୍ନିପାରେ,"—ସୀଟ୍ ଡାଉନ୍ ଠୁଁ ଗେଟାଉଟ୍ ଯାକେ, ହଜିଯାଉଛି ସେହି ଘର ଭିତର । ନା, ନିଜକୁ ସେ ଦୁର୍ବଳ ହେବାକୁ ଛାଡ଼ିଦେବ ନାହିଁ, ଯେ ଥରେ ହେଲେ ଭୁଲ୍ କରେ ତାର ଆଉ କ୍ଷମା ନାହିଁ । ମୁହଁରେ ଅତି ଆନନ୍ଦର ବାହ୍ୟିକପଣ ଫୁଟାଇ ଗଦଗଦ୍ ହୋଇ ବଳୀଦତ୍ତ କହିଲା,—

"କାମ ଚହ୍ନିପାରେ ! ଆଃ, ଦେବଦୁର୍ଲ୍ଲଭ ଗୁଣ । ମୁଁ ବି ସେହିପରି ଭାବୁଥିଲି,—ମାନେ, ପ୍ରଥମ ଥର ଆଜି ଦେଖା । ଆଗରୁ କେବେ ଦେଖି ନାହିଁ ।

Digitized by srujanika@gmail.com

ହଠାତ୍ ସେ ଯେ କି ସମାଦର ମୁଁ ଆଉ କଣ କହିବି । ମୋଟେ ଧ୍ୱ' ଗୃହପଦ କଥାଭାଷା, କହୁଚ,—'ବାଃ, ଖୁବ ବୁଦ୍ଧିଆ ତ, ଭଲ, ଭଲ, ଏମିତିଆ ଲୋକ ତ ଆମର ଦରକାର' । ବୁଝିଲି, କାମ ଚଳିଯିବାରେ,—"

ଆଁ କରି ଶୁଣୁଛନ୍ତି ବସନ୍ତବାବୁ । ସେ ସ୍ତବ୍ଧ ।

ଲୋକଟା ପାଗଳ ନା କଣ ? ମିଷ୍ଟର୍ ଶ' କଲେ ସମାଦର !

କିନ୍ତୁ ବଳୀଦତ୍ତ କହି ଲାଗିଛି, "କହିଲି, ନୂଆ ଲୋକ ମୁଁ । କେତେ କଥା ବୁଝିବାକୁ ଡେରି ହୋଇପାରେ । ସେ କହିଲେ କଣ ଜାଣନ୍ତି ? କହିଲେ, "ଯେତେ-ବେଳେ ଯାହା କିଛି ଅସୁବିଧା ପଡ଼ୁଛି ଚାଲିଯିବ ଆମ ଅଫିସ୍‌ର ବଡ଼ବାବୁ ବସନ୍ତ ବାବୁଙ୍କ ପାଖକୁ । ଅତି ପକ୍‌କା ଲୋକ ।' ବୁଝିଲି, କେବଳ ସେ କାମ ଚଳି ଜାଣନ୍ତି ତା ନୁହେଁ, ବସ୍ତୁର ଅତି ଭଲ, ଅତି ଭଲ ।"

ବସନ୍ତ ବାବୁଙ୍କ ଆଁ ଏଥର ବୁଜିଗଲା । ତାଙ୍କୁ ବୁଝିପାରି ନ ଥିଲେ ବୋଲି ନିଜର ବୋକାପଣରେ ନିଜେ ଅସନ୍ତୁଷ୍ଟ ହେଲେ । ପ୍ରକୃତରେ ତ ଏ ବଳୀଦତ୍ତ ଦାସ ତାଙ୍କୁ ଭାବିଥିବ କଣ । ଏଡ଼ିକି ଓଲୁ ! ନିଜ ଗଡରେ ନିଜେ ବାଜି ଜାଣନ୍ତି ନାହିଁ !

ହଠାତ୍ ସେ ଆରମ୍ଭ କରି ବସିଲେ ସାହେବ୍‌ର ପ୍ରଶସ୍ତି, "ଦେଖିବେ ନାହିଁ ଆପଣ, ଏପରି ସାହେବ୍ କୋଟିକରେ ଗୋଟିଏ ନ ଥିବ । ଭିତରେ ଟିକିଏ କଡ଼ା ବେଳେବେଳେ । କିନ୍ତୁ ଲୋକେ ଅଛନ୍ତି ଅତି କଅଁଳକୁହା, ହାତରେ ନ ମାରି ଭାତରେ ମାରନ୍ତି । ସାହେବ୍ ଆମର ଦଧ୍ୱାର ଅବତାର, ଦାନାପାଣିରେ ଧୂଳି ଦିଏ ନାହିଁ ! ଏତେ ଜ୍ଞାନ ! ଏଡ଼େ ବିବେଚନା ! ଏଡ଼େ ସ୍ଥିରପଣ ! ଆଃ, ଅଦ୍ଭୁତ !"

କଥା ହେଉଥାଏ ଖୁବ୍ ଶବ୍ଦରେ ।

କେତେବେଳେ ବଳୀଦତ୍ତ, କେତେବେଳେ ବସନ୍ତ ବାବୁ, କେତେବେଳେ ସମସ୍ୱରରେ ଉଭୟେ,—ଗାଇ ଲାଗିଛନ୍ତି ଉପରିକର ପ୍ରଶସ୍ତି । ନିଜକୁ କ୍ଷୁଦ୍ର କରି ତାଙ୍କୁହିଁ ବଡ଼ କରି, ତାଙ୍କୁ ବଡ଼ କରି, ଏପରିକି ଅତିମାନବ କରି । ପାଞ୍ଚ—ମିନିଟ୍ ଆଲୋଚନା ଗଡ଼ିଗଲାଣି ଦଶମିନିଟ୍‌କୁ—ସେ ଜ୍ଞାନୀ, ସେ ପାରଦର୍ଶୀ, ସେ ଦୟାଳୁ, ସେ ବଳବାନ୍, ତାଙ୍କର ସନ୍ତାନମାନେ ମେଧାବୀ, ତାଙ୍କର ସ୍ତ୍ରୀ, ଗୃହଲକ୍ଷ୍ମୀ, ତାଙ୍କର କୁକୁର କୁକୁରଶ୍ରେଷ୍ଠ, ତାଙ୍କର ଗାଈ ସୁରଭି ।

ସମସ୍ୱରରେ ପ୍ରଶସ୍ତିର ଧ୍ୱନି, ସତେ ଅବା ଦୁହେଁ ଦୁଇ ଭାଟ ।

ଅଥବା ଦୁଇ ଶିଆଳ ପାଖକୁ ପାଖ, ମୁହଁ ଯୋଡ଼ିଦେଇ ଗୁଡ଼ିଛନ୍ତି ସହଣିକିଆ ।

ଦାନାପାଣିର କାବୁଆ ଚେତନାରେ ନାକ ଡୁବୁ ଡୁବୁ ପ୍ରାଣର ବ୍ୟାକୁଳ ଆର୍ତ୍ତନାଦ । ଯେପରି କି ଏହି ପ୍ରଶସ୍ତି,—ହରିନାମ ନୁହେଁ, ନୁହେଁ ଦେଶମାତୃକାର ବନ୍ଦନା, ପ୍ରକୃତି-କବିର ସୌନ୍ଦର୍ଯ୍ୟବିହ୍ୱଳ ଲଳିତ କାବ୍ୟ ବର୍ଣ୍ଣନା ନୁହେଁ, ଲଙ୍ଗଳା

Digitized by srujanika@gmail.com

ସାଧୁର ଖଞ୍ଜଣୀମାଡ଼ର ଭଜନ ନୁହେ ,—କେବଳ ଉପରକର ପ୍ରଶସ୍ତି । ବୁଦ୍ଧିଙ୍କର ଲଗିଛି ପ୍ରତିଯୋଗିତା ଯେପରି କି, କିଏ ବେଶୀ ପଏଣ୍ଟ ଆବିଷ୍କାର କରି ପାରିଛି, କିଏ ଗାଇଛି ବେଶୀ ପ୍ରଶସ୍ତି ।

ଚାଲିଛି ।

ଏ ପଟେ କି ଔଦ୍ଧତ୍ୟପୂର୍ଣ୍ଣ, ମୁଚେ ମୁଚେ ।

ଏହି ବେଳ ଦ୍ୱିପ୍ରହର । ପଦା ଷେତରେ ପଲେ ଗାଈ, ଚରୁଛନ୍ତି, ଚରୁଛନ୍ତି ।

ରାସ୍ତାରେ ଚାଲିଛନ୍ତି ହାଟର ପସାରି, ମୂଲିଆ, ବ୍ୟବସାୟୀ ।

ମୁଣ୍ଡରେ କଳା ମାଖି ଗୋଜା ଟୋପି ନାଇ ରଙ୍ଗଢଙ୍ଗରେ ବେଶ ହୋଇ ନାଚ ନାଚ ଢୋଲ ପିଟି ପିଟି ଚାଲିଛନ୍ତି ପଲେ, ସାମ୍ନାରେ ପ୍ରକାଣ୍ଡ କାଗଜରେ ଗୋଟାଏ ବିଜ୍ଞାପନ ଛବି ।

– ଚାରିଆଡ଼େ ଦାନାପାଣିର କଳରୋଳ ।

ସେଠି ସ୍ୱପ୍ନ ଖାଲି ପଦଆସ୍ତି ନିଦାନ ଭର୍ତ୍ତି ଆଶଂକାର, ଜଡ଼ ସ୍ୱାର୍ଥର ।

ବଡ଼ବାବୁଙ୍କ ସଙ୍ଗେ କଥାବାର୍ତ୍ତା ସାରି ବଳୀଦତ୍ତ ଭାବିନେଲା, ରଖି ଦେଇଗଲା ସେ ଗୋଟିଏ ବନ୍ଧ, ଭବିଷ୍ୟତରେ କାର୍ଯ୍ୟରେ ଆସିବ ।

ସେ ଚାଲିଗଲା ପରେ ବଡ଼ବାବୁ ମୁରୁକେଇ ହସିଲେ, ତାଙ୍କର ଜଣେ ପ୍ରଶଂସକ ପାନୁ ବାବୁ ଖଲଖଲ ହସି ପଚାରିଲେ "ଆଜ୍ଞା, କଥା କଣ ?"

"ବୁଝିବ ଧୀରେ ଧୀରେ", ବସନ୍ତବାବୁ କହିଲେ, "କାମ୍ଟି ଚଢ଼ି ରଖିଥା ସ୍ଥାକୁ, ବହୁତ ବାଟ ଯିବ, ବଡ଼ ପାଖୋଇ ।" ତା ଛଡ଼ା ଅନ୍ୟାନ୍ୟ ବଡ଼ କର୍ମଚାରୀ । ନୂଆ କେହି ଆସିଲେ ଶିକ୍ଷାଗୁରୁ ରଖି ଥରେ ଦେଖା କରିନେବା ନିତାନ୍ତ କର୍ତ୍ତବ୍ୟ । ତେଣୁ ବାଟେ ବାଟେ ବଳୀଦତ୍ତ । ଟାଣିଓଟାର ଗୋଟାଏ ସମତାବୋଧ ଆଣିଲେ ମନରେ ପ୍ରଚୁର ଆନନ୍ଦ ଆସେ । ଈର୍ଷା ହୁଏ, ଆଗରୁ ସେ ନ ଆସିଲା କାହିଁକି ।

ପ୍ରାଚୀନ ବରଗଛମାନଙ୍କ ଛାଇରେ କମ୍ପାନୀର ବଡ଼ ଅଫିସ, କାମରେ ଘାଁ ଘାଁ କରୁଛି । ଧାଡ଼ିକି ଧାଡ଼ି ଘର, ଖୋପକୁ ଖୋପ କୋଠରି, ମଣିଷ ଏତେ,— ଆଳ ମାରିଲେ ଆଳ ଚାଲିଯିବ । ଏଠି ଖାଲି ବାଜ୍‌ନେସ,—ବ୍ୟସ୍ତତା ବଡ଼ ବଡ଼ ଚିମନୀ, ଯେଉଁଥିରୁ ଭପ୍ ଭପ୍ ଧୂଆଁ ଉଠେ,—ପ୍ରକାଣ୍ଡ ପ୍ରକାଣ୍ଡ କଳକବ୍‌ଜା, ସତେ କି ଅସୁରର ସୃଷ୍ଟି, ସହସ୍ର ସହସ୍ର ଶ୍ରମିକ, ଯେଉଁମାନେ କଞ୍ଚାମାଲ ତିଆରି କରନ୍ତି,— ଯେଉଁମାନେ କଳକବ୍‌ଜା ଚଳାନ୍ତି,—ସେସବୁ ଅତି ଦୂରରେ ଏ ଅଫିସ ଅଞ୍ଚଳଠାରୁ । ଏଠି ଖାଲି କର୍ତ୍ତୃତ୍ୱର କଳ, ଅଫିସ୍, କାଗଜପତ୍ରର କାରବାର । ମୁଣ୍ଡକାମ, ଚୁକ୍ତି, ଯୋଜନା, ସ୍ଥାନେ ସ୍ଥାନେ ଏହିପରି କେନ୍ଦ୍ର ସହସ୍ରପଦ କମ୍ପାନୀର ହୃତ୍‌ପିଣ୍ଡ ।

Digitized by srujanika@gmail.com

ମଣିଷ ଏଠି ଦାନାପାଣି ଆହରଣ କରେ, ଦାନାପାଣି ଅପହରଣ କରେ, ପୁଣି ଦାନାପାଣି ଯୋଗାଏ ଆଉ କାହାକୁ । ନୀରବରେ ଖାଉ ବଢ଼େ ବା କମେ, ବଢ଼ିଲ ଖାଉରେ ଖାଲୁଶୋଷାରେ ଝାଣି ହୋଇଯାଏ ପରର ଆହରଣ,—ଘରେ ଘରେ ସେହି ଭାତଥାଳ ସଜା ହୋଇଛି, ସେମିତି ଗିଲାସେ ପାଣି, ଖଣ୍ଡେ ଆସନ, ଅଥଚ ଖାଉ କମିଆଁରେ ଲୁପ୍ତ ହୋଇଯାଏ ଭାତଥାଳର ବାରପଣ । ଗୁଲୁ ଗୁଲୁ ହୋଇ ଗୃହସ୍ଥ ଗୃହିଣୀରହେ, ଭାତଥାଳରୁ ଭାତ ଗୁଲିଯିବାର ଦେଖେ. ଜାଣେ ନାହିଁ କିଏ ନେଲା, କେମିତି ନେଲା ! କମିଆଁର ତଥ୍ୟ ଜାଣେ ନାହିଁ କ୍ଷେତର ଚାଷୀ, ଫ୍ୟାକ୍ଟରିର ମୂଲିଆ, ଅଫିସ୍ର କିରାନି । ଯାହାହେଉ ତାର ନାଁ,—କଣିଖିଆ ଯେତେ,—କେବଳ ଜାଣେ, ଖାଉ ବଢ଼ିଗଲା ହୁ-ହୁ କରି, ତାର ସେହି ଶ୍ରମ ରହିଛି, କମି ନାହିଁ, କିନ୍ତୁ ଶ୍ରମହାଲରେ କେବେ ପାଉଥିଲା ଆଠବସ୍ତା. ଆଜି ସେ ଦେଢ଼ ବସ୍ତା ଗୃଉଲ । କପାଳରେ ହାତଯୋଡ଼ି ଭଗବାନଙ୍କୁ ସ୍ମରଣ କରେ, ବାରମ୍ବାର ଠାକୁରଙ୍କୁ ଡାକେ କେବେ ଯିବ ଏ ବେଳ ।

ସେହି ଅର୍ଥନୀତିର ଅନ୍ଧାର କମିଆଁରୁ କିଛି ଅଂଶ ଗଡ଼ିଆସୁଏ ଏହି ଅଫିସ୍ ଘରେ,—ଆଉ କିଛି ଆଉ କେଉଁଠି କେଉଁଠି ।

ମୂଳର ଉପାଦାନ ଏକା ।

ଏହି ସେ ପ୍ରାଚୀନ ବରଗଛ । ଇତିହାସ ସେ ଦେଖିଛି ।

ରଣୋନ୍ମତ୍ତ କଳିଙ୍ଗର ଯୋଦ୍ଧୃବେଶ । ସାମ୍ରାଜ୍ୟବାଦୀ ଜାତୀୟତାବାଦୀ ଜନତାର ସମରସଜ୍ଜା । ପୁଣି ଅହିଂସ ଧର୍ମନିବଦ୍ଧ ଜାତି, ଅଶୋକଙ୍କ ଅନୁଶାସନ, ଚୈତନ୍ୟଙ୍କ ସଂକୀର୍ତ୍ତନ ।

ବରଗଛ ବଢ଼ି ଉଠିଛି ।

ଆଜି ସେ ଦେଖୁଛି ଲୁମ୍ବାନର ଅଫିସ. ବ୍ୟବସାୟ ପାଇଁ ଜୀବନଧାରଣ, ଦାନାପାଣିପାଇଁ ସମାଜର ଭିତ୍ତି । ଜୀବନର ଅର୍ଥର ମାପ ଯେରତବାଜନ୍ତ୍ରରେ ।

ବରଗଛ ଦେଖୁଛି ବଳୀବର୍ଦ୍ଦ ଦାସକୁ । ଆକାରର ତାରତମ୍ୟରେ କ୍ଷୁଦ୍ର ସେ, ଗୃହ ସ୍ପନ୍ଦନ ଇଚ୍ଛା । ସେ ଗୃହେଁ ନାହିଁ ଧର୍ମ ଅର୍ଥ କାମ ମୋକ୍ଷ । ସେ ନିର୍ବାଣ ଗୃହେଁ ନାହିଁ, ଖୋଜେ ନାହିଁ ସମାଧିଯୋଗ ବା ପରଲୋକ ।

ଦ୍ରୁତ ପ୍ରମୋଶନ ଗୃହେଁ କ୍ଷୁଦ୍ର ବଳୀବର୍ଦ୍ଦ ଦାସ, ଧନ ଗୃହେଁ, ପ୍ରତିପତ୍ତି ଗୃହେଁ ଚଳନ୍ତି ଗତିରେ ଉପରିଜନମାନଙ୍କଠୁଁ ଅଧସ୍ତନମାନଙ୍କଠାରୁ । ଏହି ଉଦ୍ଦେଶ୍ୟରେ ବଞ୍ଚିବା ତାକୁ ଯେଉଁ ପରିମାଣରେ ସାହାଯ୍ୟ କରିବ ସେହି ହେବ ତାର ଜୀବନ, ସୁନ୍ଦର ଜୀବନ ।

ଆଶା,—କି ଆଶା ତାର ! ପ୍ରାଚୀନ ବରଗଛ ତଳେ ସେ ଗୃଲିଛି ତା ଶ୍ରେଣୀର କର୍ମଗୃଷ ଖୋଜି । ଯେତେବେଳେ ସମ୍ଭୋଜନା ତାର ମନେ ନାହିଁ,

Digitized by srujanika@gmail.com

ବସାଘର ମନେ ନାହିଁ, କିଛି ମନେ ନାହିଁ । ଏହି ଜନସମୁଦ୍ର ଯେପରିକି ଅନ୍ଧାର ବଣ, ତହିଁରେ ସେ ନିଜକୁ ଦେଖୁଛି ଏକମାତ୍ର ଜୁଳୁଜୁଳିଆ, ଉପରକୁ ଉଡ଼ି ଯାଉଛି ।

ଥାକ ଥାକ ହୋଇ ମୁହାଁମୁହିଁ ସଜା ହୋଇଛି ଦର୍ପଣ, ଅତି ପାଖରେ, ଅତି ଦୂରରେ । ଦୂରତା ଯେପରିକି ଭବିଷ୍ୟତକୁ ଆପଣାର ବୟସର ମାପ, ଅବସ୍ଥାର ମାପ । କିନ୍ତୁ ଗତି କେବଳ ସମୟର ଏକଚେଟିଆ ନୁହେଁ, ମନରେ ବି ଗତି ଲଗେ । ଗତି ସଙ୍ଗେ ସଙ୍ଗେ ପରିବର୍ତ୍ତନ ଘଟେ । ବିଭିନ୍ନ ଦୂରତାରେ ମନର ପରିବର୍ତ୍ତନ ସୂଚାଇବାକୁ ଦର୍ପଣର ଗଠନରେ ଅଛି ଅସମତା । ତେଣୁ ଫଳିତ ଚିତ୍ରରେ ବୈଷମ୍ୟ ଘଟେ । କୁମାରୀର ଅଫିସ୍ ଘରେ ସମଶ୍ରେଣୀର ବିଭିନ୍ନ କର୍ମଗୃହ ଯେପରିକି ଦର୍ପଣରେ ବିଭିନ୍ନ ଛବି । ବଳୀଦାଉ ଗୋଟିକଠୁ ଆରଟିକୁ ଚମକି ଗୁହିଁଲା । ସବୁ ଛବି ତାର, ସବୁ ଛବି ତାର, ତାର ଭବିଷ୍ୟତ ସେମାନେ, ତାର ବିଭିନ୍ନ ଅବସ୍ଥା । ମନେ ପଡ଼େ, ପିଲାଦିନେ ଥରେ ଦୁ' ପଇସାର ଟିକଟ କିଣି ସେ ମ୍ୟାଜିକ୍ ଦେଖି ଯାଇଥିଲା । ପାଲ ଘେରା ହୋଇ ମ୍ୟାଜିକ୍ ଅଙ୍ଗଣ, ଭିତରେ ଦ୍ରେଷ୍ଟ ମ୍ୟାଜିକ୍ ଘର । ସେଇଠି ଆଖକୁ ଗୃହିଁଲେ କେବଳ ନିଜର ଅଗଣିତ ଛବି । କିନ୍ତୁ ନିଜର କି ? ଯେପରି କି କୌଣସି ଅଦ୍ଭୁତ ଉପାୟରେ ନିଜର ବିଭିନ୍ନ ଅବୟବକୁ ବଡ଼ ସ୍ଥାନ କରାହୋଇଛି । ନିଜ ଦେହର ଆଲୁଅ ଦର୍ପଣରେ ଫଳିତ ହୋଇ ପୁଣି ନିଜ ପାଖକୁ ଲେଉଟି ଆସୁଛି । ଦେଖାଉଛି ମାଳ ମାଳ ବିକୃତ ନିଜତ୍ୱ । କୁନ୍ଦୁଲୀ ହୋଇ ପଶି ଯାଇଥିଲା । ପାଉଥିଲା ଭୟ । ଲେଉଟିଲା ବେଳକୁ ଅଚ୍ଛଣ୍ଡା ଖାଇବାର ସୂଚନାଟି ସ୍ଫୁରେଇ ହୋଇ ଫେରିଥିଲା, ମୁହଁ ଗୁମ୍ ।

ଆଜି ନିଭୃତରେ ମନ ଠେଲି ଉଙ୍କିମାରେ ସେହି ବାଳକାଳ ଅନୁଭୂତି । ଯଦିଓ ପରିସ୍ଥିତି ଭିନ୍ନ । ପରେ ପରେ କୁମାରୀର ଅଫିସର, କଏ ବର୍ଷ୍ଟର, କଏ କୋଡ଼ିଏ ବର୍ଷର । ନୂଆ ପ୍ରବେଶର ହମନା ଜ୍ଞାନରେ ତାଙ୍କଠି ସେ ନିଜକୁହିଁ ଦେଖେ । କିନ୍ତୁ ବର୍ତ୍ତମାନର ମନର ଗଠନ ଭବିଷ୍ୟତ ଦୃଶ୍ୟର ବିଭିନ୍ନତା ସହିତ ତାଳ ରଖିପାରେ ନାହିଁ । ବଳୀଦାଉ ପାଏ ଗୋଟାଏ ବେତାଳିଆ ଅନୁଭୂତି, ବାତୁଳ ହୁଏ ।

ତା ପରେ ଲଗେ ବଛାବଛି, ଆତ୍ମବିଶ୍ୱାସ ଫେରିଆସେ । କାହାର କେତେ ଅଂଶ ସେ ମନେ ମନେ କାଟିପକାଏ । କାହାକୁ ଆଡ଼େଇ ଆଗକୁ ଯାଏ । ଏହି ସେ ଏତେ ପ୍ରକାର ବର୍ତ୍ତି ପ୍ରକର୍ଷ—ଏସବୁ ତାର ହୋଇପାରେ ଭବିଷ୍ୟତରେ, କିନ୍ତୁ ସବୁ ତାର ଅଭିଳଷିତ ନୁହେଁ । ବିଭିନ୍ନ ରୂପରୁ କେଉଁଟି ରୂପ ସେ ଆଦର୍ଶ ବୋଲି ଧରି

Digitized by srujanika@gmail.com

ନେଇଥାରେ, କାହାର ବ ନେବ କେଉଁ ଗୁଣ । ଆଉ କେତେକେ,—ଭାଗ୍ୟଚକ୍ରରେ ସେମାନେ ଅଫିସର୍ ହୋଇଥିଲେ ବ ସେମାନଙ୍କୁ ସେ ତାର ହସାବପୋଥିରେ ଗଣା ପଣ ମଣେ ନାହିଁ । ସେ ଯାହା ହେଉ, ଯେ ଯେତେ ଉପରେ ଥାଉ,—ବଳୀବନ୍ତ ଭବେ ମୂର୍ଖତା ଅଛି ସବୁଠି, ଜୀବନର ପ୍ରତ୍ୟେକ ସ୍ତରରେ ଆହୁରି ଉପରକୁ ଉଠିବାକୁ ସୁବିଧା ଓ ସୁଯୋଗ ଥିଲେ ବ ରହିଯିବେ ଅନେକେ, ଯେଉଁମାନେ ନିଜ ମୂର୍ଖ ପଣରେ ଆଉ ଉପରକୁ ଉଠି ପାରିବେ ନାହିଁ, ବରଂ ତଳକୁ ଖସିବେ ।

ସେମାନେ ତାର ସାଫଲ୍ୟର ଯୋଜନାରେ ଉପରକୁ ଉଠିବାଲାଗି ସିଡ଼ିରେ ଗୋଡ଼ଦେଲା ପିଢ଼ି । ମାଡ଼ି ଚଳିଟି ସେ ଚଢ଼ି ଗ୍ଭଲିଯିବ, ପଛକୁ ଗ୍ଭହିଁବ ନାହିଁ ।

କିନ୍ତୁ ମୁଣ୍ଡରେ ପାଦ ଥୋଇବା ପୂର୍ବରୁ କାନ୍ଧରେ ହାତ ଥୋଇବା ନିତାନ୍ତ ଦରକାର ଯେ, ତେଣୁ ମନରେ ଯେତେ ବିଶିଷ୍ଟ ଉଚ୍ଚାଶା ଥାଉ ତୁଣ୍ଡରେ ସେ ଅତି ସାଧାରଣ । କେବଳ କଥାରେ ନୁହେଁ, ତାର ଭଙ୍ଗୀରେ ବଶୀକରଣର ପ୍ରଚେଷ୍ଟା । ସବୁଠି ସେ ଶିଷ୍ଟାଚାର କରିବ । ମାର୍କାର ଜରଦ୍‌ଗବର ଶିଷ୍ଟାଚାର କରିଥିଲା । ପ୍ରାଚୀନ ବରଗଛମାନଙ୍କ ତଳେ ଏ କୋଠରୁ ସେ କୋଠିକୁ ଗଲାବେଳକୁ ହିତୋପଦେଶ କଥାର ବୁଢ଼ା ଶିମୂଳିଗଛ ତାର ମନେପଡ଼େ । ମନେପଡ଼େ ସେହି କାହାଣୀଟି । ବ୍ୟବହାର ବଳରେ ଉନ୍ନତି ପାଇବା ଧୂର୍ତ୍ତ କେବଳ ଇଂରେଜ ବହିରେ ନାହିଁ । ବଳୀବନ୍ତ ଭାବୁଥିଲା,—ଅତି ସରଳ ଗ୍ଭଣକ୍ୟ ପାଠରେ, ହିତୋପଦେଶର କଥାରେ, ଗାଉଁଲି ଢଗଢମାଳିରେ ଅଛି ଯୁଗେ ଯୁଗେ ସଂସାରୀ ଲୋକଙ୍କ ଅଭିଜ୍ଞତାର ସାର,—ସାଫଲ୍ୟକାମୀ ପାଇଁ ଅମୋଘ ନୀତି, ସଂସାରରେ ଏତେ ଲୋକ, ତଥାପି ଦଳେ କାଠ, ଆଉ ଦଳେ ନିଆଁ, ଦଳେ ଠେକୁଆ ଆଉ ଦଳେ ଗଧିଆ, ଦଳେ ଧରମବେଠିଆ ଖଟିଖଟି କମାନ୍ତି, ଆଉ ଦଳେ ମଉଜରେ ଚକା ପକେଇ ଖାଆନ୍ତି । ସେମାନେ ବାହାବଳର ଚମ କରନ୍ତି ନାହିଁ । ସେମାନେ ବୁଦ୍ଧିଜୀବୀ । କିନ୍ତୁ ତାଙ୍କ ଭିତରୁ ଅନେକେ ନୀତିର ସୂତ୍ର ପ୍ରତି ସଚେତ ନୁହନ୍ତି । କାରଣ କ ବୁଝି କରଣି ହୁଅନ୍ତି । ତେଣୁ ଯେତେ ଲଭ ପାଇଲେ ବ ସେଗୁଡ଼ା ଖାଲି ଘେଣ୍ଟା କାଟୁ କାଟୁ ଅକ୍ଷର । ସେମାନଙ୍କ ଅଗ୍ରଗତି କେବଳ ଅନିଶ୍ଚିତ ଭାଗ୍ୟାଧୀନ, ତା'ର ନୁହେଁ, କାରଣ ସେମାନେ ଭବନ୍ତି ନାହିଁ, ସେ ଭବେ ।

ଯେଉଁଠି ସେ ଦେଖେ ନିଜଠି ପ୍ରଭବ । ଲକ୍ଷେ ଲୋକରେ ବ ଗଳି ଗ୍ଭଲିଯାଏ କ୍ଷୁଦ୍ର ବଳୀବନ୍ତ, ନିଜକୁ ବୁଝି ପାରେ ବୋଲି ।

ତାର ଦୋଦୋପାଞ୍ଚ ନାହିଁ । ଦୋଦୋପାଞ୍ଚ କଲେ ଦୁଇଗୋଡ଼ ଦୁଇ ବିପରୀତ ଦିଗକୁ ଗତି କରେ, ଫଳ କିଛି ନାହିଁ । ସେ ଭବେ ଉଦ୍ଦେଶ୍ୟକୁ ହେତୁ କଲେ ଉପାୟର ଭଲମନ୍ଦ ଭୁଲିବାକୁ ପଡ଼ିବ । ଉପାୟ ; ହସ ମାଡ଼େ । ଯେ ମାଂସ ଖାଏ ସେ ଜନ୍ତୁ ମାରିବାକୁ ପଛେଇବ କାହିଁକି ? ଲୋକେ ଭଲ ପାଆନ୍ତି ଭଲ ଖାଦ୍ୟ,

Digitized by srujanika@gmail.com

ଭଲ ଲୁଗା, ଦାମୀ ଯାନବାହନ, କୋଠାବାଡ଼ି, ଜମି; ଅଥଚ ତାଙ୍କୁ ଅର୍ଜନ କରିବାକୁ ଗଲାବେଳେ ଉପାୟ ଦେଖି ପଡ଼ନ୍ତି । ତେଣୁ ପରର ଦେଖି ହାଇଁପାଇଁ ହୋଇ ହନ ଯାଏ ଏବଂ ଏ ହାଇଁପାଇଁଆ ଦଳ ବେଳେ ବେଳେ ମେଣ୍ଟ ବାନ୍ଧି କଣ୍ଟାଳ କରିଉଠନ୍ତି ଦୁନିଆଁର ସୃଷ୍ଟି ଓଲଟାଇବା ପାଇଁ । ସେମାନଙ୍କ ପ୍ରତି ତାର ସହାନୁଭୂତି ନାହିଁ । ପେଟ-ଭୋକ ମୁହଁ-ଲାଜ ସେ ବୁଝେ ନାହିଁ । ମଣିଷ ହେଲେନା ହେଲେ ନିଜର ଇଚ୍ଛା ନିଜର ଉଦ୍ଦେଶ୍ୟରେ ଚାଲିବାକୁ ବାଧ୍ୟ । ଯେତେ ଶୀଘ୍ର ଚାଲି ନେଇ ତାର ନିଜର ବାଟ କାଟିଯିବ ସେତେ ଭଲ । ଉଦ୍ଦେଶ୍ୟ ପାଇବାପାଇଁ ଯାହା କଲେ ଚଞ୍ଚଳ ମିଳିବ, ସେଇ ସବୁଠୁ ଭଲ ଉପାୟ । ତାର ଶୁଦ୍ଧାଶୁଦ୍ଧ ସବୁ ହାଇଁପାଇଁଆ, ଖୋଜି ବୁଲନ୍ତୁ, ବହି ଲେଖନ୍ତୁ, ସେଥିରେ କିଛି ଯାଏ ନାହିଁ । ସେ ବଳୀଦତ୍ତ ଦାସ, ଜନ୍ମ ହୋଇଛି ଭୋଗ କରିବା ପାଇଁ, ଚାକିରି କରିଛି ଅର୍ଜିବା ପାଇଁ ସବୁ ଯେ ଯାହା, -

ଏବଂ ନିଜେଇ ଦେଖିଲେ ବଡ଼ ବଡ଼ ସ୍ତରରେ ବି ସେଇ ଦର୍ଶନ ଢଗ । ଉପାୟ କଥା ଭାବି ବସୁଥିଲେ କମ୍ପାନୀ କମ୍ପାନୀ ହୋଇ ନ ଥାନ୍ତା । ଚାକିରିରେ ଏତେ ବୃଦ୍ଧି ଲଭନ୍ତା ନାହିଁ ।

ଉପାୟ ବିଷୟରେ ଧର୍ମଭାବ କେବଳ ଲୋକଦେଖାଣିଆଁ ପାଇଁ ଆତ୍ମରକ୍ଷାମୂଳକ ପ୍ରକୃତିର କାର୍ଯ୍ୟ । ଆଜି ଏତେ ପ୍ରକାର ଅଫିସରଙ୍କ ମେଳରେ ନିଜକୁ ଅତି ସ୍ୱତନ୍ତ୍ର କରି ସେ ଦେଖିପାରୁଛି । ତୁଣ୍ଡରେ ଶିଷ୍ଟତା ଓ ଆଚରଣରେ ଦାସ୍ୟଭାବର ପ୍ରାଚୁର୍ଯ୍ୟ ଦେଖାଇଲେ ବି ମନ ଭିତରେ ଅନୁଭବ କରିପାରୁଛି ଐଶ୍ୱର୍ଯ୍ୟ । ଏକା ଝୁଙ୍କରେ ଆଖି ଆଗରେ ଦିଶୁଛି ଅତୀତର ଦୈନ୍ୟ, ତାକୁ ସେ ସୁଧାରିବ ।

ଚାଲିଛି ବଳୀଦତ୍ତ ଦାସ୍ । ଏଇ ଜଗତ୍‌ବାବୁଙ୍କ କୋଠରୀ, "ଆଜ୍ଞା ନମସ୍କାର, ମୋ ନାଁ ବଳୀଦତ୍ତ ଦାସ୍—" ନିଜର ପରିଚୟ ଦେଲା । "ଆଜି ଜଏନ୍ କଲି, ଆସିଛି ଆପଣଙ୍କ ଦର୍ଶନ ପାଇଁ" ବୁଢ଼ା ଅଫିସର ଜଗନ୍ନାଥବାବୁ, ହ' ପାହ'ଚ ଉଠିଛନ୍ତି । ତା' ପରେ ଖଡ଼ାଗଛ ପରି ମଞ୍ଜି ଧରିଛନ୍ତି ଠିଆ ଠିଆ ।

"ଆଉ କଣ, ଆପଣ ଆସିବାକୁ ମୁଁ ଯିବାକୁ ।" ଜଗତ୍‌ବାବୁ କହିଲେ, "ଆସନ୍ତା ମାସରେ ହିଁ ପେନ୍‌ସନ୍ ନେବି । ତିରିଶ୍ ବର୍ଷ ଚାକିରି କଲି, କାହିଁ ଓ୍ୱିଲ୍‌ସନ୍ ସାହେବ୍ ଅମଳରେ ମୋର ଚାକିରି । ସେଇ ଯେ ରଙ୍ଗ ଫ୍ୟାକ୍‌ଟେରି ବସେଇଲା । ଆପଣ ତ ଅତି ପିଲା, ମୋ ନାତି ବୟସ । ଏଣିକି ଆପଣଙ୍କ ଘରକରଣା, ଆମେ ଚାଲିଲୁଁ । ଏଥର ଅମର ଦୟାବନ୍ତ କମ୍ପାନୀଙ୍କ ହାତର ପେନ୍‌ସନ୍ ଆଉ ବୋନସ୍ ଗଣ୍ଡାକୁ ଆଶା । ଓଃ ! କେଡ଼େ ଚଞ୍ଚଳ ପାଣି ପରି ଦିନଗୁଡ଼ା ଚାଲିଗଲା ! ଦେଖିଲାବେଳକୁ କାଲି ସକାଳେ ! ଦିନଗୁଡ଼ା ଏଇଥିରେ ଗଲା । କଣ ବା କରିପାରିଲି ! ରଖିପାରିଲି ! ପୈତୃକ ଘର ଭାଙ୍ଗିଲା । ଖେତ ଉଜୁଡ଼ିଲା । ଚାକିରିରେ

Digitized by srujanika@gmail.com

ସେହି ପଛଲା କେଇ ମାସରେ,—ସେତେବେଳେ ଶସ୍ତା ବେଳ ଥିଲା । ସହରରେ ଆଠଅଣ୍ଣା ଜମି ଆଉ ଖଣ୍ଡେ ଘର କରି ପକେଇଥିଲି, ବର୍ତ୍ତମାନ ତା' କୋଡ଼ିଏ ଗୁଣ ଦାମ୍ । ସେତକ ଜାଣି ପସନ୍ଦ । ହାଃ ହାଃ ହାଃ ହାଃ—"

ପାକୁଆ ପାଟିରେ ଜଗତ୍‌ବାବୁ ହସିଦେଲେ,—ହାଃ ହାଃ ହାଃ ହାଃ—ସରଳ ପିଲ୍ଲ ପରି । ସେ ହସରେ ମୁଗ୍ଧ ନ ହେବାକୁ ବଳୀଦତ୍ତର ସାଧ ନାହିଁ । ବିଶେଷତଃ ଏଠ ବାଦ ନାହିଁ ।

ବଳୀଦତ୍ତ ଦେଖିଲା,—ପ୍ରକାଣ୍ଡକାୟ ବୁଢ଼ାଲୋକ, ଓସାରିଆ ହାଡ଼ ଅଦ୍ୟାପି ସବଳ । ଆଖିରେ ଚଷମା, କପାଳ ଛମଲିଆ, ଚକ୍‌ଚକ୍ । ମୁହଁରେ ଶାନ୍ତ । ବାଳ ସବୁ ପାଚି ନାହିଁ । ଗଣ୍ଠି ଖୁଣ୍ଟି ନାହିଁ । ବାର୍ଦ୍ଧକ୍ୟ ଏଠି ଯେପରିକି ତାରୁଣ୍ୟର ନୂତନ ଭେକ ।

ଗୋଲମୁହାଁ ଧୋଇ ପାକଳ ବୁଢ଼ା ଲମ୍ବୁ ଲମ୍ବୁ ଜଣ ଜଣେ କିରାଣି ବାବୁ । ନାକଅଗର ଚଷମାବାଟେ ଦୃଷ୍ଟି ଚଳାଇ କହିଲେ, "ସଞ୍ଚୟ କରି ନାହାନ୍ତି କାହିଁକି ଆଜ୍ଞା, ଆପଣ ପାଇଛନ୍ତି ଧର୍ମବଳ । କୁଟୁମ୍ବ ଶାନ୍ତିରେ ଅଛନ୍ତି, ଝିଅମାନେ ଭଲ ଘର ବର ପାଇଲେ, ପୁଅମାନେ ସମସ୍ତେ ଏକୁ ଆରେକ ଯୋଗ୍ୟ, ଦଶ ମୁଣ୍ଡରେ ପ୍ରଶଂସା । ଧର୍ମ ଏକା ସିନା ମହତପଣିଆ ।"

ଜଗତ୍‌ବାବୁ ହସିଦେଲେ, କହିଲେ, "ଏତେ ଧାର୍ମିକ ଧାର୍ମିକ କହ ସ୍ୱର୍ଗରେ ବସାନା ଦେ । ଭୋଉ ଆମେ ବୈଷ୍ଣବ ନା ମହାତ୍ମା । କାମ କରି ଯାଇଛୁ । ଚାକିରିରେ ପଶିଲାବେଳେ ଈଶ୍ୱରଙ୍କ ନାଁ ମୁଣ୍ଡରେ ଧରି ଆସିଥିଲି । ଆଜି ସବୁ ଥୋଇ ଦେଇ ତାଙ୍କରି ନାଁ ମୁଣ୍ଡରେ ଧରି ଫେରିଯାଉଛୁ । ବିଚାର କରିବେ ସେ ।"

ବଳୀଦତ୍ତ କହିଲା, "ଆଜ୍ଞା, ଆପଣଙ୍କୁ ନଜାଣେ କଏ । ଲୋକେ ଖାଲି ଚାକିରିରେ ଥିବାଯାକେ ବଡ଼ ବୋଲନ୍ତି । ଆପଣ ଚାକିରିରୁ ଗଲେ ବି ଜୟ ଜୟକାର, ଧର୍ମବଳ, ପୁଣ୍ୟବଳ, ତା କୁଆଡ଼େ ଯାଏ, ହେଁଃ—"

"ତା ବୋଲି ଏତେ ଖୋଷାମଦନୁଁ ତମେ ଆଉ ଧର୍ମ ଧର୍ମ କର ନାହିଁ, ବୁଝିଲ, କିଛି ଖରାବ ନାହିଁ 'ତମେ' କହିଲି ବୋଲି—"

"ଆଜ୍ଞା, 'ତମେ' କଣ, 'ତୁ' ବୋଲି କହିଲେ ମୁଁ ଖୁସି ହୁଅନ୍ତି—ହେଃ ହେଃ ହେଃ ।"

ବଳୀଦତ୍ତର ପିଠି ଥାପୁଡ଼େଇ ଜଗତ୍‌ବାବୁ କହିଲେ, "ଦୀର୍ଘଜୀବୀ ହ ତୁମେ । ଯୋଗ୍ୟ ପିଲା, ତୁମେହିଁ ଉଠିବ । ଏତେ ଅଳ୍ପ ବୟସରେ ଯାହା ଶିଖି ପାରିଚ, ବୁଢ଼ା ହେଲି, ମୋ ଦେଇ ତାହା ହେଲା ନାହିଁ । ବୁଝିଲ ବାବୁ, ମୋ ଦେଇ ଜମା ହେଲା ନାହିଁ ତା ।"

Digitized by srujanika@gmail.com

ବୁଢ଼ା କଉଁମାବାବୁ ମୁରୁକେଇ ମୁରୁକେଇ ହସୁଛନ୍ତି । ବକାଦାଣ୍ଡ ବାତ: ହୋଇ କହିଲି, "କଣ ?"

"କହିଦେଲେ ତୁମର ଫିଟିଯିବ ଯେ, ନାଃ, ଥାଉ । ତେବେ ତୁମେ ଆଉ ଏ ଫମ୍ପା ଧର୍ମବଳର ନାଁ ଧରନା ଆଦୌ । ଦୁର୍ବଳ ହେବ । ଧର୍ମ ଧର୍ମ କରି ଲୋକେ ଗଣ୍ଡେଇ ଖାଆନ୍ତି ଦେଖିଲି ଗଣ୍ଡେଇ ଖାଇ ସ୍ୱପ୍ନରେ ଭୋଳ ହୁଅନ୍ତି ।"

"କଣ ମୋର କିଛି ହବ ଭାବୁଛନ୍ତି ?"

"ହବ ନାହିଁ ? କଷ୍ଟ ହବ, ଯିବ କୁଆଡ଼େ ? ଯାହାର ଯାହା ସାଧନା ତାର ବଳ ତାକୁ କଷ୍ଟ ଥୁଆ, ଯିବ କୁଆଡ଼େ ?"

ମନେପଡ଼ୁଛି ପୁଣି । ଜଗଦ୍‌ଗବ-ମାର୍ଜାର କଥା,—"ସାର୍, ମତେ କିଛି ଉପଦେଶ ଦେବେ ନାହିଁ ? କିଛି ହିଣ୍ଟ୍‌ସ୍, ଟିପ୍‌ସ କିଛି, ଘରଣ ବର୍ଷର ମୂଲ୍ୟବାନ ଅଭିଜ୍ଞତା—"

"ଦେବି ଆଶୀର୍ବାଦ, କହିବି ମୁଁ ଯାହା ହୋଇ ପାରିଲି ନାହିଁ, ତୁମେ ତା ହୁଅ ।"

ନାଚି ଆସୁଛି ବୁଢ଼ାଙ୍କର ମନ,—ଭଙ୍ଗା ବୁଢ଼ା, କଣ ଭାବୁଛି ସେ ? ଅବଶୋଷ କରୁଛି ? ନା ଏ ଦିନସ୍ୱପ୍ନ ।

"ଶୁଣ ବାବୁ, ରଙ୍ଗିଲା ଜୀବନ । ପଡ଼ୁଆଣୀ କଥା ଖାଲି ସ୍ୱାଦର ଘଡ଼ିଏ । ଦୂର୍ଯୋଗ୍ୟ କି ନା ! ହେଃ ହେଃ ହେଁଃ । ତେବେ ତୁମେ ମୋଠୁଁ କଣ ଆଶା କରୁଛ ଶୁଣିବ ବୋଲି ? ଯାହାର ହିଣ୍ଟ୍ ଯାହାକୁ । ଯାହାର ଟିପ୍‌ସ୍ ତାକୁ । ଯାହାର ମାଙ୍କଡ଼ ସେ ନଚେଇ ଜାଣେ । ତମର କଣ ହେବ ଯେ ? କାମ କରିବାକୁ ଚାକିରିରେ ପଶିଲି । କାମ କରିଗଲି । ଭଲ ମନ୍ଦ ମୁଁ ଜାଣିନାହିଁ । କାମଭୋଳରେ ବାହାର କଥା ମୁଁ ଖିଆଲ୍ ରଖିନାହିଁ । ଆଉ ତୁମକୁ ଟିପ୍‌ସ୍ କଣ ଦେବି ? ତେବେ ହିଁ, ମନେ ପଡ଼ୁଛି, ଚାକିରିରେ ପ୍ରଥମ ଜୀବନରେ ମନରେ ଖିଆଲ୍ ପଶିଥିଲା, ମାତି ଡେଇଁ ଟପିଯିବି । ଘନାଟକେତେ ଦୌଡ଼ଧାପଡ଼ ଯେ ନ କରିଛି, ତା ଲୁଚିନି । କିନ୍ତୁ କ୍ରମେ ମନଟା ଫେରି ପଡ଼ିଲା । ଗୋଟେ ଗ୍ରେଟ ଘଟଣା କହେଁ । ସ୍ମାର୍ଟ୍ ହେବାକୁ ଘୋଡ଼ାଚଢ଼ା ଶିଖୁଥିଲି, ମିଳିଥାଏ ଗୋଟିଏ ଘୋଡ଼ୀ । ଥରେ ସାହେବ୍ ସାଙ୍ଗରେ ଟୁର୍‌ରେ ଯିବାକୁ ବାହାରିଲି, ସାହେବ୍ ଚଢ଼ିଲେ ଘୋଡ଼ା । ବାଟରେ ସାହେବ୍‌ର ଘୋଡ଼ାଟା ହିଁ ହିଁ ହିଁ କରି ଢ' ଗୋଡ଼ ଟେକି ମୋ ଉପରକୁ ଧାଇଁଲା । ଘୋଡ଼ୀକୁ ସମ୍ଭାଳିବା ମୁସ୍କିଲ୍ । ଫଳରେ ଯାହା ହୋଇଥାନ୍ତା ! ଭାବିଲେ ଲାଗେ ଭଗବାନ ତୁମେ ପରମ ଦୟାଳୁ—"

ଜଗନ୍ନାଥବାବୁ ହୋ ହୋ ହୋଇ ହସି ଉଠିଲେ ।

"ଏମିତି ଗୋଟିଏ ଗୋଟିଏ ଗ୍ରେଟ ଗ୍ରେଟ କାଣ୍ଡ । ସେ ଚେଷ୍ଟେଇଦିଏ ଅମକୁ, ଅମେ ବଢ଼ୁଛ ମାଡ଼ଯାଉଚୁ ବୋଲି । କାନମୁଣ୍ଡା ଆଉଁସି ଆମେ ନିଜ ସ୍ଥାନକୁ

Digitized by srujanika@gmail.com

ଫେରସ୍ତ । ସେଇ ହେଲା ମୋର ସ୍ୱାର୍ଥପଣ ଉପରେ ପ୍ରଚଣ୍ଡ ଆଘାତ । ପରେ ଆଉ ଅନେକ କଥା ଶିଖିବାକୁ ପଡ଼ିଲା । ଶିଖିବାକୁ ପଡ଼ିଲା ଯେ, ଯେଉଁଥିପାଇଁ ଯାଉଁ ପଛେ, ଯେ ଯେପ୍ରକାର ଖୋଜେ ତାକୁ ସେ ପ୍ରକାର ତ୍ୟାଗ ଦେବାକୁ ପଡ଼େ, ଆଉ ଚାକିରି,—ଏଥିରେ ପ୍ରଥମେ ତ୍ୟାଗ ଦେବାକୁ ପଡ଼େ ନିଜର ଆତ୍ମସମ୍ମାନ । ଥରେ ଟୋଟେ ହାଇଲଣ୍ଡର ସାହେବ୍ କଥା-କଥାକେ ରାଗିଯାଇ କହିଲା ଶୁଆର୍ କା ବଚ୍ଚା । ଧରିଲି ତା ବେକକୁ, କଣ କଲି ଅଭ୍ୟସ୍ତ ହେବୁ ନାହିଁ, ହୋଏ ହେଲା ଶୁଣିଲି ସେ ଡାକୁଛି ହାଓ-ହାଓ । ଭବିଷ୍ୟତର ପ୍ରମୋଶନ୍ ଉପରେ ଯେପରି କି ଗୋଟାଏ କଳା ପର୍ଦ୍ଦାର ଯବନିକା ପଡ଼ିଗଲା । ତଥାପି, ଚାକିରିଟା ଗଲା ନାହିଁ, ଯାଇଥିଲେ ଅବଶ୍ୟ ଖୁବ୍ ଭଲ ହୋଇଥାନ୍ତା । ହେଃ—ହେଃ—ହେଃ—କି ଉପଦେଶ ନେବ ମୋଠୁଁ ? ଦେଖ,—ପରଠୁଁ ଯଦି ତୁମେ ସାହାଯ୍ୟ ଆଶା କର, ତେବେ ପରର ମନକୁ ଛୁଇଁବାକୁ ପଡ଼ିବ ତାର ପ୍ରବୃତ୍ତି ମାର୍ଗରେ । ପ୍ରବୃତ୍ତି ବା କଣ ? ପ୍ରଥମେ, ତାର କାମପ୍ରବୃତ୍ତି,—ତା ପରେ ତାର କ୍ରୋଧ; ଅର୍ଥାତ୍ ତାର ଶତ୍ରୁମାନଙ୍କ ବିରୁଦ୍ଧରେ ତାକୁ ସାହାଯ୍ୟ କରିବା । ଚୁଗୁଲି ଯୋଗାଡ଼ କରିବାଠୁଁ ଲଢ଼ିବାଯାକେ । ତା ପରେ ତାର ଲୋଭ,—ତାକୁ କିଛି ଦେବାକୁ ପଡ଼ିବ । ତା ପରେ ତାର ମୋହ,—ଯେଉଁ ଭ୍ରାନ୍ତ ଧନ୍ଦ ଯେ ତାର ଜୀବନର ଅସ୍ତିତ୍ୱ ବୁଝୁଛି, ସେଇ ଭ୍ରାନ୍ତ । ସେଇ Values ନିଜର ବୋଲି ଧରିନେଇ ତାକୁ ଉତ୍ସାହିତ କରିବା । ତା ପରେ ତାର ମଦ ମାତ୍ସର୍ଯ୍ୟ,—ଅର୍ଥାତ୍ ତୋଳଅଣା ଖୁସାମତ୍ କରିବା । ତା ପରେ ସେବା, କାର୍ପଣ୍ୟ, ଦେବା ଫଳ, ପୁଣି ସେଇପରି, ତାକୁ ସ୍ମରଣ, ତା ଗୁଣ କୀର୍ତ୍ତନ ଇତ୍ୟାଦି । ସବାଶେଷରେ ତାର ହିତାହିତ ଜ୍ଞାନ, ଯେଉଁଠି କର୍ତ୍ତବ୍ୟନିଷ୍ଠା ଆଦର ମୂଲ୍ୟ ଡହଲ ହୁଏ ।—ସବାଶେଷରେ ତାର ଏହି ବିଚାରକୁ appeal କରିବାର ଉପାୟ, ଏଇଟା ଶେଷ କଥା । ଏଇତ ଚାକିରି ଧର୍ମକୁ ମୁଁ sum up କରିଦେଲି ବାବୁ ! କିନ୍ତୁ ଏଥିରୁ କିଛିହେଲେ ହାସଲ ହେଲା ନାହିଁ ମୋ ଦେଇ, କି ଦୁଃସାହସରେ ତମକୁ ଉପଦେଶ ଦେବି କହ ? ମୁଁ ତ ନିଜେ ପାରିଲି ନାହିଁ । ହେଃ—ହେଃ—ହେଃ ହେଃ— । ଯାଅ ବହୁତ ମୂଲ୍ୟବାନ ସମୟ ତମର ନଷ୍ଟ ହେଲା । ହଉ, ହଉ, ଆଶୀର୍ବାଦ କରୁଛି, ଜୀବନରେ ଶାନ୍ତି ପାଅ ।" ଜଗତ୍‌ବାବୁ କାମ ଆରମ୍ଭ କଲେ ।

ଆଜି ସେ ତାର, ହଳଦିଆ ବାର୍ଦ୍ଧକ୍ୟ । ବଳୀବର୍ଦ୍ଦ ପଳେଇ ଆସି ରକ୍ଷା ପାଇଲା ବୋଲି ଭାବିଲା । ଓଃ ! ଏ ଘର ଭିତରେ କାଗଜ ବା ଯେପରି କି ଗୁଣ୍ଡା ହୋଇ ଝଡ଼ିପଡ଼ୁଛି ଚୂରୁଣା ହୋଇ । ଧୂଳି, ଧୂଳି ସବୁ । ନାକରେ ମୁହଁରେ ପଶି ଆସେ । ଦମ୍ ବନ୍ଦ ହୋଇଯାଏ । ଅନ୍ତରାତ୍ମା ଶୀତେଇ ଉଠେ । ବେକ ଭାଙ୍ଗି ତଳକୁ ଚାହିଁ ବୁଢ଼ାର କଥା ଟାଳି ଗଲାବେଳେ ଲାଗୁଛି ଛାତି ଭିତରେ ଛପି ଛପି ପଶିଛି

Digitized by srujanika@gmail.com

ଏଇଲେଇ, ନଜର ପାନ ବ୍ୟକ୍ତିତ୍ୱ ଶ୍ରେଷ୍ଠ ମୁଖ୍ୟାଙ୍କିଏ ହୋଇ ତା କବଳରେ ଖାଲି ଛଟପଟ ହେଉଛୁ, ଛଟମଟ ହେଉଛୁ ।

ଓଃ, ପଡ଼ୁଛେଇ ଗଲଣି ସେ ଅନୁଭୂତ । ଚେତ୍ନା ଉଠୁଛୁ ପୁଣି ଅଶାବାଦତା ପରେ, ରଣଜିତ୍‌ବାବୁ । ସୁନ୍ଦର ସୁଟ୍, ପରିଚ୍ଛନ୍ନ ମୁହଁ, ବାଲ କୁଣ୍ଡେଇବାରେ ଫୁଟି ଉଠିଛୁ ଆର୍ଟ, ସତେ କ ବଙ୍କାପନର ଛବ । ବାହାର ଯାଉଛନ୍ତି, ଦୁଆରମୁହଁରେ ଦେଖା ଓ ପରିଚୟ ।

"ଗ୍ଲଲେ ଆଜ୍ଞା ?"

"ନିଶ୍ଚୟ, ଦେଖ୍‌ନାହାନ୍ତି ସାଢ଼େ ଗୁରଟା ବାଜଲଣି । ଆଉ ଅଧ ଘଣ୍ଟାକେ ଛୁଟି ତ, କଏ ଦେଖୁଚ ? କାମ ତ କରିଛୁ ଖୁବ୍ ବେଶି । ଯେକୌଣସି ସାହେବଙ୍କୁ ପଗ୍ଲରବେ ଯାଉନ୍ତୁ, ସେମାନେ ଆଜ ମତେ ଦେଖିଛନ୍ତି । ଅର୍ଥାତ୍ ବୃଲାଥିଲି ଦ୍ରୁତ, ବୁଲିବା ପ୍ରୟୋଜନ । କାମରେ ଏଫିସିଏନ୍‌ସିର ପ୍ରମାଣ ନଜର ଏଫିସିଏନ୍‌ସି । ସେଇଟା ବଜାୟ ରଖିବାକୁ ହେଲେ ଗଧ-ଖଟୁଣି ବନ୍ଦ କରିବାକୁ ହୁଏ । ଦରକାର ପଡ଼େ ନଜ ଦେହକୁ ନଘା ଦେବା, ପରର ସେଣ୍ଟିମେଣ୍ଟକୁ ବ । କାମ କରି କରି ଉପରସ୍ଥ କର୍ମଗ୍ଲଶ ଯେତେବେଳେ ପାଗଳପ୍ରାୟ, ସେତେବେଳେ ତା କନ୍ଧକ ଯାଇ ଦ'ପଦ ମିଠାକଥା କହିଲେ ସେ ଖୁସି ହେବ, ନା ତାର ଟ୍ଟେଇ ନ ମାଡ଼ି ନଜ କୋଠରୀରେ ମୁହଁ-ମାଡ଼ି କାଗଜ ପାଖେ ଆଣ୍ଠେଇ ପଡ଼ିଲେ ସେ ବେଶି ଖୁସି ହେବ ? ଆପଣହିଁ ଭାବନ୍ତୁ । ଅତଏବ କାମରେ ଜିତିବାର ସିକ୍ରେଟ୍ ହେଉଚ—Don't work, ମାନେ, not like a ବଳଦ । ଦେଖା କରିଯିବା, ଘରେ ଘରେ ବୁଲି ବନ୍ଧୁତା କରିବା, ସେମାନଙ୍କ ଫଟୋ ନେଇ ସେମାନଙ୍କୁ ଭେଟି ଦେବା, ତାଙ୍କ ସାଙ୍ଗରେ ଟେନିସ୍ ଖେଳିବା, ତା'ପରେ ତାଙ୍କୁ ଗ୍ଲ' ପାନରେ ଆପ୍ୟାୟିତ କରିବା,— କାହାର କେଉଁଟା ଦରକାର ତା' ବୁଝି ଦେବା, ବୋଲହାକ କରିବା,—ବାବ୍‌ବାରେ, ଏ ତ ସୁପର ଓ୍ୱାର୍କ୍ । ଏଥିପାଇଁ ବୁଦ୍ଧି ଦରକାର । ଇନ୍‌ଭେଷ୍ଟମେଣ୍ଟ୍ ବ କମ୍ ଦରକାର ନୁହେଁ । ଆପଣ ମୋ ନର୍ଦ୍ଦେଶ ମାନନ୍ତୁ, ସିଓର୍ ସକ୍‌ସେସ୍, ଏଇତ ଟେନିସ୍ ବେଳ ହେଲା । Come on be a sport, କଣ ?"

"ମୋର ଟିକିଏ କାମ ଅଛୁ,—"

"ଫେର୍ କାମ !" ରଣଜିତ୍ ବାବୁ ହସିଲେ,—"ଆଚ୍ଛା, Bye, Bye !" ହେଇ, ଗ୍ଲଲି ଯାଉଛନ୍ତି ସେ ।

କ୍ଷିପ୍ରଗାମୀ ।

କଛୁ ନ ଭାବ ବଳୀଦତ୍ତ ତାଙ୍କର ଆଡ଼କୁ ଗ୍ଲହିଁଲ । କନ୍ତୁ ସେ ସାଇକଲ ଛୁଟେଇଲେଣି, ଦିଶିଯାଉଛୁ ମୁହଁର ଫାଲେ, ସେଥିରେ ବଙ୍କା ସିଗାରେଟ୍ ଜଳୁଛୁ ।

Digitized by srujanika@gmail.com

ପାଣିଂ ଯୋ ।

ଉଡ଼ନ୍ତା ଦୃଶ୍ୟ । ଉଡ଼ିଯାଉଛି, ଉଡ଼ିଯାଉଛି ଆଗେ· ଆଗେ ।

ନାଳ ଉପରେ ଅହେତୁକ ରାଗ ଆସୁଛି, ଲାଗୁଛି ଖାଲି କଁଇଁଛ ସେ, ଗୋଟିଏ ଚିନ୍ତାଶୀଳ କଇଁଛ । ପୁଣି ମନେପଡ଼ୁଛି ବିଜ୍ଞାପନ, ଦୁଇପଟେ ଦୁଇଦିଗ, ପୂର୍ବ ଓ ପଶ୍ଚିମ, ସୂର୍ଯ୍ୟୋଦୟ· ସୂର୍ଯ୍ୟାସ୍ତ । ସାଫଲ୍ୟର ବିଜ୍ଞାପନ ଉପରେ ଲେଖା ଅଛି—ଆସ, ମୋର ଆଶ୍ରୟ ନିଅ, ମାମେକଂ ଶରଣଂ ବ୍ରଜ । Let be your Father !

ମୁଗ୍ଧ ବଳୀବର୍ଦ୍ଦ ବଙ୍କା ପଥ ଦେଖୁଛି ।

ହଠାତ୍ ବାଜି ଉଠିଲା କାମ ଶେଷର ଘଣ୍ଟି, ଟଂ ଟଂ ଟଂ ଟଂ, କର୍ମୀମାନେ ଅଫିସ୍ ଘରୁ ପଙ୍ଗପାଳ ପରି ଧାଇଁ ବାହାରିଲେ । ବୋଧ ହେଲା ପଛଆଡ଼େ ତାର କୋଟ ଓ ଟୋପି ଧରି କାଖରେ ଫାଇଲଟିଏ ଯାକି ଠିଆ ହୋଇଛି ତାର ଚପରାଶି ନିତା । ବେକ ମୋଡ଼ି ମୁହଁ ନେଫେଡ଼ି ନିତାନ୍ତ ଦାସ୍ୟଭାବ ଦେଖାଇ କହୁଛି—

"ହଜୁରେ କଣ ଟ୍ରେନରେ ଯିବେ ନା ଗାଡ଼ି ଡାକିବି,—ଗାଡ଼ିଟେ ଡାକୁଛି ଶ୍ରମ ହେବ ।"

"ହିଁଃ, କୋଉ ଦୂର ହେଇଚି ଗାଡ଼ିଟେ ଡାକିବୁ ନିଁ ତାଯ୍, ଚାଲ୍ ହାଓ୍ବା ଖାଇ ଖାଇ ଯିବା ।"

"ହାଓ୍ବା,—ଭାରି ଧୂଳି ହଜୁରେ, ହଉ ଆସିବା ହେଉ ।"

ବସା ଦୁଆର ମୁହଁପାଖେ ପହଞ୍ଚିଲାବେଳକୁ ଟୋକା ଚାକରଟିଏ ଗୋଟଏ ଟୋକେଇ କାନ୍ଧେଇ ହତା ଭିତରକୁ ପଶୁଛି. ଦିଶିଯାଉଛି ତା'ର ପିଠିଆଡ଼, ସରୁ ଖୋଲା ଗୋରାଦେହର ଚୂଡ଼ାରେ ଝାମ୍ପୁରା ବାଳ, ଠାଏ ଠାଏ ଚିରା କରଡ଼ିଆରେ ଲେଙ୍ଗୁଟି ପରି ଦୋକଛା ମାରିଛି । ପଛଆଡ଼ୁ ନିତା ଡାକିଲା, "ଏଇ, ହର୍ଷ, ଶାଃ—"

ହର୍ଷା ବୁଲିପଡ଼ି ଦଣ୍ଡବତ କଲା ।

ନିହାତି କୁଆଁଳିଆ ମୁହଁଟିଏ, ଏକପ୍ରକାର ସହଜ ନିରାଶ୍ରୟତା ତାର ଚାହାଣିର ଭଙ୍ଗୀ, ଆପଣାର କରିନିଏ । ସରୁ ସରୁ ନିର୍ଜୀବ ପାପୁଲି ଆଙ୍ଗୁଠିରେ ନଖ ନାଲି ଟହ ଟହ,—ପଚେଇଛି ।

Digitized by srujanika@gmail.com

ନ ଜାଣିଲା ପରି ବଳୀଦତ୍ତ ପଚାରିଲା, "କିଏ ସେ ଯେ ମୁଁ ଚାହୁଁ ?"

"ଏ ହର୍ଷ ହଜୁର, ହଜୁରଙ୍କ ବିଏ, ଯାହା ହୁକୁମ କରିବେ, ତାହା କରିବ, ଭଲ କାମିକା ଟୋକା, ଆଗେ ଜଣେ ପୁଲିସ ସବ୍‌ଇନ୍‌ସ୍‌ପେକ୍ଟରଙ୍କ ପାଖରେ ଥିଲା, ତାଙ୍କ ସଙ୍ଗେ ବହୁତ ଗସ୍ତ ବୁଲିଛି, ଦେଖିବେ ନାହିଁ,—ଖୁବ କାମିକା—"

"ହଁ, ହର୍ଷ, ନା ହର୍ଷ—ଘୋଡ଼ା, ଅଁ ? ହଇରେ ହର୍ଷ, ଆ ତ,—"

"ଆ, ଆରେ ହର୍ଷ ଆ, ହଜୁରେ ଖୁସି ହେବେ, କେମିତିଆ ଖୁସି ଜାଣିବୁ ପଛେ, ଟିକିଏ କାମ ଭଲକଲେ ଓଟାରିବେ ତୋ ଚୁଟିକି," ନନ୍ଦା ଫାଇଁ ଫାଇଁ ହସିଲା । ବଳୀଦତ୍ତକୁ ଲାଗୁଛି ଅପୂର୍ବ କୌତୁକ, ସେ ବି ହସୁଛି, କହିଲା, "କବେ ନଖ ପରେଇଚୁ ନା କଣ ? ଦେଖେଁ ତୋ ଆଙ୍ଗୁଠି—" ତାର ପାପୁଲିସନ୍ଧିରେ ଆଙ୍ଗୁଠି ପୂରେଇ ଧୀରେ ଧୀରେ ଦାବ ଦେଉଛି । ହର୍ଷ ଲାଜରେ ମଉଳା କହିପରି, ତଥାପି ଓଠ କାମୁଡ଼ି ମୁହଁତଳୁ ଚଞ୍ଚଳ ଚାହିଁଦେଉଛି, ବଳୀଦତ୍ତ ତାର ହାତ ମୋଡ଼ୁଛି, ବେକରେ ଖୁପୁଡ଼ୋଉଛି, କହୁଛି "ଆଃ, ସହକ ଟୋକାଟା, ନଖ ପରେଇଚ, ବାହା, ବାହା ମୁଣ୍ଡରେ ବହେ ବାଳ, ଆଉ ନୋଳକ ପିନ୍ଧୁନୁ ?"

ନନ୍ଦା କହିଲା,"ହଜୁର' ସେ ଧନାକେତେ ଗୋଟିପୁଅ ହେଇ ନାଚୁଥିଲା ।"

"ଭଲ, ଫେର୍ ନାଚିବ, କାମ ନ କଲେ ଏମିତି ନଚେଇବ କି ମନ ମାନିଯିବ," ତାର ଚିଗ କର୍‌ଦିଆବାଟେ ଚମୁଟି ଲଗିଲା । ହର୍ଷ ହସି ହସି କୁଦାମାରିଲା । ବଳୀଦତ୍ତ ଦାସ୍ କହିଲା, "ଏଗୁଡ଼ା କଣ ହେଉଚ ? ରୁ କର୍‌ଦିଆ ପିନ୍ଧିଚୁ ନା କର୍‌ଦିଆ ତଳେ ପିନ୍ଧିଚ କହିଲୁ ଆଗେ, ଏଇଆ ପିନ୍ଧ କାମ କରିବୁ ?"

"ଗରିବ ପିଲା ହଜୁରେ,—" ନନ୍ଦା କହିଲା, "କଣ ତାର ଅଛି ? ହଜୁରେ ଦେବେ ନାହିଁକି ?"

ହର୍ଷ ହଲି ହଲିକା ଟୋକେଇ କାଖେଇ ଘରକୁ ମୋଡ଼ିହିଲା, ବଳୀଦତ୍ତ ଚାହିଁ ଚାହିଁକା ଚାଲିଲା ଧୀରେ ଧୀରେ ।

ଅଜାଣତରେ ଦେହରେ ଆସୁଛି ଉଷୁମ, ମନ ଉପତ, ନୂଆ ଆମଦାନି 'ବିଏ' ଟୋକା ସାଙ୍ଗେ ଏକମିନିଟ୍ ମନରେ ଆଣିଛି ପ୍ରବଳ ଉତ୍ସାହ । ଏ ଗୋଟାଏ ନୂଆ ବ୍ୟକ୍ତିତ୍ୱ, ଯାହା ତାର ଦେହଖୋଳ ଭିତରେ ଓଲଟିପଡ଼ି ନୋଚୁକୋଚୁ ହୋଇ ଲୁଚିଥିଲା, ଉପଯୁକ୍ତ ପରିସ୍ଥିତି ପାଇ ଚହିଁକି ଉଠିଛି । ଅତୀତର ହିଂସ୍ରାର ପ୍ରତିହିଂସା, ଯେଉଁ ମୁହୂର୍ତ୍ତରେ ହିଂସାର ବଳି ମାଟି କାମୁଡ଼ି ପଡ଼ିଥାଏ ପରେ ଧ୍ୱଂସକ ହେବାକୁ, ଆହତ ଅଘାତ ଦିଏ । ଜୀବନସାରା ତାର ବ୍ୟକ୍ତିତ୍ୱକୁ ଲୋକେ ଫୁଲୁକମ କରି ନଚେଇଛନ୍ତି, ସବୁ ମଉଜ ତାହାର ଉପରେ, ତାହାର ଖର୍ଚ୍ଚରେ,—କାରଣ ସେ ଖର୍ବ, ସେ ଦୁର୍ବଳ । ସେଗୁଡ଼ା ମନେ ପଡ଼ିଲେ ଦେହ ଜଳିଯାଏ, ଆଉଙ୍କ ଅପେ ଆଜ ପ୍ରତିହିଂସା ସୁଝେଇବାକୁ ବେଳମିଳିଛି, ଉତ୍ସାହ ଆଉ ଉନ୍ମାଦନା ବାରି

Digitized by srujanika@gmail.com

ହେଉନାହିଁ । ଗୋଟାଏ ଦେହଭିତରେ ଲକ୍ଷ ପ୍ରବଣତା, ଲକ୍ଷେ ପ୍ରବୃତ୍ତି ବିକାର, ସାଲୁ ସାଲୁ ନାନା ଜାତି ରୋଗଜୀବାଣୁ ପରି, କେଉଁ ରୋଗର ଜୀବାଣୁ କେଉଁ ଋତୁ, ଅର୍ଦ୍ରତା, ଉତ୍ତାପ ଓ ପରିସ୍ଥିତି ପାଇ ହଠାତ୍ ଚହଟିଉଠେ, ସେହିପରି ଚହଟି ଉଠିଛି ନୂଆ ଖିଆଲ. ଏଇ ଟୋକା ହର୍ଷର ଦେହକୁ ସେ ମୋଡ଼ି ମାଡ଼ି ଗୁଣ୍ଡା କରି-ଦେବାକୁ ଚାହେଁ, ଭାବିଲେ ଦେହ ଥରେ । ଭାବୁ ଭାବୁ ପଶିଯାଏ ନିଜେ ପହିଲି ଥର ଦେଖା ଯାଉଥିବ୍ର ଦେହ ଭିତରେ ।

ସରୋଜିନୀ ଅପେକ୍ଷା କରିଛି ।

କିନ୍ତୁ ତା ମୁହଁକୁ ଚାହିଁ ହେଉନାହିଁ, ନୂଆ ଖିଆଲର ଅକୁହା ଅନ୍ତରା ଗୁଣୁଗୁଣୁ ହେଉଛି ମନେ ମନେ । ଭିତରକୁ ପଶି ଦେଖିଲା ଘରର ସଜାସଜ ସରିଛି, ଯେଉଁଠି ଯାହା ରହିବା କଥା,—ଟେବୁଲ, ଚୌକି, ଖଟ, ବିଛଣା, ଜିନଷ । ଚୌକିରେ ବସି ପାଟିକଲା, "ଏଇ, ବନ୍ଧୁ, ଯୋତା ଖୋଲ୍ ।।"

ହର୍ଷ ଯୋତା ଖୋଲିବାକୁ ଆସି ତଳେ ବସିପଡ଼ିଲା । ତାର କୋଳ ଉପରେ ଦୁଇପାଦ ଲମ୍ବାଇଦେଇ ବଳୀଦତ୍ତ କହିଲା, "ଯୋତା ଖୋଲ୍, ମୋଜା ଖୋଲ ।"

ହଠାତ୍ ମନେ ପଡ଼ିଲା, ଦେହରେ ଯୋଲାବନ୍ଧା, ଦେହ ଖୋଜୁଛି ଘଷା ଆଉଁଷା । ସରୋଜିନୀ ଲୁଗାପଟା ଧରି ଠିଆହୋଇଛି, ବଳୀଦତ୍ତ କହିଲା, "ବଡ଼ କ୍ଲାନ୍ତ ଲାଗୁଛି, ଦେହ ଦରଜ, ଓଃ ଯୋଉ କାମ ।"

ସରୋଜିନୀ ମୁହଁ ଶୁଖିଗଲା, କପାଳରେ ହାତଦେଇ କହିଲା, "ଦେଖେ, ତାତିଛି କି !—ନା । ଡାକ୍ତରଙ୍କୁ ଡାକିଆଣୁ, ନିତା ଯାଉ !"

"ନା ନା, କଣ ଏମିତ ହେଇଚ ଭାବୁଚ ? ସେ କିଛି ନୁହେଁ । ଏଠି ବହୁତ କାମ । ବଡ଼ ଦାୟିତ୍ୱ ଆସିଲି କିନା ! ସାମାନ୍ୟ ଟିକିଏ ଯୋଲା ବନ୍ଧା, ତମେ ଯାଆ ଚାହା ଆଣ, ଏ ହର୍ଷ ଟିକିଏ ମତେ ମୋଡ଼ିଦେଉ,—ନାଇଁରେ ପାରିବୁ ନାଇଁ, ତୁ ଟୋକା ? ଯାଅନା, ସେ ଘଷିବ ବଳେ । ତମେ ରନ୍ଧାବଢ଼ା କର ।" ଅତଏବ ଲୁଗା ବଦଳି ଆରାମ କରି ଶୋଇରହିଲା ବଳୀଦତ୍ତ, ହର୍ଷ ଘଷିବାକୁ ଆରମ୍ଭ କଲା,— ପ୍ରଥମେ ଡରି ଡରି କରେଇ କରେଇ, ପରେ ସାହସ ପାଇ ଜୋରରେ ଜୋରରେ, ତାପରେ ବେପରୁଆ ଚାଲିଛି ତାର କଅଁଳ ହାତ, କାଦୁଅ ଚକଟୁଛି । ବଳୀଦତ୍ତ ଫାଁଗାଲିଆ ଦେଇ ପଡ଼ିଛି, ମଝିରେ ମଝିରେ ନିର୍ଦ୍ଦେଶ ଟିକିଏ ଟିକିଏ—"ହଁ। ସେଇଠି, ସେଇଠି ଜୋରରେ ।" "ହେଲନାହିଁ, ଆହୁରି ଟାଣକରି ।" "ଆଉ ଟିକିଏ ଉପରକୁ, ହେଇ ଏଇଠି, ଓଃ ଛିଣ୍ଡି ପଡ଼ୁଛି ସତେକି ।" ମୁହଁକୁ ତଳକୁ ପୋତି ଝାଳୁଆ ହାତରେ ଚଳେଇଛି ବିଚରା ଚାକରଟୋକା, କପାଳରେ ଝାଳ

Digitized by srujanika@gmail.com

କମିଲଣି, ତାର ବି ଦେହ ତାତି ଉଠୁଛି, କିନ୍ତୁ ନୀରବ ସେ, ମୁହାଁମୁହିଁ ଗୃହକୁ ନାହିଁ ।

ନୂଆ ଅଭିଜ୍ଞତା ବଳୀଦତ୍ତର ଏ ପ୍ରକାର ଗୋଡ଼ଘଷା, ଭଲ ଲାଗୁଛି, ଏ ଘଡ଼ିରେ ଏତିକି ଜାଣି ଜୀବନର ସୁଆଦ । ଭାବନା ଗ୍ଭଲିଛି, ଜୀବନ ! କେଡ଼େ ବଡ଼ ସେ ! କେତେ ତାର ଢଗ, କେତେ ତାର ମୂର୍ତ୍ତି ! ଜୀବନ ଭୋଗପାଇଁ, ଯେ ପକ୍ଷୀ ଉଡ଼େ ଯେତେ ଦୂର । ଯେ ନ ପାରେ,—ସେଇ ହାଇଁପାଇଁଆ ଯେଉଁମାନେ,— ସେମାନେହିଁ ଗଢ଼ନ୍ତି ସମାଜର ନାଲିଆଖିଆ ସଂସ୍କାର, ମାନନ୍ତି ସେହିମାନେ ଯାହାଙ୍କର ଅନ୍ୟ ବ୍ରତ ନାହିଁ; କିନ୍ତୁ ଯେ ବଳୀୟାନ, ଯାହାର ପରକୁ ଖାତିର ନାହିଁ,— ଯଥା ସେ, ଅଫିସର,—ତା ପାଇଁ ନୁହେଁ ନାଲି ଆଖି; ତା ପାଇଁ ଆଗମ,— ଏହିପରି ଆଗମ । ଥିଲେ ନବାବ୍, ବାଦ୍‌ଶା, ତାଙ୍କର ମଉଜର ଖିଆଲ୍ ସାଧାରଣଙ୍କୁ ଅଦ୍ଭୁତ, ତାଙ୍କର ସୁଗ୍ର ସାଧାରଣଙ୍କୁ ଗରଳ । ଆଜି ବି ଅଛନ୍ତି ତାଙ୍କର ବଂଶଧର ଭିନ୍ନବେଶରେ, ଭିନ୍ନ ବୃତ୍ତିରେ, କିନ୍ତୁ ସେହିପରି ସାଧାରଣଙ୍କ ହାତପାଆନ୍ତି ବାହାରେ । ସେମାନେ ଭୋଗୀ । ଦୁନିଆଁ ତାଙ୍କୁ ଚାହିଁ ଦେଖେ । ସେମାନେ ମନଇଚ୍ଛା ନାନା ଜାତି ଶୋଷ ଗଢ଼ନ୍ତି ନିଜ ପାଇଁ । ନାନା ଉପାୟ ଖଞ୍ଜି ମେଣ୍ଟାନ୍ତି ସେହି ଶୋଷ । କୁକୁର ଭୁକୁଥାଏ, ହାତୀ ଚାଲେଇ ଯେନଯାଆନ୍ତି ଯେମାନେ ଆପଣାର ଘଟୂଆର । ଉଦାହରଣ ? କେତେ ଉଦାହରଣ,—ସାନଲୋକ କୁହାକୋହି ହୁଅନ୍ତି । ଅମୁକଟା ଜଘନ୍ୟ କାମୁକ, ସାମାଜିକ ଭେଦ-ଜ୍ଞାନ ରଖେନାହିଁ । ସ୍ୱଚ୍ଛନ୍ଦରେ ନିଜର ପ୍ରଣୟିନୀକୁ ଭଉଣୀ ବା ଝିଅ ବୋଲି ଚଳେଇ ନେଇପାରେ—ଧମୁକ,—ଛି, ସତେ ଯେପରି ଭୂଲି କୁକୁର, ହାଲି ତାର ସ୍ତ୍ରୀ ତାକୁ ମୁଣ୍ଡ ଲଣ୍ଡାହୋଇ ଗୋବରପାଣି ପିଆଇଥିଲା, କଣ କିଛି ଦେଖିଲା ବୋଲି । ସମୁକ,—ତା କଥା ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି, ତାର ମନର ପ୍ରବୃତ୍ତି ବି ଅପ୍ରାକୃତ ସତେକି ଶରୀମିଜ ଗଢ଼ିଛନ୍ତି । କିଏ ପଗ୍ଭରେ ସାନଲୋକଙ୍କ କଥା ?

ହିପାଇଲା ଯେ, ଭୂକିବେ ସେମାନେ ଅବଶ୍ୟ ।

କିନ୍ତୁ ଜୀବନ ! ଫାଉ ମାଣ ଜାଣିଲେ ସର ଉଠେଇ ଜାଣିଲେ ସେଥିରେ ସୁଆଦ ଅଛି ନାନାପ୍ରକାର । ବାଃ, ଭଲ ଘଷୁଛି ଟୋକା, କଅଁଳ ଆଙ୍ଗୁଠି କଥା କହି ଚଳାଇ ଦେଉଛି ମନେ ମନେ ନୂଆ ଆନନ୍ଦ ।

ଆଖି ଅଧବୁଜା କରି ସୁଖ ଅନୁଭୂତିର ବାମ୍ଫ ଘେନୁଛି ବଳୀଦତ୍ତ, ଚେତନାରେ ଅର୍ଦ୍ଧବନ୍ଧୁଳ ଭାବର ସ୍ପନ୍ଦନ, ଅକୁହା, ଅଧାକୁହା, ଗୁନଗାନ ମନେ ମନେକୁହା ଭାବନା, —ଯେତେଟା ନିଜ ମନରୁ ନିଜ କାନରେ ଶୁଣେ, କେତେଟା ଶୁଣେନାହିଁ, ଖାଲି ଅନୁଭବ କରେ । ସ୍ତରେ ସ୍ତରେ ସୁପ୍ତ ମନରୁ, ଗହନ ମନରୁ ଉପରକୁ ଉଠିଆସୁଛି ଭାବ । ଅତି ଚଞ୍ଚଳ ସେ ବଦଳୁଛି । ଧନାକେତେ ପୂର୍ବରୁ ଏପରି ଚିନ୍ତା ଭାବିବାକୁ ସେ

Digitized by srujanika@gmail.com

କଲ୍ପନାହିଁ କରି ନ ଥାନ୍ତା । ହସି ଉଡ଼ାଇ ଦିଅନ୍ତା କହିଲେ ଯେ ସଂସାର ଫଳରୁଣ ଉକାଶର ମନ ପାଣ୍ଠିଲେ ଦେଖା ଧଡ଼ପାରେ କେଉଁ କଣରେ ପସାଙ୍ଗପୁଷ୍ଟ ଧନୀଙ୍କର ଅତ୍ୟାଗ୍ରହୀ ମନୋଭାବ, ଯେ ବଢ଼ିବାକୁ ସୁବିଧା ପାଉନାହିଁ । ଅଭାବରେ ସବୁ ପୃଥିବୀରେ ସମତା ପ୍ରତିଷ୍ଠା କରିବାକୁ ଚିତ୍କାର କରୁଥିବା ଦରିଦ୍ରର ମନରେ ବି ଖୋଜିଲେ ମିଳିପାରେ କେଉଁଠି ହେଲେ ବ୍ୟାଘ୍ର-ମନୁଷ୍ୟ ଆଦର୍ଶବାଦୀ ମାକିଆଭେଲି ଦାର୍ଶନିକଙ୍କର ତୀବ୍ର ଅକାଙ୍କ୍ଷା । କେବଳ ପରିସ୍ଥିତିର ଚାପରେ ତଳକୁ ଦବିଯାଇ ଧରିଛି ଭିନ୍ନ ବାଟ । ଅଧର୍ମ କଥା ମଣିଥାନ୍ତା ତା ଆଗେ ବଖାଣିଲେ, ଯେ କ୍ଷମତା ପାଇଲେ ସାଧାରଣ ଲୋକର ମଣିଷପଣ ନଷ୍ଟ ହୁଏ, ଭଦ୍ରଖିତ ଓ ଅସମ୍ଭବପଣର ବାଡ଼ ହିଡ଼ ଡେଇଁଯାଇ ତାର ନିହିତ ସ୍ୱେଚ୍ଛାଗ୍ରହୀ ଗୁଣ ନିଜକୁ ପ୍ରକାଶ କରେ, ଓଲିଆ ଖାଇ ପରି ସମାଜ ଅଟରେ ଦି'ଗୋଡ଼ ଟେକ ପରର ଗାଲକୁ ଓଲର ଖାଇବାରେ ଯେ ଲଜ୍ଜା ବୋଧକରେନାହିଁ, ଯୋଗୀ ହୁଏ ଭୋଗୀ, ଅତୀତର ତ୍ୟାଗର କ୍ଷତିର ବଢ଼ାଇ କରି ସେ ରକ୍ତମାଂସ ଖାଇ ଶୀଘ୍ର ମାଂସଳ ହେବାକୁ ପ୍ରକାଶ୍ୟରେ ଡେଙ୍ଗୁରା ପିଟି ଉଦ୍ୟମରେ ଲାଗିପଡ଼େ ।

କିନ୍ତୁ ଦର୍ଶନଶାସ୍ତ୍ର ବଳୀବଦ୍ଦର ଦୁର୍ବଳତା ନୁହେଁ, ତାର ଶାସ୍ତ୍ର ସାଫଲ୍ୟବାଦୀ ଜନ୍ତୁର ଶାସ୍ତ୍ର । ମନରେ ସେ ବ୍ରାହ୍ମଣ ନୁହେଁ । ତେଣୁ ନିଜକୁ ସେ ପାଣି ଛଡ଼େଇ ଦେଇଛି ସୁଯୋଗ ଓ ସୁବିଧାର ଚଳନ୍ତି ଢେଉରେ, ସେ ଚାହେଁ ଢେଉ ଆଗରେ ଚଢ଼ିବାକୁ, ଢେଉକୁ ଭେଟି ବାଲିରେ ମାଡ଼ ଖାଇ ଗଡ଼ିବାକୁ ପିଲାଦିନୁ ତାର ଘୃଣା ।

ତେଣୁ ସେ କ୍ରନ୍ଦନରେ ସ୍ପନ୍ଦିତ । "ଘଷୁଥା ହର୍ଷା, ହାତ ଘୋଳ ହେଲେ ଖାଲି ଅଉଁଷୁଥା ।" ସବୋଜନୀ କେତେବେଳୁ ଗୃ' ଦେଇ ଗଲଣି, ସ୍ୱୋପଘରୁ ଶୁଭୁଛି ନିତାର ଘାଟି ।

ହର୍ଷା ଉଠି ଠିଆହେଲା । "ଏଃ, କେଡ଼େ ସରୁ ସରୁ ହେଇଛ ତୋର ଗୋଡ଼ ହାତରେ ହର୍ଷା,—ମୋଟା ହଉନୁ ? ଖାଇପିଇ ମୋଟା ହଉନୁ ।" ସେହି ଦୁର୍ବଳ କଅଁଳ ଦେହକୁ ଚିପିଚାପି ନିଜର ବଳ କଷିବାରେ କି ଆନନ୍ଦ, ସେ ଏଇ କଅଁଳପଣରେ ଜୀବନ ଶୋଷିନେବାକୁ ଚାହେଁ ।

ହର୍ଷା ଗ୍ରେର ପରି ଏଣେ ତେଣେ ଅନାଉଛି, "ଅଃ, ହାତ ଭାଙ୍ଗିଯିବ ବାବୁ,—

"ହେଃ ହେଃ ହେଃ,—ଦେଖୁଚୁ, ବଳ ଅଛି ମୋଠି ।"

"ବହୁତ ବଳ ବାବୁ, ଓଃ, ଗୁଡ଼ଦିଅ ଗୁଡ଼ଦିଅ ।"

"ଏମିତି ଜଙ୍ଗଲି ପରି କାହିଁକି ହେଉଚୁ ବେ ? ଅଚ୍ଛା, ତୁ ଯାହାରେ ନାଚୁଥିଲୁ ପରା, କଣ କଣ ହଉଥିଲୁ ?"

Digitized by srujanika@gmail.com

"ଘଣୀ ହେଉଥିଲି ବାବୁ—"

"ବାଃ ବାଃ ଘଣୀ, ଘୁ ବୁ କେମିତିକା ଆଖି ଗ୍ରୁଟିବା ଶିଖେଇଥିଲି ଦେଖେଇବୁ ନାହିଁ ଟିକଏ ? ହାଃ ହାଃ—"

ହର୍ଷା ହସିଲା, ବଳୀଦତ୍ତ କହିଲା, "ଭଲ କରି କାମ କରିବୁ । ରହିବୁ ତୁ ମୋ ପାଖେ । ଖଦ୍ଦରକେ ପଞ୍ଚାଟଣା କାମ ଖୋଲିଲେ ରଖେଇଦେବି ମୁଁ ତତେ, ଝଡ଼ ହେଲେ ଚପରାଶି ହବୁ, ନଇଲେ କୁଂପାନୀର ଡିପୋରେ କାର୍‌ପର୍‌ଦାର୍ କରେଇ ଦେବି ।"

"ଭଲ ହବ ବାବୁ !"

ହର୍ଷା ପୁଣି ହସିଦେଲା । ଆଉ ସେ ପର ନୁହେଁ, ଅଜଣା ନୁହେଁ, ଅନୁଭବ କଲା ତାର ବି ପରିସ୍ଥିତି ବଦଳିଛି । ଏହି ସୁବିଧାରେ ତାର ବି ଦାନାପାଣିର ଖାଲି ଆଳଟି ଆଗେଇ ଧରି ସେ କହିଲା, "ହେଇଟି ଦେଖ ବାବୁ, କେମିତି ଶରିଯାଇଚି,—ଖଣ୍ଡେ ପୁରୁଣାପୁରୁଣି ଗାମୁଛା ହେଲେ—"

"ମିଳିବ, ମିଳିବ, ସବୁ ମିଳିବ ।"

"ଆଉ ଆଜି ଖାଇବାକୁ ଘରେ କିଛି ନାହିଁ, ପଇସା ଦୁଅଣା ଦେଲେ,—"

"ହଉ, ହଉ, ନବୁ, ନବୁ,"—ଉଠିଯାଇ କାମିଜର ପକେଟରୁ ଦୁଅଣା ପଇସା ଆଣି ହର୍ଷା ହାତରେ ଦେଇ ବଳୀଦତ୍ତ ତାର ପିଠି ଥାପୁଡ଼େଇଲା, "ନେ—ନେ—ଦେଖିଲୁ ଯାହା ମାଗିଲୁ ତା ପାଇଲୁ, ଏକାଥରକେ ଦୁ ଦୁ ଅଣା । ଫେର୍ କାଲିକି, ଟିକଏ ଗୋଡ଼ ମୋଡ଼ିଦେବୁ । ଏଁ ?"

ହର୍ଷା କାମ କରିଗଲା । ବଳୀଦତ୍ତର ମନ ଅତି ଉପଚି, ଏହି ତାର ପ୍ରଥମ ଉଦାର ଦାନ, ଏକାଥରକେ ଦୁଇଅଣା, ଅତି ଆତ୍ମପ୍ରସାଦ ଆଣିଦେଇଛି । ଭିତରକୁ ଖେଦଯାଇ ସରୋଜିନୀ ଉଦ୍ଦେଶ୍ୟରେ କହିଲା, "ଟୋକା ଖୁବ୍ ଭଲ ଘଷି ଜାଣେ । ଯାଃ, ଦେହଟା ଫୁର୍ତ୍ତି ଲାଗିଲା । ଦେଲି ଲଗାପଟା, ବୁଲିଆସେଁ ଟିକଏ ।"

ଅବସାଦ ଲଦିହୋଇ ପଡ଼ିଛି ଦେହ ଉପରେ । ବଳୀଦତ୍ତ କହିଲା, "ନା, ଆଉ ଆଜି, ତୁମକୁ ଏକୁଟିଆ ଲାଗିବ । ବରଂ ମୁଁ ଶୋଇରହେଁ ।"

ସରୋଜିନୀ କିଛି କହିଲା ନାହିଁ, ବାସ୍ତବିକ ତାକୁ ଲାଗୁଥିଲା ନିତାନ୍ତ ନିଚ୍ଛାଟିଆ ଏକୁଟିଆ, ଯେମିତି ଲାଗେ ବେଳେବେଳେ ।

କାମ, କାମ ।

ଏବଂ କାମ ଫାଙ୍କରେ କିଛି ଧନ ଖାଲି ଫନ୍ଦା ଚିନ୍ତା, କି ଉପାୟ କଲେ ସେ ଧୀରେ ଧୀରେ ଆଗକୁ ମାଡ଼ିପାରିବ । ଉପାୟ ପାଇଁ କାମ, ପୁଣି କାମ ।

Digitized by srujanika@gmail.com

କେତେଦିନ ଭିତରେ ସାଧାରଣ କଥା ତାର ଆୟତ୍ତ ହୋଇ ଅଭ୍ୟାସରେ ପଡ଼ିଯାଇଛି । ବେଶି ସେ କୁଆଡ଼େ ଯାଏନାହିଁ । ଗଲେ ଯାଏ କୌଣସି ବିଶେଷ ଉଦ୍ଦେଶ୍ୟ ନେଇ ଏବଂ ଅଫିସ୍ ବା କମ୍ପାନୀ ସହିତ ସଂପୃକ୍ତ ଯିଏ କାହାକୁ ଦେଖେ, ହଠାତ୍ ସାଧାରଣ ବନ୍ଧାଗତ ପରି ଆପେ ଆପେ ତା ତୁଣ୍ଡରୁ ବାହାରିଯାଏ,— "ଓଃ, ଆଜି ଯେ କି କାମ ! ଝାଳ ପୋଛିବାକୁ ଫୁରସତ୍ ନାହିଁ ।" ସଙ୍ଗେ ସଙ୍ଗେ ସେ ତାର କରିଥିବା କାମର ଗୋଟାଏ କଳ୍ପିତ ବର୍ଣ୍ଣନା ଦିଏ, ଲୋକେ ଶୁଣନ୍ତି, କିନ୍ତୁ କାନବାଟେ ମୁଣ୍ଡକୁ ନେବା ପୂର୍ବରୁ ସତ ମିଛ ବାରିବା ବାଛିବା ସାଧାରଣ ମନର ପ୍ରକ୍ରିୟାର ବାହାରେ । ଏହି ମନସ୍ତତ୍ତ୍ୱର ସୁବିଧାନେଇ ବଳୀବର୍ଦ୍ଦ ପାଞ୍ଚକୁ ପନ୍ଦର ବୋଲି ବଖାଣି ବଢ଼ାଇ କହେ । କିଏ ଯେପରି କେବେ ଉପଦେଶ ଦେଇଥିଲା ବୋଲି ତାର ସ୍ମରଣ ହୁଏ,—ଶାସ୍ତ୍ରଟିର ନା ବ୍ଲଫୋଲଜି । ରାସ୍ତାରେ ସେ ଦ୍ରୁତଗାମୀ, ଅତି ବ୍ୟସ୍ତ । ପଚାରିଲେ କହେ—"କାମର ଯେ ଭିଡ଼, ଠିଆହେବାକୁ ବେଳ ଅଛି ନା !" ଏବଂ ଯେତେବେଳେ ଯେ କେହି ତାର ଘରକୁ ବୁଲି ଆସିବ, ପଦାରେ ଡାକ ଶୁଣିଲାମାତ୍ରେ ଘର ପ୍ରସ୍ତୁତ । ଫିଟାଇ ଦେଖିଲେ ଦେଖାଯାଏ,—ଟେବୁଲରେ କାଗଜପତ୍ର ବିଞ୍ଚାବିଞ୍ଚି, ଥାକ ଥାକ ହୋଇ ଫାଇଲପତ୍ର, ଦୁଆତର ଠିପି ଖୋଲାଅଛି, କଲମ୍‌ର ନିବ୍ ଓଦା । ଆସ୍ତେ ଆଡ଼େଇ ଦେଇ ଆଗନ୍ତୁକକୁ ଅଭ୍ୟର୍ଥନା ଜଣାଇ ସେ କହେ, "କାମ କରି କରି ଅଣ୍ଟା କଣ ହେଉଛି । ଏଇ ଆସିଲି ତ ଅଳ୍ପ କେଇଦିନ ହେଲା, କିନ୍ତୁ କଣ କେମିତି ତାଙ୍କ ମନକୁ ପାଇଯାଇଛି ଯେ, ଯେତେ ବଡ଼ ବଡ଼ ଦାୟିତ୍ୱର କାମ ସବୁ ଲଦି ଦେଉଛନ୍ତି ମୋରି ଉପରେ । କଣ କରେଁ ? ତୁଲେଇବାକୁ ତ ହେବ । କମ୍ପାନୀର ସ୍ୱାର୍ଥକୁ ଦେଖିବାକୁ ହବ ତ, ଲକ୍ଷ ଲକ୍ଷ ଟଙ୍କାର କଥା । ନିହାତି ନ ଜଗିଲେ ଦରମା ହଜମ ହେବ କିପରି ? କମ୍ପାନୀ ଯେ ମୋର ଅନ୍ନଦାତା ।" ବ୍ଲଫୋଲଜି । ଗମ୍ଭୀର ହୋଇ ଉପଯୁକ୍ତ ଭଙ୍ଗୀରେ କହି ପାରିଲେ ଶୁଣିଲାଲୋକରୁ ତା ପ୍ରତି ଆସେ ଗଭୀର ସମ୍ମାନ,—କିନ୍ତୁ ସେ ଦେଖେ,—ଶ୍ରାବକ ଏକା ନୁହେଁ ସେ ନିଜେ ।

ପୂର୍ବ ଚାକିରିରେ ବନ୍ଧୁ କର୍ମୀମାନଙ୍କ ମେଳରେ ଥିବାବେଳେ ସେ ଭାବୁଥିଲା,—ତା ଭଳି ସାଫଲ୍ୟକୁ ବିଜ୍ଞାନ ମଣି କାର୍ଯ୍ୟକରିବା ଲୋକ ବେଶିନାହାନ୍ତି । ଯେଉଁମାନେ ଥିଲେ ସେମାନଙ୍କ ଯୋଜନାରେ ବିଚକ୍ଷଣ ସୂକ୍ଷ୍ମତା ନଥିଲା ।

କିନ୍ତୁ ଏଠି ହଠାତ୍ ଦେଖୁଛି, କମ୍ପାନୀର ଅଫିସର ଶ୍ରେଣୀରେ ନିପଟ କେତେଜଣଙ୍କୁ ଛାଡ଼ିଦେଲେ, ମେଧାବୀ ଅନେକେ । ଏକା ରଣଜିତ୍ ବାବୁ ନୁହନ୍ତି, ଆହୁରି ଅନେକେ, ଆହୁରି ଅନେକେ । ନାନାପ୍ରକାର ସେମାନଙ୍କ ଉପାୟ,—ଲକ୍ଷ୍ୟ କରି ଖାତାରେ ଟିପି ଶିଖିଲା ଭଳି । ନାନାପ୍ରକାର ପ୍ରଚେଷ୍ଟା,—ସ୍ଥୂଳରୁ ସୂକ୍ଷ୍ମଯାଏ । ବଳୀବର୍ଦ୍ଦ ବିହ୍ୱଳ ହୋଇପଡ଼େ । ଯେଉଁଠି ଏଡ଼େ ବଡ଼ ବଡ଼

Digitized by srujanika@gmail.com

ତୋପକମାଣ ଫୁଟୁଛି—ସେଠି ସେ କ୍ଷୁଦ୍ର ଗୋଡ଼ିବାଣ । ବେଳେବେଳେ ଭବିଷ୍ୟତର ଆଶା ଟୁଙ୍ଗିଉଠେ । ପୁଣି ଲାଗିପଡ଼େ କୋଶିଶ୍ କରିବାରେ । ଖୋଜେ ସେହି ଉପାୟ ଯାହା ତାର ଆକୃତି, ସ୍ୱାସ୍ଥ୍ୟ, କୁଳ, ଘର ପ୍ରଭୃତି ପୁଞ୍ଜିରେ ଚଳିପାରିବ ।

ସେଦିନର କଥା,—ମହାନ୍ତି ସାହେବଙ୍କୁ ଜ୍ୱର ହୋଇଛି । ଉପରିକ ଯଦି ଅସୁସ୍ଥ ହୁଏ, ତେବେ ସାଫଲ୍ୟବାଦୀ ଅଧସ୍ତନ ପକ୍ଷରେ ତାହା ପରମ ସୁଯୋଗ । ରଣଜିତ୍‌ବାବୁ ଅଙ୍ଗୁର, ବେଦାନା, କମଳା ଅଧ ଏକ ବାଉଁଶିଆ ଆଣିଦେଇ ପାରିଲେ, କିନ୍ତୁ ଏ ଅର୍ଥକଷ୍ଟି ଯୋଜନା, ବଳୀଦତ୍ତର ସେ ଅସାଧ୍ୟ । ମୁହଁ ଶୁଖେଇ ଚୁପ୍‌ଚାପ୍ ତାଙ୍କ ଶଯ୍ୟା ପାଖେ ଠିଆହୋଇ ସେ ନୀରବ ସହାନୁଭୂତି ଜଣାଇଛି । ରୁମାଲଟେ ନଚେଇନେଇ ବିଞ୍ଚି ଦେଇଛି ଟିକିଏ, ଯଦିଚ ମହାନ୍ତି ସେତେବେଳେ ଆଖି ବୁଜିଥିଲେ ।

ଡାକ୍ତର ଡାକିଯାଇଛି ଦି' ତିନିଥର; କିନ୍ତୁ ଏଠି ସ୍ଥୂଳ ଯୋଜନା ଦରକାର ଥିଲା, ଯାହା ପାରିଛନ୍ତି ଉମେଶବାବୁ । ଉମେଶବାବୁ ଆକାରରେ ପ୍ରକାଣ୍ଡ, ସତେ ଯେପରି ଅସୁର ସେ । ଭୋଜନ, କ୍ଷୁଧା ଓ ପ୍ରବୃତ୍ତିରେ ବି ସେ ନିର୍ଲଜ୍ଜଭାବେ ଆସୁରିକ, ବଳୀଦତ୍ତ ସ୍ୱତଃ କିନ୍ତୁ ଯେତେ ଈର୍ଷାରେ ଜଳିଲେ ବି ତାକୁ ଦେଖିବାକୁ ପଡ଼ିଲା,—ଜ୍ୱରରେ ପୀଡ଼ିତ ମହାନ୍ତିଙ୍କ ଶଯ୍ୟାପାଖେ ଉମେଶବାବୁଙ୍କ ପ୍ରତିପତ୍ତି ହିଁ ବେଶି । କାରଣ ସମସ୍ତଙ୍କ ଆଗରେ ଦୁଇ ସବଳ ବାହୁ ବିସ୍ତାରକରି ସେ ମହାନ୍ତି ସାହେବଙ୍କ ଗୋଡ଼ ଓ ଜଙ୍ଘ ଘଷି ପାରନ୍ତି ଓ ଘଷନ୍ତି । ଡରି ଡରି ବଳୀଦତ୍ତ ବି ବଢ଼ାଇ ଦେଇଥିଲା ତାର ଦୁର୍ବଳ ସ୍ଲେଟ୍ 'ବାହୁଟି; କିନ୍ତୁ ଉମେଶବାବୁ ଅନ୍ୟମନସ୍କ ହେଲାପରି ତାର ପାପୁଲି ସମେତ ଘଷି ଆଣିଲେ, ବଳୀଦତ୍ତ ଆଖିରୁ ପାଣି ବାହାରିଲା । ସେ ଆଉ ଦ୍ୱିତୀୟ ଥର ଚେଷ୍ଟା କରିନାହିଁ । ତା ପରେ,—ଥରେ ଯେତେବେଳେ ଅଧ ରାତିରେ ମହାନ୍ତି ସାହେବଙ୍କ ଆଖି କୁମ୍ଭାଟୁଆ ଆଖି ହୋଇଯାଇ ମୁଣ୍ଡ ହେଲା ଚୁଲିହିଁକା, ବାରମ୍ବାର ଓଠ ଚାଟି ଜିଭ ଲହ୍ ଲହ କରି ସେ ଦାନ୍ତ କଡ଼ମଡ଼ କଲେ, ଗୋଡ଼ହାତ ଛାଟିଲେ, ବାଉଳା ହୋଇ ଗର୍ଜିଲେ, "ଫାଇଲ୍,—ଫାଇଲ୍‌ଟା ଆଣ," ଏବଂ ଡାକ୍ତର ନିର୍ଦ୍ଦେଶ ଦେଲେ ତାଙ୍କ ମୁଣ୍ଡକୁ ନୁଆଁଇ ଧରି ପାଣି ଢାଳିବାକୁ ପଡ଼ିବ,—ସେ କାର୍ଯ୍ୟ କଲେ ଉମେଶବାବୁ, ସମସ୍ତଙ୍କଠୁ ବେଶି ବଳୁଆ ବୋଲି । ସେତେବେଳେ ତାଙ୍କ ଭଙ୍ଗୀରୁ ଜଣାପଡ଼ୁଥାଏ, ସତେ ଯେପରି କି ଜ୍ୱର ସଙ୍ଗେ ସେ କୁସ୍ତି କରୁଛନ୍ତି । ସେ ଯାହା କରନ୍ତି ତା' ତାଙ୍କ ଖୋଲାଆଡ଼ ମନର ଉଦାରତା ବୋଲି ଅକ୍ଲେଶରେ ଚଳିଯାଏ । ଏଥିରେ ଆଶ୍ଚର୍ଯ୍ୟ କଣ ଯେ, ସେ ହେବେ ମହାନ୍ତି ସାହେବଙ୍କର ପ୍ରିୟପାତ୍ର ।

ତା'ପରେ, ସେହି ଉମେଶବାବୁ,—ନିଜେ ବଡ଼ଲୋକର ପିଲା ହେଲେ ବି ଇଚ୍ଛାରେ ଉପରିକମାନଙ୍କ ପାଖକୁ ଯାଇ ଅଳି କରନ୍ତି,—"ସାର୍, ବଡ଼ ଭୋକ କରୁଛି, ଆଣନ୍ତୁ କିଛି ।" ହସି ହସି ଚଣାଭଜା, ବୁଟ ସନ୍ତୁଳା, ପକୋଡ଼ି, ବାଇଗଣି

Digitized by srujanika@gmail.com

ଏସବୁ ପାଟିରେ ପକାନ୍ତି । ଆହୁରି ଦୂରକୁ ବି ଯାନ୍ତି, କାହାକୁ ଧରମ ବାପା, କାହାକୁ ଧରମ ଭାଇ କରିପକାନ୍ତି । ହସି ହସି ଉପରିକମାନଙ୍କ ଛୁଆ ପୋଷାକ, ଘୁ ଘୁଣା ଜିନିଷକୁ ହାତ ପକାଇ କହନ୍ତି, "ବୋଇଦିଅନ୍ତୁ ମତେ, ଆପଣଙ୍କର ବହୁତ ଅଛି ।"

ପ୍ରକାଣ୍ଡ ଉମେଶବାବୁଙ୍କ ମୁହଁରେ ଗେହ୍ଲାଳିଆ କଥା ଶୁଣିବାକୁ ଭଲ ଲାଗେ । ସେ,—ବଳୀଦାଉ, ଦେଖେ ଆଉ ଦୀର୍ଘଶ୍ୱାସ ପକାଏ, ତାର ଏ ସାଧ୍ୟାତୀତ ।

ଅଛନ୍ତି ନଗରକାର ବାବୁ,—ଝିଅମାନଙ୍କ ପାଇଁ ପାତ୍ର ଖୋଜିବାରେ ସିଦ୍ଧହସ୍ତ, ଏହି ଉପକାରିତା ପାଇଁ ଉପରିକମାନଙ୍କ ପାଖେ ତାଙ୍କର ବିଶେଷ ଖାତିର, ଅଥଚ ସମସ୍ତେ ଜାଣନ୍ତି, ସେ ଟିକିଏ ଅଳସୁଆ, କାମ କମ୍ କରନ୍ତି; କିନ୍ତୁ ଟିକିଏ ଅବସର ପାଇଲେ ସେ ପାତ୍ରମାନଙ୍କ ବିଷୟରେ କଥା କହି ଲାଗନ୍ତି, ପକେଟରୁ ନାନାଦି ଚିଠି କାଢ଼ି ଓଲଟାଇ ଓଲଟାଇ କହୁଥାନ୍ତି—"ହେଇ, ଗ୍ରାମ ଲେଖିଛି, ଏମ୍. ଏସ୍‌ସି. ପଢ଼େ । ଲେଖିଛି ଦକା, ମୋର ଭୂମିଷ୍ଠ ପ୍ରଣାମ ଜାଣିବେ । ଆହା-ହା କି ସୁନ୍ଦର ଚିଲ !" ଖାଇ ଫୁଟେ ତାଙ୍କ ତୁଣ୍ଡରେ ତାରୁଣ୍ୟର ଆଲୋଚନା, ସେହି ତାଙ୍କର କଳା,—ସେଠି ମଧ୍ୟ ବଳୀଦାଉ ଟକ୍‌କର ଦେବା ଅସମ୍ଭବ ।

ଏବଂ ଆହୁରି ଅସମ୍ଭବ ପାତ୍ରମାନଙ୍କ ସଙ୍ଗେ ପ୍ରତିଯୋଗିତା କରିବା ଦୁରାଶା ପୋଷିବା, ଯେଉଁଠିକି ବୈବାହିକ ସମ୍ବନ୍ଧ ଯୋଗୁଁ ପଦୋନ୍ନତିର ସୂଚନା ସେ କ୍ଷେତ୍ର ତାର ଦୁରାପ । ଏପରି ହେବା ସେ କ୍ଷେତ୍ରରେ ଅତି ସ୍ୱାଭାବିକ, ବଶିଷ୍ଟ ସମ୍ବନ୍ଧ ଯୋଗୁଁ ବଶିଷ୍ଟ ଆସନ,—କାରଣ ମୁଠେଇ ଧରିବା ଓ ଧରି ରଖିବା ପ୍ରବୃତ୍ତି ମନୁଷ୍ୟର ସହଜାତ । କମ୍ପାନୀର ଉପରୁ ଦ୍ୱୀପାନ୍ତରଯାକେ ସବୁଠି ଶାସନ ଲହରୀରେ ଦେଖ ଶ୍ୱଶୁର-ଜୋଇଁ, ଶଳା-ଭଣେଇ, ସମୁଦି-ସମୁଦି, ଶ୍ୱଶୁର-ଜୋଇଁ-ସମୁଦି-ଶଳା ଇତ୍ୟାଦି । ତା ଛଡ଼ା ଭାଷାଗତ ଦଳ, ଜାତିଗତ ଦଳ, ସର୍ବତ୍ର 'ମାମକାଃ' । ଏହିପରି ଦଳ ଗଢ଼ି ସ୍ଥାନେ ସ୍ଥାନେ କ୍ଷମାର ବଢ଼ଟଙ୍ଗାଡ଼ିଆ ଖୋଲି ସ୍ୱଚ୍ଛନ୍ଦରେ ହୁଡ଼ାରେ ଆଇ ଲୋକେ ମାଛ ମାରନ୍ତି । ବଳୀଦାଉର ସେଠିକି ପ୍ରବେଶ ନାହିଁ । ସେ କେବଳ ଦେଖେ, କମ୍ପାନୀର କର୍ମଚାରୀମାନଙ୍କର ସ୍ଥାନାନ୍ତର ବିଷୟରେ ଗ୍ରାମସ୍ଥିକ ଯେଉଁ ଆଜ୍ଞା ପତ୍ରିକା ରୂପାହୋଇ ଉପରୁ ଆସେ, ତହିଁର ସ୍ଥାନାନ୍ତରଗୁଡ଼ିକ ଯେପରିକି ଧର୍ମିକାର ବିବାହ ତିଥିମାନଙ୍କ ସହିତ ସମ୍ବନ୍ଧ ରଖେ ।

ଦାନାପାଣି ସଂଘର୍ଷର ନିତି ଦିନର ଏସବୁ ଘଟନା,—ବଳୀଦାଉ ଗମ୍ଭୀର ହୋଇ ଭାବେ ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିବା ଅସମ୍ଭବ, କାରଣ ସବୁଦିନେ ସବୁ ମୂଳରେ ଏପରି କେତେ କଥା ରହିଯିବ, ଯେଉଁଠି ନିଜର ପାରିଲାପଣ ଅଣ୍ଟିବ ନାହିଁ ।

କିନ୍ତୁ ଏହାଛଡ଼ା ମଧ୍ୟ ଅନ୍ୟାନ୍ୟ କେତେ ବାଟ ଅଛି, ସେହି ବାଟରୁ ବାଟୋଇମାନଙ୍କୁ ଦେଖି ଦେଖି ସେ ନିଜର ଯୋଜନା ଯୋଖୁଥାଏ ।

Digitized by srujanika@gmail.com

ହେଉ,—ହରବାବୁ,—ଉପରକମାନଙ୍କର ସେ ହାତବାରସୀ । ଉପରକର ଚପରାଶିମାନଙ୍କ ସଙ୍ଗେ ସମ୍ବନ୍ଧ ରଖନ୍ତି, ତାଙ୍କଠାରୁ ପଚ୍ଚାରି ବୁଝନ୍ତି କେଉଁଠି କେତେବେଳେ କଣ ଆବଶ୍ୟକ ପଡ଼ୁଛି, କି ପ୍ରକାର ତାକୁ ମେଣ୍ଟାଯାଇପାରେ, ଯାହା ପାଖେ ସେ କାମ କରନ୍ତି କମେ ସେ ହାତଗୋଡ଼ ଲମ୍ବେଇ ତାଙ୍କର ଉପରେ ଆଉଜ ପଡ଼େ ସବୁ ବିଷୟରେ, ସତେକି ସେ ଅନ୍ଧର ଲଉଡ଼ି । ତେଣୁ ହାତରେ ଖଡ଼ି ଧରେଇ ସେ ସବୁ କାର୍ଯ୍ୟ କରେଇ ନେଇପାରନ୍ତି, ଉପରକଦ୍ୱାରା ଲେଖେଇ ନେଇପାରନ୍ତି ନିଜ ପାଇଁ ସବୁ ସୁପାରିସ, ତେଣୁ ଅତି ନଗଣ୍ୟ ମୂଳରୁ ଆରମ୍ଭ କରି ସେ ଚଢ଼ିଗଲେଣି ଗଛର ଅଧାଅଧି । ସବୁବେଳେ ହସ ହସ, ଅଥଚ ସବୁବେଳେ କାର୍ଯ୍ୟବ୍ୟସ୍ତ ଦିଶନ୍ତି । ତାଙ୍କର ଘର ଆଗରେ ବଡ଼ ବଡ଼ ଦିନୋଟି ତକ୍ତପୋଷ ପଡ଼ିଥାଏ ଠିକ୍ ବାଟପାଖରେ । ଯେତେବେଳେ ଦେଖିଲେ ସେହି ତକ୍ତପୋଷମାନଙ୍କ ଉପରେ ଟେଲା ପଥର ଚପା ଦିଆହୋଇ ରହିଥାଏ । ଫାଇଲ୍, ହୁକ୍କା ଧରି କାମ କରିବା ବାହାନାରେ ସେ ବସିଥାନ୍ତି । କାଳେ ଗପକଲେ ତର୍କଚ୍ଛଳରେ କେଉଁ ଗୁପ୍ତକଥା ପଦାରେ ରଟିଯିବ, ତେଣୁ ସେ ଅନ୍ୟମାନଙ୍କ ସମ୍ବନ୍ଧ ଏଡ଼ି ବୁଲନ୍ତି, କେହି ଜୋର କରି ଧରିନେଲେ ସେ ଗୋଟିଏ ଅତି ସାଧାରଣ ଅଥଚ ଅତି ଅକାଟ୍ୟ ମୂର୍ତ୍ତି ଦେଖାଇ ଆତ୍ମରକ୍ଷା କରନ୍ତି ।

"ମୁଁ ଯାଏ ଆଜ୍ଞା, ମତେ ଝାଡ଼ା ମାଡ଼ୁଛି ।"

ଠିକ୍ ତାଙ୍କର ଓଲଟା ଧନେଶ୍ୱରବାବୁ । ସୁନାଖଡ଼ିକା ପରି ଦେହ ଅର୍ଥାତ୍ ଗୋରା ଏବଂ ସ୍ୱାସ୍ଥ୍ୟହୀନ, ଡାଙ୍ଗ ସରୁ ସରୁ ହାଡ଼ କେଇଖଣ୍ଡି, ବାଦାକାଠି ପରି ଟୁଣ୍ଟ, କିନ୍ତୁ ମୁଣ୍ଡଟି ବଡ଼ ଓ ମୁହଁ ପୂରିଲ ପୂରିଲ, ଠେକୁଆ କାନପରି ବଡ଼ ବଡ଼ କାନ ଦୁଇଟି ଠିଆ ଠିଆ, ଯଦିଚ କାନକୁ ଭଲ ଶୁଭେନାହିଁ । କିଏ କିଛି ପଚାରିଲେ ପ୍ରଥମେ "ଆଁ-ଏଁ" କହିବା ଅଭ୍ୟାସ ହୋଇଯାଇ ଲମ୍ବା ମୁହଁର ସାଧାରଣ ଭଙ୍ଗୀ ଗୋଟିଏ ଟ୍ରେଟ ବାଙ୍କ ଆଁ ଏବଂ ଆଖିରେ କୁତୂହଳ । ଆଖିରେ ମୋଟା ଚଷମା । ବୟସ ତିରିଶି ବଢିଣି, କିନ୍ତୁ କାନମୁଣ୍ଡା ଉପରକୁ ମେଞ୍ଚାଏ ମେଞ୍ଚାଏ ଜାକ୍ ଜାକ୍ ଧଳା ବାଳ ଓ କପାଳ ଉପରେ କଳାଶିରା ଯେପରି ଗଣ୍ଠି ପଡ଼ିଛି । ସ୍ୱାସ୍ଥ୍ୟ ନାହିଁ, କିନ୍ତୁ ଦେହରେ ତତ୍ପରତା ଖୁବ୍ । ଗୋଟାଏ ଚଟ୍‌ପଟ୍‌ପଣର ଅବତାର । ଫିଟ୍‌ଫାଟ୍ ବେଶ ଦେଖାହେଲେ ମାନେ ଟିଣେ ସିଗାରେଟ ମୋହିଁ ଧରିବେ । କଥାରେ କିଣି ନେବେ, ମିଠା ହସ, ଆଖିରେ ମୋହନୀ ସତେ କି । ଟୁଇନେଉଟାବେଳେ ଟେନିସ୍ ଅବଶ୍ୟ ଖେଳିବେ, ଯଦିଚ ଟେନିସ୍ ଭଲ ଆସେନାହିଁ । ରାତିରେ ଆଡ଼୍ଡାରେ ବସି ଘଣ୍ଟାଘଣ୍ଟା କରି ତାସରେ ବ୍ରିଜ ଖେଳ, ଯଦିଚ ହାରନ୍ତି ବେଶି । ସଙ୍ଗୀତ, ସାହିତ୍ୟ, ଇତିହାସ, ଦର୍ଶନ, ଅର୍ଥନୀତି, ରାଜନୀତି,—ପ୍ରତ୍ୟେକ ବିଷୟରେ ଉଚ୍ଚକୋଟୀର ସାଂସ୍କୃତିକ ଯୁକ୍ତି ଆରମ୍ଭ କରିଦେଇପାରିବେ, କିନ୍ତୁ ଶେଷରେ ହାରିଯାଇ ଶିଷ୍ୟତ୍ୱ ଗ୍ରହଣ

Digitized by srujanika@gmail.com

କରିବେ । ତା'ପରେ ବିକ୍ରେତାର ଗୁଣର ବିଶ୍ଳେଷଣ ଆରମ୍ଭ କରିଦେଇ ତାର ଦୁଇଟି ଗ୍ୱେଟି ଭଲଗୁଣ ଦେଖାଇ ଦେଇ ଗୁ' ସିଗାରେଟ୍ ଦେଇ ଖୁସି କରିଦେଇ ଛାଡ଼ିଦେବେ, ଯେପରିକି ବିକ୍ରେତା ଦୌଡ଼ିବ ଅହୁରି ଥରେ, ଅନ୍ତତଃ ତାଙ୍କୁ ପୁଣି ଥରେ ଠକିବାର ସୁଖ ପାଇବା ପାଇଁ । ତାଙ୍କର ପ୍ରଧାନ ବଡ଼ଗୁଣ ସେ ପରକୁ ଉସ୍କେଇ ଦେଇ ଆକ୍ରମଣ କରିବାକୁ ଛେଡ଼ିଦେଇ ତା ପାଖେ ହାରିପାରନ୍ତି । ଏପରି କରିବାଦ୍ୱାରା ବୁଦ୍ଧିମାନ ଉପରିକ ବାରମ୍ବାର ଧନେଶ୍ୱରବାବୁଙ୍କ ସଂସ୍ପର୍ଶରେ ଏକପ୍ରକାର ମାନସିକ ତୁଷ୍ଟି ପାଏ, ତାଙ୍କ ଉପରେ ମାନସିକ ଉତ୍କର୍ଷ ଅନୁଭବକରି ଆପଣାର ଅହମିକାରେ ଉଦାର ହୋଇଯାଇ ତାଙ୍କର ଶୁଭାକାଂକ୍ଷୀ ହୁଏ । କିଏ ତାଙ୍କୁ ଟେନିସ୍ ଶିଖାଇବାକୁ ଯତ୍ନ କରେ । କିଏ ବା ଉପରେ ପଡ଼ି ଅଫିସ କାର୍ଯ୍ୟ ଶିଖାଇବାକୁ ପରିଶ୍ରମ କରେ । ଛଟାଗାଲ ସେ ସମସ୍ତଙ୍କ ପରିଶ୍ରମରେ ଉପକୃତ ହେଲାପରି ଦିନୁଦିନ ଉନ୍ନତ ଦେଖାନ୍ତି,—ସେ କେଡ଼େ ଶୀଘ୍ର ଗୋଟିଏ କଥା ବୁଝିପାରିଲେ ! ଏହି କଥା ଆଲୋଚନା କରି ଉପରିକେ ତାଙ୍କ ବୁଦ୍ଧିକୁ ପ୍ରଶଂସା କରେ । ସମସ୍ତେ ନିଜକୁ ତାଙ୍କର ଅଭିଭାବକ ବୋଲି ଧରିନେଇ ତାଙ୍କୁ ଆଗକୁ ଠେଲିବାକୁ ଯତ୍ନ କରନ୍ତି । ମନୁଷ୍ୟର ଜନ୍ମଗତ ଗଠନରେ ପ୍ରଚୁର ପରିମାଣରେ ନେଗେଟିଭ ଗୁଣ ନ ଥିଲେ, ପ୍ରକାର ଉତ୍କର୍ଷ ପାଇବା ଅସମ୍ଭବ । ଧନେଶ୍ୱର ବାବୁ ତା ପାଇଛନ୍ତି, ତା ସହିତ ସମସ୍ତଙ୍କ ଅଗୋଚରେ ଅତିଶୟ ନିର୍ବାହପଣରେ ଭେକ । ତାହାରି ଉତ୍ତୁଆଳରେ ସେ କୃଷାନର ଦ୍ରବ୍ୟକୁ ବିକି ଭଙ୍ଗି ନାନାପ୍ରକାର ଲାଭ ଉଠେଇବାର ବେଉସା ଖେଳାଇ ପାରିଛନ୍ତି । ପରିବାର ଗ୍ରାମରେ ଥାଆନ୍ତି । ତେଣୁ ଆତିଥେୟତାର ପରାକାଷ୍ଠା ଦେଖାଇବା ପାଇଁ ଆପଣା ବସାଘର ଖାଲି ପଡ଼ିଛି ଓ ପରିବାରଙ୍କୁ ଦେଖିବାକୁ ଯିବା ଫିକରରେ ଲବ୍ଧ ଅର୍ଥ ଯଥାସ୍ଥାନରେ ପହଞ୍ଚାଇବା ପାଇଁ କୃଷାଣଠୁ ଜରୁରି ଛୁଟି ମିଳେ ପ୍ରଚୁର ।

ବୁଦ୍ଧିର ଖେଳ ଯେ, ସେ ଉପାଧ୍ୟ ଧରିବାକୁ ମଧ୍ୟ ବଳୀଦଉ ପଛେଇଯାଏ । ଅନ୍ୟାନ୍ୟ ଅନେକ ଆଶାବାଦୀ ଅଣ୍ଟାଭିଡ଼ି ଲାଗିପଡ଼ନ୍ତି ଦୈବୀଶକ୍ତିକୁ ଆବାହନ ଲାଗି । ଦେବେନ୍ଦ୍ର ବାବୁ,– ବାରମ୍ବାର ତାଙ୍କ ଘରେ ବ୍ରାହ୍ମଣଭୋଜନ, ଯ ନାଥ ମେଳା, ହୋମ, ଯଜ୍ଞ, ମାନସିକ, ଦେବପୂଜା । ଜଣେ ଦାଢ଼ିଆ ବାବାଜୀ ଘରେ ଅଧିକାଂଶ ଦିନ ଦେଖାଯାନ୍ତି । ହବୁ ଉଦ୍ୟମ ପଦୋନ୍ନତି ପାଇଁ, ହୋଇଛି ମଧ୍ୟ ପଦୋନ୍ନତି । ଚନ୍ଦ୍ରକାନ୍ତ ବାବୁ କୋଷ୍ଠୀର ଫଳ ଓ ଭାଗ୍ୟରେ ବିଶ୍ୱାସ କରନ୍ତି । ତାଙ୍କ ଘରେ ନାନାପ୍ରକାର ଭବିଷ୍ୟତ୍‌ବକ୍ତାଙ୍କ ସମାଗମ ଦେଖାଯାଏ । କିଏ କର୍ଣ୍ଣପିଶାଚୀ ସାଧିଛନ୍ତି କିଏ ଘଣ୍ଟା ଦେଖି ପ୍ରଶ୍ନର ଉତ୍ତର ଦିଅନ୍ତି । କିଏ ମୁହଁକୁ ଦେଖି ଭବିଷ୍ୟତ କହନ୍ତି, କିଏ ହାତ ଦେଖି, କିଏ ବା କୋଷ୍ଠୀ । ନାନା ଗଣକଙ୍କ ଦ୍ୱାରା ବିପରୀତ ଗ୍ରହୋପଶମଲାଗି ଦଶା ସାଧି ସେ ସଂପାଦନ୍ତନ୍ତି । କାହାରି ଗଣନା କାହା ସହିତ ମିଳେନାହିଁ । ତଥାପି ସେ ଯେତେବେଳେ ଯେଉଁ ଟେଷ୍ଟ ଶାନ୍ତିକରିବାପାଇଁ

Digitized by srujanika@gmail.com

ଯାହା କହୁଛୁ, ତାହା ସେ କରିଛନ୍ତି ଓ ନୂତନ ଗଣର ଅନୁସନ୍ଧାନ ପାଇଁ ତାଙ୍କର ଚକ୍ଷୁ ସଦା ଜାଗ୍ରତ । ତ୍ରିଗୁଣା କବଚ, ଦୈବୀ କବଚ, ଅଷ୍ଟଧାତୁର ଦୈବୀ ଅଙ୍ଗୁରୀୟ, ବଶୀକରଣ ରୁମାଲ ପ୍ରଭୃତି ନାନା ସମ୍ପଦ ସେ ଠୁଳକରିଛନ୍ତି । ପଦୋନ୍ନତି ପାଇଁ ଏହିପରି ତାଙ୍କର ମାର୍ଗ ।

ବହୁ ଅର୍ଥସାଧ, ପୁଣି ଅନିଶ୍ଚିତ—ବଳୀଦାଉ ଏ ପନ୍ଥାରୁ ହଟିଯାଏ ।

ତେବେ ଉପାୟ !

ବଳୀଦାଉ ଧନ୍ଦହୁଏ, କିନ୍ତୁ ଆଶା ଛାଡ଼େନାହିଁ ।

ବାରମ୍ବାର ଅନ୍ୟମାନଙ୍କୁ ଦେଖେ, ବାରମ୍ବାର ଡଉଲ ଦେଖେ ବିଭିନ୍ନ ଉପାୟ, ମନ ମାରି ଫେରିଆସେ, ତଥାପି ଛୁଗୁଲା କରେ ନାହିଁ ପରିଶ୍ରମ ।

ସାଫଲ୍ୟ-ଶାସ୍ତ୍ରର ଅଧମ ନୀତି ଅନୁସାରେ ପ୍ରତ୍ୟହ ଶୋଇବା ପୂର୍ବରୁ ଭାବେ ଦିନଯାକର କଥା, ଆଜି ସେ ଅଗ୍ରଗତି ପାଇଁ କଣ କରିଛି । ଆଉ କଣ କରି-ପାରିଥାନ୍ତା ସତ୍ୟ ।

ଅବଶ୍ୟ ଉପାୟ ବିଗରେ ମୋଟା କଥା କେତୋଟି କେତେ ଲୋକ ଅଭ୍ୟାସ କରିବାର ଯେ ଦେଖିଛୁ, ସେଥିକି ସେ ନାକ ଟେକେ କେବଳ । ସେଦିନର କଥା, ଅଫିସରେ ଦେଖେ ବୁଢ଼ା ଘୁରୁଘୁରୁ ଘୁରୁବାବୁ ହଠାତ୍ ଖିଅର ହୋଇ ସଫାସୁତୁରା ହୋଇଛନ୍ତି । ଶହେ ଷାଠିଏ ଧାରିଲା ପରି ସବୁଦିନେ ଯେ ମୁହଁ କରିଥାନ୍ତି, ତାଙ୍କ ମୁହଁରୁ ହସ ସରୁନାହିଁ, ଜିକ ଜିକ ମଲାଟର ଇଂରେଜୀ ସାଫଲ୍ୟ-ଶାସ୍ତ୍ର ଖଣ୍ଡିଏ ପକେଟରୁ କାଢ଼ି ବଢ଼େଇ ଦେଇ କହିଲେ, "ସାର୍ ଖୁବ୍ ଭଲ ବହି" । ନାଲି ପେନ୍ସିଲ୍‌ରେ ଗାର ଦିଆ ହୋଇ ତାର ପ୍ରଥମ ସୂତ୍ରଟି—'ସର୍ବଦା ହସିବ' ବିଚରା ଘୁରୁବାବୁ ! କୁଂପାନୀ ଘରେ ବାରବର୍ଷର ଗୁକିରୀ; ଯେଉଁଠି ଆରମ୍ଭ କରିଥିଲେ ସେଇଠି ପଡ଼ିଛନ୍ତି, ପରିବାର ବଢ଼ିଛନ୍ତି । ଦାନାପାଣିର ଶୋକରେ ବାରବର୍ଷ ପରେ ଚେଇଁ ଉଠି ହଠାତ୍ ଆରମ୍ଭ କରିଦେଲେ ହସି ଶିଖିବା । ମୋଟା ଉପାୟ, ପୁଣି ଫଟା କାନ୍ଥରେ କାଦୁଅ ଗୁଞ୍ଜିଲା ପରି । ହସି ପାରନ୍ତି ସେ ବାକି ଅଛି ଯେତେ ବର୍ଷ, ଅବସ୍ଥା ସୁଧୁରିବ ନାହିଁ ।

ଏବଂ ଗୁଚ୍ଛାଏରେ ଖୁସାମତ୍ ଯୋଷନ୍ତି ଯେଉଁମାନେ, ଯୋଷନ୍ତୁ ମନ ଇଚ୍ଛା, ବିଶେଷ କିଛୁ ଉପକାର ହେବନାହିଁ ।

କାରଣ ଅତି ଖାଦ୍ୟ ପ୍ରତିଦ୍ୱନ୍ଦ୍ୱିତାମୟ ଅତି ଜଟିଳ ଉପାୟର ଯୋଖାଯୋଖି କଟାକଟି ଏଠ, ବୁଦ୍ଧିର ଖେଳ ।

ତେଣୁ ବଳୀଦାଉ ଭାବେ, ମୁଣ୍ଡ ବଥେଇବାଯାକେ ଭାବେ । ପୁତୁଳା ଆଉ ଏକ ନୂଆ ପଢ଼ିଥିବା ଆତ୍ମୋନ୍ନତି ପଦ୍ଧତିକୁ ଅନୁସରି ନିଜକୁ ନିଜେ auto-sugge-tion କରେ, ଭାବେ ତାର ବୁଦ୍ଧି ହେଲା । ଖୋଲା ଆକାଶ ତଳେ ବସି ଦେହକୁ

Digitized by srujanika@gmail.com

ସମ ଅବସ୍ଥାରେ ରଖିବାକୁ ଚେଷ୍ଟାକରି ବିଖ୍ୟାତ ଉପାସ୍ୟ ଅବଲମ୍ବୀ ମନକୁ ମନ କହି ହୁଏ—

"ବିଶ୍ୱକୁ ପରିପୂର୍ଣ୍ଣ କରି ରହିଛି ପ୍ରାଣ ।
ସେହି ଶକ୍ତି ମୁଁ ନିଃଶ୍ୱାସରେ ଶୋଷୁଛି ।
ମୋ ଦେହରେ ପ୍ରାଣ ପୂରି ଉଠୁଛି, ପୂରି ଉଠୁଛି ।
ମୁଁ ପ୍ରାଣରେ ପ୍ରାଣବନ୍ତ ।
ମୁଁ ଇଚ୍ଛା କରୁଛି, ଚାକିରିରେ ମୋର ଉନ୍ନତି ହେବ, ନିଶ୍ଚୟ ।
ମୁଁ ଆଦେଶ କରୁଛି, ମୋର ଧନ ହେଉ, ଚାକିରିରେ ଉନ୍ନତି ହେଉ ।

ସବୁ ସବୁ ଭାବନା ଚହଲିଯାଏ, ଧ୍ୟାନ ରହି ହୁଏନାହିଁ । ତଥାପି ସେ ଅଭ୍ୟାସ କରେ, ନିତି, ରାତିରେ ଶୋଇଲାବେଳେ ।

ଅବଶ୍ୟ କୁଂପାନୀର କର୍ମଚାରୀମଣ୍ଡଳୀରେ ସମସ୍ତଙ୍କୁ ସେ ସାଫଲ୍ୟସଚେତ ଦେଖେନାହିଁ । ଅନେକ ଅନନ୍ତ ସାହାଙ୍କର କାର୍ଯ୍ୟପଦ୍ଧତି ତାର ସାଫଲ୍ୟ ବ୍ୟାକରଣରେ ପଡ଼େନାହିଁ । ତଥାପି କଥଞ୍ଚିତ୍ ସାଫଲ୍ୟ ଚଞ୍ଚଳ ହେଉ ବିଳମ୍ବରେ ହେଉ ସେମାନଙ୍କ ଭାଗ୍ୟରେ ବି ନ ପଡ଼ୁଛି ନୁହେଁ ।

ଦିବାକରବାବୁ ବିଶ୍ୱବିଦ୍ୟାଳୟର କୃତୀଛାତ୍ର । ରାଜନୈତିକ ସ୍ୱାଧୀନତା ଆନ୍ଦୋଳନରେ ଲିପ୍ତ ଥିଲେ ବୋଲି ସରକାରୀ ଚାକିରି ନ କରି କୁଂପାନୀ ଚାକିରିରେ ପ୍ରବେଶ କରିଥିଲେ । ଦେହରେ ଖଦଡ଼ ପିନ୍ଧନ୍ତି, ବେଳେ ବେଳେ ଭାବୁକତାରେ ବୁଡ଼ି ରହିଥାନ୍ତି ବୋଲି କଚ୍ଛ ଫିଟିପଡ଼ି ତଳେ ଲୋଟୁଥାଏ । କଠୋର ମାଡ଼ନ୍ତି । କେହି କେହି କହନ୍ତି, ସେ ନିଭୃତରେ ଯୋଗ ସାଧନା କରନ୍ତି ବୋଲି, ତଥାପି ତୁଣ୍ଡରେ ସେ ଧର୍ମର ପ୍ରୋପାଗାଣ୍ଡା କରନ୍ତି ନାହିଁ କେବେ । ଠୋ ଠୋ କଥା କହନ୍ତି, ମନ ଜିଣି କଥା କହିବାର ସୂକ୍ଷ୍ମ କଳା ଯେପରି କି ତାଙ୍କର ବୁଦ୍ଧିର ଅଗମ୍ୟ । ଟାଣ ଲୋକ । ଲୋକେ କହନ୍ତି ଦଣ୍ଡା ଅଫିସର । କେବେ ଆପଣା ବାଟରୁ ଆଗେଇ ଯାଇ ଜାଣିଶୁଣି କାହାର ମନ ଖୁସି କରିଥିଲେ ବୋଲି କହିପାରିବେନାହିଁ କେହି । ସାଂଧ୍ୟ ଆଳାପ ପାଇଁ ବୁଲି ବାହାରନ୍ତି ନାହିଁ, ଗୋଠରେ ମିଶନ୍ତି ନାହିଁ । ତଥାପି ଲୋକ-ତୁଣ୍ଡରେ ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା ଏବଂ ଧୀରେ ଧୀରେ ଉଠି ଉଠି ସେ ଯାଉଛନ୍ତି, ନା ଡାକ ଦାୟିତ୍ୱପୂର୍ଣ୍ଣ ଅଫିସର୍ କୁଂପାନୀର ।

ଗଣେଶ୍ୱରବାବୁ, ପ୍ରଚଣ୍ଡ ତାର୍କିକ, ଗର୍ବରେ କଥା ତାଙ୍କି ରଖିବାକୁ କୌଣସି ପ୍ରକାର ଚେଷ୍ଟା ନ କରି କଥା କଥାକେ ରଡ଼ି ଛାଡ଼ି ହାଣିଚାଲନ୍ତି, କାଟିଚାଲନ୍ତି । ମୂର୍ଖ ଓ ଜ୍ଞାନର ମାଡ଼ରେ ଧୂଳି କରି ଉଡ଼େଇ ଦିଅନ୍ତି ସେ ମୁହଁ ଫିଟାଏ ତାକୁ । ଖାଲି ଚୁପ୍ ଜାଣନ୍ତିନାହିଁ । ସେଇମାନଙ୍କର ନାଁ ଧରିଲେ ସାଫଲ୍ୟକାମୀ ଶହେ ନିହାର କରେ, ସେମାନଙ୍କ ସପକ୍ଷରେ ଟାଣ କଥା କହି କହନ୍ତି, "ଚୋର, ଡକାୟତ

Digitized by srujanika@gmail.com

ଣ୍ଟ୍ରାମ୍ପଟଥ'' । ତାଙ୍କର ବଳିଷ୍ଠ ଗୋଡ଼ ତକ୍‌ତକ୍ ଚେହେରା ତାଙ୍କ କଥାକୁ ଜୋର୍ ଦିଏ । ଚନ୍ଦାହୋଇ ଆସୁଥିବା ପ୍ରକାଣ୍ଡ ମୁଣ୍ଡ ଜନ୍ମାଏ ବିଶ୍ୱାସ । ଭୂଇଁ ଉପରେ ମୋଟା ଠେଙ୍ଗାରେ ଠକ୍ ଠକ୍ କଥାକୁ ତିଗ୍ମ ଦିଏ । ଏ ମଧ୍ୟ ବିଳାସବ୍ୟସନ-ବର୍ଜିତ, ଜୀବନରେ ଏକମାତ୍ର ଭୋଗ ପ୍ରତ୍ୟହ ପେଟେ ପେଟେ ପେଡ଼ା କିଣି ଖାଇବା ।

ଅଥଚ ତାଙ୍କର କିଛି ହୁଏ ନାହିଁ, ସିଢ଼ିରେ ସେ ଅଧ ଉଚ୍ଚରେ ।

ଏମାନଙ୍କ ଛଡ଼ା ଅଛନ୍ତି ଆଉ କେତେ ମର୍ଚ୍ଚି ମର୍ଚ୍ଚିଆ । ଯେଉଁମାନେ ଖାଲି ଉତ୍ପାଦନହିଁ କରିଜାଣନ୍ତି, ଦୋକାନଦାରି ଜାଣନ୍ତିନାହିଁ, ତୁଣ୍ଡମୁଣ୍ଡ ମାଡ଼ି ଖଟିଯାନ୍ତି, ଖଟି ଯାଆନ୍ତି । ଉନ୍ନତି ପାଇଁ ସବୁରେଇ ଯୋଜନା କିଛି ନାହିଁ ସେମାନଙ୍କର । ତଥାପି ସେମାନଙ୍କ ଭିତରେ ଉଠନ୍ତି କେତେ ଜଣ ଉପରକୁ, ବୋଧହୁଏ ସମସ୍ତ କରି ଭାବି ବସନ୍ତି ନାହିଁ, ଉଠିଲେ କି ପଡ଼ିଲେ । ଅଛନ୍ତି ଜଣେ ଅନ୍ତର୍ଯାମୀବାବୁ, ଷୋଳବର୍ଷ ପଡ଼ିରହିଲା ପରେ ହାଲି ଏବେ ପାଇଛନ୍ତି ଗୋଟିଏ ପଦୋନ୍ନତି ଓ କୁମ୍ଭୀଣୀଠାରୁ ପ୍ରଶଂସା କିଛି । ତଥାପି ସେ ସବୁଦିନେ ଗୋଲ୍‌ଗାଲ୍, ସବୁବେଳେ ହସ ହସ, ସଦାଳାପୀ, ପାଞ୍ଚ ମିନିଟ୍‌ରେ ପରର ଭିକଥା ତୁଟାଇବାରେ ସବୁବେଳେ ଧୂରନ୍ଧର, କହନ୍ତି ମୁଁ ଆଶାବାଦୀ, ମୁଁ ଫୁଟ୍‌ବଲ୍ ପରି ଯେତେ ପିଟିଲେ ମୁଁ ସେତେ ଉପରକୁ ଉଠିପାରେଁ ।

ବଳୀବର୍ଦ୍ଧ ଭାବେ ଏମାନଙ୍କ କଥା, ତଥାପି ସେ ଆପଣାର ସାଫଲ୍ୟ-ଶାସ୍ତ୍ରରେ ବିଶ୍ୱାସ ହରାଏ ନାହିଁ । ଗୋଟାଏ ମନ୍ତ୍ରରେ ଏ ସମସ୍ତଙ୍କୁ ସେ ଗୋଟେଇ ଗୋଟେଇ କରିକୁ ଫୋପାଡ଼ି ଦେଇପାରେ, ଭାଗ୍ୟ,—ଏମାନେ ହୁଏତ ଭାଗ୍ୟବନ୍ତ ।

କିନ୍ତୁ ସେ ଭାଗ୍ୟକୁ ଅପେକ୍ଷାକରି ପଡ଼ି ରହିବାକୁ ଚାହେଁ ନାହିଁ । ତେଣୁ ସେ ଧନ୍ଦହୁଏ ।

ତଥାପି ବିଶ୍ୱାସ ରଖେ, ଏମିତି ଭାବୁ ଭାବୁ ଓର ଉଣ୍ଡି ଉଣ୍ଡି ନିଷ୍ପ୍ରଭ ଦିନେ ଅନ୍ଧାରରେ ଆଲୁଅ ଦେଖିବ ସେ, ସୁବିଧା ହାବୁଡ଼ିବ ।

କିନ୍ତୁ କେବେ ! କେତେ ଦିନ ଆଉ ! ଅସହିଷ୍ଣୁ ହୋଇ ବଳୀବର୍ଦ୍ଧ ଭାବେ । ଭାବନା ସରେନାହିଁ ।

କୁମ୍ଭୀଣୀ-ପୃଥିବୀରେ ଅଫିସର୍‌ର ଗୃହିଣୀପଣ ସବୁରେଇକୁ ଆରେଇ ଯାଇଥିଲା ଧୀରେ ଧୀରେ । ଯେତେ ଦୂର ଗଲେ ବି ତାକୁ ତାହାର ସମାଜରେ ବୁଲିବାକୁ ହେବ । ପ୍ରଥମେ ନୁଆ ଲାଗେ, ପରେ ହୁଏ ନଜର,—ଯେପରି କି ମୂଳରୁ

Digitized by srujanika@gmail.com

ତାର ଜନ୍ମ ସେଥିରେ । ଏତେ ବଡ଼ ପୃଥିବୀରେ ଏତେ ଲୋକ, ନାନା ଜାତି, ନାନା ବୋଲି; କିନ୍ତୁ ଜାତିକମେ ତାର ସଂସ୍କାରଗତ ଅର୍ଥ ଫୋପାଡ଼ି ଦେଇ ଘେନୁଛି ତାର ଉତ୍ପତ୍ତିଗତ ଅର୍ଥ ଯେ—ବୃତ୍ତିଭେଦରେ ଜାତିଭେଦ—ବ୍ରାହ୍ମଣ, କ୍ଷତ୍ରିୟ ଜାତି ନୁହେଁ,—ମୂଲିଆ ଜାତି, ମାଲିକ ଜାତି, କିରାନି ଜାତି, ଅଫିସର୍ ଜାତି, ପୁଣି ଗୋଟାଏ କମ୍ପାନୀର କର୍ମଚାରୀ ଜାତି, ଅନ୍ୟ ଗୋଟାଏ କମ୍ପାନୀର କର୍ମଚାରୀ ଜାତି, ସରକାରୀ କର୍ମଚାରୀ ଜାତି, ଓକିଲ ଜାତି, ପ୍ରଫେସର୍ ଜାତି, ସାମ୍ବାଦିକ ଜାତି ।

ବାହାରର ଜାତି-ବୈଷମ୍ୟ ସମ୍ବନ୍ଧରେ ମୁଣ୍ଡ ଘୂରେଇବାକୁ ସର୍ବେଶ୍ୱରର ସୁବିଧା ନାହିଁ । ସେ ବୁଲେ ବେଳେ ବେଳେ ଆପଣାର ଜାତି-ରାଜ୍ୟରେ, ଦେଖେ, କଳେ, ଭାବେ, ପୁଣି ଫେରିଆସେ ଆପଣା ଗୃହସ୍ଥଳୀକୁ, ଯେଉଁଠି ସେ କେବଳ ନାରୀଜାତି ।

ଘର ଚଳୁଛି, ବେଳୁ ବେଳ ଅନୁଭବରେ ବୁଝୁଛି ନିଜର ପାଗଳପଣ । ସଞ୍ଜ ଅନ୍ଧାର ପରେ ବାରିଆଡ଼େ ଅଚିହ୍ନା ଲୋକେ କିଏ କେବେ ନିଜା ସାଙ୍ଗରେ ଆସି ଅଳି ଓଜର ଜଣାଇ ଥିଲ ଥିଅନ୍ତି, ଭେଟି ଥିଅନ୍ତି, ସମାଧାନ ହୁଏ ରାତିରେ,—ବଳୀବର୍ଦ୍ଦ ସହିତ । ଘରକରଣାର ଏ ନୂଆ ଖେଳବାଟେ ବଳୀବର୍ଦ୍ଦ ସହିତ ସେ ଗୋଟିଏ ସମତଳ ପାଏ ଏକାଠି ହେବାକୁ, ଭଲ ମନ୍ଦର ବାଣୀ ବା ବିବେକର ଖେଞ୍ଚାକୁ ସେମାନେ ଦବେଇ ଦିଅନ୍ତି ପଦେ କଥାରେ,—"ମଣିଷ ବଞ୍ଚିବ ତ ।"

ତେଣୁ ଘର ପୂରି ଆସୁଛି, କାନ୍ଦି କାନ୍ଦି କଦଳୀ, ବସ୍ତା ବସ୍ତା ଧାନ ଚାଉଳ, ଧନ । ଲାଗିପଡ଼ିଛନ୍ତି ଦୁହିଁକା ଦୁହେଁ ଗୃହସଞ୍ଚୟ ଯୋଜନାରେ । କେଉଁଦିନ ଥରେ ଆରମ୍ଭ କରିଲ ପରେ ପାଇବାର ମୋହ ଧରିଛି, ଝାଙ୍କି ଚାଲିଛି କାମ ।

କ୍ଷୁଦ୍ର ବଳୀବର୍ଦ୍ଦ ଆପଣା ଶୋଷାରେ ପ୍ରକାଣ୍ଡ ଷଣ୍ଢ ହୋଇଯାଇ ସ୍ତ୍ରୀ ଆଗରେ ବଖାଣେ ତାର ନୂଆ ଦର୍ଶନଶାସ୍ତ୍ର—"ନିଜେ କଲେ ତା ନାଁ ପାଗଳପଣ, ପରକଲେ ତା ନାଁ ଚୋରି, କିନ୍ତୁ ବଡ଼ଠୁଁ ଛୋଟଯାକେ ଦେଖ,—ଲାଗିଛନ୍ତି ସମସ୍ତେ, ଯେ ନ ଲାଗେ ସେ ମୂର୍ଖ, ବେକୁଫ୍ । ଉଦାହରଣ ଦିଏ, କହେ, "ଦେଖ, ପିମ୍ପୁଡ଼ି ଖୁଦ ଗୋଟେଇ ନେଇ ଯାଉଛି, ପଚାରୁଛି କି ଖୁଦଟା କାହାର ? ସେହିପରି । କମ୍ପାନୀ ବା କଣ ? ଲୁଟିବା କଳ ତ ? ତେଣୁ ଯାଦି—ହେଇ ଦେଖ, ମିଷ୍ଟର ଏଡୁଆର୍ଡ ଦୁଇଲକ୍ଷ, ମିଷ୍ଟର ରାଧାରମଣ ଥରେକେ ତିନିଲକ୍ଷ, ଝିଅ ବାହାଘରକୁ ମିଷ୍ଟର ବୈଦ୍ୟନାଥ ମେନନ୍ କଣ୍ଟ୍ରାକ୍ଟରମାନଙ୍କଠୁଁ ଭେଟି ନେଲେ ଷାଠିଏ ହଜାର, ଗଦା ଗଦା ଉଦାହରଣ । ସେମାନେ ଦକ୍ଷ ଲୋକ । ଆଉ ଓଡ଼ିଆ, ଦେଢ଼୍ ଗୋଡ଼ିଆ, କରୁଥା ବାପା ଛୁଣ୍ଡା ଲୋକଙ୍କ ଚିନ୍ତା ନ୍ୟାୟ ବିଚାର, ଆଗ ସ୍ୱର୍ଗକୁ ଯିବୁ । ଆଜିକାଲିକା ଦୁନିଆଁ ଏ ବାବା, ସହଜ ନୁହେଁ, କର ନହେଲେ ମର । କଣ କରୁଛନ୍ତି ସମସ୍ତେ ?

Digitized by srujanika@gmail.com

ଅକାଳ, ଧନ, ସଞ୍ଚୟ କର, ସଞ୍ଚୟ କର, ଉତ୍ପାଦନ କର । ନହେଲେ ମର । କେଉଁଠୁ ଆସିବ ସଞ୍ଚୟ ଆଉ ଉତ୍ପାଦନ ? ଏଇଥିରୁ ତ ?

କହୁ କହୁ ଆଖିମିଟିକା ମାରି ଫାଇଁ ଫାଇଁ ହସେ । ବାଡ଼ର ଧଣେ ତାର ଭଙ୍ଗୀ । ମୁହଁ ଗୋଲଗାଲ ହୋଇ ଆସୁଛି, ଦେହରେ ମାଉଁସ ଲାଗୁଛି, ସ୍ୱାଚ୍ଛନ୍ଦ୍ୟ ଓ ସାଫଲ୍ୟ ବୋଲି ଦେଉଛି ଚର୍ବିର ପୁଟ ।

କହେ ଗୋଟାଏ ପାଗଳପଣର ଦୃଷ୍ଟାନ୍ତ, "କୁମ୍ଭାଗାର କୌଣସିଠି ଥିଲା ଗୋଟିଏ ଲୁହା ସିନ୍ଦୁକ । ବୁଦ୍ଧିମାନ୍ ବଡ଼ବାବୁ ତାକୁ ଆଣେଇଲେ । ଆରବର୍ଷଠୁ ଖାତାରେ ସେ ଲେଖାହେଲା କେବଳ "ସିନ୍ଦୁକ" ବୋଲି ପାଞ୍ଚବର୍ଷପରେ ଲେଖାଗଲା "ସିନ୍ଦୁକକୁ ଉଇ ଖାଇଗଲେ ।" ଖାଇବାର କଥା, ବହୁ ପୁରୁଣା ସିନ୍ଦୁକଟା କନା । ପାଗଳପଣରେ ଲୁହା ସିନ୍ଦୁକକୁ ଯେ ଉଇ ଖୋଇପାରେ । କମ୍ ଲୋକ ସେ ? ସେମିତ—

କନ୍ତୁ ବଳୀବର୍ଦ୍ଦ ଯେତେ ଦୂର ଆଗକୁ ଚାହିଁ ହସିପାରେ ସମ୍ଭୋଜନୀ ତା' ଯାରେନାହିଁ । ଗୋଟାଏ ଅହେତୁକ ଘୃଣାରେ ମନ ଚହଲି ଉଠେ । କଣ୍ଟାପ ପରି ଚାହେଁ ବଳୀବର୍ଦ୍ଦ ମୁହଁକୁ । ସେ ନାଗୀ, ସେ ଭାତ ପାଉଛି, ଲୁଗା ପାଉଛି, ଗହଣା ପାଉଛି—

ସେଥିକୁ କଣ ହବ ?

ବେଳେ ବେଳେ ଉଦାସ ହୋଇ ଦୂରକୁ ଚାହିଁ ରହେ ।

ଲାଗେ,—ଚଢ଼େଇଗୁଡ଼ାକ ଉଡ଼ିଯାଇଛନ୍ତି ସବୁ ।

ପତ୍ର ଶୁଖି ଶୁଖି ଝଡ଼ି ପଡୁଛି ।

ନଈ ମରିଯାଇଛି ।

ଆଉ ଜଣେ ସେ,—ନଜକୁ ଜଣେ ଗୋଟାଏ ଉପହାସ, ସେ ଉପହାସ ଦାମୀ ଶାଢ଼ୀ ପିନ୍ଧେ, ମୁଣ୍ଡ ବାନ୍ଧେ, ଅଳଙ୍କାର ନାଏ, ଖାଲି ଚାହେଁ ।

ଖାଲି ଚାହେଁ ।

କେବେ ଜଦବେଳରେ, କେବେ ତଅଁ ସମାଧିରେ ହଠାତ୍ କାନରେ ବାଜେ ଦୂର ଲହଡ଼ର ଛଳ ଛଳ ଜୀବନ, ଯାହାର ଅସଂଖ୍ୟ ପ୍ରବଣତା, ସେଥି ଦୂରରୁ ଭାସିଆସେ ଓଦା ପବନ, ଗୁଡିକନା ମଳୟନ ଚେଇଁଉଠେ ।

ଚମକ ଚାହେଁ. ସତେ କ ସେ ଅପେକ୍ଷା କରିଛି ।

ତାର ଅପେକ୍ଷାର ଅନ୍ତ ନାହିଁ ।

Digitized by srujanika@gmail.com

ଫୁଙ୍ଗା ଫୁଙ୍ଗୁଲା ହୋଇ ବାହାର ପିଣ୍ଡାରେ ଠିଆ ହୋଇ ଅନ୍ୟମନସ୍କଭାବେ ପଦାକୁ ଚାହିଁଥିଲାବେଳେ ସେଦିନ ହଠାତ୍ ମୁହଁ ରୋଜକଣ ସିଗାରେଟ୍ ଧୂଆଁ ଛାଡ଼ି ଛାଡ଼ି ହାତରେ ଟେନିସ୍ ବାଟ୍ ଧରି ଚମତ୍କାର ସୁପୁରୁଷ ଜଣେ ଆଗେ ଆଗେ ଓ ପଛେ ପଛେ ପଢପରମଗୁରୁ ବଳୀଦତ୍ତ, ଏହିପରି, ଦୁହେଁ ଉହୁଁକ ଆସିଲେ ଘରକୁ । ସରୋଜିନୀ ଭିତରକୁ ଚାଲିଥିଲା ।

ସ୍ୱଭାବରେ ଫୁଙ୍ଗା ଫୁଙ୍ଗୁଲା ସେ ନୁହେଁ କେବେ, ବରଂ ଗମ୍ଭୀର, ଘୂମ ପରି । ନିତ୍ୟ ମନର ନଗ୍ନତା ଦୀର୍ଘଶ୍ୱାସଟି ସମୟଟାଳରେ ଛାଡ଼ିବାପାଇଁ ସବୁ ଦିନର ଅଭ୍ୟାସ ଅନୁଯାୟୀ ଦୂରର ମର୍ମନ୍ତୁଦ ସୂର୍ଯ୍ୟାସ୍ତକୁ ଚାହିଁ ରହିବାବେଳେ ଏହି ଘରମୁହାଁ ମାଡ଼ି ଆସୁଥିବା ଦୁଇ ଜଣଙ୍କୁ ହୁଏତ ବା ଉପର ଆଖିରେ ଦେଖି ତାର ମନ-ଗହ୍ୱରରେ ଖେଳିଯାଇଥିବ କେଉଁ ଅଜଣା ସ୍ରୋତ ତରଙ୍ଗଟିଏ । ହୁଏତ ତାହାର ଢେଉଟିଏ ଖେଳି ଉଠିଥିବ ତାର ଅଜାଣତରେ ତାର ଅବୟବ ଉପରେ । ଖେଳି ଉଠି ତାକୁ ଫୁଙ୍ଗା ଫୁଙ୍ଗୁଲା କରି ଦେଇଥିବ, ତା ତାର ହେତୁନାହିଁ । ଜାଣତା ମନରେ ସେ ଗୋଟାଏ ଅଜାଣତା ଅପନ୍ତପଣିଆ, ଭାବିଲେ ରାଗ ଲାଗେ ନିଜ ଉପରେ,. ଛିଃ,—କଣ ସେ ସତେ ! ଅତି ଭଦ୍ର, ନାଁ'ଡାକ୍ ବଳୀଦତ୍ତ ଦାସଙ୍କର ଅନ୍ତଃପୁର-ବାସିନୀ ସ୍ତ୍ରୀ, ଲୋକ ଆଖିରେ ତାର ଇଜ୍ଜତ୍ କେତେ, ସମ୍ମାନ କେତେ ! ଜାଣତା ମନ ଯେପରିକି ଠେଙ୍ଗା ଉଞ୍ଚେଇ ମାଡ଼ିଗୋଡ଼ାଉଛି,—ଛିଃ, କଣ ଭାବିଥିବେ ଲୋକେ ! ଛିଃ, କଣ ଭାବିଥିବେ ! ଜାଣତା ମନରେ ଏହିପରି ଘୁଣି ହେଲାବେଳକୁ ଅଜାଣତା ମନରେ ଖେଳୁଛି ତରଙ୍ଗ, ଏଥରକ ସ୍ୱଚ୍ଛନ୍ଦରେ ଲହଡ଼ି ମାରିପାରେ ସେ,. ଯାହା ଯେମିତି ନାରୀ ଦ୍ରଷ୍ଟାପଣରେ ରାଣୀ, ଲତା ଦ୍ରଷ୍ଟାପଣରେ ସ୍ୱଣ୍ଣୀ, ମାନବର ଅନ୍ତର ନିତ୍ୟକାଳରୁ ପ୍ରକୃତିର ଆଶ୍ରିତ, ନ୍ୟାୟନିକଟ ଭଲ ମନ୍ଦ ବିଚାରର ଆଗୋଚରରେ । ଘୁଣି ହେଉ ହେଉ ରଙ୍ଗା ହୋଇ ଉଠୁଛି ମୁହଁ, ଅଲଗା ହୋଇ ଫିଟି ପଡ଼ୁଛି ବାଳ,. କପାଳରେ ଝାଳ ଟୋପା ଟୋପା, ଝରକାପାଖେ ସୂର୍ଯ୍ୟାସ୍ତରେ ଭାସି ଉଠି ଦୂରକୁ ଚାହୁଁ ଚାହୁଁ ନାକପୁଡ଼ା ଫୁଲି ଫୁଲି ଉଠୁଛି, ସତେ ଅବା ଚିଡ଼ା ଉହାଡ଼ରେ ଛପି ରହି ଆଗନ୍ତୁକର ପାଦଶବ୍ଦ ଶୁଣି କନ କନ ବଣଜନ୍ତୁ ।

"ଏହି ଗରିବର କୁଡ଼ିଆ, ରଣଜିତ୍‌ବାବୁ,—ଆଉ ଆପଣଙ୍କ ପରି ତ ନୁହେଁ,—ରଇଜ୍‌ର ପୁଅ, ବିଖ୍ୟାତ ଲୋକର ଜୋଇଁ, ନିଜେ କ ମଣିଷ,—ଆପଣ ଚାଲି ଚାଲି ଆସିଛନ୍ତି ଦୟାକରି, ପରମ ଭାଗ୍ୟ ।"

"ଓଃ, ଗାଳି ଦଉଛନ୍ତି ମନଇଛା, ବଳୀଦତ୍ତ ବାବୁ, ଗାଳି ଦଉଛନ୍ତି ମନଇଛା । ବାସ୍ତବିକ୍ ଆପଣ ଏତେଦିନ ହେଲା ଆସିଲେଣି, ମୁଁ ଆସି ପାରି ନାହିଁ-

Digitized by srujanika@gmail.com

ମୋର ଭୁଲ । ଆପଣ ବ ତ ଡାକ ଆଣନ୍ତ ନାହିଁ କେବେ, ଖାଇବାକୁ ଦବାକୁ ପଣ୍ତବ ବୋଲି ନା କଣ ?"

"ହଁ, ଖାଇବାକୁ ଦବାକୁ ପଣ୍ଡବ ବୋଲ ! ବନ୍ଧୁର ଘରେ ଶାଗଖଣ୍ଡ ନା ! ଯାଗ ଆପଣଙ୍କୁ ବସିବାକୁ ଦବାକୁ ତ ଜାଗା ନାହିଁ—"

"ହେଃ ହେଃ ହେଃ—କଣ ଯେ କହନ୍ତ ! ଆଚ୍ଛା ଅପଣଙ୍କର ଏଡେଗୁଡ଼ାଏ ଜାଗା ଅଛୁ ଏଠି,—ଝରକା ସାମ୍ନାରେ, କନ୍ତୁ ଦୂରରେ ସେ,—କେଡ଼େ ସୁନ୍ଦର ବଗିଚ୍ଛଟିଏ ହୋଇପାରନ୍ତା ଏଠି, ଗୋଲପ, ଡାହ୍ଲାଲଆ, କ୍ରିସାନ୍ଥିମମ୍, ସେ କରେ କରେ କ୍ୟାନ, ଲିଲ, ଯୁଇ, ମ୍ୟାଗ୍ନୋଲିଆ,—ଆଃ, ସୁନ୍ଦର, ସୁନ୍ଦର ହୁଅନ୍ତା ।"

ଝରକା ଆଡ଼କୁ ଗ୍ଭହିଁ ଦେଲେ କ ? ଲଗିଲା ସେହିପରି, କନ୍ତୁ ଅନେଇଛନ୍ତ କୁଆରମୁହଁ ଆଡ଼କୁ, ବଳୀଦତ୍ତ କହୁଛନ୍ତ,—"ଏହି ଫାଙ୍କା ପଦର ଦେଖି ଦେଖି ଆପଣଙ୍କର ଫୁଲଗଛ ମନେ ପଡ଼ଲା ? ବରଂ ମୁଁ ତ ଭାବୁଥିଲି ଯଦ ହୋଇପାରନ୍ତା କଛ ଅଧିକା ଶସ୍ୟ ଉତ୍ପାଦନ, ଖଡ଼ା, ନେଉଟିଆ, ବାଇଗଣ, ଭେଣ୍ଡି, ପିଆଜ, କଖାରୁ, ଲାଉ,—"

ଫାଇଁକନା ସରୋଜନୀ ହସିଦେଲା ଘର ଭିତରେ, ପୁଣି ରୋକନେଲା, ସେ ହସୁଛନ୍ତ,—ସୁନ୍ଦର ଜକ ଜକ କଡକ କଢ଼ ଲଗାଲଗି ଦାନ୍ତ, ଦାନ୍ତ ଏମିତ ବ ହୋଇପାରେ ? ହସୁଛନ୍ତ ରଣଜତ୍‌ବାବୁ, ଇଂରେଜୀରେ କଣ କହିଲେ ସେ ବୁଝି ପାରିଲାନାହିଁ, କନ୍ତୁ ଓଡ଼ିଆ ତ ବୁଝେ ନିଶ୍ଚୟ,—"ଆପଣଙ୍କର ଖୁବ୍ ପ୍ରାକ୍ଟିକ୍ୟାଲ ଇନସାଇଟ୍ ଅଛି ବଳୀଦତ୍ତବାବୁ ! ଅର୍ଗାନାଇଜଂ ସ୍ୱାବଲିଟି ଅତ ବେଶି, ମତେ ଯେ ଅଧିକ ଶସ୍ୟ ଉତ୍ପାଦନ୍ ଆଦୌ ଷ୍ଟ୍ରାଇକ୍ କରନାହିଁ; କନ୍ତୁ କଥା କଣ ଜାଣନ୍ତେ, ଗୋଟିଏ ଗୋଟିଏ ଜାଗାରେ ଠିଆହେଲେ ଯେ ଜାଗାର ମାଟିରୁ ବାହାର ଆପଣାଛୁଆଁକୁ ମଣିଷ ମନରେ ପଶେ ଗୋଟିଏ ଗୋଟିଏ ଆଇଡ଼ିଆ, ଜାଗାକୁ ଖାପେ ! ଆପଣଙ୍କର ଏଠି ଯେତେବେଳେ ଠିଆହୋଇ ଆପଣଙ୍କ ଘରକୁ ଗ୍ଭହୁଁଛି, ମନରେ ଉଠୁଛି ଖାଲି ଫୁଲ ବଗିଚ୍ଚ କଥା, ମାନନ୍ତା ଖୁବ୍ ।"

ଓଃ ମଣିଷ ! ମଣିଷ ! ଶିକ୍ଷିତ ମଣିଷ ! ସରୋଜନୀ ଭାବୁଛି । ଏମିତ ମନ୍ତ୍ରା-ପିଠା ଭିତରେ ପୁର ପୂରେଇଲା ପରି କଥା ଭିତରେ ଅର୍ଥ ରଖି କହି ଆସେ ତାଙ୍କୁ ।

କନ୍ତୁ ସରୋଜନୀ ଜାଣେନାହିଁ । ମଣିଷର ପ୍ରଥମ ବୃତ୍ତି ଅଧମ ବୃତ୍ତି, ଶିକାର । ବଡା ପରି ଗ୍ଭହିଁରହିଛି । ସଙ୍ଗୀତ ଭିତରେ କାଠ ଚାବଲା ମଗ୍ନମତ କଲା ପରି ବେସୁରା ଶୁଭୁଛି ବଳୀଦତ୍ତ କଥା । ବଳୀଦତ୍ତ କହୁଛନ୍ତ, "ଆପଣ ଅଭିଜାତ, ଅଭିଜାତ ମାନେହିଁ ସ୍ୱଭାବରେ କବ । ତେଣୁ ଆପଣଙ୍କର ମନେ ପଡ଼ିଲା ଫୁଲଗଛ, କନ୍ତୁ ଜାଣନ୍ତ ତ, ଅବସ୍ଥାକୁ ଅନେଇଁ ଆମର ଚନ୍ତା ଖାଲି ତଳମୁହାଁ ଦାନାପାଣି ।

Digitized by srujanika@gmail.com

ବଜାରରେ ଖଡ଼ାଗଛଟା ହେଲଣି ଦୁଇ ପଇସା, ବାଇଗଣ ଗୋଟି ଦୁ'ପଇସା, ନେଉଟିଆ ସେର ଛ'ଅଣା, ଆଠଣା, ତେଣୁ ଖଡ଼ାଗଛ—"

"ଖୁବ୍ ହିସାବୀ କଥା," ଉପରେ ପଡ଼ି କହିଲେ ରଣଜିତ୍‌ବାବୁ, ଲଗାନ୍ତୁ ଖଡ଼ାଗଛ, ଯଦି ପନିପରିବା ପ୍ରଚୁର, ବଡ଼ ଭଲ ହେବ ତେବେ, ଦୁଧ ବି ମହଙ୍ଗା ଯେ, ଘିଅ ମହଙ୍ଗା । ଆପଣ ବଗିଚାପାଇଁ ଭଲ ଖତ ବି ବେଶି ପାଇବେନାହିଁ । ତାହେଲେ ଏକ୍ କାମ କରିପାରନ୍ତି । ଘର ଆଗରେ ଛାଟି ଘେରେଇ ଗୋଟିଏ ଗୁହାଳ କରି ଦିଅନ୍ତୁ । ଗାଈ ପଟେ ରଖନ୍ତୁ । ବେଶ୍ ଗାଈ ବି ଝରକା ସିଧା ନିଜ ନିଘାରେ ରହିବ । ଗୋବର ଓ ଗୋରୁ ମୂତ ବଗିଚାକୁ ଖତ ବି ଯୋଗେଇବ । ଗୋରୁ ଖାଇବା ପାଇଁ ଏ ଭିତରେ ପିଡ଼ିଆ ସଢ଼େଇ ଦେବେ । ସଢ଼ା ପିଡ଼ିଆ ବି ବାଇଗଣ ପାଇଁ ହବ ଫାଷ୍ଟକ୍ଲାସ୍ ଖତ । ଅବଶ୍ୟ ଟିକିଏ ଗନ୍ଧ ହବ, ଟିକିଏ ମଶା ମାଛି ବି ବଢ଼ି ପାରନ୍ତି । ତେବେ ସେଥିରେ କଣ ଯାଏ । ଗୃହସ୍ଥ ଘରେ ଗନ୍ଧ ହେବାହିଁ ସ୍ୱାଭାବିକ । ଆଉ ମାଛି, ମଶା ପାଇଁ ମ୍ୟୁନିସିପାଲିଟିରୁ ଟିକିଏ ଟିକିଏ ଡି. ଡି. ଟି. ଆଣି ପକାଇ ପାରନ୍ତି, ମାଗିଲେ ଦେବେ ଯେ,—

ରଣଜିତ୍ ବାବୁ ସିଗାରେଟ୍ କେଶ୍ ଖୋଲି ନିଜେ ଖଣ୍ଡେ ଲଗେଇ ବଳୀଦତ୍ତ ଆଡ଼କୁ ବଢ଼େଇ ଧରିଲେ । ସିଗାରେଟ୍‌ଟି ଶୋଷୁ ଶୋଷୁ ରଣଜିତ୍‌ବାବୁଙ୍କ ଅନୁକରଣ କରି ଗୋଡ଼ ମେଲିକରି ବାହାଛଳ ଦେଇ ଉପରକୁ ଧୂଆଁ ଗୁଡ଼ୁ ଗୁଡ଼ୁ ବଳୀଦତ୍ତ କହିଲା, "ଆରେ ବାପ୍‌ରେ,—କି ଦାମୀ ସିଗାରେଟ୍ ! ଗୋଟି ଛ ଛ ପଇସା ହୋଇଥିବ ପରା—ଅବଦୁଲ୍ଲା, ଆମେ ଆଜ୍ଞା ଯଦି ଏମିତି ସିଗାରେଟ୍ ଖାଆନ୍ତୁ, ତେବେ ପାଞ୍ଚ ଦିନକୁ ଦରମା ତ ସିଗାରେଟ୍‌ରେ ହିଁ ଯାନ୍ତା,—

"ଆପଣ ବୁଦ୍ଧିମାନ୍, ଏ ଗୋଟାଏ ବଦଭ୍ୟାସ ମୋର ।"

"କାହିଁକି ଖାଉଚନ୍ତି ? ସିଗାରେଟ୍ ଖାଇଲେ କହନ୍ତି କାଶ ହୁଏ, ବାଳ ଉପୁଡ଼େ, ମୁଣ୍ଡ ବୁଲାଏ—

"ହେଃ ହେଃ ହେଃ—କିଛି ହୁଏନାହିଁ ବଳୀଦତ୍ତବାବୁ, କିଛି ହୁଏନାହିଁ, ମୁଁ ତ ବୋଧହୁଏ ଏଗୁଡ଼ା ଚଳେଇଛି ମୋର ପନ୍ଦର ବର୍ଷ ବୟସରୁ, ବରଂ ଏ ନ ହେଲେ ନ ଚଳେ, ଯେ ତ ଇନ୍‌ସ୍ପିରେସନ୍ ଦିଏ —"

"ଲୋକେ ଯେ କହନ୍ତି—"

"ସେମାନେ ହିଂସିକା ଲୋକେ । ଲୋକେ ଅନେକ କଥା କହନ୍ତି, କିନ୍ତୁ ସତ ମିଛ ବୁଝେ ଅନୁଭବୀ କେବଳ । ଆପଣ ତ ଖୁବ୍ ବଡ଼ ଅଫିସର ହେବେ ନିକଟ-ଭବିଷ୍ୟତରେ—ନିଜର ଅନୁଭୂତି ବଢ଼ିଲେ ଦେଖିବେ ଲୋକଙ୍କ ହିଂସିକା ଆଖିରେ ପରର ସୁଖଇଁ ଯାଏନାହିଁ । ଲୋକେ ଯାହା ବଖାଣନ୍ତି ନ୍ୟାୟ, ନୀତି,

Digitized by srujanika@gmail.com

ମରେଲାଇ୍,—ତହିଁରୁ ଅଧିକାଂଶ କେବଳ ମେଣ୍ଟବନ୍ଧା ଈର୍ଷାର କଥା, ଆପଣ ନିଜେ ନିଜେ ଡିସ୍‌କାର୍ଡ଼ କରିବେ ସେଗୁଡ଼ା,—

"ମୁଁ ବଡ଼ ଅଫିସର ହେବି ଆପଣଙ୍କ ଆଗରୁ ?—"

"ଆଃ, ମୋ କଥା ଶୁଣନ୍ତୁ, ମୁଁ ଚାହେଁ କେବଳ ଧନ କମେଇବାକୁ, ସୌନ୍ଦର୍ଯ୍ୟକୁ ପୂଜା କରେ, ଫୁର୍ତ୍ତି ଭଲ ପାଏ, ଆନନ୍ଦ ମୋର ଦେବତା, ପ୍ରମୋସନ୍ ବିଷୟରେ ଇଣ୍ଟରେଷ୍ଟେଡ୍ ନୁହେଁ ମୋଟେ—"

"ଏକଥା କହିଲେ ଚଳିବ ଆଜ୍ଞା ? ତେବେ ନାହା ଚଳେଇବ କିଏ ? ଆପଣ ହେବେ, ଆପଣ ନିଶ୍ଚୟ ହେବେ -"

"ହୋଃ ହୋଃ—ବହୁତ ଧନ୍ୟବାଦ୍, ପ୍ରକୃତରେ ଆପଣଙ୍କ ସହିତ କଥା କହି ମୁଁ ଖୁବ ଆନନ୍ଦ ପାଇଲି । କ ଫ୍ରେନ୍‌ସ୍, ଏମିତି ବୁଦ୍ଧି ଖୁବ୍ କମ୍ ଦେଖିଚି—"

"ଓଃ, ଖାଲି ଠିଆକରେଇ ରଖିଲି ଆପଣଙ୍କୁ ! ଏମିତି ମୋର ଫ୍ରେନ୍‌ସ୍ । ଖେଳି ଖେଳି ଆସିଛନ୍ତି, ଦେହରୁ ଝାଳ ବୋହିଯାଉଛି—ଆରେ ହର୍ଷା, ବାହାରିବୁ ଅଇଲ୍—ରହନ୍ତୁ ମୁଁ କହେଁ ଶୁ ଦେବେ—ଆରେ, ପାନ ଆଣ୍, ପାନ କଣ ସାଧା କି ଗୁଣ୍ଡି ?—"

"ଓଃ, ବ୍ୟସ୍ତ ହୋଇ ପଡ଼ଲେ ଯେ ବଳୀଦାଉବାବୁ, କଣ ଘରକୁ ବର ଆସିଛି ?—" ହୋ ହୋ ହସି ଉଠିଲେ ରଣଜିତ୍‌ବାବୁ,—"ଦେଖନ୍ତୁ, ବୃଥା ଆପଣ ମୋ ପାଇଁ ଧନ୍ଦ ହେଉଛନ୍ତି, ପାନ ତ ମୁଁ ଖାଏନାହିଁ ଆରେ ଟୋକା, ସତକୁ ସତ ବାହ୍ବାକୁ ଆରମ୍ଭ କରିଦେଲୁ ଯେ—ଯା ଯା—"

"ହଉ, ଯାରେ ହର୍ଷା ଯା—ରହନ୍ତୁ ମୁଁ ଟିକିଏ ଆସେଁ—"

"ହର୍ଷା—ହର୍ଷ୍—ଯା ଘୋଡ଼ା ଯା ପାଣିକି—ହୋଃ ହୋଃ—"

ନେପଥ୍ୟରେ ଶୁଣୁଥିଲା ସବୁ ସରୋଜନୀ । ଶୁଣୁଥିଲା, ଭାବୁଥିଲା । ଦୁନିଆଁ ରେ ଏପରି ମଣିଷ ବି ଥାନ୍ତି, ଯେପରିକି ହସ ଖୁସି ଉଛୁଳିପଡ଼ୁଛି ।

ତେବେ !

ବାହାରୁ ଶୁଭୁଛି ଗୁଣୁ ଗୁଣୁ ହୋଇ ଗୀତଧ୍ୱନି ।

ପୁଣି ସେହି,—ସଚେତନ ମନ ଗହ୍ୱରରେ ତେଉ ଖେଳୁଛି । ବାହାରର ରାଗିଣୀ ଭିତରର ପ୍ରତିଧ୍ୱନି ।

ଏଇ ମନମରା ସନ୍ଧ୍ୟାରୁଡ଼େ ନିଜ କଥା ବି ମନେପଡ଼େ କେଉଁ କ୍ରମରେ । ଫିଲ୍ଲାଦନ୍ତି ଯେଉଁଘରେ ସେ ବଢ଼ି ଆସିଥିଲା, ସେଥିରେ ଏ ଜାତିଆ ଲୋକ ନ ଥିଲେ ବେଶି, ନିଆରା ସେ ଜୀବନ, ଯେପରିକି ଘରପାଖେ ପାଚିରି ଯେରାହୋଇଛି । ଅତି ବେଶି ଦୁଃସାହସରେ ସେଇ ପାଚିରି ଉପରେ ଉହୁଁକି ପଡାକୁ ଅନାଯାଇପାରେ,

Digitized by srujanika@gmail.com

ଜଣିବୁ ନେଇ ବୁଝେଁ । ତା'ପରେ ହାକିମଙ୍କ ଘରର ଖବର, ସକାଳ ବେଳ ଏବଂ ମୁଖା, ଉପାଶ୍ରୟ ! ବାଟ ଭୁଲିଲେ ପଦେପଦକେ ବାଜେ ଗୋପନର ଖୋଞ୍ଚର ଘାହକ. ହମର୍ ହମର୍ ହମ୍ । ଗାଲି ଘଞ୍ଚି ରଖି ଡେକେଇ ହଏ, ଦୁହାଇ ଦଏ ଶାସ୍ତ୍ର ଘଞ୍ଚର । ତଥାପି କେତେଥର ସେ ମନକୁ ମନ ଭାବନ୍ତି,—ଦୁନିଆଁରେ ଜାତଜାତକା ଅନ୍ତ୍ରୁ ମଣିଷ । ମଣିଷ ପ୍ରାଣବନ୍ତ, ମଣିଷ ସୁନ୍ଦର; କିନ୍ତୁ ଆକାଶର ଯେଉଁ କୋଣ୍ ରେ ଏତେ ରଙ୍ଗଚଙ୍ଗ ସେ କେବେ ଭାବନ୍ତି କି ? ଭାବିବାକୁ ଭଲ ଲାଗେ, ଲାଗିଲେ ଭାବନ୍ତି ଦେହଟା ଭାଠ ହୋଇଆସେ, ଯେମିତ କି ସେ ତ୍ରତମାଟିଏ ବାହାରେ, ଉଏ ଆସନ୍ତା ମନମାନିଜ୍ ଭାବୁ ଖାଲି ବଜେଇ ନେଇ ଯାଆନ୍ତା,—ଉତ୍ତାଳକୁଅଣଜ ବନ୍ଧୁ ବାଟରେ ନୁହେଁ ଅବାଟରେ, ଅମଡ଼ା ମାଡ଼—ଯେଉଁ ଅବାଟରେ ଟପିଡ଼ି ପାଏ ଅବୁଝ ମନ, ଭାବଲେ ସ୍ୱପ୍ନ ଆସେ ହାତପାଆନ୍ତକୁ ।

ମଟେଇତେଇ ଯାଆନ୍ତା, ବଜେଇ ବଜେଇ ଯାଆନ୍ତା, ଦାଡ଼ିକୁ ନ ଥାନ୍ତା ତାର ଏତେ ହିକଏ । ଏମିତ ଭାବନାର ତାର ବାସ୍ତବକୁ ଘାଉଥିବ ଅନାଗତ ଦୁର୍ଦ୍ଦିନକୁ । ବଳୀଦତ୍ତ ଅସି କୁର୍ କୁର୍ ତନ୍ କହୁଥିଲେ—

"ସେ,—ଠିକହୋଇ ରହୁତ କଣ ମ' ଜଠୁନା, ସ୍ମ କଲଷିଆ ଆଣ, ଭାଷିତ କଏ ଆସିତ,—ହୁଡ୍ କଡ଼ କଣେ, ସ୍ମାକୁ ହୁକ୍ ଭରିବାକୁ ପଡ଼ିବ ।"

"ଏଁ ଭଣ କହଲ ହୁକ୍ ଭ ହୁକ୍, ମୁଁ ପାଇବ ନାଇଁକି ବାବା—"

"ଆରେ ହୁକ୍,—ମାନେ ବୁଝି ପାରିଲ ନାଇଁ ? ଝୋପ ପକାଇ ବଡ଼ ମାଛ ଧରନ୍ତି ନାଇଁ, ସେମିତଅ ଏ ବଡ଼ମାଛ—"

"ଆଜ୍ଞ ଝୋପ ହୁକ କଏ ? ଭମେ ନାଁ ମୁଁ—"

ତହୁ ଘଟେଇ ପାଟି ଲିକରେ ଜଇ ଡାମୁଡ଼ି ଦେଲା; କିନ୍ତୁ ବଳୀଦତ୍ତ ତାର ଯୋଜନାର ବାସ୍ତବତାରେ କଥା ଧରିପାରିଲେ ନାହିଁ ବରଂ ବୁଝେଇଲେ,—"ଯେ ଉତ୍ତଣ ଟ୍ରେକ୍ ବଡ଼ଲୋକ, ଉପରଓ୍ୱାଲାଙ୍କ ଉପରେ ଯାର ଖୁବ୍ ଇନ୍‌ଫ୍ଲୁଏନ୍ସ୍ ଅର୍ଥାତ୍ ପ୍ରଭାବ, ଲୋକର ଖୁବ୍ ବଡ଼ ଘର କଥା, ସେଇଯୋଗୁ । ଆଜି କେତେ ସୁଯୋଗ, ଲୋକେ ସେ ଅଫିସ ଆମ ଘରକୁ, ତାର ଇଲ୍ ଚଳ । ଜଣିବାକୁ ହେବ, ତା ପରେ,—ଗୋଟିଏ ସୁଯୋଗ ଧରି ପାରିଲେ ମାର ଝେପା ଉପରକୁ ଉପରକୁ,—"

ଝେପା ମାରିବା କଥା କହୁ ବଳୀଦତ୍ତ ତାର ଦୁଇ ବାହୁ ଧରିଦେଲ ହାଙ୍କେ । ସରୋଜିନୀ ବୁଝିଲ, କହିଲ, "ବନ୍ଧୁଟି ତୁମର ଭାରି ସେଣ୍ଟ୍, ନୁହେଁ ?"

କିଛି ସମୟ ପରେ । ସ୍ତ୍ରୀ ଭଲଷିଆ ଗୁଲିହି । ରଣଜିତ୍ ବାବୁ କହିଲେ, "ଏକୁଟିଆ ଏକୁଟିଆ ସ୍ତ୍ରୀଙ୍କୁ ଆପଣଙ୍କର ଖୁବ୍ କଷ୍ଟ ହେଉଥିବ, ତେବେ ଆମ ଭିତରେ ତ, ଆମର ତ ସେଠି ଏକରକମ୍ ଭଦ୍ରମହିଳାମାନଙ୍କର କ୍ଲବ୍ କହିଲେ ଚଳେ । ଭଲେ ଆପଣ ବୁଝିବେ । ମନୁଷ୍ୟ ସମାଜରେ ରହୁ ଯଦି ଆମେ ସମାଜରେ

Digitized by srujanika@gmail.com

ନ ମିଶିଲେ ତେବେ ବଞ୍ଚିବାର ସୁଖ କୋଉଠି କହନ୍ତୁ ? ଆଉ ଏମିତ ସ୍ବଭାବ ବାଳର, ଯେ କୌଣସି ଗୋଟାଏ ଜୀବନର ବୃତ୍ତି, ସେ ତ ସମସ୍ତଙ୍କର ଥାଏ, ତା ବୋଲି ସମସ୍ତେ ତ ଆଉ ସଭ୍ୟ ନୁହନ୍ତି । ଲାଇଫ୍‌ର ଫନ୍ ଅଛି । ଫନ୍ ଯୋଗାଏ ସଭ୍ୟତା । ସେଥିପାଇଁ ସଭ୍ୟହେବାକୁ ହିଁ ହେବ ପ୍ରତ୍ୟେକଙ୍କୁ । କେବଳ ଯେ ଶିକ୍ଷା ଦୀକ୍ଷା ନାଚ, ତା ନୁହେଁ । ପ୍ରଚୁର ମିଳାମିଶା ଦରକାର—”

ଅତ ଜୋର୍‌ରେ ଯେ, ଅତ ଜୋର୍‌ରେ,—

ବଳୀଦତ୍ତ ଅନୁଭବ କଲା ବେକପାଖେ କୋଟ୍‌ର କଲର୍‌ଟା ଯେପରିକି ଛପି ହୋଇଯାଉଛି । କହିଲା, “ଆମମାନଙ୍କର ଦୋଷ କଣ ଜାଣନ୍ତି,—ଆମେ—ମାନେ ଆମ ଘର ସ୍ତ୍ରୀଲୋକମାନେ ବିଶେଷ ଫରୱାର୍ଡ଼୍ ନୁହନ୍ତି ।” ‘ବିଶେଷ’ଟା ଯେ ଯୋଡ଼ିଥିଲା ହୁଏତ ନିଜ ଲକ୍ଷ୍ୟରେ ଟିକିଏ ଆତ୍ମସମ୍ମାନ, ଟିକିଏ ଆତ୍ମ-ବିଶ୍ବାସ ଯୋଡ଼ିବା ଉଦ୍ଦେଶ୍ୟରେ, କିନ୍ତୁ ରଣଜିତ୍‌ବାବୁ ଓଲଟେଇ କହିଲେ, “ଫରୱାର୍ଡ଼୍ ବୋଲି ଲୋକେ ଯାହାକୁ କହନ୍ତି, ମୁଁ ସେସବୁ ପସନ୍ଦ କରେନାହିଁ ମୋଟେ । ଫରୱାର୍ଡ଼୍ ଫରୱାର୍ଡ଼୍ କରି ତାର ଗୋଟାଏ ଖରାପ ଅର୍ଥ ଲୋକେ କରିଦେଲେଣି । ହେଇ ଯେମିତ ଅନେକ ଫାଜିଲାମି କରି କହନ୍ତି, ‘ସ୍କିନ୍ ଏଣ୍ଡ୍ ସ୍କିନ୍ ନୋ ସିନ୍—ଧରନ୍ତୁ ଜଣେ ସ୍ତ୍ରୀଲୋକ, ତାଙ୍କର ଜଣେ ପୁରୁଷଠି କାମ ନାହିଁ କିଛି, ଅଥଚ ଫରୱାର୍ଡ଼୍ ବୋଲେଇବା ପାଇଁ ତା ଉପରେ ଢଳି କଥାବାର୍ତ୍ତା ଚଳାଚଳ କରୁଛନ୍ତି, ତାକୁ କଣ କହିବା ? ସେ ତ ସଂସ୍କାର ଦୌର୍ଗମ୍ୟ ।—”

“ହିଅର୍ ହିଅର୍—” ବଳୀଦତ୍ତ କହିଲା, “ମୁଁ ଭାବିଥିଲି ଏକା ମୁ ମରହଟିଆ—ବାଃ ବାଃ ”

ତା ପରେ ସେ ଚା’ ପାତରେ ମୁହଁ ଲଗାଇ ଡେଙ୍ଗିଲା ।

ରଣଜିତ୍‌ବାବୁ କହିଲେ, “ମରହଟିଆ କହିଲେ ଭୁଲ ଜିନିଷ ବୁଝାଏ—, ଟ୍ରାଡ଼ିସନେଲ୍, ଟ୍ରାଡ଼ିସନ୍ ଗୋଟିଏ ଜାତିର ମଜ୍ଜା, ତାକୁ ଛାଡ଼ିଦେଲେ ଜାତିର ଅସ୍ତିତ୍ୱ ନାହିଁ—”

ଆଶ୍ଚର୍ଯ୍ୟ ହୋଇ ପ୍ରଶଂସାରେ ଅନେଇ ରହିଲା ବଳୀଦତ୍ତ, ଆଉ ତା ମନରେ କମ୍ପା କିଛି ନାହିଁ, ସନ୍ଦେହ ନାହିଁ । ରଣଜିତ୍‌ବାବୁ କହିଗଲେ—“ଟ୍ରାଡ଼ିସନେଲ୍ ହେବା ଅଭିଜାତ୍ୟର ଲକ୍ଷଣ । ହେଇ ଦେଖନ୍ତୁ, ସାମାନ୍ୟ ଟେଜପ୍‌ରେ—”

“ସାମାନ୍ୟ ନୁହେଁ, ଆପଣ ତ ଚାଂପିଅନ” ବଳୀଦତ୍ତ ଠାପୁକୁ ମାତ୍ର କହିଲା, କିନ୍ତୁ ରଣଜିତ୍‌ବାବୁ ଉତ୍‌ଫୁଲ୍ଲ ହେଲେ, କହିଲେ “ଚାଂପିଅନ୍ ହୁଏତ ଏଥିପାଇଁ ଯେ ଏଠି ଏରଣ୍ଡ୍ରୋପି ଦ୍ରୁମାୟତେ—କିନ୍ତୁ ମୁଁ ଯେତେ ବ୍ରିଲିଏଣ୍ଟ ଖେଳିଲେ ବି ଅସଲ ମଣିପର ଟ୍ରାଡ଼ିସନେଲ୍ ଷ୍ଟାଇଲ୍—ଫ୍ଲାସିଂ ହେଲେ ଲୋକେ ଦାବା ହୋଇ ଗୁହାନ୍ତି, କିନ୍ତୁ ସେଣ୍ଟ୍ ଜିତା ହୁଏନାହିଁ—”

Digitized by srujanika@gmail.com

"ଚମତ୍କାର ।"

"ଆଦୌ ନୁହେଁ, ଶୁଣନ୍ତୁ; କିନ୍ତୁ ଫରଓ୍ୱାର୍ଡ଼୍ ବା ମରହଟ୍ଟା ହୋଇ ମଝିରେ ଅଛି ଗୋଟିଏ କଥା ଅଛି । ସେ ଶିକ୍ଷିତ ହେବା ହାବଭାବ, ରୁଚି, କଥାଭଙ୍ଗୀ, ଗୃହଚଳନ ଯେମିତି ବିଦେଶୀ ନ କହିବେ ଆମକୁ, ଖୋଦାକା ଚିଡ଼ିଆ-ଖାନାମେ ଓଡ଼ିଆ ଏକ୍ ଜାନୁଆର ହେ ।"

"ହାଃ ହାଃ ହାଃ—"

"ଓ ସେଇଟା ହାସଲ ହୁଏ ମିଳାମିଶି ଲୋକଙ୍କୁ ଦେଖିଲେ, ନ ଦେଖିଲେ ମନରୁ ଜନ୍ମ ହୁଏନାହିଁ, କଲଚର୍ ବଢ଼େ ସାମାଜିକତାରେ ଓ ଆମ ସ୍ତ୍ରୀମାନଙ୍କର ତା ବିଶେଷ ପ୍ରୟୋଜନ, କାରଣ ସେମାନଙ୍କ ଉପରେ ନିର୍ଭରକରେ ଆମର ଅନେକ ଭବିଷ୍ୟତ ଉନ୍ନତି—"

"ଏକଦମ୍ ଠିକ୍" ବଳୀଦତ୍ତ କହିଲା, "ଦେଆର୍ ୟୁ ଆର, – "

"ଯିବେ ନିଶ୍ଚୟ ଆମ ଘରକୁ" ରଣଜିତ୍‌ବାବୁ କହିଦେଇ ଗଲେ, "ମିସେସ୍ ଦାସ୍ ଯାଆନ୍ତୁ ଯେମିତି ।"

ବଳୀଦତ୍ତ ଅତି ଆଗ୍ରହରେ ସମ୍ମତି ଜଣାଇଲା ।

ତହିଁ ଆର ଦିନ ।

କମ୍ପାନୀର କର୍ତ୍ତବ୍ୟନିଷ୍ଠ କର୍ମଶ୍ରେଷ୍ଠ ବଳୀଦତ୍ତ ଦାସ ଅଫିସକୁ ଯିବା ପୂର୍ବରୁ ଖଟଖିଆ ପାଖେ ବସି ତାର ନିତି ଦିନର ଅଭ୍ୟାସ ଅନୁଯାୟୀ ସ୍ତ୍ରୀକୁ ଲେକ୍‌ଚର ଦେଇ ଦେଇ କହୁଥିଲା—"ତମର ସରୋଜ, ବର୍ତ୍ତମାନ ବଦଳିବା ଖୁବ୍ ଦରକାର, ଯେଉଁ ସମାଜକୁ ଉଠିଲେଣି ଆମେ ସେ ସମାଜରେ ତାଳ ପକେଇ ଗୌରବ ଅର୍ଜି ଉପରକୁ ଉପରକୁ ଉଠିବାକୁ ଇଚ୍ଛାଥିଲେ ଏକା ମୋର ପରିଶ୍ରମ ଯଥେଷ୍ଟ ନୁହେଁ, ତମର ବି ପରିଶ୍ରମ ଦରକାର । ମାନେ, ବଡ଼ କିଛି ନୁହେଁ । ସାମାନ୍ୟ ଦ'ଅକ୍ଷର ଇଂରେଜି ପଢ଼ା, ଆଧୁନିକ ଧରଣର ସାମାନ୍ୟ ଥୋଡ଼ାଏ କାଇଦା କଟକଣା, ହେଲା ଏମିତି ଟିକିଏ ଟିକିଏ, ତା ପରେ ଆମେ ମିଶିଯିବା, ନ ହେଲେ ଲୋକେ ହସିବେ ।" ଖୁବ୍ ଗମ୍ଭୀର ହୋଇ କହୁଥିଲା, ବାରମ୍ବାର ତ ଏପରି କହେ, ସରୋଜିନୀ ଯୁକ୍ତିକରେ, ବଳୀଦତ୍ତ ଉତ୍ତେଜିତହୋଇ ବକ୍ତୃତା ଦିଏ, ତା ପରେ ଘଣ୍ଟାକୁ ଚାହିଁ ବକ୍ତୃତାକୁ ମୁଲତବୀ ରଖି ଧଇଁସଇଁ ହୋଇ ଛୁଟେ ଅଫିସକୁ, ଏଇ ତ ସବୁ ଦିନର ନିୟମ ।

କିନ୍ତୁ ଆଜି ସରୋଜିନୀ ପ୍ରତିବାଦ କଲାନାହିଁ ।

Digitized by srujanika@gmail.com

ନ ବଦଳୁଛୁ ସେ ନୁହେଁ । ସାମ୍ନା ଘରେ ଥାଆନ୍ତି ସରକାରୀ ପଶୁ ଡାକ୍ତର ବାବୁ, ତାଙ୍କ ସ୍ତ୍ରୀଙ୍କ ସହିତ ଘନିଷ୍ଠ ପରିଚୟ ହେଲାଣି । ସେମାନେ ଖ୍ରୀଷ୍ଟାନ୍ । ତାଙ୍କଠୁ ସେ ଶିଖିଛି ଭଲ୍ ବୁଣା । ଗୋଟିଏ କୁକୁରର ବେକପାକେ ବୁଣୁଛି । କୁକୁରଟି ସରିବ, ସରିବାରେ ତଳେ ତା' ନାଳ ନାଁଟି ବି ସେ ବୁଣିଦେବ,—'ସଉଭେଜିନ୍' ।

ସେ ତାର ଗୋପନ ପାଣ୍ଡୁଲିପି । ହଠାତ୍ ଦିନେ ବଳୀଦଉକୁ ବିସ୍ମିତ ସେ କରିଦେବ ନିଜ କାର୍ଯ୍ୟରେ ।

ମନେ ମନେ ବି ସେ ଅନୁଭବ କରୁଛି କେଉଁ ଲଗିବା ଅନୁଭୂତି, ସମାଜ—ଠିକ୍ କଥା, ସେ ସମାଜରେ ମିଶିବାକୁ ନୁହେଁ ।

"ଇଂରେଜୀ ବହିଟିଏ ଆଣି ଦିଏଁ ଏଥର, ନା, କଣ କହୁଚ ?

"ମା-ଲୋ, ଇଂରେଜୀ ! କିଏ କହୁଥିଲାକି ସତେ ? କାହା ଘର ବୋହୂ ? ଦି ଅକ୍ଷର ଇଂରେଜୀ ପାଠ ପଢ଼ିଥିଲି ବୋଲି ଲୋକଙ୍କୁ ଦେଖେଇ ଦେଖେଇ ଡାକ ପକାଏ, "ବେଆରର୍—ଶୁନ୍—", ସେମିତି ଫ୍ୟାଶନ କରିବ ମତେ ?"

"ଥଟ୍ଟା ନାହିଁ, ଆଣିଦିଏଁ ବହିଟିଏ—"

"ହଉ ଆଣ—"

"ଘୋଡ଼ିଦେବ ଏକା ଜଲ୍‌ଦି ଜଲ୍‌ଦି—"

"ହୁଁ ନା, ତମେ ଖାଲି ଜଲ୍‌ଦି ଜଲ୍‌ଦି ଘୋଡ଼ିଥିଲ ? ହଉ କହୁଚ ଯଦି ଆଣ ଖଣ୍ଡେ,—ଦେଖିବା । ହଁ, ତମେ ପରା କହୁଥିଲ କାହା ଘରକୁ ଯାଇଥାନ୍ତେ ବୋଲି ?"

"ଯାଆନ୍ତେ ତ ଆଜେ ରଣଜିତ୍ ବାବୁଙ୍କ ଘରକୁ ।"

"ଆଜି ତ ଶନିବାର, ପୁଣି ଆଜି ଉଆଁସ ରାତି ।"

"ଭଲ, ଅଳ୍ପ ଯିବା—"

"ତମେ ଚଞ୍ଚଳ ଆସିଲେ ନା ?"

"ମୁଁ ଚଞ୍ଚଳ ଅସିବି ।"

ଆଜି ସେ ବୁଲୁପିବ । ଖାଲି ଖାଲି ଉଲରେ କୁକୁରଟା ଅନ୍ୟ ବେକଠୁ ଭଲକୁ ଉଆର ହେବାକୁ ଲାଗୁ ହେଉନାହିଁ । କୁକୁରର ଛବିକୁ ସେ ଯେତେ ଦେଖିଲେ ବି ତାକୁ କୁକୁର ବୋଲି କହିବାକୁ ଅଭିଜ୍ଞତା ପାଏନାହିଁ । ଏମିତି ପୁଣି କୁକୁର ଥାନ୍ତି ? ଦେଖି ତ ନାହିଁ କେବେ ! ଖାଲି କୁକୁର ନ ଦେଖିଲେ ବି ଗ୍ରହଣ କରିବାକୁ ହେବ କୁକୁର ବୋଲି, ନ ହେଲେ ସେ କହିବ 'ମେଣ୍ଢା'; କିନ୍ତୁ ତା କହିବାରେ କିଛି

Digitized by srujanika@gmail.com

ଯାଏ ନାହିଁ । ଦୁନିଆଁର ବନ୍ଧା ଗତ । ଦ୍ୱିପ୍ରହର ଗଡ଼ିଗଲା । ଚାଇ ନେଉଛି ଆସିଲା । ତା ପରେ ସେ ପ୍ରସ୍ତୁତ ହେଲା । ବେଶି କରି ପାନ ଖାଇଲା, ସତେ କି କେଉଁ ଦୂର ଦେଶକୁ ଯିବ, ସମସ୍ତ ଖର୍ଚ୍ଚ କରି ପ୍ରସାଧନ । ସତେ ଅବା ଝିଅଦିନ ମନେ ପଡ଼ୁଛି । ବଳୀଦତ୍ତ ଫେରିଲାବେଳକୁ ସେ ଖାଲି ଟଳ ଟଳ କୁତୁହଳ, କାଢଛଡ଼ା ପିଲା ସାପ, କ୍ଳାନ୍ତ ହୋଇ ଫେରି ବଳୀଦତ୍ତ ବି ଆକୃଷ୍ଟ ହୋଇ ଦେଖିଲା, ସରୋଜିନୀ ବଦଳି ଯାଇଛି ତାର ପୁରୁଣା ବ୍ୟକ୍ତିତ୍ୱକୁ ।

ସରୋଜିନୀ ବଦଳି ଯାଇଛି—ବଳୀଦତ୍ତ ଦେଖୁଥିଲା, ଦର୍‌ହଫୁଟା ପଦ୍ମଫୁଲଟି ପରି, ଓଠଂରେ ହଲି ହଲି ହସକୁସି, କଥାରେ ନଥା ଯୋଖି ରହସ୍ୟକରେ । ହଲି ଉଠୁଛି ଦର୍‌ହଫୁଟା ପଦ୍ମଫୁଲ, ଚହଲା ପାଣିରେ ନିଜେ ଚାଇ ଦେଖି ଚାଇରେ ଫୁଲେଇ ହେଉଛି । ଆଉ ନିଜେ ସେ—ଉବୁଟୁବୁ ଡଙ୍ଗାରେ ଚଢ଼ି ପଦ୍ମତୋଳାଳି, ଯେତେ ଥର ନାଆ ପେଲି ହାତ ବଢ଼ାଉଛି, ସେତେ ଥର ହାତପାଆନ୍ତରୁ ଅଳ୍ପ ଦୂରକୁ ରହି ପଦ୍ମଫୁଲ ମୁଣ୍ଡ ଟୁଙ୍ଗାରୁଛି ।

ମନେ ପଡ଼େ ସେ ଦିନର କଥା, ନୂଆ ତାର ବାହାଘର ।

ସନ୍ତସନ୍ତିଆ ଅନ୍ଧାର ବଳବଳି ଛୋଟ ଚାଳଘରେ, ଛୋଟ ଅଗଣାରେ ଯାହାର ବାସନ ଧୁଆ ପାଣି, ହାଣ୍ଡି ଧୁଆ ପାଣି ଅଇଁଠାଫଳକୁଡ଼ି ଏକାଠି ହୋଇ ସୃଷ୍ଟି କରେ ଗୋଟାଏ ମଶା ଭୁଉଁ ଭୁଉଁ ଟୁବି ଗାଡ଼ିଆ—ଯେଠି ବାହାଘରର ମହଲ କେଇ ମାସର ନୂଆ ଜୀବନର କମିଆଁ ବାରମ୍ବାର ଲଗି ବାରମ୍ବାର ଫାଟିଯାଇ ଦାନ୍ତ ଦେଖାଏ । ମନେପଡ଼େ, ତା ବି ଅନୁଭବ କରିଥିଲା ସେ । ତଥାପି ସେ ସରୋଜିନୀ କେମିତି ଥିଲା ଆଉ ପ୍ରକାରେ ।

ଠିକ୍ କେମିତି ସେ ଥିଲା ଭାଷାରେ କି ଭାବନାରେ ଗଢ଼ି ହେବନାହିଁ, କିନ୍ତୁ ସେ ଥିଲା ଅନ୍ୟ ପ୍ରକାର ।

ଦରିଦ୍ର ଘରର ଘରକରଣାର ସହସ୍ରେ ଛିଣ୍ଡା ଲେଙ୍କୁଡ଼ି ଭିତରେ ତଥାପି ଝଟକି ଉଠେ ତାର ମୂର୍ତ୍ତିମନ୍ତ ଆନନ୍ଦର ବ୍ୟକ୍ତିତ୍ୱ । ହସ ଖୁସିରେ ଛାଇ ଛଟକରେ ଗଢ଼ି ରଖିଥାଏ ସେ ଅପରୂପ ମାୟାର ଜାଲ, ଦେଖାଦେବା—ଧରା ନ ଦେବା ଠାଣିରେ ପରିହାସରେ ସେ ତେଜିଦିଏ, ଟେହିଦିଏ ପୁରୁଷପଣକୁ, ତାକୁହିଁ ଜୟ କରିବାର ଆଦର୍ଶକୁ ଟାଆଁଇ ରଖି, ସେ ବନ୍ଧନ ଭିତରେ ଥିଲା ସ୍ୱାଧୀନତାର ସୁଆଦ, ସେ ବିଜୟରେ ଥିଲା ଆତ୍ମବିଶ୍ୱାସର ଆନନ୍ଦ, ସେହି ଥିଲା ସରୋଜିନୀ ସେତେବେଳର ।

ମାଟି ଚଟାଣରେ ସତରଞ୍ଜି ଉପରେ ନୂଆଜୀବନର ଫୁଲଶଯ୍ୟା ରଚି ଅଳସ ହୋଇ ଚାହିଁ ଚାହିଁ ବଳୀଦତ୍ତ ସେତେବେଳେ ନିଜର ସ୍ପନ୍ଦନ ସଙ୍ଗ ସଙ୍ଗେ ଆନନ୍ଦର ଚେତନାରେ ଲୀଳାୟିତ ହୋଇ ନୀରବ ରହି ଜୀବନର ପୂର୍ଣ୍ଣତା ଅନୁଭବ

Digitized by srujanika@gmail.com

କରୁଥିଲା, ନ ହେଲେ ଶୋଉଥିଲା ନିଘୋଡ଼ ନିଦରେ, ଶାନ୍ତିର ନିଦ,—ଅଶାନ୍ତ ଆକାଂକ୍ଷାର ନୁହେଁ ।

ସେତେବେଳେ ନ ଥିଲା ତାର ବଡ଼ଲୋକ ହେବାକୁ ଆଶା କି ଯୋଜନା, ମୁଣ୍ଡରେ ନ ଥିଲା ସାତପାଞ୍ଚ ବିଚାର ।

ଖାଲି ସେ ଓ ସରୋଜିନୀ ।

ସ୍ୱୀକର, ସେତେବେଳେ ସେ ବୃତ୍ତି ମାତ୍ର, ଜୀବନ ନୁହେଁ ।

ସେହି ଅଦେଖା ଆନନ୍ଦର ପ୍ରତିଲୋମକୂପଭେଦୀ ନିଘୋଡ଼ ଅନୁଭୂତିରେ ଶାନ୍ତିରେ ଗୋଡ଼ହାତ ଲମ୍ବେଇ ଆଉଜିହୋଇପଡ଼ି ରହୁଥିଲାବେଳେ ମନରେ ଘୂରୁଥିଲା ତ୍ୟାଗର ଇଚ୍ଛା—କି ଉପାୟରେ ସେ ତାର ସ୍ତ୍ରୀ ପାଇଁ ସବୁ ଉଜାଡ଼ି ଦେଇ ଆହୁରି ଖୁସି ହୋଇପାରନ୍ତା, ସେହି ଥିଲା ତାର ସୁଖ ।

ଆପଣାକୁ ଆପେ ଚେତେଇ ଦେଉଥିଲା,—ନିଜର ଦାରିଦ୍ର୍ୟ ପାଇଁ ସେତେବେଳେ ସେ ବିବ୍ରତହେବାକୁ ନିତାନ୍ତ ନାରାଜ ଥିଲା । ଥରେ କହିଥିଲା ତାର ବୁଢ଼ା ବାପ,—"କିଣ ବୋଲି ତତେ ବୁଝେଇବିରେ ଓଲୁ! ଏ ବେଳକୁ କଥା,—ବିଭାଘର ଖୋଜେ ନାହିଁ ଧନ ରତ୍ନ, ଗୋଟାଏ ପେଟ ଦୁଇଟା ପେଟରେ ବେଶି ତଫାତୁ ନାହିଁ ସେତେ, ଅସଲ କଥା,—ଘର କରିବା । ସ୍ତ୍ରୀ ଚାହେଁ ପୁରୁଷ, ପୁରୁଷ ଚାହେଁ ସ୍ତ୍ରୀ, ଆଉ କି କଥା ?—ମନ ମିଳିଲେ ଏକା କଂସାରୁ ଦୁଇମୁଠା ଭାତ, ଏକା ଲୁଗାର ଦୁଇକାନି ଦୁହିଁଙ୍କର ପିନ୍ଧା, 'ଧାନଟି ଭିତରେ ଚାଉଳ-ଟିଏ',—ଏଇ ତ ବ୍ରହ୍ମଜ୍ଞାନ । ଆଉ କିଣ ତମେ ଟୋକାଏ ଧନ ନାଇଁ, ଧନ ନାଇଁ ହଉଚ ? ତମ ପରି ବୁଦ୍ଧି ଯଦି ଆଉ ସମସ୍ତଙ୍କର ହୋଇଥାନ୍ତା, ତେବେ ତମେ ବି ନ ଥାନ୍ତ, ଦୁନିଆରେ କେହି ବାହା ହୁଉ ନ ଥାନ୍ତେ, ଘର କରୁ ନ ଥାନ୍ତେ କେହି କେବେ, ଯୁଗେ ଯୁଗେ ବେଶି ଲୋକଙ୍କର ତ ନାହିଁ ନାହିଁ, ହୋଇ ହୋଇ କେଇ ଜଣଙ୍କର କି ?"

ସେତେବେଳେ ସରୋଜିନୀର ମାୟା ଚେତେଇ ଦେଉଥିଲା ମଝିରେ ମଝିରେ ବୁଢ଼ା ବାପର ସେହି କଥା, ଗରିବ ଆଉ ଯେ ବାହା ହୋଇଥିଲା, ପସ୍ତେଇ ନାହିଁ ତ !

କେଉଁ ଛକରେ ଅନ୍ଧାରରୁ ଉଠି ଠିଆହୋଇ ଝଟକେ ଅତୀତ, ରଣଜିତ୍ ବାବୁଙ୍କ ଘରକୁ ଚାଲି ଯାଉ ଯାଉ ଅତୀତର ସେହି ସରୋଜିନୀର ଛଳକା ଦିଶେ ।

ତଥାପି ଆଜିର ଯୋଜନାବାଦୀ ବଳୀବର୍ଦ୍ଦ କଳ୍ପନାରେ ଦିଶେ ଅତୀତର ସେହି ଯେନାଯେନ ଦିନ ଚୂଲିପାଖେ ଗୋଟାଏ ଅନ୍ଧାରର ପାତାଳପୁରୀ, ଦୀର୍ଘଶ୍ୱାସରେ ବାରମ୍ବାର ମନେପଡ଼େ—ଅଭାବର ସେ ଫାଙ୍କ ତାର ଯୋଡ଼-

Digitized by srujanika@gmail.com

ହୋଇନାହିଁ, ବାନ୍ଧ ହୋଇନାହିଁ, ଜୀବନ ଆଉ ପ୍ରକାରେ ହୋଇଥାନ୍ତା ପରି ଯଦି ଥାଆନ୍ତା ଅର୍ଥବଳ ।

ମନକୁ ମନ ସେ ତୁଳନା କରୁଥିଲା,—ମର୍ମର ପ୍ରାସାଦରେ ଯେଉଁ ପ୍ରେମ, ଠିକ୍ ସେହି ପ୍ରେମ କଣ ମିଳେ କୁଡ଼ିଆ ଘରେ ? ବଡ଼ କୋଠିର ବଗିଚାରେ ଫୁଲଗଛ ସନ୍ଧରେ ଫୁଲଫୁଟା ଲଟାଦୋଳ ଉହାଡ଼ରେ ଯେଉଁ ଗୋଡ଼ିଆ-ଗୋଡ଼ି ଖେଳ, ଠିକ୍ ତାହାର ଆନନ୍ଦ କଣ ଥାଏ ପୋକଖିଆ ବତାବାଡ଼ ଉହାଡ଼ରେ କହ୍ଲିଲଟା ତଳେ ? ସନ୍ତସନ୍ତିଆ ଅରମା ବାଉଁଆଡ଼େ ଜାଲଜାଲିଆ ପତ୍ର ବୋଝେଇ ଡେଙ୍ଗା ଡେଙ୍ଗା ଝଡ଼ାଗଛ, ଭେଣ୍ଡିଗଛ ସନ୍ଧରେ ? ଅସମ୍ଭବ,—ବଳୀଦତ୍ତ ଭାବେ, ଜୀବନର ଫାଳକ ଅଭାବରେ ଶୁଖି ସେମିତି ଝଡ଼ିଯାଇଛି, ସେ ହୋଇ ପାରିଥାନ୍ତା ଭିନ୍ନ ପ୍ରକାର ।

କୋଠାଘର, ସେଠି ବାର ବଗିଚା,—ଧନର ପ୍ରାଚୁର୍ଯ୍ୟ,—ଖଣ୍ଡେ ମଟର-ଗାଡ଼ି,—କିଣିବାକୁ ଯାହା ଇଚ୍ଛାହେଲା ତାହା,—ପୃଷ୍ଠପଟରେ ନୂଆ ବିବାହର ଜୀବନଟା ହୋଇଥାନ୍ତା ଭିନ୍ନ ପ୍ରକାର ।

ଆହୁରି ଧନ ଅଛି, ଜୀବନ ଥିବାଯାକେ ଆଶା, ଜୀବନ ହୋଇପାରିବ ମନମାଫି, ତାର ଉପକରଣ ସଂଗ୍ରହ କରିବା ପାଇଁ ଦାନାପାଣିର ମୁକ୍ତିରେ ଶରୀର ବଳ, ବୁଦ୍ଧିର ଚତୁରତା, ସବୁ ସେ ପ୍ରୟୋଗ କରିବ । କେବଳ ମଣିଷର ହୃଦୟ, ମଣିଷର ବିବେକ, ସେସବୁ ସେ ଛାଡ଼ିଦେବ ସେହିମାନଙ୍କ ପାଇଁ, ଯାହାଙ୍କୁ ଚିନ୍ତା କରିବାକୁ ପଡ଼େନାହିଁ । ସେ ଦୁର୍ବଳତା ତା'ର ନୁହେଁ, ତାର ଖାଲି ଉଦ୍ଦେଶ୍ୟ ଜାଣି ଉପାୟ ।

ଦାନାପାଣିର ମୁକ୍ତି,—ଅତଏବ ଚାକିରି,—ତାର କୁରୁକ୍ଷେତ୍ର, ତାର ଧର୍ମକ୍ଷେତ୍ର,—ରଣଜିତ୍ ବାବୁଙ୍କଠୁଁ କି ଉପାୟରେ ସୁବିଧା ଉଠାଯାଇପାରେ ?

ଶେଷରେ ସେହି ତାର ନିତ୍ୟ ଅବସରର ଭାବନା, ଚାକିରି, ଫନ୍ଦି,—ଭାବିଲେ ମଣିଷ ବଡ଼ ହୁଏ, ବଳୀଦତ୍ତ ଉପାୟକୁ ଫଳ କଷି ଦେଖୁଥିଲା, ସରୋଜମାର ଅସ୍ତିତ୍ୱ ଭୁଲିଥିଲା, ତାର ଖାଲି ଚାକିରି, ଚାକିରି ।

ଚାଲିଛି ଆଗେ ଆଗେ ବଳୀଦତ୍ତର ସ୍ତ୍ରୀ ସରୋଜମା । ଲମ୍ବିଛି ତାର ବିଭାହେବା ପୂର୍ବର ଦିନପରି । ସତେକି ସେ ମୁକ୍ତିମୁଖୀ । ସଙ୍କେତ ଦେଉଛି ମନଗହନତଳ, ବାଟ କଢ଼ାଉଛି ଦେବ, ପବନରେ ବକୁଳର ସୁବାସ । ରକ୍ତରେ ତାର ଉତ୍ପ୍ରେକ୍ଷା ।

ଜୀବନ, ତାର ଲକ୍ଷେ ବାଙ୍କରେ ଲକ୍ଷେ ଅନୁଭୂତି, ଆଜି କଣ ?

Digitized by srujanika@gmail.com

ତାର କାହାଣୀ—

ମଣିଷର ।

ସେ ନୁହେଁ ଖାଲି ଅବାନ୍ତର, ପିତୃପୁରୁଷଙ୍କ ବାସ୍ତବ ଦେହ ଉପରେ ଶ୍ରୀଯୁକ୍ତ ମେଟ୍ରେଲିଙ୍କଙ୍କ ତଥ୍ୟର ସାର୍ଥକତା । ଫିଲ୍ମ ପାଇଁ ଚେହେରା ନାହିଁ ତାର, ନାହିଁ କାବ୍ୟ ପାଇଁ ବପୁ । ଅଧମ ଖାଦ୍ୟରେ ଅପୁଷ୍ଟ ସାଧାରଣ ଦେହ । ସେଥିରେ ଗର୍ବ କରିବାକୁ କିଛି ନାହିଁ, ଲାଜର ।

କାହାଣୀ ନୁହେଁ ତାର ମନଗହୀରର ଖୋଲ । ଅନ୍ଧାରରେ ଭୂତପ୍ରେତ ଅନର୍ଥାପ । ଆଲୁଅର ବାଟମୁହଁରେ ଅସଂଖ୍ୟ ଜଗୁଆଳି ଠେଙ୍ଗାଧାରୀ । କେତୋଟା ମୁହୂର୍ତ୍ତ ଅଳପ ଆସେ ତାର ଜୀବନରେ,—ସେତେବେଳେ କେଉଁ ଜଗୁଆଳି ଢୁଲି ଢୁଲିଯାଏ । କିଏ ପକାଏ ଟେଳାଏ ଅଫିମ, ଶୋଇପଡ଼ନ୍ତି ସମସ୍ତେ । କିନ୍ତୁ କେତେ ମିନିଟ୍ ? ଗୋଟା ଜୀବନର କେତେ ଭଗ୍ନାଂଶ ! ଖାଲି ଜଗୁଆଳି,—ସ୍ୱତନ୍ତ୍ର ମନ ଭୟରେ ପଙ୍ଗୁ, ଈଶ୍ୱରର ଭୟ, ସମାଜର ଭୟ, ଦାରିଦ୍ର୍ୟ, ମୃତ୍ୟୁ, ନିରାଶାର ଭୟ । ଭୟ ହିଁ କେବଳ । ଖାଲି ସମ୍ଭାବିତ ପ୍ରବଣତାର ଇତିବୃତ୍ତ, ତାର କାହାଣୀ ନୁହେଁ ।

ତାର କାହାଣୀ,—ସେ ଖାଲି ନୁହେଁ ମଣିଷ ଦଳରେ ତାର ବିକାଶ । ତାର ବିକାଶ ନାହିଁ, ସେ ନଗଣ୍ୟ ପିମ୍ପୁଡ଼ି, ମନ୍ଦାରେ ଗୋଟାଏ, ସେମିତି ।

କି ସେ ନୁହେଁ ତାର ସାଫଲ୍ୟ ବିଫଳତାମୟ ନାଟକୀୟ ଘଟଣାର ବର୍ଣ୍ଣନା । ଗୋଟାକ ପରେ ଗୋଟାଏ,—ଚଳନ୍ତି ସମସ୍ୟାର ସଂଘର୍ଷ, ହିସାବ ସାତ ପାଞ୍ଚ । ଘଟଣା ନାହିଁ—ଆଜିର ଘଟଣା କାଲିକି ପାସୋରି ବୁଢ଼ିମା ଗପ । ଗ୍ରାଫ୍‌ରେ ଦେଖିଲେ ସାମାନ୍ୟ ଉଠ ପଡ଼, ସମାନ ନୋହିଲେ ।

ତାର କାହାଣୀ ନୁହେ ପ୍ରକୃତି ସମ୍ପର୍କରେ ତାର ଅବସ୍ଥିତିର ପରିଚୟ । ପ୍ରକୃତି,—ଜାଣି ଅଛୁ ସେ,—ଏଡ଼େ ବଡ଼ ଆକାଶ, ସେଥିରେ କୋଟି କୋଟି ବିଶ୍ୱବ୍ରହ୍ମାଣ୍ଡ, ନାନା ବର୍ଣ୍ଣ, ନାନା ଛବି, ନାନା ଭାବ । ତଳେ ଖାଲ, ଢୋଲ, ପର୍ବତ ଓ ସମତଳ, ଅସଂଖ୍ୟ ଦୃଶ୍ୟ । ପ୍ରକୃତି,—ଗଛଲଟା, ଶସ୍ୟ, ଗାଈଗୋରୁ, ପକ୍ଷୀ, ପଶୁଠୁ କୋଷମାତ୍ର 'ଆଲ୍‌ଜି' ପର୍ଯ୍ୟନ୍ତ, ଯାହିଁ କେଉଁ ତଳରେ ସେଠି ହଜିଯାଏ ନଗଣ୍ୟ ବଳୀଦଉ, ହଜିଯାଇ ବାହାର ଦ୍ରୁତ ବିଶିଷ୍ଟ ଚେତନା ହଜାଏ । ପାଣିର ମାଛ,—ସେ ପାଣିକୁ ଦୂରରୁ ଦେଖି ପାରେନାହିଁ । ଜାଣିବାକୁ ସୁବିଧା ନାହିଁ ତାର ସୁଅର ତୋଡ଼, ସୁଅର ଗତି । ତେଣିକି ତାର ନଦୀ ନାହିଁ,—ଆକାଶରେ କେବେ କେଉଁ ଜହ୍ନ ହୁଏ, କେବେ ଫୁଟେ ତାରା । ଦୂର ଦିଗ୍‌ବଳୟରେ ଅଙ୍କ ହୋଇଯାଏ

Digitized by srujanika@gmail.com

କେବେ କେଉଁ ଭାବ, କେବେ କେଉଁ ଦୃଶ୍ୟ । ରାତିର ଆକାଶ ସେ ଦେଖିଥିଲା ପିଲାଦିନେ । ଦୁଆରେ ହେଁସରେ ଶୋଇ ଉପରକୁ ଚାହିଁ ଚାହିଁ ଦେଖିଥିଲା ଜହ୍ନ ଓ ବଉଦମାଳର ଗୋଡ଼ାଆଗୋଡ଼ି ଖେଳ । ଆଉ ନାହିଁ । ତା ପରେ ଆକାଶ ଘରବଢ଼ିରେ ଉପରେ ଯଦି ଝୁଲୁଥାଏ। ସିଆଁ ବତ୍ତୀର ଚାନ୍ଦୁଆ, ତେବେ ମଧ୍ୟ ସଚେତ ହୁଏନା। କାହିଁ ତେଣିକି ସେ, ଯଦି ତାର କାମ ନ ଅଟକେ। । ଗଛ ସେ ଦେଖିଛୁ ପ୍ରଚୁର, ସେହିପରି କାଠ ଗୋଡ଼ଦଳା ଘାସ । ଭାବ ନାହିଁ, ଅନୁଭବ ଘେନଛୁ କେବଳ ପ୍ରବୃତ୍ତିରେ ।

ତାର କାହାଣୀ ନୁହେଁ ଅନନ୍ତ ସମୟର ସମ୍ପର୍କରେ ଭାସୁଥିବା ଭାବରାଜି । ସବୁ ବାସ୍ତବତା ସବୁ ଜଡ଼ପଣ ଲେପନ୍ଧ୍ରୋଇ କେବଳ ମହାଶୂନ୍ୟରେ ତରଙ୍ଗ,— ଅତ ନାହିଁ, ମର୍ତ୍ତି ନାହିଁ, କ୍ଷୋଭ ନାହିଁ, ଆରଷ୍ଟଟଲ ପ୍ରବର୍ତ୍ତିତ କାବ୍ୟସୂତ୍ରର ମତ ନାହିଁ, ନିସମତା ନାହିଁ, କେବଳ ରସାଣ ଅନୁଭୂତି, ଗୋଟାଏ ଗୋଟାଏ ସ୍ପନ୍ଦନରେ ଯାହାର ପରିପୂର୍ଣ୍ଣ ଇତିହାସ, ମାଳର ଗୋଟି ଗୋଟିକିଆ ଦାନା ପାଖକୁ ପାଖ, ଗୁନ୍ଥି ହୋଇ ରହିଛି ସମୟର ଡୋରରେ । ଯେଉଁଆଡ଼ୁ ମାଳ ଗଡ଼େଇଲେ ବି ଜୀବନର ନାମ,—ସହସ୍ର ନାମ ଲକ୍ଷେ ନାମରେ ସେହି ଜୀବନହିଁ,—ପବିତ୍ର ଭଗବତ୍ ନାମ । ସେ ବି ନୁହେଁ ତାର କାହାଣୀ,—ବିଚରା ବଳୀଦାଉ,—ସମସ୍ତ ବୋଲନ୍ତେ ଚବିଶ ଘଣ୍ଟାର ଦୁଇ କଣ୍ଟାର ସ୍ଥାନ ଗୋଟାଏ ଗୋଲକ ର ଚକ୍ର ଭିତରେ । ସବୁ ସ୍ଥାନରେ ବି ସେ ଅଟକି ଦେଖେ ନାହିଁ,—ସକାଳୁ ନିତ୍ୟକର୍ମର ବେଳା ଓ ପ୍ରତ୍ୟହ ଦଶରୁ ପାଞ୍ଚ,—ଅଫିସ, ସେତିକି । ସମସ୍ତ ନୁହେଁ,—ନିପଣ୍ଡର ସୂଚକ । ସେ ବି ନୁହେଁ ତାର କାହାଣୀ ।

ସବୁ ମିଶାମିଶି—ମଣିଷର ଅବସ୍ଥିତିର ଏହି ଛଅ ଦଗ ଛଅଟି ଡାଇମେନ୍‌ସନ୍‌ସ୍—ଏହାର ଗୋଟି ଗୋଟିକର ନାନା ଲାସ୍ୟ, ନାନା ଛଟା,—ପୁଣି ଏହିମାନଙ୍କ ମଧ୍ୟରେ କ୍ରିୟା-ପ୍ରତିକ୍ରିୟାଜନିତ ସମାଶ୍ରିତ ସମ୍ବନ୍ଧରୁ ସହସ୍ରେ ସହସ୍ରେ ରୂପ । ଅଦୃଶ୍ୟ ଜହ୍ନର କାଚଘର ହାତର ଅସଂଖ୍ୟ ଆଂଶିକଟା ମୂହଁ, ସେହି ଗୋଟିଏ ଆସର,—ନଗଣ୍ୟ ବଳୀଦାଉ ଦାସ କୋହିନୂର ପରି ଆଲୋକ ଛୁଟେ, ଆଲୋକ ଘେନେ,—ସେହି ତାର କାହାଣୀ,—ନୀରବ ଓ ଭାଷାମୟ ।

ଚାଲିଛି ସେ, ଚାଲିଆସିଛି । ଅତୀତର ରଣକୁହୁଡ଼ିରେ ହଜିଥିବା କେତେ ସହସ୍ର ବର୍ଷ ତଳର ଆଦି-ପିତୃପୁରୁଷ ଦିନରୁ,—କେତେବେଳେ କେଉଁଠି ଅନୁପ୍ରାସ ପଡ଼ିଛି ଚେତନାରେ, ଶବ୍ଦପାତ ଅନୁପ୍ରାସରେ ସୃଷ୍ଟି ପାଇଛି ଦେବତା ଓ ଆଦର୍ଶ, ଆଜି ହୁଏତ ତାର ଦାନାପାଣି ଚେତନାରେ ଗଢ଼ା ଦେବତାମାନେ,—ଦେବତାଙ୍କୁ ପୂଜା କରୁଛି, ନାଁ ଦେଇନାହିଁ ।

ଚାଲିଛି ତଥାପି ।

Digitized by srujanika@gmail.com

ହତାର ଫାଟକ ଆରପାଖେ ରାସ୍ତାକରରେ ଊନଖଣ୍ଡ ମଟରଗାଡ଼ି, ଘୋଡ଼ାଗାଡ଼ି ଦୁଇଖଣ୍ଡ । ସମସ୍ତେ ସ୍ଥିର ।

ଶୋଇପଡ଼ିଛି ରାସ୍ତା, ବେଳେ ବେଳେ ଏକମୁହାଁ ବାଟୋଇ, ଦୂରେଇ ଦୂରେଇ ଘୋଡାର ଖସ୍‌ଖସ୍ ଶବ୍ଦ, ତା'ପରେ ଚୁନଚାନ । ଦଲଦଲ ଅନ୍ଧାର ବଗିଚା ସେପାଖେ ଘର ଭିତରୁ ଧଳା ଆଲୁଅ ଛିଟକିପଡ଼ୁଛି, ଅନ୍ଧାର ତା'ର ଶିରା ବଢ଼ାଉଛି । ବେଳେବେଳେ ସମବେତ ହସ । ସେଥିରେ ଜନ୍ତୁପ୍ରାଣର ଉଲ୍ଲାସ ବା ଆର୍ତ୍ତନାଦ ଶୁଣିଲେ ଚମକ ଲାଗେ ।

"ଏଇ ରଣଜିତ୍‌ବାବୁଙ୍କ ଘର"—ବଳୀଦତ୍ତ କହିଲା ।

"ଏଇ !"…ସରୋଜିନୀ ଚାହିଁ ଦେଖିଲା, ପଦେ 'ଏଇ'ରେ ତାର କଳାକଳା,—ବଡ଼ ଫାଟକ, ବଡ଼ ବଗିଚା, ବଡ଼ କୋଠା,—ସବୁମିଶି ବଡ଼ ଘର,—ଛାତ ଉପରେ ଚଢ଼ି ବସେ,—ଏଡ଼େ ଫୁଲଫାଙ୍କଡ଼ାରେ ବ ମଣିଷ ରହନ୍ତି ! ଏ ବ ଜୀବନ !

ଗୋଟାଏ ଇର୍ଷାର ଦୀର୍ଘଶ୍ୱାସ ।

ତା ପରେ ବାଦରୁଦୁଆ ହୋଇ ଚହଟିଉଠେ ମନ,—ଦେଖାଯାଉ,—

"ମା ଲୋ, ଏଡ଼େ ବଡ଼ ଘର ହୋଇ ଫାଟକରେ ଆଲୁଅ ଦେଇନାହାନ୍ତି କାହିଁକ ମ ! ଦେଖି ଦେଖି ଚାଲ, ଝୁଣ୍ଟିବ—" ସରୋଜିନୀ କହିଲା ।

ଅନ୍ଧାରି ରାସ୍ତା, ଲମ୍ବା ରାସ୍ତା,—ତଥାପି ଦୁଇପାଖେ ଅନ୍ଧାରରେ ଲହଡ଼ି ଖେଳିଯାଏ, ଚମକ ଆସେ ତଟକା ଫୁଲର ଓଦା ବାସ୍ନା । ମେଞ୍ଚା ମେଞ୍ଚା ବୁଦା, ଅନ୍ଧାର ଭିତରୁ ଗହନ ମନର ନୀରବ ପ୍ରବଣତାକୁ ସଙ୍କେତ ଆସେ ଯେପରିକି — ସରୋଜିନୀ ନଭାବି ରହିପାରେନାହିଁ ।

ବଳୀଦତ୍ତ ଭାବିବାକୁ ଚେଷ୍ଟାକରେ କିଏ କିଏ ଅସିଥିବେ ସେ ମଟରରେ, ସେ ଗାଡ଼ିରେ,—ଚହ୍ଲାଚହ୍ଲି ଦେଖାଦେଖିରେ କିପରି ସେ ସୁବିଧା ଉଠେଇ ପାରିବ ତାର ଚାକିରିର ବଢ଼ତି ପାଇଁ । ତେଣୁ ସେ ହସକୁ କାନ ଡେରେ, ସ୍ୱରକୁ କାନ ଡେରେ,—ମୁରୁକ ମୁରୁକ ହସି ବାଟ ଚାଲେ ଆଶାବାଦୀ ।

"ସୁନ୍ଦର ବଗିଚା ।" ସରୋଜିନୀ କହିଲା ।

"ଡାକେଁ ରହ," ବଳୀଦତ୍ତ କହିଲା,—"କିଏ ସେ ସେଠି ? ରଣଜିତ୍‌ବାବୁ ଅଛନ୍ତି ? କିଏ, ଭୀମା ?" ଭୀମା ଚପରାଶି । "ଯା କହିଦେ,—"

ବେଶି ସମୟ ଅପେକ୍ଷା କରିବାକୁ ହେଲନାହିଁ । ଖଟ୍‌କରି ସ୍ୱିଚ୍ ଟିପିଦେଇ ଦୁଆରମୁହଁ ଆଲୁଅ କରିଦେଇ ହସି ହସି ହାତ ବଢ଼ାଇ ଠିଆହେଲେ ରଣଜିତ୍‌ବାବୁ ।

Digitized by srujanika@gmail.com

ନୀଲ ଢୋଲଆ ପାଇଜାମା, ନୀଲ ପଞ୍ଜାବୀ, ସୁଠାମ ଉଶ୍ଚ ଶରୀର, ହସହସ ମୁହଁରେ ଅପରୂପ ଠାଣି । ହଠାତ୍ ଆଖିଜଳକା ଆଲୁଅରେ ଚେଇଁ ଉଠିଛି ବଗିଚାର ଫୁଲପତର ଢେଉ ପରେ ଢେଉ. ଦାଣ୍ଡଘରର ସାଜସଜ୍ଜା, ଛବି, ସବ୍ରୋଜମା ଜଳକା ଆଖିରେ ଦେଖିଲା ଦୁଆର ମୁହଁରେ ଠିଆହୋଇଛନ୍ତି ରଣଜିତ୍‌ବାବୁ ।

"ହ୍ୟାଲୋ ମିଷ୍ଟର୍ ଦାସ୍ ! ନମସ୍କାର, ନମସ୍କାର, ଆସନ୍ତୁ ଆପଣମାନେ । ଆଃ ବହୁ ଭାଗ୍ୟ, ବହୁ ଭାଗ୍ୟ, ଆସନ୍ତୁ—ଆସନ୍ତୁ—" ଚଉଚଉ ହୋଇ ଉହୁଙ୍କି ହୋଇ ଭିତରକୁ ଚାଲି ଯାଉଛନ୍ତି,—ଗୋଟାଏ ଗୋଟାଏ ଷେପାରେ ଦେହ ଟାର ନେଲାପର ଭଙ୍ଗୀ ନେଉଛି,—କସ୍‌ରତ୍ ଠାଣି, ସୁନ୍ଦର ମଣିଷ ଦେହରେ ବଶିଷ୍ଟ ଭଙ୍ଗୀଗୁଡ଼ିଏ,—ଚାଲିବା ମାନେ 'ପୋଜ୍' ନେବା ପଦେ ପଦେକେ । "ଆସନ୍ତୁ ଆସନ୍ତୁ ମାଁ—ମିଲି—ନଲି—ବନ୍ଧୁ,—କୁଆଡ଼େ ଗଲ ସବୁ ?"

'ସବୁ' ଅନେକେ, ହଠାତ୍ ଅରେକେରେ କ୍ୟାଟାଲଗ୍ ପଢ଼ି ହୁଏ ନାହିଁ ।

ସେ ପାଖରୁ ଶୁଭୁଛି ଗୋଟାଏ ଗୁଞ୍ଜନ, ବଢ଼ି ବଢ଼ି ପାଖକୁ ଆସୁଛି ।

ବଚରା ବଳୀଦତ୍ତ ଏଣିକ ତେଣିକ ଚାହୁଁଛି, ସବ୍ରୋଜମାର ପାଦ ଅଟକେଇ ଅଟକେଇ ହେଲଣି,– ପହଞ୍ଚିଗଲେ ସେମାନେ,—ଅଭ୍ୟର୍ଥନା ସମିତିର ସଭ୍ୟବୃନ୍ଦ ।

"ମିଷ୍ଟର୍ ବଳୀଦତ୍ତ ଦାସ୍ , ମୋର ସହକର୍ମୀ ଅଫିସର୍ ଯେ ନୂଆ ବଦଳି ହୋଇ ଆସିଛନ୍ତି,—ମିସେସ୍ ଦାସ୍—"

"ନମସ୍କାର—ନମସ୍କାର—ନମସ୍କାର –"

"ଆପଣ ହିଁ ମିଷ୍ଟର୍ ଦାସ୍ । ଏତେ ଆପଣଙ୍କ ନାଁ ଶୁଣି ଶୁଣି ଲାଗୁଥିଲା ସତେକି ଚିହ୍ନି ସାରଛି ଆପଣଙ୍କୁ । ଓଃ ବହୁଭାଗ୍ୟ—"

"ୟେ ମୋ ସିଷ୍ଟର ମିଲି ବଳୀଦତ୍ତ ବାବୁ, ହୁସିଆର—ଟାର୍ଟ୍ ଗ୍ଲାଜ ଏନ୍ଥୁଷଂ –"

"ଅରେ,—ଦାଦା ଯା' କଏ—"

"ଏଇ ଆଉ ଗୋଟେ, ନଲି, ବା-ବାଃ—ଭଉଣୀ ନୁହନ୍ତି ତ ଦ ଦଟା ମହାଜନ । ଆଜିକାଲି ଯୁଗରେ ବର ପାଇବା ଯେ କି କଷ୍ଟ !"

"ଆରେ !—"

"ଆପଣ ଭାଗ୍ୟବାନ୍ ରଣଜିତ୍‌ବାବୁ—"

"ଆଉ ଏ ବନ୍ଧୁ, ମାନେ ମିସେସ୍—"

ହୋଃ ହୋଃ ହୋଃ ହୋଃ ।

"ଲଜେଇ ଗଲଣି ବନ୍ଧୁ, ଦାଦାର ଯୋଉ ଇଣ୍ଟ୍ରୋଡକ୍‌ସନ୍ ,— ଅଟମ୍‌ବମ୍--ସୁ ନଟି ବସୁ—" ଦାଦାର ଥୋଡ଼ରେ ଆଙ୍ଗୁଠି ଗେଞ୍ଜୁଛି ମିଲି । ବନ୍ଧୁ

Digitized by srujanika@gmail.com

ସରୋଜନୀକୁ କୁଣ୍ଡେଇଧରି ଘର ଭିତରକୁ ମୋହୁଁଛି । ମିଲି, ନଳି ଦୁହେଁ ବଲ୍ଲୀଦନ୍ତର ଦୁଇ ପାଖରେ ବଡ଼ିଗାର୍ଡ଼ ପରି, ଉଭୟଙ୍କ ତା ଉପରେ ଆତୁର ଛ'ଇଞ୍ଚ ଅଧିକା ।

ଆଗୋଉଛି ଶୋଭାଯାତ୍ରା ।

କିନ୍ତୁ ବଲ୍ଲୀଦନ୍ତର ଆଉ ହୋସ୍ ନାହିଁ । ଘଡ଼ି ଘଡ଼ିକେ ଫେରି ଆସୁଛି ହୋସ୍,—ସେତେବେଳେ ସେ ନାକରେ ପାଉଛି ଉତ୍କଟ କଣ ବିଦେଶୀ ବାସ୍ନା, ଚଞ୍ଚଳ କରିଦେଉଛି, ଉଗ୍ର କରିଦେଉଛି, କିନ୍ତୁ ଅତି ଉଗ୍ର ଅତି ତତଲା କରି ଦେଇ ବ୍ୟକ୍ତିତ୍ୱକୁ ପଡ଼ଖାଇ ଦେଉଛି, ତରଳିବା ସ୍ତରରେ । ତା ପରେ ସେ ତରଳି ଯାଉଛି, ବାମ୍ଫେଇ ଯାଉଛି, ହୋସ୍ ନାହିଁ, ଗତି ଆପେ ଆପେ । ପୁଣି ହୋସ୍ ଫେରୁଛି, ଦେଖୁଛି ମିଲି ନଳି ଆଉ ବନ୍ଧୁ, ତାଙ୍କୁ ତାଙ୍କହେଁ ମିଶି ଗୋଟାଏ ଅପରିଚିତ ଦୁନିଆଁ ।

ଖାଲି ବାସ୍ନା,—ଆଉ ରକ୍ତ ନାଲି ଓଠ, ବରଫ ଉପରେ ପାହାନ୍ତିଆ ପରି ମୁହଁ, ଆଉ—ମିଲିର ଖୋଲା ବାହା, ସାଲୁଆର ପଞ୍ଜାବୀ, ଫନ୍‌ଫିନ୍ ପାତଳା, ଉପର ଅଧିକର ଆଚ୍ଛାଦନ ଦମ୍ଭପଣର ସୂଚନା ଦିଏ, ସେ ସବୁଜ ପରି,—ନଳିର ବେଶ ଅବିକଳ ସେହିପରି, କିନ୍ତୁ ସେ ଗୋଲାପୀ ପରି । ଉଭୟଙ୍କର ବେଣୀ ଦୁଇଧାର ଗଙ୍ଗା ଯମୁନା ହୋଇ ଗ୍ରୀବା ଉପର ଉଚ୍ଚତମ ଶିଖରକୁ ବେଷ୍ଟନ କରି ବୋହିଯାଉଛି ତଳକୁ ଗୋଜିଆ ହୋଇ, କୁମାରୀର ସଙ୍କେତ କଣ୍ଟା ଦୁଇଟିର ମୁନ, କଳା ସାପର ଲାଞ୍ଜ ଅବା । ଉଭୟଙ୍କର ଉପର ଅଧିକର ଆଚ୍ଛାଦନ ମଝିରେ ମୁନିଆଁ V ପରି କଟା ହୋଇଛି, 'ଭି'ର ପରିସର ମଝିରେ ଦିଶେ ଅତି ଧୋବ ବର୍ତ୍ତୁଳାକାର ଦି ଦି ଇଞ୍ଚ ଲେଖା ପରିସର, ମଝିରେ ଗମ୍ଭୀର ଉପତ୍ୟକା, ତାହାର ଉପରେ ଶୋଭାପାଉଛି ଗୋଟିଏ ରଙ୍ଗ ରଙ୍ଗର ପଥରବସା ପଦକ, ତାର ତଳଟି ଗୋଜିଆ ନକଲର ଫଲ୍‌କ୍ରମ କଣ୍ଟା । ସୁନ୍ଦର 'ଭି' ଆକୃତି—ଦିଗ୍‌ବିଜୟୀ 'ଭି' ଆକୃତି—କେଉଁଠି ଦେଖିଛି ! ଠିକ୍—ଠିକ୍, ଗତ ଯୁଦ୍ଧ ସମୟରେ—'ଭି' ଚିହ୍ନ ବିଜୟର ସଙ୍କେତ, ଭି ଫର୍ ଭିକ୍ଟ୍ରି,—ଭି ଫର୍······

ସେତେବେଳେ ଥିଲେ ଚନ୍ଦ୍ର-ଶକ୍ତ, ଆଜି ଅଶିଉଠୁ ଷ୍ଟୁଡ଼୍ ବଲ୍ଲୀଦନ୍ତ । ବୁଡ଼ିଯାଉଛି ହୋସ୍,—ସେ ବାମ୍ଫ, ବାମ୍ଫ ହୋଇ ବାମ୍ଫରେ ମିଶି ଯାଉଛି,—ପୁଣି ଫେରି ଆସୁଛି ଚେତନା,—ନାରୀରୂପ କି ସୁଶ୍ରୀ ! ସତେ ତ, ଆଚ୍ଛାଦନ ବଲ୍‌କଲ ନୁହେଁ,—ଯେ ଖାଲି ଘୋଡ଼େଇ ପକେଇବ,—ମଣିଷକୁ କରିବ ମୋଡ଼ାମୋଡ଼ି ହେଁସ,—ମୋଡ଼ାମୋଡ଼ି ଶେଯବିଛଣା,—ତା ତଳେ ଯୋଡ଼ିଏ ପାଦ, ବଳାଗଣ୍ଠି । ଆଚ୍ଛାଦନ ହୋଇପାରେ ରୂପର ଆଭରଣ, ଲୁଚେଇବାକୁ ନୁହେଁ, ଦେଖେଇବାକୁ । କି ସୁନ୍ଦର ! କି ଦୃଢ଼ ! କି ଲଳିତ ! ମଣିଷ ଦେହର ଡାଳୁ—ଢେଉ ପରି ତା'ର ସଙ୍କେତ-ଗାର, ଗ୍ଲୁଲରେ ଢେଉ ଖେଳେ ।

Digitized by srujanika@gmail.com

ଆଉ ସାମ୍ନାରେ ବନ୍ଦ୍। ଶାଢ଼ୀ ପିନ୍ଧିଛ, ସେ ବ ଆବରଣ ନୁହେଁ ଆଭରଣ। ବ୍ଲାଉଜ୍। ସେଠି ବ ସେହି 'ଭି' ଆକାର। ଉପରେ ଫାଳେକେ ଝୁଲୁଛି ଶାଢ଼ୀ,- କାନ୍ଧ ଉପରେ ପାଖେ ସୁନ୍ଦର ଫୁଲ ପରି ଗଣ୍ଠି। ସବୁ ରକ୍ତ ନାଲି। ସେପରିକି ସୁନ୍ଦର ଦେହକୁ ଘେରି ରହିଛି ଗୋଟାଏ ନାଲି କୁହୁଡ଼ି। ହୋସ୍ ବୁଡ଼ିଯାଉଛି ଭାବିଲେ।

ତା ପାଖେ ଗ୍ଲାସିଛି ସରୋଜିନୀ। କାଠ କଣ୍ଢେଇ ମୋଟା କନା ଗୁରେଇ ହୋଇ ଠକ୍ ଠକ୍ ହୋଇ ଚାଲିଛି।

ନୂଆ ଦୁନିଆଁର ପହିଲି ହାବୁକାରେ ଆପଣା ଉପରେ ଖାଲି ଛି, ଛି, ଛି, ଛି। କାହିଁ ତାର ସଭ୍ୟତା? ସଭ୍ୟତା ସୁନ୍ଦରପଣ ପାଇଁ ପରା? ସହଜ ଗଢ଼, ସୁନ୍ଦର ରୂପ, ସୁନ୍ଦର ପରିବେଷ୍ଟନୀ, ତହିଁରେ ଚଳଣିରେ ସୁନ୍ଦରପଣ। ଆଉ ସେ! କେତେ ତଳେ! କେତେ ତଫାତ୍ ତାର ଆଉ ଏ ଦୁନିଆର! ତାର ତ ସେ ଶିକ୍ଷା ସଂସ୍କୃତି ନାହିଁ, ମନରେ ନାହିଁ, ସେ ସହଜ ଆଭିଜାତ୍ୟ। ଗୋଳିଆଗୋଳି ହୋଇଯାଉଛି ଭାବନା। କେବେ ଭାବି ନ ଥିଲି ସେ ଏ ଦୃଷ୍ଟିରୁ। ତାର ଚାକିରି,— ତାର କମ୍ପାନୀ କାମ,— ତାର ଅଫିସ୍,— ସେଠି ତାର ଦମ୍ଭ ପାଦ। ଏଠି ତାର ପାଦ ଉଠିଯାଉଛି ଭୂଇଁରୁ,— ଏ ଭୂଇଁ ପାଦରେ ଛୁଇଁବାକୁ ଲାଗେ କୁଣ୍ଠା,— ଆଉ ଭାବିହେଉନାହିଁ। ଚାଲିଛି ଯନ୍ତ୍ର। ସାଲିସ୍ ଖୋଜୁଛି। ମନେ ପଡ଼ୁଛି,— ହର୍ଷା। ଠିକ୍ ତ, କ୍ଳାନ୍ତ ସେ, ବସାକୁ ଫେରି ହର୍ଷା ହାତରେ ଧରିହେବ। ପରିସ୍ଥିତି ଆରେଇଲାଣି ଧୀରେ ଧୀରେ।

ସଚେତ ମନରେ ଦେଖୁଛି ଟେବୁଲରେ ବସିଛନ୍ତି ଆଉ ତିନିଜଣ,— ମୋଟାସୋଟା ପ୍ରୌଢ଼ା ଜଣେ ଉଠି ଆସୁଛନ୍ତି।

"ଏଇ ମା,—" ରଣଜିତ୍‌ବାବୁ କହୁଛନ୍ତି,— "ମିଷ୍ଟର୍ ଓ ମିସେସ୍ ବଳୀଦତ୍ତ ଦାସ୍," — "ନମସ୍କାର,— ନମସ୍କାର — ନମସ୍କାର,— ନମସ୍କାର।"

"ଆଉ ଚିହ୍ନା କରେଇଦିଏଁ — ମିଷ୍ଟର୍ ସକ୍‌ଲତ୍‌ୱାଲା,— ବିଖ୍ୟାତ କଣ୍ଟ୍ରାକ୍ଟର୍,— ଏଠି କମ୍ପାନୀର ଚିଠିପତ୍ରରେ ଆପଣ ବରାବର ଯାଙ୍କର ନା ହିଁ ଶୁଣିବେ,— ମିଷ୍ଟର୍ ତ୍ରିପାଠୀ — ସ୍ୱନାମଧନ୍ୟ ନେତା,— ମିଷ୍ଟର୍ ବ୍ରାଉନ୍‌ଗ୍ଲାସ୍, ଆମ କମ୍ପାନୀର ସହକାରୀ ବଡ଼ ସାହେବ, ଦେଖା ହୋଇନାହିଁ ବୋଧହୁଏ, ଅଧିକାଂଶ ସମୟ ଟୁର୍‌ରେ ଥାଆନ୍ତି କନା,— ମିଷ୍ଟର୍ ବଳୀଦତ୍ତ ଦାସ୍......"

ପରିଚୟ—ପରିଚୟ—ଅକାରଣ ମନେପଡ଼େ। ବନ୍ଧୁ ବସା, ସେଠି ବ ସେହିପରି ଖାଲି ପରିଚୟ,—ପରିଚୟ—

କାଲୁ ସେଠି ପଣ୍ଡାଙ୍କ କଥାତଳେ ମୋଟେ ଧାଡ଼ିଏ ଥିଲି କଥା,— ପରିଚୟଟା ସେହି ମୁହୂର୍ତ୍ତିକର ଝଲସା ଝଲସି, କେହି କାହାକୁ ଚିହ୍ନେନାହିଁ।

Digitized by srujanika@gmail.com

ସକଲତତ୍ତ୍ୱାଲ୍ଲ ସରୋଜିନୀ ଆଡ଼କୁ ମୋହିଁ ବସିଲେ । ମିଷ୍ଟର୍ ବ୍ରତଭ୍ରଷ୍ଟ ଗମ୍ଭୀରହୋଇ ତଳକୁ ମୁହଁ ପୋତିଲେ । ଆଖି ଦୋଟି ଉପରକୁ ଛୁଟି ହୋଇ ବେଳେବେଳେ ପଶ୍ଚିତରୁ ସାର ଫେରୁଥାଏ । ମିଷ୍ଟର୍ ତ୍ରିପାଠୀ ହସି ହସି ଅନୁକମ୍ପାରେ କୃତକୃତ୍ୟ କରି ବଳୀଦତ୍ତଙ୍କୁ ସମ୍ଭାଷଣ ଆରମ୍ଭକଲେ, ଯଦିଚ ଅଖିର କୋଣ ଗୁଟି ମାରୁଥାଏ ଟର୍ଫିକ୍ ।

ନମସ୍କାର ଓ ପରିଚୟର ଉତଳ ବାଣରେ ଝାଉଁଳିଯାଇ ସରୋଜିନୀ ବସିଥାଏ ଓଢ଼ଣା ଦେଇ ମୁହଁ ମାଡ଼ି । ବନ୍ଧୁ ତା ସଙ୍ଗେ କଥା କହିବାକୁ ଚେଷ୍ଟା-କରୁଛି । ସରୋଜିନୀ ଝାଳେଇ ଝାଳେଇ ପଦେ ପଦେ କହୁଛି, ବଳୀଦତ୍ତ ନିଃଶ୍ୱାସ ଗୁଡ଼ାଉଛି ଜୋର୍‌ରେ, କ'ଣ କହୁଛି ଜାଣେନାହିଁ । ଏଠିକି ବୁଝ୍‌ଛି,--କହୁଛି ବୋକା କଥା, ଭାବୁଛି ଯାହା କହୁଛି ତାର ଓଲଟା, କହିହୋଇଯାଉଛି, ସବୁ କଥାର ଲୁଣ୍ଡନରେ ବୁଝି ଯାଉଛି ତାହା କଥାକୁ, ସମସ୍ତେ ହସୁଛନ୍ତି, ସେ ବି ହସୁଛି ।

ସେହି ଥିଲା ଆରମ୍ଭ,—ସରୋଜିନୀ ଭାବେ,—କେତେ ପାଗଳ ରାତି ।

ଝକ୍‌ଝକ ବଜୁଲି ମାଉଦିଏ ସେହି ରାତିର ମୂର୍ଚ୍ଛରେ, ମନକୁ ମନ ଅବିଶ୍ୱାସ ମାଡ଼େ,—ଏତେ ଥିଲା ତା ନିଜଠି, ଅଥଚ—

ମଣିଷ ନିଜକୁ ବୋଧେ ଚିହ୍ନି ନ ଥାଏ ଯେ ପର୍ଯ୍ୟନ୍ତ, ଯେଉଁଯାକେ ପରମୁଖରେ ସେ ନ ଶୁଣେ,—ସେ କ'ଣ । ପରମୁଖର ପ୍ରଶଂସା କଥା ଶୁଣିବାକୁ କି ମିଠା—ସତେରେ କି ମିଠା,—ସବୁ କଥାରେ କ୍ଲାନ୍ତ ଆସେ ଘୋରଟେଇ ଘୋରଟେଇ ଶୁଣିଲେ, କେବଳ ପ୍ରଶଂସା ଶୁଣିବା ଛଡ଼ା ।

ସରୋଜିନୀ ଅବିଶ୍ୱାସରେ ଭାବ ଶିଖିଛି ବୋଲି ନିଜ ଉପରେ ତାର ଧାରଣା, କାଳକ୍ରମେ ନିଜଠି ଆବିଷ୍କାର କରିଛି କେତେ ବୁଦ୍ଧି, କେତେ ଫନ୍ଦି, କେତେ ହେମନ୍ତ,—

ପୁଣି କେତେ ରୁଚି, କେତେ ମତାମତ, କେତେ ବିଶ୍ୱାସ, କେତେ ଜ୍ଞାନ, କେତେ ପ୍ରବଣତା ।

ରୁଚିରେ ସାଧାରଣ କଥା,—ଆଗରୁ କେବେ ଜାଣି ନ ଥିଲା ଡାହାଣ ପାଖେ ଖୋସଣି ମାରି ଫାଳକିଆ କାନି ଓଟାରିଦେଇ ଦୁଇ ବାହା ଖୋଲା ରଖିଲେ ତାକୁ ଭଲଲାଗେ,—ଭଲ ଲାଗେ ପ୍ରସାଧନ । ନଖ ରଙ୍ଗେଇ ପଲିସ୍ ନ କଲେ ବାରମ୍ବାର ମନେପଡ଼େ ଜରୁରି ଥାବା । ମତାମତର କଥା ଅନେକ, ସେ ବିଷୟରେ ସେ ନବାଗତାମାନଙ୍କୁ ଉପଦେଶ ବାଣ୍ଟିଥାଏ, ବ୍ୟବହାରଠୁଁ ବସ୍ତ୍ରଯାକେ,—ଟ୍ରେଷ୍ଟ

Digitized by srujanika@gmail.com

କଥାରୁ ବଡ଼ କଥାଯାକେ । ଅତି ଚ୍ଛୋଟ କଥା, ସଭ୍ୟ ଓ ଅସଭ୍ୟ ଭିତରେ ସରଳ ଭେଦ ପରିଚ୍ଛେଦ ଓ ଆଗ୍ରହ-ବ୍ୟବହାର, ସଭ୍ୟତାର ବିଶିଷ୍ଟ ଭେଦଅଛି ଏବଂ ତାହା ପରୀକ୍ଷିତ ଉପକାର ଉପରେ ବନ୍ଧାହୋଇଛି । ଯଥା ଘୋଡା, – ଘୋଡା ନ ମାଡ଼ିଲେ ପାଦ ନଷ୍ଟହୁଏ, ଏଥିରେ ଆଉ ଦୁଇମତ କାହାର ? ନିଜକୁ ଆନନ୍ଦ ନ ରଖିଲେ ସଂସାରକୁ ଆନନ୍ଦଦେଇ ହୁଏନାହିଁ । ତେଣୁ ଯେଉଁମାନେ ନିଜକୁ ଶୁଖେଇ ମାରନ୍ତି, ସେମାନେ ଠକନ୍ତି ଶେଷରେ । ତାର ବିଶ୍ୱାସର ନମୁନା ସେ ଭାବେ ସଂସାରରେ ଯେ ଯେଉଁ ଅବସ୍ଥାରେ ଅଛି, ସେ ତା ନିଜର ଯୋଗ୍ୟତା ଓ ପରିଶ୍ରମର ଫଳ, – ମଣିଷ ପ୍ରାପ୍ତ ନିଜର ଭାଗ୍ୟ-ଗଢ଼ାଳି । ବଳୀବର୍ଦ୍ଧ ଏ ଅବସ୍ଥାରେ ଅଛି, କାରଣ ଏ ଅବସ୍ଥା ତାର ପ୍ରାପ୍ୟ, ଆଉ ଜଣେ ମଜୁର ଖଟୁଛି, ସେ ଅବସ୍ଥା ତାର ପ୍ରାପ୍ୟ । ତେଣୁ ସଂସାରରେ ବଡ଼ସାନ ଉଚ୍ଚ, ନୀଚ, ଧନୀ, ଦରିଦ୍ର ଭେଦ କେବଳ ଯେ ଅତି ଠିକ୍ ସେତିକ ନୁହେଁ, ଏ ଭେଦ ଏକ ପ୍ରକାର ନିୟମ ଓ ସେ ନିୟମ ଅଲଙ୍ଘନୀୟ । ସର୍ବୋକନୀର କଳ୍ପନାରେ ମଧ୍ୟ ମୂଲ୍ୟର ତତ୍ତ୍ୱ ପରିଶ୍ରମରେ ସିଦ୍ଧ; କିନ୍ତୁ ତଥ୍ୟ-ବିନ୍ୟାସର ପ୍ରଣାଳୀ ତାର ଭିନେ, ଏତିକ ଯାହା । ତାର ଏପରି ବିଶ୍ୱାସ ଅନୁସାରେ ପର ଦୁଃଖରେ ଦୁଃଖ ବା ସହାନୁଭୂତି ଅବାନ୍ତର ହୋଇପଡ଼େ । ଯେ ଯାହା ଅଛି ତା ଯଦି ହୁଏ ତା ପରିଶ୍ରମର ଫଳ ବା ପରିଶ୍ରମ ଅଭାବର ଫଳ, ତେବେ ତା ପ୍ରତି ସହାନୁଭୂତି ବେକୁଫି ଛଡ଼ା ଆଉ କିଛି ନୁହେଁ । ବରଂ ସେତିକ ସମୟ ଆପଣାଠି ଖର୍ଚ୍ଚ କଲେ ଅଛି ଉପକାର ।

ଏତେଗୁଡ଼ିଏ ଧାରଣା ତାର ନୂଆ ଆମଦାନୀ, – ତା ଛଡ଼ା କେତେ ନୂଆ ଜ୍ଞାନ । ସର୍ବୋକନୀ ଛପା ଜିନିଷ ପଢ଼ୁଛି, ଶିକ୍ଷିତ ଲୋକ ଯେପରି ପଢ଼ନ୍ତି ସେ ଭାବେ । ପ୍ରଥମେ, – ଖବରକାଗଜ, ସେଥିରେ ଦେଶ-ବିଦେଶର ଖବର ବାହାରେ । ଖବର ଚର୍ଚ୍ଚା କରିବା ପାଇଁ ଦେଶର ଜ୍ଞାନ ଅତି ଜରୁରି ବୋଲି ଯଦି କେହି କହିବ, ତେବେ ମିଳର ଭାଷା ଅନୁକରଣକରି ସର୍ବୋକନୀ ସହଜରେ କହିପାରିବ,—"ମୁଁ ଆପଣଙ୍କ ସହିତ ଏକମତ ନୁହେଁ ।" ଓ୍ୱାଲ୍ ଷ୍ଟ୍ରୀଟ୍ ଭାଙ୍ଗିପଡ଼ିଛି ! ଆହା ! ଭାଙ୍ଗି ପଡ଼ୁଛି !" ବେଶ୍ ମଜା । ଓ୍ୱାଲ ଷ୍ଟ୍ରୀଟ ବୋଲନ୍ତେ ଗୋଟାଏ କଟିମିଟିଆ ନାଁ ଓଡ଼ିଆ ଗ୍ରନ୍ଥରେ । ଖବର କାଗଜ ଯଦି ଲେଖିଲା ସେ ଭାଙ୍ଗିପଡ଼ୁଛି, ତେବେ ଅବଶ୍ୟ ଭାଙ୍ଗିଲାଭଳି ଗୋଟାଏ ଜିନିଷ କିଛି ସେ, ତେଣୁ ଗ୍ରୁ କପେ ଧରି ଗୋଡ଼ ଉପରେ ଗୋଡ଼ ଲଦିଦେଇ ବେଶ୍ ଆଲୋଚନା ଗ୍ଲଲପାରେ ତା ଉପରେ,—"ଆପଣ ଓ୍ୱାଲ୍ ଷ୍ଟ୍ରୀଟ କାଣନ୍ତି ! ଆଜର ଖବର କାଗଜ ଦେଖିବେ ସେ ଭାଙ୍ଗିପଡ଼ୁଛି, ସେ ଭାଙ୍ଗି ପଡ଼ୁଛି । ଆହା ! କି ଦୁର୍ଭାଗ୍ୟ ! ଲେଖିଛି ସେଥିରେ ଏତେ ଲୋକଙ୍କ ଭାଗ୍ୟ ଉପରେ ଗ୍ରେଟ ବାଜିବ ! ନ ବାଜିବ କେମିତି ! ଓ୍ୱାଲ୍ ଷ୍ଟ୍ରୀଟ୍ ! କମ୍ ବଡ଼ କଥା ସେ ! ଯାହା କହନ୍ତି ଉଞ୍ଚ ସେତେ ପୋତା ସେତେ । ବଡ଼ ଅସମ୍ଭବ

Digitized by srujanika@gmail.com

ସମୟରେ ଆମେ ବଞ୍ଚିଛୁଁ, ସବୁଦିନେ ସକାଳୁ ଉଠି ପଢ଼ିବେ ସବୁ ଖାଲି ଭାଙ୍ଗୁଛି ହିଁ ସବୁ ଭାଙ୍ଗି ପଡ଼ୁଛି, ସବୁ ଧ୍ୱଂସ ହେଉଛି, ଲୋକେ ମରୁଛନ୍ତି, — କି ବିପଦରେ ପଡ଼ିଛୁ ସମୁଦାୟ ମଣିଷ ଜାତି ।

ଛପା ଲେଖା କଥା କହିବାକୁ ନଥା ଯୋଗାଏ, ଟିକେ ବୁଝିବା କଷ୍ଟ ହୋଇପାରେ: କିନ୍ତୁ ତୁଣ୍ଡରେ ଓଲଟେଇବାକୁ ସମୟ ବି ଲାଗେନାହିଁ । ସର୍ବଜ୍ଞାନୀର ଆତ୍ମବିଶ୍ୱାସ୍ ଅଛି, — ସେ ଜାଣେ ସ୍ଲୋଗାନର ଯୁଗ ଏ, ଲୋକେ ଦଳବାନ୍ଧି ସମସ୍ୱରରେ ସ୍ଲୋଗାନ୍ ଗାଇଗାଇ ରାସ୍ତାରେ ଯାଆନ୍ତି, ଏକାଠି ଗୋଟାଏ କଥା ଗର୍ଜିବାରେହିଁ ପ୍ରଚଣ୍ଡ ମଜା, ବୁଝିଲେ ମଜା ତୁଟେ, ତେଣୁ ବୁଝିବା ପ୍ରୟୋଜନ ନାହିଁ । ଅସଲ, — ଗାଇବା । ତୁଣ୍ଡରେ ଚଟଚଟରେଇବା, ଅନ୍ୟଲୋକଙ୍କ ଆଡ଼କୁ ଛୁଟି ମାରିବା, ସେଇହି ତ ବ୍ୟକ୍ତିତ୍ୱ । ସ୍ଲୋଗାନ୍‌ର ଅର୍ଥ ପଚାରିବାକୁ ଆସିପାରେ ସେ, ଯେ ବେକାର, — ଯାହାର କିଛି ସ୍ଲୋଗାନ୍ ନାହିଁ, — ସେ କେଉଁ ପାର୍ଟିର ନୁହେଁ, ସୁତରାଂ ହେୟ । ସେପରି ଲୋକ ମୂଳରୁ ଗୋଟାଏ ଭୁଲ୍ କରିଆସିଛି, ଯେ ଜଣେ ପ୍ରଶ୍ନ ପଚାରିପାରେ ମନଇଚ୍ଛା, — କିନ୍ତୁ ଅନ୍ୟ ଲୋକ ଉତ୍ତରଦେବାକୁ ବାଧ୍ୟ ନୁହେଁ । ବାଧ୍ୟ ନ ହେବା ହିଁ ପରା ସ୍ୱାଧୀନତାର ଲକ୍ଷଣ ? ତେବେ ? ସର୍ବଜ୍ଞାନୀ ହେଲା ଆପତ୍ତିରେ ତାର ନୂଆ ଜ୍ଞାନ ବଖାଣି ଛୁଟିପାରେ ସମସ୍ତଙ୍କ ଉପରକୁ, ସେ ବୁଝେଇବାକୁ ବାଧ୍ୟ ନୁହେଁ ।

ତା ଛଡ଼ା, — ଅର୍ଥରୁ କିଏ କ'ଣ ପାଇବ, ଅର୍ଥ ଅନର୍ଥର ମୂଳ । ଆଜିକାଲି ସଂସ୍କୃତିର ପ୍ରଧାନ ପରିଚୟ ସେ ଦେଖେ, — ଗୋଟାଏ କଥା ଉପରେ ଦଶ ଜଣ ଲୋକ ଦଶଟା ବିଭିନ୍ନ ଅର୍ଥ କହନ୍ତି । ଯେ କିଛି ନୂଆ ଅର୍ଥ ନ କହିପାରେ, ତାର କହିବାର କିଛି ନାହିଁ । ଜଣକ କଥାରେ ଯାହା ସହଜରେ ବୁଝି ହେଲା ସେ ତ ଅତି ସାଧାରଣ, ଅତି ବାଜେ, ବାହାଦୂରି, — ବୁଝି ନ ହେଲା ଯାହା, ତାକୁହିଁ କୁହାଯାଏ ଜ୍ଞାନ, ମାୟାବାଦ, ମିଷ୍ଟିସିଜ୍‌ମ୍, ନାନା କଥା । ନାସ୍ତିକ୍ୟକ୍ଳିଷ୍ଟ ମନକୁ ମନ ଅବୁଝା, ସେ ଅବୁଝା ମାୟାବାଦହିଁ ପସନ୍ଦକରେ, ତେଣୁ ଆଶ୍ଚର୍ଯ୍ୟ କଥା କହିବାପାଇଁ ତାର ସହଜାତ ପ୍ରବୃତ୍ତି, — ଏଠୁ ସେଠୁ ଛପାବହିରୁ ଜ୍ଞାନର ସ୍ଲୋଗାନ୍ ଗୋଟେଇ ତାକୁ ଓଲଟା ଓଲଟା ଥୋଇଲେ କଥାର କଦର ବଢ଼େ । ଖବର କାଗଜ ତାକୁ ସାହାଯ୍ୟ କରେ, ତା ଛଡ଼ା କେତେ ଖଣ୍ଡ ବହି, — ଯାହା ସେ ବୁଝିବା ଦରକାର ମନେକରିନାହିଁ, ମନସ୍ତତ୍ତ୍ୱ, ଆର୍ଯ୍ୟଦର୍ଶନ, ସାହିତ୍ୟ ଦର୍ପଣ ଆଦି ଯେ କୌଣସିଥିରୁ ଯୋଡ଼ିଏ ଧାଡ଼ି

Digitized by srujanika@gmail.com

ମନେ ରହିଗଲେ ନିଃସଂଶୟରେ ଶିକ୍ଷିତ ଦଳରେ ବସି ଘୋଟାଏ ସନ୍ଧ୍ୟା ଓ ଡ଼' କପ୍ ଗ୍ମ'ର ଆଲୋଚନା କଟେଇଦେଇ ହୁଏ ।

ତା ଛଡ଼ା, – ନିଜେ ପ୍ରଶ୍ନ ପଚାରି ଜାଣେ । ସାମାନ୍ୟ ପରୀକ୍ଷାପରେ ତାର ଅଭିଜ୍ଞତା ହୋଇଛି, – ପୁରୁଷମାନେ ତା ପ୍ରଶ୍ନର ଉତ୍ତରଦେବାକୁ ବାଡ଼ାଆବାଡ଼ି । ସାମାନ୍ୟ ପ୍ରଶ୍ନ, – "ଆଜ୍ଞା, – ଆଜିକାଲିର ଖାଦ୍ୟ-ସମସ୍ୟା ବିଷୟରେ ଆପଣଙ୍କ ମତାମତ କ'ଣ ?" କିମ୍ବା, – "ଏ ଯୁଗର ସାହିତ୍ୟ ବିଷୟରେ ଆପଣ କ'ଣ ଭାବନ୍ତି ?" ନ ହେଲେ, – "ପଚିଶବର୍ଷ ପରେ ଫିଲ୍ମର କ'ଣ ଭବିଷ୍ୟତ ହେବ ଆପଣ ଭାବୁଛନ୍ତି ?" ପଚାରିବା ବଡ଼ ସହଜ ।

ତା ପରେ ଉତ୍ତର, – ଧୈର୍ଯ୍ୟ ଥିଲେ, ସେଥିରୁ ବହୁତ ଶିଖାଯାଇ ପାରିବ ।

ପାଞ୍ଚଜଣ ଏକାଠି ଥିଲେ ପ୍ରଶ୍ନଟିଏ ପଚାରି ଦେଲେ ଯେଉଁ ବାଦାନୁବାଦ ଲାଗେ, ଶୁଣିବାକୁ, ଉଚ୍ଚ ଆଳରୁ ହସିବାକୁ, ସେଥିରେ ବହୁତ ଉପାଦାନ, ବିଶେଷତଃ ଟିକିଏ ତଳି ଦେଖିଲେ ଯେତେବେଳେ ଜଣାପଡ଼େ ଯେ ସମସ୍ତେ ସମାନ ଅଜ୍ଞ, ସମାନ ମୂର୍ଖ, ଅଥଚ ନିଜର ସ୍ଲୋଗାନ୍ କରି ଦୁଆରେ ଚର୍ଚ୍ଚିରେଇବାକୁ ସମସ୍ତେ ବ୍ୟସ୍ତ ।

ତା ପରେ ତାର ଅନୁଭୂତି,—ସେ କଥା ସେ ନିଜେ ବି ଆଲୋଚନା କରେ-ନାହିଁ; କିନ୍ତୁ ସେ ଜୀବନ ପାଇଁ କୃତଜ୍ଞ, ଯାହା ଆସେ ସେଥିପାଇଁ କୃତଜ୍ଞ, ଯାହା ଯାଏ ତା ଗୋଟେଇ ନିଏ, ତା'ପରେ ଭୁଲିବାକୁ ଚେଷ୍ଟାକରେ । ଆପଣା ଜଣା-ଶୁଣାରେ ସେ ଦେଖିଛି, ପାପୀ ସେ ଯାହା ମୁହଁରେ ମାରିଆଏ ପାପର ଛାପ, ଘୃଣାର ସେ ଯେ ସ୍ୱୀକାରକରି ବୁଲେ ସେ ଘୃଣାକରିଛି, ହାରେ ସେ ସେ କ୍ଷତକୁ ଝୁରେ । ଆଉ ଯେ ମୁହଁ ପୋଛିଦେଇ ଭୁଲିପାରେ, ଜଟିଳତା ଭିତରେ ହସିପାରେ ଶିଶୁପରି ଅଖିଳା ହସ, ଭାବି ମରେନାହିଁ, ପଛକୁ ଅନାଏ ନାହିଁ, ସେ ଚିରସବୁଜ, ଚିର-ଶ୍ୟାମଳ ଚିରକାମ୍ୟ ।

ତେଣୁ ଦେଖେ, ଧୋବ ଫରଫର ଦାଢ଼ି ଉହାଡ଼ରେ ଲୁଚି ରହିଯାଏ କେବେ ନ କହିବା କଥା, ଧଳା ଟୋପି ତଳେ ସୁସ୍ଥରେ ଖେଳିପାରେ କଳା ବେପାରର ଲହୁଲୁହାଣ ଫନ୍ଦି, ଅତି କାମ୍ୟ ପୋଷାକ ଉହାଡ଼ରେ ଢାଙ୍କିହୋଇ ରହେ ଅରଣା ପ୍ରବୃତ୍ତି ଭସ୍ମାନକ ।

ସର୍ବୋଜନୀ—

ତାର ବନ୍ଧନ ନାହିଁ, ତାର ସନ୍ତାନ ନାହିଁ, ସେ ଦେଖିପାରେ, ଶିଖିପାରେ ।

କିନ୍ତୁ ସେ ମଣିଷ ହେଲା କେବେଠୁଁ, ଯେଉଁ କଥା ନିଜକୁ ଆଶ୍ଚର୍ଯ୍ୟ ଲାଗେ । ଯଦି କିଏ କହନ୍ତା ଏହି ଅଲଣ୍ଡିନ ପାଠପଢ଼ାରେ ସେ ବଦଳିଗଲା, ସେ ବିରକ୍ତ

Digitized by srujanika@gmail.com

ବୁଝନ୍ତା, ଅବିଶ୍ୱାସ କରନ୍ତା । ଯଦି କିଏ କହନ୍ତା, ସେ କିଛି ହୋଇନାହିଁ, କେବଳ ପଣ୍ଡିତର ବାଣୀକୁହିଁ ବଜାଇ ଶିଖିଛି ଆପଣା ଭିତରେ, ତେବେ ବି ତା ଗ୍ରହଣ କରନ୍ତାନାହିଁ । ଅପଣା ଚେତନାର ଜନ୍ମ ଭଙ୍ଗି ମାଙ୍କଡ଼ ବୋଲାଇବାକୁ ସେ ଖାଇ ଗୋଡ଼ାନ୍ତା, ଗୋଡ଼ାନ୍ତା, ତଥାପି—ଅଦୃଶ୍ୟ ଲଗେ, ଲଗେ ଅଛି ସେ ସେହି ପୁରୁଣା ମଣିଷଟା ଗୋଟାଦ୍ଧିଙ୍କା, କିନ୍ତୁ ପହଞ୍ଚିଛି ନୂଆ ଦୁନିଆଁରେ । ସବୁ ନୂଆ ।

ତାର ବନ୍ଧ ଭାଙ୍ଗିଛି, ଥରେ ଭାଙ୍ଗିଲେ ସୁଅ ମାଡ଼ିଗଲେ ଆପେ ଅପେ, କୁଦାମାରି ଡେଇଁଗଲେ ।

ସେଇ, ପହିଲି ଗଡ ରଞ୍ଜିତ୍ ବାବୁଙ୍କ ଘରେ, ତା ପରେ ଅହୁରି କେତେ ଥର,—ଆସରରେ ବସିବାକୁ ତାର ରୁଚି ହୋଇଛି, ରୁଚି ହୋଇଛି କଥା କହିବାକୁ, ବୁଲିଯିବାକୁ, ଅଚିହ୍ନା ମଣିଷକୁ ମୁହାଁମୁହିଁ ଚାହିଁବାକୁ । ଦୁନିଆଁଟା ଖାଲି ରୁଚିର ଖେଳ, ସେ ଭାବେ,—ଯେ ପାରେ ସେ ଭୋଗକରେ, ଜୀବନର ସୁଆଦ ପାଏ, ଯେ ନ ପାରେ ସେ ପରକୁ କଣ୍ଟା ଶଂପା କରେ ।

ସରୋଜିନୀର ମଫସଲପଣ କଟିଛି । ବଳୀଦତ୍ତ ଚାହିଁଥିଲା ସରୋଜିନୀ ବଦଳୁ ବୋଲି, ସରୋଜିନୀ ବଦଳିଛି, ଅଥଚ ବଳୀଦତ୍ତ ତାଳ ରଖିପାରିନାହିଁ । ମନେ ମନେ କେବେ ହଣ୍ଡ ହୋଇଛି ହୁଏତ, ଗ୍ରେଟ ଦୁଃଖବାଦଟିଏ ଗୁଣ୍ଡରେ, "ସରୋଜ୍ ଆଜି ନ ଗଲେ ?"

କିନ୍ତୁ ଯେମିତି ସରୋଜିନୀ "ତୁମ ଛୋଟା" ବୋଲି କହି ମହଲି ପଡ଼େ, ସେମିତି ସେ ଉପରେ ପଡ଼ି କହେ, "ଯାଅ, ଯାଅ, ଅପେକ୍ଷା କରିଥିବେ ସେମାନେ ।" ଗର୍ବିତ ହେବାକୁ ଚେଷ୍ଟାକରେ, ଆପଣା ମନର ବିଶ୍ୱାସ ଜନ୍ମାଇବାକୁ ଅପଣାକୁ ଅପେ କହିହୁଏ, "ଏ ମୋ କାମ, ଏ ଗଢ଼ିଲର ମୂଳରେ ଅଛି ମୁଁ ।" ଦେଖେ ଏଠି ଅଧୁନିକ ରୁଚିରେ ଝଁଝକ ତାର ସ୍ତ୍ରୀ । କେବଳ କ'ଣ ଲିପ୍‌ଷ୍ଟିକ୍, ନେଲ ପଲିସ, କ୍ରିମ୍, ପାଉଡ଼ର ଓ ସିନ୍ଦୁର ଟୋପା, ଅଳତା ଓ ହାଇହିଲଡ୍ ସୁ'ର ସମାବେଶ ? ନା, ଭାବେ, ସେ ଦେଖିପାରେ ତାର ମନକୁ, ସେ ମନରେ ଅଧୁନିକ ରୁଚି, ଅଧୁନିକ ଜ୍ଞାନ, ସରୋଜିନୀ ସାମାନ୍ୟ ଇଂରେଜି ବି ଜାଣିଲଣି, କେଡ଼େ ଚଞ୍ଚଳ । ସେ ତାର ସମ୍ପଦ ।

ବଳୀଦତ୍ତ ଦାସ୍ ନିମନ୍ତ୍ରଣ ପାଏ ପ୍ରଚୁର; ମିଷ୍ଟର ଓ ମିସେସ୍ ଦାସ । ସରୋଜିନୀର ପ୍ରଶଂସା ଶୁଣେ ସଭ୍ୟ-ସମାଜରେ ।

ଜଣେ ଆସେଇ ଗଲେ ।

ଦାନାପାଣିର ଯୁଦ୍ଧରେ ସେ ଅଗ୍ରୁଆର, ତାର ଖ୍ୟାତି ଓ ପ୍ରତିପତ୍ତି ଯଥେଷ୍ଟ । ପଦୋନ୍ନତି ଗୋଟାକ ପରେ ଅଉ ଗୋଟାଏ ଘଟିଛି ।

Digitized by srujanika@gmail.com

ତଥାପି ସେ ଭାବେ, ହୁଅନ୍ତା ଭଲ୍ ଆତୁର ଚଞ୍ଚଳ, ଆତୁର ଚଞ୍ଚଳ ତାର ସ୍ୱବନ୍ଧ ଘର୍ଷିଛୁ, ମନରେ ଅଗ୍ରହନ୍ତୁ କ୍ଷୁଧା, ତାର ସାଫଲ୍ୟର ଯୋଜନାରେ ଯେ ବ୍ୟସ୍ତ ରହେ, ଅନ୍ୟମାନଙ୍କ ସମାଲୋଚନା କରି ଶ୍ରେଷ୍ଠତ୍ୱରେ, ରାତିରେ ଖଟ ଶୋଇଥିବା ବନ୍ଧୁତାରେ ସେଦିନ କହିଲା—"ଜାଣିଲ ସର୍ବେଶ, ପ୍ରତିଭାର ଏ ଯୁଗରେ ଆଦୌ ମୂଲ୍ୟ ନାହିଁ । ଦେଖନ୍ତୁ ଆମର ମହିଁଆଁ ସାହେବ ମିଷ୍ଟର ଜେନାଙ୍କୁ, ସାକ୍ଷାତ୍ ଅଜ, ପେଟରେ କିଛୁ ନାହିଁ, ଅଥଚ ଖେପା ମାରିମାରି ଉପରକୁ ଉଠୁଚନ୍ତି । କେମିତି ହେଲା ଜାଣ ? ଆଜି ତମ କାନରେ କହିବି । ହିଁ ଅଛିଏ ଅଛୁ, ଶୁଭ୍ରାଙ୍ଗିନୀ । ଭଲ ନାଚେ । ଜର୍ମାନୀର ଜଣେ ବଡ଼ ସଉଦାଗର ମିଷ୍ଟର କାର୍‌କାରେ ଆସିଥିଲେ ବମ୍ବେରୁ, ବୟସରେ ସାକୁଆ, କିନ୍ତୁ ନକଲି ଦାନ୍ତ ବମ୍ବେବାଲା, ଖୁବ୍ ନାଚଗୀତ-ପ୍ରିୟ । ସାଧାରଣ ସମ୍ବର୍ଦ୍ଧନା ଦିଆଯାଇଥିଲା ତାଙ୍କୁ । ସଭାରେ ନାଚିଲା ଶୁଭ୍ରାଙ୍ଗିନୀ, ତାବଲା ବଜେଇଲେ କିଏ ଜାଣ ? ନିଜେ ମିଷ୍ଟର୍ ଜେନା । ଯେଉଁ ଲୋକ ଘୃଣିତ କାମରେ କେବେ ଦିନେ ହସିନାହିଁ, ଖାଲି ଖିଟି ଖିଟି ଖପା, ଖିଟି ଖିଟି ଖପା ସେ ତାବଲା ବଜେଇ ପାରିଲା ବୃନ୍ଦାବନେ । ଶୁଭ୍ରାଙ୍ଗିନୀ ନାଚିଲା । ତା'ପରେ କାରବାରରେ ପୁଣି ଗଲେ, କୋଣାର୍କ ଗଲେ—ତୁଚ୍ଛ, ମହିଁଆଁ ସାହେବ୍ ହେଲେ ମିଷ୍ଟର ଜେନା, ମୁଣ୍ଡରେ କିଛୁ ନାହିଁ । ଆଜି ମୁଁ ଘରକୁ ଗାଡ଼ି ଗାଡ଼ି କାମ ଆଣି ରାତିରାତି ଲାଗିପଡ଼ିଛୁ ଦେଖୁଚ,—ତୁଚ୍ଛଃ, ଆଉ କହିବା କାହାକୁ ।"

ସର୍ବେଶଙ୍କ ଚୁପ୍‌ଚାପ୍ ହସେ ।

ସେଇ ଯଥେଷ୍ଟ ।

ବଳୀବନ୍ଦ ସୁପ ଦେଖେ ।

ସନ୍ଧ୍ୟା ।

ନିତାଇ ଏଣିକି ତେଣିକି ବୁଲୁଥିଲା ।

ପାଟିରେ ଦୁଇ ସାପୁଲି ଯାକି ତଣ୍ଟି ବସେଇ ବସେଇ ଖୁବ୍ ଜୋରରେ ପାଟିକଲା,—"ହର୍ଷା,—ହର୍ଷା—"

ଯେପରିକି ବାଉଁଶ ନଳବାଟେ କିଏ ଫୁଙ୍କୁଛୁ ।

ହର୍ଷା ପାଖକୁ ଅସିଲା । ତା କାନ୍ଧକୁ ମାଡ଼ିଧରି ନିତାଇ ନେଇଗଲା ତାକୁ ଗୋଟିକିଆ ବାହାରି ବଖରାକୁ ।

ଦୁହେଁ ଅନ୍ଧାରରେ ଲୁନତାନ ପଶିଗଲେ । ଯେପରିକି ଦୁଇ ଷଡ଼ଯନ୍ତ୍ରକାରୀ । ଅତି ଗୋପନ ।

Digitized by srujanika@gmail.com

ହର୍ଷା କ'ଣ କହୁ ଆସୁଛି । ନତାଇ ତାର ପାଟିରେ ହାତ ମାଡ଼ି ଅଟକାଇ କାନ ଡେରି ଶବ୍ଦ ବାରିଲା । ଅନ୍ଧାରରେ ହର୍ଷା ଚମକିଲା ।

ନତାଇ ଦିଆସିଲି ମାରିଲା । ଅନ୍ଧାର ଭିତରୁ କାଢ଼ିଲା ଗୋଟାଏ କାଳିଆ କୋଚଟ ଭଙ୍ଗା ଲଣ୍ଠଣ । ଲଣ୍ଠଣ ଜଳିଲା । ନତାଇ ତାର ପୋଷାକ ଖୋଲିଲା, ଦିନଯାକ ଧିଏ ଧିଏଁ ଯାଉଛି ଏଇଥିରେ ।

"ବସୁଁନ୍ ହର୍ଷା ।"

ହର୍ଷା ହସିଲା । ବସିବା ଅର୍ଥ ସେ ଜାଣେ ।

ଘରଯାକ ଅଲଗ୍ଦୋଇ ପଡ଼ିଛି । ନତାଇ ଦିନଯାକର ଆହରଣ, ସାନ ସାନ ବୁଜୁଳା । ହର୍ଷା ତହିଁରୁ ଗୋଟିଏ ବୁଜୁଳା ଖୋଲିଖୋଲି ନତାଇ ଝାଂପି ବସିଲା ବାଘପରି, କିନ୍ତୁ ହର୍ଷା ଖୋଲି ସାରିଛି । ସଜନା ଛୁଇଁ ପୁଳାଏ, ସୁଗ୍ରେଟି ଦାଇଗଣ, ତିନୋଟି ଅଧ ପଚା ପାଚିଲା କଦଳୀ । ହର୍ଷା କଦଳୀରେ ମନଦେଲା ।

"ଏମିତି ଖଞ୍ଜି ଦେଲୁ ଯେ ଖାଇ ଖାଇ ତୋ ପେଟ ଫାଟିଯାଉଚି, ଫେର୍ ଛଡ଼େଇକରି ଖାଉଚୁ କାଙ୍ଗାଳିଆ ପେଟବିକଳାଟା......"

ହର୍ଷା ହସି ହସି ପଶିଲାଗିଛି କଦଳୀ, ନତାଇ ବକ୍‌ବକ୍ ହେଉଛି । ନତାଇ ଚିଲ୍‌ମ ଲଗେଇଲା । ହର୍ଷା କଦଳୀ ଖାଇ ନତାଇର ମଇଳା ପୋଷାକରେ ହାତ ପୋଛି ଦେଇ ହାତ ବଢ଼େଇଦେଲା ।

"ନାହିଁ ନାହିଁ, ନତାଇ କହିଲା, ତୋ ଧିଅରେ ଯିବନାହିଁ, ତତେ ମନା କରିଚି—ବେଙ୍ଗ ପେଟରେ ଘିଅ ହଜମ ହେବ କି ରେ ? ବିଡ଼ି ଖା, ହେଇ ସେ ଟିଣରେ ଅଛି ।" ହର୍ଷା ବିଡ଼ି ଆବିଷ୍କାରକରି ଲଗେଇ ନେଲା । ବସିଲେ ଦୁଇ ବନ୍ଧୁ ମୁହାଁମୁହିଁ ।

ଏମିତି ନିଘୋଳାବେଳେ ମନ ଖୋଲି ଦି'ପଦ କେତେ କେତେବେଳେ, ନତାଇ ପଚାରିଲେ,—"ଖବର କ'ଣ ?"

"ବାବୁ ବଦ୍ ବଦଳିଯାଉଚି ।"

ନତାଇ ହସିଲା, କହିଲା, "ବାବୁ ନୁହେଁ ରେ, ସାହେବ କହ, ସାହେବ । ଏତିକିବେଳଆ ଯାହା କରିନେବୁ କରି ନେଇଥା, ଏ ବେଳ ଆସିବ ନାହିଁ ।"

"କ'ଣ କରିବ ? ଦଉଚ କି କିଛି ? କାମ କରି କରି ଛାଲ ଛଡ଼େଇ ଦଉଚ ।"

"ଆରେ ତୋର ବି ଆଖି ବଢ଼ିଗଲାଣି—"

ହର୍ଷା ହସିଲା,—"ନାହିଁ ସତେରେ ସତେରେ—"

"ଜାଣିଚରେ ସବୁ ଜାଣିଚ । କହନା, କରି ଯା । ସବୁ ଏ ନତାଇର ଖେଳ, ମୋର । ଅଚ୍ଛା ଦେଖ୍ ବାବୁଘର କେମିତି ଟନିଛନ୍ତି, ବାବୁ ସାହେବ୍, ମା ମେମ୍,

Digitized by srujanika@gmail.com

କାଙ୍ଗାଳ ବଡ଼ଲୋକ, ହର୍ଷା ବାବୁ,—ଅଃ, ମାଛି ଖସିପଡ଼ୁଛି ଧୂଆଁରୁ, କେମିତଥାଅ-ଏଁ ? କଣ ମାଗୁଛୁ ମାଗ, ଦେଇ ଦେବ ।"

"ମତେ ଗୋଟାଏ ଟର୍ଚ୍ଚ ଲାଇଟ୍ କରେଇ ଦେ—"

"ହୁଁ, ହାତ ଖଲ ଖଲ ହେଲଣି । କାହିଁ, କଣ ଉଠିବାହିଁ ତ । ଆଚ୍ଛା ଦବା, ଅଚ୍ଛା ଦବା । ହର୍ଷା ଆମର ବାବୁ ହବ ।

"ଅଇଚ୍ଛା କ ବେଉସା ଚଲେଇଚୁ ନତା ଭାଇ ?"

"ସେଥିରୁ ତୁ କଣ ପାଇବୁ ? ଅଦା ବେପାରୀ ଜାହାଜ ମୂଲ କଲାପରି । ବେଉସା ତ ହାତେ ହାତେ । ସାହେବଙ୍କ ପାଇଁ ବେଉସା, ସବୁ କାମକୁ ନତା, ହେ ନତା, ଫେର୍ ମେମ୍‌ଙ୍କ ପାଇଁ ବେଉସା, ଟଙ୍କା କରଜ ଲଗେଇ ଦିଅ, ଚନ ବକେଇ ଦିଅ । ପନପରବା ବି ବକେଇଦିଅ, କେତେ କ'ଣ ବକେଇଦିଅ ଖାଲି ଟଙ୍କା ଆଣ । ଏ ସବୁ ବଡ଼ ବଡ଼ ବକାକଣା କଥା, କଣ ତୁ ବୁଝିବୁ ପିଲାଲୋକ । ଖାଲି ଏତକ ଦେଖୁଚ,—କାଙ୍ଗାଳର ପେଟ ପୂରେଇବାହିଁ, ଠିକ୍ ଚୋର ପରି । ଯେତେ ପାଇଲେ ଅଧୁର ।

"ଏଇ, ବନ୍ଧୁ—ବନ୍ଧୁ—" ମା ଡାକୁଛନ୍ତି ।

"ଗୁପ୍—ଗୁଣି—ଏଇ—ଏଇ—କୁଆଡ଼େ ଗଲ ସବୁ ।"

ନତା ତାର ଫୋପାଡ଼ି ଦେଇଥିବା ପୋଷାକ ଚଞ୍ଚଳ ଉଠେଇ ନେଇ ଘୁରେଇ ହେଲା, ତରତରରେ ଅଧା ପିନ୍ଧି ପଡ଼ିଥିବା ପଗଡ଼ିଟା । ତା ପରେ ଦୁହେଁ ଯଦାକୁ ବାହାରିଲେ । କବାଟ ଉପରେ ଜଞ୍ଜିର ଟାଣିଆଣି ହର୍ଷାକୁ ବିପରୀତ ଦିଗକୁ ଠେଲି ଦେଇ ନତା କହିଲା, "ଆରେ ଓଲା, ତୁ ସେବାଟେ ଯା, ସେବାଟେ ଯା,—ଆମେ ଦୁହେଁ ଏକାଠି ଦେଖାପଡ଼ିଲେ ବାବୁ ବାଧା ଉଠେଇବ ମୋ ଉପରକୁ, ଜାଣିଚୁ ନା ?"

ଧକ ଧକ କରେ ପ୍ରାଣଟା, ବଳୀଦତ୍ତର । ଧକ ଧକ କରେ,—କୁମ୍ପାନୀ ଘରର ଗୋଟାଏ ବଡ଼ ଇଞ୍ଜିନର ଭିତର ପରି ।

ଏଇ ତ ଦୁଇଟା ବାଜୁଛି ତା ଅଫିସ ଘରର ବଡ଼ ଘଣ୍ଟାରେ, ଫାଇଲ ଉପରୁ ମୁଣ୍ଡ ଟେକି ସିଗାରେଟ୍ ଲଗେଇ ସେ ଡାକ ଯାଉଛି, "ନତାସ୍ପ,—ଗୁ—।"

ନତାଇ ଟିଫିନ କ୍ୟାରିଅର୍ ଖୋଲିବାର ଖଟ ଖଟ ଶୁଭୁଛି, ହେଇ ନତାଇ ତାର ଲମ୍ବା ନାଲି ଫ୍ଲାସ୍କରୁ ଚ' ଢାଳୁଛି, ସିଗାରେଟ ଜଳିଯାଉଛି, ଫମ୍ପା ଦୃଷ୍ଟିରେ ଅନେଇଁ ରହିଛି ବଳୀଦତ୍ତ, ଗୋଟାଏ କଥା ଗ୍ରାମୋଫୋନ୍ ରେକର୍ଡ଼ ପରି ବାଜୁଛି ମନେ ମନେ,—

Digitized by srujanika@gmail.com

"ସରୋଜିନୀ ଥିବ ତ ଘରେ ?"

ସିଗାରେଟ୍ ଜଳିଯାଉଛି । ହଁ, ସିଗାରେଟ୍ ସେ ଖାଇବା ଅଭ୍ୟାସ କଲାଣି, ଗରମ ପାଣି, ଗରମ ଧୂଆଁ, ଏ ନ ହେଲେ କାମ ଉଠେନାହିଁ ଗାଡ଼ି ଗାଡ଼ି । ତା ଛଡ଼ା, ସେ ତ ଆଉ ଗରିବ ନୁହେଁ !

ଗରିବପଣ ପାଇଁ ସହାନୁଭୂତି ବି ନାହିଁ ତାର କାଣିଚାଏ, ସେ ବଢ଼ି ଆସିଛି । ଗରିବପଣ ଉପରେ ପ୍ରତିଶୋଧ ନେଲାପରି ସେ ଜାଣି ଜାଣି ଖର୍ଚ୍ଚ ବଢ଼ାଏ, ନିଜର ପୋଷାକ, ନିଜର ଟର୍ଚ୍ଚ,—ଯାହାତ ଅନେକ କଥା ତାର ବୁଝିବାର ନ ହୋଇ ପାରେ । ଦାମୀ କନାର ସୁଟ୍, କିନ୍ତୁ ହୁଏତ ରଙ୍ଗଟା ନିଜ ଚମଡ଼ା ସଙ୍ଗେ ଖାପେ ନାହିଁ, ଘର ସଜେଇବାକୁ ଦାମୀ ଉପକରଣ, କିନ୍ତୁ ବୈଠକଖାନା ଝଟକି ଉଠେ ଉଣ୍ଡାଘ ଘର ହୋଟେଲ ପରି, ନହୁବା ଥିଏଟରର ଷ୍ଟେଜ୍ । ସରୋଜିନୀ ସୁଧାରେ କିଛି କିଛି, କିନ୍ତୁ ବଳୀଦତ୍ତ ସେ ସବୁ ଖାତିରେ ନାହିଁ ।

ଦୃଷ୍ଟି ଅଟକି ରହିଛି, ପୋଷାକ ପିନ୍ଧା ପଗଡ଼ିବନ୍ଧା ଚପରାଶି ହାତ। ଉପରେ ତାର ଜଳଖିଆ ପ୍ଲେଟ୍ ଥୋଇବା, ଚା' ଥୋଇବା ଭଙ୍ଗୀରେ ପ୍ରତ୍ୟେକ ଫଳାଙ୍କ ହୋଉଛି ବଳୀଦତ୍ତର ଅଭିଜାତ୍ୟ । ଚକଚିତ ପୋଷାକ ଝକାଝକ ପିତଳ ଚକତି, ପ୍ରକାଣ୍ଡ ପଗଡ଼ି । ଚାହିଁଲେ ବଳୀଦତ୍ତର ଦୃଷ୍ଟିକୁ ଶୀତଳ କରେ,—ସେ ତାର ଗୋଟାଏ ଦରି ।

କିନ୍ତୁ ଆଉ ଦରଟା,—ସରୋଜିନୀ ଥିବ ତ ?

ଦୀର୍ଘଶ୍ୱାସ, ଦୀର୍ଘଶ୍ୱାସ—ସିଗାରେଟ୍ ଜଳିଯାଉଛି ।

ସେହି ନୀରବ ଅନ୍ୟମନସ୍କପଣ ତଳେ ତଳେ ଠେଲିପେଲି ହୋଇ ଲଦି ଆସୁଛି ନିଦାନ ମଣିଷର ଅନୁଭୂତି ମିଶା ପ୍ରଶ୍ନ କେତେ । ମଣିଷ କ'ଣ ଚାହେଁ ? ସୁଖ କଣ ? ଜୀବନ କ'ଣ ? ବ୍ୟବହାରରେ ଯେ କୌଣସି ସ୍ତରରେ ଟେବୁଲ୍‌ରେ ବାଡ଼େଇ ଯାହା ପଚରା ହୁଏ, କାହିଁକି ? ତେବେ ସେ କାହିଁକିର ଉତ୍ତର କ'ଣ ? ଅଜସ୍ର ପ୍ରଶ୍ନ କିଏ ବୁଝେ ଦୀର୍ଘଶ୍ୱାସରେ, କିଏ ହାଇ ମାରି ମାରି, କିଏ ଖାଲି ଚାହିଁଚାହିଁ ଟେଲିଗ୍ରାଫ୍ ତାରରେ ଟେକା ବାଜିଲାପରି ଝଣ୍‌ଝଣେଇ ଉଠେ ଭିତରଟା, ଯାହାର ଭାଷାରେ ପଡ଼େ ନାହିଁ ପ୍ରଶ୍ନ ।

ବଳୀଦତ୍ତ ଚା' ଜଳଖିଆରେ ମନ ଦେଲା, ସୁଖ ପାଇଁ ନୁହେଁ, ଉପଯୋଜେଲ ପାଇଁ । ଫାଇଲ କୂଢ଼ ଦେଖିଲେ ଉପଯୋଜେଲ ନ କରୁଣ୍ଣ ଯେପରି ଶାନ୍ତି ମିଳେ ନାହିଁ, ସବୁ କାର୍ଯ୍ୟରେ ସେହିପରି, ସଦାହୋଇ ରହିଛି ଏଗୁଡ଼ା । ତଥାପି ଖାଉଛି ସେ ଗୋଟିଏ ବିଷୟ,—ସରୋଜିନୀ । ଖାବୁ ଖାବୁ ଏକା ପାସଙ୍ଗରେ ଭରି ଉଠୁଛି କିଛି ଅନୁଷଙ୍ଗିକ କେତେ ଚନ୍ତାରେ,—ସୁଖ କ'ଣ ? ସଂସାରରେ ସୁଖ ? ସ୍ୱାଧୀନତା କଣ ? କଣ କଲେ ମଣିଷ ସ୍ୱାଧୀନ ହୁଏ ?

Digitized by srujanika@gmail.com

ବଡ଼ ବ୍ୟବସାୟୀ,—ମାରୁଆଡ଼ ହରନାରାୟଣଙ୍କଠୁଁ ଏ ଦେଶୀ ମହାନ୍ତି, ମିଶ୍ର ପର୍ଯ୍ୟନ୍ତ । ବ୍ୟବସାୟ ବଢ଼ି ବଢ଼ି ଉଠେ ପ୍ରକାଣ୍ଡ ଉଇହୁଙ୍କାପରି, ବ୍ୟବସାୟ ବ୍ୟବସାୟର କଣା ଗୋଳମ । ନିଜନ୍ତ୍ୱ ବୁଡ଼ାଇ ବ୍ୟବସାୟର ଜୟଧ୍ୱଜା ଉଡ଼ାଇ ନାଲିବତିର ବିଜ୍ଞାପିକାକୁ ଦୂରରେ ରଖିବା ପାଇଁ କେତେ ଯେ ପରିଶ୍ରମ, କେତେ ଯେ ଯାତନା ନିର୍ଯ୍ୟାତନା,—ଦାମୀ ମୋଟରରେ ବସି ରାସ୍ତାକୁ ବାହାରି ପଡ଼ିଲେ ବାଏଁ ଡାହାଣେ ସ୍ୱର୍ଗୀୟ ଧଡ଼ି ବାରମ୍ବାର ଦଣ୍ଡବତ କରି ଯାଇ ଶେଷରେ କ୍ଷମତାପନ୍ନ ମଣିଷ ଦେଖିଲେ ମର୍ଜି ଜଗି କେତେ ମାଙ୍କଡ଼ ନାଚ ! ଖିଆପିଆରେ ଠିକ୍ ନାହିଁ, ଘର ସଙ୍ଗେ ଦେଖାନାହିଁ, ଛୁଆପିଲା ଖବର ବୁଝିବାକୁ ତର ନାହିଁ । ବିଜିନେସ୍, ବ୍ୟସ୍ତତା । ଅଧରାତି ଯେ ପାଖେ ତକିଆରେ ମୁଣ୍ଡ ଢାଳିଲେ ବି ବିଜ୍ଞାପିକାର ସ୍ୱପ୍ନ ଫନ୍ଦ, ଦୁଶ୍ଚିନ୍ତା,—ଆଇଲା ଆଇଲା, ଗଲା ଗଲା । ମଣିଷ ଖାଇ ବଢ଼ି ବଢ଼ି ଉଠେ ଉଇହୁଙ୍କା, ବ୍ୟାଙ୍କ୍‌ରେ ଅଙ୍କ ବଢ଼େ,—ବିଚିତ୍ର ପୁଞ୍ଜିପତି !

ବଡ଼ ଚାକିରିଆ—ମୋଟା ଦରମାବାଲା କୁମ୍ପାନୀ ଅଫିସର, ଫାଇଲ ବା କଳକବ୍‌ଜା ଜଗତରେ ତାର ଦିନ କଟିଯାଏ । ନାଁକୁ ସାତ ଘଣ୍ଟାର ନୌକର ହେଲେ ମୂଳକୁ ଚବିଶ ଘଣ୍ଟା ମୁଣ୍ଡ ତାର ବିକା, ସକାଳୁ ରାତି ଅଧଯାକେ ପରର କାମ, ପର ଚିନ୍ତା, ପର ପାଇଁ ଧନ୍ଦାହେବା । ସମୟରେ ନିସ୍ତିତପଣ ନାହିଁ । ରାତି ଅଧରେ ଘାତ ନିଦ ଲାଗିଥିଲେ ବି ବଡ଼ସାହେବଙ୍କ ଟେଲିଫୋନ ଘଣ୍ଟିରୁ ଉଠେଇ କାଗଜ ପେଶ୍ କରିବାର ଅଧିକାର ଜାରିକରିପାରେ—"ସେଇ ଦୂରର ଡିପୋରେ ମେଳିଆ କୁଲି ଗୋଳମାଳ ଆରମ୍ଭ କରିବାର ସୂଚନା ଶୁଣାଯାଉଛି, ଜଲ୍‌ଦି ଯାଅ, ରାତି ରାତି,—" ବେମାରରେ ପଡ଼ିଛି ସ୍ତ୍ରୀ, ବାପ୍ଲଙ୍କା ହେଉଛନ୍ତି ପିଲାଏ, ଗାଁରେ ଦୃଷ ଉଜୁଡ଼ିଛି, ସାମାନ୍ୟ ଆପତ୍ତି ଅଭିଯୋଗ କଲେ ସକାଳକୁ ନାଲି କାଗଜ ଖଣ୍ଡେ,—"ଦେଖାକର ।" ତା'ପରେ କୋଡ଼ିଏ ମିନିଟ୍ ଲେକଚର,—"ଅସୁବିଧା ହେଲେ ଇସ୍ତଫା ଦେଇଦିଅ ବାବୁ, ଅମଙ୍ଗଳେକଙ୍କ ପାଇଁ କୁମ୍ପାନୀରେ ସ୍ଥାନ ନାହିଁ ।" ଏହାଛଡ଼ା ଅବସର ସମୟରେ ଉପରିକମାନଙ୍କ ସଙ୍ଗେ ସମ୍ବନ୍ଧ ଯୋଡ଼ିବାର ସ୍ଥୂଳ ଓ ସୂକ୍ଷ୍ମ ପ୍ରତିଯୋଗିତା ନାନାକାତି, ପରର ତଲ୍ଲି ଠେକାରେ ପାଦ ପକେଇ ନାଚ, ପରର ହସ ସଙ୍ଗେ ତାଳରଖି ହସ, ସବୁବେଳେ ଆପଣା ପିଠିରେ ପରର ଭୂତ ହିଁ ଲଦି, ତାହାରି ନିର୍ଦ୍ଦେଶ—"ବସ ଏଠି, ଠିଆ ହୁଅ, ହସ ଟିକିଏ—କାନ୍ଦ,—ମାର,—ରଖ,—",

ଉପାୟ ବୋଲି ମଣିଷ ଯାହାକୁ ଆଶ୍ରା କଲା ସେହି ହୋଇଉଠିଲା ନିଜେ ନିଜର ଉଦ୍ଦେଶ୍ୟ, ମଣିଷର କାମ ତାହାରି ପଥରତକ ତଳେ ଗ୍ରନ୍ଥ ପଡେଇବା, ହୁଏତ ନିଜକୁ ଭୁଲେଇବାକୁ ମଣିଷ ତକର କାରୁକାର୍ଯ୍ୟ ଉପରେ ଦୃଷ୍ଟି ଥାପିଦେଇ କହୁପାରେ କେବେ କେବେ,—"ପଥରର ଏ ତକ ସୁନ୍ଦର, ଜୀବନ୍ତ,—ସତେ

Digitized by srujanika@gmail.com

ଅବା ସତ ସତ ରଥଚକ, ଅଚ୍ଛ ସୁନ୍ଦର ତାର କାରୁକାର୍ଯ୍ୟ, କି ପରିକଳ୍ପନା ! କେତେ ଶିଳ୍ପୀଙ୍କ ହାତଗଢ଼ା ରତ୍ନ ! କି ଯୋଜନା !”

ରଥର ପଥର ଚକକୁ ପ୍ରଶଂସାକଲେ ସୁଦ୍ଧା ପିଣ୍ଡିସ୍ରାବ ଉପରେ ଅନୁଭୂତ ହୁଏ ତାର ଶୀତଳ ଚକ, ଉପାସ୍ୟ ନିଜେ ନିଜର ଉଦ୍ଦେଶ୍ୟ ପାଲଟିଛି, ଅଥଚ ସେ ଶୀତଳ ପଥର ଯନ୍ତ୍ର, ସେ ଯନ୍ତ୍ର,—ଥୋଡ଼େ ଖାତିର କରେ ମଣିଷର ରକ୍ତମାଂସର ଦେହପାଇଁ ? ତାର ନରମ ମନର ନରମ କାହାଣୀ ପାଇଁ ? ଚକ ମାଡ଼ିଯାଏ, ଖାଏ ଆୟୁଷ ପରେ ଆୟୁଷ,—

—ଯେତେବେଳେ ଉପାସ୍ୟ ପାଏ ଉଦ୍ଦେଶ୍ୟର ଜୀବନ, ହୃଦୟର ପାଏ ବୁଦ୍ଧି । ତାର ବିବେକ ନାହିଁ ।

ତଣ୍ଟିକୁ ଚିପିଧରି କାମ କରାଇ ନେଇଯାଏ ।

ମଣିଷ ସ୍ୱାଧୀନତା ହରାଏ ।

ତେଣୁ ଦୁନିଆର ସମୁଦାୟ ହସକୁ ବଡ଼ ଭାଗ ଖାଲି ଅଧଗଢ଼ା ମୂର୍ଖର, ଶିଶୁ ବା ଉଦ୍ଦେଶ୍ୟହୀନ ସରଳ ହତଭାଗାମାନଙ୍କର ।

ଜାଣି ଶୁଣି ହସିପାରେ କିଏ ?

ସିଭିଲିଜେସନ୍ ଇଜ୍ ସିଫିଲିଜେସନ୍ ।

ଡ୍ୟାମ୍ ରଟ୍,—ଚ୍ଛଳ ଚଳେଚଳେ ଚ୍ଛେଟ ଗ୍ରେଟ ସ୍ନାୟୁରେ ବିଦୋରି ବିଷ, ଚେତନାରେ ଦାହଙ୍କସି ସିଫିଲିସ୍, ବକ୍ଷରେ ସାଇକୋସିସ୍ ।

ହେଲ୍ - ହେଲ୍—ହେଲ୍—ନରକ ଏଇ ଦୁନିଆଁରେ,—ସର୍ବୋଜନ୍ନ ଏବ ତ ଘରେ ?

ଚେତନାରେ ଡେଇଁଖେଳୁଛି, ଅସ୍ପଷ୍ଟ ତାର ଭାଷା, ଅସ୍ପଷ୍ଟ ତାର ଚଢ଼— ତେଇଁ ଆଗରେ ଜଳୁଜୁଳିଆ ଆଲୁଅ, ତେଇଁରେ ଚକଚକ ଲୁଣି, ବାଲୁ ମାଡ଼େ ।

ଚଣିଯାଉଛି ନିତାଇ ମୁହଁ । ମୁହଁ ନୁହେଁ ମୁଖା, ନିର୍ବିକାର । ନିର୍ଲିପ୍ତ । ହେଉ ପଛେ ଖାଲି ଡିପ, ସଚେତକ ଗ୍ରାନାଇଟ୍ ପଥର । ଟେକିହୋଇ ରହିଛି ଗୋଟାଏ କୋଣରେ, ଗୋଟାଏ ଭଙ୍ଗୀରେ, ସୀସାଳିଆ ଆଖି । ଆଖିପତାର ବାଳ ସବୁ ଆସିଲଣି, ତେଣୁ ଲାଗୁଛି ଦିଶେ ଅବା ଅପଲକ ଆଖି । ଗ୍ରାନାଇଟ୍ ଆଖି । ନା,—ୟୁରାନିଅମ୍, ଆଦିମ ୟୁରାନିଅମ୍, ପୃଥିବୀର ଗଢ଼େଇ ଧାତୁର । ହିଲିଅମ୍ ଛୁଞ୍ଚି ଛୁଞ୍ଚି ସୀସା ପାଲଟିଲଣି ଆଖି, ସୀସା ତାର କପାଳ ବାଳ । ସେହି ସୀସାପଣରେ ସବୁ ଆଦିମ ପୃଥିବୀର ଆୟୁଷର କଳନା, ତେବେ ନିତାଇର କଳନା କେତେ ? ସ୍ଥିର ରହିଛି ଅସ୍ଥିର ଭାବନା,—ଅଟକିଯାଏ ମନର ଧକ୍ ଧକ୍,—କ୍ଷଣେ ମାତ୍ର, ଏଇ ୟୁରାନିଅମ ମଣିଷ,—ସୀସା ମଣିଷ,—ମାଟିର ମଣିଷ, ଦେଖି ଆସିଛି କେତେ ଦପ୍ ଦପ୍ ଝକ୍ ଝକ୍—କେତେ ଛନ୍ଦ ଛଟକ,—କେତେ ଅଟିସର୍ କେତେ ପ୍ରକାରର

Digitized by srujanika@gmail.com

ଏହି ବୁନିଅଦି କଂପାନୀର । ପୁରୁଷ ପରେ ପୁରୁଷ, କଂପାନୀ ଚାଲିଛି,—ଦେଖି ଆସିଛନ୍ତି ନିତା ପରି ମଣିଷ, ଶୋଧା ସହିଛନ୍ତି, ହାତଛୁଆଁଡ଼ା ସହିଛନ୍ତି, ପୁଣି ବେଳ ଜାଣି ଚୁଲିମୁହଁରେ ପେଲି ଦେଇଛନ୍ତି ଚୋଜଣା ସେହି ଏକା କଣରେ ମୁହଁ । ନିତାହିଁ ତ କହେ, ଥିଲା ଜଣେ ମିଲିଟେରି ଅଫିସର, କାଗଜଗୁପା କାଚ ଟେକି ଫୋପାଡ଼ୁଥିଲା,—ଅଉ ଜଣେ କି ମ୍ୟାକ୍, ହାଇଲ୍ୟାଣ୍ଡର, କଥା କଥାକେ ହାତ ଟେକେ । ନିତା କହେ ତାକୁ ସାଧ କରିଥିଲା ଦାଢ଼ିଆ ଚପରାଶି ରହିମନ ମିଆଁ, ହାତ ଛଡ଼େଇ ଧାଇଁଗଲା ସରିକି ତାର କଟଟି ଧରିପକେଇ ଗାରଡ଼େଇ ଗୁହାଁ କହିଥିଲା, "ସାହେବ୍, ଏ କ୍ୟା କର୍‌ତେ ହୋ, ଲଡ଼ୋଗେ ତୋ ଆଓ, ଉତର୍ ଯାଓ—" ସାହେବ ମ୍ୟାକ୍ ହାତ ମିଳେଇଥିଲା । ଯୁଗ୍ନଅଙ୍ଗ ମଣିଷ, ସୀସା ମଣିଷ, ସେଥିରେ ନିତା ରହିମନ୍ ଏପାଖ ସେପାଖ, ଅଧେ ପୁରୁଷ ଅଧେ ସ୍ତ୍ରୀ—ଅର୍ଦ୍ଧ-ନାରୀଶ୍ୱର । ସହି ଆସିଛି,—ଦେଖି ଆସିଛି, କାହିଁକି ବଞ୍ଚିଛି ? ବଞ୍ଚିବାରେ କି ଆନନ୍ଦ ପାଏ ? ମରୁନାହିଁ କାହିଁକି ? ସେହି ସେହି ଏକା ଜୀବନ, ଏକା ଠାଣି,— ରହିଛି ।

ହେଲ୍ପ୍---ଓ ହେଲ୍ପ୍--- ଫାଇଁ କରି ମୁଣ୍ଡରେ ଧରୁଛି ନିଆଁ ।

ସିଭିଲିଜେସନ୍ ଇଜ୍ ।

ଗରଗର ହେଉଛି ମନର ଚରିଲା ଯୋଗ-ବସ୍ପ, ଛଟପଟ କରୁଛି, ସେଥିପାଇଁ ଭୁସାଭୁସି ମରାମରି, ଚକ୍ରାଚକ୍ରି, ଆଟମ୍ ବମ୍ ଫୋପଡ଼ା ଫୋପଡ଼ି—ସିଭିଲିଜେସନ୍ ଇଜ୍—

ନାଲି ଚଢ଼ିଥିଲା ଆଖିରେ, ମୁଣ୍ଡ ଭିତରେ ଗରଗର, ନିତା ଆଡ଼କୁ ଫୋପାଡ଼ି ମାରିଲା ସିଗାରେଟର ଜଳନ୍ତା ମୁଣ୍ଡି, ଗରଜିଲା---"ନିତାଇ୍—ଇଡ଼ିଅଟ୍—ବୁଢ଼ା କାହିଁକା---"

"ହଜୁର"

"କଣ ଦେଖୁଚୁ ବକାପରି ? କାହିଁକି ନଉନୋଉ ଏ କମ୍ ପ୍ଲେଟ ଅଇଣ୍ଠା ବାସନ ?"

ତୁଣ୍ଡରୁ ବାହାରୁ ନ ବାହାରୁଣୁ ମୁଣ୍ଡ ତଳକୁ ପୋତି ଉଠେଇ ସାରିଥିଲା ସେତକ ନିତା, ସତେ ଅବା ଗୋଟାଏ ଯନ୍ତ୍ର । ସୀସାମଣିଷର ନିଜର ଗତ ଅଛି । ସବୁ ସୁତୁରେଇ ଦେଲା । ତା ପରେ ଖବର କାଗଜ ପାରିଦେଲା, ସିଗାରେଟ୍‌ର ନାଲି ବାକ୍ସ ଖୋଲି ଥୋଇଦେଲା । ଏହି ପାଞ୍ଚମିନିଟ ସାହେବ ବଳୀଦତ୍ତ ଦାସ ଇଂରେଜୀ ଖବର କାଗଜର ଶିରୋନାମା ଦେଖନ୍ତି ।

ଅତି ଚମକପ୍ରଦ ଖବର । ପୃଥିବୀବିଖ୍ୟାତ ସ୍ଥଳଯୁଦ୍ଧବାହିନୀର ସେନାପତି ଜେନେରାଲ୍ ଡଡ୍‌ସନଙ୍କ ପତ୍ନୀଙ୍କ ପୃଥିବୀବିଖ୍ୟାତ ଆକାଶ ଯୁଦ୍ଧବାହିନୀର ସେନାପତି

Digitized by srujanika@gmail.com

ଏଆର୍ କାମୋଡ଼ୋର୍ କେଜର୍ଲିଂ ହରଣ କରି ନେଇଛନ୍ତି । ଉଡ୍‌ସନ୍ ଛାଡ଼ପତ୍ର ଦେବା ଅଧିକାର ପାଇଛନ୍ତି ।

ବୃଦ୍ଧ ଉଡ୍‌ସନ୍, ନାନା ମୂଲ୍କରେ ଅଭିନନ୍ଦନ, ଉପାଧି ଓ ମେଡ଼ାଲଭୂଷିତ । ଉଠି ଉଠି ବହୁତ ଉଚ୍ଚ । ଆଜି ତାଙ୍କର ପରିବାର ନାହିଁ । ସ୍ତ୍ରୀ ଫୁଟ ନ ଇଞ୍ଚ ୧୯ ବଲୀଦାଉ ଦାସ୍ ଫଁ କରି ଦୀର୍ଘଶ୍ୱାସ ମାରିଲା । ତାର ଆତ୍ମାଭିମାନ ଅଛି ଯେ ସେ ସାହେବମାନଙ୍କ ମନ ବୁଝେ, ଦୁଃଖ ବୁଝେ, ନିଜେ ବି ଏକପ୍ରକାର ସାହେବ କିନା ।

ହଠାତ୍ ଗୃଉଁକରି ଉଠିଲା ଗ୍ଲୁଡ ଆଖି ଆଗରେ ଡବ ଡବ ହୋଇ ଚହଲିଲା ଏଣ ଲଗିଲା ଖବରକାଗଜର ଶିରୋନାମା –

ମନେ ପଡ଼ିଲା, ସରୋଜିନୀ, ସେ ଗୋଟାଏ ପୁଅ ତାର, କେତେ ଭଲପାଏ ସେ ତାର ସରୋଜିନୀକୁ । ଅଫିସ ଘଣ୍ଟାରେ ଦୁଇଟା ପନ୍ଦର । ହୁଏତ ସରୋଜିନୀ ଭୁଲିଯାଇଥିବ । ଆଜିକାଲି ଅନେକ ତାର ପାର୍ଟି, ସରୋଜିନୀ ପିଲା ହୋଇଯାଇଛି, ଆଗକୁ ଆସିଛି, ଜୀବନ ବିକାଶ କରୁଛି ।

ଯାଉ ଭୁଲି, ଆସିବ ତ ଫେରି !

ସାଢ଼େ ତିନ—ପାଖେଇ ଆସୁଛି ।

ବେକତଳେ ବାହା ଛକି ଦେଇ ଚିତ୍ ହୋଇ ଡେରେଇ ହୋଇ ପଡ଼ି-ରହିଛି ସରୋଜିନୀ । ଚେଇଁ ରହିଛି ଗୋଟିଏ ଅଳସ ଭଙ୍ଗୀରେ ।

ପ୍ରତୀକ୍ଷାର ନୈବେଦ୍ୟ ।

ଖୋଲା ଝରକା ଓ କବାଟବାଟେ ହୁ ହୁ' ପଶି ଆସୁଛି ପବନ, ସରୋଜିନୀ ଅନୁଭବ କରୁଛି ତାର ସ୍ପର୍ଶ । କରପଟେ ପଡ଼ିଛି ଖଣ୍ଡିଏ ଗ୍ରୀନ୍ ଖାତା, ଚକ୍ ଚକ୍ ଚମଡ଼ା ବନ୍ଧା, ତା ପୃଷ୍ଠା ଧଡ଼ିରେ ଚୁନାପାଣିର ବର୍ତ୍ତି । ସରୋଜିନୀ ସେଥିରେ ଲେଖେ ତାର ଉଦ୍‌ବୃଦ୍ଧ ଜୀବନର ପ୍ରଧାନ ପ୍ରଧାନ ଘଟଣା—ପାର୍ଟି, ନିମନ୍ତ୍ରଣ, ସଭା ସମିତି, ଯୋଜନା ।

କିଏ କହିଥିଲେ କି ?—"ଜୀବନକୁ କରିବାକୁ ପଡ଼ିବ ଉଦ୍ଦେଶ୍ୟମୟ, ସମୟକୁ ଛନ୍ଦିବାକୁ ହେବ ନିର୍ଘଣ୍ଟରେ, ନିର୍ଘଣ୍ଟକୁ ଲେଖି ରଖିବାକୁ ହେବ ଡାଏରିରେ ।"

ସାଫଲ୍ୟ ତା ମନକୁ ଆସେନାହିଁ ।

ସରୋଜିନୀ ଚାହିଁ ରହିଛି ଶୂନ୍ୟକୁ । ଗଦି ଉପରେ ଧୀରେ ଧୀରେ ଗୋଟାଏ ଗୋଡ଼ ଏକର ସେକର ହଲଉଛି । ଘଣ୍ଟାର ଟିକ୍ ଟିକ୍ ପରି ମୁଣ୍ଡ ଭିତରେ ଚେତନାର ପ୍ରବାହ ।

Digitized by srujanika@gmail.com

ସାଢ଼େ ତିନି;—ସେ ପାଖେଇ ଆସୁଛି ।

ଏଥର କାନ ଶବ୍ଦ ବାରୁଛି ।

ଯାହା ମୋଟା ମୋଟି ଭାବରେ ନିଃଶବ୍ଦ ବୋଲି ଲାଗେ ସେଇ ନିଃଶବ୍ଦତା ଉପରେ କାନ ଡେରିଦେଲେ କେତେ ପ୍ରକାର ଶବ୍ଦର ଅସ୍ତିତ୍ୱ ଜଣାଯାଏ । ଖୁଟ୍‌—ଖାଟ୍‌—ଦୁମ୍‌ – ଦୂରରେ ହର୍ଷା ନିଶ୍ଚୟ । ସବୁବେଳେ ଗୋଟାଏ ନା ଗୋଟାଏ କିଛି କରୁଥିବ । ହାତବାରସୀ; କିନ୍ତୁ ଯେତେ ଦୁଗୁଣେଇ ହୋଇ ପଡିଲେ ବି ହର୍ଷା ଉପରେ ମନ ଭିତରୁ କେମିତି ଚିଡ଼୍‌ଚିଡ଼ା ଲାଗେ । କାହିଁକି ?—ଖାଲି ତାର କଣ ଅପରିଷ୍କାରପଣ ? ହର୍ଷା ବେଳେ ବେଳେ ଅତି ଅପରିଷ୍କାର ହୋଇପାରେ । ସେତେ-ବେଳେ ଅଃହୁରି ଚିଡ ମାଡ଼େ ।

ହର୍ଷାର ଶବ୍ଦ । ଦୂରରୁ ମଝିରେ ମଝିରେ କାଉ ବୋବାଉଛି । ଆଉ କଣ ଚଢ଼େଇ । ଦୂରର ଶବ୍ଦ ସମଷ୍ଟି, ଗାଡ଼ି ମଣିଷ ଗହଳି ।

ହୁ ହୁଆ ପବନର ଶବ୍ଦ, ଝଡ଼ୁଆଳରୁ ଯେପରିକି ଦାନବଙ୍କ ଫଁ ଫଁ ନିଃଶ୍ୱାସର ମିଶାମିଶି । ଆଉ ଷ୍ଟେଟ୍ ବସ ଫାଇଁ ଫାଇଁ ।

ଭାବିଲେ ଲାଗେ କେମିତି ! ଚଟ୍‌କିନି ସଫେଜାମା ଟେକି ହୋଇ ଡେରେଇ ହୋଇଗଲା ତକିଆ ଉପରକୁ । ମୁହଁରେ ଅବର ବୋକାଳପଣ ଚାରିଆଡ଼କୁ ଆଖି ବୁଲେଇଲା । କାହିଁ କେହି ନାହିଁ ତ !

ଝିମ୍ ନାହିଁ ଆସୁଛି । ହାତର ସରୁ ଘଡ଼ିକି ଚାହିଁଲା । ସାଢ଼େ ତିନି ହୁଏ ନ ହୁଏ, ସେ ପ୍ରସ୍ତୁତ ଅଛି । ଏଥର ହୁଏତ— । ଝରକାବାଟେ ଦୂରକୁ ଚାହିଁ ଚାହିଁ ଦୃଷ୍ଟି ଭରି ଦେଲା କୋଠାଗୁଡ଼ାକ ଉପରେ । ମନେ ପଡ଼ିଲା—'ସେ' । କଂପାନୀର ବରିଷ୍ଠ କର୍ମଚାରୀ । କାମରେ ଲାଗିଥିବେ; କିନ୍ତୁ କାମ କିଏ ନ କରେ ? କାମ କଲା ବୋଲି କଣ ମଣିଷ ସବାଗ ହବାଏ ? ଫେରିଲାବେଳେ ମୁହଁର କଳାପାଣି ନିଗୁଡ଼ୁଥିବ । ସଞ୍ଜରେ—"ହର୍ଷା ଚପିଦେଲ୍ ଗୋଡ ଟିକିଏ ।"

"ହେଃ—ହେଃ—ହେଃ—ହର୍ଷା, –"

ପାଖକୁ ପାଖ ତୁଳନା ମନେପଡେ,—ରଣଜିତ୍‌ବାବୁ, କି ରୁକ୍ଷ ଛନ୍ନଛନିଆ । ନରେନ୍ଦ୍ର ଯାଦବ, ତାଙ୍କ ଓଠରେ ଚୁରୁଟ, ପୋଷାକରେ ରୁକ୍ଷ ଠାଣି, ପ୍ରକାଣ୍ଡ ମଣିଷ, ଅତି ଓସାର କାନ୍ଧ, ବେକକୁ ଘସି ହୋଇ, ଯେପରିକି ଗୁରୁ ଦାୟିତ୍ୱର ଓଜନ ସହି-ବାକୁ ବିଧାତା ମୂଳରୁ ଗଢ଼ିଛନ୍ତି । ମିଷ୍ଟର ତ୍ରିପାଠୀ,—ଆକାରରେ ଖର୍ବ ହେଲେ ବି ଧରଣରେ ଅଛି ଗୋଟାଏ ପ୍ରକାର ମୋହିନୀ, ଦେହର ଝାଙ୍କି କି ପୁଚକା ଗାଲର ସଜସରପଣ, କି କପାଳର ବଚ୍ଛେଇ, କି ଆଖିର ପିଲିକିଆ ଦୁଷ୍ଟାମି, କି ଖିଲି ଖିଲି ହେଲାଭଲି ଗ୍ରେଟ ଗ୍ରେଟ କୋଦା କୋଦା ହାତ ଦୁଇଟିର ଭଙ୍ଗୀ, କାହିଁରୁ ସେ ମୋହିନୀର ଇଙ୍ଗିତ ମିଳେ କହି ହେବନାହିଁ । ତେବେ,—ଲୋକେ ଅଛନ୍ତି,

Digitized by srujanika@gmail.com

ଭେକ ଭଳେ, ନିଷ୍ଠା ନଥାଉ, ତଥାପି ତାଙ୍କଠି ଜୀବନ ଚେଷ୍ଟ ଦେଖାଏ । କିଏ ନିଜକୁ ପ୍ରକାଶେ କଅଁଳପଣରେ, ଆବୁଝାବୁଢ଼ା ବଳରେ, କାହାର ଅତି ନିଆଁଗ୍ରାପଣ, ସହାନୁଭୂତି ଉପୁଜାଏ, କାହାର ହେରେମାପଣ, କାହାର ମନ୍ତୁଣତା, କାହାର କଣ୍ଟାବୁଢ଼ି ଠିଆ ନିଶ । ମଣିଷଙ୍କୁ ଜନ୍ତୁମାନଙ୍କ ସହିତ ମିଳେଇ ଦେଖାଯାଇପାରେ,—ଭିତରେ ଇଞ୍ଜିନରେ ବଳ ଥିଲେ ମଣିଷ ଜନ୍ତୁ ଦିଶେ କେତେ ଶୋଭା ! ବିଶେଷତଃ ଦଳରେ, ପାର୍ଟିରେ,—ଯେତେବେଳେ ନାସ୍ତି ଆଗରେ ଜନ୍ତୁ ମନଅଜାଣତରେ ପର ସହିତ ବଳ କଷାକଷି ଲଗାଏ ନିଜତ୍ୱର ବାହାଦୁରି ପାଇଁ ।

ସେହି ଜନ୍ତୁ ମେଳରେ 'ସେ',—ମିଁ ମି କା,—
ମୁଣ୍ଡରେ ଦୁଇଟା ଶିଂଘ, ଗ୍ରେଟ ଲଙ୍ଗୁଡ଼ିଟିଏ ।
ମୁଣ୍ଡରେ ଦୁଇଟା ଶିଂଘ—ମେଁ ମେଁ ଅର୍ ମେଁ— ।

ହେଇ ଟ୍ରେନଟେ ! ଆସୁଛି ତ, ଫାଟକ ପାଖେ ଶୁଂ ଶୁଂ ହେଉଛି, ଫାଟକ ବନ୍ଦ । ଭଲ ହୋଇଚ, ଅଚ୍ଛା ହୋଇଚ, ନିତାଣହୋଇ ଟ୍ରେନ ଠେଲୁଛି ବେକ, ଯାହାର ମାଟିଗୋବରପାଣି ପଣ ଆଖି, ମୁହଁରୁ କଳାପାଣି ବୋହିପଡ଼ୁଛି ।

ତାର ମୁଣ୍ଡରେ ଦୁଇଟା ଶିଂଘ ।

ଓଃ, କି ଉଦ୍‌ଭଟ ଚିନ୍ତା ! ସରୋଜିନୀର ବ୍ୟକ୍ତିତ୍ୱ ଆଜ ଗୋଟାଏ ପର୍ଦ୍ଦା ଟେଲି ସାମ୍ନାକୁ ଓହ୍ଲେଇ ପଡ଼ିଲା । ହାତଘଣ୍ଟାରେ ହେଲଣି ଛଅଟା ଚାଳିଶି । ଟ୍ରେନଟା ଚାଲିଯାଉଛି ।

ଫେର୍ ମନେ ପଡ଼ୁଛନ୍ତି 'ସେ' । ଜଳଖିଆ ଅଛି, ଚା' ଦବ ନିତା, କିନ୍ତୁ ତାଙ୍କର ଉଚିତ ନିଜର ଆହୁରି ଯତ୍ନନେବା । ଗମ୍ଭୀର ହୋଇ ସରୋଜିନୀ ଭାବୁଛି । ସେ ଖାଇ ବସିଲାବେଳେ ଏଣିକି ସରୋଜିନୀଙ୍କୁ ଦିଏ ଲେକ୍‌ଚର୍ । କହେ ଜୀବନର କଥା, ସୁଖର କଥା, ବିଶ୍ରାମର କଥା, ପର ଘରକଥା । ସେ ଆଉ ଶପନ୍ତି ନାହିଁ ଅଗ ପଛ । ଭାତ ଖାଇଲାବେଳେ ବି ବୋଧହୁଏ ମୁଣ୍ଡରେ ଚାକରର ଚୁରୁସ୍ୱର । ଖାଇ ସାରିଲେ ଗଢ଼ ଅଧଘଣ୍ଟାକେ ଫାଇଲ କାମ । କଣ ପାଉଛନ୍ତି ଜୀବନରୁ ସେ ? କିନ୍ତୁ ଯେତେ କହିଲେ ନାହିଁ, ଯେତେ ବୁଝେଇଲେ ନାହିଁ,—ସେ ଯେଉଁପରି ଗଢ଼ା ।

ଏ କଣ ହେଲା ? ଛଅଟା ପଇଁଚାଳିଶ ଯେ ! ସରୋଜିନୀ ତାର ସାଜ ଖାତା ଖୋଲି ମିଳେଇ ଦେଖିଲା । ହଠାତ୍ ଶବ୍ଦ ହେଲା ମଟର ହର୍ଣ୍ଣ୍‌ର । ସେହି ଚିହ୍ନା ଶବ୍ଦ,—ହର୍ଣ୍ଣ୍ ତ ନୁହେଁ ସତେ କି ତୁରୀ ଶବ୍ଦ । କେଉଁ ସିନେମାରେ ଦେଖିଥିଲା ଏହିପରି,—ରଜା ରାଣୀ ରଥରେ ଚାଲିଛନ୍ତି, ଢଉଳନ୍ତି ମଣିଷ ସେହି, ତୁରୀ ଫୁଙ୍କା ହେଉଛି ଆଗେ ଆଗେ, ଶବ୍ଦ ହେଉଛି—ହଟି ଯାଅ, ଉଠି ଯାଅ ।

Digitized by srujanika@gmail.com

ରଣଜିତ୍‌ବାବୁଙ୍କ ଦାମୀ ବଡ ମଟରଟି ଠିଆହେଲା ଆସି ଫାଟକ ପାଖେ। ତେଣେଇ ରଣଜିତବାବୁ ଓହ୍ଲାଉଛନ୍ତି, ମିଲ ଓହ୍ଲାଉଛି। ପିଲା ପରି ଆତୁର ହୋଇ ତା'ଘର ଦୁଆରମୁହଁରେ ଫ୍ରେମବନ୍ଧା ଛବିପରି ମିନତିଏ ଠିଆହେବାକୁ ଧାଇଁଗଲା ସରୋଜନୀ, ଛୁଟି ଉଠୁଛି ପଡୁଛି।

ସେଇ ଛଟକରେ ଲେଉଟି ଆସିଲା।

ଆଜି ଗୋଟିଏ ଗ୍ରେଟ ଆଉଟିଂ, ଦୂରରେ ଗୋଟିଏ ଖୁବ ବଡ ପଡ଼ିଆ, ସେଠି ତାଲୁ ତାଲୁଆ ଭୂଇଁ, ଧଡ଼ିରେ ଧାଡ଼ି ଧାଡ଼ି ଗଛ। ନାକପୁଡ଼ା ଫଣେଇ ଘରଭିତରକୁ ଛୁଟିଗଲାବେଳକୁ ସରୋଜନୀ ବାସ୍ନା ନେଉଥିଲା ସେଇ ଘାସପଡ଼ିଆର। ଆଖିର ବିଚିତ୍ର ଗୁହାଣିରେ ଖେଳୁଥିଲା ଡାଆଣିଆଁ ଖରାର ଆଉଟା ସୁନା, ଅନ୍ତରରେ ଭରିଥିଲା ଖାଁ ଖାଁ ପଡ଼ିଆର ନିସ୍ତଳ ବିଚ୍ଛେଇ। ଚେତନାରେ ଅସ୍ପଷ୍ଟ ହୋଇ ଦିଶିଯାଉଥିଲା,—ଧାଡ଼ି ଧାଡ଼ି ଗଛ ଆଡ଼କୁ ହଂସପରି ଦଳ ବାନ୍ଧି ଘାସଉପରେ ଧୀରେ ପହଁରି ଯାଉ ଯାଉ ମିଲ କହୁଥିବ ଜୀବନ ବିଷୟରେ ଗମ୍ଭୀର ତଥ୍ୟ।

ହୁଏତ ଦୂରକୁ ଲକ୍ଷ୍ୟକରି ଗ୍ରେଟ ଗ୍ରେଟ ଟେକା ଫୋପାଡ଼ିବାକୁ ମିଲ ଅଟକିଯିବ ପଥରେ,—ଯେପରି ସେ କରେ।

ଆଉ ରଣଜିତ୍‌ବାବୁ, ଫୁସ୍‌ଫୁସ୍ କରି କହି ଉଠିବେ ଯେ,—

"ଆପଣ କଣ ଭାବୁଛନ୍ତି ?"

ହୁଏତ ଦୂରରୁ ଗଛ ଉହାଡ଼ରୁ ବୋବେଇ ଉଠିବ ଚଢ଼େଇ,—କୁରୁ-କୁରୁ-କୁରୁ—।

ଯାଉ ସେ ବୁଲି,—ସରୋଜନୀ।

ବଳୀବର୍ଦ୍ଦ ନିଜକୁ ନିଜେ ଗର୍ବକରେ,—ସେ ଘରପଶା ନୁହେଁ, ସେ କାମର ମଣିଷ। ଆପଣା 'ଜୀବନ'କୁ ଗଢ଼ି ପାରିଛି ଢଳରୁ ଭଲ କରି, ସେଇ ତାର ଶ୍ରେଷ୍ଠ କଳା। ପରକୁ ଉପଦେଶ ଦେବାକୁ ଅବସ୍ଥା ଆସିଲାଣି,—ତେଣେଇ ମତେ ଦେଖ, ଦେଖି ଦେଖି କାମ କର, 'ଜୀବନ'କୁ ଗଢ଼ି ପାରିବ ତୁମେ ବି।

ଆଉ ସରୋଜନୀ କଥା,—ସେ ବି ତା ଗର୍ବର ଜିନିଷ। ସମାଜର ପ୍ରତ୍ୟେକ ସ୍ତରରେ ଦେଖିଲେ କେତେ ଲୋକ ମିଳିବେ ଯେ କୌଣସି ଗୋଟାଏ ପ୍ରକାର ଧରଣକୁ ପ୍ରଶଂସା କରିବା ସକାଶେ ହୃଦଭିତରୁ ନହେଉ ତୁଣ୍ଡରୁ ହେଲେ ପ୍ରଶଂସା କରିବେ, ଯାହାଙ୍କର କାମ ଥିବ ସେହିମାନେ। ସେ ଦିନର କଥା, ଜଣେ ବିଦେଶୀ କାନ୍ତ୍ରାକ୍ଟରର କିଛି ସ୍ୱାର୍ଥ ଥିଲା ମହିଁଆଁ ସାହେବଙ୍କ ପାଖେ। କାଗଜ ଦେଇ ମିଷ୍ଟର ଜେନାଙ୍କ

Digitized by srujanika@gmail.com

ଦର୍ଶନ ପାଇ ଆଦାନ ପ୍ରଦାନରେ ସିଗାରେଟ୍‌ର ଧୂଆଁ ଉଡ଼େଇ କଥା କଥାକେ ସେ ପକେଇଲା ବମ୍ବାଇର ନାଚ କଥା, କ୍ରମେ ଶ୍ରୀକ୍ଷାଙ୍କ ମାର ନାଚ କଥା, ଗାଇଗଲା ଅନେକ ପ୍ରଶଂସା,—ତାର ମୋଟେ ଦରକାରେ ଟଙ୍କାର ସ୍ୱାର୍ଥ,—ଆଗେଇଗଲା ବହୁତ ଦୂର । ବଳୀଦତ୍ତର ଘରପଟକୁ ବି ଲୋକେ ପ୍ରଶଂସା କରନ୍ତି, ଶୁଣି ଶୁଣି ଲାଗେ,— ମିଛ ବା କଣ ?

ଏବେ ସରୋଜମାର ବିକାଶ ଘଟିବାପାଇଁ ସବୁ ସୁବିଧା ଦେବା ତାର ଦାୟିତ୍ୱ । ଈଶ୍ୱର ସଂଯୋଗ କଲେ ସବୁ ଗାଇହୁଏ ।

ତା'ଛଡ଼ା—ଭାବିବାକୁ କେତେବେଳ ବା—ସେ କାମିକା ଲୋକ । କୁମ୍ଭାମାର ସ୍ୱାର୍ଥ ଜଗି ଗୃହକଗର ଏତେ ଗହଳ କାମ, ବେଳ ମିଳିଲେ ନିଜର ହିତପାଇଁ ଚେଷ୍ଟା ।

ମନ୍ଦିରେ—ତାର କର୍ତ୍ତୃତ୍ୱ । ସୁବିଧା ମିଳିଛି,—ସେ—ମଣିଷ ତିଆରେ । ଷ୍ଟର୍କାରେ ଯେତେବେଳେ ତାର କ୍ଷୁଦ୍ର ଶରୀରଟିକୁ ସେ ସ୍ଫୀତ କରିଦିଏ ଭଙ୍ଗୀରେ, ଦେଖେ ଅଧସ୍ତନମାନଙ୍କ ଭୟ-ବିହ୍ୱଳ ଆଖି ଯେତେବେଳେ ତାର କଲମର ଆଞ୍ଚୁଡ଼ାରେ ଫଡ଼ା ଫଡ଼ା ଉଡ଼ିଯାଏ ସାନ ମଣିଷଙ୍କ ଦାନାପାଣି, କେବେ ଶୁଣେ କାହାର ଆକୁଳ ପ୍ରାର୍ଥନା, କେବେ ଅବା କାହାର ବିକଳ ବୋବାଳି, ବଳୀଦତ୍ତ ଅନୁଭବ କରେ ଆପଣାର ବଡ଼ପଣ । କଥାରେ ଗର୍ଜ୍ଜନ ଗୁଡ଼ିବା ତା ପକ୍ଷରେ ସମ୍ଭବ ନୁହେଁ—ସେ କାମର ମଣିଷ—ତେଣୁ ଖୁର ପରି ଚଲେଇଦିଏ କଲମ । ଫସ୍ଲାର ଧାରେ କତଲ କରୁ କରୁ ଆସେ ଗଭୀର ଆତ୍ମପ୍ରସାଦ, ଯେପରିକି ନିଜର କୋତରା ଅଣ୍ଟାତକୁ ବି ସେ ନିର୍ଦ୍ଦ୍ୱନ୍ଦ୍ୱଭାବେ ସଫାସୁତୁରା କରି ଗଢ଼ିଉଠୁଛି ଉପରକୁ ଉପରକୁ ।

ଜାଣିବା ଲୋକେ ତାକୁ ଯମପରି ଡରନ୍ତି, ସେ ଖୁସି ହୁଏ, ସେ ବିଶ୍ୱାସ କରେ କାମପାଇଁ ଡର ସ୍ୱାସ୍ଥ୍ୟକର । ସେ ବିଶ୍ୱାସ କରେ, କାମିକା ମୁହଁ ହସ ଖୁସି ଜକ ଜକ ହେଲିବା ଉଚିତ ନୁହେ, ସୁସ୍ଥ ଶାନ୍ତ ଆଉ ମାଦଳା ଅଲସୁଆ ପ୍ରାଣୀ ଏକା କଥା । ତେଣୁ ସେ ଓର ଉଣ୍ଡେ, ଚୂଗୁଲି ଶୁଣେ ଏବଂ ଏ କାର୍ଯ୍ୟରେ ତାର ଖର୍ଚ୍ଚ ହୁଏ ବହୁତ ବେଳ । କାମକରି ସେ ନାଁ କମାଏ, ଲୋକେ ତାର ବି ପ୍ରଶସ୍ତି ଗାଆନ୍ତି ।

କେବଳ,—ଡର ଲାଗେ ମିଷ୍ଟର ଶ'ଙ୍କୁ । ସେଠି କାଡ ପାଏନାହିଁ, ଆହୁଲା ଚଳେନାହିଁ, ସତେକି ଶୋଇରହିଛି ଅଥଳ ଅନ୍ଧାର ପାଣି, କିନ୍ତୁ କେବଳ ଅନ୍ଧାର ନୁହେଁ, କେତେବେଳେ କେଉଁ ଛଟକରେ ତାର କପରି ବର୍ଣ୍ଣ, କପରି ବ୍ୟକ୍ତିତ୍ୱ ଆଖିମିଟିକୁଡ଼ାକେ ସେ ବ୍ୟକ୍ତିତ୍ୱ ବଦଳିଯାଏ, ଆଶ୍ଚର୍ଯ୍ୟ ଲାଗେ,—କଣ ଏଠି ସ୍ଥିର ? କପରି ବ୍ୟବହାର ଏଠି ଖାପିବ ? ପ୍ରଶଂସା କରୁ କରୁ ଆଘାତ ପାଏ, ଘଡ଼ ଘୁଣ୍ଟୁ ଘୁଣ୍ଟୁ ପାଏ "ସାବସ୍ ସାବସ୍" ହସୁ ହସୁ ମୁହଁରେ ମେଘ ଦେଖି ମୁହଁ ଲୁଚିବାକୁ ପଡ଼େ, ବାରମ୍ବାର ଚେଷ୍ଟାକରି କଣ ବାରମ୍ବାର ଠେଲିଖାଇ ଲାଗେ ଅତୃପ୍ତ, ଭୀଷିତ ।

Digitized by srujanika@gmail.com

ନିଦାନ ରହିଯାଏ ଖାଲି ଭୟ ।

ସେହି ପହିଲି ଦେଖାର ମୁହୂର୍ତ୍ତ,—ସିଟ୍ ଡାଉନ ଓ ଗେଟ୍ ଆଉଟ୍‌ର ତୋଫାନି ଗର୍ଜ୍ଜନ,—କାନରେ ରାହୁ ରାହୁ ଡାକେ । ପହିଲ ପରିଚୟରେ ପହିଲି କାଳାକାଳରେ ଲୋକଙ୍କ ସଙ୍ଗେ ବେଳେବେଳେ ମୂଳଦୁଆ ପଡ଼େ ଯେଉଁ ସମ୍ବନ୍ଧର ଶେଷଯାକେ ତାହା ମନରେ ରହିଯାଏ ସେ ଅନୁପାତ, ଯେପରି କି ନିଜେ ଯେତେ ବଢ଼ି ଉଠିଲେ ବି ପିଲଦିନର ମାଷ୍ଟର ଦେଖିଲେ ମୁଣ୍ଡ ଝାଙ୍କି ଦେଇ ଦେହ ବଙ୍କେଇ ଭିତରୁ ବାହାରେ,—ସାର୍—"

ଆରମ୍ଭରୁ 'ସାହେବ୍'— ତା'ପରେ ମିଷ୍ଟର ଶ'—ସେହି ଅନୁପାତରେ ବଳୀଦତ୍ତ ପାଏ ପଥରପୂଜା ।

କିନ୍ତୁ ପଥର ନିଶ୍ଚଳ ଥାଏ, ହସ କାନ୍ଦକୁ ସବୁ ସ୍ନେହକୁ ସେହି ଏକା ମୂର୍ତ୍ତି, ତାର ଚିରନ୍ତନ ସ୍ଥିରତା ହୃଦୟର ଚେଷ୍ଟାକୁ ଅବକାଶ ଦିଏ ନିଜେ ଆଉଣ୍ଡି ହୋଇ ନିଜେ ନିଜ ଭିତରେ ଈଶ୍ୱର ଖୋଜିବାକୁ ।

କିନ୍ତୁ ଦାନାପାଣି କ୍ଷେତ୍ରରେ ଏଇ ଯେଉଁ ବଡ଼ ବଡ଼ ପଥର ଦେବତା, ସେ ଦେଖେ ସେମାନେ କର୍କଶ ଦନ୍ତୁରପଣରେ ହିଁ ପଥର ସିନା, ଚଳନ୍ତ୍‌ଶକ୍ତିରେ ବିସ୍ଫୋରକ ପରି, ସେଠି ପୂଜା ଶାନ୍ତି ଦିଏନାହିଁ । ପୂଜା ଉପୁଯାଏ ଆତୁର ପୂଜାପାଇଁ ପ୍ରଚେଷ୍ଟା, ଉଚ୍ଛା ପରିଶ୍ରମ, ମନର ତାରତମ୍ୟରେ ବଳୀଦତ୍ତ ଯେଉଁଠି ସେଇଠି ।

ପଦୋନ୍ନତି ଫଳରେ ମିଷ୍ଟର ଶ'ଙ୍କ ସଙ୍ଗେ ବାରମ୍ବାର ଦେହଘଷା ହେବା ପ୍ରୟୋଜନ ପଡ଼େ । ସେମିତି ଠିଆହୋଇ ରହିବାକୁ ପଡ଼େ । କେବେ ଅକସ୍ମାତ୍— "ବସ ବସ", ସେମିତି ତଳକୁ ମୁହଁ ପୋତି ଠିଆହେବାକୁ; ବଳୀଦତ୍ତ ଜାଣି ଜାଣି ଧ୍ୟାନ ଲଗାଏ ତାଙ୍କର ପାଦକୁ, ସେ ଆଉ କାହା ସଙ୍ଗେ କଥାଭାଷା କରୁଥିବେ, ହଠାତ୍ ମୁହଁ ଉଠେଇ ଗର୍ଜ୍ଜନ ଛାଡ଼ିବେ—"ଶୂନ୍ୟ ହୋଇ ଠିଆହୋଇ ସ୍ୱପ୍ନ ଦେଖିଲେ ଯେ, ସ୍ୱପ୍ନଦାଙ୍କ ପାଇଁ ଏଠି ସ୍ଥାନ ନାହିଁ । କହ ଏ ବିଷୟରେ କି ବ୍ୟବସ୍ଥା କରିଛ ? ଯଦି ବା ଗଦ୍‌ଗଦ୍ ହୋଇ ଘୋଷି ଆଣିଥିବା କଥା କହି ବସିବ ସେ, ହଠାତ୍ ସେ ମଝିରୁ ଭୁକନା ଚିତ୍କାର କରିବେ—

"ଓଃ ଶୁଣ ଆଗେ—"

ଆଗନ୍ତୁକ ମୁରୁକି ମୁରୁକି ହସୁଥିବ ।

ହୁଏତ ସେ, ଅତି ସାଧାରଣ ଲୋକ ଜଣେ, ନିରକ୍ଷର ମଳାମୁଣ୍ଡିଆ, ଗୋଡ଼ଯାକ ଧୂଳି, ଅଣ୍ଟୁ ଲୁଚୁନାହିଁ ଛୋଟ ଲୁଗା, କାନ୍ଧରୁ ଝୁଲୁଛି ଝୁଲାମୁଣି, କିନ୍ତୁ ବଡ଼ ସାହେବଙ୍କ ଦୃଷ୍ଟିରେ ସେହି ଘଡ଼ିକ ସେ ବଡ଼ଲୋକ, କାରଣ ତାଠି ସ୍ୱାର୍ଥ ଅଛି । ହୋଇପାରେ ଏହାପରେ ଅନ୍ୟ ପରିସ୍ଥିତିରେ ଦଶ ଥର ଦୌଡ଼ିଲେ ବି ସେ

Digitized by srujanika@gmail.com

ତାଙ୍କର ଦେଖା ପାଇବନାହିଁ; କିନ୍ତୁ ଏ ପଣ୍ଟିଘରେ ସେ ବସି ବସି ହସୁଥିବ, ଦମ୍ଭ ଭରି କଥା କହୁଥିବ, ବଳୀଦତ୍ତ ଟାଆଣ୍ଟୋଇଥିବ, ଗାଳି ଶୁଣୁଥିବ । ପଦାକୁ ଯାଇ ଏଇ ଲୋକଟି ଆଗ ପ୍ରଚ୍ଛର କରିବ କମ୍ପାନୀର ବଡ଼ସାହେବ ବଡ଼ ମେଳାପି ଲୋକ, ବଡ଼ କାର୍ଯ୍ୟଦକ୍ଷ, ବଡ଼ ଠିକ୍ ଲୋକ, ସାଙ୍ଗ ଅଫିସ ଓଲଟେଇ ପକେଇ କାମରେ କବାଡ ଦେଲେ । ସର୍ବସାଧାରଣଙ୍କ ପ୍ରତି ଅଶେଷ ତାଙ୍କର ସହାନୁଭୂତି ।

କିନ୍ତୁ ବଳୀଦତ୍ତ ବଡ଼ ହୋଇଛି, ବଡ ହୋଇଛି ତାର ଅହମିକା । ତାର ଜ୍ୱାଳା ବେଶି, ଅଥଚ ହଜମ କରିବାକୁ ହୁଏ ସବୁ । ପୁଣି ଲେଉଟି ଆସେ ତାର ସାଫଲ୍ୟବାଦ, ସେ କାର୍ଯ୍ୟରେ ଲଗେ ।

ସେଥର ବଡ଼ ସାହେବଙ୍କ ସଙ୍ଗେ ସେ ଗସ୍ତରେ ଯାଇଥିଲା । କମ୍ପାନୀର କାର୍ଯ୍ୟ ଅଞ୍ଚଳ, ସେଠି ଅନେକ କୁଲି, ଅନେକ କାମ, କମ୍ପାନୀର କାରଖାନା, କୁଲିବସ୍ତି । ଆଗରୁ ବଳୀଦତ୍ତ ନିର୍ଦ୍ଦେଶ ପଠାଇଥିଲା, ତେଣୁ ସ୍ଥାନେ ସ୍ଥାନେ ତୋରଣ, ସ୍ଥାନେ ସ୍ଥାନେ କୁଲି ସର୍ଦ୍ଦାର ଦଳ, କୁଲି ସ୍ତ୍ରୀଲୋକଙ୍କ ଶଙ୍ଖ ହୁଳହୁଳି । ଆଶା କରିଥିଲା ସେ, ମିଷ୍ଟର ଶ' ଗାଡ଼ି ଅଟକେଇବେ, ଖୁସି ହେବେ; କିନ୍ତୁ ଗାଡ଼ି ଅଟକିଲାନାହିଁ । ତୋରଣ ତଳେ ତଳେ ଜୋରରେ ଉଡ଼ିଗୁଡ଼ିଜାପରି ମଟର ହର୍ଣ୍ଣ ବୋବେଇ ବୋବେଇ ଭିଡ଼ ଆଡ଼େଇ ଆଡ଼େଇ ଚାଲିଗଲା । ବଳୀଦତ୍ତ ଡରି ଡରି ଆରମ୍ଭକଲା,—"କମ୍ପାନୀର ଅଞ୍ଚଳ କିନା, ଲୋକେ ବଡ଼ ସାହେବଙ୍କୁ ଦେଖିବାକୁ ତାଙ୍କ ସ୍ନେହ ଜଣାଇବାକୁ ଏକାଠି ହୋଇଛନ୍ତି । କି ଗଭୀର ସ୍ନେହ..."

"ଥୁ—", ବଡ଼ ସାହେବ୍ ଖୁବ୍ ଶବ୍ଦ କରି ଛେପ ପକେଇଲେ, ଗର୍ଜି ଉଠି ବଲବଲେଇଲେ ତର୍ଣ୍ଣି ତର୍ଜ୍ଜୁ, ବଣ ଜନ୍ତୁ ପରି, ତା ପରେ ଗାଳି ଶବ୍ଦ । ହୁଂକାର ଉଠି ବଡ଼ ସାହେବ କହିଲେ,—"ସ୍ନେହ ! ସ୍ନେହ ! ହ୍ୟାପ ବେକାର ଦଳ । କୋଉ ବୁଦ୍ଧି ଘ୍ୟାଙ୍କ ମତେଇଚ ଏମିତି ଯାତ୍ରା କରିବାକୁ ? ବାଟେ ବାଟେ କାମ ଦେଖୁନାହିଁ ଖାଲି ଦେଖୁଚ ଯାତ୍ରା ନବରଙ୍ଗ । କିଏ ଏଥିକୁ ଉଦାରଖ କରୁଛି ମୁଁ ଜାଣିବାକୁ ଚାହେଁ—"

ସେହି ଗହଳି ଆଡ଼କୁ ଗୋଟାଏ ବିଷାକ୍ତ ଦୃଷ୍ଟି, ଲୋକେ ଯୁଅଚନ୍ତି ତୋଫାନରେ ନଇଁଲାପରି ଦଣ୍ଡବତ ହେଉଛନ୍ତି, ଭିଡ଼ବାଟେ ଧୀରେ ଚାଲିଛି ମିଷ୍ଟର ଶ'ଙ୍କ ଗାଡ଼ି, ତାଙ୍କ ମୁହଁରେ ଏକପ୍ରକାର ଅପ୍ରାକୃତ ଛବି, ଦାନ୍ତରେ ଦି'ପାଟି ଅସମ ହୋଇ ଜାବ ପଡ଼ୁଛି, ଦାନ୍ତ ଉପରୁ ଓଠ ଉଠି ଯାଉଛି, ହସ ବା ବରଡ଼ର ଦାନ୍ତ ଦେଖା,—ଉଭୟ ଅର୍ଥ ହୁଏ ।

"ଯେ ଅନ୍ନଦାତା ତାକୁ ହୃଦୟର ସ୍ନେହ ଭକ୍ତି ଜଣାଇବା, ସେ ତ ଆପେ ଆସେ,—ରୋକ ହୁଏ ନାହିଁ—" ନମ୍ର ହୋଇ ଅଙ୍ଗେଇ ଅଙ୍ଗେଇ ହୋଇ ବଳୀଦତ୍ତ କହିଲା । ଫେଙ୍କି ଉଠିଲେ ମିଷ୍ଟର ଶ'—

Digitized by srujanika@gmail.com

"ହୃଦୟ ! ହୃଦୟ !—" ତା ପରେ ଅକଥ୍ୟ ଗାଳି,—" ସବୁ ଠକାମି, ସବୁ ଦୁର୍ବଳତା ପାଇଁ ହୃଦୟର ଦୋହାଇ । ନନ୍‌ସେନ୍‌ସ । ତମେ କେଡ଼େ ଇଡ଼ିଅଟ୍—"

"ହଜୁର,—ବଳୀଦତ୍ତ ତାର ଉପରିକ ପଦସ୍ଥଙ୍କରୁ ସେହି ଚହ୍ଲା ସମ୍ବୋଧନରେ ଖସି ପଡ଼ିଥିଲା । ଶ' ଗର୍ଜନ କଲେ,—

ଯେ କଥା-କଥାକେ ହୃଦୟ ମନେ ପକାଏ, ସେ ବେକୁଫ୍ । ମୁଁ ସେପରି ଅଫିସର ନୁହେଁ ନାହିଁ, ଲେଖି ରଖ । ଆମେ କମ୍ପାନୀର ଅଫିସର, ଆମେ ଯନ୍ତ୍ର, ଆମର କାମ ସଙ୍ଗେ ସମ୍ବନ୍ଧ, ହୃଦୟ ସାଙ୍ଗେ ନୁହେଁ । କମ୍ପାନୀର ନେନ୍ ଦେଖିନା ? ଦେଖିନା ଇଞ୍ଜିନ୍, ବଏଲର୍ ? ଆଉ କଣ ? ଆମେ ସେଇ । ଯନ୍ତ୍ର ବିଗିଡ଼ିଲେ ତମେ କହିବ ହୃଦୟ ! ନୁହେଁ ? ଇଡ଼ିଅଟ୍ । ଆରେ ଆମେ କୁରା, ଯେ ଆମକୁ ଯେମିତି କାମରେ ଲଗେଇବ, କିଏ କହିବ ଘାସ କାଟ, କିଏ କହିବ ଗଣ୍ଡି କାଟ । ଆମେ ପାଗ ହୋଇଥିବା କାଠ, ଝଡ଼ରେ ଭାଙ୍ଗିବୁ ନାହିଁ, ପାଣିରେ ଫୁଲିବୁ ନାହିଁ, ଏଠି ହୃଦୟ କ'ଣ ?"

ଖାତାରେ ଲେଖି ରଖିଥିଲା ବଳୀଦତ୍ତ, ଲାଗିଥିଲା ଏ ଗୋଟାଏ ଦାମୀ ଦର୍ଶନ-ଶାସ୍ତ୍ରର ବ୍ୟାଖ୍ୟା, ଅଥବା କବିତା ଏ ଗଦ୍ୟରେ ।

କିନ୍ତୁ ବ୍ୟାଖ୍ୟା ମିଷ୍ଟର୍ ଶ'ଙ୍କ ଖାପେନାହିଁ । କିଛି ଦୂରରେ, ଯେତେବେଳେ ଗୋଟିଏ ଡିପୋ ଦୁଆରମୁହଁ ପାଖେ କାର ଅଟକି ଥିଲା, ସେଇଁ ଡିପୋ ମଧ୍ୟ ଏ ଗସ୍ତରେ ବଡ଼ ସାହେବ ତଦାରଖ କରିବା କଥା ଓ କର୍ମଗୃହସ୍ଥ ଢେଙ୍ଗା ନର୍ସିଂହ ଦୋରା ଧାଇଁଆସି ମୁଣ୍ଡରୁ ପଗଡ଼ି ଫିଟେଇ ଗାଡ଼ି ପିଠିରୁ ଧୂଳି ପୋଛି ପକେଇଲେ, ସଙ୍ଗେ ସଙ୍ଗେ ତାଙ୍କର ଲୋକ ଗାଡ଼ି କବାଟବାଟେ ପଛ ଅଧକରେ ଭର୍ତ୍ତି କରିଦେଲେ ଟୋକେଇ ଟୋକେଇ କମଳା ଲେମ୍ବୁ, କାନ୍ଧ କାନ୍ଧ ପାଚିଲା କଦଳୀ, କେତୋଟି ହାଣ୍ଡି ମୁଣ୍ଡା ଛେନା । ସେହି ଗାଡ଼ିରେ ଥାଇ ସାହେବ୍ ପଚାରିଲେ,—"କେମିତି ଅଛ, ଦୋରା,—ଭଲ ଚାଲିଚି ତ ?"

"ହଜୁର୍ ।"

"ଆଚ୍ଛା, ଖାତାଟା ଦିଅ ।"

ଗାଡ଼ିରେ ଥାଇ ଶ' ଯାଞ୍ଚ୍ ବିବୃତି ଲେଖିଦେଲେ । ସବୁ ଠିକ୍, ନର୍ସିଂହ ଦୋରା ଖୁବ୍ କାର୍ଯ୍ୟପଟୁ । ଗାଡ଼ି ଚାଲିଗଲା ।

ପୁଣି—ଚ୍ଛିର ଲେଉଟାଣିବେଳେ ଗୋଟାଏ ହତଶ୍ରୀ କାର୍ଯ୍ୟଅଞ୍ଚଳକୁ ଦୃଷ୍ଟି ଏପାଖ ସେପାଖ ହେଉଥିବା ପଲ ପଲ କୁଲିଦଳଙ୍କୁ ଲକ୍ଷ୍ୟ କରି ସାହେବ୍‌ଙ୍କ ମନକୁ ଆସିଲାଭଳି ଯେତେବେଳେ ବଳୀଦତ୍ତ ଯୋଡ଼ିଦେଇଥିଲା, "ଖାଲି ଏପାଖ ସେପାଖ ହଉଚନ୍ତି, ନନ୍ନମା ଲୋକ୍ ଗୁଡ଼ାକ, ବୋଧହୁଏ ବରଗିବା ଲୋକ ସେଡ଼େ ତତ୍ପର ନୁହେଁ..."

Digitized by srujanika@gmail.com

ଅନ୍ୟମନସ୍କ ରହି ଦୂରକୁ ଗ୍ୱହିଁ ହଠାତ୍ ଶ' କହିଲେ,—"ତମର ବୁଦ୍ଧି ନାହିଁ । ତମର ଜାଣିରଖିବା ଉଚିତ, ଏଇ କୁଳପତିଙ୍କ ପାଇଁ ଆମର ଦାନାପାଣି—"

ମଉଳା ଝରା-ଚ୍ଛଇରେ କେଡ଼େ ମ୍ଲାନ ଦିଶୁଥିଲ ତାଙ୍କ ମୁହଁ, ସତେ ଅବା କୁଳପତିଙ୍କ ହିତସାଧକର ଝାଳ ସେଠି, ମନୁଷ୍ୟଙ୍କ ହତାଶା ଦୀର୍ଘଶ୍ୱାସର ସେତେ କଳାପୋଡ଼ା । ମନ୍ତ୍ରମୁଗ୍ଧିଙ୍କ ଅନାଗତ କଳ୍ପନାର ଅଦ୍ଭୁତ ପରି ଗମ୍ଭୀର ବାଣୀ ଶୁଣାଇ ମିଷ୍ଟର୍ ଶ' କହିଲେ,—

"ତୁମେ ମୂର୍ଖ, ତୁମେ ପରର ପେଟପିଠିର କଥା ବୁଝ ନାହିଁ, ତୁମେ ଗ୍ୱହଁ ଲଭ ଅଳ୍ପ ଫାଉ, ତେଣୁ ତୁମର ସବୁ ମତାମତ ଖାଲି ସ୍ୱାର୍ଥପର ନାଦୁଅ ଅବୁଝା କଥା; କିନ୍ତୁ କାହାପାଇଁ ତୁମର ଗୁଳକଣ ? କାହାର ଭ୍ରମରେ ଏଡ଼େ ବଡ଼ କୁମ୍ଭୀମା ? ଜାଣ ତୁମେ ? ଜାଣିବାକୁ ଚେଷ୍ଟାକରଚ ? ଏଇ ଅବୁଝାମଣା ନେତୃତ୍ୱଯୋଗୁଁ ଯେତେ ଅଶାନ୍ତ ବଢ଼ି ଉଠୁଚ, ତୁମେ ଦେଖୁନା, ଅଶାନ୍ତରେ ବଢ଼ି ଉଠୁଚ୍ଚ ତୋଫାନ, ସେଇ ତୋଫାନ ବଡ଼ ହେଲେ ସବୁ ସଂସ୍ଥା ଓଲଟେଇ ଛନ୍‌ଛତର କରବ । ସେତେବେଳେ କୋଉଠି ରହିବ ତୁମେ ? ଭାବଚ କେବେ ? କାମିକା ଲୋକ ଅନ୍ତତଃ ତୁମଠୁଁ ଦାବୀ କରେ ଉପଦ ମିଠା କଥା, ଟିକଏ ସହାନୁଭୂତି, ତା ତୁମେ ଦବନାହିଁ, ତଥାପି ତୁମେ ହେବ ଅଫିସର୍ !"

ଆଉ ବଲୀଦତ୍ତ ଚେଷ୍ଟାକରନାହିଁ, ପଦେ କହିଲେ ଶ' କହନ୍ତ ଠିକ୍ ଓଲଟା । ବୋଧହୁଏ ତଳଆ କର୍ମଗ୍ୱରୀର ମତର ଠିକ୍ ବିପରୀତ କଥା କହି ତାକୁ ମୁହେଁ ମୁହେଁ ମାଡ଼ଦେବା ଉପରକର ଗୋଟାଏ ଉପାୟ ।

ମନେ ମନେ ଚିପି ରଖେ ବଲୀଦତ୍ତ; କିନ୍ତୁ ସେ ଦେଖିଛି, କାମ ଉପରେ କାହାକୁ ମୁହାଁମୁହିଁ ଉପଦ ଝାଡ଼ଦେବା ତା ପ୍ରକୃତିରେ ସମ୍ଭବ ହୁଏନାହିଁ । ପରର ବ୍ୟକ୍ତିତ୍ୱ ତା ଉପରେ ମାଡ଼ ବସେ, ଯାହା ସେ ବିରୋଧ କରେ, କରେ ଲେଖା-ଲେଖିରେ, କଥାରେ ନୁହେଁ ।

ଶ' ପାଖେ ଗୁମ୍‌ହୋଇ ବାକି ବାଟତକ । ସେ ଭାବିବାକୁ ଚେଷ୍ଟାକଲା, ଅଦ୍ଭୁତ ଏହି ଶ' ! ଗୋଟାଏ ବାଟରେ ଭିନ୍ନ ଭିନ୍ନ ପରିସ୍ଥିତିରେ ଭିନ୍ନ ଭିନ୍ନ ତାଙ୍କର ରୂପ, ଅଥଚ ମଣିଷ ସେହି ଗୋଟାଏ । କାମ କଲେ ସୁଦ୍ଧା କାମ ନ ହେଲା ବୋଲି ଗାଳି ଦେଇପାରେ, କାମ ନ କଲେ ସୁଦ୍ଧା ସହାନୁଭୂତି ଅଜାଡ଼ି ଦେଇପାରେ । ହୋଇପାରେ ଉଗ୍ରମୂର୍ତ୍ତି ବାଘ,—ପୁଣି ନିର୍ବନ୍ଧା ଦୋଷ ହିଡ଼ ଦୁଧଦିଆ କାମଧେନୁ, —ଜଣେ ମାତ୍ର ସେହି ଲୋକ ।

ବଲୀଦତ୍ତର ଭାବର ଖିଅ ଅଡ଼ୁଆ ହୋଇଯାଏ,—ନାଁ, ବୁଝି ସେ ପାଏନାହିଁ । ସାଫଲ୍ୟର ଦିଗୁ ସୂତ୍ର ଦିଗୁଁ ପୋଥିଗତ ବିଦ୍ୟା ଅଚଳ ଏଠି, ଗୋଟାଏ

Digitized by srujanika@gmail.com

ଗୋଟାଏ ଶ'ଙ୍କ ମୁହାଁମୁହିଁ ହୋଇ । ଶୁଣିଥିଲା ସେ ଏହି ନାମଜଣା ପ୍ରତାପାନ୍ୱିତ କମ୍ପାନୀ-ଶାସକମାନଙ୍କ କଥା, ଲୋକେ କହନ୍ତି,—ଏମାନେ ଏପରି ତାଲିମ୍, ଅବସ୍ଥା ଯାହା ପଡ଼ୁ, ସେହି ଅନୁସାରେ ଭିନ୍ନ ଭିନ୍ନ ମୁଖା ପିନ୍ଧି ବର୍ଷାଆଡ଼କୁ ଛତା ଦେଖେଇ ନୂଆ ନୂଆ ଅଭିନୟ ଦେଖାଇ କାମ ଚଳାଇନେବେ ।

ସେମାନେ ମେରୁଦଣ୍ଡର ବଡ଼େଇ କରନ୍ତିନାହିଁ, କରନ୍ତି ନାହିଁ ନ୍ୟାସ୍ଯ-ମାତର,—ସେ ବି କରେ ନାହିଁ; କିନ୍ତୁ ତଥାପି ତାର ବୃଦ୍ଧାମଣା ବାକି ରହିଯାଏ, ସେ ସ୍ତରକୁ ସେ ଉଠିପାରେନାହିଁ, ଶ' ମାଡ଼ିପଡ଼ନ୍ତି ।

ତଥାପି ଏହି ପାରିପାର୍ଶ୍ୱିକ ଅବସ୍ଥାର ତଳେ ତଳେ ସେ ତାର ସାତ ପାଞ୍ଚର ପସରା ମେଲାଉଏ, ମେଲାଉଏ ଚକର ଖେଳ । ଚିନ୍ତା, ଯୋଜନା ଗୋଟାଏ ଭାଙ୍ଗୁଛି, ଆଉ ଗୋଟାଏ ଗଢ଼ୁଛି, ଠେଲିପେଲି ହୋଇ ମାଡ଼ିଚାଲିଛି ଆଗକୁ । ଯତେକ ଗୋଟାଏ ଅନ୍ଧ କୀଟ, ମାଟି ତଳେ ତଳେ ଖୋଳା-ଖୋଳିକା ତାର କାମ, ଏପାଖ ସେପାଖ । ଏଠୁ ଫେରି ପୁଣି ସେପାଖ, ତାଡ଼ି ଚାଲିଛି, ତାଡ଼ି ଚାଲିଛି ସେହି ତାର ଜୀବନର ନିୟମ ।

ହଠାତ୍ ଦିନେ ମିଷ୍ଟର୍ ଶ'ଙ୍କ ବଦଳି,—କମ୍ପାନୀର ଚାକିରିଆ ମହଲରେ ସେ ଗୋଟିଏ ଇତିହାସ । ବାହାରର ଲୋକ ବୁଝିବ ନାହିଁ ତାର ଗୁରୁତ୍ୱ, ବୁଝିବେ ନାହିଁ ନଗରବାସୀ, ମଫସଲର ଚାଷୀ, ଦେଶର ଜନସାଧାରଣ । ବାହାର ଲୋକର ଦୃଷ୍ଟି ଖାଲି ଦେଖେ କଳ ଚାଲିଥାଏ, ଦୁନିଆର ଯେଉଁ କଣରେ ଦେଖିଲେ ଚାଲି ରହିଥାଏ ଯେଉଁ ପ୍ରକାର ହେଲେ କଳ, ଚେମେଣିର ଧୂଆଁ ବନ୍ଦ ହୁଏ ନାହିଁ, ଯନ୍ତ୍ରର ଶବ୍ଦ ସଙ୍ଗୀତ ହୁଏ ନାହିଁ, ହାତ ଖାଲି ହୁଏ ନାହିଁ । ଏମିତି ଚାଲିଥାଏ କେତେଠି କେତେ କଥା, ଜଣେ ଯାଏ ଆଉ ଜଣେ ଆସେ, ଶୂନ୍ୟ ବିରୋଧୀ ପ୍ରକୃତି ସବୁବେଳେ ଥାଏ ପୂର୍ଣ୍ଣ । ବାପୁ ପଣ୍ଡା ନ ହେଲେ ପଣା ଗୋଳା ହେବନାହିଁ, ଏଭଳି ଯୁକ୍ତି ସତ ହୁଏନାହିଁ କେଉଁଠି ।

ଲୋକେ ଜନ୍ମ ହୋଇଛନ୍ତି, ଗଢ଼ିଛନ୍ତି ଇତିହାସ । ଇତିହାସର ନିର୍ମିକ ସୂଅରେ ଆଉଟି ହୋଇଯାଇଛି ସେମାନଙ୍କ ସତ୍ତା । ଆଉ ଯେଉଁମାନେ ନାଁ-ଡାକ୍ ହୋଇ ଜମେଇ ବସିଛନ୍ତି କେତୋଟି ବର୍ଷ,—ସେମାନେ ବି ବାପୁପଣ୍ଡା ନୁହନ୍ତି, ସେମାନେ ଜନ୍ମ ନ ହୋଇଥିଲେ ବି ନିତି ସକାଳୁ ସୂର୍ଯ୍ୟ ଉଇଁଥାନ୍ତା, ପୃଥିବୀ ଥାଆନ୍ତା ଶସ୍ୟଶ୍ୟାମଳା, ବୈଚିତ୍ର୍ୟମୟୀ । ଏହି ମଣିଷ ଥାଆନ୍ତେ, ଥାଆନ୍ତା ଏହିସବୁ ହସ-

ଭାବର ମନୁଷ୍ୟଜୀବନ, ପଶୁଦେବତା ମିଶାମିଶି ମଣିଷର ସମାଜ, ପିଲାଏ ଧୂଳିଖେଳ ଖେଳନ୍ତେ, ବଡ଼ବଡ଼ିଆ ଘର କରନ୍ତେ, ବୁଢ଼ା ଲୋକେ ମାଳା ଗଡ଼ାନ୍ତେ ।

ହୁଏତ ବଳି କହୁଥାନ୍ତା ଏପରି,—ବଳୀଦାଉ ଭାବିପାରେ,—ଆଗ୍ରମ ଚୌକିରେ ଢ଼ିଲେଇ ହୋଇ ବସି ଅଧାବୁଜା ଆଖିରେ ସଣ୍ଡୁଦାଙ୍କ ମୁହଁକୁ ଅନେଇ ଗହୀ ବଡ଼ ଦମେ ଓଠାର ନେଇ ଅତି ସଂକ୍ଷେପରେ ସେ କହନ୍ତା—

"ବଦଳି ନା ଫଦଳି, ନଥିଂ ମ୍ୟାଟର୍ସ୍ । କଣ୍ଠି ମଲେ ପାଞ୍ଚ, ଅର୍ଜ୍ଜୁନ ମଲେ ପାଞ୍ଚ, ଅମର କି ଯାଏ ?"

କିନ୍ତୁ ବଳିର ଭାବିବା ଭଙ୍ଗୀ ନୁହେଁ ସାଧାରଣ ଲୋକର, ବଳିର ସବୁଦିନେ ହୁଏ ଓଭରଗୋଲ ବା କର୍ ନର୍, ତେଣୁ ସେ ଉତ୍କଣ୍ଠ ।

ସାଫଲ୍ୟ ଆହରଣର ସମାସୋଚ୍ ମୁକ୍ତ ପ୍ରତିଦ୍ୱନ୍ଦ୍ୱିତା ଭିତରେ ବଳୀଦାଉ ଭୁଲିପାରେ ନାହିଁ ବଳିକୁ, ଆଶା ପୋଷେ, ଦିନେ ବଳିକୁ ଶିଷ୍ୟପରି ସେ ପଢ଼ାଇବ, ବେଶି ଡେରି ନାହିଁ ସେ ଦିନ ଏବଂ ଏହି—ବଡ଼ସାହେବଙ୍କ ଐତିହାସିକ ସ୍ଥାନାନ୍ତର ସଂପର୍କରେ ଯେଉଁ ବିଦ୍ୟୁତ୍ ଝଲସିତ ବାତାବରଣ,—ତାହାର ତଳେ ତଳେ ନିଜେ ପହଁରି ଗଲାବେଳେ ବାରମ୍ବାର ମନେ ପଡ଼େ ବଳି,—କେତେବେଳେ ତା ପ୍ରତି ଅନୁକମ୍ପା କରିବାକୁ, କେତେବେଳେ ବା ତା ମତର ଭ୍ରାନ୍ତି ମନେ ପକାଇ ନିଜ ମତର ଉତ୍କର୍ଷ ଅନୁଭବ କରିବାକୁ ।

ବଡ଼ସାହେବଙ୍କ ବଦଳି । ଖେଳଗଲା ବାର୍ତ୍ତା । ଗମ୍ଭୀର ସମ୍ବାଦ । ଯେତେଠି ଦୁଇ ଚାକିରିଆ ବନ୍ଧୁ ଏକାଠି ହେଲେ ସେଇ ଚର୍ଚ୍ଚା । ବଡ଼ ସାହେବ ଯିବେ, କାହାପାଇଁ ଲେଖିଯିବେ ଦୁଇ କଲମ ପ୍ରଶଂସା—କାହା ପାଇଁ ନିନ୍ଦା, କାହାର ଭାଗ୍ୟ କମିବ କାହା ପକ୍ଷରେ କଣ ପଡ଼ିବ । ବଡ଼ସାହେବ୍ ଯିବେ, ସେହି ଅନୁସାରେ କାହାର କ୍ଷମତା ବଢ଼ିବ, କାହାର କମିବ,—କଣକର ବା କୌଣସି ଗୋଟିଏ ଦଳର । ଦାନାପାଣିର ଯୋଜନାରେ ଭିନ୍ନ ଭିନ୍ନ କ୍ଷମତା-ଗୋଷ୍ଠୀ ହଠାତ୍ ଚହଲି ଉଠିଛି । ମହୁଫେଣାରେ ଟେକା, ଧାଉଁ ଧାଉଁ ସମସ୍ତେ ।

କିନ୍ତୁ କେବଳ ବଡ଼ସାହେବ ଯିବେ ବୋଲି ନୁହେଁ,—ଆଉ ଜଣେ ଆସିବେ । ଆସିବା ଲୋକ ବିଷୟରେ ନାନାପ୍ରକାର କଳ୍ପନାକଳ୍ପନା, ତାଙ୍କର ଚେହେରା, ତାଙ୍କର ଚରିତ୍ର, ଅଭ୍ୟାସ, ଭଲ-ମନ୍ଦ ପ୍ରତ୍ୟେକ ବିଷୟରେ ଯଥାସମ୍ଭବ ଗବେଷଣା । ପୁରୁଣା ଯାଇ ନୂଆ ଆସିବ, ଭାବିଲେ ମନରେ ଆନନ୍ଦ ହିଁ ଆସେ । ଏ ଦାସ-ମନର ପରିବର୍ତ୍ତନକାମୀ ଆନନ୍ଦ । ହୋଇପାରେ ସେ ନିର୍ବୋଧ,—ବିଶାଳ ବିଶ୍ଳେଷଣ ଦୃଷ୍ଟିରୁ, କିନ୍ତୁ ଆନନ୍ଦର ହେତୁ ସମସ୍ତିଙ୍କର ସମାନ ନୁହେଁ ।

ଚିରଦିନ ସୃଷ୍ଟି ହୋଇ ରହିବା ଯେଉଁମାନଙ୍କ ଜୀବନର ବିଶିଷ୍ଟତା, ପରର ସ୍ୱେଚ୍ଛାଗୁରୁ ତଳେ ଅଥବା ନିୟମ ଓ ଶୃଙ୍ଖଳାର ପରିଆବି ଦେଇ ପରର ହାକିମାଣ

Digitized by srujanika@gmail.com

ଚଳେ, ପରର ଜୁଲମ ଚଳେ,—ସେ ସ୍ୱାଧୀନଭାବେ ବସିବାକୁ ମନକଲେ, ଆଉ ଏଣିକି ତେଣିକି ଚାହିଁଆସେ କିଏ କେଉଁଠି ଅଛି କି ନାହିଁ, ସ୍ୱାଧୀନଭାବେ ଭାବି-ବସିଲେ ବାରମ୍ବାର ଚିତ୍ତ ବୁଲି ବୁଲି କର୍ମେ, ଦାନାପାଣି-ସଙ୍ଗଠନର ଶାସ୍ତ୍ରୀୟ ନିୟମ ଭଙ୍ଗ ହେଲା କି ନାହିଁ ଭାବି ଭାବି, ପଥରତଳେ ସେହି ହଳଦିଆ ପଡ଼ିଥିବା ସରୁ ଘାସ,— ସେ କଳାବସେ ନାହିଁ ନୂଆ ପଥର ଭଲ କି ପୁରୁଣା ପଥର ଭଲ ଥିଲା—ତାର ମନ ଭିତରର ରୁଦ୍ଧରଖା ଅକୁହା ବିପ୍ଳବ ନିଃଶବ୍ଦରେ ନିଜକୁ ପ୍ରକାଶ କରିବସେ ଗୋଟାଏ ସାମାନ୍ୟ ଅଗ୍ରହରେ,—ପରିସ୍ଥିତିର ପରିବର୍ତ୍ତନ ।

ତେଣୁ ନୂଆ ସାହେବ୍ ନ ଆସୁଣୁ ତାଙ୍କ ପ୍ରତି ଗୋଟାଏ ଆଶାବାଦୀ ସମର୍ଥନ, ସମସ୍ତେ ଚଞ୍ଚଳ ।

ଅତି ପୁରୁଣା ସାହେବ୍‌ଙ୍କ ପ୍ରତି ବ୍ୟବହାରରେ ଆହୁରି ଅଧିକ ଆନୁଗତ୍ୟ,— ମନ ଭିତରେ ଭୟ ଅଛି ଯେ ତାଙ୍କ ହାତରୁ କଲମ ଛୁଟିନାହିଁ,—କେତେବେଳେ କେଉଁ କଥା,— ଶେଷଯାକେ ତାଙ୍କର ଶକ୍ତି ଅଛି ଶେଷ କାମୁଡ଼ା ଦେଇ ଯିବାକୁ, କାଗଜରେ ଦୋ'ଟି ଧାଡ଼ି,—ଗୋଟାଏ ଜୀବନ ଶେଷ ।

କାମ କରି ଯାଉଛନ୍ତି ମିଷ୍ଟର ଶ',— ସମାନ ଦର୍ପରେ, ବରଂ ଦ୍ୱିଗୁଣିତ ଦର୍ପରେ,—ଦୂରରୁ ଚାହିଁଲେ ଭକ୍ତି ହୁଏ,—କେଡ଼େ କର୍ଟିକାର ଏ ଉପାସକ ଜାତି ! ନାଁ ଦସ୍ତଖତ କରି ଚାର୍ଜ ବୁଝେଇ ଚାଲିଯିବାଯାକେ ସବୁ "ମୋର ମୋର", ଶିଥିଳତା ନାହିଁ, ଔଦାସୀନ୍ୟ ନାହିଁ । ଲମ୍ବା ଗୁଞ୍ଜରେ ମଣିଷ,—ସତେ ତ,—ସାକ୍ଷାତ୍ ଇସ୍ପାତ୍ । ବଳୀଦେଓ ଦାସ ନିଜ ମତ ସହିତ ପରର ମତ ମିଳାଏ, ଦୁଇ ଦୁଇ ହୋଇ ଲୋକେ ସାବାସ୍ କରନ୍ତି,- "ଠିକ୍, ଏଇଥିପାଇଁ ତ, ଏମାନଙ୍କର କାମ ଚାଲି ଆସିଛି ପୁରୁଷରୁ ପୁରୁଷ, ହଜାର ଘଟିଛି ଯିନା, ବିଗିଡ଼ି ନାହିଁ । ମଣିଷ ଏମିତି ହେବା ଦରକାର । ଏଠି କ'ଣ ସେଠି କ'ଣ ? ସବୁଠି ଦାୟିତ୍ୱ ପଡ଼ିଛି । ଚାଳକ ଓ ଚାଳିତର ତାରତମ୍ୟ ଏହି ଦାୟିତ୍ୱ ନେଇବାର ମନ ସେନି, ବେଶି କାମ କରିବାର ନୁହେଁ ।"

ଅଣ୍ଡାଳିଙ୍ଗ ଲାଗିଛନ୍ତି ଅନେକ,—ମିଷ୍ଟର ଶ'ଙ୍କ ସୁବିଧା ଅସୁବିଧା ବୁଝିବାରେ ବଦଳି କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିବାରେ । ନୂଆ ବାକ୍ସ, ପୁରୁଣା ଖଟ, ଟେବୁଲ ଆଦି ନିଲାମ ହେବ, ଆଲ୍ଲୁକୁଚ ମାଲୁକୁଚ ନିଲାମ ହେବ । ଯିବା ଜିନିଷପାଇଁ ଉପଯୁକ୍ତ ପ୍ୟାକିଂ, ପୁଣି ଗାଡ଼ି ବନ୍ଦୋବସ୍ତ, କୁଲି ବନ୍ଦୋବସ୍ତ, ଅନେକ ପ୍ରକାର ବନ୍ଦୋବସ୍ତ । ତା ଛଡ଼ା ଅବସର ସମସ୍ତ ଟିକିଏ ପାଇଲେ ବାଁରେଇ ହୋଇ ନଫର ନଫର ହେବା, ଦୃଷ୍ଟି ପଥରେ ପଡ଼ିବା,—ହୁଏତ ଶେଷ ଲେଖା ଲେଖିଲାବେଳେ ସେ ମନେ ରଖିଥିବେ,—ମନେ ମନେ ଏତିକି ମାଗୁଣି, ଭିଡ଼ ଫିଟାଇ କିଛି କହିବାକୁ ଇଚ୍ଛାକଲେ ମାଡ଼ିପଡ଼େ ।

ତଳେ ତଳେ ଏହି ଗତି, ଉପରେ କିଛି ନାହିଁ, ସବୁଦିନ ପରି କାମ ଚାଲିଛି ।

Digitized by srujanika@gmail.com

କାଲି ତିନ ଆସିଲା, ନୂଆ ସାହେବ୍ ପହଞ୍ଚିଲେ । ଡକ ଡକ ଗୋରା ଢେଙ୍ଗା ଢେଣ୍ଡା ଲୋକ, ମିଷ୍ଟର ଶର୍ମା । କଥାରେ ଧରଣରେ ବିଦେଶୀ ଛାଞ୍ଚ, ବଡ଼ ମଟର ଗାଡ଼ି । ସଞ୍ଜ ପୂର୍ବରୁ ଅଫିସ ଘର ଆଗରେ ଗୋଟିଏ ଶ୍ରେଷ୍ଠ ଅନୁଷ୍ଠାନ, ପୁରୁଣାଙ୍କୁ ବିଦାୟ, ନୂଆଙ୍କୁ ସମ୍ବର୍ଦ୍ଧନା । ମାନତା ଓ ଆସନ ବିଧି ଅନୁଯାରେ ସ୍ୱା ପରେ ଯେ ଖଞ୍ଜା ହୋଇ ଚୌକିରେ ବସି ତଳେ ବସି ପଛରେ ଠିଆହୋଇ ଫଟୋର ଆୟୋଜନ, ଦୁଇ ସାହେବଙ୍କ ବେକରେ ଦୁଇଟି ମୋଟା ମୋଟା ମାଳ । “ହେଁ ବସନ୍ତ ଟିକିଏ,—ଏକ-ଦୁଇ-ତିନ—” ଫଟୋଗ୍ରାଫର ଘୋଡ଼ା ଟିପିଦେଲା, ସାଇତା ହୋଇ ରହିଲା ଗୋଟାଏ ମୁହୂର୍ତ୍ତ । ତା ପରେ ଫଟୋଗୁଡ଼ିକ ଆସିବ, ବଣ୍ଟା ହେବ, କେଉଁଠି କାହା କାନ୍ଥରେ କାଚ ବନ୍ଧାହୋଇ ଟଙ୍ଗାହୋଇ ରହିବ । ଯେଉଁଥିରେ ଅଳନ୍ଧୁ ଲାଗିବ, ଝୁଲ ଚଢ଼ିବେ, ଧୋକ ବସା କରିବେ ।

ଭବିଷ୍ୟତରେ କେବେ କେବେ ହୁଏତ ସେହି ହେବ ଅତୀତର ସମ୍ବାଦ, ଲୋକଗହଳିରୁ ନିଜକୁ ଆବିଷ୍କାର କରିବେ କେ ।

କେବଳ ସେତିକି ।

ଫଟୋ ପରେ ଦୁଇ ସାହେବଙ୍କୁ ଏକାଠି କରି ଗୋଟିଏ ବିଦାୟ ସ୍ୱ ଅନୁଷ୍ଠାନ । ସେଠି ବି ମାନ୍ୟ ଅନୁପାତରେ ଆସନର ସାନ୍ନିଧ୍ୟ ବା ବ୍ୟବଧାନ ।

ଶ୍ରେଷ୍ଠ ଶ୍ରେଷ୍ଠ ବକ୍ତୃତା କେତୋଟି, ସେହି ଦାୟିତ୍ୱବ, ସ୍ୱରରେ ସେହି କୁଣ୍ଠା ।

ଗୋଟିଏ ପରିଚ୍ଛେଦର ସମାପ୍ତି, କିନ୍ତୁ ବ୍ୟବଚ୍ଛେଦ ନାହିଁ ।

ସମାନ ରହିଛି ଶିଂକୁଳି, ସେହିପରି ଟାଣ—ସେହିପରି ଥଣ୍ଡା ।

ନୂଆ ଯୁଗ,—ଶ’ ଗଲେ ଶର୍ମା ।

ପ୍ରଥମେ କେଇ ଦିନ ନୂଆ ଯୁଗର ହିଁ ବନ୍ଦନା, ଆଶାରେ ବସିବା ମଣିଷର ସ୍ୱଭାବ, ଆଶଙ୍କାରେ ନୁହେଁ ।

ପ୍ରଥମେ ଆରମ୍ଭ କଲେ ବଡ଼ବାବୁ,—ବସନ୍ତବାବୁ । ମତ ଉଠାଇ ହୁଏ ତାଙ୍କ ଟେବୁଲ ପାଖେ, କ୍ରମେ ବୃଷ୍ଟିହୋଇ ପଡ଼େ ଅଫିସସାକ ।

“ଦେଖିଲ ତ” ବସନ୍ତବାବୁ ଫୁସ୍‌ଫୁସ୍ କରି କହୁଛନ୍ତି ନରୁବାବୁଙ୍କୁ,— “ଅନ୍ଧାର ପକ୍ଷ ଗଲେ ଆଲୁଅ ପକ୍ଷ, ଏହା ସୃଷ୍ଟିର ନିୟମ । ଓଃ’ କଂସ ଗଲା, ପଡ଼ କଢ଼ିଲା, ବସୁଧାର ଭାର ହାଲୁକା ଲାଗୁନାହିଁ ?”

Digitized by srujanika@gmail.com

"ଓଃ, କି ମଣିଷ ଥିଲା ସେଇଟା ! ମଣିଷ ନୁହେଁ ତ ସାକ୍ଷାତ୍ ଅସୁର ! ସେତେଥର ଡାକରା ପଡ଼େ ସାହେବ ଡାକୁଚ, ସେତେଥର ମୋର ତ କମ୍ପାପାଣି ! କଥା କହିଲେ ଖାଲି ମାରେ କି ନମାରେ, କଥାପଦ ତ ଶୁଣେନାହିଁ, ଖାଲି ବଜ୍ର ତଡ଼ଘଡ଼, କେତେବେଳେ ଯେ କାହା ଉପରେ କୁଦା ମାରିବ ! ଯାଇଛନ୍ତି; ଯାଇଚ ସେ—"

"କମି ଅପମାନ !" ବସନ୍ତବାବୁ କହିଲେ, ଖାଲି ଚାକିରି କରୁଛେ ବୋଲି ସିନା, କଣ କରିବା, ମୁଣ୍ଡ ତ ବିକିଛେ, ସବୁ ସହିବାକୁ ପଡ଼ିବ । ତେବେ, ଭଗବାନ ବଡ଼ଲୋକ, ସବୁଦିନେ ସବୁ ଅବସ୍ଥା ନ ଥାଏ, ଯେତେ ଦିନ ଥିଲା ଗଲା, ଆଉ ଏଣିକି ନାହିଁ । ଅଲଗ୍ଣା ଯୋଉ ସାହେବ୍, ଭଦ୍ରତାରେ ମଣିଷଙ୍କୁ କିଣିନେବେ । ହୁଜୁରୁ ଆଉ ଗାଳି-ଫୌଜତର ଦିନ ଗଲା ଚାଲି । ମଣିଷ ନିଃଶ୍ୱାସ ମାରିବ ।"

"ଗଲା ଲୋକଟେ ଥିଲା, ସାକ୍ଷାତ୍ ଜନ୍ତୁ । ସେ ତ କେଡ଼େ ଭଲ—"

"ସେ ଆଉ ସେ !—" ବସନ୍ତବାବୁ କହିଲେ,—"କାହିଁ ରାଣୀ, କାହିଁ ଚନ୍ଦ୍ରକାଣୀ । ଅସଲ ମଣିଷର ମୂଳଦୁଆରେ ଅଛି । ସେ ହେଲେ ଖାନ୍‌ଦାନ୍ ଘର ପିଲା, ଦେଖିଲୁଁ ଆଉ୍‌ଡାରୁ । ଚାକିରି ସ୍ୱାଙ୍କ ପକ୍ଷରେ ଖାଲି ସଉକ୍ । ଆଃ, ବଡ଼ଲୋକ, ମସ୍ତବଡ଼ ଲୋକ, ଘିଅ ଦୁଧରେ ଆଖେଇବା ଲୋକ—"

"ସ୍ୱାଙ୍କ ଦାନ୍ତମୂଳ ଚାହିଁଲେ ଯାହା ବାହାରିବ ସେ ତାର ଜନ୍ମଯାକରେ ସେମିତ ଦେଖିଥିବ କି ନାହିଁ ଖାଇବା ଜିନିଷ—" ନୁରୁବାବୁ କହିଲେ ।

"ବଡ଼ଲୋକ ଚେହେରା କହିଦବ । କି ଚେହେରା, କି କଥା । ଅରେ ଅନେଇଁ ଦେଲେ ମଣିଷଙ୍କୁ କିଣିନେବେ । ଯୋଗ୍ୟତା ବି ସେମିତ, ପାଠ ବି ସେମିତ, ନ ହେଲେ ଏତେ ଟୋକାଦିନୁ ଏଡ଼େ ବଡ଼ କାମର ଭାର ମଣିଷ ପାଏ !" ନା, ଏ ସମାଜରେ ଶ'ଙ୍କର ଆଉ ସ୍ଥାନ ନାହିଁ, ଯେପରିକି ସଢ଼ାପଚା କିଛି ଚାଲିଯାଇଛି, ରହି ଯାଇଛି ଖାଲି ତାର ଦୁର୍ଗନ୍ଧ, ଦିନାକେତେ ଏହି ଦୁର୍ଗନ୍ଧ ଉପରେ ଆଲୋଚନା, ତା ପରେ ସେ ବି ଅମୃଷିବ । ଆଉ ତାଙ୍କର ନାଁ ପଡ଼ିବନାହିଁ ।

ବର୍ତ୍ତମାନ ଶର୍ମା—

ହରିବାବୁ କହୁଛନ୍ତି ଶ୍ୟାମବାବୁଙ୍କୁ,—"ନୂଆ ସାହେବ୍ କେଡ଼େ ବୁଦ୍ଧିମାନ ଜାଣିଲଣି ନାଁ ? ସେ ଥିଲା ଗଧ, ଦିନରାତି ଖଟି ଖଟି ଫାଇଲ୍ ଶେଷ କରିପାରୁ ନ ଥିଲା । ସ୍ୱାଙ୍କର ସତେକି ସ୍ପର୍ଶ ମାତ୍ରେ କାମ ଶେଷ । ଅଫିସ୍‌ଯାକ ସମସ୍ତେ କୁହାକୋହି ହେଉଛନ୍ତି । ଫାଇଲ୍ ଗଲା ତ ଚଲେ ପଡ଼ିଲା ଠୋ କରି, ସାକ୍ଷାତ୍ ବିଜୁଳି । ସ୍ୱା ନା ସେ ଗ୍ରାସ୍ପ୍ । ଗୋଟାଏ ଗୋଟାଏ ଥାଆନ୍ତି ବୁଝେଇ ବୁଝେଇ ମୁଣ୍ଡରେ କିଛି ଗଲେ ନାହିଁ । ଆଉ ଜଣେ ଜଣେ,—ତମେ ପାଟି ଖୋଲି ଦି'ପଦ କଥା ନ କହୁଣୁ ସବୁ ବୁଝି ନେବେ—"

Digitized by srujanika@gmail.com

"ଜଣାପଡ଼ୁଛି ତ ସେଇଆ,—ଶ୍ୟାମବାବୁ ସାଁ' ଦେଲେ,—"କାଲି ତାଙ୍କ ଟେନିସ୍ ଖେଳ ଦେଖୁଥିଲି । ହସି ହସି କରି ହରେଇଥିଲେ ସମସ୍ତଙ୍କୁ । କି ମାଷ୍ଟର୍ଲି ଷ୍ଟ୍ରୋକ୍‌ସ ।"

ବଳୀଦତ୍ତ ବି କହିଥିଲା ସରୋଜନୀକୁ,—"ବୁଝିଲ, ସରୋଜ : ଆମର ଯେଉଁ ନୂଆ ସାହେବ୍ ଆସିଛନ୍ତି,—ଦେଖନ୍ତ ତୁମେ ତାଙ୍କୁ; ଟୋକା ଲୋକ, କାର୍ଯ୍ୟରେ ବିଚକ୍ଷଣ, ଆଉ କି ଭଦ୍ର ! କି ଭଦ୍ର ! ଏପରି ଲୋକ ଚାକିରିରେ ବେଶି ନାହାନ୍ତି । ନିଜେ କାମ କରି ଜାଣେ, ପରର ହୃଦୟ ଜାଣେ—"

"ସତେ !" ସରୋଜିନୀ ଅଣ୍ଟା କଲା ପରି ଛନ୍ଦୁଲେଇଲା,—ତାଙ୍କ ଆଣୁନ ଘରକୁ, ଛତ କଣ ?"

"ଏତେ ସାଧାରଣ ସେ, ଡାକିଦେଲେ ସତେରେ ଘରକୁ ଚାଲିଆସିବେ । ତୁମେ ଭାବୁଛ ମୁଁ ମିଛରେ କହୁଛି ? ସେ ସେମିତି ଲୋକ, ଅତି ମେଳାପି । ବାଟରେ ଲୋକଙ୍କୁ ଅଟକେଇ ପିଠି ଆପୁଡ଼େଇ ଦୁଃଖସୁଖ ପଚାରୁଛନ୍ତି, ଏଇ କେଇଟା ଦିନରେ ଲୋକେ କି ଭଲ ପାଉଛନ୍ତି ତାଙ୍କୁ । ବାସ୍ତବିକ୍, ଏମିତିରେ ଚାକିରି କରିବାରେ ସୁଖ ଅଛି ।"

"ଭଲ ହେଲା, ବହୁତ କଷ୍ଟ ପାଇଥିଲ, ଦିନାକେତେ ସୁଖ କର । ଆରେ ହର୍ଷା, ବାବୁଙ୍କୁ ଘଷି ଦେ ।"

ଖଟରେ ଗଡ଼ଚପଡ଼ଚ ହୋଇ ବଳୀଦତ୍ତ ଦାସ୍ ଆଖି ଆଗରେ ସୁଖ ଦେଖୁଥିଲା, ସେ ସୁଖରେ ଅଛି, ଭବିଷ୍ୟତ ଦିଶୁଛି-ଉଜ୍ଜ୍ୱଳ ।

କାଲିପରି ଲାଗୁଛି, ବହୁତ ବାଟ ଯେ ଆସିଲାଣି । ତା ପରେ ନୂଆ ସାହେବର ଅମାୟିକ ବ୍ୟବହାର, ସେ ଆଶାପ୍ରଦ ।

ଅଳସ ହୋଇ ଭାବି ଭାବି ନିଜର ଚାକିରିକୁ ସୁନ୍ଦର ରୂପ ଦେଉଥିଲା—ଚାକିରିଆ ଚାହେଁ କ'ଣ ? ଖାଲି ଅର୍ଥ-ଉନ୍ନତି ? ଅର୍ଥୋନ୍ନତି ଆଗ ଅବଶ୍ୟ, ନ ହେଲେ ସେ ଚାକିରି କରିଛି କାହିଁକି ? କଠୋର କର୍ତ୍ତବ୍ୟ ପାଳନକରି ସତ୍ୟ-ବ୍ରତର ଧ୍ୱଜା ଉଡ଼େଇବାକୁ ବଳୀଦତ୍ତ ଦାସ ପଘାରେ ବାନ୍ଧିଦେଇ ନାହିଁ ନିଜର ମନୀଷପଣ, ସେଥିପାଇଁ ଖଳି ନାହିଁ ନିଜର ଅସ୍ପୃଶ୍ୟ, ଦୁର୍ଲଭ ଏ ମଣିଷ ଜନ୍ମ । ସେ ମୂର୍ଖ ନୁହେଁ, ସେ ଧର୍ମଭ୍ରଷ୍ଟ ହୋଇନାହିଁ ।

ଅର୍ଥାଗମ ସଙ୍ଗେ ସଙ୍ଗେ ଡୁହାଇ ନୁହାଇ ବଢ଼ି ଯାଉଥାନ୍ତା ପଦ ଅନ୍ୟ ସମସ୍ତଙ୍କ ଟପି ଉପରକୁ ଉପରକୁ, ଆଁ କରି ଚାହିଁ ରହନ୍ତେ ଅନ୍ୟମାନେ, ବାରମ୍ବାର ଉନ୍ନତି ପାଇ ବାରମ୍ବାର ପ୍ରମାଣ କରି କରି ଯାଆନ୍ତା ନିଜର ବିଚକ୍ଷଣତା,—

ତା ସହିତ ଉପରିକର ମଧୁର ବ୍ୟବହାର, ବିଶ୍ୱାସ, ସମ୍ମାନ,—ଗୋଟାଏ ଆଶଙ୍କା-ଶୂନ୍ୟ ଆତଙ୍କ-ଶୂନ୍ୟ ସ୍ଥିତି । । ବେପରବାୟ ।

Digitized by srujanika@gmail.com

ଏଇ ନା ? ବଳୀବର୍ଦ୍ଦ ଶୋଉଛୁ । ହର୍ଷା ମୋଡ଼ିଦେଉଛୁ । ଦିନ ଶେଷରେ ଏଇ ତାର ଅଳସ ଆନନ୍ଦ ।

ବଳୀବର୍ଦ୍ଦର ଚେତନା ଗୋଳେଇ ଘୋଳେଇ ହୋଇ ଦେଖାଯାଉଥିଲା ଖଣ୍ଡ ଖଣ୍ଡ ଅନୁଭୂତ । ଆପଣାର ସୁଖ କଳ୍ପ କଳ୍ପ ଦିଶିଯାଉଥିଲା ପରର ଦୁଃଖ । ଅନେକ ଦେଖିଲଣି ସେ । ନିଜର ଅତୀତ ଓ ନିଜର ବର୍ତ୍ତମାନ ମଝିରେ ସ୍ତରକୁ ସ୍ତର ହୋଇ ପଡ଼ିଛି ରହିଛନ୍ତି ସେମାନେ—ନିର୍ଗୁଣ, ହତାଶ, ଦୁଃଖିତ, ଦୁଃସ୍ଥ । ଆଖି ବୁଜିଦେଲେ ସେହିମାନଙ୍କ କଳରବ ସତେକି ଶୁଭିଯାଏ । ସେମାନେ ଖଟିଛନ୍ତି, ଖଟିଛନ୍ତି, ପାଇ ନାହାନ୍ତି । ଅଛନ୍ତି ଅନେକେ ଯେଉଁମାନେ ନଇଁପଡ଼ି କାମ ହିଁ କରିଯାଉଛନ୍ତି ଆଜୀବନ, ଆଶା ରଖିଛନ୍ତି, କାମରୁ ଜନ୍ମିବ ଉଜ୍ଜ୍ୱଳ ଭବିଷ୍ୟତ, ସେଥିପାଇଁ ଯୋଜନା କରିବାକୁ ଫନ୍ଦି-ଫିକର ଭିଆଇବାକୁ ଫୁରସତ୍ ନାହିଁ । ଘରେ ସେହି ବାଉଁଶ ଅଳଗୁଣୀ, ଆସନ, ସେହି ସପ, ଖାଦ୍ୟ ସେହି ମୋଟା ବରଡ଼ା ଭାତ, ନିତ ସେହି ଅଭାବ, ଦରମା ଟି ମାସର ପାଞ୍ଚ ତାରିଖ ଗଡ଼ାଏ ନାହିଁ, ଖର୍ଚ୍ଚ ହୋଇଯାଏ, ତାପରେ କାଳବାସୀ । ସେହି ଫୁରୁ ଫୁରୁ ମୁଣ୍ଡ, ପିନ୍ଧିବାକୁ ଛିଣ୍ଡାଫଟା, ଆଖି ବୁଜିଲେ କାଳିକ ନାହିଁ, ଗୃକିର ତାଳଗଛ ଛୁଇଁ । ଆଉ ଯେଉଁମାନେ,—ଚିରକାଳ ଖାଲି ଫନ୍ଦି ଫିକର ହିଁ ଭାବିଛନ୍ତି, ପାଇନାହାନ୍ତି କିଛି ।

ଆଖି ଆଗରେ ଜ୍ୱଳନ୍ତ ଉଦାହରଣ ଗଣ୍ଡା ଗଣ୍ଡା । ହଇଜାରେ ମଲା ସୋମାସ୍ଥା ପଟ୍ଟନାୟକ । ଘରକୁ କରିଥିଲା ସତେକି କ୍ଲବ ଘର । ଆଜୀବନ ଖାଲି ଚର୍ଚ୍ଚା, ଚର୍ଚ୍ଚା ତୁମମାନଙ୍କର ବଡ଼ ଅଫିସରୁ ଯେ ଗୋଟିଏ ଆସିଲେ ଟିଙ୍କ ପରି ତା ଧିଏ ଧିଏ ଲାଗିଥାଏ, ପାନ, ଗୁ' ଜଳଖିଆ, ଭୋଜି ଭାତ, ନିଗ୍ରିଟିଆ ଦେଖିଲେ କରୁଣ ମିନତି,—"ମୋ କଥା ପଡ଼ିଥିଲା କି ? ବୁଝିଥିଲେ ମୋ କଥା ? କେବେ ହଉଛି ପ୍ରମୋସନ ? କିଏ କଣ କହୁଥିଲା ମୋ ବିଷୟରେ ? ନାଁ ଯାଇଛି ?" ଦିଶିଥାଏ ବୁଢ଼ା ସୋମାସ୍ଥା ପଟ୍ଟନାୟକଙ୍କ ଚେହେରା, ସରୁ ସରୁ ହାଡ଼ ନାଡ଼ ହୋଇ ତେଙ୍ଗା ଖଡ଼ଖଡ଼, ଯୌବନକାଳର ଫୁଲୁକା ପ୍ୟାଣ୍ଟ କୋଟ ସେଥିରେ ଝୁଲୁରହେ ଖଟିବାଡ଼ ଉପରେ ଧୋବାଘର ଲୁଗା ପରି । ପରେ ଦ୍ୱିତୀୟ ପକ୍ଷ,—କଖାରୁ ପରି ମଣିଷଟି, ସବୁବେଳେ ସାଜସଜ୍ଜା ହୋଇ ପ୍ରସ୍ତୁତ । ସୋମାସ୍ଥା ପଟ୍ଟନାୟକ ସହିତ ବନ୍ଧୁତା କରି ସହାନୁଭୂତି ଜଣାଇ ତାର ଆଶା ତେଜିବାକୁ ତା ଘରେ ବୈଠକ ଜମେଇବାକୁ ଆସନ୍ତି ଅନେକ, ମିଶିବାର ପଥନ ସହଜ କରିବାକୁ ଅନେକ 'ଧର୍ମ-ସମ୍ବନ୍ଧ ପାତନ୍ତି । ବଡ଼ଧନ ପଥନ ସହଜ କରିବାକୁ ଅନେକ' ଧର୍ମ-ସମ୍ବନ୍ଧ ପାତନ୍ତି । ବଡ଼ ଦିନ ଉତ୍ସବରେ ସୋମାସ୍ଥା ପଟ୍ଟନାୟକ ବଡ଼ ସାହେବମାନଙ୍କ ପାଖକୁ ଡାଲି ପଠାଏ, ମାଲି ଦିଏ—ବାଧ ବଳିତ ସବୁ କଥାକୁ ହଁ ସୋମାସ୍ଥା ପଟ୍ଟନାୟକ,—ହଇଜା ପରିସମାପ୍ତ କଲା ତାର ଜୀର୍ଣ୍ଣଶୀର୍ଣ୍ଣ ଶରୀରକୁ, ଆଶାରେ ମିଞ୍ଜି ମିଞ୍ଜି ତାର ଦୁର୍ଦ୍ଦଶାଗ୍ରସ୍ତ ଜୀବନ ହୁଏତ

Digitized by srujanika@gmail.com

ଶାନ୍ତ ପାଇଥିବ, ସେହି ତାର କେଉଁ ଉପଯୋଜନ ବନ୍ଦି ଆଡ଼ଙ୍କରେ ଅଣଯାଏ ବଳୀଦଉ ।

ସୋମନାଥ ପଟ୍ଟନାୟକ ଯାଉଛି ।

ଆଉ ତାର ସ୍ତ୍ରୀ,—ସେ ବ ଥିଲ ସୋମନାଥର ସାଫଲ୍ୟର ଆୟୁଧ ମଝରୁ ଗୋଟିଏ,—କ ଅବସ୍ଥା ହେଲ ତାର ! କେଉଁଠି ଥିବ ସେ ! ଯେଉଁମାନେ ତା ହାତର ପରଷା ଭୁଞ୍ଜିଥିଲେ, କେତେଦନ ମନେ ରଖିବେ ସେମାନେ !

ବଳୀଦଉ ଡାକ ଛାଡ଼ିଲ,—"ସରୋଜ ! ସରୋଜ !"

"କଣ କହୁଚ ?"

"ନା, କଛି ନାହିଁ—"

ଆଣାଭଙ୍ଗା ହାଡ଼ ଚମ ଥାଏ । କୁହୁଳଲା ପଣ ଆଖି । ସେ ନଅଁ ଜଳବ ନାହିଁ, କୁହୁଳ କୁହୁଳ ମରଯିବ । ପୋଲ ମଣିଷ, ଫମ୍ପା ମଣିଷ । ଫମ୍ପା ଘଡ଼ ପୂର୍ଣ୍ଣ ହେବନାହିଁ, ଦଦରା ହାଣ୍ଡି ଧନ ରଖିବନାହିଁ । ଚେତନାରେ ଖୁସି ଆସୁଛି ନଈପୂଅରେ ଉବେଇ ଟୁବେଇ ହାଣ୍ଡି ମାଲ ମାଲ,—ହାଣ୍ଡି ମାଠିଆ ଘଡ଼ା । ମାଲ ମାଲ ପଲ ପଲ ହୋଇ ଭସିଆସୁଛି, ଭସି ଚାଲିଯାଉଛି, ପୁଣି ଆସୁଛି । ଭସି ଚାଲିଛି କେଉଁ ବନ୍ଧାପାଣିର ଚେଲିଆ ନେଳ ଆଉ ଦାଲ, କୁଞ୍ଚିତ, ବାଉସ୍ତ, ମ୍ଳରଣରେ ପ୍ରେମ ଟାକ୍ରଣଉଠେ, ଚମ ପଛେଇ ଯାଇ ଶିରଶିରେଇ ଉଠେ । ଖଣ୍ଡିଆ ଖାବୁଡ଼ା ଦୋଖର ପଟୁଆର । ଖବଲେ ଲଗିରହେ ।

ଏଂକଟ୍ରଓ, ବନ୍ଧୁ,—କଣ କରୁଥିବେ ସେମାନେ ? ଟଙ୍କାକୁ ଦେଖ ପେର ଚୁଉଲ ଗଣୁଥିବେ ? କେତେଦୂର ସେମାନଙ୍କ ସାଫଲ୍ୟ ?

ଏଇ ସତ୍ତ୍ୱ । ଅବସ୍ଥା ପ୍ରତି ପାଗଳ ଉଦାସୀନ ବନ୍ଧୁ ବସି ବଞ୍ଚି ଟାଣୁଥିବ । ଖଣ୍ଡେ ବହି । ଏଇ ଅନ୍ଧାରରେ ବନ୍ଧୁର ଗ୍ଲେଟ ଘରେ ଆଲୁଅ ଜଳୁଥିବ ।

ଆଲୁଅ ଜଳୁଥିବ ।

ତାର କଛି ନ ଥିଲେ ବ ସେ ସୁଖର ଛଳନା କରେ । ଗଛମୂଳେ ଧୂନି ଜାଳି ବସି ପାଉଁଶବୋଳା ଲେଙ୍ଗୁଟିପିନ୍ଧା ବାବାଜି କରେ ସୁଖର ଛଳନା, କରେ ଭକାଶ, ମୂର୍ଖ ।

"ହେଇ ହର୍ଷା, କୋର୍‌ରେ, ଆହୁରି କୋର୍‌ରେ ।"

ଅଭାବ ଥିଲେ କ ସୁଖ ମିଳିପାରେ ମଣିଷକୁ ? ବାରମ୍ବାର ଖାଲି କଳେଇ ପକେଇବା, କଳେଇ ଘୋରହେଲେ ପୁଣି କଳେଇ, ଲୁଗା ଛିଣ୍ଡିଗଲେ ପୁଣି ତାଳି ।

ବରଷଣା ଧାର ପରି ବଳୀଦଉ ଦାସ ଉପରେ ଅଜାଡ଼ ହେଉଛି ଜୀବନର କଥା । ସେଥିରେ ବଣ୍ଟବଛ ନାହିଁ, ସଜାସଜ ନାହିଁ, ଅଜାଡ଼ି ହୋଇ ପଡ଼ୁଛି । ଆପଣା ଅଭିଜ୍ଞତାରେ ପରଖି ତିଆରି ହୋଇଛି ତାର ସବୁ ମାପବାଡ଼ି । ମାପି ଚାଲିଛି । ମୂର୍ଖ

Digitized by srujanika@gmail.com

ବଳୁ ଫମ୍ପା ପେଟରେ ହସିଦେଇ ହାଲୁଚିମାରେ; କିନ୍ତୁ ଯେଉଁମାନଙ୍କର ବହୁତ ଅଛୁ, ବହୁତ ଅର୍ଜିଛନ୍ତି, ବହୁତ ଯାଇଚଛନ୍ତି, ସେମାନେ ଅନେକେ ବ ନିଜକୁ ଅଭାଗା ମନେକରନ୍ତି ।

ରାୟସାହେବ୍,—ମହିଆଁ ସାହେବ୍ । ରାତରେ ନିଦ ହୁଏ ନାହିଁ, ଇନ୍‌ସୋମ୍ନିଆ । ରାତସାରା ପିଣ୍ଡାରେ ଆରାମ୍ ଚୌକି ଉପରେ ପଡ଼ି ଛଟପଟ । ପ୍ରକାଣ୍ଡ ଘଣ୍ଟି କହିଥା ଦଶିଲଣି । ସେ ଦିନ ସନ୍ଧ୍ୟାବେଳେ ବଳୀଦତ୍ତର ହାତ ଧରପକେଇ ପଡ଼ିଆରାକ ମାର୍ଚ୍ଚ କରି ଆପଣାର ଦୁଃଖ କହୁଥିଲେ । କମି ଦୁଃଖୀ ସେ ! ଦରମା ଅଧ ହୋଇ ମୋଟେ ତେରଶହ ଟଙ୍କା ମାସକୁ । ଇନ୍‌କମ୍‌ଟାକ୍‌ସ କାଟି ନିଅନ୍ତି ଜବରଦସ୍ତି । ଇନ୍‌ସ୍ୟୋରେନ୍‌ସ ପଲିସିରେ ପଳାଏ ପୁଳାଏ ଟଙ୍କା । ବଡ଼ ମଟର ଖଣ୍ଡକର ରକ୍ଷଣାବେକ୍ଷଣ ମାସକୁ ମାସ ଖାଇଯାଏ ଦୁଇଶ ଟଙ୍କା । କୋଠାଖଣ୍ଡେ ତିଆରି ହେଉଛୁ, ଯେଉଁ ପଡ଼ୁଛୁ ମସ୍ତବଡ଼ ଘଲଆ । ତାଛଡ଼ା ଘରଖର୍ଚ୍ଚ ଅଣ୍ଟିବ କେଉଁଠୁ ? ଅଣ୍ଟିବ କେଉଁଠୁ ? ଦୀର୍ଘଶ୍ୱାସରେ ବାରବାର କହୁହୁଅନ୍ତି ମୁଗୁରାମୁହଁ ମେଲ, – ମୁଗୁରା ମୁହଁ ମେଲ ।” ଖାଲି ସେହି ଦାରିଦ୍ର୍ୟ ପଞ୍ଚାକ୍ଷର—ଅସରନ୍ତି । ତା ଛଡ଼ା ଚାକିରିରେ ଅପମାନ । ଏକା ସାଙ୍ଗରେ ଚାକିରି ଆରମ୍ଭ କରି ମୀର୍ ମଦନ୍ ଖାଁ ହେଲେଣି ଖାଁ ବାହାଦୂର, ଅଥଚ ନିଜେ,—ବାହାଦୂର ପଦ ଆଜିପର୍ଯ୍ୟନ୍ତ ନିଜ କର୍ମକୁ ଜୁଟିଲ ନାହିଁ । ମୀର୍ ମଦନ୍ ଖାଁ ବଡ଼ସାହେବ୍ ପଦରେ ଅଫିସିଏଟ୍ କରିବା ଆରମ୍ଭ କଲେଣି । ନିଜେ ଯେଉଁଠି ସେଇଠି, ରାତରେ ନିଦ ହୁଏନି ଏଥିରେ ? ଘୁଙ୍ଗୁଡ଼ି ମାରିପାରେ କେବଳ ପଶୁ, ମଣିଷ କଣ ଭୁଲିଧାରେ ?

ମହିଆଁ ସାହେବ୍ ନିଜକୁ ଭାବନ୍ତି ଅତି ଦୁଃଖୀ ।

ତାଙ୍କ ତୁଣ୍ଡରେ ଦୁଃଖର ବର୍ଣ୍ଣନା ଶୁଣିଲେ ବଳୀଦତ୍ତର ମନେ ହୁଏ ପଡ଼ିଆ ମହିରେ ମୁଣ୍ଡରେ ହାତ ଦେଇ ବସି ଡକାପାରି କାନ୍ଦନ୍ତା ।

ଓଃ ସେ ଏଡ଼େ ଦୁଃଖୀ ! ଅଥଚ ବଳୁ ହସିପାରେ, ସ୍ଥିର ହୋଇ ବସି ସଣ୍ଢୁଦାଙ୍କ ବକ୍ତୃତା ଶୁଣିପାରେ, ସୁଖୀ ହେବା ମୂର୍ଖତାର ଚିହ୍ନ ।

ବଲେ ବଲେ ମନକୁ ମନ କହିହେଲ, ସେ ଅସୁଖୀ, ସେ ଅସୁଖୀ, ତାର ବହୁତ ବାଟ ଯିବା ବାକି ।

ପାଇ ନାହିଁ କିଛୁ । ହୁଏତ ଏଥର ମିଳିଯିବ, ଅନ୍ଧର ଉପରକୁ ଉଠିବାକୁ ;

ଯଦି ଭାଗ୍ୟ ପ୍ରସନ୍ନ ହେବ ।

ନୂଆ ସାହେବକୁ ହାତକରି ପାରିଲେ—

ଧୀରେ ହର୍ଷା ଗ୍ଭଲିଗଲ । ବାବୁ ଶୋଇପଡ଼ିବେଣି । “ଭାତ ବଢ଼ା ହେବ ?”—ଯବୋଜନା ପଗ୍ଭରିବାକୁ ଆସିଲ, ଦେଖିଲ ବଳୀଦତ୍ତ ନିଘୋଡ଼

Digitized by srujanika@gmail.com

ଛନ୍ଦରେ । ସମାନ ଛନ୍ଦରେ ଦ୍ରୁତ ଉଠୁଛି ପଡ଼ୁଛି, ଜୋରରେ ଘଣ୍ଟ ଘଣ୍ଟ । ଓଠ ବଙ୍କେଇ ସର୍ବୋଜ୍ଜନୀ ଠିଆହୋଇ ହସୁଥିଲି ।

ବାହାକୁ ଧରି ଜୋରରେ ଝାଙ୍କିଦେଇ କହିଲି—"ଉଠ ଉଠ, ସାତ ବଜା ହେବ ।"

ତରୁଣ ମିଷ୍ଟର୍ ଶର୍ମା ଏତେ ପ୍ରକାର ଅଯୋଗ୍ୟ ନ ଥିଲେ, କାରଣ ସେ ମଣିଷ ଏବଂ ଖାଲି ମଣିଷ ନୁହନ୍ତି, ମଣିଷର ତାରୁଣ୍ୟ ।

ମନର ଯୌବନ ଦେହର ଯୌବନ ଅତୁଟ ରଖେ ଯେ, ତାର ସମ୍ପଦ ନିଜେ ଜୀବନ,—ଆଖିରେ ପରଳ ନାହିଁ, ମନରେ ନାହିଁ ଖୋଲପା ଦାଗ କି ଘା, ଇନ୍ଦ୍ରିୟ ସଚେତ,—ଦେଖିବାକୁ, ଦେବାକୁ । ସେ ପଥରକୁଢ଼ ମଝିରେ ସରସ, ଗଜା ଗଛ, ସେଇ ତାର ଗର୍ବ, ସେଇ ତାର ଗୌରବ ।

ଏବଂ ଏଇ ଥିଲି ତାଙ୍କର ଧାରଣା ଅପଣା ବିଷୟରେ, ମୂଳରୁ । ଆପଣାର ବିନା ଇଚ୍ଛାରେ ବିନା ଚେଷ୍ଟାରେ ପଶ୍ଚିମ ଦେଶର କୌଣସି ବଡ଼ଘରର ଅଲଅଲ କୁମର ହୋଇ ତାଙ୍କର ଜନ୍ମ, କୃଷ୍ଟି ଖଣ୍ଡିକ ଢଙ୍ଗ କେମିତି ହୁଏ ସେ ବିଷୟରେ ମୁଣ୍ଡ ଝଟେଇବା କେବେ ଦରକାର ପଡ଼ିନାହିଁ, ନିଜେ କୃଷ୍ଟି ଖଣ୍ଡିକ ଢଙ୍ଗ କରିବା କଥା ଭାବିବା ତ ଦୂରର କଥା ।

ତା' ପରେ ଜୀବନ ବି ଚାଲିଗଲାଛି ପାହାଚେ ପାହାଚେ—ବିନା ଇଚ୍ଛାରେ, ବିନା ଚେଷ୍ଟାରେ । ପ୍ରଶ୍ନ ନ ପଚାରି ଆପତ୍ତି ନ କରି ତାଙ୍କ ପାଇଁ ବିଧିର ନିବନ୍ଧ ସେ ଆପଣାର କରି ଘେନିନେଇଛନ୍ତି, ଦେଖିଛନ୍ତି ସବୁ ମଙ୍ଗଳମୟ, ସବୁ ବିଧାନର ଉଦ୍ଦେଶ୍ୟ ଏକ,—ଆନନ୍ଦ ।

ଜନ୍ମରୁ ସାହେବ୍ ହେବାକୁ ପଡ଼ିଲା, ଯେଉଁ ଘରକୁ ତାଙ୍କର ଶୁଭାଗମନ ସେ ଘରେ ବାପାଙ୍କୁ ଡାକନ୍ତି ଡ୍ୟାଡ଼ି, ବୋଉକୁ ମମି । ବସିବା, ଖାଇବା, ଚାଲିବା ସବୁଥିରେ ସେ ଘରର ଅଛି କେତୋଟି ସଂସ୍କାର, ବାହାରର ଏ ସଂସ୍କାର ମାନିନେଲେ ତା' ପରେ ପଚାରିବାକୁ କେହି ନାହିଁ,—କି ଘରେ, କି ସାହେବୀ ଇସ୍କୁଲରେ । ତେଣୁ ଶିଶୁ ଦିନରୁ ପ୍ରଥମ ଶିକ୍ଷା,—ସଂସ୍କାର ମାନିବାକୁ ପଡ଼ିବ ଆଖି କାନ ବୁଜି,—ତାହାରି ନାଁ ଶୃଙ୍ଖଳା,—ଡିସିପ୍ଲିନ, ସେତିକି କରି ପାରିଲେ ତେଣିକି ମନ ଇଚ୍ଛା, ଅନ୍ତରରେ ସଂସ୍କାରପ୍ରିୟତା—ବ୍ୟବହାରରେ ସ୍ୱେଚ୍ଛାଚାର, ଯାହାର ସଂସ୍କୃତ ନାମ ବ୍ୟକ୍ତିବାଦ । ବାହାର ଗତର ଡିସିପ୍ଲିନ ଉହାଡ଼ରେ ମନ ଖୁସିରେ ଆପଣା ଛୁଟ ଜୀବନ,—ଅର୍ଥାତ୍ ତାଙ୍କ ଶ୍ରେଣୀର ମାର୍ଜିତ ଭାଷାରେ 'ବ୍ୟକ୍ତିତ୍ୱର ବିକାଶ' ।

Digitized by srujanika@gmail.com

ଏ ଉଭୟ କାର୍ଯ୍ୟରି ଘଟିଛୁ ଆପେ, ଅର୍ଥିକ ଅନଟନ ତାଙ୍କ ଜୀବନଉଡ଼ୀର ଯାଇତା ଖୋଳରେ ଠୋକର ପିଟିନାହିଁ, ତେଣୁ ସେ ବଢ଼ି ଉଠିଛନ୍ତି ଆପଣାର ବାଧ୍ୟ-ବନ୍ଧନରେ ସିଧାସଳଖ ।

ହିଁଚ ଶିକ୍ଷା — ସେ ବି ଅନାୟାସ, ସେ ବି ସଂସ୍କାର । ନିଜର ଜ୍ଞାନ-ପିପାସା ଥିଲା କି ନ ଥିଲା ସେ କେବେ କଷ୍ଟ କରି ଭାବିନାହାନ୍ତି । ଉଚ୍ଚଶିକ୍ଷା ତାଙ୍କ ସମାଜର ଉଙ୍ଗୀ, ସମସ୍ତିଙ୍କ ସେହି ଉଙ୍ଗୀରେ ଚାଲିବାକୁ ହୁଏ । ତେଣୁ ସେ ପଢ଼ାର ଉଦ୍ଦେଶ୍ୟ ନ ଥିଲା, ସମାଜର ଉଙ୍ଗୀ ସେପରି ନ ହୋଇଥିଲେ ଆବଶ୍ୟକ ବି ନ ଥାନ୍ତା । ସେ ଉଚ୍ଚଶିକ୍ଷାର ଚେହେରା ଘଟଣ ନିଜେ ପିନ୍ଧିଥିବା ପୋଷାକ ପରି, ବାପ ମା' ସେପରି ଲୋଡ଼ନ୍ତି, ସମାଜ ସେପରି ଲୋଡ଼େ, ତେଣୁ ।

ଚାକିରି,—ସେ ବି ଅନାୟାସ, ନିଜେ ଭାବିବା ପୂର୍ବରୁ ଚାକିରି ଆସି ପହଞ୍ଚିଗଲା । ବାପା ଚାହାନ୍ତି । କୁମ୍ଭୀମାନଙ୍କର ଉଚ୍ଚ ସ୍ତରରେ ବାପାଙ୍କର ଅଖଣ୍ଡ କ୍ଷମତା । ବାପା କହିଲେ ଚାକିରି କର, ତା ଛଡ଼ା ସେ ସମାଜରେ ଏହି ବୟସରେ ସମସ୍ତିଙ୍କୁ ହେବାକୁ ପଡ଼େ 'କେହି ଜଣେ', ସୁତରାଂ ଚାକିରି ହେଲା, ମୂଳରୁ ଉପରକୁ ବାପାଙ୍କର ପଦେ କଥା,—ବାସ୍ ।

ଅବଶ୍ୟ କୁମ୍ଭୀମାନଙ୍କ ନିୟମ ଜଗିବା ସକାଶେ ଡିସିପ୍ଲିନର ସୁନ୍ଦର ସାର୍ଥକତା ପାଇଁ ଆପଣାକୁ ବେଶ ପରିପାଟିରେ ପହଞ୍ଚାଇବାକୁ ପଡ଼ିଥିଲା, ଗୋଟାଏ ବଡ଼ବଡ଼ୁ ବୈଠକରେ । ସେଠି ପାଞ୍ଚଜଣ ବିଶାରଦ ପଞ୍ଚାୟତରେ ବସିଥିଲେ, ପାଦରୁ ମୁଣ୍ଡ-ଯାକେ ନିରେଖି ଚାହିଁଥିଲେ, କାଗଜରେ ନମ୍ବର ଦେଇଥିଲେ, ପ୍ରଶ୍ନ ପଚାରିଥିଲେ । ହୋଇପାରେ ସେ ପ୍ରଶ୍ନ ସେତେ କିଛି କଷ୍ଟ ନୁହେଁ, ନିତାନ୍ତ ଶିଶୁଶ୍ରେଣୀର ପିଲା ମଧ୍ୟ କିଛି ହେଲେ ଉତ୍ତର ଦେଇପାରିବ,—ଭୂଗୋଳରୁ—"ଛଅଋତୁ କିପରି ହୁଏ ?" ଇତିହାସରୁ—"ପୃଥ୍ୱୀରାଜ କାହିଁକି ହାରିଲେ ?", ବିଜ୍ଞାନରୁ,—"ବେଞ୍ଜାମିନ ଫ୍ରାଙ୍କଲିନ କେମିତି ଜଳେ ?" "କଳରେ କାହିଁକି ପାଣି ଆସେ ?", ସ୍ୱାସ୍ଥ୍ୟରକ୍ଷାରୁ,—"ମାଛି ଯୋଗେ କି କି ରୋଗ ହୁଏ ?", ସାହିତ୍ୟରୁ,—"ଇକ୍‌ବାଲ କିପରି କବି ?", ଖବରକାଗଜରୁ,—"ଷ୍ଟୋଟ ଦର ବଢ଼ିଲା କାହିଁକି ?"

ସହଜ ପ୍ରଶ୍ନ, କିନ୍ତୁ ବାପାଙ୍କୁ ପଚାରିବାରୁ ବାପା ଗମ୍ଭୀର ହୋଇ ମୁଣ୍ଡ ହଲେଇଥିଲେ, କହିଲେ, "ମନକୁ ପରୀକ୍ଷା କଲେ । ସାଇକୋଲଜିକାଲ ଟେଷ୍ଟ— ଏତେ ସହଜ ଭାବ ନା ।" ଆତ୍ମବିଶ୍ୱାସ ଫେରିଆସିଥିଲା ଅନେକ ପରିମାଣରେ,' ଯଦିଚ' ମନ ଉଡ଼ୁଆଳରେ ଟିକିଏ ଟିକିଏ ସନ୍ଦେହ ଥିଲା, ଏ ଗୋଟାଏ ପରିହାସ, ଗୋଟାଏ ଫାର୍ସ ।

କୁମ୍ଭୀମାନ ବିଧାନର ସେହି ମୁହଁହୁହଁ ବଡ଼ବଡ଼ୁ, ବୈଠକରେ ଗୋଟିକ ପରେ ଗୋଟିଏ ହୋଇ ହାଜର ହୋଇଥିଲେ ଅନେକ ପରୀକ୍ଷାର୍ଥୀ । ବିଶ୍ୱବିଦ୍ୟାଳୟମାନଙ୍କର

Digitized by srujanika@gmail.com

ଦଗ୍‌ଗଜ ପଣ୍ଡିତମାନେ,—ଫାଷ୍ଟ—ଫାଷ୍ଟକ୍ଲାସ୍ ଫାଷ୍ଟ—ମୂଳରୁ ଶେଷଯାକେ ଫାଷ୍ଟ। ସେମାନେ ଓଲଟି ପଡ଼ିଲେ। ଶର୍ମା ସେମାନଙ୍କ ପରୀକ୍ଷାର କାରଣ ଆବୃତ୍ତି କଲେ,—"ସାଇକୋଲଜିକାଲ ଟେଷ୍ଟ୍। ବନ୍ଧା ଘୋଷା ଉତ୍ତର ଯଥେଷ୍ଟ ନୁହେଁ। ପରୀକ୍ଷକ ପଞ୍ଚାଦ୍ଧିକ ଅଧିକ ଗୁହ୍ନି ଦେଇ ପ୍ରଶ୍ନର ଉତ୍ତର ଶୁଣି ଚିପୁଡ଼ି ନେବେ ପରୀକ୍ଷାର୍ଥୀର ସମୁଦାୟ ମନର ରୂପ, ସେଠି ବି ନିସ୍ତାର ନାହିଁ।"

ଏ ବିଶ୍ୱାସ ଦୃଢ଼ ହୋଇଥିଲା ପାଣ୍ଡେର ପରୀକ୍ଷାରେ। ପାଣ୍ଡେ ମୂଳରୁ ଶେଷଯାକେ ଶର୍ମାଙ୍କ ସହପାଠୀ। ପାଣ୍ଡେ ବିଦ୍ୟାରେ ଅପ୍ରତିହତ, ଅଧ୍ୟାପକମାନଙ୍କ ନୟନପିତୁଳା, ବଳିଷ୍ଠ ଲେଖକ, ପ୍ରତାପୀ ବକ୍ତା, କିନ୍ତୁ ପାଣ୍ଡେ ଦରିଦ୍ର, ପରିସ୍ଥିତି ଓ ପରିବେଷ୍ଟନୀ ପ୍ରତି ସଂଗ୍ରାମଶୀଳ। ପାଣ୍ଡେ ଶର୍ମାଙ୍କର ଓଲଟା। ତାର ମୁକ୍ତି ବି ଓଲଟା ଶୁଭେ। ସେ କହେ, "ସଂଗ୍ରାମରେ ମାନବିକତାର ପରଖ ହୁଏ, ନିର୍ଯାତନରେ ହୁଏ ତାର ବୃଦ୍ଧି, ତୃପ୍ତିରେ ହୁଏ ବିନାଶ।"

ଶର୍ମା ହସନ୍ତି, କହନ୍ତି,—"ଯେଉଁ ଗଛ ଟପୁଡ଼ିଆ ଭୂଇଁରେ ଉଧାଏ, ସେ ଖାଲି ବଞ୍ଚେ ପ୍ରାଣ ବିକଳରେ, ତା'ର ଆବୁ-ଖାବୁଡ଼ା ଗଣ୍ଠି-ଗଣ୍ଠିକିଆ ଗଢ଼ଣରେ ଗୌରବ ପାଇବାକୁ କିଛି ନାହିଁ, ତାର ଚେମେଡ଼ା ପଣରେ ମହତ୍ତ୍ୱ ନାହିଁ, ଅଛି ପ୍ରାକୃତିକ ନିୟମର ଉଦାହରଣ। ସେ ନିୟମର ସୂତ୍ର—କିନ୍ତୁ ସବୁ ପରିସ୍ଥିତିକୁ ଆଦରିଯାଏ।"

ପାଣ୍ଡେ କହେ,—"ଜୀବନକୁ ଗୁହ୍ନିବାକୁ ହେବ ଉଗ୍ରଭାବେ, ଅନୁଭବ କରିବାକୁ ହେବ ତୀକ୍ଷ୍ଣ ବୋଧଶକ୍ତିରେ, ସବୁ କଥାକୁ ଦରକାର କଠୋର ବିଶ୍ଳେଷଣ।"

ଶର୍ମା ହସନ୍ତି, କହନ୍ତି, "ସେ ଅସୁସ୍ଥମନର ଲକ୍ଷଣ, ଅସୁସ୍ଥ ମନ ଗଢ଼େ ଏକ-ଆଖିଆ, ପାଗଳ, ଅସହିଷ୍ଣୁ। ସୁସ୍ଥ ଜୀବ ପକ୍ଷରେ ଉପାଦେୟ ହେଉଛି ସର ଖାଇବା, ଧୂଅଡ଼ୋଡ଼ରେ ଉପରେ ଭାସିବା ସରଳ ସହଜ ଭାବେ ଜୀବନକୁ ଭେଟିବା ଯାହା ଆସୁ, କାହାରିକି ବା କୌଣସି କଥାକୁ ମୂଲ୍ୟବାନ ବୋଲି ନ ଭାବିବା।"

ବଡ଼ବଡ଼ି ପରୀକ୍ଷାରେ ପାଣ୍ଡେ ଓଲଟି ପଡ଼ିଲା। ଶର୍ମା ନିଜ ପାଖେ ମୁକ୍ତି କଲେ ସାଇକୋଲଜିକ୍ୟାଲ୍ ଟେଷ୍ଟର୍ ଯଥାର୍ଥତା ବିଷୟରେ। ପାଣ୍ଡେର ଇନ୍‌ଫ୍ଲେକ୍‌ସବୁଲ୍ଡ଼ାନ ଝରିପଡ଼ିଗଲା। ଯାଉ, ସେ ବରଂ ରାଜନୈତିକ-ଆନ୍ଦୋଳନ କରୁ, ସେ ଅସୁସ୍ଥ ଜୀବ।

ମନଗର୍ଭରେ କୋଉଠାଏ କ୍ଷୀଣ ଆପତ୍ତି ଉଠି ଆସୁଥିଲା,—ପାଣ୍ଡେର ବି ଯଦି ଥାଆନ୍ତା ଏହିପରି ବାପ!

କିନ୍ତୁ ଆତ୍ମବିଶ୍ୱାସରେ ସେ ଆପତ୍ତି ବି ଯୋଡ଼େଇ ହୋଇ ପଡ଼ିଲା। ସୁସ୍ଥ ବିଶ୍ୱାସ ଆସିଲା ଦିବୁଦିନ ପରି ଯେ, ଦୁନିଆରେ ପ୍ରଭୁତ୍ୱ ସମସ୍ତଙ୍କ ପାଇଁ ନୁହେ।

Digitized by srujanika@gmail.com

ସେଥିପାଇଁ ଯୋଗ୍ୟ ବସ୍ତ୍ର ବଛି ଦେଇ ଜଣ । ଦଳେ ସୁଆଶରେ ବସିବେ,—ଯେଉଁ-ମାନେ ଯୋଗ୍ୟ, ଅନ୍ୟମାନେ ସୁଆର କାନ୍ଧେଇ ଡାକ-ହାକକା ଯିବେ ।

ବାଧିର ବିଧାନ, ବିଦ୍ରୋହ ଯେ କରେ ସେ କେବଳ ଯେ ମୂର୍ଖ ତା ନୁହେଁ, ସେ ବୈନାଶିକ, ସେ ବିପ୍ଲବୀ, ସେ ଅସାମାଜିକ, ସମାଜକୁ ସେ ବିପଦ ।

ଶର୍ମାଙ୍କର ଧାରଣା ଖୁବ୍ ସଫା,—ସେ ମଧ୍ୟ ତାଙ୍କ ସମାଜର ବିଶିଷ୍ଟତା,—ସେ ସମାଜର ଗର୍ବ, ଯେ କହିପାରେ ଖୁବ୍ ଝାଣ କରି ଯେ ଅଭିଜ୍ଞତାରୁ ଧାରଣା ତିଆରି ହୁଏ, ମତ ତିଆରି ହୁଏ । ଥରେ ତିଆରି ହେଲେ ସେ ରହେ । ଏହି ତିଆରି ମତବାଦ ଅକ୍ଷତ ରହିବା ହିଁ ହେଉଛି ସମାଜର ବେଁଚିବା ହାଡ଼, ତା'ର ମୂଳଦୁଆ, ତାର ବୁନିଆଦ, ସବୁ । ଯେତେବେଳେ ସବୁ ବିଷୟରେ ଏହି ତିଆରି ଧାରଣାକୁ କୌଣସି ସମାଜ ବଦଳାଏ, ସେତେବେଳେ ହାଂହୋ ନଦୀ ତାର ଗତି ବଦଳେଇଲା ପରି ଫଳ କେବଳ ଧ୍ୱଂସ ।

କଲେଜ୍‌ରେ ଶର୍ମା କହୁଥିଲେ ପାଣ୍ଡେକୁ,—"କଣ ତମେ ଅଧିକା ସ୍ୱାଧୀନତା ଚାହଁ ? କଣ ଅଭାବ ସ୍ୱାଧୀନତା ଆମ ସାମାଜିକ ଗଠନରେ ? ନିତାନ୍ତ ଚରମପନ୍ଥ ଅଛି ପାଗଳାମି ଛାଡ଼ି ତୁମେ ସୁସ୍ଥ ସାଧାରଣ ହୋଇ ଆସି ବୁଲିଆ, ଦେଖିବ ଲୋକଙ୍କ ହାତରେ ବେଡ଼ି ପଡ଼ନାହିଁ, ମୁହଁରେ ନାହିଁ ତୁମ୍ଭି, ଖାଇବାକୁ କେହି ଇଞ୍ଜେକ୍‌ସନ୍ ଦେଇ ବନ୍ଦ କରିନାହିଁ । ସୁଖେ ଦୁଃଖେ ଘରକରଣା କରି ଜୀବନର ମଉଜ୍ ମାରିବାକୁ ବହୁତ ପରିସର ଅଛି । ତୁମେ ପେଟପୂରା ଖାଇପାର, କେହି ଛଡ଼େଇ ନେବେନାହିଁ । ତୁମେ ମନଇଚ୍ଛା ଲଭ ପ୍ରେମାନନ୍ଦ କରିପାର, କାହାର ଅଧିକାର କି ଦଖଲରେ ହସ୍ତ-କ୍ଷେପ ନ କଲେ କେହି ତୁମକୁ ବାଡ଼େଇ ଗୋଡ଼େଇବେ ନାହିଁ । ତୁମେ ନିଯୁକ୍ତିପଦରେ ରୋଜଗାର କରିପାର, ସଞ୍ଚିପାର, ଧନ ଖଟେଇପାର । ଆଇନ୍ ଶୃଙ୍ଖଳା ମାନି ଦେଶକୁ କରିପାର ଖୁବ୍ ଝାଉଁଆ, ଖୁବ୍ ବଳୁଆ, ଶତ୍ରୁ ଶଙ୍କିଯିବେ । ରାଷ୍ଟ୍ର ତୁମକୁ ଦେଇଛି ସ୍ୱାଚ୍ଛନ୍ଦ୍ୟ; କିନ୍ତୁ ଅଧିକାର ଖୋଜିଲେ କର୍ତ୍ତବ୍ୟ ଭୁଲେଇବାକୁ ଅଣ୍ଟା ଭିଡ଼ିବା ବାଧିତାମୂଳକ । ଦାରିଦ୍ର୍ୟ ଛଡ଼େଇ ହୋଇ ଖାଲି ପଛର ପଡ଼ିଲାବେଳକୁ ତୋର ମୋର ହେଲେ ଆଦୌ ଚଳିବ ନାହିଁ ।

"ତୁମେ ପ୍ରକୃତିସ୍ଥ ହୁଅ, ଦେଖିବ ସବୁ ଠିକ୍ ଅଛି । God is in His Heaven, All's right with the world" କେବଳ ଆଜି ନୁହେଁ all was right with world । ମଣିଷ ଦୁଃଖ ପାଆନ୍ତି ଖାଲି ତାଙ୍କ ଦେଖିବା ଭଙ୍ଗୀର ଦୋଷରୁ । ମାଇକ୍ରୋସ୍କୋପ୍‌ଟା ଚିନ୍ତା ଲୁଗାର ଖୁବ୍ ପାଖକୁ ଆଣି ଯଦି କରେଗି ଦେଖିବାକୁ ନିତାନ୍ତ ତମର ଇଚ୍ଛା, ତେବେ ଖାଲି କଣାହିଁ ଦେଖିବ, ତ । କାହାର ଦୋଷ ?

Digitized by srujanika@gmail.com

"ତୁମେ କହୁଚ ତେଙ୍ଗା ବାଇଗ ବାନ୍ଧିକ ରହିବେ,—କିନ୍ତୁ ତୁମେ ତା' ଦୂର କରିବ କେମିତି ? ଜୀବ-ଜଗତ୍, ବୃକ୍ଷ-ଜଗତ୍, ପଥର, ଆକାଶ ମୂଆଡ଼କୁ ଗ୍ୱହିଁ ତୁମେ ଦେଖିବ ଅସମତା । ତା'ପରେ ଉଚ୍ଚ ନୀଚ ନଥିଲେ ଫଳ ହେବ starvation । ପାଣି ନିଜର ପଥିକ ଖୋଜେ, ତେଣୁ ଉଚ୍ଚ ନୀଚ ଥିଲେ ହୁଏ ଗତି, ନଥିଲେ ଗତି ହଜେ ।"

"ତୁମେ କହୁଚ ସଂସାରରେ ବହୁତ ଦୁଃଖକଷ୍ଟ ଅଛି । ଅଛି ତ । ଯେ ଗଢ଼ିଛି ସେ ଜାଣେ ତାର ହେତୁ । ଦୁଃଖ ନଥିଲେ ସୁଖ ସୃଷ୍ଟି ହେବ ନାହିଁ, ଉଆଁସ ନଥିଲେ ପୁନେଇଁ ସୃଷ୍ଟି ହେବନାହିଁ । ତାହାରି ଉପରେ ହିନ୍ଦୁର ଦର୍ଶନଶାସ୍ତ୍ରର ଭିତ୍ତି ବାବୁ, ବହୁ ଯୁଗର ଅଭିଜ୍ଞତା । ଏ ଆଜିର ପାଗଳାମି ନୁହେଁ ।"

ପାଣ୍ଡେ ବା କଣ ଉତ୍ତର ଦେଇଥିଲା । କହିଥିଲା, ଏଗୁଡ଼ା ସୃଷ୍ଟିବାଦୀର ବନ୍ଧାଗତ, ବୁଦ୍ଧିଜୀବୀର ନୁହେଁ । ଆଉ କ'ଣ ବକି ଥିଲା ମନେ ନାହିଁ ତା । ଅପ୍ରିୟ କଥା ମନେ ରଖେ ନାହିଁ ବୁଦ୍ଧିମାନ୍ ଲୋକ ।

ସଂସାର ସୁଖ ପାଇଁ, ଅପ୍ରିୟ କଥା ଆବଶ୍ୟକ ହେବାପାଇଁ ନୁହେଁ ।

ପାଣ୍ଡେ ହାରିଛି, ଆହୁରି ହାରିବ ନିଶ୍ଚୟ । ପାଗଳ ନିଜର ଖିଆଲ ଦୁନିଆଁ ମୁଣ୍ଡରେ ଭର୍ତ୍ତି କରି ମସ୍ତ ରହୁ ଯେତେ, ବାଟେ ବାଟେ ଦୁନିଆଁ ଚିତ୍କାର କରୁଥିବ— 'ଏ ପାଗଲ୍ ! ଏ ପାଗଲ୍ !' ବାରମ୍ବାର ଚେତୋଉଥିବ ତାକୁ ! ପାଣ୍ଡେକୁ ଦଶା ହେବ ସେହିପରି । ତାର ଆଇଡ଼ିଆଗୁଡ଼ାକର ଝଣ୍ଡା ଉଞ୍ଚେଇ ଧରି ସେ ଲେକ୍ଚର ପିଣ୍ଡି ଉପାସରେ ରହି ସାଇଡଛି ଆଭିଜାତ୍ୟ । ରାସ୍ତାରେ ଚଳନ୍ତ କାର୍ ଆଗରେ ପଡ଼ିଲେ ତାର ପରଖ ହୋଇଯାଏ, ଯେତେବେଳେ ଲୁଗା ଟେକି ପାଣ୍ଡେ ରାସ୍ତାକରକୁ ଡିଆଁ ମାରେ, ପଳାଏ ମଟର ଚକର ପାଣି ଛିଟିକା ଦାଉରୁ । ସେହି 'ଆଭିଜାତ୍ୟ' ବଞ୍ଚେଇ ରଖିବା ପାଇଁ ତାକୁ ଅନେକ କାମ କରିବାକୁ ହେବ, ହୁଏତ କରିବ ସେ । ଗ୍ରୀବ ପତେଇ ପିଠି ପତେଇ ଦୁନିଆଁ ସାକର ଠେଙ୍ଗାମାଡ଼ ସହି ବୀରତ୍ୱ ଦେଖାଇବ, ପରେ ଖଣ୍ଡିଯିବ ତାର ଦେହର ଆଣ୍ଠୁ, ତାର ଅବସ୍ଥାର ଆଣ୍ଠୁ, ମନର ଅଣ୍ଠୁ । ଯଦିବା ସୁକୁ ସୁକୁ ହେଉଥିବ ଦାଦରା ହାଡ଼ ଭିତରେ, ସେ ବେଶୀ ଦିନ ନୁହେଁ, ତାର ପ୍ରାଣବାୟୁ ପାଇଁ ଏ ଦୁନିଆରେ ସ୍ଥାନ ନାହିଁ, ସ୍ଥାନ ନାହିଁ ଯେପରି ଏ ସମାଜରେ ତାର ଆଇଡ଼ିଆର ।

ଏହିପରି ଶର୍ମାଙ୍କର ମନର କଥା, ନିଜ ବିଶ୍ବାସରେ ଅତି ଦୃଢ଼ ତାଙ୍କର ଭିତ୍ତି । ସେ ସୁସ୍ଥ ।

ଆପଣା ବିଶ୍ଳେଷଣରେ ସେ ଶାନ୍ତ,—ମନର ଏ ସୁସ୍ଥପଣ ବଜାୟ ରଖିବା ପାଇଁ ଦରକାର ଦୁଇଟା କଥା,—କମନ୍‌ସେନ୍‌ସ, ଅର୍ଥାତ୍ ପରିସ୍ଥିତି ପ୍ରତି ଜାଗରୁକ ହୋଇ କାର୍ଯ୍ୟ କରିବା ଓ ପରପ୍ରତି ଉଦାରତା, ଯଥାସାଧ୍ୟ ପରକୁ ସହିଯିବା ଗୁଣ, ସହାନୁଭୂତି, - ଅନ୍ତତଃ ଉପସ୍ଥିତ ବୁଦ୍ଧିରେ, ସାଧାରଣ ଦୟା ।

Digitized by srujanika@gmail.com

ଏବଂ ଏହିସବୁ ଗୁଣ ତାଙ୍କର ଅଛି । ତେଣୁ ଭିକାରୀକୁ ସେ ଭିକ ଦିଅନ୍ତି, ଦାତବ୍ୟ କାର୍ଯ୍ୟରେ କିଛି କେତେବେଳେ ଦାନ କରନ୍ତି, ଅବଶ୍ୟ କମନସେନ୍ସର ପର୍ଦ୍ଦାର ଭିତରେ, ସବୁ ଦେହସୁହା ହେଲପରି, ପରର ଦୁଃଖ ଦେଖି ଆହା-ହା କହନ୍ତି, ଏତେ କଥା କରି ହୃଦୟଙ୍ଗମ କରନ୍ତି ନିଜର କର୍ତ୍ତବ୍ୟ କରିଛନ୍ତି ବୋଲି, ସବୁବେଳେ ହସିଖୁସି, ଚିନ୍ତାଶୂନ୍ୟ,—

ନିଜର କର୍ତ୍ତବ୍ୟ ।

କ'ଣ ତାର ସଂଜ୍ଞା ?

ପାଣ୍ଡେ କହେ, ପାଣ୍ଡେଦଳର ଅନ୍ୟାନ୍ୟ ଅନେକ ହତଭଗା କହନ୍ତି;— କର୍ତ୍ତବ୍ୟ ନୁହେଁ ଖାଲି ତୁଣ୍ଡ ସହାନୁଭୂତି, କର୍ତ୍ତବ୍ୟ ନୁହେଁ ସମାଜର କେତୋଟି ସାନ ସାନ ଅଭାବ ଦୂର କରିବା,— ଭିକାରୀକୁ ମୁଠେ ଭିକ, ଦୁଃଖୀକୁ ଟିକିଏ ଆହା, ଏ କେବଳ ଜୀର୍ଣ୍ଣ ସମାଜର ଅସଂଖ୍ୟ ଘା ଓ ବଥ ଭିତରୁ ଗୋଟାଏ ବଥ କରରେ ଟିକିଏ ଔଷଧ ବୋଳିଲା ପରି, ଏଥିରେ ବଥ ଉଠିବା କମିବ ନାହିଁ, ଘା ଫୁଟିବା କମିବ ନାହିଁ, ଦରକାର ସମାଜର ସମୂହ ରୋଗକୁ ନିଦାନ ଔଷଧ, ନହେଲେ ଏ ଧାର୍ମିକ ଦୟା ଖାଲି ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଅପମାନ, ଦୁଃସ୍ଥଙ୍କୁ ନ ଏଡ଼ି ଖାଲି ନିଜକୁ ଠକ ପରକୁ ଠକ ବେଳ ଗଡ଼େଇବା ।

କହିବେଇ ତ, ସେମାନେ ଚରମ-ପନ୍ଥୀ, ସେମାନେ ଏକଆଖିଆ ପାଗଳ ।

ଶର୍ମା ହସନ୍ତି । ଭାବନ୍ତି, କେତେଜଣ ଅଛନ୍ତି ଯେଉଁମାନେ ସୁଖର ମୋହ ଏଡ଼ିପାରିବେ ? ନରମ ଶେଯ, ନିଶ୍ଚିନ୍ତ ମୁଣ୍ଡ, ଗରମ ଚା' ପାଟି ଲଗନ୍ତୁ, ଗରମ-ଗରମ, ସିଗାରେଟ । ମନଇଚ୍ଛା ଧନ ବଞ୍ଚିବା, ପଦାକୁ ବାହାରିଲେ ଖାଲି ସଲାମ-ସଲାମ; ଅପଣାର ଖିଆଲ, ଅନ୍ତର୍ଦ୍ୱନ୍ଦ୍ୱ ନିରୋଳାରେ ।

ନାରୀ ।

ଶର୍ମା ହସନ୍ତି ।

ମଣିଷର ନିଦାନ ପ୍ରବୃତ୍ତି କେବଳ ସୁଖପାଇଁ, ନ ହେଲେ କଣ୍ଟାଖିଆ ଲଙ୍ଗଳା ଗୁମ୍ଫା-ମଣିଷ କାଳକ୍ରମେ 'ସଭ୍ୟତା' ଗଢ଼ି ପାରିଏ ମହଲା କୋଠରେ ରହି ନ ଆନ୍ତା । ଆଉ ପାଣ୍ଡେ ନିଜେ,— ଯଦି ଏଡ଼େ ଅଟଳ ସେ ନିଜ ଆଇଡ଼ିଆରେ, ତେବେ କାହିଁକି ସେ ଯାଇଥିଲା ଉପଶିକ୍ଷକ ପଦବୀ ପାଇଁ ପ୍ରାର୍ଥୀ ବିବ୍ରତ ମୁହଁଚୁହାଁ—ପଞ୍ଚାୟତି ଅଗକୁ ? ଶର୍ମା ହସନ୍ତି,— ଲୋକେ ହଙ୍ଗର ଷ୍ଟ୍ରାଇକ କରନ୍ତି, କିନ୍ତୁ ଲୁଚେଇ ଲୁଚେଇ ପାଉଁରୁଟି ଲହୁଣୀ ଖାଆନ୍ତି । ଖାଉଥିବେ ନିଶ୍ଚୟ, ଧରିନେବାକୁ ହେବ ଖାଉଥିବେ ବୋଲି, କାରଣ— ଧରିନେବାକୁ ହେବ ମଣିଷ ସୁଖ-ମୁହାଁ ।

ଅତଏବ ସମୂହ-କଲ୍ୟାଣ, ସମୂହ-ଯୋଜନା, ସମୂହ-ମୋକ୍ଷ କଥା ଭାବି ମୁଣ୍ଡ ଗରମକରି ଲଭ କ'ଣ ? ଚେଷ୍ଟା କରିଥିଲେ, ରାମଚନ୍ଦ୍ର ଙ୍କଠୁ ଗୌତମ ବୁଦ୍ଧଙ୍କଠୁ

Digitized by srujanika@gmail.com

ମହାତ୍ମା ଗାନ୍ଧି ପର୍ଯ୍ୟନ୍ତ ଅନେକ ଲୋକ । ସେମାନେ ଅତିମାନବ, ସେମାନେ ଏକ୍ସେପ୍ସନ୍,—ଏକ୍ସେପ୍ସନ୍ ପ୍ରୁଭ୍ସ ଦ ରୁଲ୍, କହିଲେ ସେମାନେ ଓ ସେମାନଙ୍କ ତାତ୍କାଳିକ ଅବସ୍ଥାହିଁ ପ୍ରମାଣ କରିଯାଇଛି ଯେ ମଣିଷ ଚାହେଁ ଆପଣାର ସୁଖ । ମଣିଷ ଚାହେଁ ତାର ଆଖିର ପରିସର ଭିତରେ ଚରିବୁଲିବାକୁ, ଯେ ଚାହେଁ ଜାଗ୍ରତ ବର୍ତ୍ତମାନ, ଚାହେଁ ହସ, କୌତୁକ, ଖେଳ, ଆନନ୍ଦ । ଏହି ଆନନ୍ଦରେ ମସ୍ତ ରହି ତାର ଗୋଷ୍ଠୀ ଖୋଜେ ଭେଡ଼ି-ଗୋଠ ପରି ଉପଯୁକ୍ତ ଡିସିପ୍ଲିନ୍, ଉପଯୁକ୍ତ ନିୟନ୍ତ୍ରା । ଯେ ଅନ୍ୟଥା ଭାବେ, ପାଣ୍ଡେ ବା ତାରି ପରି ଆଉ ଯିଏ,—ତାଙ୍କ ମୁଣ୍ଡର ଚେପଟ ତଳ, ବାସ୍ – ଆଉ ଅଧିକା ଜାଣିବା ପ୍ରୟୋଜନ ନାହିଁ ।

ତେଣୁ ଶର୍ମା କୁଂପାନୀର ବଡ଼ ବଡ଼ କାମ ପାଇଁ ଉପଯୁକ୍ତ ଶାସକ ।

ଲୁହା ଜାଣି ପାଣି ଦେଇପାରିବେ ।

ବିବେକରେ 'କମ୍ପା-କମ୍ପ' ନାହିଁ ।

ପ୍ରୟୋଜନ ହେଲେ ?—ଚଲାଓ ଠେଙ୍ଗା, ମାରେ, କାଟୋ,—କଠୋର କର୍ତ୍ତବ୍ୟର ମାର୍କା ସେ'ଠି । ସେତେଥର ଭାବିବେ ଅନ୍ତର୍ଦୃଷ୍ଟି ପଡ଼ିବ ସେହି ଦୁଇପଦ ଉପରେ,—'କଠୋର କର୍ତ୍ତବ୍ୟ' । ତା ନାହିଁ ? —ଆଣ ଗୁ ସିଗାରେଟ୍, ବସନ୍ତୁ ଆଜ୍ଞା, ହାଉ ଡୁ ୟୁ ଡୁ । ସେ'ଠି ଲେବଲ, ଆଉ ଦୁଇପଦ କଥା,—"ସାମାଜିକ କର୍ତ୍ତବ୍ୟ,"– ପୋଥିରେ ଅଛି ମଣିଷ ଏକ 'ସାମାଜିକ ଜନ୍ତୁ' । ଧରିଯାଉ କାମ କରୁ କରୁ କରୁ ଗୋଟାଏ ଭୁଲ ହୋଇଗଲା ଯହିଁରେ ଅନ୍ୟର କଷ୍ଟ ହେଲା, କଥାଟାକୁ ମୁହଁରେ ବି ବଖାଣି ହେବନାହିଁ, ତେବେ ଗୋଟାଏ କ୍ଷୁଦ୍ର ବିବୃତି, ଅଥବା—"ଗୋଡ଼ଟା ବାଜିଗଲା ? ଆପଣ ମତେ କ୍ଷମା କରନ୍ତୁ ।" ଯେଥିପାଇଁ ବି ଶାସ୍ତ୍ରିକ ସୂତ୍ର ଅଛି,—"ଭୁଲ କରିବା ମଣିଷର ସ୍ୱଭାବ ।" ସହଜାତ ସ୍ୱଭାବ ଲାଗି ଅନୁତାପ ଅନୁଶୋଚନା କରି ଫଳ କ'ଣ ? ଶାସ୍ତ୍ର କହେ—"ଗତସ୍ୟ ଶୋଚନା ନାସ୍ତି ।" ବାସ୍ ପୂର୍ଣ୍ଣଚ୍ଛେଦ । ଆପଣାର ଭୁଲ ଲାଗି ବୁକୁରେ ପିଟି ହେଉଥିଲେ ମଧ୍ୟ-ଯୁଗର ସାଧୁ, ଦେହକୁ ନାନାପ୍ରକାର ପୀଡ଼ା ଦେଉଥିଲେ, ଉପବାସ କରୁଥିଲେ । ସେ ତ ମୂର୍ଖତା ! ବରଂ, –

"ଆପଣ ମତେ କ୍ଷମାକରନ୍ତୁ ।"

"ପ୍ଲିଜ ଏକ୍ସକ୍ୟୁଜ ମି ।"

"ଆଇ ଆମ୍ ସ'ରି ।" ଶୋଧ ବୋଧ ।

ଫରୱାର୍ଡ଼ ଆଉଟ୍ଲୁକ୍,—ଅଗ୍ରଗାମୀ ଦୃଷ୍ଟିଭଙ୍ଗୀ । ନିତାନ୍ତ ସଂସ୍କୃତ ମାର୍ଜିତ ରୁଚି, ସାହେବୀ ମନ ।

ମୂଳହୁଁ । ଜନ୍ମରୁ ସାହେବ, ପୁଣି କର୍ମରେ, ଚିନ୍ତାରେ ।

Digitized by srujanika@gmail.com

ଶର୍ମା ସଚେତନ, ସୁନ୍ଦର, ପ୍ରଫୁଲ୍ଲ, ତରୁଣ, ସ୍ୱାସ୍ଥ୍ୟ ପ୍ରଚୁର, ମନରେ ରୋଗ ନାହିଁ ।

ଏତେବେଳେ ନିଧଡ଼କରେ ମନରେ ଆନନ୍ଦ ଅଥବା ଆନନ୍ଦ ବଦଳରେ ସୁଖ ଆମୋଦ ଖୋଜିବାକୁ ପୂର୍ଣ୍ଣ ଉତ୍ସାହରେ ଲାଗି ପଡ଼ିବାକୁ ତାଙ୍କୁ ସୁଯୋଗ ଦେଇଛି ଜୀବନ. ଶର୍ମା ବଢ଼ି ଉଠିଛନ୍ତି ସାଇତା ହୋଇଥିବା ବଗିଚ୍ଚାରେ କୁଣ୍ଡର କୋଟନ୍ ଗଛପରି । ସେ ଗଛର ଚେର ଚୁଲପଟେ ଝିପଖ୍ରର କାନ୍ଥକୁ ଭେଟେ, କିନ୍ତୁ କନ୍ଥରୁ ପଚ୍ୟାସ, ତିରିଶୀମାର ବେଢ଼ା ତାକୁ ଅଙ୍କୁଳ କରେନାହିଁ । ଜଣେ ଅଛି ପୁରୁଣା ଚେରକାଟି ଫୋପାଡ଼ି ଦେବାକୁ, ପୁରୁଣା ମାଟି ଫୋପାଡ଼ି ଦେଇ ନୂଆ ମାଟି ଦେବାକୁ, ପ୍ରଚୁର ପାଣି ଦେବାକୁ, ପୁଣି ଝୁଣ୍ଟିବାକୁ, ସଜେଇବାକୁ । କଏ କ'ଣ ସେବା ଦଏ ଖୋଜିବାକୁ ମନ ଭିତରେ ପିଅ ନାହିଁ, ଖୋଜିବା ଆବଶ୍ୟକ ପଡ଼ିବ ନାହିଁ । ଖାଲି,—ହବୁ ଚୁଆଁକୁ ସଟେ, ତେଣୁ,—ଘଟିବା ଉଚିତ ।

ସଚେତ ସବଳ ସରସ କୁଣ୍ଡର ପ୍ରିନ୍ସ ଅଫ୍ ଓ୍ୱେଲ୍ସ କୋଟନ ଗଛ ମୋଡ଼-ମୋଡ଼କା ଲମ୍ବ ଲମ୍ବ ପତ୍ର ଟୁଲାଇ ତଳର ଘାସ ଅରମା ଟମାଟୋ ଓ ବାଇଗଣ ଗଛ ଉପରେ ଆପଣାର ଉତ୍କର୍ଷ ଫୁଟାଏ, ନ ହେଲା ବା ସେ ଖାଦ୍ୟ ପରିବା ଅଥବା ସୁଗନ୍ଧ ପୁଷ୍ପ, ତଥାପି ସେ ଜଣେ କେନ୍ଦ୍ର, ଯେ ବଡ଼ ସେ ମାନ ପାଏ, ଆଉ ସାଇତା ହୁଏ । ବଗିଚ୍ଚାମଧ୍ୟ ସମାଜରେ ତାର ଉଚ୍ଚ ଆସନ, ମାଟିର ଗନ୍ଧ ମାଡ଼-ଆସିଲେ, ଟ୍ରିପି ଆସିଲେ, ଜଣେ କେହି ଅଛି ଯେ ତାର ବ୍ୟବସ୍ଥା କରିବ,—କୁଣ୍ଡ ଘୁଞ୍ଚେଇବ କିମ୍ବା ଅଗଛକୁ ହାଣିବ, ଜଣେ ଅଛି, ଯାହା ହେଉ ତାର ନାଁ, ବଗିଚ୍ଚାର ମାଳୀ ବା ସମାଜର ବାପ, କି ଶଶୁର, କି ବନ୍ଧୁ । ସେ ସମାଜର ସୃଷ୍ଟି, ଯେତେ ଦିନଯାଏ ସେ ଅଛି, ବଗିଚ୍ଚା ଅଛି, ସମାଜ ଅଛି, ସେତେ ଦିନଯାଏ ତା ଲେଖାରେ ସୃଷ୍ଟି ବଞ୍ଚିରହିଛି । ଭଗବାନ ଅଛନ୍ତି, ଦୁନିଆଁ ଭଲ ଚାଲିଛି ।

ତେଣୁ ଏ ଥାଇତାପଣକୁ ଅକ୍ଷତ ରଖିବା ତାର ଧର୍ମ, ଏଇ ଧର୍ମ ସଂସ୍ଥାପନା ପାଇଁ ଜିହାଦ୍ ଚଳେଇବା ତାର ଈଶ୍ୱରନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ।

ଧଳା ଚମଡ଼ାର ଗୋରା ଲୋକେ ସଭ୍ୟ ହୋଇ ଏହି କର୍ତ୍ତବ୍ୟ ବୁଝେଇଗଲେ ଦେଶ-ବିଦେଶରେ, ପିଠିରେ 'ଧଳା ମଣିଷର ବୋଝ' । ସେ ତ୍ୟାଗର ମହତ୍ତ୍ୱ ବୁଝିଲେ କବି କିପ୍ଲିଂ, ସଭ୍ୟ ଦେଶ ତାଙ୍କ ହୃଦ ବୁଝି ସମ୍ମାନ ଜଣାଇଲା । ଧଳା ମଣିଷର ବୋଝ ବୋହି ସେମାନେ ଅନ୍ଧାରବଣରେ ବିଜୁଳିବତି ଜାଳିଲେ, ଜଙ୍ଗଲ କାଟି ସଜେଇଗଲେ ସଂସ୍କୃତିର ଧୋବ-ଧାଉଳିଆ କୋଠା, ନଦୁଆ ମଠୁଆ ମାନ୍ଦା ପୃଥିବୀ ଏଇ ଧଳା ସଂସ୍କୃତିରେ ବାରମ୍ବାର ଚେତିଲା, ଚମକିଲା, ହାଇ ମାରିଲା, ଭିଡ଼ିମୋଡ଼ି ହେଲା, ତା'ପରେ ଉଠିପଡ଼ି ନାଚି ଲାଗିଲା ଯୁଗର ନାଚ ଶିବ-ତାଣ୍ଡବ ।

Digitized by srujanika@gmail.com

ଏହି ଧର୍ମର ମହତ୍ତ୍ୱ ସପାଦନ୍ତନ୍ତି ପ୍ରତି ପ୍ରଦେଶର ଭଦ୍ର କୁଳୀନ ଦାମ୍ଭିକ-ଶ୍ରେଣୀ, ରାଜ୍ୟର ସାମନ୍ତ-ଗୋଷ୍ଠୀ । ଶମ୍ଭୀ ସେହିମାନଙ୍କ ଭିତରୁ ଜଣେ, ସେ ସମ୍ମାନାର୍ହ ।

ବଳୀଦତ୍ତ କହିଲା ଶ୍ୟାମବାବୁଙ୍କୁ,—"ଓଃ, ସାହେବ୍ କି କଲ୍‌ଚର୍, ଆଶ୍ଚର୍ଯ୍ୟ ! ଫାଇଲ୍ ନେଇ କୋଠିକି ଯାଇଥିଲି, ଭିତରକୁ ଡ଼ାକି ନେଇ କହିଲେ 'ବସନ୍ତୁ' । କଥା ଅତି ଧୀର । ମୁହଁ ହସ ହସ । ଜରୁର ଦରକାର ପଡ଼ିବାରୁ ଭିତର୍‌କୁ ଗଲେ, କହିଦେଇ ଗଲେ— 'ଦୟା କରି ଟିକିଏ ବସିଥାନ୍ତୁ, ଆଜ୍ଞ ଇତିମଧ୍ୟରେ ଘରଯାକ ବୁଲି ଅଖି ଖେଲାଇ ପାରନ୍ତି, ଥାଇପାରେ କିଛି ଯାହା ଆପଣଙ୍କୁ ଆମୋଦ ଦେବ ।' ଓଃ, କି ମିଠା ବ୍ୟବହାର, କି ନମ୍ର ମୋର ତ ମୁଣ୍ଡ ନଇଁ ଯାଉଥାଏ । ଦମ୍ଭବତଃ ଝାଡ଼ାଫିରିବାକୁ ଗଲେ, ତା'ବୋଲି ମଣିଷ ଏମିତି ବିନମ୍ରରେ କହେ ! କିବଳି ଆଦେଶ ପାଳିବା ଉଚିତ, ଘରଯାକ ବୁଲିଲି ଅଖି ଖେଲେଇ ଖେଲେଇ । ସେ ତ ସ୍ୱପ୍ନ-ରାଜ୍ୟ, କଣ କହିବି ? ଏଡ଼୍‌ଡ଼େ ମୋଟା କିକି କିକି ବହି, ମଣିଷ ଜନ୍ମରେ ଦେଖି ନାହିଁ, ଥାକକୁ ଥାକ । କାନ୍ଥଯାକ ଛବି, ସେ ସବୁ ଉଚ୍ଚ ଶିଳ୍ପ, ଚିହ୍ନା ବୁଝନ୍ତି ମୁଁ, ବୋଧେ ସାହେବ୍ ଛବି ବି ଆଙ୍କେ । ଆଉ ସବୁଠୁ ଆଶ୍ଚର୍ଯ୍ୟ କଥା ଦେଖିଲି ଅସଂଖ୍ୟ ମାଟିଗଢ଼ା କାଠଚିର ମୂର୍ତ୍ତି, ସେ ତ ଦ୍ରଷ୍ଟବ୍ୟ ! ଅଉ କି ମୂର୍ତ୍ତି ଜାଣନ୍ତି ? ତହିଁରେ ଅଛନ୍ତି ସାଧାରଣ ମଲାମୁଣ୍ଡିଆ ମଣିଷ, ବାଡ଼ି ଧରି ଅନ୍ଧ, ଥାଳି ଧରି ଭିକାରୀ, ଓଃ କି ହୃଦୟ—ଅଙ୍କା କି ହୃଦୟ !"

ଶ୍ୟାମବାବୁ ଛାଡ଼ିଲେ ଦୀର୍ଘଶ୍ୱାସ । କହିଲେ, "ଦାନାପାଣିର ଅଡ଼ୁଆ ନ ଥିଲେ ମଣିଷ ସଉକ୍ କରିପାରେ । ମୋର ଆଶା ଥିଲି କି କେଷ୍ଟ୍‌ରେ ନାଁ କରିଥାନ୍ତି, ଦେଖିଥାନ୍ତି ଥରେ ଅଷ୍ଟ୍ରେଲିଆ, କଣ ମିଛ କହୁଛନ୍ତି ? ନାଁ ଥିଲି ତ ଶୁଣିଥିବେ ସେତେବେଳେ । ସେଦିନ ଆଉ ଆଜି ! ହେଲି ନାହିଁ ଅଙ୍କା, ହେଲି ନାହିଁ । ଅଭଟ୍ଟ କୁଂପାଣୀ କାମ ।"

"ହେଃ ହେଃ,—ଆପଣ ପଏଣ୍ଟ୍‌ଟା ମିସ୍‌କଲେ, ମାନେ ବନ୍ଦ୍‌ଟା ଝିଁ ବୁଲିଲେ,—"

"ବନ୍ଦ୍‌ଟା କଣ ?" ଶ୍ୟାମବାବୁ ହାଇ ମାରୁଚନ୍ତି, "ମୁଁ ବୁଝେନାହିଁ ଏସବୁ ଜଟିଳ କଥା ବଳୀଦତ୍ତବାବୁ, ବିଶ୍ଳେଷଣ କି ବ୍ୟାଖ୍ୟାନ ଶୁଣିଲେ ମୁଣ୍ଡ ବଥାଏ । ମୁଁ କହେ କଣ୍ କି, ଯଦି ଖୁସାମତ୍ କରିବ ତେବେ ସବୁବେଳେ 'ଖୁସାମତ୍ କି ଜୁମ୍'

Digitized by srujanika@gmail.com

ମାନେ ଧର ଭଣ୍ଡକ, ଲଗାଅ ତେଲ, ଦେଖାଅ ବାହାବଳ, ଆଉ ଏସବୁ ଘୁଁ-ଘୁଁରୁ କ'ଣ ମିଳବ ବାବା ! ଆମେ ବିଶ୍ୱାସ କରୁନାହିଁ ସେସବୁ ନେପଥ୍ୟେ ମୃତ ସୈନିକର ଅନ୍ତିମ ହାହାକାରରେ, କରବ ତ କର ପ୍ରକାଶ୍ୟରେ କୋଳାହଳ, ହେଇଲ୍ ଶର୍ମା—"

"ଆହାହା"—ଆପଣ ବୁଝିପାରିଲେ ଓଲଟା, ଏ କ୍ଷେତ୍ରରେ ମତ ନୁହେଁ ଆଜ୍ଞା, ନିର୍ଘାତ ସତ୍ୟ । ସାହେବ୍ ଆଟିଷ୍ଟ୍, ସାହେବ୍ ହୃଦୟବାନ୍ ।"

କାନ କନ୍ କନ୍ କଲଣି ଗୋପାଳବାବୁଙ୍କର, ଫାଇଲ୍ ଜାକ ଅପେକ୍ଷା କରିଥିଲେ । ସାହେବ୍ ଆଟିଷ୍ଟ୍, ଲଙ୍କାରେ ହର ଶବଦ !

ସତେ କ'ଣ ସାହେବ୍ ଆଟିଷ୍ଟ୍ ? ସେ ବୁଝିବ ?

ଅତୀତରେ ଜୀବ ପଡ଼ିଥିବା ମୁଦା କବାଟ ଅଳ୍ପକେ ଫାଙ୍କ ହୁଏ । ନାଃ, କବ୍‌ଜାରେ ମୁରୁଚ୍ଛି ପଡ଼ିଛି, ସେ ଫିଟେ ନାହିଁ ।

ତନ୍ମୟ ହୋଇ ବଳୀଦତ୍ତ ମୁହଁକୁ ଚାହିଁ ରହିଛନ୍ତି ଗୋପାଳବାବୁ, ଗୋଲ ମୁହଁର ଫାଳେ ଗାଲ ଫୁଲିଛି । ଅବୁ ସେପାଖେ ପାନ, ଯେ ଘଣ୍ଟିର । ସିଗାରେଟ୍‌ଟାଏ ଖୋଲରୁ ଟାଣିନେଇ ସିଗାରେଟ୍ ଖୋଲଟିକୁ ଟେବଲ୍ ଆରପଟକୁ ଶ୍ୟାମବାବୁଙ୍କ ଆଡ଼କୁ ଫୋପାଡ଼ି ଦେଇ ଫେରିଆସିଲା ହାତରେ ଧରି ବଳୀଦତ୍ତ କହିଗଲା,—"ସାହେବ୍ ଛବି ବୁଝେ, ଭର୍ତ୍ତି ହୋଇଛି ଛବି । ବୁଝେ କାରୁକାର୍ଯ୍ୟ, ଶିଳ୍ପ । ସେଡ଼କ ଉଚ୍ଚ ମନ ନ ହେଲେ କାମକାର୍ଯ୍ୟ ମଝିରେ ମଣିଷ ଏସବୁରେ ମାତେ ନାହିଁ । ବେଟେହେଇ କଣ କହିଲା ଜାଣନ୍ତି ? ସାହେବ୍ ସିତାର ବଜାଏ ।"

ସିତାର୍ ! ଗୁଞ୍ଜି କଲା ଗୋପାଳବାବୁଙ୍କ ଗୁଣ୍ଠ । ସେ'ବ ତ—

"ତୁନ ପଡ଼ ଗୀ ସୀତାର୍,—ମୀରା କା ହୃଦୟ କା—"

ସୀତାର୍ କଥା କହି ବଳୀଦତ୍ତ ବିଜୟ ହାସଲ୍ କଲାପରି ଗର୍ବ ଉଲ୍ଲାସରେ ଚାହିଁ ଲହିଛି ଶ୍ୟାମବାବୁଙ୍କ ମୁହଁକୁ । ତାର ଚାହାଣୀ ସତେକି କଥା କହୁଯାଉଛି,—କଉଥ୍‌ଟ୍, କଣ୍‌ଟା ବୁଝ ତୁମେ ? ଧେଇ ଦେଖ । ସିଆଡ଼କୁ ଭୟ୍ ଭୟ୍ ସିଗାରେଟ୍ ଧୂଆଁ ଛୁଡ଼ୁଛି । ଚାହିଁ ରହିଛି ।

ଶ୍ୟାମବାବୁ ନିବିଷ୍ଟ ମନରେ ଧ୍ୟାନ ଲଗାଇଛନ୍ତି ସିଗାରେଟ୍ ଖୋଲର ଛପା ଅକ୍ଷର ଉପରେ । ଓଲଟେଇପୋଲଟେଇ ବାରମ୍ବାର ପଢ଼ିଲାଗିଛନ୍ତି ତାର ଖୋଲକୁ ।

ଗୋପାଳବାବୁ ଭାବୁଛନ୍ତି । ସେ ବହୁଦିନ ତଳର କଥା ।

ସେତେବେଳେ ଗୋପାଳବାବୁ ଛବି ଆଙ୍କୁଥିଲେ, ସୀତାର୍ ଶିଖୁଥିଲେ ।

କେହି ଶିଖେଇ ନାହିଁ, କେହି 'ଆର୍ଟ' ପଢ଼େଇ ନାହିଁ, ତଥାପି ସେ ଛବି ଆଙ୍କୁଥିଲେ । ପିଲାଦିନେ ବାଇଗଣଟାଏ ଫୁଲଟାଏରୁ ଆରମ୍ଭ କରି ଘରର ଦୃଶ୍ୟ,

Digitized by srujanika@gmail.com

ଗାଁ, ପୋଖରୀକୂଳରେ ବରଗଛ ଉହାଡ଼ରେ ସଞ୍ଜ,—ବାଛୁରୀ ଧାଇଁଯାଉଛୁ ମା ପାଖକୁ, ଦୁଇ ଗାରଡ଼ ଲଢ଼େଇ,—ଜାଠଜାଠକା ମଣିଷର ଭଙ୍ଗୀ । କମେ ମଡ଼େଲ୍ ଖୋଜି ଖୋଜି ଛବି ଅଙ୍କା । ଅଦ୍ୟାପି କାଚବନ୍ଧା ହୋଇ ଫିଲ୍ମଙ୍କ ଦାନ୍ଦରୁ ବର୍ତ୍ତି କେତେ ଖଣ୍ଡି ଅଛୁ—ଆପଣା ସ୍ତ୍ରୀର ବିଭିନ୍ନ ଅବସ୍ଥାର ଛବି କେତୋଟି,—ବେଶଭୂଷା ହୋଇ ହସ ହସ ହୋଇ ପାନ ହାତରେ, ସାନ ଖଣ୍ଡେ ପିଢ଼ ଫୁରୁଫୁରୁ ମୁଣ୍ଡ ହୋଇ ପନକ ଉପରେ ବସି ପଶବା କାଟିଲାବେଳେ, ତା ମରେ ପାଣି ଢାଳିହେଲାବେଳେ । କରରେ ଅଦ୍ୟାପି ଗ୍ରେଷ୍ଟ ଗ୍ରେଷ୍ଟ କରି ଛନା ଅକ୍ଷର ଉପରେ ଲେଖା ନିଜ ନାଁର ଆଦ୍ୟ ଅକ୍ଷର ତିନୋଟି,—ଗୋ-କୃ-ମି ।

ଆଉ ନାହିଁ, ଆର୍ଟ ଉଜୁଡ଼ି ଯାଉଛି ।

ଶେଷର ଛବି ଚେଷ୍ଟା କରିହୋଇଥିଲା ସ୍ତ୍ରୀ ବିଚାରି ହାତରେ ଗାଲ ଦେଇ ଆଁ କରି ଚୁଞ୍ଚୁଣି ଧରି ଗୋଟିଏ ଛୁଆକୁ ବାଡ଼େଇବାକୁ ଗଲାବେଳେ,—

ଚନ୍ଦ୍ରବଦନ ଡଳେ, ସେତେବେଳେ ମୋଟେ ଘୁରେଟି ଛୁଆ ଥିଲେ । ଖାଲି ସ୍କେଚ୍ ହୋଇ ରହିଛି, 'ସେ' ଘୋଷଣା କରିଥିଲେ "ଏପରି ହେଲେ ମୁଁ କଳଅର ମଣ୍ଡି—"

ସେହିପରି ସୀତାର୍, ଉର୍ଓଲ ଓସ୍ତାଦ୍‌ଜୀଙ୍କ ବଯାକୁ ଦରିଦ୍ରା, ତାର ହିବନ ସରିଛି । ଆଜି ହୁଏତ ମିଳିଛି ଜଣେ ସାହେବ୍ ଯେ ସଙ୍ଗୀତରେ ସତେରେ ଆର୍ଟର ସମଝଦାର ।

ପ୍ରକୃତରେ ଯେତେବେଳେ କଳାର ଚର୍ଚ୍ଚା କରୁଥିଲେ, ଛବି ଆଙ୍କୁଥିଲେ, ସୀତାର୍ ଟୁଂ ଟାଂ କରୁଥିଲେ, ସେତେବେଳେ ସେ ଲୋକ ନ ଥିଲେ ଲୋକେ ଜାଣନ୍ତୁ, ଲୋକେ ପ୍ରଶଂସା କରନ୍ତୁ । ସେତେବେଳେ ସାଧନା ଥିଲା ଅନ୍ତର୍ଯ୍ୟ,—ଖାଲି ନିଜର ସଉକ ନିଜର ଆନନ୍ଦ । ସାଧନା ଥିଲା ନିଶା, ଯେଥିପାଇଁ କେତେ ସମସ୍ତ ବାଉଛି, ଶିଅର ହେବାଠୁଁ ବଜାର ସଉଦା କରିବାଯାକେ କେତେ ଜରୁରି କାମ ଭୁଲିବାକୁ ହୋଇଛି, ତ୍ୟାଗ ଦେବାକୁ ପଡ଼ିଛି ଘରର କ୍ଷତି ସହି । ସେ ଷଢର ହିସାବ ନ ଥିଲା, ଆନନ୍ଦର ଉନ୍ମାଦନାରେ ମୁରିଉଠୁଥିଲା କ୍ଳାନ୍ତ ଅବଶ ଦେହ, କାମ ଚୁଲିଥିଲା । ମନ ଖୋଜି ନାହିଁ ପରର ପ୍ରଶଂସା ।

କିନ୍ତୁ ସେଦିନରୁ ଅଭ୍ୟାସ ଛାଡିଲାଣି, ଧୂଳମାଳରେ ବନ୍ଧ୍ୟାତ୍ମ ଘୋଟିଲାଣି, ଆପଣା ଭିତରର ଶିଳ୍ପୀ-ବ୍ୟକ୍ତିତ୍ୱ ଗଲାଣି ମରି ହଜି, ସେବେଠୁ ଇଚ୍ଛା ହେଲାଣି— ଜଣେ କେହି ଚାହାନ୍ତା ଯଦି ! ପ୍ରଶଂସା କରନ୍ତା ! ମୁରକୁଟି ଯାଉଥିବା ନୂଆ ଅ-ଶିଳ୍ପୀ ବ୍ୟକ୍ତିତ୍ୱ ଅତୀତର ଶିଳ୍ପୀପଣକୁ ବକ ବନ୍ଧା ଦେଇ ଲାଭ ଉଠେଇବାକୁ ଚାହେଁ ।

Digitized by srujanika@gmail.com

ଅଥଚ ଦୁନିଆଁ ମୂଳ ଦିଏ ନାହିଁ । ପ୍ରତୀକ୍ଷା କରି ଦିନ ପରେ ଦିନ ସରି ଯାଉଛି କେହି ପଚାରି ଆସିନାହିଁ—"ଶିଳ୍ପୀ ଗୋ-କ୍ର-ମି କିଏ ? ଭଲ ଆଙ୍କୁଥିଲେ ! ତା'ପରେ ସେ ପ୍ରତୀକ୍ଷା ବି ନଇଁ ଆସିଥିଲା । ହଠାତ୍ ଆଜି ।

ଝାଳେଇ ଝାଳେଇ ତରତର ଖବି ଖବି ଫାଇଲ୍ କାଖେଇ ଠିଆ ହୋଇଛନ୍ତି ଗୋପାଳବାବୁ । ଇଚ୍ଛା ହେଉଛି କହନ୍ତେ ପଦେ । ଏତିକିବେଳେ ରଣଜିତ୍‌ବାବୁ ଆସି ପହଞ୍ଚିଲେ । "ହେ। ହା ! ବସନ୍ତୁ ବସନ୍ତୁ ।" "ଆଚ୍ଛା, ଯାଉନ୍ତୁ ଗୋପାଳବାବୁ ଟିକିଏ ପରେ ଆସିବେ ।"

"ଅରେ ଅପଣ ବସିଲେ ନାହିଁ, ପଢ଼ୁଥିଲି ଆମର ଶର୍ମା ସାହେବଙ୍କ କଥା ।" ରଣଜିତ୍‌ବାବୁ ପାଇପ କାମୁଡ଼ି ବାହାନ୍ତକ ଦେଇ ଠିଆ ହୋଇଛନ୍ତି । ଶର୍ମା ନାଁ ଶୁଣି ଆଖି ଉଜ୍ଜ୍ୱଳ ହୋଇଗଲା, ମୁହଁରେ ହସ ଉଛୁଳିଲା । ଠିଆ ଠିଆ କହିଲେ—

"ବଡ଼ ବଡ଼ ଲୋକଙ୍କ ବିଷୟରେ ଆଲୋଚନା କରି ଏମିତି ପଦେକେ ହୁଏ ?"

"ନା ନା, ଶୁଣାଯାଉ ଆପଣଙ୍କ ମତ,—" ଶ୍ୟାମବାବୁ ଅଡ଼ି ବସିଲେ ।

"ମୋଷ୍ଟ ସ୍ପୋର୍ଟିଂ ଶର୍ଟ ।" ରଣଜିତ୍‌ବାବୁ କହିଲେ । ତା'ପରେ ଚଉକିରେ ବସିପଡ଼ି ପାଇପ ଦମେ । କିଛି ସମୟ ରଣଜିତ୍‌ବାବୁଙ୍କ ଗମ୍ଭୀର ସମସ୍ତିଙ୍କର ଶର୍ମା ସାହେବଙ୍କ ବିଷୟରେ ମୌନ ସ୍ମରଣ, ତା'ପରେ କୀର୍ତ୍ତନ ଆରମ୍ଭ ହେଲା । ରଣଜିତ୍‌ବାବୁ କହିଲେ,—"ଅତି ଆଶ୍ଚର୍ଯ୍ୟ ଲୋକ ସେ । ହେଇ ତ ତାଙ୍କ ସଙ୍ଗେ ଶିକାର କରି ଯାଇଥିଲି, ଆଜି ସକାଳେ ଫେରୁଚି,–"

ବଳୀଦେଉ ଚକ୍ରାର କଲା—"ସତେ !—" ତା ଆଖିରେ ଆଗ ଆଶ୍ଚର୍ଯ୍ୟ ଏଇ ରଣଜିତ୍‌ବାବୁ, ନୂଆ ସାହେବ ପାଦ ନ ପକାଉଣୁ ଯେ ତାଙ୍କୁ କବଳିତ କରି ତାଙ୍କ ସଙ୍ଗରେ ଶିକାରରେ ଯାଇପାରେ ।

"ଶିକାର୍ !—" ଶ୍ୟାମବାବୁ ପାଟି କଲେ—"ମତେ ଟିକିଏ କହିଲେ ନାହିଁ ? ମାନେ,—ମୋ ଇଲାକାରେ, ଯେଉଁଠି ଆମର ମାଇନିଂର ବନ୍ଦୋବସ୍ତ ହେଉଛି, ସୁନ୍ଦର ଜଙ୍ଗଲ, ବହୁତ ଜନ୍ତୁ, ଲୋକ ବି ପଞ୍ଝା ପଞ୍ଝା ଆମ ହାତରେ, ହଜୁ ସୁବିଧା କରି ଦେଇଥାନ୍ତି, କିଛି ଜଙ୍ଗଲୀ ନାଚର ବି ବ୍ୟବସ୍ଥା । ଆଃ, କହିଥାନ୍ତେ ଯଦି ଟିକିଏ—"

"ଆପଣଙ୍କ ଇଲାକାକୁ ନୁହେଁ, ସାହେବ୍ ଗଲେ ଚଢ଼େଇମାରି । ନାଲି ମୁଣ୍ଡିଆ ହଂସ ଅଛି ହାବୁଡ଼େ ପଡ଼ିଲେ ସ୍ନାଇପ୍ କିଛି । ଏଇ ଥିଲା ଉଦ୍ଦେଶ୍ୟ; କିନ୍ତୁ ପ୍ରଧାନ କାମ ହେଲା ଟୋଲି ଜାଗାରେ ଅମଡ଼ା ମାଡ଼ି ଦେଶ୍ ଦେଖିଏ ବୁଲି ।—

Digitized by srujanika@gmail.com

"କଣ ହେଲ ? କ'ଣ ହେଲ ?—" ସମସ୍ତେ ଚାହେଁଇଛନ୍ତି । ରଣଜିତ୍‌ବାବୁ ହସି ହସି କହିଲେ,—"ଅବଶ୍ୟ ଅଠ ପାଖରୁ ତାଙ୍କୁ ଚିହ୍ନିବାକୁ ସୁଯୋଗ ହୋଇଛି ମତେ । ତେବେ,—"

ବଳୀବଦ୍ଦ ଅମ୍ବର ପାଖକୁ ଚଉକି ଘୋଷାରି ନେଇ ଧନୁପରି ବଙ୍କେଇଯାଇ ଝାଙ୍କି ହୋଇଛି, ଶ୍ୟାମବାବୁ ତାଙ୍କ ପ୍ରକାଣ୍ଡ ମୁହଁଟିକୁ ଦୁଇ ହାତର ପାପୁଲିରେ ଭରା ଦେଲେଣି, ଅନ୍ୟମାନେ ବୁଲିପଡ଼ିଛନ୍ତି ।

ଧୂଆଁ ଛାଡ଼ି ଛାଡ଼ି ରଣଜିତ୍‌ବାବୁ କହିଲେ,—"ନିତାନ୍ତ ମେଲାପି, ନିତାନ୍ତ ସାଧାସିଧା, ମନଖୋଲା କଥା କହନ୍ତି । ଅଥଚ ସେହି କଥା ଭିତରେ ଅଛି ଗୋଟିଏ ମନ, ଗୋଟିଏ ହୃଦୟ, ଯାହା ଅମୂଲ୍ୟ । ଅଠ ଆଧୁନିକ ରୁଚି, ଗୃହାନ୍ତ ସମସ୍ତେ ଖେଳନ୍ତି, କ୍ଲବ୍ କରନ୍ତି, ଫୁର୍ତ୍ତି କରନ୍ତି, ମଉଜ କରନ୍ତି । ଏତେ ଉଦାନକେ ନାଲି ଫିତାର ଶିକୁଳି ଓ ସମାଜର ମାଧା ବୋଝ ହୁଗୁଳେଇବାକୁ ଆମେ ଜଣେ ମଣିଷ ଭଳି ମଣିଷ ପାଇଛୁ । ଜାଣନ୍ତି ତାଙ୍କର ପ୍ରୋଗ୍ରାମ କ'ଣ ? ବଡ଼ଠୁ ଶ୍ରେଷ୍ଠ ସମସ୍ତଙ୍କ ଘରେ ଚହ୍ଲା ହେବେ, ସମସ୍ତିଙ୍କ ଘରେ କୁଣିଆଁ ହେବେ ପାଳିଏ ପାଳିଏ । ହୋ ହୋ-ହୋ—"

ସମସ୍ତେ ସେହି ହସର ପାଳି ଧରିଲେ ।

ସଭା ଭାଙ୍ଗିଲା ।

କାଗଜ ଉପରେ ଚର୍ ଚର୍ ଗୁଲିଲା କଲମ, ସାହେବ୍ ଭଲ, ସାହେବ୍ ଭଲ ।

"ସିଗାରେଟ୍‌ଟିଏ ଖାଅନା ଶ୍ୱେକ୍—" ମିଲି ବଢ଼େଇ ଧରିଲା, କହିଲା— "ତୁମେ ବଦଳିଛ ସତ, କିନ୍ତୁ କେତେଗୁଡ଼ାଏ ବିଷୟରେ ତୁମେ ରହିଗଲ 'ନିତାନ୍ତ ସେକେଲେ'—କହିବ ?"

କାର୍ ଚାଲିଥାଏ, ସବ୍ରେଜିଷ୍ଟ୍ରାର ମୁରୁକିହସା ଦେଇ କହିଲା—"କହ, କହିବାକୁ ତୁମ ମୁହଁରେ କ'ଣ ବାଡ଼ କି ବନ୍ଧା ଅଛି ?"

"ହଁ, ସେଇଆ ଖାଲି କହିବ, ତୁମେ ବୁଝିପାରିଲ ନାହିଁ ଓ୍ୱାନ୍ ଥିଂ ଲିଡ୍‌ସ୍ ଟୁ ଏନାଦର—ଗୋଟେ କଥା ଆରମ୍ଭ କଲେ ବଳେ ମନ ଗଡ଼ିଯାଏ ଆଉ ଗୋଟେ କଥାକୁ । ତୁମେ ସିଗାରେଟ୍ ଖାଆନ୍ତ, ଦେଖନ୍ତ ତାପରେ ଅମ୍ବର କ'ଣ ହୁଅନ୍ତା—"

Digitized by srujanika@gmail.com

"କ'ଣ ହୁଅନ୍ତା ଆଉ ? ବୋଧେ ପକ୍ଷୀ ଦ'ଟା ହୁଅନ୍ତା । ଆଉ ଫୁର୍ କରି ଉଡ଼ିଯାଆନ୍ତି, ନା କ'ଣ ?"

ସରୋଜିନୀ ହୋ ହୋ ହସିଲା । ଷ୍ଟିଅରିଂ ଧରି ହସି ପକେଇଲା ଡ୍ରାଇଭର, ତା ପରେ ହସ ଲୁଚେଇବାକୁ ଆରମ୍ଭ କଲା ନଷ୍ଟଗ୍ରି କାଶ ।

ସେଇ ତାର ଦୁଃଖ, ସେ ଗାଡ଼ିର ଚାଳକ ମାତ୍ର, ଗାଡ଼ି ସହିତ ମିଶି ଗୋଟିଏ ଯନ୍ତ୍ର, ଆଉ ଅଧିକା ନୁହେଁ, ଅଥଚ, ତାର ଆଖି ଅଛି ସେ ଦେଖିବ, କାନ ଅଛି ଶୁଣିବ, ଆଉ ଅଧିକା ନୁହେଁ, ଗାଡ଼ି ଭିତରକୁ ତାର ପିଠି, ସାମ୍ନାରେ ରାସ୍ତା ।

"ହେଇ ଦେଖ କେଡ଼େ ଶୀତ ପଡ଼ୁଛି, ଡ୍ରାଇଭର କାଶିଲାଣି । ବିଚରା ତ ଏକଦମ୍ ଘୁମେଇ ପଡ଼ିଲାଣି, ଉଷୁମ ପାଉଛି ମନେମନେ । ଆଉ ତୁମେ ଆମେ, ବୁନିଆଁ ଶୋଇଲେ ଅମେ ଯେ ଚେଇଁଛେ, ଗରମ ନ ହେଲେ କାମ ହବ କେମିତି । ନିଅ ସିଗାରେଟ୍‌ଟିଏ ଲଗାଅ ।"

ଏକା ସୁଆରେ ଚଲେଇଯାଉଛି ଡ୍ରାଇଭର,—ହର୍ଣ୍ଣ କ୍ଲଚ ଷ୍ଟିଅରିଂ-ଗିଅର୍, ଆଉ ସାମ୍ନାରେ ରାସ୍ତା । ମୁଣ୍ଡ ବଙ୍କ ପଡ଼ିରହିଛି ପାଶ୍ୱବର୍ତ୍ତୀ ହେଲା । ଖାଲି କଣ ଦାନାପାଣିର ଚିନ୍ତା ? ବାକି ଯାହା, ସେ କ୍ୱଚିତ୍ 'ଦେଖାଇ ହସିନେଲା କନକ ଗଜସି ବୃଦ୍ଧେ',—ଚଆଁ ଠି ରଖେ ତାର ମଣିଷପଣ । ସେ ନାଲ୍ଲୁଭର । ତଥାପି ସେଡକରେ ସେ ଗାଏ ଗୁଣୁ ଗୁଣୁ ହୋଇ କବିତା, ତାର ଚେଲ୍ଲିଆ ବଟଗ୍ରେ ବଡ଼ ପାଟିକରି ଗାନା ଧରେ ଏବଂ ବନ୍ଧୁମାନଙ୍କ ଆଗରେ କଥା ପ୍ରଘଟ ନ କରିବାକୁ ସ୍ୱର ପକାଇ କହେ ଉପନ୍ୟାସ । କଥା ରଟେ ।

ମିଲ ଖଲ ଖଲ ହୋଇ ହସିଲାଣି, ହସିଲେ ସେ ଅନ୍ତ୍ରବ୍ୟସ୍ତ ହୁଏ, ତାର ବାଇଶ ରହିହ ନାହିଁ । ଡ୍ରାଇଭର ରାସ୍ତାକୁ ଗୁହିଁଛି ଆଉ ମନେପକାଉଛି ।

ପାଣିପରି ଅଜାଡ଼ି ହୋଇପଡ଼େ, ମନ ଖୁସିରେ ବଢ଼ିପାଣି ପରି ଉପରକୁ ମାଡ଼ିଯାଏ, ସେଇ ଘଡ଼ିକ, କେଡ଼େ ଆପଣାର ସେ ।

ତା ପରେ ବଢ଼ି ଛୁଡ଼ିଯାଏ, ଆଉ ପଛକୁ ଅନାଏଁ ନାହିଁ ।

ଦୀର୍ଘଶ୍ୱାସ ଦାବି ଦେଇ ଡ୍ରାଇଭର୍ ସାମ୍ନାକୁ ମୁହଁ କରି ଚଲେଇଛି, ଲାଗୁଛି ଜୀବନଟା ଏମିତି ଧୂସର, ଏମିତି ନୀରସ,—ଚ୍ଚଳିଛି ନା ଗ୍ଜଳିଛି ।

"ଶୁଣ ରୋଜ୍—" ମିଲ କହିଲା ସରୋଜିନୀକୁ, "ତୁମର ନାଁ ଥିଲା ସରୋଜ୍, ଇଂରେଜିରେ ତା ମାନେ ଦୁଃଖ, 'ସ'ଟା ଉଡ଼େଇଦେବାରୁ ତା ଭିତରୁ ଫୁଟି ବାହାରିଲା ରୋଜ୍—ମାନେ ଗୋଲାପ, କ'ଣ ଖରି ହେଲା ? ସେମିତି କାଟି କରି ଉଡ଼େଇଦେବାକୁ ହେବ ଯେତେ ସଂସ୍କାର, ଯେତେ ମରହଟ୍ଟୀ ଢପ ଢଙ୍ଗ୍, ତେବେ ଯାଇ ଗୋଲାପ ଫୁଟିବ । ତଥାପି ତୁମର ଲାଜ ସଙ୍କୋଚ, ତଥାପି ତୁମର ଶଙ୍କା ଦ୍ୱିକ, ଅଥଚ ତୁମେ ଚୋଟିଏ ରହି, ସଂଜେଇ ପାରିଲେ କଣ ନ ହୁଅନ୍ତା ! ଏପର୍ଯ୍ୟନ୍ତ

Digitized by srujanika@gmail.com

ତୁମେ ସିଗାରେଟ୍ ଖାଇବାକୁ ମଙ୍ଗିଲ ନାହିଁ । କି ନାଚିବାକୁ ମଙ୍ଗିଲ ନାହିଁ । ଯୋଉ ଫିଗର୍, ଯୋଉ କାଟ୍, ଚମତ୍କାର ନାଚ ପାରନ୍ତ ।"

"ଲଭ ?"

"ସୁନ୍ଦର ହେବାରେ ଲଭ କିଛି ଅଛି ? ଲଭ ସେ ନିଜେ ନିଜେ, ଲଭ ସୁନ୍ଦରପଣ । ତୁମ ଭିତରେ ଯାହା ଅଛି ତା ଯଦି ବିକାଶ ପାଆନ୍ତା, ତେବେ ତୁମେ ଭୁଝନ୍ତ ପରିପୂର୍ଣ୍ଣ ଜୀବନ କଣ, ଗୋଟିଏ ସୁନ୍ଦର ଉପନ୍ୟାସ ପରି ତୁମେ ଆସୁଛ ଅଧେ ବାଟ, ତା ପରେ ପଢ଼ିଛେଇ ଯାଉଛ । ଆମେ ଆଧୁନିକା, ଜୀବନ ଦୁଃଖିଗ, ଜୀବନ ଅନିଶ୍ଚିତ, ତେଣୁ ଆମେ ସୃଷ୍ଟି ବନର ସଂସ୍କାର ମାନିବାକୁ ରାଜିନୋହୁଁ । ଆମର ଏହି ନିମିଷକ, ଏଥିକରେ ଯାହା ସୁଖ ପାଇ ପାରିବ । ଏହି ଯେଉଁ ଏକ ମିନିଟ୍, ଏଥର ଗଲେ ହୁଏତ ଆଉ ଏ ଆସିବ ନାହିଁ ।"

ମିଲର ଦର୍ଶନଶାସ୍ତ୍ରର ଅର୍ଥ ସରୋଜିନୀ ବୁଝି ପାରିଲନାହିଁ, କିନ୍ତୁ ଛୁଇଁ-ପାରିଲ । ଛୁଇଁଲେ ଲଗେ କେମିତି ଅଡ଼-କାଦୁଅ, ସନ୍ତସନ୍ତିଆ, ପରର ଦରଜ ସତେକି, ନିଜଠିକ ଚଢ଼ିଛି ଆସେ । ଏହି ସ୍ପର୍ଶରେ ସରୋଜିନୀର ମନଭିତରୁ ବାହାରିଲ ଗୋଟାଏ ଅବାନ୍ତର ପ୍ରଶ୍ନ । କହିଲ,—

"ଆଚ୍ଛା, ତୁମେ ବାହା ହୋଇନା କାହିଁକି ?

ହସରେ ହସରେ କଥା ଓଲଟେଇ ମିଲି ପଚାରିଲ,—"ତୁମେ ବାହା ହୋଇଚ କାହିଁକି ?" "ନାଇଁ ସତେତରେ,"—ସରୋଜିନୀ କହିଲ,—। "ତୁମେ ଦୁହେଁ ସତେକି ଫୁଲ ଦୋଟି,—ଧାନ୍ତ, କହି ଆସିବ ନାଇଁ ମତେ,—ତୁମେ,— ମାନେ ସବୁ କଥାକୁ ଏଡ଼େ ଭଲପାଅ, ସବୁଥିକି ତୁମର ଏଡ଼େ ମନ, ତୁମେ ବାହା ହଉନ କାହିଁକି ? ତୁମ ନାଗିଁ କଣ ବର ନାଇଁ ? ବର, ଘରଦୁଆର, ଛୁଆପିଲ ତମକୁ ତ ସବୁ ଭଲ ଲାଗେ !"

ମିଲର ହସ ଶେଷକଦେଲ । ସମସ୍ତେ ଥିଲେ ଏ ପ୍ରଶ୍ନକୁ ସେ ଗୋଟାଏ ଶୀତଳ କଟୁସ୍ମି ହାଣିଥାନ୍ତା ବା, କିନ୍ତୁ, ହସି ହସି ବହୁତ ଆଉଜି ପଡ଼ିଛ ସେ ସରୋଜିନୀ ଉପରକୁ । ଉଦ୍‌ଗ୍ରେଟ୍ ଛୁଣ୍ଡେଇବାକୁ ଇଚ୍ଛାନାହିଁ । ହସ ହସ ମୁହଁ କରି କଥା ମାପି ମାପି ମିଲି କହିଲ,—

"ଜାଣିଚ, ତୁମକୁ ଗୋଟାଏ କାହାଣୀ କହିବି । କଣ ବା କାହାଣୀ କହିବ ? ସେ ଯେତେ ଧାଏଁ ସେ ଯେତେ ଝୁଙ୍କେ ଜାଣିଚ, ସେ ଯେତେ ମାରେ ସେ ସେତେ ଦୂର୍ ପାଏ, ଯାହାର ଯେତେ ଯୋଗ ତା'ର ତୋଡ଼ ବେଶି, ଏ କଥା ଆମ ପୂର୍ବପୁରୁଷମାନେ ପ୍ରମାଣ କରିଗଲେ । ଫେର୍ ଆମେ ବି ସେଇ ମଡ଼ାବାଟରେ କାହିଁକି ? ତୁମେ ଫୁଲ ଛୁଣ୍ଡେଇବାକୁ ହାତ ବଢ଼େଇବ, ପାଇବ କଣ୍ଟା, ପାଇବ ଆମ୍ବୁଡ଼ା । ସଂସାରରେ ସମସ୍ତେ କ'ଣ କଣ୍ଟିଆ ଆମ୍ବୁଡ଼ା ଭଲ ପାଆନ୍ତି ଭାବିଚ ? କେହି ଯଦି ଭଲ ନ ପାଏ ?"

Digitized by srujanika@gmail.com

"ତେବେ, ଫୁଲ କ'ଣ ଭଲ ନୁହେ ?"

"ନୁହେଁ କଏ କହିଲା ? ଯେ ନ ଜାଣେ ସେ ଆଗ ଖଣ୍ଡିଆ ହବ ପରସ୍ତେ, ତା ପରେ ଫୁଲ ପାଇବ, ସେତେବେଳକୁ ଆଞ୍ଜୁଡ଼ା ଖାଇ ପ୍ରାଣ ହାହୁ ହାହୁ, ଯେ ଜାଣେ ସେ ଆସ୍ତେ ନାକକୁ ନେଇ ଫୁଲକୁ ଶୁଙ୍ଘି ଆସିବ, ହେଇ ଯେମିତି ମୁଁ ତମକୁ ଶୁଙ୍ଘୁଚି, ବାହ୍ ବାହ୍, କି ସୁନ୍ଦର ବାସୁଚ ରେଜ ! ମିଷ୍ଟର ଦାସ ଥିଲେ ମୋ ଉପରେ ଈର୍ଷା ଆସନ୍ତାଣି ତାଙ୍କର ।"

"ଘାଉ" କଥା ଭୁଲେଇ ଦେଇ ସରୋଜନୀ କହିଲା,—"ଘର ଦୁଆର କାହାକୁ ପିତା ଲାଗେ ?"

"ଲାଗେ ନାହିଁ,—ଯାହାର ବିଶ୍ୱାସ ଥାଏ ତାକୁ । ବିଶ୍ୱାସ ଆଜକାଲି ମୁଣ୍ଡରେ ରଖେ କଏ ? ଯେ ଜାଣିନାହିଁ, ଯେ ମୂର୍ଖ, ସେ ଗାଉଁଲି । ଭୁଲିଯାଉଚ କାହିଁକି, ଏ ହେଲା କଳିଯୁଗ । ଏ ଯୁଗରେ ସତ ନାହିଁ, ବିଶ୍ୱାସ ନାହିଁ, କିଛି ନାହିଁ,—"

ସରୋଜନୀର ଦୁଇ ବାହାରେ ମିଲର ବେକକୁ ଘେରେଇ ଧରି କହିଲା,—"ଆଉ ଥାଉ, ମୁଁ ଆଉ ପଚାରିବି ନାହିଁ— ।" ମିଲର ଭାଷା ତାକୁ ବୁଝିବାକୁ ଅସଜ, କିନ୍ତୁ ତାର କହିବାର ଭଙ୍ଗୀ, ତାର ସ୍ୱର, କହିଲାବେଳେ ତାର ଆଖିର ଚାହାଣୀ, ତାର ମୁହଁର ଛାଇ ସବୁ ମିଶି ଗଢ଼ି ଦେଉଛି ଯେପରିକି ଗୋଟାଏ କରୁଣ ଭାବ—ମୁହୂର୍ତ୍ତକେ ମଣିଷର ନୂଆ ଅବତାର, ଏ ମିଲି ଆଉ ବେଳର ନୁହେଁ, ଗୋଟାଏ ଅତୀତର ଆର୍ତ୍ତନାଦ ।

"ଥାଉ, ଥାଉ ମିଲି, ମୁଁ ଆଉ ଶୁଣିବି ନାହିଁ । ତୁମେ ପଣ୍ଡିତ ଲୋକ, କ'ଣ ତୁମେ କହୁଚ ମୁଁ କଣ ବୁଝି ପାରିବି ?" କିନ୍ତୁ ଏଇ ଆଖିପିଛୁଳାକେ ଏ ମିଲି କ'ଣ ହୋଇଗଲା ! ଆଗ୍ନେୟଗିରିର ପେଟ ଭିତରର ତରଳ ଆଉଟା ପ୍ରବାହ ଯେପରିକି ଛୁଟିଚାଲିଛି ତାର ମୁହଁବାଟେ, ମାନେ ବୁଝି ହୁଏ ନାହିଁ, କିନ୍ତୁ କେଡ଼େ ଜହ ଜହ ତଳେ ସେ କଥା !—ମିଲି ବକି ଚାଲିଛି—

"ଖାଲି ଦେଣ୍-ନେଣରେ ସମାଜରେ ଆମ ସମ୍ବନ୍ଧ ତ, ସେଥିପାଇଁ ଗୋଟାଏ ସମାଜର ଖେଳ କାହିଁକି ? ରାସ୍ତାରେ ତୁମେ ଜଣକୁ ପାନ ଖଣ୍ଡେ ଦେଲେ ସେ କ'ଣ ତୁମକୁ ଦିପଦ କଥା କହିବ ନାହିଁ ? ଥାଇତ ଅଛୁ କୋଉ କଥାର, ସେ ମୁକ୍ତବୁଆ ନ ପଢ଼ିଲା ବୋଲି ମଣିଷ କାନ୍ଦିବ ? ସମାଜ ହୁଏତ ସୁସ୍ଥ ଥିଲା, ବିଶ୍ୱାସ ଥିଲା ଗୋଟେ କଥା କଲେ ଆଉ ଗୋଟେ କଥା ହୁଏ । ତା'ପରେ ଯୁଗ ବଦଳିଲା ଠିକ୍ ଋତୁ ଯେମିତି ବଦଳେ, ମଣିଷ ଘର ଭିତରେ ଶୋଇଥାନ୍ତି, ସେଥିପାଇଁ ଘଣ୍ଟାବାଜେ ନାହିଁ, ଅଥଚ ଉଠେ ଦେଖିଲାବେଳକୁ ପ୍ରଚଣ୍ଡ ଖରା, ଅସମ୍ଭାଳ ତାତି । ଗୋଟାକ ପରେ ଗୋଟାଏ ଚାଲିଲା ଯୁଗ । କାଲି ସେ ଥିଲା

Digitized by srujanika@gmail.com

କଲାପୀ ସହର, ଆଜ ସେ ପାଉଁଶଗଦା । ସେମିତ ଏଣେ,—ଭୂସ୍ତୂପ ପଡ଼ିଲା ପୁରୁଣା ସମାଜ, ପୁରୁଣା ଦେଉଳ । ଏକର ସେକର ଷ ବୁଲି ବୁଲି ଦଳ ଦଳ ମଣିଷ ଖାଇ ଆଉଟାଥାଉଛି । ଏ ଦୁର୍ଭିକ୍ଷ ନୁହେଁ, ଦୁର୍ଭିକ୍ଷଠୁ ଆହୁରି ବଡ଼ । ଦୁର୍ଭିକ୍ଷ ଖାଲି ଦ'ଦିନର ସମସ୍ତେ ଜାଣନ୍ତି, ପାଗ ବଦଳିଯିବ, ଦୁର୍ଭିକ୍ଷ ଶେଷ ହେବ; କିନ୍ତୁ ଏ, ଏ କିଣ ଶେଷ ହେବ ? ଏ ଯେ ମୂଳ ବଦଳିଛି, କ'ଣ କରିବ ତୁମେ ? ଭୂମିକମ୍ପ ହେଲେ କିଣ କରନ୍ତି ତୁମେ, ଯୋଉ ଭୂଇଁରେ ପାଦ ରଖିଚ ଯଦି ସେ ଦୋହଲିକନ୍ତା ?"

"ଏଗୁଡ଼ା ବଡ଼ ବଡ଼ କଥା ମିଲି, ମୁଁ କ'ଣ ପାଠ ପଢ଼ିଛି ଯେ ବୁଝିବି ?"

"ବୁଝିବ ନାହିଁ ? ଆଖିରେ ଯାହା ଦେଖିବ ତା ନ ବୁଝି କ'ଣ ଆଖି ବୁଜିଦେବ ? ହଜାର ହଜାର ବର୍ଷ ହେଲା ଲୋକେ ଯୋଉଠି ବସବାସ କରି ରହୁଥିଲେ, ଘର କରିଥିଲେ, ପୁଅନାତିଙ୍କ ପାଇଁ ଜିନିଷ ସମ୍ପାଦିଥିଲେ, ନିଜେ ଦେଖିଲାବେଳକୁ ମାଟିରୁ ଓପଡ଼ା ସରିଲାଣି ତାଙ୍କର ଚେର, ତା'ପରେ ସେ ବାତ୍ୟାର ଅଳିଆ, ପବନ ଯେଣିକି ନେଲା ତେଣେ ଉଡ଼ିଯିବେ । ଏଇ ହେଲା ଏ ଯୁଗର ଚେହେରା, କାହାରି ନାହିଁ କି ସ୍ଥିର ନାହିଁ । କାହାରି ଉପରେ ବିଶ୍ୱାସ ନାହିଁ । ତୁମେ ବାଟରେ ଜଣକୁ ସାଙ୍ଗୀ ପାଇଛ, ସେ ଦେଲାଣି ତୁମକୁ ଗୁହା ଭିତରେ ଧକ୍କା । ଆଜି ତୁମେ ଅଛ, କାଲିକି ତୁମେ ନାହିଁ—"

"ତୁମେ ଏତେ ଭାବପାର ମିଲି, ଅଥଚ ପଇନ୍ କର, ହସ ଖେଳ ! ମୁଁ ଯଦି ତୁମପରି ଏତେ କଥା ପେଟରେ ରଖନ୍ତି, ତେବେ ଭାତ ଖାଇହୁଅନ୍ତା ନାହିଁ । ସତେରେ ମଣିଷ ଏତେ ଭାବିଲେ ନିଜକୁ ବି ଘୃଣା କରିବ । ଦୁନିଆଁରେ ଦୁଃଖୀ ଅଛନ୍ତି, ଗରିବ ଅଛନ୍ତି, ତାଙ୍କର କଥା ଯଦି ସବୁବେଳେ ଭାଳିହେବା, ତେବେ ତାଙ୍କରି ଦଳରେ ମିଶିବା ଭଲ, ନ ହେଲେ ଜଙ୍ଗଲକୁ ଯାଇ ବାବାଜୀ ହୋଇ ରହିବା । ମିଲି ହେଇ ଆମର ହେବେ ମାତାଜୀ । କିଣେ ବାବାଜୀ ମିଳିଲେ ସିନା ! ଛାଡ଼, ଭଲ କଥା କହ—"

"ସେଇ ତ ତମର ଭୁଲ୍, ବାବାଜୀ ହେବା କାହିଁକି ? ଯେ ଅରେ ଦୁଃଖ ପାଏ, ସେ ଭାବେ ସଂସାର ତେଜିବ । ଯେ ସବୁବେଳେ ଦୁଃଖ ପାଏ ଯେ ଭାବେ ଏ ଦୁଃଖକୁ ସୁଖ ମଣି କି ଉପାୟ ଧରିଲେ ବଞ୍ଚିବ । ଆମେ କ'ଣ ଖଡ଼ା ଖେଳିବାଇ ବାବାଜୀ ହେବାକୁ ସଂସାରକୁ ଆସିଚୁଁ, ନା ଆସିଚୁଁ ଫୁର୍ତ୍ତି ମଉଜ୍ କରିବାକୁ ? ଆମର ଯେତିକି ହେଲା ସେତିକି, ତାରି ଭିତରେ ସୁଖ କରିବା ।"

"ବେଶ୍ ତ, ସେଇଆ କହୁଛ, ବା'ହେଇ ପଡ଼, ମୁଁ ରଣଜିତବାବୁଙ୍କୁ କହିଦେବି ।" ନିଟା ତୁଣ୍ଡରେ ଧରି ରଙ୍ଗା ପଡ଼ିଗଲା ସବେଞ୍ଜମାର ମୁହଁ, ମୁହଁ ବୁଲେଇ ନେଇ କହିଲା—"ଆଃ, ଜାଲର ଆମର କି ଜିଦ ! ଆସ୍ମରେ ଅଛୁ ।"

Digitized by srujanika@gmail.com

ମିଲ କହିଗଲା,—"ଏ ଯୁଗ ନୁହେଁ ଏମିତିକା ଆଶ୍ରମ୍, ଯାହା ଯେତେବେଳେ ମିଳିଲା । ସୁବିଧା ଲୁଚିଗଲା, ଉପରୁ ଆଟମ୍ ବମ, ତଳେ ଯୁଦ୍ଧ, ଦୁର୍ଭିକ୍ଷ, ଆଉ ଏ ସୁବିଧା ମିଳିବ କି ନାହିଁ ଜଣାନାହିଁ । ସୁବିଧା ଲୁଚିଗଲା, ଘର କରିବ ରହିବ ଭାବ ଗଢ଼ି ଲାଗିଲେ ଧରୁ ଭୁଷୁଡ଼ି ପଡ଼ିବ । ଏ ଯୁଗ ସାଙ୍ଗେ ସାଙ୍ଗେ ଆମେ ବି କ୍ଷଣିକାର ଦଳ, ଯୁଗର ଝୁଆ ଆମେ ମୁହୂର୍ତ୍ତର ଉପାସିକା, ପକ୍ଷୀ ଖୋଳ ଯାଅ ଉଡ଼ି ମନଇଚ୍ଛା, ଏ ଯୁଗରେ ଥଇଥାନ ନାହିଁ, ଥଇଥାନ ଅମଳର ମାପକାଠିରେ ଆମକୁ ମାପି ବସନାହିଁ ।"

ସରୋଜନୀ ଚୁପ୍‌ଚାପ ଶୁଣୁଛି । କହିଲା, "ତା'ପରେ ? ଶେଷ କରିଦିଅ, ଆଉ କାହିଁକି ?"

"କରୁଛି ଯେ । ସେଇଆ କହୁଚି, ଆଗେଇ ଆସ, ଯୁଗର ହାତରେ ହାତ ମିଳାଅ । ସମସ୍ତେ ଯଦି ମରିବେ, ତମେ ଏକା ବଞ୍ଚିବାକୁ କି ଅଧିକାର ? ସମସ୍ତେ ଯଦି ଜଳିବେ, ତମେ ଏକା ରକ୍ଷା ପାଇବାକୁ ଖୋଜୁଚ କାହିଁକି ? ଆଧୁନିକା ହୁଅ, ଲଙ୍ଗର ଉଠାଅ —"

"ତା'ପରେ ?"

"ଶ୍ରୋତାମାନଙ୍କୁ ଧନ୍ୟବାଦ ଜଣାଉଛି ସେମାନଙ୍କ ଧୈର୍ଯ୍ୟ ପାଇଁ, ତେବେ କହି ରଖେଁ,—ଆପଣଙ୍କ ଧୈର୍ଯ୍ୟ ବି ଏ ଯୁଗକୁ ଅଶୋଭନ, ଯୁଗ ସହେନାହିଁ ଧୈର୍ଯ୍ୟ, ସେ ଆପଣମାନଙ୍କଠୁ ଆଶା କରେ ଅଧୀରତା । ବହି ପଢ଼ିଲେ ପୃଷ୍ଠା ଓଲଟେଇ ଦେଇଯିବେ, ଗାଳି ଯଦି ଦେବେ ସେ ତ ଅତି ସ୍ୱାଭାବିକ । ବକ୍ତୃତା ଶୁଣୁ ଶୁଣୁ ହୋ ହା ଘୋ ଘା କରି ଉଠିବେ, ସଢ଼ା ଡିମ୍ବ ପଚ୍ଚ ପାଚିଲା କଦଳୀ ଫୋପାଡ଼ି ମାରିବେ, ନ ହେଲେ କିପରି ପ୍ରମାଣ କରିବେ ଆପଣଙ୍କ ସ୍ୱାଧୀନ ମତ ? ଆପଣଙ୍କ ବ୍ୟକ୍ତିତ୍ୱ ଆଉ ବିଶିଷ୍ଟତା ? ସଭାସ୍ଥଳୀକୁ ଅପବିତ୍ର କଲେ ସେତ ଆହୁରି ବେଶି ସ୍ୱାଭାବିକ ହେବ । ତେବେ କହିରଖେ ଲିପଷ୍ଟିକ, ରୁଜ୍, ପାଉଡର, ଭ୍ୟାନିଟି ବ୍ୟାଗ୍ ଓ ହାଇ ହିଲ୍ ଜୋତା ଆମର ମନର ଚମଡ଼ା ନୁହେଁ, ସେ ଯୁଗର ପୋଷାକ, ପୂର୍ବେ ଯେମିତି ପିନ୍ଧୁଥିଲେ ଝିଅମାନେ ଗଛର ବକଳ, ସେ ପୋଷାକ ସଙ୍ଗେ ଭିତରି ମନର କିଛି ସମ୍ବନ୍ଧ ନାହିଁ । ଆଉ ପ୍ରାଣ, ସେ ତ ନିତ୍ୟ ସନାତନ ।

"କ୍ୟାପିଟେଲ୍ କ୍ୟାପିଟେଲ୍—" ହଲ ତାଳି ମାରି ମାରି ଥରି ଉଠିଥିଲା ।

'ସେ ତ ଠିକ୍—" ନିଲ କହିଲା, "କ୍ୟାପିଟେଲ୍ ମାନେ ପାଣ୍ଠି, ଆଉ କାପିଟେଲ, ପନ୍ଥ କ୍ୟାପିଟେଲ୍, ଉଦ୍ଦେଶ୍ୟ କ୍ୟାପିଟେଲ୍, ସେଥିପାଇଁ ଆମର ଏ ଅଭିଯାନ । ଯଦି ଆମ କ୍ଳବ୍‌ପାଇଁ ଚାନ୍ଦା କିଛି ନ ଉଠିଲା, ତେବେ ଦ୍ୱାର ଦ୍ୱାର ବୁଲି ଫଳ କ'ଣ ?"

Digitized by srujanika@gmail.com

"ନାଇଁ, ବେଶ୍ ମଜା ଲାଗିଲା ତୋର ବକ୍ତୃତା,—" ନଳ କହିଲା ।

ସରୋଜିନୀ କାବା ହେଲା, କହିଲା, "ତେବେ ଏତେବେଳଯାକେ ତୁମେ କ'ଣ ଲେକ୍‌ଚର ଦଉଥିଲ ମିଲୁ !"

"ସିଓର୍, ନ ହେଲେ ବାଟଟା କଟନ୍ତା କେମିତି ? ସେଇ ତ ମଜା, ତୁମେ ଜଣଙ୍କୁ ତାର ଘରୋଇ କଥା ପଚାରିବ, ସେ ଦବ ତୁମକୁ ଲେକ୍‌ଚର୍ । ତୁମେ ହୃଦୟର କଥା ଜାଣିବାକୁ ଚାହୁଁଛ ବାରମ୍ବାର, ହୃଦୟ କାହିଁ ? ଅଛି କାଠ । ତେବେ ବଜେଇ ଜାଣିଲେ କାଠରେ କାଠ ପିଟି ଭଲ କାଠତରଙ୍ଗ ବଜେଇ ହବ, ଶୁଭିବ ବି ଭଲ ।"

"ମୋ ମା' ଲୋ ! ଆଉ ତୁମେ ନଳ ! ତୁମେ ଶୋଇ ନ ଥିଲ ?"

"ଯେ ଯାହା ଭଣେ ସେ ସବୁବେଳେ ତା ନୁହେଁ," ନଳ କହିଲା, "ହେଇ ତମେ ଦୁଶ୍‌ଚ କ୍ୟାଡ୍ ଅଥଚ ତୁମେ ବଡ୍ ।"

"କାଡ୍ ଫେର୍ ବଡ୍,—କି ବଡ ଲୋ ମା ?"

ଦି ଭଉଣୀ ମୁହଁ ଚ୍ୱାଚୁହିଁ ହୋଇ ହସାହସି ହେଲେ । ମିଲୁ ବୁଝେଇଲା, କହିଲା "କ୍ୟାଡ୍‌ମାନେ ଖରାବ ବୁଦ୍ଧିଆ, ବଡ୍ ମାନେ ଜଣା, ମାନେ ତୁମେ ଖରବୁଦ୍ଧିଆ ଜଣାପଡ଼ପାର, କିନ୍ତୁ ତୁମେ ନିତାନ୍ତ ସରଳ, ମାନେ,—ସାଂସାରିକ ଅଭିଜ୍ଞତା କିଛି ନାହିଁ, ତେଣୁ ନିହାତି ଭଲ ମଣିଷଟା ।"

"ହେଇ ଯେମିତି ଗିନିପିଗ୍, ଆଃ କି ପୋଷା !" ନଳ କହିଲା । ସରୋଜିନୀ ଖୁସି ହେଲା, କହିଲା "ତୁମେ ସବୁ ପାଠପଢ଼ା ଝିଅ, ଏ ବାଟରେ କଣି ସେ ବାଟରେ ବାଜ ଦବ ।"

ସମସ୍ତେ ହସିଲେ, ମିଲୁ କହିଲା,—' ବେପାରର ମୂଳ ଆରମ୍ଭ ହେଲା ଏଇ—"

ଗାଡ଼ି ଅଟକିଲା । ବକ୍ସିବାବୁଙ୍କ ଘର । ବକ୍ସିବାବୁ ଜଣେ କର୍ମଚାରୀ । ଲୁଙ୍ଗୀ ଓଢ଼ିଣୀ ପିନ୍ଧି ବଡ଼ ଟାଣି ଟାଣି ଟହଲ ମାରୁଛନ୍ତି । ଉଦିନଜଣଯାକ ହାତରେ ଚମଡ଼ା ମୁଣି ଓହଳାଇ ଖଟ୍‌ଖାଟ୍ ପଶିଗଲେ ଭିତରକୁ । ଏଇଠୁ ଚାନ୍ଦା ସଂଗ୍ରହ ଆରମ୍ଭ । କିଛି ସମୟ ପରେ ବକ୍ସିବାବୁଙ୍କ ଭିତରକୁ ଡକରା ଆସିଲା । ସେ ଭିତରକୁ ଗଲେ ।

ସଂଗଠନ ଲୋଡ଼ା, ସଂଗଠନ ।

ସେଥିପାଇଁ ସହଯୋଗ ଆବଶ୍ୟକ ।

ସମସ୍ତେ ଏକ ହୁଅନ୍ତୁ, ତେବେ ସିନା ।

Digitized by srujanika@gmail.com

କେତେ ଅଳିଆ । କେତେ କାମ ! ଓଃ ।

ବାଟରେ ବାଟୋଇ ଚାଲିଯାଉଛନ୍ତି, ପଚ୍‌ପାଚ୍ ପାନପିକ ପାନପିଠା ଫୋପାଡ଼ି ଦେଉଛି, ଦୁଇପଟ ଘର କବାଟ ଖୋଲି ଦେଇ ଘରଣୀ ବାଟ ମଝିରେ କୁରେଇ ଦେଉଛି ଅଳିଆ, ଅଇନା, ପେଜ ତୋରାଣି ଢାଳି ଦେଉଛି, ବାଟଗୁଡ଼ାକ କି ଅଇନା,—ମାଛି ଭଣ ଭଣ— ଛିଃ ।

କୁଳି ରହିବା ପଲ୍ଲୀଗୁଡ଼ାକ କି ଅଇନା କଦାକାର ! ଭଙ୍ଗା କାନ୍ଥ, ଅଧେ ଅଧେ ନାହିଁ ଚାଳ, ଚିରା ଅଖା ଓହଳେଇ ଭଙ୍ଗା ମୁହଁରେ ତାଟି ତାଳି ଦାଣ୍ଡଙ୍ଗା ଯାହା କଛି ରେଷ୍ଟି ଦେଇ କାମ ଚଳେଇ ନେଉଛନ୍ତି । ଘରପଟେ ଯେତେ ପ୍ରକାର ଅଳିଆ କୁଡ଼ା କୁଢ଼,—କି ଅଇନା କି ଗନ୍ଧ ! ଯେଉଁଠି ହାଣ୍ଡି ସେଇଠି ଗାଣ୍ଡି,— ଛିଃ ଛିଃ ।—

ମଣିଷ । ଚିଲ୍ ନାକରୁ ସିଂଘାଣି ପୋଛିବାକୁ କଣ ଦେହରୁ ଝାଳ ବୁହେ ? ଆପଣା ମୁଣ୍ଡ କୁଣ୍ଡେଇବାକୁ ? ମୁଣ୍ଡ ତ ନୁହେଁ ପୋକଜୋକଙ୍କ ବସା । ତେଲ ଟିକେ ମିଳୁନାହିଁ ? ସ୍ତ୍ରୀଲୋକଗୁଡ଼ାକ ଆହୁରି ଅଇନା, ଚୁଣ୍ଡା ଲୁଗା, ଲମ୍ବାବାଟେ ମୁଣ୍ଡବାଳ ଫୁରୁ ଫୁରୁ ଉଡ଼ୁଛି, ଦେହରେ ମସିହା ପୁଟ ପୁଟ, ନଖତଳ କଳା କଟି କଟି, ଅନ୍ନ ଦେହରେ ଯେଉଁ ଶିଖ,—କଣ ପେଜପାଣି କରି ଗିଳିବାକୁ ହି ବଖତ ମିଳୁନାହିଁ ? ତା ନୁହେଁ,—ଅବେଳାରେ ଭୋଜନ, ଅସ୍ୱାସ୍ଥ୍ୟକର ଖାଦ୍ୟ, ସ୍ୱାସ୍ଥ୍ୟରକ୍ଷାର ସାଧାରଣ ନିୟମ ପ୍ରତି ଉଦାସୀନତା । ଫଳରେ ରୋଗହେଲେ ଆଉ ନକ୍ଷେ ଡେଇଁଲା । ଉଃ, କି ଉଦାସୀନତା ! ମଣିଷ କି'ଣ ପଶୁ !

ଆଉ ଦେଶ, ରାଜ୍ୟ,—ତାର ଚେହେରା ବି ବଦଳିପାରନ୍ତା । ସୁନ୍ଦର ଘରବାଡ଼, ଖାଲି ପଦା ଆଉ ଅଇନା ବଣ ପରିବର୍ତ୍ତେ ଝଲମଲ କରୁଥାନ୍ତା ତୋଟା, ବାଡ଼, ହୃଷ୍ଟପୁଷ୍ଟ ମଣିଷ ଓ ପଶୁ, —ଫୁଲ, ଫଳ । ଦେଶକୁ ଲକ୍ଷ୍ମୀ ଆସନ୍ତେ ।

କାହିଁ ? କନ୍ଦରେ ଘୁମେଇ ଘୁମେଇ ଲୋକ ଚାଲିଛନ୍ତି, ଆଗକୁ ପଛକୁ ନଯା ନାହିଁ । ଅନ୍ଧ ବେଣୀରେ ଭାବି-ଭାବକା କେବଳ ନିଜର ପେଟ ରୁଟିଖଣ୍ଡିକ କଥା । କାଳ ବଢ଼ୁଛି, ଅନ୍ଧ-ପୋଟଳି ଫିଟୁ ନାହିଁ, କିଛି ବଦଳୁ ନାହିଁ ।

ତେଣୁ ସଂଗଠନ ଲୋଡ଼ା, ଆବଶ୍ୟକ ସହଯୋଗ ।

ସରୋଜିନୀ ଭାବୁଛି । ପିଞ୍ଜରାରୁ ପଦାକୁ ବାହାରି ଗଛଡାଳରେ ବସି ଚାରିଆଡ଼କୁ ତୋଳା ବୁଲେଇ ଭାବୁଛି ସତେକି ପକ୍ଷୀଟିଏ । ଆଗରୁ କେବେ ସଂଗଠନ-ରାଜ୍ୟରେ ପଶି ନ ଥିଲି, ନୂଆ ହୋଇ ପଶିଛି । ଗୋଟିଏ କ୍ଲବ୍‌ଘର ହେବ, ତା ସହିତ ଗୋଟିଏ ନାରୀମଙ୍ଗଳ ସମିତି । ଗୋଟିଏ ଢଗରେ ସଂଗଠନ କଥା ଭାବୁ ଭାବୁ ଅନୁଭବ ହଶିଯାଉଛି । ଚାରିଆଡ଼େ କେତେ ଦରକାର ! କେତେ କଥା

Digitized by srujanika@gmail.com

ଅଦ୍ଭୁତ ! ସେ ନୂଆ ଆରମ୍ଭ କରୁଛି, ତେଣୁ ତାର ଉତ୍ସାହ ବେଶି, ଭାବନାରେ ଟେର ଉତ୍ସୁକତା, କାମଟିଏ କଲେ,—ଶ୍ରଦ୍ଧା ମାଗିଗଲେ କ ପ୍ରଶସ୍ତିପତ୍ର ବାଣ୍ଟିଲେ, କ ଏ ବକ୍ତୃତାରେ ଦ ଗୃହ ଜଣଙ୍କ ସଙ୍ଗେ ଅଧଘଣ୍ଟାଏ ସଦାଳାପ କଲେ, ଜନକୁ ଲାଗୁଛି ବୀର ପଣ, ଯେପରିକି ସେ କେଡ଼େ ବଡ଼ କଥାଟିଏ କରିଛି, କୁହାଟ ମାରି ବହୁତ ଉଡ଼ିବାକୁ ଇଚ୍ଛା ହୁଏ,—କ'ଣ ସେ ନ କଲା !

ସେହି ସଂଗଠନ କଥା ଭାବନ୍ତି ଅନେକେ ଭାବନାର ଅନେକ ସ୍ତରରୁ ।

ପିଠି ଉପରେ ତ୍ରିକୋଣ ଗଣ୍ଠିଟିଏ ଦେଇ ଲୁଗା ଲମ୍ବ ନଇଁପଡ଼ି ଖାଲି ପାଦରେ ଚାଲି ଚାଲିକା ଗାଁଗଣ୍ଡା ଭିତରେ ଖରାଏ-ତରାଏ ବୁଲୁଛି ଜଣେ କିଏ, ଅଣ୍ଟା ଲୁଚୁନାହିଁ, ମୋଟା ଲୁଗା,—ଝାଳ ଜରଜର ବୋହୁଥାଏ ଧୀଏ ଧୀଏ ଭେଦୁଛି, କିଆପିଆ ଶୁଆବସାକୁ ଜାଗା ନାହିଁ । ଖଦ ବକୁଛି, ଅରଟରେ ସୂତାକଟା ପ୍ରଚାର କରୁଛି । ଗ୍ରାମୋଦ୍‌ଯୋଗର ମୂଳଦୁଆ ପକାଉଛି । ପ୍ରଚାର କରୁଛି ଅହିଂସାର ବାଣୀ । ଘର ଛାଡ଼ିଛି, ରୋଗବାଧିକା ବାଡ଼-ବଳି କି ପରେଇ ରହିନାହିଁ । ସେ ଗୋଟାଏ ଭାବର ରୂପକ ।

ନାଁ ଖୋଜୁନାହିଁ, କ୍ଷମତା ଖୋଜୁନାହିଁ, ସୁଖ ଖୋଜୁନାହିଁ । ଖାଲି ଖୋଜୁଛି ରାମରାଜ୍ୟ ।

ରାମରାଜ୍ୟର ସ୍ୱପ୍ନ ଦେଖୁ ଦେଖୁ କେଉଁଠି କେଉଁ ଅପଲକ୍ଷ ଦଣ୍ଡାରେ ସେ ତାର ହାଡ଼ ଗୁଣତେଣ୍ଡ ଫୋପାଡ଼ି ଦେଇଯିବ । ହାଡ଼ କେଇଖଣ୍ଡ, ଫେଣ୍ଟେ ଦୂରନ୍ତା ଗୋଟାଏ ଖପୁରି । ଗୁଣଆଡ଼େ ଘାସ । ଗୋରୁ ଚରୁଥିବେ ।

ସେ ନଥିବ । ଥିବ ତାର ମହାଭାବ । ସେହି ମହାଭାବକୁ ରକ୍ତରେ ପୁରେଇ ତଥାପି ଲାଗିରହିଥିବେ କେତେ ନୀରବ କର୍ମୀ । କାଦୁଅରେ, ଧୂଳିରେ । ବାଡ଼ିରେ ବଣିରେ । ଚେଙ୍ଗା ଫୋପଡ଼ା ହେବ, ମାଡ଼ଗାଳି ହେବ । ତାଙ୍କର ନାଁ ନାହିଁ, ତ୍ୟାଗର ବ୍ରାହ୍ମଣ-ଜୀବନ ।

ସରେଇଜାମ ବି ଭାବେ, ମିଲ ବି ଭାବେ । ସେଇଟା ଭାବନ୍ତି ସେଇଟା ଉପାୟରେ ।

ଫୁଲ୍‌କା ବେଣତଳେ ହାତବୋମା ଛପେଇ ରଖି ଗୋଡ଼ ଚପି ଚପି ଚରଂ ଚରଂ କହି ଛକ ଛକକା ବୁଲୁଥାଏ କେହି । ବୋମା ଫୋପାଡ଼େ, ମଣିଷ ମାରେ, ଗାଡ଼ି ଓଲଟାଏ । ଲୋକଙ୍କୁ କନ୍ଦାଏ, ସଂହାର ତୁନାକରେ । ସାମ୍ନାରେ ଦେଖେ ହିଂସା, ଦେଖେ ନିଆଁ ଧୂଆଁ, କୋଟଲିଆ ରକ୍ତର ନଈ । ବନ୍ଧୁର ପଥ ତାର, ଅଶାନ୍ତ ଜୀବନ । ଅନିଶ୍ଚିତ । ସ୍ୱୈରପଣ ଲୁଚ ଲୁଚ । ଅଜା ମେଞ୍ଚାଏ କାଲି କେଞ୍ଚାଏ । ପୁରସ୍କାର ଗୁଳି ବା ଫାଶୀ କାଠ, ଠିକଣା ନାହିଁ କେତେବେଳେ କ'ଣ ।

Digitized by srujanika@gmail.com

ସେ ବି ଦେଖେ ଗୋଟାଏ ସ୍ୱପ୍ନ ।

ଦୁନିଆଁର ମୂର୍ତ୍ତି ବଦଳେଇବା ସ୍ୱପ୍ନ ଦେଖେ ଦରିଦ୍ର ଚଷା, ଭାଗବତ-ଟୁଙ୍ଗିରେ ପଞ୍ଚତି ଲଗେଇ ମାଳିକା ଓ ପୁରାଣ ଆଲୋଚନା ଭିତରେ ସ୍ୱପ୍ନ ଦେଖେ । "କଳ୍କୀ ଅବତାର,—ସେ ଆଉ କେଇଦିନ ? ତା'ପରେ ବାରଦାଣ୍ଡ ଖଣ୍ଡା', ସିନ୍ଦୂର ଲଗିହୋଇ ବଜ୍ରଲା କାମ୍ବୀର । କଣ୍ଟ୍ରୋଲ ମୁକ୍ତହେଲା, ଟଙ୍କାକୁ ଚାଉଳ ଦେଢ଼ସେର, ନ'ଅଙ୍କବେଳେ ତ ଆହୁରି ଶସ୍ତା ଥିଲା, ସତ୍ୟ, ଦ୍ୱାପର, ତ୍ରେତା କଳି, କଳଙ୍କୀ ଅଉ କେତେ ଡେରି ?"

ବଦଳା ଦୁନିଆଁର ସ୍ୱପ୍ନ ଦେଖନ୍ତି ପୁଣି ବ୍ୟବସ୍ଥାପକ ଦଳ । ନଈ-ମୁହଁରେ ଲଗାମ ଲଗେଇ ଉତ୍ପନ୍ନ ହେବ ବିଦ୍ୟୁତ୍‌ଶକ୍ତି, ପୂର୍ତ୍ତି ଜଳସେଚନ ହେବ । ଜଙ୍ଗଲ ଉପାଡ଼ି ଭୂଇଁ ଖୋଳି ତଳୁ ଧାତୁଦ୍ରବ୍ୟର ଖଣି ବାହାରିବ । ଯନ୍ତ୍ର କାମ କରିବ, ଯନ୍ତ୍ର ଚାଷ କରିବ, ଯନ୍ତ୍ରରେ ଉତ୍ପାଦନ ବିନା ଅଭାବ ମେଣ୍ଟିବ ନାହିଁ; ଅତଏବ— ।

ଉପାୟ ଭିଆଏ ଦେବ-ପୂଜକ, ମଙ୍ଗଳ ଆଳତି ପାଖେ ମଙ୍ଗଳ ଜଣାଣ କରେ "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ—" ଯୋଜନା ବାନ୍ଧେ,—ଗ୍ରାମେ ଗ୍ରାମେ ନଗରେ ନଗରେ ଯଦି ଶାନ୍ତି-ଯଜ୍ଞ ହୁଅନ୍ତା, ଚିତ୍ତେ ଏପାପ ଧୁଅନ୍ତା, ପୃଥିବୀରେ ସ୍ୱର୍ଗ ପ୍ରତିଷ୍ଠାପାଇଁ ଏକମାତ୍ର ଉପାୟ ନାମ-ସଂକୀର୍ତ୍ତନ, ଯାଗଯଜ୍ଞ ।

ଆଖିବୁଜି ତଳପଡ଼ି ବସି ଧ୍ୟାନ ଲଗାଇ ଉପାୟ ବାହାର କରେ ଭାବୁକ, ଏତେ ଦୁଃଖ ! କାହିଁକି ଏ ? ସଂସାରରେ କଣ ଖାଇବାକୁ ନାହିଁ ? ବସୁର ଆକର ଏହି ବସୁଧା । ବଣ୍ଟନରେ ଭୁଲ୍ ଯୋଗୁଁ ସବୁ ଅସମତା, ସବୁ ଦୁଃଖ । ଧନର ବୈଷମ୍ୟ ଦୂର କରି ପାରିଲେ, ବଣ୍ଟନର ରୀତି ସୁଧାରି ପାରିଲେ ଏକାଦିନକେ ପୃଥିବୀ ବଦଳିଯାଆନ୍ତା, କୁତ୍ସିତ ଦାରିଦ୍ର୍ୟ ଆଉ ଖିରୁ ମନ ରହନ୍ତାନାହିଁ, ଅତଏବ— ।

ସଂଗଠନ ଆଉ ସହଯୋଗ, ଏକା ଆୟୁଧ ସବୁରି ମନରେ । ଉପାୟ ଭଣେ ।

ସର୍ବେଜନୀର ଉପାୟ ଥିଲା ଗୁହାଖୋଳା, ମୁକ୍ତି ଥିଲା ବଡ଼ ସହଜ । ସମସ୍ତେ ସଦ ଗୁହା ଦଅନ୍ତେ,—ଅରେ ନୁହେଁ, ନିୟମିତ, ଚୌବେ ପାଣି ଗଡ଼ା ହୁଅନ୍ତା । ସେହି ପାଣିରେ ନାଗମଙ୍ଗଳ କାର୍ଯ୍ୟ ଆରେଇ ଗୁଲନ୍ତା । କାର୍ଯ୍ୟ ବି କଣ ? ସେ ଭଣ ପଥର ଭଙ୍ଗା ? ଘଣ୍ଟା ପେଲା ? କଣ୍ଟା କୁଟା ? ନୁହେଁ । କେବଳ ସମସ୍ତେ କ୍ଲବ୍ ଘରେ ଏକାଠି ହେବା । ଏକାଠି ହେଲେ ଦେଖାଦେଖିରେ ତ ଶିଖାଶିଖି, ଶିଖା-

Digitized by srujanika@gmail.com

ଶିଖିରେ ଦେଇଂଚା । କେମିତି ଲୁଗା ପିନ୍ଧିବ, କେମିତି ବୁଣିକର ହେବ । ଦେହ ରହିବ କେମିତି । ବ୍ରୁସ୍କାମ୍, ବୋଷେ କାମ । ସଜାସଜ କରିବା ବିଷୟରେ ଅମୋଘ । ସଙ୍ଗୀତ ଓ ନୃତ୍ୟକଳା,—ଘରୁ ଘରୁ ସେ ସବୁ ଉଠିଯାଇ ଘରସବୁ ହେଲଣି ବିରସ । ସେଥିରେ ମନରେ ସ୍ଫୁର୍ତ୍ତି ଅସେ, ଘରେ ଅନନ୍ଦ ଖେଳେ, ମନ ପ୍ରଫୁଲ୍ଲ ରହିଲେ ଦେହରେ ସ୍ୱାସ୍ଥ୍ୟ ହେବ;—କାରଣ ମନ ଦେହର ଘନିଷ୍ଠ ସମ୍ପର୍କ । ମନ ଓ ଦେହ ତାଜା ଥିଲେ ଘର ତାଜା ରହିଥିବ । ସ୍ୱାସ୍ଥ୍ୟରକ୍ଷା ବିଷୟରେ ଅଲୋଚନା ହେବ,—କଣ ଖାଇଲେ ବଳ ବଢ଼େ, କେମିତି ଚଳିଲେ ରୋଗ ନ ଗ୍ରାସିବ । କୁଲବନ୍ତି ର ସମସ୍ତେ ସଦ୍ ମଶାରି ବ୍ୟବହାର କରନ୍ତେ, ଗରମ ପାଣି ବ୍ୟବହାର କରନ୍ତେ, ତେବେ କଣ ସେମାନଙ୍କୁ ଏତେ ମ୍ୟାଲେରିଆ ହୁଅନ୍ତା ? ନିୟମିତ ଅବସରରେ ପ୍ରତ୍ୟେକେ ସଦ୍ ଡାକ୍ତରଦ୍ୱାରା ନିଜକୁ ପରୀକ୍ଷା କରାନ୍ତେ, ତେବେ ବେମାର ବଢ଼ି ଯାଆନ୍ତା ? ସାଧାରଣ ଜ୍ଞାନଚର୍ଚ୍ଚା, ଦେଶବିଦେଶର କଥା ଅଲୋଚନା । ମୋଟାମୋଟିରେ ନାରୀମଙ୍ଗଳ, ନାରୀଜାତିର ମଙ୍ଗଳ ହେଲେ ଦେଶର ମଙ୍ଗଳ ଆପେ ଆପେ, କାରଣ ସେମାନେ ଘରଣୀ, ସେମାନେ ଭବିଷ୍ୟତର ମା, ତାଙ୍କରି କୋଳରେ ରହିଛି ଅଗନ୍ତା ମୁଗ । ସାନ କ୍ଲବ୍‌ଟିରୁ ଆରମ୍ଭ କରି ଏ ଯୋଜନା ବ୍ୟାପିଯାଅନ୍ତା ଦେଶସାରା । ସେଥିପାଇଁ ଚାନ୍ଦା ଲୋଡ଼ା । ଜଣେ ଦେବ ଟଙ୍କାଟିଏ ଚାନ୍ଦା, ସେଥିରେ ହେବ କୋଟିଏ ଟଙ୍କାର ଉପକାର ।

କେବଳ, ଦେଲେ ହେଲା ।

ତାର ନୂଆ ଉତ୍ସାହରେ କୌଣସି ଅସମ୍ଭବପଣ ସେ କାନରେ ପକେଇବାକୁ ରାଜି ହେଉନାହିଁ ।

ତେଣୁ ସବୁ ଶୁଣି ବଳୀଦତ୍ତ ଯେତେବେଳେ ଖାଲି କହିଲା "ହୁଁ" ସରୋଜନୀ ରାଗରେ ତାତିଯାଇ ରୁନ ପଡ଼ି ଏକମୁହାଁ ହୋଇ ଘରଭିତରକୁ ଦୁମ୍‌ଦାମ୍ ପଶିଗଲା । ଯେତେ ସେ ଭାବୁଛି ନିଜପଟେ ନ୍ୟାୟ, ଆରପଟେ ଅନ୍ୟାୟ, ସେତେ ସେ କୁହୁଳୁଛି । କିଛି ଦେଖୁନାହିଁ; ଦେଖୁଛି ବଳୀଦତ୍ତର ଅପଦାର୍ଥପଣ । ଜୋତା ହଟା ଖୋଲି କପଡ଼ା ମାରିଲାବେଳେ, ଶଷ୍ଟ୍ରୋଚଟା ହାତରୁ ଖୋଲି ଖୋଲି ପ୍ରାୟ ଓଟାରି ଗଡ଼େଇଲାବେଳେ, ଲୁଗା ବଦଳାଲା ବେଳେ, ସେହି ଗୋଟାଏ ଚିନ୍ତା । ଲୋକଟା ତାର ଦୟା ପାଇବାକୁ ବି ଅଧମ !

ଚୁପ୍‌ଚାପ୍ ବସିଥାଏ । ବଳୀଦତ୍ତ ଆସିଲା । କହିଲା—

"ଏତେ ଗମ୍ଭୀର ହୋଇ ବସିଛ ଯେ ସରୋଜ୍ ?"

"ବୁଝିଲ, ଯେ ଭାବେ ସେ ଗମ୍ଭୀର ହୁଏ, ଯେ ନ ଭାବେ, ସେ ବୁଝି ପାରିବନାହିଁ ।"

Digitized by srujanika@gmail.com

"ଓଃ, ଖରୁଛ ତୁମେ ତେବେ, ସ୍ୱପ୍ନ।"

ସରୋଜିନୀ କିଛି କହିଲା ନାହିଁ।

"କ'ଣ ଏତେ ଭାବୁଛ କହିଲ ?"

"କହିଲେ ବି ତୁମେ ବୁଝି ପାରିବ ନାହିଁ।"

କାଳୀଦତ୍ତ ତା ମୁହଁକୁ ଚାହିଁଲା, ହଠାତ୍ ମୁହଁ ତଳକୁ ପୋତି କହିଲା—

"କ'ଣ ଛୁଆ ପିଲା ? ସେ ଭଗବାନଙ୍କ ହାତର କଥା। ଗରିବ ଘରେ, ଯେଉଁଠି ଖାଇବାକୁ ନାହିଁ, ସେଠି ପୁଞ୍ଜା ପୁଞ୍ଜା ଛୁଆ, ଯେଉଁଠି ଅଛି,—ସେଠି ନାହିଁ, ନା, ବହୁତ ଧନରୁ ଲକ୍ଷ୍ୟ କଲଣି ତୁମେ ଖାଲି ହେଉନ। ଭାବନା କ'ଣ ? ଭାଗ୍ୟରେ ଯାହା ଥିବ।"

କନ୍ଥ ଫଳ ହେଲା ଓଲଟା, ଫୁଲ ଫାଙ୍କିରେ ଜଳାଳପର ଥର କମ୍ପି ଅସମ୍ଭାଳ ହୋଇ ସରୋଜିନୀ ଉଠି ଚାଲିଗଲା। ତାର ଅପ୍ରତିହତ ପଣ ବଜାୟ ରଖି ବେହେଲ ହୋଇ କାଳୀଦତ୍ତ ପାଟିକଲା—"ହୋ ଶୁଣ, ଲାଜ ହେଲା କି ? ପେଟେ ଭୋକ ମୁହେଁ ଲାଜ; କନ୍ଥ ଛୁଆପିଲା ହେଲେ ଆଉ ଚେହେରା ରଖିପାରିବ ନାହିଁ କି ଏମିତି ପିଲାପରି ମନ ରହିବନାହିଁ ଜାଣିଥା। ହେଲାବେଳେ ହେବ ଯାହା ହେବାର, ସେ ପର୍ଯ୍ୟନ୍ତ ଝଟକୁଥାଅ।"

ସରୋଜିନୀ ବୁଲିପଡ଼ିଲା, କହିଲା,—କ'ଣ ତୁମେ ବୁଝିଲ, କହିବଟି ମତେ ଟିକିଏ ?"

"ସବୁ ତ ବୁଝିଲି।"

"ନାହିଁ, ଯାହା ମୁଁ କହିଲି। ତୁମର ପଦେବି ସହାନୁଭୂତି ନାହିଁ ? ତୁମେ ମଣିଷଟି ?"

"ତା ତୁମେ ଜାଣ। ଗୁଡ଼, କ'ଣ କରିବାକୁ ହେବ କହିଲ ଟିକିଏ ? ଖୁଣ୍ଟ ପୋତା, ନା ଚୁମୁଡ଼ିଆ ବନ୍ଧା, ନା ଆଳୁଅ ଲଗେଇବା, ସବୁ ମୁଁ ଠିକ୍ କରିଦେବି। ଗୁହାଳ ଖାତାଟା ମତେ ଦେଇଥା, ଗୁହାଳର ବି ଉପକାର ହେବ, ତା' ପରେ,— ଦୀପ ଜଳିଲେ ହାତ ଟେକ୍‌କଣ। ସବୁ ବିଷୟରେ ତ ମୋର ସହାନୁଭୂତି ଅଛି, କୋଉଥିରେ ନାହିଁ ?"

"ରଖିଥା ତମ ସହାନୁଭୂତି, ଯାହାର ମତ ଆମ ମତ ସାଙ୍ଗେ ମିଳେ ନାହିଁ—" କଥା ମଝିରେ କାଳୀଦତ୍ତ କହିଲା,—"ତା'ର ସଙ୍ଗ ଆମେ ଛାଡ଼ିବୁ, ଏଇଆ କହିବ ତ ! ଓଃ ସରୋଜ ! ମତ ଯୋଗୁଁ ତୁମେ ଲଢ଼େଇ କରି ପାରିଲନି ! ତୁମେ ତ ଏକଦମ୍ ଆଧୁନିକା ! ହେଇ କାଲି ସକାଳେ ତ ତମକୁ ଅ ଆ ଆରମ୍ଭ କରେଇଥିଲି, ତମେ ଏତେ ଉଞ୍ଚରେ ଯାଇ ଉଠିଲଣି ! ସତେରେ କହନ୍ତି, ମାଇକିନିଆଁ ଙ୍କ ଅ ବଢ଼ି ଅପୂର୍ବ, ଆଶ୍ଚର୍ଯ୍ୟ !"

Digitized by srujanika@gmail.com

ସରୋଜନୀ ଏଥର ରାଗରେ ବି ହସିଦେଲା, କହିଲା,—"ତୁମେ ଅଦ୍ଭୁତ ଚମତ୍କାର—"

"ପଢ଼ିଲେ ବୁଝିଥାନ୍ତ, ବଶୀକରଣ କରିବାକୁ ହୁଏ ମୁହଁବାଟେ।"

"ଏଥର ବଶୀକରଣ କରି କ'ଣ ହେବ ? ତୁମେ ତ ଆମ ପନ୍ଥାରେ ବିଶ୍ୱାସ କରନାହିଁ।"

"ଚାନ୍ଦା ଉଠେଇ ଜଗତ ଉଦ୍ଧାର କରିବା ଉପାୟରେ ତ ? ଖୁବ୍ ବିଶ୍ୱାସ କରେ। ତୁମେ ଚାନ୍ଦା ଉଠାଅ, ସଭାସମିତି କର, ନାଁ ହବ ମୋର। ଅମୁକଙ୍କ ସ୍ୱାମୀ କିଏ ? ହେଇ, ସେ ଯିଏ ସେଠି ଯାଉଛନ୍ତି। ମାରେ ସିପାହି, ଜିତେ ସର୍ଦ୍ଦାର। ଖାଲି, ଚାନ୍ଦା ଖାତାରୁ ଖଣ୍ଡେ ମତେ ଦିଅ, ଦେଖିବ ମୁଁ କ'ଣ କରିପାରେ।"

"ତୁମେ ସାକ୍ଷାତ୍—"

"ଅଜ ଠିକ୍ କହୁଚ। ବୁଦ୍ଧିଆ ଲୋକ ଯେ ସେ ପଦାକୁ ଦେଖାଏ ଅଜ ବୋଲି; କିନ୍ତୁ ମନେ ରଖ, ସମସ୍ତେ ଆଗ ଆଟ ହସି ହାଲିଆ ହୋଇପଡ଼ନ୍ତି, ସେ ଶେଷରେ ହସେ, ମନେ ରଖ।"

ସରୋଜନୀ ଆରଘରକୁ ଚାଲିଗଲା। ବଳୀଦତ୍ତ ପଛରୁ ଚାହିଁ ମନ ଆନନ୍ଦରେ ଭାବିଲା—ବିସ୍ମୟ ସତେ। କଥା-କଥାକେ କାବା କରିଦିଏ। ପଦେ ପଦେ ପ୍ରମାଣ ଦିଏ ତାର ମାର୍ଜିତ ମନର। ନ ଜାଣିଲା ଲୋକ ଭାବିବ, ବି.ଏ. ଏମ୍.ଏ. ପଢ଼ିଛି। କେଡ଼େ ଚଞ୍ଚଳ ! ଯାହାର ଗୁଣ ଯେପରି। ଅତି ସାନ ବରମଞ୍ଜି ଭିତରେ ଥାଏ ଭବିଷ୍ୟତର ପ୍ରକାଣ୍ଡ ବରଗଛ। ଦୁନିଆ ଆଶ୍ଚର୍ଯ୍ୟ। ସବୁ ଆଶ୍ଚର୍ଯ୍ୟ। ସବୁଠୁ ବଡ଼ ଆଶ୍ଚର୍ଯ୍ୟ ତାର ସ୍ତ୍ରୀ।

ସେ ଘରେ ସରୋଜନୀ।

ସେ ଭାବୁଥିଲା ଖାଲି ଗୋଟାଏ କଥା,—ବଳୀଦତ୍ତ କଣ ଭାବି ଏପରି କହିଲା ? ସେ ଶେଷରେ ହସେ। କାହିଁକି ? ତେବେ ସେ କଣ କିଛି ଶୁଣିଛି ?—ଜାଣେ କିଛି ?

ଫାଙ୍କା ଦୃଷ୍ଟିରେ ପଦାକୁ ମୁହଁକରି ଆପଣା ଅନ୍ତରକୁ ଅନେଇ ଠିଆ ହୋଇଥିଲା ଗୋଟିଏ ନାରୀ। କପାଳରେ ଝାଲବୁନ୍ଦାର ମାଳ, ଓଠର ବାଙ୍କ ଅସ୍ୱାଭାବିକ।

Digitized by srujanika@gmail.com

ସନ୍ଦେହ ଆସେ, ସନ୍ଦେହ ଯାଏ, ଆକାଶରେ ଲାଗିରହେ ଛିଣ୍ଡା ଛିଣ୍ଡା ମେଘ ଓ ହୁରୁହୁରିଆ ପବନର ସବୁଦିନିଆଁ ଖେଳ ।

ପବନ, ସେ ସତେକି କାମନାର ଉଗ୍ରତା, ନିଜ ଖିଆଲରେ ନିଜେ ଉଡ଼େ, ଗଢ଼ ଗଢ଼ ଗରଜେ, ନିଜେ ନିଜର ସତ୍ତା ହଜାଏ, ପ୍ରତିବନ୍ଧକ ତାର ଖେଳଣା ।

ସର୍ବେକ୍ଷଣୀ ତାର ହାଓ୍ୱାଇ ଦୁନିଆରେ ପବନରୂପ ଧରିଥିଲା ।

ବଳୀବର୍ଦ୍ଧର କୋଠି ତାର ଅନ୍ଧାର ଗୁମ୍ଫା, ସେଠି ତାର ବେଗନାହିଁ,— ଖାଲି ଅଳସ ହୋଇ ଝୁଲିବା, ପଦା-ପ୍ରକାଶ ବା ଯାଉଟିଂ ପାଇଁ ଅପେକ୍ଷା କରିବା, ଘରେ ବାହାରିଲେ ସେ ତାର ବେଗ ଦେଖାଏ, ସେତିକି ସେ ପବନ ହିଁ ।

ଶୁଭଦିନ ଆସିଥିଲା ।

ନାରୀ-ସମିତିର ଉଦ୍‌ଘାଟନ ରଜନୀ ।

ନିମନ୍ତ୍ରିତ ଓ ନିମନ୍ତ୍ରିତା ଅନେକେ, ବିଶିଷ୍ଟ ଅତିଥି କୁମ୍ଭୀମାନର ସାହେବ୍ ମିଷ୍ଟର ଶର୍ମା ।

ସେମାନେ ଆସିବେ ।

ସହଯୋଗୀମାନଙ୍କର ଉଛୁଳା ଉତ୍ସାହ, ଅଟଳା ଆଶା ।

ଆଜିର ରାତିଟି ସ୍ମରଣୀୟ ନିଶ୍ଚୟ ।

ଐତିହାସିକ ।

ଗୁଲଛତ୍ର ଦଳ ।

ନାରୀ,—ସେ ନାଁ ହିଁ ଯଥେଷ୍ଟ ।

ଘଟିବ କି କିଛୁ ? ପ୍ରତୀକ୍ଷା କରିବା ନଗର ସ୍ୱଭାବ ।

ପାନ, ବିଡ଼ି, ସିଗାରେଟ୍ ମୁଠା । ବାଡ଼ି, ଖାଲିହାତ, ଟର୍ଚ୍ଚ । ଲୁଗା, ସୁଟ୍ । ପଦାତିକ, ମଟର । ଦମ୍ପତୀ, ଅବିବାହିତ । ଖୋଲମୁହଁ, ପୋଲଖିଆ । ଟିକେଟ୍, ବେଗର୍‌ଟିକେଟ୍ । ନିମନ୍ତ୍ରିତ, ଅନାହୁତ । ଗୁଲଛତ୍ର ଦଳ । ଉଦ୍‌ଘାଟନ ରଜନୀ । ମନରେ ନିଶା । ଉଦ୍ଦାମ ଚିନ୍ତା । ଅଦ୍ଦମ ଉଦ୍ଭବ ।

ସେତେ ପାଇଲେ ବି ଆଜି ପୁରେନାହିଁ ।

Digitized by srujanika@gmail.com

ବଡ଼ଠାକୁରେ ବୁଲଥିଲେ କାଲଆ କୁକୁର ହୋଇ ।

ସେମିତ ବୁଲନ୍ତ ଠାକୁରଙ୍କ ସନ୍ତାନ,—ମଣିଷ ।

ଉଦ୍‌ଘାଟନ-ରଜନୀ, କବାଟ ଖୋଲିବ, ପର୍ଦ୍ଦା ଉଠିବ, ପ୍ରତୀକ୍ଷା ସେପାଖେ ବନ୍ଧୁସ୍ୱ । ଖାଲି ବନ୍ଧୁସ୍ୱ ।

ମନରେ ନାଚ, ତୁଣ୍ଡରେ ବାଜେକଥା । ବୃଦ୍ଧ ଖୋବା ଖାଁ ପର୍ଦ୍ଦା ଆଡ଼କୁ ମିଞ୍ଜି ମିଞ୍ଜି ଅଖିରେ ଅନେଇଛନ୍ତି, ଚଷମାକୁ ଉପରକୁ ତଳକୁ କରୁଛନ୍ତି, ଗମ୍ଭୀର ହୋଇ ପାଖର ଜଣେ ଅଚିହ୍ନାକୁ ଧମକୋଉଛନ୍ତି । "କ୍ୟା ପାନବନ୍ଧୁ, କହଥିଲ ତବ, କେଁ ଟା କଲ ? କିଛି ହବନାହିଁ ତମଦ୍ୱାରା, ରହ, ଦେଉଛି ରହଥା ।" ଗୋଡ଼ ଉପରେ ଗୋଡ଼ ଛକିଦେଇ ବସିଲେଣି । ବୃଦ୍ଧ ଶରୀରକୁ ଆରାମ ଲାଗୁଛି, ଦମ୍ଭ ଲାଗୁଛି । ପର୍ଦ୍ଦା ଆଡ଼କୁ ଚାହୁଁ ଚାହୁଁ ଭୁଲି ହୋଇଯାଉଛି ଗାଳି । "ହଁ, କଣ କହୁଥିଲ ?"

ଛତ୍ରୁଣେ ପାନବନ୍ଧୁ କାନରେ ଠେଲିଛନ୍ତି ସେ ତାପାନ । ଗାଳି ଶୁଣି ଟାଳ ଦିଅନ୍ତି । ଏ ଖୋବା ଖାଁ । ଦଣ୍ଡାୟମାନ ରହି ଗାଳି ଟାଳୁ ଟାଳୁ ପର୍ଦ୍ଦା ଆଡ଼କୁ ଚହଲି ଯାଉଛି ଆଖି । ଗୋଟାଏ ଗୋଡ଼ ଠିଆରଖି ଆର ଗୋଡ଼ଟା ଏକର ସେକର କଲେଣି ଧୀରେ ଧୀରେ । "ହଁ, ଏ ଗାଳିର ବି ସମାପ୍ତି ଅଛି, ଖୋବା ଖାଁ ସବୁଦିନେ ନ ଥିବ ।"

ସବୁ ମଣିଷ ଅଗଣି ଗଭଡ ମୁହଁ ଗୋଟିଆକର ଦ୍ରୁତ୍‌ର ସିଗାରେଟ୍ ଧୂଆଁ ଛାଡ଼ୁଛନ୍ତି । ବଜାର ଦର ବିଷୟରେ ଗୋଟିଏ ଛୋଟ ଅର୍ଥନୈତିକ ବକ୍ତୃତା ଦେଉଛନ୍ତି । ମୁହଁ ଅଛି ପର୍ଦ୍ଦା ଆଡ଼କୁ ।

ବଶାଳ ଶ୍ୟାମବାବୁଙ୍କୁ ଲାଗୁଛି ଭାରି ଗରମ, ସେ ଏକର ସେକର ବୁଲୁଛନ୍ତି । କହି ବୁଲୁଛନ୍ତି ତାଙ୍କୁ ଝେକକରୁଛି । ସ୍ଥାନେ ସ୍ଥାନେ ଗୁଜଣ କଥା ଆଲୋଚନା, ନାଉଭଜନର ଧନ୍ଦା, ସୁଖ ଦୁଃଖ । ଠାଏ ଲାଗିଛି କୁତ୍ସା-ଆଲୋଚନା । ପାଞ୍ଚଜଣ ମୁଣ୍ଡ ନୁଆଁଇ ଶୁଣୁଛନ୍ତି, ବେଳେବେଳେ ବୁଲିପଡ଼ି ଚାହୁଁଛନ୍ତି ଏ ପାଖକୁ, ସେ ପାଖକୁ ।

ଆଲୁଅ ଝଲମଲ । କାଗଜର ଫୁଲ, କାଗଜର ହାର ଫଡ଼ଫଡ଼ ଉଡ଼ୁଛି । ପର୍ଦ୍ଦା ଅରୁଛି, ଉଠୁନାହିଁ । ଚୌକି ଭର୍ତ୍ତି ।

କିଛି ସମୟ ପରେ ଚହଲି ଖେଳିଗଲା,—"ସାହେବ୍ ଆସୁଛନ୍ତି, ସାହେବ୍ ।" ହଠାତ୍ ଝଙ୍କିଲି ଦାନାପାଣିର ଚେତନା, ସାହେବ୍—ସେ କୁମ୍ପାନି ଅଫିସର ଜେନେରାଲ ମ୍ୟାନେଜର । ସବୁ ଆଶାର ଆଧାର, ସବୁ ଭୟର ବି ।

Digitized by srujanika@gmail.com

ମହକ୍‌ର ଭୂତ ଉତ୍ତରିଲା, ତା ପରେ ସମସ୍ତେ ନିଜ ନିଜ କାମିଜା ମଗିଛ, ଧଳା ଧଳା ହୋଇ କାମକୁ ଯିବା, ଶଙ୍କିତ ହୋଇ ବେକ ଭିଡ଼ି ଲାଗିପଡ଼ିବା, ପୁଣି ଧଳା ଧଳା ହୋଇ ଲେଉଟି ଆସିବା ଗୋରୁ ବାହୁଡ଼ାଣି ବେଳେ। ହଠାତ୍ ଯେପରି ଛୁଟ ପିଟି କିଏ ଚବକେଇ ଦେଲା, ସମସ୍ତେ ଭୁସ୍‌ଭାସ୍ ଠିଆ ହୋଇପଡ଼ିଲେ। ସାହେବଙ୍କ ଗହଣରେ ଠିଆହେବାକୁ ଅଧିକାର ଅଛି ଯେଉଁମାନଙ୍କର, ସେହି ଉପରକମାନେ ତରତର ହୋଇ ବାଟମୁହଁକୁ ଛୁଟିଲେ। "ସାହେବ୍—ସାହେବ" ବଳିବଳେଇ ଟାଇଁଗଲେ ଖୋଲା ଗଳା, ବୋତାମ ଫିଟିଯାଇଛି, ଗେଞ୍ଜିଆ ଦେହରେ ବଙ୍କେଇ ବଙ୍କେଇ ଢ ଢେପା, ବାଟମୁହଁ ପାଖ ହେଲା। ପରେଡ୍‌କୁ ଯାଉଥିବା ହାବଲ୍‌ଦାର୍ ପରି ବୀର ପରି ମାଡ଼ିଗଲେ ଶ୍ୟାମବାବୁ। ସବୁ ସବୁ ଗୋଡ଼ ତରତର ହଲେଇ ହରିଣ ପରି ଛୁଟିଗଲେ ଅଗଣି ସୁଜିତ, ଗଢରେ ଲମ୍ବତା ଅଛି। ବଳାଦତ୍ତ ଦାସ୍ ଆଗରୁ ସେଠି ଠିଆ ହୋଇଛି ଘାଟିମୁଣ୍ଡ କରି, ଆଗରୁ ସାମାନ୍ୟ ବୁଦ୍ଧି ଖର୍ଚ୍ଚ କରି ସେ ସାଧାରଣଙ୍କ ଠେଲାଠେଲିରୁ ଉଦ୍ଧାର ପାଇଛି। ଯନ୍ତାଯନ୍ତ ଠେଲାଠେଲି ଆରମ୍ଭ ହେଲାଣି, ଆଗରେ ଉପରକମାନଙ୍କର, ପଛରେ ଦଳ ବାନ୍ଧି ଲୁଚି ଆସୁଥିବା ଅଧସ୍ତନମାନଙ୍କର, ତରତର ନାନ୍ଦି, କମ୍ପ ନଷ୍ଟ ତ ଯେମାନଙ୍କର ସ୍ତୂପ। କହୁଣୀ କହୁଣୀ, ପାଦ ଉପରେ ମଳାମଳି, ଠେଲାଠେଲି। ପରର କାନ୍ଧ ଚିପିଦେଇ ବୁଢ଼ାଆଙ୍ଗୁଠିରେ ଠିଆହୋଇ ଆପଣା ବେକକୁ ଉଚ୍ଚ କରିବାର ପ୍ରୟାସ। ଗହଳି ବଢ଼ୁଛି,—"ସାହେବ୍—ସାହେବ୍—"।

ପ୍ରାଙ୍ଗଣରେ ବାଟମୁହଁରେ ଧାଡ଼ି ହୋଇ ଠିଆହୋଇଛନ୍ତି ଉଦ୍ୟୋକ୍ତାମାନେ, ଆଗରେ ସର୍ବୋତ୍ତମା। ସାହେବଙ୍କ ମଟର ପ୍ରଚଣ୍ଡ ରଡ଼କରି ହାଲେଲମ୍ କରିଦେଇ ଧୀରେ ଧୀରେ ଆଗେଇ ଆସୁଛି। ତା ପଛରେ ରଣଜିତ୍‌ବାବୁଙ୍କ ମଟର, ତା ପଛରେ ଅନ୍ୟାନ୍ୟମାନଙ୍କର, ସତେ ଅବା ଶ୍ରେଣୀ। ମଟର ଆଲ୍‌ଅର ଆଖିବନ୍ଧା ଉଜ୍ଜ୍ୱଳରେ ଦିଶୁଛି ସର୍ବୋତ୍ତମା, ସତେ ଅବା ସମୁଦ୍ରର ନେଳପାଣିରୁ ଉଠିଆସୁଛି ତାର ଦେହ, ପାଖେ ପାଖେ ମିଳ, ନାଲି ବିନ୍ଦୁ, ଅନ୍ୟମାନେ,—ସୁଠାମ ସୁନ୍ଦର-ପଣର ପ୍ରଦର୍ଶନୀ। ସର୍ବୋତ୍ତମା ହାତରେ ବହଳ ଫୁଲମାଳ, ସ୍ଥିର ନାନ୍ଦି, ଦୋହଲୁଛି ଏପାଖ ସେପାଖ ଦୋଳି ଝୁଲିଲାପରି ଯେପରିକି ଶର୍ମଙ୍କ ବେକରେ ସାପପରି ଗୁଡ଼େଇ ହୋଇ ପଡ଼ିବାକୁ ଅତି ବ୍ୟଗ୍ର ସେ ମାଳା। ସର୍ବୋତ୍ତମା ମାଳାକୁ ସମତୁଲ କଲା ଭଙ୍ଗୀରେ ମୃଦୁ ମୃଦୁ ହସୁଛି। ମଟର ଅଟକିଲା। ଦୁଆରମୁହଁ ପାଖରେ ଗୋଟିଏ ଶ୍ରେଷ୍ଠ ଭିଡ଼, ଉତ୍ସରକମାନେ ନମସ୍କାର କରିବେ। ସାହେବ୍ ଓହ୍ଲେଇଲେ। ସଙ୍ଗେ ସଙ୍ଗେ ଶଙ୍ଖ ଓ ହୁଳହୁଳି ଧ୍ୱନି। ସେହି ଶଙ୍ଖ ଓ ହୁଳହୁଳି ଶବ୍ଦରେ ଚିତ୍ତ ଫୁଲ୍ଲ କରି ଶର୍ମା ଯେତେବେଳେ ନ ଦେଖିଲା ପରି ଧୀରେ ଧୀରେ ଆଗକୁ ଚାଲିଲେ, କଡ଼ରେ ଆଇ ହସି ହସି ରଣଜିତ୍‌ବାବୁ ଚୁଟ୍ଟେଇଦେଲେ—

Digitized by srujanika@gmail.com

"ଏ ଆମର ସ୍ୱରଚିତ୍ତ ପ୍ରଥାରେ ଅଭ୍ୟର୍ଥନା, ଏ ପ୍ରାନ୍ତରେ ପ୍ରଚଳିତ ଅଛି ।"

"ଅତି ସୁନ୍ଦର,—" ଶର୍ମା କହିଲେ । ଦୃଷ୍ଟି କୁ ଭେଟୁଛ ମୁହଁାମୁହିଁ ଲହଡ଼ିଏ । ସାମ୍ନାରେ ସରୋଜିନୀ । ନମସ୍କାର ବିନିମୟ ପରେ ଫୁଲହାର ମୋହିଁ ଧରିଲା । ପଛେ ପଛେ ମିଳି, ଜଳି, ବନ୍ଧୁ । ସାହେବଙ୍କ ପଛରୁ ରଣଜିତ୍‌ବାବୁ ମୁଣ୍ଡ ଟେକି ଅଖିମିଟିକା ମାରିଲେ । ସାହେବ୍ ବେକ ନୁଆଁଇଦେଲେ । ସରୋଜିନୀ ମନ୍ତ୍ରମୁଗ୍ଧ ପରି ଝୁଲେଇ ଦେଲା ଫୁଲହାର, ସାହେବଙ୍କ ଦୁଇହାତ ସାମ୍ନାକୁ ଲମ୍ବି ଗଲା, ପୁଣି ସେ ସହଜ ହେଲେ । ବୁଦ୍ଧି ଚହଲୁଛନ୍ତି । ସରୋଜିନୀର ଚୁଟିରେ ଧୂଳ୍‌ମୁଷ୍ଟ ପଡ଼ୁଛି । କେତେ କଣ ଫାନ୍ଦିଥିଲା, କିଛି କହିପାରିଲାନାହିଁ । ଅନ୍ୟମନସ୍କପଣର ଅବଚେତନାରେ ଶର୍ମାଙ୍କର ମନେହେଲା ପାଖରେ ଥାଇ କିଏ ଯେପରି କଣ କହୁଛି, ମୁହଁ ଟେକି ଦେଖିଲେ ଛୁଦ୍ର ବଳୀବନ୍ଧ ବାପ୍ ଅପ୍ରବ୍ୟସ୍ତ ହୋଇ ସରୋଜିନୀ ଆଡ଼କୁ ହାତ ଦେଖାଇ କହୁଛି,—"ମାଇ ଓ୍ୱାଇଫ୍ — ମୋର ସ୍ତ୍ରୀ ।"

ଅବସ୍ଥା ସୁଧାରିଲା ପରି ରଣଜିତ୍‌ବାବୁ ତରତର ହୋଇ କହିଗଲେ ଦମ୍ପତ୍ତିଙ୍କ ପରିଚୟ । ବେକରୁ ଲମ୍ବିଥିବା ଫୁଲମାଳଟିକୁ ଅଗ୍ରେ ଅଗ୍ରେ ଅଉଁସି ଅଉଁସି ସାହେବୀ ଭଙ୍ଗୀରେ ଶର୍ମା ସାହେବ କହିଲେ —

"ଆପଣମାନଙ୍କୁ ଅଜସ୍ର ଧନ୍ୟବାଦ, ପରମ ଆପ୍ୟାୟିତ ହେଲି ।"

ସାହେବଙ୍କୁ ନେଇଗଲେ ସଭାମଣ୍ଡପକୁ । କାର୍ଯ୍ୟ ଆରମ୍ଭ ହେଲା ।

ବନ୍ଧୁମାନେ ସମ୍ବର୍ଦ୍ଧନା ଜଣାଇ ଗଲେ,—ବାଟରେ ଘାଟରେ ଦେଖାହେଲେ,—"ମିଷ୍ଟର ଦାସ୍, ଆପଣ ଭାଗ୍ୟବାନ୍ ।"

ଉଚ୍ଛ୍ୱସିତ ପ୍ରଶଂସା କଲେ ରଣଜିତ୍‌ବାବୁ,—"ମୋର ହୋଇ ମୋର ଅଭିନନ୍ଦନଟା ଘରେ ଜଣାଇଦେବେ ଦୟାକରି । ଆପଣ ପଚାରିପାରନ୍ତି ମୁଁ ନିଜେ ଯାଇ ନ କହୁଛି କାହିଁକି । ତାର କାରଣ ମୁଁ ଲୋକଙ୍କୁ ମୁହାଁମୁହିଁ ପ୍ରଶଂସା କରିପାରେ ନାହିଁ । ସେଇ ମୋର ଦୁର୍ବଳତା ।"

ଅଧ୍ୟାପକମାନେ, ସାନ କର୍ମଚାରୀ, କିରାଣିବାବୁମାନେ,—ଦେଖାପଡ଼ିଲେ ସେମାନେ ବି ହସ ହସ, ଯେପରିକି କିଛି କହିବାକୁ ଚାହାନ୍ତି । ଦୂରରୁ ତା'ର ଆଡ଼କୁ ଅନେଇ ଠାରାଠାରି ହୋଇ କଥାଭାଷା କରନ୍ତି, ହସାହସି ହୁଅନ୍ତି ? ବଳୀବନ୍ଧ ଭାବେ, କଣ ସେମାନେ କହନ୍ତି ? ନିଶ୍ଚୟ ସରୋଜିନୀର ଉଦ୍ୟମ ସମ୍ବନ୍ଧରେ ପ୍ରଶଂସା । ସରୋଜିନୀର 'ସମାଜ', ସେ ରାତିର ଆୟୋଜନ,—କଥାଟା ରଟିଯାଇଛି । ତେଣୁ ସାନସାନମାନେ ବି ତା ସହିତ କଥା ପକେଇ ପଦପଦ ପ୍ରଶଂସା

Digitized by srujanika@gmail.com

କରିଦେବାକୁ ବୋଧହୁଏ ବ୍ୟଗ୍ର । ସେ ସେଠି କଠିନ ହୁଏ, ମୁହଁ ଫିଏ ନାହିଁ, ଖାଲି ମାନମାନଙ୍କ ମତ ତାକୁ ମୁହେଁ ମୁହେଁ ପ୍ରଶଂସା କରିବାକୁ ଗ୍ରାହ୍ରାଉଆନ୍ତି,— ତେବେ କୁମ୍ପାନୀ-କାମରେ ଶୃଙ୍ଖଳା ଖଞ୍ଜିଯିବ । ପ୍ରଶ୍ରୟ ଦିଏନାହିଁ ।

ତାହିଁ ଅରହନ ସାହେବ୍‌ର ଷ୍ଟେନୋ ଆସିଥିଲେ, ଜଣେ ଦକ୍ଷିଣୀ ଭଦ୍ରଲୋକ, —ସ୍ୱଳ୍ପ କଥା ରହନ୍ତି, ଖାଲି ହସୁଥାନ୍ତି ସିନା, ତାଙ୍କ ପେଟରୁ କେହି କଥା ନେଇ ପାରିବ ନାହିଁ । ତଥାପି ଭଦ୍ରଲୋକ ଉପରେ ପଡ଼ି ଆସି କହିଗଲେ,—ଅବଶ୍ୟ ଫୁସ୍‌ଫୁସ୍ କରି କହିଗଲେ,—"ସାହେବ୍ ବଡ଼ ଇମ୍ପ୍ରେସ୍‌ଡ଼୍ ।"

ମଣିଷ ଆଉ କ'ଣ ଅଧିକା ଗୁହେ ?

ଏଇ ପୁରସ୍କାର ସ୍ୱର୍ଗ ।

କିନ୍ତୁ ଏ ପ୍ରକାର ସ୍ୱର୍ଗର ଆନନ୍ଦ ସରୋଜିନୀ ସହିତ ମନ ଖୋଲି ଆଲୋଚନା କରିବାକୁ ସୁବିଧା ମିଳିନାହିଁ । ସେହିରାତି ପରେ ସେ ଦେଖୁଛି,—ସରୋଜିନୀର ଗମ୍ଭୀର ଚିନ୍ତାଶୀଳ ମୁହଁ । କିଛି ଗୋଟାଏ ସେ ଭାବି ହେଉଛି । ବୁଝୁଛି ସେ, ଦାୟିତ୍ୱ କେବଳ ଗୌରବଟୀକା ନୁହେଁ, ଦାୟିତ୍ୱ ମଧ୍ୟ ଚିନ୍ତାର କାଳିମା । ଆଗେ କେତେ ମୁକ୍ତ କରୁଥିଲି,—ଘରର ଦାୟିତ୍ୱ ଭାରି ବୋଝ, ପରିବା କାଟିବା ଦାୟିତ୍ୱ, ଚୁଲ୍ଲି ଲଗେଇବା ଦାୟିତ୍ୱ,—ହାଣ୍ଡିଶାଳର ଦାୟିତ୍ୱ । ଦର୍ପରେ କହିପାରୁଥିଲି—"ଆମର କାମ ଦଣ୍ଡେ ସମ୍ଭାଳି ପାରିବ ? ଭାତମୁଣ୍ଡାଟା ଭାତ ହେଇକରି ଆସେ କେମିତି ? ଅଣ୍ଡିରା ତଣ୍ଡିରା ତମେ କଣ ବୁଝିବ ଆମ କଥା ? ଚୁଲ୍ଲିକି ଅଣ୍ଟା କରୁଚ,—କେବେ ଖାଇଥିଲ ଚକ୍ର ଲଗେଇଲେ ଘରଟା କେମିତି ହସିଉଠେ । ଚୁଲ୍ଲି ନ ଜଳିଲେ ଦୁନିଆଁ ଅନ୍ଧ୍ର, ସେ ଅଗ୍ନିଦେବତା, ତାଙ୍କର ମାହାତ୍ମ୍ୟ ବୁଝିବ ତେମେ ପୁରୁଷଜାତ !" ପୁରୁଷଜାତିଙ୍କଠି ଅଗ୍ନି ନାହିଁ ଅଛି ସ୍ତ୍ରୀଜାତିଙ୍କଠେଇଁ । ଠିକ୍ କଥା, ତମ ଅଗ୍ନିଟା ଦେହକୁ ଜଣାପଡ଼େ, ହେଃ-ହେଃ-ହେଃ । ସ୍ତ୍ରୀ ଜାତି ଅଗ୍ନି ନୁହନ୍ତି ? ଶାସ୍ତ୍ର କଣ କହୁଚ ? ତାଠି ଅଗ୍ନି ଅଛି, କିନ୍ତୁ ସେ ଅଗ୍ନିରେ ମଞ୍ଜି ଗଜା ହୋଇନାହିଁ । ତେବେ,—କେତେଦିନ ହେଲି କି ? ଭାଗ୍ୟରେ ଥିଲେ ବଳେ ହେବ । ଯା' ହେଉ, ହାଣ୍ଡିଶାଳର ଅହମିକା କଟିଯାଇ ସେ ବୁଝୁଛି ପ୍ରକୃତ ଦାୟିତ୍ୱ କଣ, ତେଣୁ ଭାବି ହେଉଛି । ହୁଏତ ନୂଆ କଣ ଯୋଜନା ତିଆରି କରୁଛି । ତାର ଗମ୍ଭୀରପଣ ମଧ୍ୟ ବଳୀଦତ୍ତର ସମ୍ବର୍ଦ୍ଧନା ।

ଦୁନିଆଁ ହସି ଉଠୁଛି, କହୁଛି ବଳୀଦତ୍ତ, ତୁମେ ଭାଗ୍ୟବାନ୍ ।

ମନ ଭିତରେ ଏ ପ୍ରବଳ ଆନନ୍ଦବେଳେ ଚେତନାରେ ଗୋଟାଏ ନୂଆ ଅଲୁଅ ଜଳେ । ସେହି ଅଲୁଅରେ ସାଧାରଣ କଥା ଝଟକି ଉଠୁଛି, ବଳୀଦତ୍ତ ନୂଆଦେଖା ଦେଖୁଛି, ଯାହା ପୂର୍ବେ କେବେ ଦେଖି ନ ଥିଲା । ବଗିଚ୍ଚାର ଫୁଲ,— କେଡ଼େ ସୁନ୍ଦର ! ବସାରେ ଠିଆହୋଇ ଦୂରକୁ ଗୁହିଁଲେ ଜମିର ଯେଉଁ ଢେଉ

Digitized by srujanika@gmail.com

ଦଶେ,—କେଡ଼େ ଶୋଭାକାର । ନୂଅମୂଳେ ଘାସ ବଢ଼ିଛି, ଓଦା ଘାସରେ ଖରା ତେଜ ପଡ଼ି କେଡ଼େ ଛନଛନିଆଁ ଦିଶୁଛି, ସାଦ୍‌ଜା ଦଶେ, ଅନେଇଁଲେ ଆଖିକି ଆରାମ ଲାଗେ । ବାଡ଼ ସେପାଖେ କାହାର ସେ ବଳଦ ? କେଡ଼େ ହୃଷ୍ଟ, କେଡ଼େ ମୋଟା, ଦେହ କି ଚକ୍‌କଣ, ସତେ ଯାହା କହନ୍ତି ମାଛି ଖସିପଡ଼ୁଚି । ମନ ଆନନ୍ଦରେ ଉଦାରତାରୁ ଦମ୍ଭ ବି କରନ୍ତୁଏ—"ଭକାସ୍ୱଟା କୋଟେବେଳୁ ଭୁକୁଚି ମୂଠେ ଭଳ, ଅଣି ଘଅରେ ଦର୍ଶା ।"

ଘ'ଘନ ପରେ ସକାଳେ ଚା ଖାଉଥିବାବେଳେ ଯେତେବେଳେ ଟୋଟାଏ ପାଖେ ସବୁ ଖବରର ସାରାଂଶ ବି ସେ ପିଇସାଉଥିବ, ଖବର କାଗଜ ଉପରେ ଆଖି ବୁଲେଇ, ହଠାତ ନଜର ପଡ଼ିଗଲା ଗୋଟିଏ ଖବର, ଚକ୍କାର କଲା—"ସରୋଜ, ସରୋଜ୍—, ଦେଇ ଦେଖିବ ଆସିଲ କଣ ବାହାରିଚି !"

ଆରାମ୍ ଚୌକିର ହାତ ଉପରେ ହାଲ୍‌କା ହୋଇ ବସି ସରୋଜିନୀ ବି ପଢ଼ିଲା, ପାଟିକି ଚା କପ୍ ବଢ଼େଇ ଧରି କଣକଥା ହୋଇ ଅନେଇ ରହି ବଳୀଦତ୍ତ ଉତ୍ତେଜିତ ହୋଇ କହୁଥାଏ.—"ଦେଖ ଦେଖ୍, ଦେଖ ଦେଖ—'ନ'ର ଛପାଇକାରଙ୍କ ଭୁଲରେ ଉଠି ନାହିଁ, ସରୋଜନୀ —ସରୋଜନୀ.—ବାକି ସବୁ ଠିକ୍ ଅଛି । ତମର ପାଇଁ ମୋ ନାଁ ଟା ବି ଖବରକାଗଜରେ ବାହାରିଲା ସରୋଜ୍ ! ଚମତ୍କାର ଲେଖିଛି, ସବୁ ଠିକ୍ କଥା ।"

"ଏମିତି ତ କେତେ ଖବର ବାହାରୁଛି, କେତେ ଆକୁଳ ବ୍ୟାକୁଳ ଗୁଣ୍ଡୀ ଛୁଣ୍ଡୀଙ୍କ ନାଁ ସୁଦ୍ଧା, ତମେ ଏମିତି କାହିଁକି ହଉଚ ? କଣ ଅଛି ଏ ଖବରକାଗଜରେ ନାଁ ବାହାରିବାରେ ? ବାହାରିଚି ତ ବାହାରିଚି,—"

"ଆଉ ବଡ଼ସାହେବଙ୍କ ନାଁ ବି ପ୍ରକୃତରେ ସେଇ ତ' ଉଦ୍ୟୋକ୍ତା, ସେ ନ ଥିଲେ କଣ ହୋଇଥାନ୍ତା ? କିଏ ପଚାରନ୍ତା ? ସବୁ ଦେଶରେ ରାଜାଶ୍ରିତ ଧର୍ମ ସେ, ରାଜାଙ୍କ ଆଦର କି ଉତ୍ସାହ ନ ଥିଲେ କିଛି ହୁଏ ନାହିଁ । ବିନା ଆଶ୍ରେ ନ ବଢ଼ିଲେ କବିତା ବନିତା ଲତା,—"

ସରୋଜିନୀ କୃତ୍ରିମ କୋପ ଦେଖାଇ କହିଲା, "କଣ ଯେ ଯାହା ପାରୁ ତା ମନଖୁସିରେ ବପିଯାଉଚ ! କିଏ ରାଜା ? କିଏ ସେ ରାଜାଙ୍କ ଲାଗି କବିତା-ବନିତା ଲତା ? ହାୟରେ କପାଳ ! କଣ ହେଉଚି, ତମେ ଏମିତି ହଉଚ ?"

ବଳୀଦତ୍ତ ବଡ଼ ଗମ୍ଭୀରହୋଇ ମୁଣ୍ଡ ହଲେଇ ହଲେଇ କହିଲା – "ଶୁଣ ସରୋଜ୍, ତୁମେ ଜାଣିନା । ଏ ଏକଦମ୍ ଐତିହାସିକ ଘଟଣା । ଖବର କାଗଜର ପ୍ରଶଂସା,—ସାମାନ୍ୟ ଭାବୁଚ ? ସେ ଜଣକର ତୁଣ୍ଡକଥା ନୁହେଁ, ସେ ଦେଶର ସ୍ୱର । ସେ ସମ୍ମାନ, ସେତିକି ପାଇବାପାଇଁ ଲୋକେ କେତେ କଅଣ ନ କରନ୍ତି ! କେତେ ତ୍ୟାଗ ନ ସହନ୍ତି ! ଆମର ସେ ଆସିଛି ମନକୁ ମନ । ଭାବ ଦେଖିଲ, ଆଜ

Digitized by srujanika@gmail.com

କେତେ ମେଘ ଦେଖି ନ ପଡ଼ୁଥିବ । ଗୋଟିଏ ଲେଖାଏ ନୁହେଁ, ହଜାର । ଓଡ଼ିଆରୁ ଅନୁବାଦ ହୋଇ ଇଂରେଜୀ ଭାଷାରେ ଇଂରେଜୀ ଖବର କାଗଜରେ ବି ଏ ଖବର ବାହାରିଯାଉଛି, ଦୃଷ୍ଟିକୋଣ ପ୍ରଚାରରେ ଲେଖିଛି । ଉଚ୍ଚଭାବରେ ବସି ଅନେକଙ୍କ ମନରେ ଏ କଥା ଭାବୁଥିବେ,—ବଳୀଦାର ବାବୁ, ସରେନ୍ଦ୍ର ବାବୁ,—କେମିତିଆ ମଣିଷ ସେ ? କି ମଣିଷ ? ବୁଦ୍ଧିଲ୍ ସରେନ୍, ଏତେ ଶସ୍ତା ଖୋଲ ଖବର ଦାନଙ୍କ ଛାପେଇ ।”

“ଶସ୍ତା ନୁହେଁ ମଂଜୀ ! କେମିତି ଶେଷ କଥା ! ଦୁଃଖପରିଣତ ଖବରକାଗଜ ସେ ପୁଣି ଶସ୍ତା ନୁହେଁ ଏଠାରେ ଫେରି ପାରିଲେ ଲେଖିବ ପୋଛପୋଛି ବଡ଼ାବଡ଼ ଭାବ, ନଇଲେ ଚିଲାବାଳ । ଏଭଳିଆରେ ବହୁତ ଲୋକେ ମନେ ରଖିଛନ୍ତି । କମର ଯୋଡ଼ି ମାଗଣା କଥା—”

“ଜଲୁସ ଚାଲିବ ।”

ବଳୁ ଦେଖିଲା ସେ ଯେବେ,—ଦୁଃସ୍ୱପ୍ନର ଘୂର୍ଣ୍ଣ ଜାଗରଣରେ ମନ୍ଦ ହୋଇ ଟେଇଁକା ଫୁଲେଇବା ମିଶାମିଶି ଖାଲି ସେଇଟାଏ ଦୃଶ୍ୟ-ଦୃଶ୍ୟ ଚେତନା ଭିତରେ ବେଢ଼ିଲା,—ଯେଉଁ ପ୍ରକାଣ୍ଡ ମଞ୍ଚର ଖାଡ଼ୁ ବର୍ଣ୍ଣିବ, ଅଥବା ବୁଝିଲେ ସେ ଅପରାଜିତ ଉଡେ ଜାଣି, ଯେଉଁ ଦୃଷ୍ଟିରୁ ଭାଙ୍ଗିବାର ଶାନ୍ତ ଅଙ୍ଗକୁ ଏକମୁହାଁ ହୋଇ, ଖାଲି ଛୁଟିଯାଉଛି, ଖାଣ୍ଡ ଅଟକିଲା ଏବଂ ଓଲେଇ ପଡ଼ି ଠିଆହେଲେ ବଜ୍ରାଘାତ ମିଷ୍ଟର୍ ଶର୍ମା । ହୋଇ,—ଠିକ ହେବେଣି ରାସ୍ତାର ବାଟରେ ସେ ଯେତେ ଦୂରରେ ଥିଲେ ସେ ହେଉଠ, ମୁଁ ଶର୍ମାର କର । ଦଣ୍ଡବତ କରି କରି ଧାଇଁଆସିଲେଣି ପଡ଼ୋଶୀ-ମାନେ, ମିଷ୍ଟର୍ ଶର୍ମା ଏଣ୍ଡ ଅଙ୍ଗକୁ ହାତ ଦେଖାଇଲେଣି, ସେମାନେ ମୁଣ୍ଡ ଝୁଲାଇଲେଣି । ଅସ୍ପଷ୍ଟ ତ ମାଡ଼ି ଏଣ୍ଡଆଡ଼େ,—ସେ କରେ କଣ ?

“ସରେନ୍...ସରେନ୍...” ଭିତରକୁ ପଶିଯାଇ ପାଗଳ ପରି ଏ ଘରୁ ସେ ଘର ଧାଉଁଛି । ଏଠୁ କାମିନୀଙ୍କ ଓଟାର ନେଇ ଝୁଣ୍ଟିଦେଇ ଟୋପାଡ଼ି ଦେଉଛି,—ଏଇଟା ମଇଳା । ସେଠୁ ମୋଟା ବଟା ଛୁଟେଇ ନେଇ ଶୁଙ୍ଘି ଏବେଇ ଟୋପାଡ଼ି ଦେଉଛି । ଦୁଆରେ ବଗିଚାରେ ଲୁଗା ଓହ୍ଲାଇଥିଲା,—ଟାଣି ପକେଇ ଏକାଠି ମେଞ୍ଚା କରି କଣରେ କ୍ଷେପି ଦେଉଛି । ଭିତର ପିଣ୍ଡାରେ ଅଳିଆ ଥିଲା ପରି ବସୁଛି,—ଛୁଞ୍ଚି ଶିଟା ଧରି ଝାଡ଼ିଯାଉଛି, ପୁଣି ଭୁଦ ଅସି ପାଟିକରୁଛି, “ସରେନ୍ ! ମୋ ପ୍ରାଣ୍—ମୋ କାମିନ୍—” ପୁଣି “ହର୍ଷା—ହଷା,—ଶଭାପ୍—” ଚହଳଟା କୋହ ଏଠୁ ନେଇ ସେଠି । ମନେପଡ଼ିଲାଣି ସେ ମୁଣ୍ଡ କୁଣ୍ଡେଇ ନାଇଁ, ଆରସି

Digitized by srujanika@gmail.com

ପାନକୁ ନ.ଖା.ନ, ଗାଧୁ, ଝିଅର ହୋଇ ପାରୁନାହିଁ, ତରେ କଣ ! ମୁହଁରେ ହାଲ ଫିଟିଲଣି । ପ୍ୟାଣ୍ଟ୍‌ଟା ଲିଲୁ ଘଣ୍ଟେ ବାଟ ଗଲେଇ ମନେ ପଡ଼ିଲଣି ଭିତରେ କିଛି ପିନ୍ଧି ନାହିଁ । ଗାଧୁଆ ଘରୁ ବାହାରି ସବ୍‌ଜେକ୍‌ଟ ଆସିଲ, କହିଲ—"କଥା କଣ ?"

"ସାହେବ—ସାହେବ୍,—ମୋ ଲୁଗାପଟା କାହିଁ ?" ଅଲମାରି ଖୋଲି ସବ୍‌ଜେକ୍‌ଟ ଅଣି ତାର ପୋଷାକ ଥୋଇ ଦେଇଗଲ । ତରତରରେ ବେଶ ହେଉ ହେଉ ଯଦାକୁ ନଡା ଆସି କହିଲ, "ସାହେବ୍ ଆସିଛନ୍ତି, ବଡ଼ ସାହେବ ନକେ-ହଜୁରଙ୍କୁ ଖୋଜୁଛନ୍ତି, ପଦାରେ ଟହଲୁଛନ୍ତି ।" "ଆରେ ବସିବାକୁ ଚୌକି ଦେଲ୍‌ନାହିଁ, ଗଡ଼୍‌ଅଟ୍ ?" ଚମକିଗଲ ବେଲକୁ ନଡା କହିଲ, "ବସିବାକୁ ମନା କଲେ ହଜୁର, ବଗିଚା ଦେଖୁଛନ୍ତି ।" ଅନେକ ଥର ଓଃ ଆଃ କରି ବଳୀଦଣ୍ଡ ତରତର ହୋଇ ବେଶ ହୋଇପଡ଼ିଲ । ପ୍ୟାଣ୍ଟର ଅଣ୍ଟା କମ୍ ହୋଇପାରୁନାହିଁ, କାମିଜର ମେଞ୍ଚାଏ ପିଠି କରରେ ଫାଲ୍ ଫାଲ୍, କୋଲ୍ଡ଼ ବୋଲ୍ଡ଼ କଲର୍ ଉପରେ କଣ୍ଠେଇ ହେଉ 'ଟାଇ'ର ଫାଶଟି ଶୋଇରହିଛି ବାର୍ଦ୍ଧକ୍ୟରେ, ତା ଉପରେ କୋଟ୍, ତଥାପି ସେ ପ୍ରାଣପଣେ ପ୍ରସ୍ତୁତ ହେଉଛି । ସବ୍‌ଜେକ୍‌ଟ ଆସି କହିଲ, "ଗଲ ନାହିଁ ସେ, ଯଦି ଲେଟ୍ ଭଡ଼୍ କଲେସ୍ ବରଖାସ୍ତ ।" ଗ୍ରଉଣ୍ଡକୁ ପୁଣି କଏ ଯେପରି ଚୁଟେ ପିଟିଦେଲ । ସେହି ଚୁଟକରେ ସେ ଆଗକୁ ଧପାଇଗଲ । ଗଲବେଳେ ଅନୁଭବ କଲ ସେ ମୋତାର ଫିତା ଗଣ୍ଠିଲ ନାହିଁ, କୋଟର ବୋତାମ ଓଲଟା ପୋଲଟା ଲଗେଇଛି, ହାତରେ ଘଣ୍ଟା ବାନ୍ଧିନାହିଁ । ବୋତାମ ସଜାଡ଼ି ସଜାଡ଼ି ପାଦର ପଞ୍ଝା ବିସ୍ତାରକରି ଫୁଲିକା ଯୋତାକୁ ଅଦୃଶ୍ୟ କରିବାକୁ ଚେଷ୍ଟା କରି ସେ ଦୋକୁ ଧାଇଁଗଲ । ମନ ଭିତରଯାକ ଖାଲି ଉଃ-ଆଃ—ଅଶାନ୍ତି,—ଜାମ ମର୍ଚ୍ଚି ରୁ ଉଠି ଆସିଛି ଯେପରିକି, ଶୁଣି ହୋଇପାରି ନାହିଁ, ସମୟ ନାହିଁ ସମସ୍ତ ନାହିଁ । ମିଷ୍ଟର୍ ଶର୍ମା ମୋତା ଅଗରେ ଗେଞ୍ଜି ଗେଞ୍ଜି ଗୋଟାଏ ତାଇରଣ ଗଛମୂଳେ ଯେପରି କଣ ଦେଖୁଛନ୍ତି । ଆଗ୍ରହ ଅନ୍ତଃଶଯ୍ୟାରେ ପଡୁଆଡ଼୍ ବଳୀଦଣ୍ଡ ଚିତ୍କାର କଲ—"ଗୁଡ଼୍ ମର୍ଣିଂ ସାର୍,—ବ୍ରୁଷ୍ଟାଲ୍‌ମ୍ ସାର୍—"

ଆଶ୍ଚର୍ଯ୍ୟ ହୋଇ ଶର୍ମା ସାହେବ୍ ବୁଲିପଡ଼ି ତାକୁ ଚାହିଁଲେ, ନିଜ ଅଜାଣତରେ କେତେବେଳେ ତୁଣ୍ଡରୁ ବାହାରି ଯାଇଛି "ଗୁଡ଼୍ ମର୍ଣିଂ", ତା ପରେ ଚାହିଁଛନ୍ତି । ବଳୀଦଣ୍ଡ ଉତ୍ସାହରେ କହିଯାଉଛି, ସତେ ଅବା ରିପୋର୍ଟ୍ ପଢ଼ୁଛି,— "ଏ ମୁକ୍ତକେଶୀ ବାଇଗଣ, ବହୁତ ଫଳେ । ମୂଳ କୋଡ଼ି ସୋରିଷ ପିଡ଼ିଆ,— ପିଡ଼ିଆ ଯେତେ ପଡ଼ିଥିବ ସେତେ ଭଲ,—ଗୋବର ଖତ—"

ହସି ହସି ପାଖକୁ ଆସି ନଇଁପଡ଼ି ତାର କାନ୍ଧ ଥାପୁଡ଼େଇ ଶର୍ମା କହିଲେ,— "ଏକ୍‌ସେଲେଣ୍ଟ୍, ଆପଣ ବିଚକ୍ଷଣ ।

ତା'ପରେ ? ଆପଣଙ୍କ ସ୍ତ୍ରୀ କାହାନ୍ତି ?"

Digitized by srujanika@gmail.com

ଭେଲକ ଲାଗିଲା ପରି ବଳୀଦଉ ଦୂରକୁ ଚାହିଁଥାଏ । ଦୁଆର ଫାଟକ ଖୋଲା ପଡ଼ିଛି । ମଟର ନାହିଁ । କେହି ନାହିଁ । ଯେତେ ଥର ଖୁବେ ସେତେ ଥର ଦିଶେ,—ହୋଇ ଯେମିତି ମଟରଟା ଚାଲିଯାଉଛି, ଧୀରେ ଧୀରେ ସାନ ହୋଇ ହୋଇ ଦୂରେଇ ଯାଉଛି । ପୁଣି ଦିଶେ ଆଗର ଦୃଶ୍ୟ, ସରୋଜନୀ ଲୁଗାପଟା ପିନ୍ଧି ଚମତ୍କାର ମୂର୍ତ୍ତି ଧରି ଗାଡ଼ିରେ ବସୁଛି । ତା ପରେ, ଲାଗିଥିବ ଜଳ୍ପନା ଆଲୋଚନା, ସରୋଜନୀ ତାର ଯୋଜନା କଥା ପକେଇଥିବ ତାର ସେ ସେହି ସମାଜ ବଙ୍ଗ୍ଳାରେ । ସବୁବେଳେ ପ୍ରସ୍ତୁତ, ସବୁ କଥାକୁ ଅଭ୍ୟସ୍ତ, ଶଙ୍କା ନାହିଁ କି ସଂକୋଚ ନାହିଁ, ଏତେ ଟିକିଏ ପଛେଇ ନାହିଁ । ଯେତେବେଳେ ସେ କହିଲେ, "ଚାଲନ୍ତୁ ମିସେସ୍ ଦାସ୍ ଆପଣଙ୍କ ସମାଜ ହାଲଚାଲ୍ ଟିକିଏ ଦେଖିଆସିବା,—କେତେ ଶୀଘ୍ର ସେ ତୟାର ହୋଇ ଆସି ଗାଡ଼ିକି ମୋହିଲା ।

ଯେ ଉନ୍ନତ ହୋଇଛି, ଯେ ସ୍ୱାଧୀନତା ହୋଇଛି । ଯା ପରେ ପାହାଚ ଚଢ଼ିବା ହେବ, ଆପେ ଆପେ ସେ ବି ନିଶ୍ଚୟ ।

ତଥାପି, ପୁରୁଣା ସଂସ୍କାର ଝିଙ୍କି ଦେଉଛି କେଉଁଠି ସେପରି, ମନ ଉଦାସ ଲାଗୁଛି, ଚାରିଆ ଗୋଳମାଳିଆ ହୋଇଯାଉଛି, ମାଡ଼ି ମାଡ଼ି ଯାଇ ଜମା ହୋଇଯାଉଛି କେଉଁ କାନ୍ଥପାଖେ । ସନ୍ଦେହ ଲାଗୁଛି, ଏ ସୁଖ କି ଦୁଃଖ । ବେଳେ ବେଳେ ବେଁଶିଗ ହାଡ଼ରୁ ମୁଣ୍ଡ ପଛଆଡ଼୍, ଆଗକୁ ଛୁଟି ଆସୁଛି ଧାର ଧାର ହୋଇ କାଆଁର ଧୂଆ, ପୁଣି ଆସୁଛି ସାତ ପାଞ୍ଚର ବିଚ୍ଛର, ଭବିଷ୍ୟତ ଆଶାର ସ୍ୱପ୍ନ, ଦାନାପାଣି ଇମାରତର ଛବି । ପାଟି ଅଳ୍ପ ଆଁ କରି ମେଲା ଫାଟକବାଟେ ଦୂରକୁ ଚାହିଁଛି, ଚେତା ପଶିଲା ଯେତେବେଳେ ଶୁଭିଲା ଫାଟକର କେଁ କେଁ, ଦେଖିଲା ନିତା ଫାଟକ ବନ୍ଦ କରୁଛି ।

ନିତା ଉପରକୁ ଗରମ ହୋଇଯାଇ ବଡ଼ ଉପରିଆ ଢଙ୍ଗରେ ବଳୀଦଉ ଗାଳିଦେଲା—"ରାସ୍କେଲ, —ସବୁ କଥାରେ ଢିଲଂଢିଲା, ଫାଟକଟା ଟିଆମେଲା ରଖିଥିଲୁ, ଗୋରୁ ପଶିଲେ ବଗିଚା ଉଜୁଡ଼ନ୍ତା ନାହିଁ ? ନନ୍‌ସେନ୍‌ସ । ମଣିଷ ଯୁଆଡ଼କୁ ନଜେ ନଘା ନ ଦବ ସିଆଡ଼େ ଦେଖିବ ଗୋଲ୍‌ମେଲ୍, ସିଆଡ଼େ ଦେଖିବ ଘଇଆ, ତମେଗୁଡ଼ାକ ଅଛ କାହିଁକି ବେ ?—"

"ହଜୁର —" ହାତ ଧୋଇଲା ପରି ପାଦୁକ ଘଷିଘଷିକା ନିତା କହିଲା, "ହଜୁରେ ମୋର କି ଦୋଷ ?"

"ଷ୍ଟପ୍ ବେ, ଫେର୍ ମୁହଁ ଉପରେ କଥା କହୁଛୁ ? ଜାଣିଚୁନା ମୁଁ କିଏ ?" ଦୁମ୍‌ଦାମ୍ ଗୋଡ଼ କଚାଡ଼ି କଚାଡ଼ି ବଳୀଦଉ ଘର ଭିତରକୁ ପଶିଗଲା ।

Digitized by srujanika@gmail.com

ଜାଣତାରେ କି ଅଜାଣତାରେ ଆପଣାକୁ କଳିବାକୁ ମନକଲେ ଆପେ ଆପେ ମନେପଡ଼ନ୍ତି ଅନ୍ୟମାନେ, ଯେମାନେ କି ସଚ୍ଚିକ ସେର ଆଉ ମାଣ, ଅଥବା ମାପର ବାଡ଼ି, ଜୀବନର ହୋଲମଗ୍ନ ବାଟରେ ଟ୍ଲଲ୍ ଗ୍ଲଲ୍ ପ୍ରତି ମଣିଷ ନିଜକୁ ଚହ୍ନିବାକୁ ନିଜର ଭଲମନ୍ଦ ମାପିବାକୁ ସଗ୍ରସ୍ତ କରେ। ଏହିପରି ଅନେକ ମାପ ଉପକରଣ, ଅନେକ ସେର ତାମ୍ବି, ଅନେକ ମାପବାଡ଼ି, ଯେମାନେ ତାର ଜଣାଶୁଣା ଲୋକେ। ସାନ ମାପରେ ମାପି ବସି ସେ ନିଜର ଉତ୍କର୍ଷ ଦେଖେ, ଚପରାଶି ନିତା, ରୁକର ଦର୍ମାକୁ ଆଖି ଆଗରେ ରଖି ପେଟପୂର୍ବ ଆନନ୍ଦ ପାଏ। ବଡ଼ମାପରେ ମାପି ସେ ଆଖି ପକାଏ ବଳୀଦତ୍ତ ଆଡ଼କୁ,—କେତେ ବଡ଼,—ସେଠି ସେ ନିଜର ପନ୍ଥା ପାଏନାହିଁ। ଛୁଞ୍ଚିକ ତାଳଗଛ ସଦୃଶ ନିଜକୁ ମାପିବାର ସାହସ କରିପାରେ ଅତିମାନବ,—ସାଧାରଣ ଲୋକ ଗୋଟେଇନିଏ ନିଜ ସମାନ ସ୍ତରର ମାପକାଠି, ଯେଉଁଥିରେ ମାପି ବସିଲେ ବେଳେ ବେଳେ ବଡ଼ ଲାଗିବ, ବେଳେ ବେଳେ ଛୋଟ, ଅନିଶ୍ଚିତତାର ସନ୍ଦେହରେ ନିଜର ବଡ଼ତ୍ୱ ବା ସାନପଣ ବିଷୟରେ ପ୍ରଶ୍ନ ସବୁଦିନେ ଅମେଣ୍ଟ ରହିଥିବ, ସବୁଦିନେ ଖୋଲା। ବଳୀଦତ୍ତ ମନେ ପକାଏ ବନ୍ଧୁକୁ, ଶର୍ମାଙ୍କର ମନେ ପଡ଼େ ପାଣ୍ଡେ।

ପାଣ୍ଡେ—ଭାବିଲେ ମାଡ଼ିପଡ଼େ।

ମନେ ପକାଏ ଓଜନ ଚନ୍ଦ୍ରା,—ନିଦା ଦର୍ଶନ,—ମଣିଷ ମୁଣ୍ଡ ବିଧାତାର ସାର ସୃଷ୍ଟି,—ଜୀବନର ଉଦ୍ଦେଶ୍ୟ ଅଛି,—ବଞ୍ଚିବାରେ ଉତ୍ସର୍ଗୀତ ପ୍ରତି ପୂଜା ଦାର୍ଢ୍ୟ ରହିଛି, ବର୍ତ୍ତମାନ ପ୍ରତି ତ ନିଷ୍ଠା, ଜୀବନ ଅଳସ ବିଳାସ ନୁହେଁ, ଜୀବନ ଗୋଟାଏ ସାଧନ।

ମନୁଷ୍ୟର ଜୀବନ ନୁହେଁ ପଶୁର ଦୈନନ୍ଦିନ ପାଳନ।

ଶର୍ମା ଆରାମଚୌକିରୁ ହୁ-କିନା ଉଠିପଡ଼ି ବାରେଣ୍ଡାରେ ଛଟପଟ ହୋଇ ଘେରାଏ ବୁଲିଆସନ୍ତି। କେତେବେଳେ ପାଣ୍ଡେର ନୋଟ ମନେ ପଡ଼ିଥିଲା ? ମନେ ନାହିଁ; ଅଥଚ ଝରସ ଲାଗୁଛି। ଜୀବନଯାକ ପର ହାତରୁ ମୁଠାରେ ଖାଇ ଆପଣାର ହାତ ଖାଲି ଖାଲି କରେ। କ'ଣ ଅନୁଶୋଚନା। ଦୁଃଖରେ ଫମ୍ପା ଦୀର୍ଘଶ୍ୱାସ। ପଲକେ ପଲକେ ମରଣର ଚିନ୍ତା,—ହାଇ। ମନେପଡ଼େ, ଏଇ ପୃଥିବୀରେ ଜୀବନ, ସେ ଯେପରି ଏକା ଜାଗାରେ ସ୍ତରକୁ ସ୍ତର ଖଣ୍ଡାଖଣ୍ଡି। ଚଢ଼େଇ ଉଡ଼ୁଛନ୍ତି,—ତାଙ୍କର ବି ସ୍ତର ଅଛି, ଚଢ଼େଇ ଦୁନିଆ। ଜିଅ ପୋଷାକ ହେଉଛି,—ତାର ବି ସ୍ତର ଅଛି, ଜିଅ-ପୃଥିବୀ। ଘାସକୁ ଆଣି ଜାଗା ଅଗ୍ରକରେ ରୂପ ଓ ବିନ୍ୟାସ

Digitized by srujanika@gmail.com

ତାରତମ୍ୟରେ ନାନା ଜାତ ସୃଷ୍ଟି, ସେଥି ମାପରେ ତାହୁପର ଝୁଲଲଇ ଦେଇ ବରଗଛ ଦେଖିହୁଏ, ହେଉପଛେ ସେ ଦୂବ ଅଙ୍ଗୁଳ ଉଚ୍ଚ । ଗୋଟାଏ ସ୍ତରରେ ସୃଷ୍ଟି ଅଉ ଗୋଟାଏ ସ୍ତରର ସୃଷ୍ଟି ବିଷୟରେ ସଚେତ ହୁଏତ ନୁହେଁ, ତଥାପି ସଂଘର୍ଷର ଫଳ ଭୋଗେ, ଜଆର ଦୁନିଆଁ ଇଟା ଖଣ୍ଡେ ପଡ଼ି ଛେଚି ହୋଇ ଚୂନା ହୁଏ, ଛ'ନମ୍ବର ଚ୍ଚରଗ୍ର ମାଡ଼ରେ ଚଢ଼େଇ-ଦୁନିଆଁରେ ଉପୁଜେ ପ୍ରଳୟ । ପାଣ୍ଡେର ଶବରଙ୍କର ଦୁନିଆଁ ଶର୍ମଙ୍କ ରାଜପ୍ରାସାଦ ଉପର ଦେଇ ଉଡ଼ି ଯାଉ ଯାଉ ହଠାତ୍ ସେପଣ କ ମାଛମେଳା ଉପରେ ତ: ତ: ଟି: ବାମ୍ପଧୂଆଁ ବୃଷ୍ଟି କରିଯାଏ । ଚମକ ଉଠନ୍ତି ଏମ୍‌,—ଚେତନାର ଖୋଳପା ଉପରେ ପ୍ରବାହ । ପାଣ୍ଡେ,— ପୋଥି,— ଜୀବନର ଲକ୍ଷ୍ୟ,— ଜୀବନର ଉଦ୍ଦେଶ୍ୟ,—କେତେ ଦୂରରେ ସେ ସବୁ, କେତେ ଦୂର ?

ଉପା ମେଘ ଭାସି ଚାଲିଯାଏ ।

ରାଜପ୍ରାସାଦ ପରି ସାହେବ-କୋଠି ।

ବିସ୍ତୃତ ବଗିଚା । ସାଜସଜ୍ଜାର ପରିପାଟି ।

ଏଠି ନାହିଁ ଧୂଳି, କଳରବ, ଦୃଷ୍ଟିକଟୁ ଦାରିଦ୍ର୍ୟ ।

ଝାଳ ନାହିଁ, କୋଠାତଳେ ଝାଳ ଶୁଖିଯାଇଛି ।

ହୁଏତ ଗାଛମାନଙ୍କୁ ଝାଳ ପାଣି ଦେଇ ଟାଣ କରିଛି ।

ହାଡ଼ ଖତରେ ଫୁଲ ଫୁଟେ ଭଲ, ଗୋଲପର ପାଖୁଡ଼ାଏ ପାଖୁଡ଼ାଏ ଦିଶିଯାଏ ରକ୍ତ ।

ଝାଳ ତଳରେ ଦୁନିଆଁର ସବୁ କାରିଗର, ସବୁ ଶିଳ୍ପ । ସେ ତ ଅଳଙ୍ଘନୀୟ ସଂସ୍କାର ।

ପୂଜାକୁ ବଳି, ସେ ବି ତ ସଂସ୍କାର ।

ସବୁ ଟ୍ରାଡ଼ିସନ୍ । ଥିଲା, ଅଛି, ଥିବ,—ସେଥିରେ ଆଉ ପ୍ରଶ୍ନ କ'ଣ ?

ଧନାଢ଼ୈନ୍ୟର ଏ ବିକୃତ ଦୁନିଆ ଭିତରେ ଏ ଅଳକାପୁରୀ, କି ସୁନ୍ଦର ।

ଏ ସୃଷ୍ଟି ଶିଳ୍ପ, ଏ ଆର୍ଟ ବିନା ସଂସ୍କାର କ'ଣ ?

ପାଣ୍ଡେ,—ସେ କଣ ଆର୍ଟ ବୁଝେ ?

ଜୀବନ ବିଷୟରେ ଲୋକେ ବକ୍ତୃତା କରନ୍ତି,—ବଞ୍ଚନ୍ତି ଆଗ ଜୀବନ ? ପାଣ୍ଡେ କେବେ ବଞ୍ଚିବାକୁ ସୁଯୋଗ ପାଇଛି ? ଖାଲି ନପାଇଲା ଲୋକଙ୍କର ହିଂସାର ଗରଳ,—ଲୋକେ ତାକୁ ହିଁ କହନ୍ତି ନିଜର ଅଭିନବ ଦର୍ଶନ ।

ମୁହଁ ସତେଜ, ଓଠରେ ହସ, ଧୀରେ ଧୀରେ ସିଠି ମାରି ମାରି ବୁଲି ଆସନ୍ତି କୋଠି କମ୍ପାଉଣ୍ଡ । ଦେଖି ଏଠି ଉଦ୍ଦେଶ୍ୟ ଅଛି, ଲକ୍ଷ୍ୟ ଅଛି । ବଗିଚା କହେ ଗୁହଁ,

Digitized by srujanika@gmail.com

ଦେଖ । ଗୋଲ୍ପକୁସ୍ତି ଖୋଜେ ଯେନା ଯେନ, ମୁଷ୍ଟିକୁସ୍ତି ପ୍ରତୀକ୍ଷା ଭିଆଏ, ଧନ କ୍ଷଣପରେ ଛୁଇଁ ତଳେ ପେଲି ସେ ଗୋଟାଏ ଛୁପିଛୁପିକା ବାମ୍ନା ମାଡ଼ିଆସେ ସେ କୌଣସି ରୂପ ମନେପକାଏ । ନାଲି, ହଳଦିଆ, ଛିଟକା ଯେତେ ପ୍ରକାର ବିଲାତି ଫୁଲ,—ରଙ୍ଗର ଦାମ୍ଭିକତାରେ ଗଳ୍ପ କରି ବସେ,—ସେ ସତେକି ଚଞ୍ଚଳଲୀଳାୟିତ ଉଦ୍ଦାମ ଖେଳର ପଟ୍ଟଭୂମି ହୋଇଥାଉଛି । ସବୁରି ଉଦ୍ଦେଶ୍ୟ ଅଛି, ଠିକ୍, ଠିକ୍ । ନରମ ଦବିଲ ଦୋପା, ନିଜ୍ଜୁଟିଆ ଘର, ଏଇ ପର୍ଦ୍ଦା, ଏଇ ଓପାର ଓପାର ବଗିଚା-ରାସ୍ତା, ଏଇ ଫରଚ୍ଛ ହିତା । ସବୁ କେବଳ ଜୀବନର ଆନନ୍ଦ ପାଇଁ ଖେଳ ପାଇଁ,—ପାଣ୍ଡେ ବା ତା' ପରି ଅନ୍ୟ ଯେଉଁମାନେ,—ସେମାନେ ମୂର୍ଖ, ଜାଣନ୍ତି ନାହିଁ ।

ଜାଣିଲେ ଗେରୁଆ ଜେଭ ଆଉ ଖସିପଡ଼େ ।

ନ ଜାଣିଲେ ବିରକ୍ତି, ସଂସାରର ଯେତେ ଅବୁଝାମଣା ଦ୍ୱନ୍ଦ୍ୱ, ଯେତେ ଅଷ୍ଟପଣ, ସବୁବେଳେ ନ ଜାଣିଲାପଣରୁ ।

ତେଣୁ,—ଆଉ ବୁଝାମଣା ଲୋଡ଼ା, ଖେଳିଲା କୁକୁରକୁ ବୁଝାମଣା, ଥରେ ଅନ୍ତତଃ ପେଟପୂରା ଭାତ ।

ଦେବାର ଗରଜ ?

ଲୋକେ କହନ୍ତୁ, ସମାଲୋଚନା କରନ୍ତୁ, ପୁଣି ଖେଳ କରିଯିବ, ରାଜା ରାଜୁତି କରିଯିବ, ଭୂକ ହୁଅନ୍ତୁ ହଜାରେ । ପ୍ରକୃତିର ସୁଖୀ ପ୍ରାଣୀ ଚକ୍ଷୁଲଜ୍ଜା କରନ୍ତି ନାହିଁ । ମୂର୍ଖ ପାଟି କରିବେ ତ, ହଟହଗା କରିବେ କୋଳାହଳ, କିଏ ପଚାରେ ?

ଭାବିଲେ ଦେହରେ ଝୁଣ୍ଟ୍ ଚଢ଼ିଯାଏ । ତଣ୍ଟି ଚାରିପାଖ ମାଂସପେଶୀ ଟାଣ ହୋଇ ଫୁଲିଉଠେ । ଆଖିରେ ଦାଢ଼ୁଆ ସ୍ଥିର ଚାହାଣୀ । ଓଠର ବାଙ୍କ ପଥରର ଦାଢ଼ ପରି । ବଡ଼ ଅଗନାରେ ତାର ଛାଇ ପଡ଼େ । ମରଦ୍, ଟାଣୁଆ ମରଦ୍ । ଇଚ୍ଛା ହୁଏ ମୁଠେଇବାକୁ । ଚପିବାକୁ । ଚିରିବାକୁ, ଟାଣି କରି ଧରି ଉଞ୍ଚେଇ କଚ ଦେବାକୁ । ଅଜ୍ଞାତର ପୂର୍ବପୁରୁଷର ଯୁଗ ଯୁଗର କେତେ ଗୁଣ,—ମଣିଷଜାତିର ବିକାଶ ବିବର୍ତ୍ତନ ପଥରେ ବେଳ-ବେଳର ଆବଶ୍ୟକ ଦେଖି ଯାହା ମନକୁ ମନ ଉପୁଜିଥିଲା,—ତାହାରି ସତ୍ତ୍ୱା ପୁଣି ଫେରିଲି ଉଠେ ମନ ଭିତରେ, ଅର୍ଦ୍ଧ-ମନୁଷ୍ୟର ଅବତାର ହୁଏ । ସେ ଖେଳ ଚାହେଁ, ଏକାଦଶୀର ନିର୍ଜଳା ଉପାସ ଚାହେଁନାହିଁ । ସେ ଉଦ୍ଦେଶ୍ୟରେ ସାଫଲ୍ୟ ଚାହେଁ, ଚାହେଁ ନାହିଁ ଉପାୟର ଭଲ ମନ୍ଦ ବିଚାରି ଅଟକିବାକୁ । ବାଧାକୁ ସେ ଅସହିଷ୍ଣୁ, ପୂଜାର କାଳସାପ ପରି । ଏହି ରୂପ ପକ୍ଷରେ ଅତି ସ୍ୱାଭାବିକ ଚାବୁକ ଧରି ପିଟି-ପିଟିକା ଅଡ଼େଇ ନେବା, ମାରିପିଟି ବାଧା ସଫା କରିଦେବା, ଦୁଇ ଜଙ୍ଘରେ ଟାଣି କରି ଯାକି ଧରି ଘୋଡ଼ା କୁଦେଇ ନେବା, ହେଉ ପଛେ ତାର ଘୋଡ଼ା ହାଲିଆ, ତାର ଦେହରୁ ଝାଳ ଦରଦର, ପାଟିରୁ ଫେଣ, ପାଗଳ ପରି ଚଢ଼ା ଆଖି । ଉନ୍ମତ୍ତ ହୋଇପାରେ ସେ ଘୋଡ଼ସୱାର, ମଙ୍ଗଳ ଗ୍ରହକୁ

Digitized by srujanika@gmail.com

ରକ୍ତମୁହାଁ ପୁରୁଷ,—ନେପୋଲିଅନ୍ ବା ହିଟ୍‌ଲର୍‌ଙ୍କଠୁଁ ତାର ପ୍ରଭେଦ ଅବସ୍ଥାର ସୁଯୋଗ ଅଭାବ ଯୋଗୁଁ, ପ୍ରବଣତାରେ ନୁହେଁ । ତା ପଛରେ ତାର ସଞ୍ଚିତ ଧନ, ତାର ଦଳବଳ, ତାର ଗୋଷ୍ଠୀ । ସେହି ତ ତା'ର ଆଭିଜାତ୍ୟ । "ସମ୍ଭବାମି ଯୁଗେଯୁଗେ ।" ଶର୍ମା ବଗିଚାରେ ବୁଲୁଛନ୍ତି ।

ଚହଲି ବୁଲୁଛି ପକ୍ଷିକଣ୍ଠା ଆଗ୍ନେୟଗିରି ।

ସୃଷ୍ଟି ତାର ମାନବଦେହ, ସୁନ୍ଦର, ସୁବେଶ ।

ଜୀବନ,—ସେ ପ୍ରଚୁର ଦେଇଛି, ଆତୁର ଦେବ, ଜୀବନ ସୁନ୍ଦର ।

ଦେହ ଭିତରେ କାମନାର ଧକ ଧକ ନିଆଁ, ସବୁଦିନେ ଅଟମଣ୍ଡ ତାର ଭୋଜ—

ସେହି ତ ତାର ସତେଜ ପଣ, ସେହି ତାର ଯୌବନ ।

ସେ ବ୍ରହ୍ମାଙ୍କ ଆଶୀର୍ବାଦ ।

ଯନ୍ତ୍ର ଚାଲିଛି, ଜୀବ ଭୋଗ କରିଯାଉଛି, କୌଣସି କ୍ଷୋଭ ନାହିଁ ।

"ଆଖି ନାହିଁ କାନ ନାହିଁ ବାଜିଗଲେ ମୋର ଦୋଷ ନାହିଁ ।"

ତଥାପି,—ନ୍ୟୁନତମ ଜବର୍ଦ୍ଦସ୍ତି ଦରକାର ପଡ଼ୁନାହିଁ, ସବୁ ଘଟିଛି ଆପେ ଆପେ ।

ସେମାନେ ଯାଚି ଯାଚି ଦେଇଛନ୍ତି, ଯାଚିଲା ଅର୍ଘ୍ୟ ଫେରାଇଦେବା ନିଷ୍ଠୁରତା ହୋଇଥାନ୍ତା ।

ହୃଦୟ ଓଦାର,—କ୍ଷୋଭ ନାହିଁ, ଦୁଃଖ ନାହିଁ, ଅନୁଶୋଚନା ନାହିଁ ।

ଯାହା ମିଳିଛି ସବୁ ତାର ପ୍ରାପ୍ୟ, ତାର ତା' ପଣକୁ ହଟଠ ଭେଟି, ପତଙ୍ଗ ଆସିଛନ୍ତି, ସେ କ'ଣ ଦୀପର ଦୋଷ ?

ମନେପଡ଼େ ସେହି ପ୍ରଥମ,—ନିଜେ ପନ୍ଦର ବର୍ଷର ଯେତେବେଳେ— ଲୁକବାଣୀ ବାଲସିସ୍ଥା । ଠିକ୍ ଲୁକବାଣୀ ନୁହେଁ, ସେ ସଫାସୁତୁରା ପିନ୍ଧେ, ଚଳ୍‌ଣ କରି ମୁଣ୍ଡ ବାନ୍ଧେ, ମୁଣ୍ଡ ଉପରେ ବାନ୍ଧେ ଖଣ୍ଡେ କୁଞ୍ଚକୁଞ୍ଚିଆ ଧଳା କନା । ସେ ସୁନ୍ଦର ଇଂରେଜୀ କହେ, ତାର ଚାଲିରେ ବିଶ୍ୱାସ ଓ ଆଶାର ଦୀପ୍ତି, ବାଲସିସ୍ଥା ହସେ ।

ବାଲସିସ୍ଥା ବଡ଼ ଘରର ଅଳଙ୍କାର, ସେ 'ଆସ୍ଥା' ।

ତାକୁ ଟନ୍‌ଟନ୍ କରି ସଜେଇ ରଖିବା ବାଲସିସ୍ଥାର ଦାୟିତ୍ୱ ।

ବାଲସିସ୍ଥା ମୁହଁ ପୋଛିଦିଏ, ବାଲସିସ୍ଥା ପୋଷାକ ପିନ୍ଧେଇ ଦିଏ । ବାଲସିସ୍ଥା ଗାଧୋଇ ଦିଏ । ଠିକ୍ ପନ୍ଦର ବର୍ଷ ଯେତେବେଳେ, ଦେହର ପଦ୍ମକେନ୍ଦ୍ର ସବୁ ଘୂମୁରି ଉଠିଛି ରେଡ଼ିଓର ସ୍ପ୍ରିଙ୍ଗ୍ ଲଗେଇଲା ପରି, ଅଥ ଦୂରର ସମ୍ବାଦ ଆଣୁଛି, ସେ ମନ ଗଭୀରର ବାଣୀ । ସେ ଜନ୍ତୁର ଅରଣ୍ୟ ପ୍ରବୃତ୍ତିର ବାଣୀ, ପଶୁର ସମାଜସ୍ଥା

Digitized by srujanika@gmail.com

ଭେକପିନ୍ଧା ଚେହେରାକୁ । ଧନେ କେବେ, ମନେ ନାହିଁ,—ପଶୁର ସନ୍ତାନ ହେଉଛି କଲ,—ବଳସିଂହାର ଏତେ ପରଚର୍ଯ୍ୟା କ'ଣ ଖାଲି ଗୃହକର୍ତ୍ତୀର ଗୃହକର୍ମ ?

ବଳସିଂହା ବୁଝିଥିଲା, ମନେପଡ଼େ, ତାର ଠାଣି, ସାନ ସାନ ଦାନ୍ତ ଢ'ଗାର, ଟୁଳୁଟ ଗୋଲ ମୁହଁଟି, କପାଳ ଉପରେ ଫୁରୁ ଫୁରୁ ବାଳ, ମୁଣ୍ଡ ଉପରେ ସେହି କୁଞ୍ଚିକୁଞ୍ଚିଆ କଳା । ତାର ଅଖି ନାକର ବିଶିଷ୍ଟତା ନ ଥିଲା । କାନ୍ଥରେ ନ ଥିଲା ଝାଳ । ଯାହା ମନେପଡ଼େ ହେଉଛି ତାର ମୁହଁ, ମୁହଁ ଠେଲି ଠେଲି ଗୋଟାଏ ଅଦେଖା ହେଉ, ସେ ଛନ୍ଦେଇ ଦିଏ ବଳସିଂହା ଖାଲି ଗୃହକର୍ତ୍ତୀ ନୁହେଁ, ତାର ପରିଚୟ, ସେ ମଣିଷ ।

ନେଡର ବର୍ଷରେ ବଳସିଂହା ଚହ୍ଲା କରେଇ ଦେଇଥିଲ,—

ମଣିଷ ଦେହ, ଅଶ୍ଚର୍ଯ୍ୟ ତ ! ବାହ୍, ବାହ୍ ।

ବଳସିଂହା ତାର ଖେଳେଣା ହେଲା, ଚେତନାର ମାଦଳା ପାଞ୍ଜିରେ ଲେଖା ରହିଲା ନୂଆ କଥା, ମଣିଷ-ଖେଳେଣା,—ସେ ସବୁଠୁ ଭଲ ।

ନକ୍ତରେ ଦେଲ ଦେଖି ସେ ତାର ଅଭିଜ୍ଞତ ତଥ୍ୟର ଅନୁଶୀଳନ ଚେଷ୍ଟା-କଲ ଅପଣା ସମାଜରେ, କୈଶୋରର ଗୋପନପ୍ରିୟତା ଓ କୌତୂହଳ ସହିତ ଯୌବନର ଉଦ୍ଦାମ ଖେଳର ରଞ୍ଜନଶକ୍ତି ଯୋଗ; କିନ୍ତୁ ସେ ଦେଖିଲା ସେ ନୂଆ ଅବିଷ୍କାରକ ନୁହେଁ, ଲୁଗ ଛପା କିଛି ନାହିଁ, ସମସ୍ତେ ଜାଣନ୍ତି । ଅଳପୁଆ ସମାଜରେ ମେଳେଇ ମେଳେଇ ଏକ୍ସପେରିମେଣ୍ଟ୍ କରିବାକୁ ସେମିତି ସମାନ ସୁବିଧା ଓ ସୁଯୋଗ ମିଳିଛି । ଲୋକେ କହନ୍ତି ନାହିଁ, ଜାଣନ୍ତି, ବୁଝନ୍ତି ।

ଦାଣ୍ଡନଗ୍ରଜ ବଡ଼ଘରର ସାନ କଥା ଘୋଡ଼େଇ ରଖେ ଯେ ତା ନାଁ ବଡ଼-ଲୋକୀ । ସେଇ ତା ଡିସିପ୍ଲିନ୍ । ଅଉ କ'ଣ ?

ତା'ପରେ ଦେଲଯାଇଛି, ସବୁଦିନ ଏକାଠି ଠୁଲକଲେ ଯେପରିକି ଅକାତ ପାଣି, ଭାବିଲେ ଭସି ଉଠେ କେତେ ମୁହଁ, ପୁଣି ବୁଡ଼ିଯାଏ, ଭାସିଯାଏ । ଅନେକ ସେ ଖେଳିଛି, ଖେଳେଣା ଧରିଛି ଫୋପାଡ଼ିଛି, ହକେଇଛି, ଗୋଟେଇଛି, କେବଳ ବୁଝିଛି ଗୋଟିଏ କଥା,—ଦୁନିଆଁରେ ମଣିଷ ମଣିଷ ଭିତରେ ସମ୍ବନ୍ଧ ଖାଲି ଖେଳର, ସଜେଇ ହେବା ମିଛ, ସାଇତ ରଖିବା ମିଛ, ସାମୟିକ ଖେଳହିଁ ଜୀବନ, ଦ ଫ୍ଲେଇଙ୍ଗ ଦ ଥିଂ । ବଢ଼ି ଉଠିଛି ସାହେବଙ୍କୁଆ ଶର୍ମା, ହଟି ନାହିଁ ।

କିଏ ଆସୁଛି ?

"ଓ, ମିସେସ୍ ଦାସ ! କି ଚମତ୍କାର ! ଆସନ୍ତୁ ଆସନ୍ତୁ । ଆପଣ ବିଶ୍ୱାସ ଯିବେ ନାହିଁ ଯଦି କହେଁ ଯେ ମୁଁ ଖାଲି ଅପଣଙ୍କ କଥା ହିଁ ଭାବୁଥିଲି । ଭାବନାଟା ତ ମଣିଷର ଜନ୍ମଗତ ସଂସ୍କୃତ ଅଧିକାର, ନା ନୁହେଁ ? ନ ଭାବିଲେ ମଣିଷ ବଞ୍ଚି-ପାରନ୍ତା ! ମୁଁ ଆଶ୍ଚର୍ଯ୍ୟ ହୁଏ ।"

Digitized by srujanika@gmail.com

ଟ୍ରଲେନେଉଛନ୍ତି ବେଳେ ଟେନିସ୍ ଖେଳ, ପଟେ ଶର୍ମା ସାହେବ ଓ ସରୋଜିନୀ, ଆରପଟେ ରଣଜିତ୍‌ବାବୁ ଓ ଶାମବାବୁ । ଦେଖେଣାହାର ମିଲ, ନଲ ଓ କଣ୍ଟ୍ରାକ୍ଟର ସକଲତ୍ୱୋଲ ।

ରଣଜିତ୍‌ବାବୁ ହାରୁଥିଲେ ।

ରଣଜିତ୍‌ବାବୁ ରାଗୁଥିଲେ ।

ଅବଶ୍ୟ ଏ ଉଭୟର ମୋଟା କାରଣ କିଛି ନାହିଁ । ଶାମବାବୁ କଲେଜରେ ବିଖ୍ୟାତ ଖେଳାଳି, ନାଁ ଡାକ୍ ଖେଳାଳି, ପ୍ରକାଣ୍ଡ ଚେହେରା ଓ କ୍ଷିପ୍ର ଖେଳରେ ସତେକି ଆଧିପତ୍ୟ ବିସ୍ତାର କରନ୍ତି ସିମେଣ୍ଟର ପଡ଼ିଆ ଉପରେ । ରଣଜିତ୍‌ବାବୁ ଖେଳ କୌଶଳ-ପଟୁ ।

ଅଥଚ ଶୁଣିବାକୁ ହେଉଛି, ମିଲ ନଲ ଉପହାସ କରୁଛନ୍ତି, ଲଙ୍କାମରିଚ ଗୁଣ୍ଡାପରି ସେମାନଙ୍କ ଉଡ଼ା ହସ ବାରମ୍ବାର ଦେହରେ ବାଜି ବାଜି ଅଥୟ କରୁଛି, ଏବଂ ସକଲତ୍ୱୋଲ, ଏ ସାଲର ବଡ଼ ବଡ଼ କଣ୍ଟ୍ରାକ୍ଟ ମିଳିବାର ଦିନ ପାଖେଇ ଆସିଲା,—ସେ ସତେକି ହୁ କରି ରଣଜିତ୍‌ବାବୁଙ୍କ ସ୍ୱପକ୍ଷର ସ୍ୱରକୁ ମୁଣ୍ଡି ଆମାରି ଠେଲିଦେଇ ମୁହଁ ଟେକିଛନ୍ତି ଶର୍ମା ସାହେବଙ୍କ ମୁହାଁମୁହିଁ, ପ୍ରଚୁର ଉଲ୍ଲାସରେ ଗାଉଛନ୍ତି ଶର୍ମା ସାହେବଙ୍କ ଖେଳ କସରତର ଜୟ-ଜୟକାର ।

ଶର୍ମା ବି ଖେଳୁଛନ୍ତି ଆଜି ମନଖୋଲି । ତାଙ୍କର ବ୍ୟକ୍ତିତ୍ୱ ଡାଳ ବିସ୍ତାର କରିଛି, ମାଡ଼ର ଟାଣ, ଗତିର କ୍ଷିପ୍ରତା, ଖେଳର କୌଶଳ କେବଳ ଗୋଲାକାର ଟେନିସ୍ ବଲ୍‌କୁ ମନ୍ତ୍ର ଫୁଙ୍କିଲାପରି ମନଇଚ୍ଛା ଆଘାତ ଦେଇ ହଲେଇ ବୁଲେଇ ଶତ୍ରୁକୁ ବିବ୍ରତ କରିବାର ଦକ୍ଷତା ନୁହେଁ ତ,—ପଦେ ପଦେ ଠାଣି ଦେଖାଇବା ଭଙ୍ଗୀରେ ଠିଆହେବା, କେତେବେଳେ ଟେନିସ ବ୍ୟାଗ ଧରି ହିଭଙ୍ଗୀ କେତେବେଳେ ଗୋଟାଏ ଗୋଡ଼ରେ ଠିଆହୋଇ ଆରଗୋଡ଼କୁ ପବନରେ ଲମ୍ବ କରି ଦୁଇ ବାହାକୁ ଡେଣାକରି ମାରି ଦନାଦନ୍, ଷ୍ଟ୍ରୋକ୍‌ଗୁଡ଼ାକ ବନାଆଯାସରେ ଗ୍ଳିଲିଲ ପରି, ବଲ୍, ବ୍ୟାଟ୍, ଦେହ ଓ ପବନ ସବୁ ଏକା ଛନ୍ଦରେ । ମନ ଖୋଲି ଖେଳ । ପାଖରେ ଖେଳୁଛି ସରୋଜିନୀ,—ଡେଗ ଡେଗ ଆଖି କରି ନାକ ଫଣଫଣେଇ ଓଠ ଚିପି ତୋଫାନ ପରି ଧାଇଁ ଗଲା-ବେଳେ ବିପକ୍ଷକୁ ଅନାଇଁ ରଣଜିତ୍ ବାବୁଙ୍କ ମୁହଁ ଭିତରେ ଅଯନ୍ତ୍ରାଳ କରି ଯାଉ ହେଉଛି ଗୋଟିଏ କଥା, ପାତଳ ସର୍ପପରି,—ସେ 'ସାଫଲ୍ୟ ପରି ସଫଳ ହୁଏ ନାହିଁ ଆଉ କିଛି,' ଶର୍ମା ପ୍ରକୃତରେ କରୁଛି ! ମିଲ ପାଟି କରୁଛି, "ଆତୁର ଚେଷ୍ଟା-କର ଭାଇ, ଆତୁର, ଆତୁର ।"

Digitized by srujanika@gmail.com

ରଣଜିତ୍‌ବାବୁ ସରୋଜିନୀଙ୍କୁ ଦେଖୁଛନ୍ତି । କି ସୁନ୍ଦର ସେ ନିର୍ଭର କରି ରହିଛି ଶର୍ମାଙ୍କ ଉପରେ ! ତାର ଦକ୍ଷତା ଉପରେ ତାର ବିପୁଳ ବିଶ୍ୱାସ । ବିଖ୍ୟାତ ଖେଳାଳି ଶ୍ୟାମବାବୁଙ୍କୁ ବି ସେ ହଇରାଣ କରି ପାରୁଛି । ଶ୍ୟାମବାବୁଙ୍କର ହେଉଚି କଣ୍ ?

ଶ୍ୟାମବାବୁ ସଂକୁଚିତ, ଖେଳର ବ୍ୟକ୍ତିତ୍ୱ ଉପରେ ପଡ଼ିଛି ସ୍ନେହର ବନ୍ଧନ-ବେଡ଼ି, ସେ ପାଖେ ସେ ଖେଳୁଛି ସେ କେବଳ ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ସେ ଉପରଜ । ଅଛି ଯାହାକୁ କହନ୍ତି ଖେଳୁଆଡ଼ର ମନ,—

ଅଛି ସତ । ତେବେ ଅବସ୍ଥା ଦେଖି ବ୍ୟବସ୍ଥା । ବର୍ଷା ଦେଖି ଛତା । ଦାନାପାଣି । ସେଇଥିପାଇଁ ତ ଟେନିସ୍ ଖେଳ ଦରକାର । ସେ ବଡ଼ଲୋକର ସାନ୍ନିଧ୍ୟ ଦିଏ । ସାନ୍ନିଧ୍ୟରୁ ସୁବିଧା ଉଠେଇ ପାରିଲେ । ଟେନିସ୍ ଖେଳି ଅନେକେ ତଳୁ ଉପରକୁ ଉଠିଯାଇଛନ୍ତି; ଯେ କଣ ଉପରଜକୁ ଖେଳରେ ଜିତି, ଲଜ୍ଜା ଦେଇ ? ନା; ଖେଳେଇ ଖେଳେଇ । ଶ୍ୟାମବାବୁଙ୍କ ମନ ଅତି ସ୍ୱଚ୍ଛ । ରଣଜିତ୍‌ବାବୁଙ୍କୁ ଦେଖୁଛନ୍ତି, ମନ ଭିତରୁ ଉହୁଙ୍କି ଆସୁଛି ଖେଳୁଆଡ଼ ବ୍ୟକ୍ତିତ୍ୱ । ନିଗାମ୍ ଓଭାର-ଦେବାକୁ ହେଉଛି । ଆଃ ଖେଳନ୍ତି ମିଷ୍ଟର ଶର୍ମା ।

ତା'ଛଡ଼ା ସରୋଜିନୀ ସେ ଯେତେବେଳେ ଦେହ ଫଡ଼ଫଡ଼ କରି ବାହା ଟେକି ଷ୍ଟ୍ରୋକ୍ ମାରେ, ଶ୍ୟାମବାବୁ ଚାହିଁଲେ 'ଚାହିଁଥାନ୍ତି । ନିଜେ ଏକର ସେକର ହୁଅନ୍ତି ମନ ଭିତରର ଗୋଟାଏ ଅରଣା ବେଗରେ, ଖେଳ କାଇଦାରେ ନୁହେଁ, ଯେତେ ନାଚନ୍ତି ସରୋଜିନୀ ଯେତେ ହସେ । ନାଚିବାକୁ ଇଚ୍ଛାହୁଏ, କାଲି ଆରପାଖେ ଟେନିସ୍ ବ୍ୟାଟ୍ ଉଞ୍ଚେଇ ହସି ହସି ଦୋହଲି ଦୋହଲି ସେହି ତରୁଣୀ, ଏ ପାଖେ ତେଇଁ ତେଇଁ ସେ, ଏମିତି ଖାଲି ନାଚୁଥିବାକୁ ।

ନିଜର ଷ୍ଟ୍ରୋକ୍ । ମନେ ପଡ଼େ, କରି ହୁଏ ନାହିଁ । ଲୋକେ କହନ୍ତି ତାଙ୍କ ମାଡ଼ ଠିକ୍ ଗୁଳିମାଡ଼ ପରି, ବ୍ୟାଟ୍‌ର ଜାଲି ଛିଣ୍ଡିଯାଏ; କିନ୍ତୁ ତାକୁ ଏ ସରୋଜିନୀ ! ବରଂ ଏଇ ଭଲ ।

ତେଣୁ ରଣଜିତ୍‌ବାବୁ ଦେଖୁଛନ୍ତି, ପାଖେ ଶ୍ୟାମବାବୁଙ୍କ ଖାଲି ନାଚ, ସାମ୍ନାରେ ଶର୍ମା ସାହେବ୍ ପଶ୍ଚାତର କ୍ରୁଦ୍ଧ ଆସୁଛନ୍ତି, ଯେପଟେ ଯେ,—ସେ ସତେଜ ପ୍ରଜାପତି ପରି ପବନରେ ନାଚେ, ହାତ ପାଖେ ଥାଇ ହାତପାଆନ୍ତି ବାହାରେ, ଧରିବାକୁ ଇଚ୍ଛା ଓ ନ ଧରିପାରି ସ୍ୱଗ ବଢ଼ିଗଲେ ଏକା ସାଙ୍ଗରେ ।

କେତେ ବେଳ ଯିବ ଏହିପରି ? ଏଣିକି ଏ ଖେଳ ଆନନ୍ଦ ନୁହେଁ, ଦୁଃଖ, ଗୋଟାଏ ରୋଗ । ବିକୃତ ମନରେ ରଣଜିତ୍‌ବାବୁ ତରତର ହୋଇ ଯାଉଥାନ୍ତି । ସାମାଜିକ ଭଦ୍ରତାର ବନ୍ଧନ ଓ ଉପଦ୍ରବ ଏହିପରି, ମନ ଭିତର ପୋଡ଼ିଜଳି ଯାଉଥିଲେ ମୁହଁ ବାହାରେ ତାର ଚିହ୍ନବର୍ଣ୍ଣ ନ ଦେଖାଇ ହସି ହସି ମେଳିଯିବାକୁ

Digitized by srujanika@gmail.com

ହେବ, ଫେଲିଯିବାକୁ ହେବ । ତେଣୁ ସେ ଖେଳିବାକୁ ବାଧ୍ୟ ଏବଂ ଇଚ୍ଛା ଭଦ୍ରତା କଥା ଛାଡ଼ିଦେଲେ ବି ଶର୍ମା ତାଙ୍କ ଉପରକ, ବଡ଼ ସାହେବ ।

ଯାହାହେଉ,—ଏ ଫେଲର ବି ଶେଷ ଅଛି । ଶର୍ମା ଉଠିପଡ଼ିଲେ । ତା ପରେ ଭଦ୍ରତା ଖାତିରରେ ସେକ୍ରେଟାରୀଙ୍କୁ ତାର କୋଟ୍ ପିନ୍ଧିବାକୁ ସାହାଯ୍ୟ କରିବା କଥା । ରଞ୍ଜିତ୍‌ବାବୁ ଇତସ୍ତତଃ ହେଉ ହେଉ ପିଲ୍ଲାଇଆ ପରି ସେକ୍ରେଟାରୀର କୋଟ ଫଢ଼କେଇ ଧରି ଶର୍ମା କହିଲେ—"ମତେ ଅନୁମତି ଦିଅନ୍ତୁ—" ସେକ୍ରେଟାରୀ କୋଟ୍ ପିନ୍ଧି ପକେଇଲା । ଶର୍ମା କହିଲେ, 'ଆସନ୍ତୁ, ଆପଣଙ୍କୁ ଆପଣଙ୍କ ବାସରେ ଛାଡ଼ିଦେଇଯିବି ।'

ଦୁହେଁ ମଟରରେ ବସିଲେ । ରଞ୍ଜିତ୍‌ବାବୁ ଉପରିକଙ୍କୁ ଦୀର୍ଘ ନମସ୍କାର କରି ଠିଆହୋଇ ରହିଲେ । ମଟର ଚାଲିଗଲା ।

ସକ୍‌ଲତୱାଲା ଡାକିଲେ—'ଆସିବା ହେଉନ୍ତୁ, ଆପଣ ଯଦି ନିତାନ୍ତ କ୍ଲାନ୍ତ ନୁହନ୍ତି ଆସନ୍ତୁ, ଆଉ ଟିକିଏ ଖେଳାଯାଉ—"

ଫେଲ ସରିଛି । ସେମାନେ ନାହାନ୍ତି । ଏକୁଟିଆ ରଞ୍ଜିତ୍‌ବାବୁ । ଆପଣା ବସାରେ ବିଚିତ୍ର ମର୍ଜିରେ ଆରାମଚୌକିରେ ଢଳିପଡ଼ି ଦୂରକୁ ଅନେଇ ପଡ଼ି ରହିଛନ୍ତି । ଅଥଚ କିଛି ଦେଖିବା ନାହିଁ, କେହି ନାହିଁ, ଫାଙ୍କା ଶୂନ୍ୟରେ ମନର ଅବସ୍ଥିତି । ଚାରିଆଡ଼େ ଦମ୍ଭପଣ କଟିଯାଇ ଖାଲି ଆଧାର-ଅବଲମ୍ବନହୀନ ଶୂନ୍ୟ । ସେଥିରେ ଛିଲ-ଅଶ୍ରଦ୍ଧୀ ସାଧାରଣ ସତେକି ବାଂକ୍ରତୁ ନୋଟ୍ସବୋର୍ଡ ହୋଇ ମୁରୁକୁଟିଆ ହୋଇ ଭାଙ୍ଗିପଡ଼େ । ତା ଉହାଡ଼ରୁ ଯାହା ବାହାରେ, ସେ ସତେକି ଏ ପୃଥିବୀର ନୁହେ, ଆକାଶର,—ଖାଲି ବ୍ୟୋମ ।

ରଞ୍ଜିତ୍‌ବାବୁ ବସିଛନ୍ତି । କେବଳ ଆଜିର ନୁହଁନ୍ତି, ସବୁଦିନର । ଯେତେବେଳେ ମଣିଷ ବୁଝେ, ସବୁ ଶୂନ୍ୟ ଏବଂ ଫାଙ୍କା, ସବୁ ଖାଲି ଦି'ଦିନର ନୁହେଁ,— ଦି ମୁହୂର୍ତ୍ତର । ସଂସାର ପିତା ଲାଗେ । ରହିବା ଯିବାକୁ ମଣିଷ ହୁଏ ନିର୍ବିକାର, ଉଦାସୀନ । ଦିଶେ ଖାଲି ପର୍ଦ୍ଦା ଉପରୁ -ପର୍ଦ୍ଦା,—ରୂପାନ୍ତର । ଛାଇ ଆଲୁଅର ଖେଳ, ସକାଳ ପହରୁ ବଢ଼ି ବଢ଼ି ଚାଲେ ଆଲୁଅ, ତା'ପରେ ଛାଇ ବଢ଼ି ଚାଲେ, ବଢ଼ି ଚାଲିଛି, ଆସୁଛି ଅନ୍ଧାର । ମଣିଷ ଆଲୁଅ ଧାରର କଣିକାଏ କଣିକାଏ ଗୋଳ ହୋଇଥିବା ଅନ୍ଧାରକୁ ଦେଖେ, ଅନ୍ଧାରରେ ଦେଖେ ଆଲୁଅ, ଦେଖେ ଆଲୁଅ ଓ ଅନ୍ଧାର ନ ମିଶିଲେ ଦୁହେଁର ସୃଷ୍ଟି ସମ୍ଭବେ ନାହିଁ, ଅନ୍ଧାର ବିନା ଚମତ୍କାର ତୋର ନାହିଁ, ପୁଣି, ମୂର୍ଖଟେକ ମୁହଁ ବଙ୍କାଏ ଶୂନ୍ୟକୁ,— ତାର କିଛି ନାହିଁ, ସବୁ ଶୂନ୍ୟ,

Digitized by srujanika@gmail.com

ସେ ଯେପରି କି ଅନ୍ଧାର ଆଲ୍ଷ୍ଟର୍ ଗର୍ଜନମସ୍ତ ରୂପର ସମୁଦ୍ର ଉପରେ ଖାଲି ଫାଙ୍କା ବିସ୍ତୃତ, ସେଠି ସୁଖ ନାହିଁ ।

ଅନାଦିକାଳରୁ କେତେ ପ୍ରାଣୀ ବସିଛନ୍ତି ଏହି ଶୂନ୍ୟ-ସ୍ଥାନରେ, ବସିଛନ୍ତି ଯୋଗୀ,—ଅଜୀବନ, ବସିଛନ୍ତି ଭୋଗୀ କେବଳ ଅସ୍ଥିର ଅବସ୍ଥାରେ, କେତେକ ମୁହୂର୍ତ୍ତ ପାଇଁ, ସେହି ଘଣ୍ଟାକ ସମସ୍ତେ ଏକାପରି । ସଂସାର ଦୃଷ୍ଟିରୁ ଅତି କରୁଣ ସେମାନେ,—କିଛି ନ ଥିଲା ଦୁଃଖିବାର । ତାଙ୍କ ଦୃଷ୍ଟିରୁ ସଂସାର ନିରର୍ଥକ ।

ରଣଜିତ୍‌ବାବୁ ବସି ରହି ସମସ୍ତ ଚାହୁଁଛନ୍ତି । ଦିନ ସରିଗଲାଣି । ଅନ୍ଧାର ଢାଙ୍କିଲଣି । ଆକାଶରେ ଧକ୍ ଧକ୍ କଲେଣି ତାରା । ଧକ୍‌ଧକ୍ ଝକ୍‌ଝକ୍ - ଅଗଣିତ ତାରା, ନିତ ସେମାନେ, କିନ୍ତୁ ସେମାନଙ୍କୁ ଆଉ ଚାରିପାଖର ଅନ୍ଧାରକୁ ଚାହିଁ ରହିବା ମନର ସବୁ ଅବସ୍ଥାରେ ସମ୍ଭବ ହୁଏନାହିଁ । ପ୍ରକୃତିର ବିଭିନ୍ନ ସମ୍ପଦକୁ ଚାହେଁ ମଣିଷର ବିଭିନ୍ନ ବ୍ୟକ୍ତିତ୍ୱ । ରଣଜିତ୍ ବାବୁ ଅନ୍ଧାରକୁ ଚାହିଁଛନ୍ତି ।

ଏମିତି ଏକ ସ୍ଥାନରେ ବସି ରହିପାରିଲେ ହୁଏତ ଆତ୍ମା ପାଆନ୍ତା କେବେ ସଚ୍ଚିଦାନନ୍ଦ ଚନ୍ଦ୍ରନଙ୍କର ପରିଚୟ, ହୁଏତ ସେହି ହୁଅନ୍ତା ଉଇସ୍କା, ଆଧୁନିକ ସମାଜ-ସମ୍ରାଟ୍ ରତ୍ନାକର ହୁଅନ୍ତା ପ୍ରାଚୀନ ବାଲ୍ମୀକି, – କିନ୍ତୁ ଜନ୍ମ ମାଟି ପାଣିର ମୋଟା ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ଏଡ଼ି ପାରେନାହିଁ । ଯଦି କେବେ ଆଡ଼େଇ ରହି କରଛଡ଼ା ଦେଇ ଧ୍ୟାନ ଲଗାଏ, ତେବେ ଆହୁରି ବେଗରେ ଆହୁରି ଉଗ୍ର ଆଲୋଡ଼ନରେ ସେହି ପୃଥିବୀରେ ଲେଉଟି ପଡ଼ିବାକୁ, ପାଣିର ମାଛ କୂଳର ଶୂନ୍ୟ ସ୍ଥାନ ଛାଡ଼ି ପୁଣି ଟୁବ୍‌କନା ବୁଡ଼ା ମାରେ ଅଥଳ ପାଣିରେ ।

ଓଃ ! ଉଗ୍ର ଭାବେ ଫେରି ଆସୁଛି ଚିନ୍ତା । ସରୋଜନୀ !

ଅନ୍ଧାର ଭିତରେ ରଣଜିତ୍‌ବାବୁଙ୍କ ନୂଆ ବ୍ୟକ୍ତିତ୍ୱ ଯେପରିକି କେଉଁ ଅରଣ୍ୟ ତୋଫାନ, ଗାଉ ଗାଉ ଗରଜେ, ସାଥିରେ ଦେଖାଯାଏ ବଜ୍ର ଘଡ଼ଘଡ଼ି, ଧରେ ସଂହାରର ନାଦ, ଧ୍ୱଂସ ପ୍ରଭାବରେ । ତାର ପରିଚୟ ଖାଲି ଗୋଟାଏ ଧ୍ୱଂସକାରୀ ବେଗ, ଫଡ଼ା ଫଡ଼ା ଅନ୍ଧାର ଓ ଧାର ଧାର ନାଲି ଘଡ଼ଘଡ଼ିର ଗର୍ଜନ ଉଡ଼େଇ ଗୋଟାଏ ପ୍ରଳୟର ତାଣ୍ଡବନୃତ୍ୟ । ଗୋଲ ପୃଥିବୀର ଗଢ଼େଇ ଦିନର ଆଦିମ ତୋଫାନମାନଙ୍କର ସଂପର୍କ ଯେପରିକି ନିଗିଡ଼ି ପଡ଼ିଥିଲା କେବେ ମଣିଷ ମନରେ, ରକ୍ତରେ ଲୁଣ ହୋଇ ପଶିଥିଲା, ଗଡ଼ି ଆସିଛି ପୁରୁଷକୁ ପୁରୁଷ, ସଂସ୍କାର ତାକୁ ଅପସାରି ପାରେନାହିଁ । ସଭ୍ୟ ଭେକ ତଳେ ଲୁଚି ରହେ, ପୁଣି ନୂଆ ମୁହଁରେ ବାହାରେ, ସ୍ୱହେ ସେହି ଆଦିମ ତୋଫାନ, ଚାହେଁ ଧ୍ୱଂସ । ଘୂରିଲାଗିଛି ମନେ ମନେ ସେହି ଭୟଙ୍କର ରୂପ, ମରାମରି ହଣାହଣି, ଛେଚାଛେଚି । ଅରଣ୍ୟ ଆଦିମ ମଣିଷ, ସେ ନାଏ ନରମୁଣ୍ଡର ମାଳା, ପାଶବିକ ଯୌନକ୍ଷୁଧା ପାଇଁ ପ୍ରଣୟ କରେ, ପ୍ରେୟସୀ ପାଇଁ ଲଢ଼େ ଶତ୍ରୁ । ପ୍ରେୟସୀକୁ ଉପହାର ଦିଏ ଶତ୍ରୁର କଟାମୁଣ୍ଡ । ପଥରରୁ

Digitized by srujanika@gmail.com

ଖଣ୍ଡା ଧରି କଲକଲା ରକ୍ତ ପବନ ବେଗରେ ଘୂରି ଲାଗିଛି ଲଙ୍ଗଳା ଅରଣା ମଈଷ, ତାର ଲମ୍ବ ଲମ୍ବ ନଖ, ଦେହରେ ପଶୁ ଲୋମପରି ଲୋମ, ସେ ଖୋଜୁଛି ଶତ୍ରୁର କଣ୍ଠାପୁଣ୍ଡ, ଅପ ଅପ ରକ୍ତ ।

ଓଃ, ସରୋଜନୀ !

ଦୀର୍ଘଶ୍ୱାସ ପକାଇ ସିଧାହୋଇ ବସି ରଣଜିତ୍ ବାବୁ ସିଗାରେଟ୍ ଲଗାଉଛନ୍ତି । ଶୁଭୁଛି, ଘର ଭିତରେ କିଏ ରେଡ଼ିଓ ଖୋଲିଲାଣି ।

“ଏଥର ମଝିର ଖଣ୍ଡେ ନ ରଖିଲେ ନ ଚଳେ,—ବୁଝିଲ ସରୋଜ୍”, ଦଳାଦଳି କହୁଥିଲ, ଆଉ ଉତ୍ସାହରେ ଅନେଇଁ ରହିଥିଲ ସରୋଜନୀ ମୁହଁକୁ । ସେଠି ଟିକିଏ ହସ, ସେଇ ତାର ଆତ୍ମ-ପ୍ରତ୍ୟୟ ।

“ଭଗବାନ ହସିଛନ୍ତି, ଆଉ ଯାହାବେ ଗଲେ କପାଳରେ ଥିଲେ ଆମେ ବି ଲୁମ୍ମାନର କେଉଁ ସେଣ୍ଟରେ ବଡ଼ ସାହେବ୍ ହେବା—”

“ଠିକ୍, ଭଗବାନ ହସିଛନ୍ତି,” ସରୋଜନୀ ହସିଲ,—“ଏଥର ମଝିର ।”

“ନା କ’ଣ ? ଏଥର ମଝିର ରଖିଲେ ଭଗାଣ କଥା ହାଣିବେ ନାହିଁ । ଯାହାକୁ ଯେପରି ଭେକ ସାଜେ । ସେଇଥିପାଇଁ ଭଗବାନ ପାହାଚ ପାହାଚ କରି ସଜେଇ ରଖିଛନ୍ତି ଛପନକୋଟି ପ୍ରାଣୀ, ଯେଝା ହାତକୁ ଯେଝା ଚହଦପା ।”

“ଅଉ ଯାହାର ହାତ ଗୋଡ଼ ନାହିଁ ?” ସରୋଜନୀ କହିଲା, “କେମିତି ତାର ମାପ ।”

“ଛି ସରୋଜ, ଆମର ଛୁଆପିଲା ନାହାନ୍ତି ବୋଲି ସବୁବେଳେ ତୁମର ଖୋଣ୍ଟା ଦେଇ କଥା କହିବା ଅଭ୍ୟାସ ହେଲାଣି । ସେମିତି କହିଲେ ଭଗବାନଙ୍କ ନିନ୍ଦା ହୁଏ । ସବୁ ଭଗବାନଙ୍କ ଦୟା, ସବୁ ସେଇ ମଙ୍ଗଳମୟଙ୍କ ଇଚ୍ଛା, ତହିଁ ଆମେ ସମାଲୋଚନା କଲେ ଦ୍ରୋହ ହେବ ।”

“ତୁମେ ଏଡ଼େ ବଡ଼ ଈଶ୍ୱର ବିଶ୍ୱାସୀ ! ସତରେ ଜାଣେ ବୈରାଗ୍ୟ ମାର୍ଗ ଧରିବ ବୋଲି ଭୟ ହେଉଚି । ମାଳେ, କଥା-କଥାକେ ଭଗବାନ !

“ସତରେ ସରୋଜ, ଆଜିକାଲି ଗାଧୋଇ ସାରି ଯେତେବେଳେ ଭାଗବତ ଅଧ୍ୟାୟେ ପଢ଼େ, ମନରେ ଭାରି ଶାନ୍ତି ଆସେ । କିଏ କହି ? ଶୁଣିଲ ଟିକିଏ, ‘କରି କରାଉ ଥାଏଁ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ’ । ଆରମ୍ଭଠାରୁ ବିଚାର କରେ, ନାହିଁ କେତେ ତଳେ । କେତେ ଲୋକ ଆମେ ଏକାଠି ଚାକିରୀ ଆରମ୍ଭ କରିଥିଲୁଁ ।

Digitized by srujanika@gmail.com

କିଏ ବିଶ୍ୱାସ କରିଥିଲା ? କାଲି ପରି ଲାଗୁଛି, ଆଉ ଆଜି । ନାହିଁ ଭୁଲିଛି । ଏତେ ବାଟ ଆସିଲେଣି, ପୁଣି ଶେଷ କଥା ପଚାରୁଚ । ମଟର ହବ । ଖଣ୍ଡେ କୋଠା । ଜମିବାଡ଼ି । କିଛି ସଞ୍ଚୟ । ତୁମର ଅଭାବ ରହିବ ନାହିଁ । ଦୁନିଆଁ ମତେ ଦୋଷ ଦେବ ନାହିଁ । ମୋର କର୍ତ୍ତବ୍ୟ ମୁଁ କରିଚି । ନାଁ, ମୁଁ ଅକୃତଜ୍ଞ ନୁହେଁ, ପଦେ ପଦେ ଦେଖୁଛି ଭଗବାନଙ୍କ ଦୟା । ଏତେ ବାଟ ଆସିଲେଣି, ଆହୁରି ଆୟୁଷ ଅଛି, ବଳ ଅଛି, ଭଗବାନଙ୍କୁ ସୁମରେ, ଆଉ ଶେଷ କଥା ଭାବେ ।"

ବଳୀଦତ୍ତ ଯେପରିକି ଏକ ନୂଆ ଭାବନାରେ ଗଦ୍‌ଗଦ୍ । ସରୋଜିନୀ ତାର ଅବଲମ୍ବନ ପରି, ନ ହେଲେ ତାର କଥା କେବଳ ସ୍ୱଗତ ଉକ୍ତି । ସରୋଜିନୀ ତାର ସ୍ୱପ୍ନାବିଷ୍ଟ ମୁହଁକୁ ଚାହିଁଲା । ଲୋକଟା ନିଜର ସ୍ୱପ୍ନ ଯେଉଁ କେଡ଼େ ନିର୍ଭ୍ରାନ୍ତ ! କେଡ଼େ ନିଷ୍ଠୁର ! ନିଜର ଘରଖଣ୍ଡିକ ସୀମା ଡେଇଁ ତାର ଦୃଷ୍ଟି ପଦାକୁ ଯିବାକୁ ମୋଟେ ଚେଷ୍ଟିତ ନୁହେଁ । ସରୋଜିନୀର ମନ ଭିତରେ କଣ୍ଟା ଫୋଟିଲା ପରି, ଦେଖୁଛି ଗୋଟାଏ ଅଲଗା ଲୋକ, ଯାହାର ସ୍ୱପ୍ନ ତାର ସ୍ୱପ୍ନ ନୁହେଁ ।

ହସି ଦେଇ କହିଲା,—"ତୁମେ ଆଗକଥା ନ ଭାବି ଶେଷ କଥା ପଚାରୁଚ । ଶୁଣିଚି ଶେଷକଥା ପଚାରୁଥିଲେ ମଣିଷ ବାବାଜୀ ହୁଏ । ଶାସ୍ତ୍ର କହେ, ମଣିଷର ଶେଷ ଖାଲି ମଶାଣି ଭୂଇଁରେ, ଯେତେବେଳେ ଏ ଦେହ ଜଳି ପୋଡ଼ିଯାଏ, କିଛି ରହେ ନାହିଁ । ଆତ୍ମା ଉଡ଼ିଯାଏ, ସାଙ୍ଗରେ କିଛି ନିଏ ନାହିଁ ।"

"ତା ହେଲେ ମାଳା ଗଡ଼ାଅ ।"

"ତୁମେ ତ ଜାଣ ଥରେ ତପ ଭାଙ୍ଗିଲେ ଆଉ ତପ ହୁଏ ନାହିଁ । ସେ ବାଟତ ସରିଚି, ସେଥିଲାଗି କାହିଁକି ? ମଟର କିଣିବ କିଣ, କୋଠା ତୋଳିବ ତୋଳ । ବାବାଜୀ ହୁଅନାହିଁ ।"

"ନା ନା, ବାଜେ କଥା ଛାଡ଼ । ଦେଇ ଦେଖ, କେତେ ଦରକାର । ଏଠୁ ଉପରକୁ ଚାଲି ଚାଲି ଝରଣାରେ ଯିବା ଅଭ୍ୟାସର ଯୋଗ୍ୟକ, କଷ୍ଟ ଯୋଗ୍ୟକ । କଥାଟେ ବାହାରିଲା,—ନିଜର ମଟର ନ ଥାଇ କି ସେ ଅସୁବିଧା ଆଉ କ'ଣ କହିବି । ତୁମେ ତ ସବୁ ବୁଝୁଚ, ଭାବୁନା,—ମଟରଟାଏ ପ୍ରୟୋଜନ ନାହିଁ ?"

"ନିଶ୍ଚୟ ଅଛି । ସେକଥା ପଚାରୁଚ ? କିନ୍ତୁ କିଣିବ ଯଦି ତେବେ ମାଷ୍ଟର ଶର୍ମାଙ୍କ ଗାଡ଼ିପରି ବଡ଼ଗାଡ଼ି ଯଦି କିଣନ୍ତ ତେବେ ସିନା ! ଜାଣିଚ କେଡ଼େ ଆରାମ ସେ, ଗଦିରେ ବସି ଆଉଜି ପଡ଼ିଲେ ମଣିଷ ଯେମିତି ଗଳିପଡ଼ୁଚି ଶାନ୍ତିରେ, ଶାନ୍ତିରେ ସାଙ୍ଗେ ସାଙ୍ଗେ ଢଳିପଡ଼ି ଆଖି ବୁଜିବାକୁ ମନ ହୁଏ । ପାରିବ ଯେମିତି ମଟର କିଣି ?"

ବଳୀଦତ୍ତ ମୁଣ୍ଡ ଟେକି ଅନାଇଁଦେଲା । ଲାଗିଲା,—କଳ୍ପନାରେ ଯେପରିକି ଆଉଟା ତାର, ଦେହ ଦବି ଦବି ଯାଉଛି, ଶାନ୍ତିରେ ଶାନ୍ତିରେ ଗଳିପଡ଼ୁଛି ସତେ ଅବା ସରୋଜିନୀ ସଙ୍ଗେ ସଙ୍ଗେ ତାର ଅନୁଭୂତି, ଗଳିପଡ଼ି ହଜିଯାଉଛି ।

Digitized by srujanika@gmail.com

ଏଇ ତାର ସ୍ତ୍ରୀ, ସେ ଶର୍ମାଙ୍କ ଗାଡ଼ିରେ ବସିବା ଆରାମ ବଖାଣିପାରେ ।

ବଳୀଦତ୍ତ ଚୁପ୍ ରହିଲା ।

ସରୋଜିନୀ ତାକୁ ଅନାଇଲା, ଅନୁଭବ କଲା,—ମାତ୍ର ଭେଦୁଛି । ମୁରୁକି ହସି କହିଲା,—"ତୁନି ରହିଲ ଯେ ! ପଇସା କଥା ଭାବୁଛ ବୋଧେ, ସତେ ତ, ସବୁ କଣାକଣି ଆପଣା ଅଣ୍ଟାବଳର କଥା । ମିଷ୍ଟର ଶର୍ମାଙ୍କ ମଟର ଦେଖିଚ ତ, ପାରିବ ସେମିତି ଖଣ୍ଡେ ଗାଡ଼ି କିଣି ?"

"ବୁଝିଲି"—ବଳୀଦତ୍ତ କହିଲା, 'ସରୋଜ' ବୋଲି କହି ପାରିଲା ନାହିଁ, 'ସରୋଜ' ତାର ଗେହ୍ଲା ଡାକ,—କହିଲା, "ବୁଝିଲି ତମେ,—ପଇସା ଅଭାବ ନାହିଁ, ଭଗବାନ ଯେ ବିଷୟରେ ଊଣା କରିନାହାନ୍ତି, ପଇସା ଦେହର ମଳି, ଖଟିବାକୁ ପଡ଼ିବନାହିଁ, ଲୋକେ ଯାଚିକରି ଘରେ ଆଣି ଦେଇ ଯାଉଚନ୍ତି, କିନ୍ତୁ ପଇସା ଅର୍ଜିବା ଗୋଟାଏ କଥା, ଲୋକହସା ହେବା ଆଉ ଗୋଟାଏ କଥା ।"

"ଲୋକହସା !" ସରୋଜିନୀ କହିଲା, ଟେକିଦେଲା ତାର ଭ୍ରୂଲତା ଦୁଇଟିକୁ ଧନୁପରି, ମୁହଁରେ ଅପୂର୍ବ କୌତୂହଳ ବିଧାନ କରି ଜଗତଜିତା ମୁହିଁକରି କହିଲା, "ବଡ଼ ଗାଡି କିଣିଲେ ମଣିଷ ଲୋକହସା ହୁଏ । ତେବେ ତ ସବୁ ବଡ଼ଲୋକ ଲୋକହସା ! ଲୋକହସା ହେବ ବୋଲି ପଳେଇବ ତମେ !"

'ତମେ' ଉପରେ ଜୋର ଦେଇ କହିଲା ।

କେଡ଼େ ସରଳ ! କେଡ଼େ ସୁନ୍ଦର !

ତଥାପି ବଳୀଦତ୍ତ ବୁଝି ବୁଝି ସଚେତ ଅନୁଭବ କଲା,—ବିଶ୍ଳେଷଣରେ ଦେଖେ,—ସରଳତାର ଉପାଦାନ ପରସ୍ତ ପରସ୍ତ ଜଟିଳତାରେ ପୂର୍ଣ୍ଣ ।

ଢଳଢଳ ଜଳ ଆସିଲା, ସାଫଲ୍ୟବାଦୀ କର୍ମଗୃହର ଭେକ ଖସି ପଡ଼ୁଛି,—ଜଣେ ସାଧାରଣ ମଣିଷ । ପୁଣି ସେହି ମୁହଁଟିକୁ ବୁଝି ଆସ୍ତେ ଆସ୍ତେ ନଇଁ ନଇଁ ଆସିଲା । ସରୋଜିନୀ ହସୁଛି । ସେହି ମୁହଁକୁ ବୁଝି, ସବୁ ସେ ଭୁଲିପାରେ ।

ସରୋଜିନୀ ତାଳିମାରି କହିଲା,—"ଯାଇ ହଉ, ଚେତିଲ ଏତେ ଦିନକେ, ମୁଁ କୋଉ ଆଗରୁ ଲଗେଇଛି ମଟର ଖଣ୍ଡେ କିଣ । ସବୁବେଳେ ଫାଇଲ ଆଉ କାମ । ମଟର ହେଲେ ତୁମକୁ ଓଟାରି ନେଇ ବୁଲେଇ ନେବ କୋଉ ଦୂରକୁ । ଖଟିଜାଣିଛ ଖାଲି, ଟିକିଏ ବି ଜାଣିଲ ନାହିଁ ସୁଖ କଣ ! କାମ-କାର୍ଯ୍ୟର ଜଞ୍ଜାଳ ଛାଡ଼ି କୋଉ ଦୂରକୁ ବୁଲିଯାନ୍ତେ ଦୁଇଘଡ଼ି, ଖାଲି ଚୁପ୍‌ଚାପ ଶାନ୍ତ ଆନନ୍ଦ ।"

ବଳୀଦତ୍ତ ଖୁସି ହେଲା । ଦବୁଢନ ପରି ତାର ପାଗଳପଣ ବ୍ୟାଖ୍ୟା କରି ନିଜକୁ ବିଦ୍ରୂପ କହିଲା,—"ଜାଣିଚ ସବୁକଥା । ଏଇ ମଟର,—କିଣ ହାତକୁ ପଡ଼ୁଚି ? କହିଲା ଶେଠ୍‌ଜୀ, ଖଣ୍ଡେ ମଟର ନ ରଖିଲେ ବଡ଼ ଅସୁବିଧା ପଡ଼ୁଚି ।

Digitized by srujanika@gmail.com

ଲୁଟ୍ ଥିବ ଯାହା କଥା କହୁଛୁ । କହିଲ ବାବୁଜୀ, ବହୁତ ଖୁବ୍, ଯୋ ଫର୍ମାଇଏ । ବାତ୍ ହୋଇଗଲା ।"

ସେ ରାତରେ ସକଲତ୍‌ଓ୍ୱାଲଙ୍କ ଘରେ ଗୋଟିଏ ଦାମୀ ଭୋଜି, ବସ୍ତୁତଃ ଗୋଟିଏ ଦାମୀ 'ସମାଜ-ଭୋଜି', ସେହି ପ୍ରକାରର ଯାହା କାରଣ ଥାଉ ନଥାଉ, ବର୍ଷକେ ଏଠୁ ସେଠିକି ହୋଇ କେତେ ଥର ଘଟେ, କେତେବେଳେ କାହା ଘରେ ।

ଏହି ଭୋଜିର ବିଶିଷ୍ଟତା ଯେପରିକି ସାଧାରଣ ଦୁନିଆଁର ଆଖିରେ ଆଙ୍ଗୁଠି ଗେଞ୍ଜି ବୁଝାଇ ଦିଏ,—ଉପରିକ ସ୍ତର,—ସାଧାରଣ ସ୍ତରଠୁ ସେ ଭିନ୍ନେ । ସଦାକୁ ତାର ଧ୍ୱନି "ହଟୋ ହଟୋ, ତଫାତ୍ ହଟୋ ।" ବଡ଼ ସଡ଼କ କଡ଼ରେ ବଡ଼ ହତା, ଭିତରେ ପ୍ରକାଣ୍ଡ ଓସାର ଫାଙ୍କା ପଡ଼ିଆ, ବଡ଼ ବଗିଚା । ଡିପ ଉପରେ ବଡ଼ ଘର । ରାସ୍ତା ଉପରେ ବଡ଼ ଫାଟକ, ଫାଟକ ପାଖେ ବଙ୍କା କାଠ ଧରି ଗୁର୍ଖା ପ୍ରହରୀ, ଭିତରୁ ଦିଶେ ଜିଭ ଲହ ଲହ କରି ଜଗୁଆଳି କୁକୁର । "ହଟୋ ହଟୋ, ଏଠି କାମ ନାହିଁ ।" ଦୂରରେ ଦୂରରେ ଧୂଳିଆ ମଳିଆ ପଲ୍ଲୀର ଧାଡ଼ି ଧାଡ଼ି ଘର, ଠେଲାପେଲା ।

ଥିଲା, ଅଛି, ରହିବ ଆସିଛି,—କେଞ୍ଚାଏ ମେଞ୍ଚାଏ ଦୁନିଆରେ ଥିଲାବାଲାର ଖାନ୍ଦାନି ଦୁର୍ଗ, ତାର ବିଶିଷ୍ଟତା ଅଛି ନିଶ୍ଚୟ ।

ଭିତରୁ ରଙ୍ଗ ରଙ୍ଗର ଆଲୁଅ, ଓସାର ନାଲି ରାସ୍ତାକଡ଼ରେ ଧାଡ଼ି ଲମ୍ବିଛି ମଟର ଗାଡ଼ିମାନଙ୍କର, ଆଲୁଅରେ ଜକ୍ ଜକ୍ ଦିଶୁଛି ସେମାନଙ୍କର ପିଠି । ବାଟର ବାଟୋଇ-କଳ୍ପନାର ଇନ୍ଦ୍ରଭୁବନ ! କିଛି ନ ଦେଖିଲେ ଦୂରରୁ ଚାହିଁ ଆଖି-ସୁଖ କରିଯାଏ, ଯଥାର୍ଥତା ଖୋଜି ଅର୍ଥ କରିଯାଏ, ପାଞ୍ଚ ଆଙ୍ଗୁଠି ସମାନ ନୁହେଁ, ତା ଛଡ଼ା, ପୂର୍ବଜନ୍ମ, ଭାଗ୍ୟ, ମୂଳଧର୍ମ ।

ଏହି ଭାଗ୍ୟ ଆଉ ପୂର୍ବଜନ୍ମ ପ୍ରଭାବରୁ ପରା,—ସ୍ଥାନେ ସ୍ଥାନେ ଘୋଟେ ଭୂମିକମ୍ପ, ଲୋକ ଚାପି ହୋଇ ଛେଚା ହୋଇ ମରନ୍ତି, ଘଟେ ଦୁର୍ଭିକ୍ଷ, ମଣିଷପଣର ଲେଙ୍ଗୁଡ଼ ଛିଣ୍ଡି ଛିଣ୍ଡି ମାଟିରେ ମିଶେ, ବାଟର ବାଟୋଇ ଆପଣାର ପାଞ୍ଚ ଆଙ୍ଗୁଠିକି ଚାହିଁ ବିଧିର ଅଲଙ୍ଘ୍ୟ ନିୟମକୁ ମୁଣ୍ଡପାତି ନିଏ । କରପଟେ ଏହି ଇନ୍ଦ୍ରଭୁବନର ଶୋଭା, ସାମ୍ନାରେ ଲମ୍ବିଯାଇଛି ଚିରଦିନର ରାସ୍ତା, ସୁଖେ ଦୁଃଖେ ।

ଭିତରେ ବଡ଼ ହଲ୍, ଭିତରେ ଲମ୍ବ ହୋଇ ଟେବୁଲ ପଡ଼ିଛି, ଏ ମୁଣ୍ଡ, ସେ ମୁଣ୍ଡ ଜକ ଜକ ହୋଇ ଫେଣେଇ ଉଠୁଛି ତାର ଧୋବଫରଫର ସୁନ୍ଦର ।

Digitized by srujanika@gmail.com

ଅଂଶ ଅଂଶ କାରୁକାର୍ଯ୍ୟର ସ୍ଫଟିକ କୁଣ୍ଡରେ ସ୍ଥାନେ ସ୍ଥାନେ ଶୋଭୁଛି ଫୁଲପତ୍ରର ଝୁମ୍ପା ଗୁଚ୍ଛ ଗୁଚ୍ଛ; ଯେପରିକି ଟେବୁଲ ଉପରେ ଗୋଟିଏ ସଜ୍ଜିତ ବଗିଚା । ଅବଶ୍ୟକ ବୁଝି ଦୁନିଆଁର ଚଳଣି ବର୍ଷାଆଡ଼କୁ ଛତା ମୋହିଲ ପରି ନିଜକୁ ଖାପ କରି ଦେଇଛି ବଣିକ୍ର ଅତିଥିଙ୍କ ସେବାପାଇଁ । ତାହାରି ମଝିରେ କାରୁକାର୍ଯ୍ୟମଣ୍ଡିତ ବିବିଧ ଥାଳିରେ ରଙ୍ଗ-ରଙ୍ଗର ଖାଦ୍ୟ । ଦାମୀ ଗନ୍ଧ ଓ ଦାମୀ ପୋଷାକ-ପିନ୍ଧା ଚୌକି ଶ୍ରେଣୀ । ହସ୍ତିଦନ୍ତ କାନ୍ଥ ଓ ଗ୍ଲାସ୍ତଳ । ସବୁଠି ପରିପାଟୀ ଓ ସାଜ-ସଜ୍ଜା— ଏକ ମାୟାଲୋକ । ରଙ୍ଗ, ସୁଗନ୍ଧ ଓ ସ୍ୱାଦୁର ସମାବେଶ । ମାୟାବୀ ପରି ବଣିକ୍ଙ୍କ ଅତିଥିଦଳ । ସତେ ଅବା ଐଶ୍ୱର୍ଯ୍ୟମୟୀ ସ୍ୱର୍ଣ୍ଣଲଙ୍କାର ଭୋଜନକକ୍ଷ,— ମାୟାପୁରୀର ଐଶ୍ୱର୍ଯ୍ୟବ୍ରଜ ଦାନବଦଳ । ଥିଲେ, ଅଛନ୍ତି ।

ଭୋଜି ଲାଗିଛି, ଗଳ୍ପ ଚାଲିଛି ।

ସାମାନ୍ୟ ଗୋଟିଏ ଚ୍ଛେଟ ଅଙ୍ଗୁରଦୋନାକୁ ବୋଝ ଟେକିଲା ପରି ଧୀରେ ଧୀରେ ପାଟିକି ନେଇ ଧନକୁବେର ସକଲଦୀଓ୍ୱାଲ କହିଲେ—

"ବ୍ଲାକ୍ କାଲାବଜାର,—ସେଟା କଣ ? ହଂସୋଲିଆ ଲୋକେ କ'ଣ ଭାବନ୍ତି, ବୁଦ୍ଧି ନ ଥିଲା ଲୋକେ ସେ ସବୁ କଥା ଶୁଣନ୍ତି, ବେପାର ସଓଦା ଯେଉଁ-ମାନଙ୍କର କିଛି ସମ୍ବନ୍ଧ ନାହିଁ, ସେହିମାନେ ତାର ଦୁଆ ଧରନ୍ତି, ଗୁଣିଆଡ଼େ ଶୁଣିବେ ବ୍ଲାକ୍, କାଲବଜାର, କଳାପୋତେଇ, ଗୋଟାଏ ବୃଥା କୋଳାହଳ, ଲୋକେ ତୁଣ୍ଡରେ ରଡ଼ିଛନ୍ତି, କାଗଜରେ ଛପୁଛନ୍ତି, ଚହଲ ଶୁଣି ଶୁଣି ସାଧାରଣ ଲୋକର ଛାତି ଛନଛନ । ଲୋକେ ବୁଝନ୍ତି ନାହିଁ ଦୋକାନ୍ଦାର ସବୁଦିନେ ଦୋକାନ୍ଦାର, କ୍ୟା ଭିଆ ?"

ଆଉପକ୍ଷୁ ପାନ୍ନାଲାଲ୍, ବିଖ୍ୟାତ ବ୍ୟବସାୟୀ, ମୋଟାସୋଟା ବାଙ୍ଗର ମଣିଷ ଗମ୍ଭୀର ହୋଇ କଲେ ଖାଦ୍ୟ ଖୁବ୍ ମାଠି ମାଠି ଚୋବାଉଥିଲେ, ତରତର ଚିକ୍କୁ ଚିକ୍କୁ ଚର୍ମ ଫୁଲଉଠୁଛି । କହିଲେ—"ଠିକ୍ ବାତ୍ । ଦୋକାନ୍ଦାରରେ ଲାଭ ଥାଏ, କ୍ଷତି ଥାଏ । ଯେ ଘାଟାବେଳେ ମାଟି କାମୁଡ଼ି ପଡ଼ିଥାଏ, ନଫାବେଳେ ତାର କିଛି ମୁନାଫା ଉଠାଇବା ହକ୍ ହେଉଛି । ବେପାରୀ ପରର କ୍ଷତି ଚାହେଁ ନାହିଁ, ଆମେ ତ ସମସ୍ତଙ୍କର ଲାଭହିଁ ଖୋଜୁଥାଉ, ଲୋକର ମଙ୍ଗଳ ହେଉ ଗୋଜାଡର ମଙ୍ଗଳ ହେଉ, ସବ୍ଲୋକ ପାଏ ଲାଭ୍ ଅଉର୍ ଶୁଭ, ସବ୍କୋ ମୁନାଫା ମିଲେ ହେ ଭଗବାନ୍ । ଲେକିନ୍ ଗାଳି ଦେବାର ଲୋକେ ମଝିରୁଡ଼ । ଦୁନିଆଁର ଅଦତ୍ ସେପରି ।

ସକଲଦୀଓ୍ୱାଲ ହସିଲେ, କହିଲେ,—"ଗାଳିଟା ଅପର୍କୁ ଦେଖି ଶୁଣିବାକୁ ହଉଚି, ସତ କଥା ।"

Digitized by srujanika@gmail.com

"ସେ ମୋର କପାଳ" ପାନ୍ନାଲାଲ୍ କହିଲେ, "ସେ ମାଗିଲା ଚାନ୍ଦା ଦେଲି, ଗୋସେବା ହେଉ କି ନରସେବା ହେଉ, ଚାନ୍ଦା ଦେବାରେ ଯାହା ଯାଉଛି ସେ ମୋର ମନ୍ ଜାଣେ । ତହିଁରେ ଗଣେଶ୍‌ମୁରୁବା କାହାକୁ କେମିତି ମିଠେଇଖିଆ—"

ସକ୍‌ଲତ୍‌ୱାଲା କହିଲେ,—"ସେ ଫେର ଗୋଟାଏ କଥା ଉଠିଛି । ଆରେ ବାବୁ, ଯେ ତମର କାମ କଲା ତାକୁ କିଛି ଦବ ନାହିଁ ? କାହିଁକି ସେ ତମପାଇଁ ଗାଧ ଗାଧ ଖଟିବ ? ସବୁ ଲୋକର କାମ ପଛେଇ ଦେଇ ତମ କାମଟା ଆଗ କରିବ ? ତାକୁ ଦେବା ତ ପୁଣ୍ୟକର୍ମ । ଦେଲେ କହିବେ ବଗଡ଼ୋଉଚ, ନ ଦେଲେ କହିବେ ଜାଲାପୋଡ଼େଇ କରୁଚ । ଏ ଦୁନିଆଁରେ ପୁଣ୍ୟ ନାହିଁ, ସତ ନାହିଁ, ସତର ନାଁ ବୁଡ଼ିଲା—"

"ରାମ୍ ରାମ୍ ଭିଆ," ପାନ୍ନାଲାଲ୍ କହିଲେ,—"ଏମିତି ଦୁନିଆଁ ରହିବ ନାହିଁ । ଚାନ୍ଦା ଦେଇ ଗଣେଶ୍ ଲୋକକୁ ମିଠେଇ ଖୋଇ ଯାହା୍ ବଳିଲା, ସେଥିରୁ ବଡ଼ ଭାଗ ଇନକମ୍ ଟିକସ୍ କାଟିନେଲା । କଣ ଅମେ ମୁନାଫା କରୁଚୁଁ ? ଲୋକେ ଆସନ୍ତି, ଭିତରଟା ଦେଖନ୍ତି । ଦେହ ମେହେନତ୍ ନ କଲେ ତ କେହି ଦେବ ନାହିଁ । ତେବେ କୁଲି ମେହେନତ୍ କରି ଯାହା ଘରକୁ ଆଣେ, ସେ ତା ନିଜ ପାଇଁ, ଆମେ ମେହେନତ୍ କରୁଁ ପରପାଇଁ । ଯାହା ବା ରହିଲା, ସବୁ ଏ ଦେଶରେ ତ, ଏଇଠି ବେପାରରେ ପଡ଼ିବ, ଦଶ୍‌ଲୋକ୍ ମୂଲ ପାଇବେ, କାମ୍ ପାଇବେ । ନା କିଏ ସାଙ୍ଗରେ ବାନ୍ଧି ନେଇଯିବ ?"

"ସେ ଠିକ୍ କଥା ।"

ବଳୀଦତ୍ତ ଶ୍ୟାମବାବୁଙ୍କୁ କହୁଣିଆଁ ମାରିଲା,—"ହେଇ ଶୁଣନ୍ତୁ ବେପାରର ବଡ଼ ବଡ଼ ନଥି ଶାମବାବୁ ! ନିଘା କରି ଶୁଣିବେ, କୁମ୍ପାନି ସହିତ ଘନିଷ୍ଠ ସମ୍ବନ୍ଧ ଏମାନଙ୍କର । ଅଚ୍ଛା, ଶର୍ମା ସାହେବ୍ ଆଇଲେ ନାହିଁ, ରଣଜିତ୍‌ବାବୁ ଆଇଲେ ନାହିଁ, ଦୁହେଁ ଶିକାରକୁ ଯାଇଥିଲେ, କଣ ହେଲା ତାଙ୍କର ?"

"ସେ ସବୁ ବଡ଼ ବଡ଼ କଥା,—" ଶ୍ୟାମବାବୁ କହିଲେ, ସେ ଖାଇବାରେ ଭାରି ବ୍ୟସ୍ତ ।

"ସେଠୁଁ ଫେରି ଆସିବା କଥା, ଅନ୍ତତଃ ମିଷ୍ଟର ଶର୍ମା, ଦେଖୁନାହାନ୍ତି ? କମୁନାହିଁ ଆଦୌ ।"

"ହୁଁ—" ଶ୍ୟାମବାବୁ ଆଖିରେ ଦେଖୁଛନ୍ତି ଖାଦ୍ୟ ।

ପାଖକୁ ପାଖ ଦୁଇ ଜଣ ଭଦ୍ରମହିଳା, କୁମାରୀ ନାଗ ଓ ଶ୍ରୀମତୀ ପାଲ । ଆଲୋଚନା ଗୁବନ୍ଧ୍ୟକ ଛନ୍ଦ, ଭୋଜନ ମଧ୍ୟରେ ଆଲୋଚନା ବାଟେ ଯେପରି ସେମାନେ ନୂଆ ହୋଇ ତାର ତଥ୍ୟ ଅଧ୍ୟୟନ କରିବାକୁ ଚେଷ୍ଟିତା ।

Digitized by srujanika@gmail.com

"ରବୀନ୍ଦ୍ରଙ୍କ ଛନ୍ଦଟା,—"କୁମାରୀ ନାଗ କହିଲେ । ବାକ୍ୟକୁ ଅସମାପ୍ତ ରଖି ଅନେଇଁ ରହିଲେ ଆପଣାର ନଖକୁ । ରଙ୍ଗବୋଳା ଲମ୍ବ ଲମ୍ବ ନଖ ଯେଉଁ, ଉତ୍ତର ନାହିଁ ।

"ଯେ ଛନ୍ଦରେ ଅଛି ଅନ୍ତରନ୍ତ ଆଲୁଅ, ଅବାଧ ପବନ ଆଉ ଅସ୍ଫୁଟ ଶ୍ୟାମଳିମା । ରବୀନ୍ଦ୍ରଙ୍କ ଛନ୍ଦ, ସେ ଅତୁଳନୀୟ !" ଶ୍ରୀମତୀ ପାଳ କହିଲେ ।

"ଯେତେଥର ମୁଁ ରବୀନ୍ଦ୍ରଙ୍କ ଛନ୍ଦରେ ମନ ଦିଏଁ, ମୋର ଭିତରଟା କଣ ହୋଇଯାଏ ।" କୁମାରୀ ନାଗ କହିଲେ,—"ମାନେ, ଭାଷାରେ ତା ପ୍ରକାଶ କରି ହୁଏ ନାହିଁ, ସେ ଯେ ଭାଷାର ଅତୀତ ।" ବହୁତ କହିପାରିଛନ୍ତି ଭାବି ହସି ହସି ଗୋଲ ମୁହଁଟିକୁ ଟେକିଲେ ଶ୍ରୀମତୀ ପାଳଙ୍କ ଆଡ଼କୁ; କିନ୍ତୁ ଶ୍ରୀମତୀ ପାଳ ସ୍ୱପ୍ନରେ ଭାସିଲା ପରି ହାଉଲେ ହାଉଲେ କହିଲେ,—

"କଣ ହୁଏ ? ସେ କଥା ମୁଁ କହି ପାରିବି । କଣ ଯେପରି କୋମଳ କଠିନ ସବୁ ମୋଟା ଏକାଠି ଗୁଡ଼େଇ ହୋଇଯାଏ । ହୃଦୟରେ ଅନୁଭବ କରେ ସବୁ ଯେପରି ତରଳ ଆକୃତି ହୋଇଯାଉଛି, ସ୍ଥୂଳ ଆଉ ସୂକ୍ଷ୍ମ, ସୂକ୍ଷ୍ମ ଆଉ ସ୍ଥୂଳ, ସବୁ ଏକାକାର ହୋଇ ଅସୀମ ପଥରେ ବାକ୍‌ରୁଦ୍ଧ ହୋଇ ଧାଇଁଛି, ସେଇ ରବୀନ୍ଦ୍ରଙ୍କ ଛନ୍ଦ, ଅସୀମର ସ୍ପନ୍ଦନ ।"

ଶ୍ରୀମତୀ ପାଳ କୁମାରୀ ନାଗଙ୍କ ଆଡ଼କୁ ଫାଳେ ମୁହଁ ବୁଲେଇ ମୁହଁକୁ ସ୍ଥିର ରଖିଲେ । ଏ ତାଙ୍କର ଗୋଟିଏ ସ୍ୱାଭାବିକ ଭଙ୍ଗୀ, କାହା ସହିତ କଥାଭାଷାବେଳେ ସେ ଅପରପକ୍ଷ ଆଡ଼କୁ ଫାଳେ ମୁହଁ ବୁଲାଇ ଓଲଟାପଟକୁ ରୁହାନ୍ତି, ଅପରପକ୍ଷ ତାଙ୍କ ମୁହଁର ଦଶଣା ବାରଣା ଭାଗ ଦେଖିପାରେ । ଦର୍ପଣରେ ଦେଖିଲେ ଯେତିକି ସୁନ୍ଦର, ତାର ସୁସ୍ପଷ୍ଟ ସୀମା, ସେ ଓଲଟା ପଟକୁ ରୁହିଁଲେ ଯେପାଖୁ ତାଙ୍କର ଆଖି କଣିକିଆ ହୋଇ ଦିଶେ, ମୁହଁର ଠିକ ମଝିରେ ନାହାଣୀ ଦିଶେ ମାଯ୍ଥା ଲମ୍ବା, ନାତିଦୀର୍ଘ ଗ୍ରୀବା କରକୁ ଝାଙ୍କି ହୋଇ ଏକ ପ୍ରକାର ବଙ୍କ ଦୀର୍ଘତା ସୃଷ୍ଟି କରେ, ନାକ ଟେକେଇ ରହେ, ଅପରପକ୍ଷ ଦୃଷ୍ଟି ଦିଗରୁ ଦିଶେ ଏକପ୍ରକାର ପକ୍ଷୀ ।

ତାରସପ୍ତର ଧ୍ୱନିରେ ସେ ଖଲେଇ ଖଲେଇ ମାତୃଭାଷା କହନ୍ତି ଇଂରେଜୀ କହିଲାପରି, 'ର'କୁ ଉଚ୍ଚାରଣ କରନ୍ତି 'ଅ' ପରି, ଅ'କାରାନ୍ତ ଶବ୍ଦକୁ ଅଳ୍ପଟେ ଟେକି ଦିଅନ୍ତି 'ଓ'କାରାନ୍ତ କରି, ଫଳରେ ସୃଷ୍ଟି ହୁଏ ଗୋଟିଏ ଅଦ୍ଭୁତ ଶବ୍ଦ ସମାବେଶ ।

ଶ୍ରୀମତୀ ପାଳ ପ୍ରାନ୍ତଭାଷଣ ଦେଲାପରି ବକ୍ରୋକ୍ତି କଲେ,—

"ଏଇ ହେଉଛି ରବୀନ୍ଦ୍ରଙ୍କ ଛନ୍ଦ, ଅସୀମର ସ୍ପନ୍ଦନ, ବୁଝି ହୁଏ, ପ୍ରକାଶ କରି ହୁଏ ନା ତ', ନା ଆପଣ କଣ କିଛି କହିବେ ?"

କୁମାରୀ ନାଗ ବିହ୍ୱଳିତା ହୋଇ କହିଲେ,—"ସୁନ୍ଦର, ସୁନ୍ଦର ।"

Digitized by srujanika@gmail.com

ଦୂରରୁ ସେହିଆଡ଼କୁ ମୁହଁ କୃଲେଇ ଗୃହିଁ ରହିଛନ୍ତି ନବକିଶୋର ବାବୁ, ଆଖିରେ ପଲକ ପଡ଼ିବା ଡେରି ହେଉଛି । ଶ୍ୟାମଳ ମୁହଁ ଉପରେ ପାଉଡ଼ର ଓ କ୍ରୀମ୍ ମିଶିଯାଇ ଗୋଟିଏ ନୂଆ ରଙ୍ଗର ସ୍ଥିର ମୁଖା । ମୁଣ୍ଡର ତେଲ ଚିକ୍କଣ ଲମ୍ବ ବାଳ ମଝିରୁ ଦୁଇଫାଳ ହୋଇ ଭଙ୍ଗା ହୋଇଛି । ଢିଲା ଧଳା ପଞ୍ଜାବୀ, ବେକରୁ ଫୁଲପକା ଗୃଦର ଲଟକିଛି । ମୁହାଁମୁହିଁ ପଛଆଡ଼େ ଚେତନାରେ ବାରମ୍ବାର ଛିଡ଼ାଓଟରି । ଠେଲାଠେଲି ହୋଇ ଥରେ ଶ୍ରୀମତୀ ପାଲ, ଥରେ କୁମାରୀ ନାଗ, ଥରେ ଟେବୁଲ୍ ଆରପାଖରେ ଅନ୍ୟମାନେ । ଠେଲାଠେଲି ହୋଇ ଥରେ ପୁଷ୍ଟ ଦେହ ଉପରେ କାରୁକାର୍ଯ୍ୟମୟ ଶାଢ଼ୀର ଢେଉ, ଥରେ ସରୁ ବାଲି ପରି ଟଣା ଚମଡ଼ା ଉପରେ କୋମଳ ତେଜ, ଥରେ ସରୁ ନଈଧାର ପରି ସରୁ ବେଣୀଟିଏ, ଥରେ ଖମ୍ବପରି ଦମ୍ଭ ବାଙ୍ଗର ବେକ ଉପରର ଗୋଲ ଖୋସା, ସତେ ଅବା ଘାସର ପଛଭୂମି ଉପରେ ମଲ୍ଲି ଫୁଲ ଫୁଟିଛି, ଥରେ କ୍ରୀମ୍ ଓ ଅତରର ବାସ୍ନା, ଥରେ ବାସ୍ନା ଉପରର ବହଳ ପାଉଁଶିଆ ସ୍ୱେମ ସହିତ ପାଉଁରୁଟିର ବାସ୍ନା ସଂଯୋଗ କଳ୍ପନା, ଥରେ ସୁବେଶ ମୂର୍ତ୍ତିର କାୟା ଯେନ ବାରମ୍ବାର ଖେଳ, ଥରେ ମନେ ମନେ ମୂର୍ତ୍ତିକୁ ଆବରଣର ଖୋଳପା ଛଡ଼ାଇ ଛଡ଼ାଇ ଥର ଥର ଚୁରରେ ଏକପ୍ରକାର ରୁଗ୍ଣ ସ୍ୱାଦୁର ଅନୁଭୂତ ଯେଉଁବା । ନବକିଶୋରବାବୁ ଆଖିବାଟେ ଭୋଜି ଖାଉଛନ୍ତି, ଢଳଢଳ ମୁହଁରେ ଦରହସିଲା ପରି ଅଳ୍ପ ଆଁ ଅଛି ପାଟି, ଲମ୍ବ ଲମ୍ବ ହଳଦି ହଳଦି ଦାନ୍ତ ଦିଶୁଛି । ସେ ଜଣେ ସମାଜବହିର୍ଭୂତ ଖୁସିବାସିଆ କବି ।

ବାଧା ନାହିଁ, ସମସ୍ତେ ଭୋଜି ଖାଉଛନ୍ତି ।

ଛଡ଼ାଛଡ଼ି ନାହିଁ, ଢଆସେନା,—"ନଉନ୍ତୁ ଆଉ ଖଣ୍ଡେ—।"

ଟେବୁଲ୍ ଉପରେ ସମସ୍ତେ ସାଙ୍ଗୀ ସାଙ୍ଗୀ, ମନା ନାହିଁ, ବାଧା ନାହିଁ, ଯେଝା ବାଟେ ସେଝା । ସୁଶୃଙ୍ଖଳ ସମାଜ, ସେ ବ୍ୟକ୍ତିର ବ୍ୟକ୍ତିତ୍ୱ ନଷ୍ଟପଦ ଦେଉନି ।

ଦୀନବନ୍ଧୁବାବୁ ମୁହଁକୁ ତଳକୁ ପୋତି ଭୋଜି ଖାଇବାରେ ବ୍ୟସ୍ତ, ଖାଉ ଖାଉ କଲି ନେଉଛନ୍ତି ଦରଦାମ, ଦାମୀ ଖାଦ୍ୟ ଉପରେ ବିଶେଷ ନଜର । ହରିବାବୁ ଖାଦ୍ୟ ବିଷୟରେ ଆଲୋଚନା ଉଠେଇଛନ୍ତି—"ହେଃ ହେଃ ହେଃ, ଦୀନବନ୍ଧୁବାବୁ ଖୁବ୍ ବୁଦ୍ଧିମାନ, ହେଃ ହେଃ—"

"ସ୍ୱମ ଆସିପାରିଲୁ ନାହିଁ," ଦୀନବନ୍ଧୁବାବୁ କହିଲେ, "ଲେଟିଛି, କଣା ବିଲାତ ଯିବା ଚେଷ୍ଟାରେ ମୁଁ ବଡ଼ ବ୍ୟସ୍ତ । ମଝିଆ ସାହେବ ତାଙ୍କ ହିଁଅ ବିଷୟରେ ପକେଇବାକୁ ଲଗେଇଛନ୍ତି, ଚେଷ୍ଟା ତ ମୁଁ କଲି ଯଥାସାଧ୍ୟ, କିନ୍ତୁ ପିଲାଟା କ'ଣ ମଙ୍ଗିବ ? ସେ ଯେ ବିଲାତ ଯିବାକୁ ବାସ୍ତ।"

"ସ୍ୱଣଆଖି କରେଇ ଦିଅନ୍ତୁ," ଧନେଶ୍ୱରବାବୁ କହିଲେ,—"ନପାରିବେ ତ ମତେ କହନ୍ତୁ । କୌଣସି ସୁଯୋଗରେ ତାର ନାଚଟା ଦେଖେଇ ଦେଇପାରିବେ

Digitized by srujanika@gmail.com

ନାହିଁ ? ଦେଖେଣାହାଶ ମୁଗ୍‌ଧ ହୋଇଯାଆନ୍ତି, ଦର୍ଶକମଣ୍ଡଳୀ ଏକଦମ୍ ଚୁପ୍‌ଚାପ୍, ସମସ୍ତିଙ୍କ ଅଖିର ତୃଷା ମେଣ୍ଟାଇ ସେ ଯେତେବେଳେ ବାହାରିଯାଏ, ସ୍ୱବର ଛେଉ ଛଠାଏ । ଅନ୍ତେ ଅପଣଙ୍କ ସ୍ୱମକୁ, ଅସନ୍ତା ମାସରେ ତ ଗୋଟାଏ ପ୍ରୋଗ୍ରାମ୍ ଅଛି, ଦେଖିବେ ସେ ଷ୍ଟେଜରେ ସ୍ୱମ କୁଅଡ଼େ ଭସିଯିବ, ଅଉ ପ୍ରବର୍ତ୍ତାଇବା ଦରକାର ପଡ଼ିବ ନାହିଁ ।"

"ହେଃ, ସ୍ୱମ ଅଭିବ ! ସେ କଣ ଆମର ପର ହୋଇଛି ? ସେ ସେ ବଲତ ବଲତ ବୋଲି ପାଗଳ ।"

ହରିବାବୁ କହିଲେ,—"ଆପଣ ଯେପରି କହନ୍ତୁ ନାହିଁ, ଯେମିତି ହେଲେ କାମଟା କରେଇ ଦଅନ୍ତୁ, ଜାଣନ୍ତି ତ, ଗୋଟିଏ ବଗିଘର କରେଇ ଦେବା ଯାହା, ଗୋଟିଏ ଦେଉଳ ତୋଳିବା ତାଆ । ବଲତ ଯିବାକଥା ତ, ମଝିଅାଁ ସାହେବ୍‌ଙ୍କ ସଙ୍ଗେ ପକାଯାଉ, ଭଲ ପାଞ୍ଚ ପାଇଲେ ନ ଦେବେ କାହିଁକି ? ତାଙ୍କର କଣ ନାହିଁ ? କହିବେ ମନ୍ଦ ମନେଇବା ପ୍ରକାରାନ୍ତରେ, କଣ୍, ମୁଁ କହିବ ?"

"ମୋର ସାହସ ପାଉନାହିଁ, ମତେ ସିନା କକା ବୋଲି ଡାକେ, ମୁ ତ ଅଉ ତାର ନଜର କେହି ନୁହେଁ ।"

ତା'ପରେ ସ୍ୱକଣ କଥା, ତାର ସ୍ଥାନ ଅସ୍ଥାନ ନାହିଁ, ବେଳ ଅବେଳ ନାହିଁ, ଅତ ନୂଆ ଦାନାପାଣିର ଧନ୍ଦାର କଥା, ସେଥିରେ ପରଚର୍ଚ୍ଚା ଆପେ ଆସେ ।

ସବୋଜମା ଭୋଜିରେ ବସିଛି । ଗୋଟାଏ ପାଖେ ପ୍ରକାଣ୍ଡ ଶ୍ୟାମ ବାବୁ, ତାଙ୍କର ବଡ଼ କ୍ଷୁଧା । ଟେବୁଲ୍ ତଳେ ମଝିରେ ମଝିରେ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଅନୁଭବ କରି ହୁଏ, କିନ୍ତୁ ସେ ବେଶି କଥା କହନ୍ତି ନାହିଁ, ଖାଇବାରେ ବ୍ୟସ୍ତ । ଖାଲି ବେଳେ ବେଳେ ତାଙ୍କର ବଡ଼ ବଡ଼ ଆଖିରୁ କଣିକଆ ଗୁହାଣି ଚହଲି ପଡ଼େ, ଅମେଣ୍ଟା ଭୋକ ଦେଖାଇ ଅଳକରି ମାଗେ,—ଖାଦ୍ୟ, ଖାଦ୍ୟ, ଆହୁରି ଖାଦ୍ୟ । କ୍ଷୁଧା ମେଣ୍ଟାଇବାର ଏହି ବାଟର ଅଳ ଯୋଡ଼ିହୋଇ ଆସେ ଗୋଟାଏ ରହସ୍ୟର ଭୋକ, କ୍ଷୁଧାକୁ କ୍ଷୁଧା ଡାକେ, ଅତି ସଗୋପନରେ ଡାକେ, ସେଥିରେ ସ୍ୱେର୍ କରି ଛୁପି ଛୁପି ଯିବାର ପ୍ରବନ୍ଧ । କିନ୍ତୁ ସବୋଜମା ଜନ୍ମନା ।

ଅତି ସନ୍ତ୍ରେ ପରିପାଟୀ କରି ବେଶ ହୋଇ ସେ ଆସିଥିଲା, ଚଥାଣ ଅସିଥିଲା ଟେବୁଲରେ କହିଲା ଭଲ କଥା,—ଟେବୁଲ ଭୋଜ ଗୋଟିଏ ଦୁର୍ଲଭ ସମ୍ମେଳନ । ଏତେ ସାଜ, ସେ କଣ ଏଇଥିପାଇଁ ? କେବଳ ଖାଇବାପାଇଁ ?

ଗହଳରେ ଆଜ ଯେପରିକ ସେ ଫୁଟି ଉଠିପାରୁ ନାହିଁ । ଗୋଟାଏ ଚହର କିଛି ଅଂଶ, ଚହରର ମଝି ନୁହେଁ, ଚହରର ସବୁ ନୁହେଁ । ସବୁ ମିଶି ସଙ୍ଗୀତରେ ସ୍ୱର ସମନ୍ୱୟ ନୁହେଁ, କେବଳ ଗୋଳମାଳ । ଗୋଳମାଳରେ ବ ନୁହେଁ । ସେ କୌଣସି ବଶିଷ୍ଟ ଧ୍ୱନି, ତାର ବଶିଷ୍ଟତା ଚାପି ହୋଇ ପଡ଼ିଛି ।

Digitized by srujanika@gmail.com

ଏଠି ସେତେକ ସେ କେହି ନୁହେଁ, କାରଣ ନିଜ ଛୁଆଁକୁ କେହି କେହି ଜଣେ ହୋଇପାରେ ନାହିଁ, ଜଣକୁ କେହି ଜଣେ ବୋଲି ବଶିଷ୍ଟତା ଦଅନ୍ତି ଅନ୍ୟମାନେ, ସେହିମାନଙ୍କ ଟଣା ଓଟରାରେ ତାର ବଶିଷ୍ଟତା ପଦାକୁ ଓଟାଣ ହୋଇ ବାହାରେ । ଏଠି ସେପରି ଟଣାଓଟରା ନାହିଁ, ସମସ୍ତେ ଦୁଇ ଦୁଇ ଜଣ ବା ଗ୍ରୁର ଗ୍ରଣ ଜଣ ହୋଇ ନିଜ ନିଜର ନିଅଁାବ ପରିସରରେ ଅଛନ୍ତି, ସେ କେହି ନୁହେଁ । ଶର୍ମା ନାହାନ୍ତି, ରଣଜିତ୍‌ବାବୁ ନାହାନ୍ତି । ପଦାରେ ମେଘ ଛଟେଇଛି ।

କେତେ ଚଞ୍ଚଳ ନିଭିଯାଉଛି ଭାସ୍ୱର ବତୀ ।

ଘମାଘୋଟ ଅନ୍ଧାର । ପବନ ଛୁଟିଛି ସାଇଁ ସାଇଁ ।

କଳାଧୂମର ଆକାଶର କପାଳ ଉପରୁ ସହସ୍ରେ ଫଣା ଲହ ଲହ କରି ସହସ୍ରେ ଧାରରେ ନଗିଡ଼ି ପଡ଼ୁଛି ବିଜୁଳି—

ଅଧିକ ତେଜ ସହୁନାହିଁ ।

ଗୋଟାଏ ସଙ୍କେତ । ତା'ପରେ ଆକାଶର କେତେ ଅନ୍ଧାର କନ୍ଦରୁ ଏକାଠକେ ଡ଼ବ ଡ଼ବ ଗମ୍ଭୀର ହୋଇ ଡକାଡକି ହୋଇ ବାଜି ଉଠୁଛି ମେଘର ଡମ୍ବରୁ । ଚଡ଼୍‌ଚଡ଼୍ ମାରୁଛି ବଜ୍ର । ଘୁଡୁଁ ଘୁଡୁଁ ପଲକେ ପଲକେ ପୃଥିବୀ ଉଜ୍ଜ୍ୱଳ ହେଉଛି, ଅନ୍ଧାର ହେଉଛି, ଉଜ୍ଜ୍ୱଳ ହେଉଛି ଅନ୍ଧାର ହେଉଛି, ଛୁଟିଛି, ପବନ ସଣ୍‌ଣ ସଣ୍‌ଣ, ପଦାରେ କି ପାଗଳା ନାଚ !

ରୂପ ନାହିଁ, ଖାଲି ବେଗ !

ଥରି ଉଠୁଛି ଛାତ । କାହିଁକି ? କଣ ସେ ଭୟ ? କଣ ସେ ସଙ୍କେତ ? ଅଉ ବାଟ ହେଉ ନାହିଁ, ଖାଲି ମୁଣ୍ଡା ମୁଣ୍ଡା ଅନ୍ଧାରର ମୂର୍ଖଦୁର ନାଚ, ସଉ ସଉ ପବନ ।

ଗ୍ଲୁମୁଚଟିଏ ଧରି ବସିରହିଛି ସଚେତନାର ଦେହ । ମନ ନାହିଁ । ମନ ଉଡ଼ିଯାଉଛି । ଉଡ଼ିବୁଲୁଛି ମୃତ୍ୟୁର ଦୁନିଆଁରେ । ବେଳେ ବେଳେ କ୍ଷୀଣ ଚେତନା ପ୍ରବାହରେ ଝରୁଛି ମୃତ୍ୟୁ—ମୃତ୍ୟୁ—କାହିଁକି ? ପୁଣି ଉଡ଼ିଯାଉଛି । ଏହି ସଙ୍କେତ, ସେ ମୃତ୍ୟୁର ତ । କଡ଼୍‌କାଡ଼୍ ଚଡ଼୍‌ଚଡ଼୍, ଏ ତୋଫାନ ଏ ବିଜୁଳି, ଏ ସବୁ କି ମୃତ୍ୟୁର ଡାକ । ଗାଁ ମଶାଣିଦଣ୍ଡା, ଭୁଇଁ ପୋଡ଼ା ଅଙ୍ଗାର । ଗୋଟିକିଆ ବଢ଼ିଗଛଟିଏ ଶାମୁଣାର ଘର । କୁନ୍ଦ ଉପରେ ନାଗଫେଣୀ ବବୁର ବୁଦା କେଇଟି, ସିନ୍ଦୁର ଲଗି ହୋଇ ଅଛି ବୁଢ଼ୀ କରଞ୍ଜ ଗଛଟିଏ । ସେଠି ମଶାଣିଚଣ୍ଡୀ । ଉଡ଼ିବୁଲୁଛି ସେଠୁ ସେତେ ଦୂରକୁ, ଖାଲି ମୃତ୍ୟୁ—ମୃତ୍ୟୁ । ଦିଶୁଛି ଜଙ୍ଗଲ । ସେଠି ବି ପିଟୁଛି ଏଇ ପବନ, ଏଇ ଘଡ଼ଘଡ଼ି । କଡ଼୍‌କାଡ଼୍ ଭାଙ୍ଗି ପଡ଼ୁଛି ବଡ଼ ବଡ଼ ଗଛ । ବଡ଼ ଚେଟରେ ବଜ୍ର ବେଢ଼ୁଛି । କମ୍ପିଦେଲେ ଜଙ୍ଗଲ ମଡ଼େଇଲେ । ବାହାରେ ଅଳ୍ପ ଅନ୍ଧାର, ଅଳ୍ପ ଅନ୍ଧାର, କେଡ଼େ ଡରଡର, ଓଃ ।

Digitized by srujanika@gmail.com

ଛଣ କଳା ଛାତ ! ମୃତ୍ୟୁ । ମୃତ୍ୟୁ ଦେଖି ଚଢ଼େଇ ଫେରିଆସୁଛି ନିଜ ବସାକୁ । କାହିଁକି ମୃତ୍ୟୁ ? ହେଇ ତ ଲୋକେ ବସିଛନ୍ତି, ଗପ କରୁଛନ୍ତି, ଭୋଜି ଖାଉଛନ୍ତି ।

ସାମ୍ନାରେ ଜଳଜଳ ଦିଶୁଛି ଜୀବନ, କାହିଁ ମୃତ୍ୟୁ ?

ଦୀର୍ଘଶ୍ୱାସରେ ମନେ ପଡ଼ିଲା, ଶର୍ମା ଓ ରଣଜିତ୍‌ବାବୁ ଉଭୟେ ବାହାରି ଯାଇଛନ୍ତି ଶିକାରକୁ । ହୁଏତ ତାର ମନୋରଞ୍ଜନ ପାଇଁ,—ସ୍ତ୍ରୀଲୋକ ଦେଖିଲେ ପୁରୁଷ କେବେଡ଼ ଫୁଲେଇ ହୁଅନ୍ତି, ମାଲୋ ! ସତେ ଅବା ସରଗର ଚାନ୍ଦ ଧରିଆଣି ଦେବେ,—ଆମର ଏଡ଼େ ପାଗଲପଣ, ଏଡ଼େ କାଢ଼, କମ୍ ଆମେ !

ଏ ପୁରୁଷଜାତି, ସମସ୍ତେ ସମାନ । ଏକା ଫୁଲ୍‌କାକରା, ଏକା ବାହାପିଆ, ସମସ୍ତେ ସମାନ । ଦେଖିଦେଲା ମାତ୍ରେ, ଏକା କଟାସପର ଆଖି, ଗୋଡ଼ରେ ଘୁରେଇ ହୋଇଗଲା ପରି ଦୃଷ୍ଟି, ଗିଳି ପକେଇଲା ପରି ଢପ, କାଠିରେ ନାଚିବାକୁ ମନ,—ସମସ୍ତେ । ଏକାପରି ଭୀରୁ ସମସ୍ତେ, ଖାଲି ମୁହଁ ଟାଣ ଗୁଚ୍ଛା ଲୋକ-ଦେଖାଣିଆ, ଅସଲ ଟାଣ ନାହିଁ, ଯଦିଚ ତରଳିବା ତାଙ୍କ ସମସ୍ତଙ୍କର ସମାନ ନୁହେଁ । ସେହି ଏକା କଥା ବଖାଣି ହୁଅନ୍ତି ସଭିଏଁ, ଯଦିଚ ଉପାୟ ଭିନେ । କିଏ ବଙ୍କାପରି ଜ୍ଞାନର ବକ୍ତୃତା ଦିଏ ସ୍ତ୍ରୀଲୋକ ଦେଖିଲେ, କିଏ ବନପୁରର ଅବତାର, କିଏ ଡିମ କହେ, ସବୁ ପ୍ରକାରାନ୍ତରେ ସେହି ଦରିଦ୍ର ଭିକାରି ମୁଁ 'ପଣର ପ୍ରକାଶ । ସ୍ତ୍ରୀଲୋକ ଦେଖିଲେ ମୁଁ 'ପଣ ପେଟ ଦେଖାଇ ଥାଳି ଦେଖାଇ ଭିକ ମାଗେ, ଭୋକ ବଳିପଡ଼େ । ପିଲାକାଳୁ ଆଖି ଫିଟିବା ଦିନୁ ସେହି ମା' ମା' ଧାରଣା, ମାଆକୁ ଦେଖିଲେ ଭୋକ କରେ, ଇଚ୍ଛା ହୁଏ ଗୋଳ କରିବାକୁ, ସବୁ କଥାକୁ ମା', ଆଶ୍ରୟ,—ପିଲାଦିନର ସେହି ମା' ସଂସ୍କାର ଆଉ ମନରୁ ମେଣ୍ଟି ନାହିଁ ପରା, ସ୍ତ୍ରୀଲୋକ ଦେଖିଲେ ପ୍ରକାରାନ୍ତରେ ମନେ ପଡ଼େ । ପୁରୁଷ ପିଲା ପୁରୁଷ ହୁଏ ନାହିଁ, ହୁଏ ସ୍ତ୍ରୀଲୋକର କାନରେ ବନ୍ଧା ଖେଳନା କଣ୍ଢେଇ, ଯେତେ ବାଡ଼୍‌ଫୁରୁସି କାଢ଼ିଲେ ମୁଣ୍ଡା ଚାମର ବଳ ଜାଣେ କୁଞ୍ଚିତା ।

ସେହିପରି ସେମାନେ, ନ ଚହିଁ ଥିଲାଯାକେ ମନରେ ଯେତେ କୁତୂହଳ, ଦର୍‌ହୁଆଉଜା କବାଟ ଉହାଡ଼ରୁ ଆଡ଼ଆଖିରେ ଅନେଇଁ ରହିବାକୁ, ଅନେଇଲେ ମାଟି ଘଟରୁ ବାମ୍ପପରି ଉଠିଆସେ । କି ସ୍ୱପ୍ନ ! କି ମୋହ ! ଉଠିଆସି ରକ୍ତରେ ଭେଦେ, ତା'ପରେ କି ଘୁରୁ ଘୁରୁ, କି ମହକ ! ଚହିଁଲେ ଜଣାପଡ଼େ ସେହି ମାଟି ଘଟ, ସମସ୍ତେ ଏକାପରି । ବୈଚିତ୍ର୍ୟ ଅଭାବରୁ ଅଣନିଶ୍ୱାସୀ ଲାଗେ, ବାଟ ନାହିଁ, ଘୂରପଟେ ସେମାନେ ! ଲାଗେ, ଆଉ ଦଣ୍ଡେ ନୁହେଁ, ଆଉ କ୍ଷଣେ ନୁହେଁ—କେବଳ ଯେତିକି ପ୍ରୟୋଜନ । ମନ ଖିଆଲରେ ସେମାନଙ୍କୁ ଖେଳେଇ ହୁଏ । ସେଥିରେ

Digitized by srujanika@gmail.com

ବାହାଦୁର ନାହିଁ, ବାହା ଟେକଦେଲେ ତାଙ୍କର ଅଖିରେ ବନ୍ଧନ ଲାଗିଛି ହୁଏ, ଗୌରବ ନାହିଁ, ଖାଲି ଜ୍ୱାଳା ।

କାହିଁକି ତେବେ ?

ପାହାଚେ ପାହାଚେ ଭବ ଭବ ଚଢ଼ି ଚଢ଼ି କା ସଭ୍ରେଜନୀ ଅଟକ ରହିଲ ଅପଣାକୁ ଅପଣାର ଦ୍ରଷ୍ଟା ପାଖେ । କେଉଁ ଅଜାତର କଣମେଡ଼ା ବ୍ୟକ୍ତିତ୍ୱ ସତେ କ ତାର କା' ନେଉଛି, ସରଳ ସତେଜ ଗାଉଁଲି ସଭ୍ରେଜନୀ, କେଉଁ ପାସୋରା ସଭ୍ରେଜନୀ,—ଅନ୍ଧାରରେ ରହି ଝରୋଦାକୁ ଚମତ୍କାର ବର୍ଣ୍ଣ ଉଜ୍ଜ୍ୱଳ ରଖିଥିଲ, ଜଗ୍ୟକୁ ଦ୍ୱାହିଦେଇ ଅବସ୍ଥାର ଦରିଦ୍ରତା ଭିତରେ ବି ପାଇଥିଲା ଚାହିଁବାର ପଦ୍ମଦୁବାସ, ସେ ହକେଇ ହୋଇନାହିଁ, ଝରେସର ହୋଇନାହିଁ, ଯାହା ଶିଖିଥିଲା ସେହି ଦେବତାମାନଙ୍କ କଳ୍ପନା କରି ଭୂଇଁରେ ମୁଣ୍ଡିଆ ମାରି ହସି ହସି ଘରକରଣା ଭିତରର ଜୀବନ ବଡେଇ ଦେଇପାରିଛି । ତଳ ଦୁନର କେଉଁ ଅଳୋଡ଼ା ସଭ୍ରେଜନୀ, ଲାଜକୁଳ, ଘରକଣର ଅଜ୍ଞାତ ମନୁଷ୍ୟତ୍ୱ ।

ସେହି ଆଜ ଅନଭ୍ୟସ୍ତ ଆଖିକି ଅଧିକାର କରି ବସେ, ଘରପାଖକୁ ଚାହିଁ ରୁହାଇ ରୁହାଇ ଦୁଆ ହଏ,—କାହିଁକି ସେ ଏଠି ? ହେଇତ, ବେଲ୍ଲ ଅବୋଧ ଖାଲି ମନ୍ଦ ଲୋକଙ୍କ ଦଳ, ବୈଚିତ୍ର୍ୟ ନାହିଁ, ପୂର୍ଣ୍ଣତା ନାହିଁ,—ଫମ୍ପା ମାଠିଆ ଦଳ ଦଳ, ଚାହିଁଲେ ବାରିହୁଏ—କିଛି ଯଦି ଅଛି ଏଥିରେ ସେ ଖାଲି ତଳିତଳା ଦୁର୍ଗନ୍ଧପଙ୍କ, ତାର ଆସ୍ଥାନ ବି ସହଜେ ବାରିହୁଏ ।

ଫେର୍ ଝଟକାଲଣି ସହସ୍ରଫଣା ବିଜୁଳି, ଥକ୍କା ହୋଇ ବସି ରହିଛି ଆଜକା ସଭ୍ରେଜନୀ । ପୁରୁଣା ନୁହେଁ, ଅତି ନୂଆ । ମୁହଁରେ ବିରକ୍ତି ଓ ଶାନ୍ତିର କାଳିମ୍, ଭାବନା ବକା ବକା, କଣ ଚାହେଁ ବୁଝେ ନାହିଁ । କାହିଁକର ଉତ୍ତର ନାହିଁ, ଖାଲି ଚାଲିଛି ନା ଟଳୁଛି, ଫେରାଇ ନେଲେ ଆପତ୍ତି ନ ଥାନ୍ତା, ଫେରିବାକୁ ମନ ନାହିଁ, ବସିରହିଛି ସେ କଣ୍ଟେଇଟିଏ, ସମାଜର ଫୁଲକମ୍, ତେଣୁ ତାକୁ ବସିବାକୁ ହେବ ।

ତଥାପି ସେହି କଣ୍ଢେଇର ଅଖି ଜୁଳୁ ଜୁଳୁ ହୋଇ ଜଳଉଠେ, ଚେତନା ତେଜେ, ମନେ ପଡ଼େ,—ଶର୍ମା ନାହାନ୍ତି, ରଜେନ୍ଦ୍ରବାବୁ ନାହାନ୍ତି ।

"ଆପଣ ଅଉ କିଛି ନେଲେ ନାହିଁ ତ, ମିସେସ୍ ଦାସ, କିଛି ଖାଇଲେ ନାହିଁ—"

"ଓଃ, ବହୁତ ଖାଇଦେଲି ।" ସଭ୍ରେଜନୀ ହସିଦେଲା ତାର ନାତ ଅଭ୍ୟସ୍ତ ହସ, ତାହା ଟେଟ୍ରକୁ ଆଲୁଅ କରେ ।

Digitized by srujanika@gmail.com

ଅଧ ରାତରେ ଅଷ୍ଟମୀର ଫାଳିକିଆ ଜହ୍ନ ଉଇଁଥାଏ, ତଳେ ଖସି ଯାଉଥାଏ କଳା କଳା ମେଘ ଖଣ୍ଡ ଖଣ୍ଡ । ତାହା ତଳେ ମାଟିର ଢାଲୁ, ପାଣିର ଖାଲ, ରାସ୍ତାର ଧାରଗୁଡ଼ା ଭଙ୍ଗା ବାଡ଼ ଗାର ଗାର,—ହାଲୁକା ଆଲୁଅରେ କେତେବେଳେ ଚେଇଁ ଉଠୁଥାଏ, କେତେବେଳେ ନଇଁଯାଉଥାଏ, କେତେବେଳେ ମିଞ୍ଜି ମିଞ୍ଜି । ଫାଳିକିଆ ଅଷ୍ଟମୀଜହ୍ନ, ଭସାଣ ମେଘର ପର ପର ପର୍ଦ୍ଦା ଉପରେ କେତେବେଳେ ଲୁଚୁଛି ଅଛି, କେତେବେଳେ ନାହିଁ, କେତେବେଳେ ଥିଲା ନଥିଲା ମଝିରେ । ସେହି ଅନୁପାତରେ ପୃଥିବୀର ଦୃଶ୍ୟ । ଏସବୁ ସତ କି ଅସତ୍ୟ, ସେହି ଚରମ ଅସତ୍ୟତାରୁ ଫଳିତ ହୋଇଛି ମାୟା, ଲାଗେ ଅଧା ପରିଚିତ, ପୁଣି ଅଧା ଅଚିହ୍ନା ।

କାଠୁଟିଆ ରାସ୍ତାରେ ଆଗପଛ ହୋଇ ଚାଲିଛି ମଟର ଗାଡ଼ି, ଆଗ ଗାଡ଼ିରେ ପଡ଼ିରହିଛି ମିଷ୍ଟର୍ ଶର୍ମାଙ୍କ ଅଚେତନ ରକ୍ତାକ୍ତ ଦେହ । ପାଖରେ ଥାଇ ପଦାକୁ ଚାହିଁଛନ୍ତି ରଣଜିତ୍‌ବାବୁ, ପଦାରେ ସେ ମାୟା ରାଜ୍ୟ, ଅଧା ଚିହ୍ନା, ପୁଣି ଅଧା ଅଚିହ୍ନା । ସେଥିରେ ବଡ ବଡ଼ ଗଛର ସବୁ ଦୃଶ୍ୟ କଭେଇ ଦେଇ ଉଡ଼ି ଉଡ଼ି ଚାଲେ, ଅନ୍ଧାରଭିତରେ ଦୂରକୁ ଚାହିଁଲେ ଦୂରରେ ଜଣେ କେଉଁଠି ଫିକା ଆଲୁଅ ଦେଖାଉଛି, ପୁଣି ସବୁ କାଲୁଯାଇ କେଳିଆ ପଡ଼ିଯାଏ, ଆପଣା ମନର ବିପର୍ଯ୍ୟସ୍ତତା ଯେପରିକି ଅଧା ବଡ଼ ହୋଇ ଆକାର ଧରି ମାଡ଼ିବସେ ।

ଏହି ତ ଚିହ୍ନା ସହରର ଉପକଣ୍ଠ,—ଘଞ୍ଚ ବାଡ଼ ଧାଡ଼ି ଧାଡ଼ି, ଚିହ୍ନା ପୋଖରୀ, ପୁରୁଣା ଇଟାଭାଟି । ତା ପରେ କମ୍ପାନୀର ଫ୍ୟାକ୍‌ଟରିମାନ, ସାନ ସାନ ପବ୍ଲିସରି ମଣିଷଗଡ଼ା କୋଠା, କେନାଲ ରାସ୍ତା, ଚିହ୍ନା ଘର ସବୁ, ଚିହ୍ନା ପଡ଼ିଆ । କାରରେ ମିଷ୍ଟର ଶର୍ମାଙ୍କ ରକ୍ତାକ୍ତ ଦେହ । ସେ କଣ ବଞ୍ଚିବ ? ଗୁଳିରେ ଗୁଳି ଖାଇ ତଥାପି କଣ ମଣିଷ ବଞ୍ଚେ ? ହୁଏତ ଆଉ କେତୋଟି ଘଣ୍ଟା, ତାପରେ କାନ୍ଦୁଆ ମୂର୍ଦ୍ଦାର । ସବୁ ମିଛ । ସବୁ ସ୍ୱପ୍ନ । ଏହି ଭୟାନକ ମିଛ ସ୍ୱପ୍ନ ଭିତରେ ମୂର୍ଦ୍ଦାର ଧରି ଉଡ଼ିଚାଲିଛି ଅବା ସେ—ରଣଜିତ୍ ନୁହେଁ—ମୃତ୍ୟୁର ଦୂତ ।

କେଉଁଠେ ଚୁପ୍‌ଚାପ୍ । ସବୁ ଶୁନ୍‌ଶାନ୍ । ସ୍ୱପ୍ନ ନାହିଁ । ଝିବନା ଘୂରି ଘୂରି ଫେରିଆସେ ପୁରୁଣା ସ୍ଥାନକୁ—ସ୍ୱପ୍ନ ନାହିଁ । ଏ ସତ ନୁହେଁ । ଉଜ୍ଜ୍ୱଳ ଆଲୁଅ, ରଙ୍ଗ ରଙ୍ଗର ଦୃଶ୍ୟ, ସୁସ୍ପଷ୍ଟ ଆକାର ଓ ଆକୃତି । କାହିଁ ସେ ? ଥାଉ ଅନ୍ଧାର ଭିତରେ ଗୋଟାଏ ରକ୍ତାକ୍ତ ମୂର୍ଦ୍ଦାରର ପଟୁଆର । ମଟର ଛୁଟିଛି ।

Digitized by srujanika@gmail.com

ଦେହର ତାରୁଣ୍ୟ, ଦେହର ସୌନ୍ଦର୍ଯ୍ୟ, ଖସ୍ରେତେଜରେ ପଥର ଉପରେ ଝରଣାର ଫେଣପଣ ଜୀବନର ଉଲ୍ଲାସ । କିଛି ନାହିଁ, ଖାଲି କାଳସ୍ଥ ଜନ୍ତୁ, କାଳ ଗଡ଼ ।

ରଣଜିତ୍‌ବାବୁ ପାଗଳ ପରି ତରଳ ଆଖିରେ ପଦାକୁ ଚାହିଁଛନ୍ତି, ମନ ଅଜଣାରେ ଆପଣା ମୁଣ୍ଡବାଳସବୁ ଓଟାରି ଲାଗିଛନ୍ତି, କାମିଜର ଗୁନ୍ତ ଖୋଲି, ତଥାପି ଶାନ୍ତି ନାହିଁ, ଛାତି ଫାଟିହୋଇ ଆସୁଛି, ମୁହଁ ଜଳୁଛି, ଆଉ ପ୍ରାଣ ଖୋଜୁଛି ନିଷ୍କୃତି, —ଓଃ ଓଃ, କେତେବେଳେ ସରିବ ? ଆଉ କେତେବେଳ ?

ନଟ୍ଟୁଟିଆ ରାସ୍ତା । ମଟର ଆଲୁଅ ପଡ଼ି ଘରମାନଙ୍କ ହତାର ଦୁଆରମୁହଁ ପରିଷ୍କାର ହୋଇ ଝଟକି ଉଠି ପଛକୁ ଧାଇଁ ପଳେଉଛି, ଗୃହସ୍ୱାମୀଙ୍କ ନାଁ ଲେଖା ଫଳକ ଚକ୍ଷି ହୋଇ ପୁଣି ପଛରେ ନାଭିଯାଉଛି । ଚଞ୍ଚଳ ଦୃଶ୍ୟ ଦେଖି ତୋଫାନ ବେଗରେ ମାଡ଼ି ଆସୁଛି ଆପଣାର ଚଞ୍ଚଳ ଜୀବନ, ବ୍ୟାକୁଳତା ବଢ଼ିଯାଉଛି, ସତେ ଅବା ଆପଣା ଘର ଦୁଆର ଆଗରେ ନିଜେ ନଈରେ ଭାସିଯାଉଛନ୍ତି, ତଙ୍କା ବୋଲି ମାନୁନାହିଁ ।

ଏହି ବ୍ୟାକୁଳ ଦୁଃଖ ମଝିରେ ମନେ ପଡ଼ିଲା ସରୋଜିନୀ । ମନେ ପଡ଼ିଲା, —ସେ ଆଉ ଶମୀ ସଙ୍ଗେ ମିଶି ବୁଲିପିବ ନାହିଁ, ଶମୀ ସଙ୍ଗରେ ଟେନିସ୍ ଖେଳିବ ନାହିଁ, ପଡ଼ିରହିଛି ଏହି ଅଚେତନ ମୂର୍ଚ୍ଛାର,—ସେହି ଆବୋରି ରଖିଥିଲା ସରୋଜିନୀକୁ ।

ଚମକି ପଡ଼ିଲେ । ଶମୀ କଣ ବାଉଳି ହେଉଛନ୍ତି ।

ସତେ ଅବା ତାଙ୍କ ମନକଥା ଜାଣି ପାରନ୍ତି । ରଣଜିତ୍‌ବାବୁ ଗ୍ଲେର ପରି ଗ୍ରାଆଡ଼କୁ ନିଘା କଲେ । ଏ କଣ ? ଗୋଟାଏ ଆତ୍ମଗ୍ଲାନି । ଗୋଟାଏ ଭୟ । ଝାଳ ଫିଟିଆସୁଛି । ଦୂରରେ ନାଭି ନାଭି ଯାଉଛି ସରୋଜିନୀ ।

ସବୁ ମିଥ୍ୟା । ଭୟ ବି ମିଥ୍ୟା । ପଛ ମଟରରେ ସେଇମାନେ ଆସୁଛନ୍ତି, ସେମାନେ ଦେଖିଛନ୍ତି, ସେମାନେ ଜାଣନ୍ତି । ବଳେଇ ବଳେଇ ରଣଜିତ୍‌ବାବୁ ମନେ ମନେ ଟାଣ କରି ସେପରିକି କହି ଲାଗିଲେ, "ମୁଁ ନିର୍ଦ୍ଦୋଷ, ମୁଁ ଦାୟୀ ନୁହେଁ ।" ସେପରିକି ଅଭିଯୋଗ କିଏ କରୁଛି ମୁହାଁମୁହିଁ, ମୁହଁ ପାଖେ ତର୍ଜନୀ ଉଞ୍ଚେଇ, ମନର ସବୁ ବଳ ଏକାଠି କରି ସେ ଉତ୍ତର ଦେଉଛନ୍ତି,—"ମୁଁ ଦୋଷୀ ନୁହେଁ, ମୁଁ ଦାୟୀ ନୁହେଁ ।"

ଦୋଷୀ ନୁହେଁ ! ଫମା ଶୁଭୁଛି ଆପଣାକୁ ଆପଣାର ସ୍ୱର । ଛୁଟି ଚାଲେ ଚାଲେ ଆଖିଦରଶା ମୁଣ୍ଡ ସେତେ ସବୁ ଭୂମ୍ରୁ ପଡ଼ୁଛି—ହେଇ ତ, ପଛ ମଟରରେ ସେମାନେ ଅଛନ୍ତି, ସେମାନେ ଦେଖିଛନ୍ତି । ଶମୀ ପାହେବ ମୋ ବନ୍ଧୁ ଜଣିକୁ ଉଠେଇ ନେଇ ଦେଖୁଥିଲେ, ତାର ଓଜନ, ତାର ଗଢ଼ଣ ପରଖୁଥିଲେ । ବନ୍ଧୁକରେ ଗୁଳି

Digitized by srujanika@gmail.com

ଥିଲା, ସେଫ୍‌ଟିଟା କିପରି ଖୋଲି ଯାଇଥିଲା, ହଠାତ୍ କେମିତି, ଘୋଡ଼ାରେ ହାତ ପଡ଼ିଗଲା । "ବନ୍ଧୁକ ଲୋଡେଡ୍ ଅଛି ସାର୍—" କହୁ କହୁ ଗୋଟାଏ ବିକଟ ବିସ୍ଫୋରଣ, ଗୋଟାଏ ଦୈବ ଦୁର୍ଘଟଣା, ଗୋଟାଏ ଆକ୍‌ସିଡେଣ୍ଟ । ଓଃ ! ତା ପରେ,—ହା ଭଗବାନ, ନିର୍ଦ୍ଦୋଷକୁ ଶାସ୍ତି ଦିଅ, ଏହିପରି ଭୁଆଅ ଅକାଳ ମୃତ୍ୟୁ ! ଶର୍ମା ସାହେବ ! ଦେବତା ପରି ଲୋକ, ଆଃ ।

କାହିଁ, ଆପଣାର ବ୍ୟକ୍ତିତ୍ୱ ସମର୍ଥନ କରୁନାହିଁ ଆପଣାର କଥା । ରକ୍ତ ପାଣି ଫାଟିଯାଉଛି । ପ୍ରାଣରେ ଭୟ । କାହିଁକି ବନ୍ଧୁକରେ ଗୁଳି ଥିଲା ? କିଏ ରଖିଥିଲା ସେଠି ? କାହିଁକି ତାର ସେଫ୍‌ଟିଟା ଖୋଲି ଯାଇଥିଲା ? କାହିଁକି ମନରେ ଥିଲା କୁତୂହଳୀ ପ୍ରତୀକ୍ଷା ? ସକାଳ, ସେ କ'ଣ ପାଇ ନ ଥିଲା ସନ୍ଧ୍ୟାର ସୂଚନା ? ଦୂରରେ ହେଇ ସର୍ବେଜନ୍ମର ଛବି । ଶର୍ମା ହେବ ଗୃଧ୍ର ଶୃଗାଳର ଖାଦ୍ୟ, ଓଃ କି ଭୟ !

ହେଇ, ଡାକ୍ତରଖାନା । ମଟର ଠିଆ ହେଲା । ଗମ୍ଭୀର ହୋଇ ଓହ୍ଲେଇଗଲେ ସମସ୍ତେ । ହଠାତ୍ ବ୍ୟସ୍ତତା । ଶର୍ମାଙ୍କ ଶରୀର ଷ୍ଟ୍ରେଚର୍‌ରେ ବୁହା ହୋଇ ନିଆହେଲା । ଧୋବ ଫରଫର ଘୋଡ଼ହୋଇ ନର୍ସମାନେ, ଧଳା ଚକ୍ ଚକ୍ ଗମ୍ଭୀର-ମୁହଁ ଡାକ୍ତରମାନେ, ହସ୍ପିଟେଲର ବିଜୁଳିବତୀ, ସବୁ ଅଳୀକ, ସବୁ ସ୍ୱପ୍ନ । ସେହି ସ୍ୱପ୍ନ ଭିତରେ ଶର୍ମା ବାଳିବାଲେଇ ଉଠିଲେ, ବିକୃତ ଅସ୍ପଷ୍ଟ ସେ ଭାଷା,—

"ଓଃ କହିଦିଅ,—କହିଦେବ ବଳୀଦତ୍ତ ଦାସ୍‌ଙ୍କୁ, ମୁଁ ଭୁଲି ନାହିଁ, ତାଙ୍କ ପାଇଁ ଲେଖି ଦେଇଛି । ମୋର ଲେଖାରେ ସେ କମ୍ପାନୀର ବଡ଼ ସାହେବ ହେବେ, ମୋର ଲେଖାରେ ତାଙ୍କର ପ୍ରମୋସନ । କହିବ ନା ? ଫେର୍ ବୁଝେଇ ଆସିବ, ନିଶ୍ଚୟ ।"

ମୁହଁ କେମିତି ରଙ୍କେଡ୍‌ବାବୁ ଠିଆ ହୋଇ ରହିଲେ । ଏହି ଶର୍ମା । ଆଖି ବୁଜି ରହିଛି । ଆଉ ଶବ୍ଦ ନାହିଁ । ଏ ଜୀଅନ୍ତା ନା ମୁର୍ଦ୍ଦାର ! ଡାକ୍ତରମାନେ ତାଙ୍କର ଚୁଡ଼ି ଉପରକୁ ଝୁଙ୍କି ରହିଛନ୍ତି । ସବୁ ନିସ୍ତବ୍ଧ, କେବଳ ହସ୍‌ପିଟେଲର ପଙ୍ଖାର ଶବ୍ଦ । ବାହାରେ ସେହି ରାତି । ବେଶି ଅନ୍ଧାର ଲାଗୁଛି । ସବୁ ମିଥ୍ୟା, ସବୁ ସ୍ୱପ୍ନ । ତାହାର ଭିତରେ ଦମ୍ଭ ହୋଇ ଠିଆ ହେବାକୁ ହେବ ପଥର ପରି । କିନ୍ତୁ ନିଜଠୁ ସାହା ମିଳୁନାହିଁ । ଭିତରେ କାନ୍ଥ ପଡ଼ୁଛି, ଅଡ଼ତା ଛିଣ୍ଡୁଛି, ସବୁ ଦବିଯାଉଛି, ସବୁ ଚୂର୍ଣ୍ଣ ହୋଇଯାଉଛି । ଏ କଣ ଜୀବନ ? ଏ କଣ ଭୟ ? ଏ କଣ ଚେତନା ? ଅଖି ଟେକିଲେ ଦିଶୁଛି—ସବୁ ମିଥ୍ୟା, ସବୁ ସ୍ୱପ୍ନ, ବାହାରେ କି ଅନ୍ଧାର ! ସ୍ୱପ୍ନ ବୋଲି ଭାବିନେଲେ—ଜୀବନ କି ସୁନ୍ଦର ବଞ୍ଚିହୁଏ । ନିଜେ ଥାଇ ବି ନ ଥିଲେ

Digitized by srujanika@gmail.com

ପର । ଖାଲି ଭୁଲିଯିବା, ପରିଣାମରେ ସ୍ୱର୍ଗ ନୁହେଁ, କର୍ମଫଳରେ ବନ୍ଧା ନୁହେଁ ; ଅନ୍ଧାରରେ ମିଶିଯାଇ ସମସ୍ତ ଟାଳିଯିବା,—କ୍ଷୟ ନାହିଁ ବୃଦ୍ଧି ନାହିଁ, ଅଗ ନାହିଁ ପଛ ନାହିଁ । ଟୁଉଁ କରି ଉଠୁଛି ଦେହ ଗୋଟାକ, ଝଣଝଣେଇ ଉଠୁଛି ସବୁ ସ୍ନାୟୁ,—ଖାଲି ଚେତନା ନୁହେଁ ଅଧ ଚେତନା,—ପବନ ବି ଛୁଁଅଛି ଲାଗାଏ ; ପବନ ବି ଆଘାତ ଦିଏ ରୋଗଜର୍ଜର ବ୍ୟକ୍ତିତ୍ୱ ଉପରେ । ମନେ ପଡ଼ୁଛି ତ, ଆପଣା ଭିତରେ ଖୋଲିଛି ଗୋଟିଏ ନୂଆ ଯନ୍ତ୍ରଣାର ଧାର । ଘୋଡ଼େଇ ପକେଇବାକୁ ହେବ, ଲୁଚେଇବାକୁ ହେବ, ସାତପରସ୍ତ ତାଳି ତଳେ ତଳେ ।

ତଥାପି ଜୀବନରେ ଦାଗ ଲାଗିଛି ?

ଦାଗ ଲାଗିଲେ, ଶର୍ମୀ ତାଙ୍କର କଣ ? କେତେ ଶର୍ମୀ ନିତ ମରୁଛନ୍ତି । କିଏ କାହାର କଣ ? କାହାର କି ଯାଏ ।

ଯେନତା ସବୁ ମନ ଏହି ବିଶ୍ୱାସ ! ମନ ମାନୁ ନାହିଁ । କପାଳରେ ନିଆଁ ଦାଗପରି ଜୀବନ ଉପରେ କଳଙ୍କର ଦାଗ । କାଲିର ସକାଳ ଅଉ ଆଜିର ସକାଳପରି ସତେଜ ଲାଗିବ ନାହିଁ । ମନ ହେବ ନାହିଁ ରୋଗମୁକ୍ତ । ଓଃ ! କି ଯନ୍ତ୍ରଣା !

ଗୋଟିଏ ଗର୍ଜନ ଶୁଭୁଛି । ଏଇ ରକ୍ତାକ୍ତ ଦେହ । ଡାକ୍ତରମାନେ ବ୍ୟାକୁଳ ହୋଇ ଚାହିଁଛନ୍ତି । କିଏ ସେ ଏପାଖ ସେପାଖ ଦଉଡ଼ ଧାପଡ଼ କରୁଛନ୍ତି । କଣ ଏମାନେ ଶର୍ମାର ? ତାଙ୍କ ପାଖେ ଗୋଟାଏ କଟ ଘଡ଼ ଘଡ଼ ହେ,—କଳରୁ ପାଣି ସରିଲାବେଳେ ଯେପରି ହୁଏ । ତାପରେ ସବୁ ସ୍ଥିର । ହେଇ ତ, ଦେହ ଶର୍ମାର ଶୋଇ ରହିଛି । କିନ୍ତୁ ଶର୍ମୀ ନାହିଁ ।

ଗାଢ଼ ଗାଢ଼ ଖବର ପହଞ୍ଚିଗଲା । ସେମାନେ ଆସିଲେ । ଧାର ଲାଗିରହିଲେ ଲୋକେ ଅଧଘଣ୍ଟା ଧରି ଦ୍ୱିପ୍ରହରେ ଯାକେ । ଖାଲି ଦଳ ବାନ୍ଧି ଡାକ୍ତରଖାନା ପଞ୍ଝାଅରେ ମେଳା ବସେଇବା । ବଟଗଛ ଏ ଦର ହଣୁଛି, ଅଟକୁ ଅସିଥିବା ଲୋକ ପଛେ ଅସିଥିବା ଲୋକଙ୍କୁ ଅଙ୍ଗୁଠି ଦେଖାଇ ଦେବ ବଟବୃକ୍ଷ ଚହ୍ନେଇ ଦିଏ । ପଛେ ଅସିଥିବା ଲୋକ ଗମ୍ଭୀର ହୋଇ ଦେହ ଦେଖିଲୁ ମିନିଟିଏ ଅନେଇ ରହେ । ଖାଲି କାନ୍ଥ, ତା ଉପରେ କେତେ ବନ୍ଧର ଟେର ବଡ଼ୋ ଛବି ଅଙ୍କିଛି । ଭିତରେ ପଟେ ଧୋବ ଜକ୍ ଜକ୍ । ଗୋଟାଏ ଦୁଆରମୁହାଁ କବାଟ ବନ୍ଦ ହୁଛି । ଦେହ ଅଢ଼େଇ ଦେହକୁ ଚାହିଁ ମନେ ମନେ ଗୋଟାଏ ବର୍ଣ୍ଣିନିକାର ଛବି ଅଙ୍କିନେବା ଜୀବନ୍ତାର ମୁଖଭଙ୍ଗି ଦ୍ୱନ୍ଦ୍ୱବାଦ ସ୍ୱରୂପ ଦେହ ଶିର ଶିରେଇବା, ଏକପ୍ରକାର ବ୍ରହ୍ମାଣୀରେ ବ୍ରହ୍ମ ବା ।

Digitized by srujanika@gmail.com

ଗୋଟାଏ ବଗଟ ସଭ୍ୟ ଆଗରେ ମୁଣ୍ଡ ନୁଆଁଇ ଦେଇ ସେହି ମିନିଟିଏ ବା ମିନିଟ ଗମ୍ଭୀର ହୋଇ ନିର୍ବାକ୍ ହୋଇ କିଛି ଭାବିବାକୁ ଚେଷ୍ଟା ନ କରିବା । ତାପରେ ଜୀବନ ନିଜକୁ ଘୋଷଣା କରେ, ମୃତ୍ୟୁ ଆଗରେ ପ୍ରାଣ-ପ୍ରାଚୁର୍ଯ୍ୟ ଢେଉପରି ଫୁଲ୍ଲସ୍ତର ଉଠେ । ଦେଖିବା ଲୋକ ପଛକୁ ଖସିଯାଇ ଦଳରେ ମିଶେ, ପାନ ଖାଏ ବା ଧୂଆଁ ପିଏ, ତୁଣ୍ଡ ଖୋଲେ ।

ସେହି ଦଳରେ ସେଠି,—ଲାଗିଛି ଫିସ୍‌ଫାସ୍ । ସେହି ଆଲୋଚନା ପଡ଼ିଛି ଯାହା ଦାୟିତ୍ୱର ନିଷେଧ ମାନେ ନାହିଁ । ମନ ଖୋଲି ଲୋକେ କଥା କହନ୍ତି । ସେ ବିଷୟରେ ସତ ଅଛି, ମିଛ ଅଛି, ମନଗଢ଼ା ଅତିରଞ୍ଜିତ ଅଛି, ଶୁଣା କଥା ଅଛି, ଅନୁମାନ ଅଛି—ଏକାଠି ମିଶି ଦଳର ବିଶ୍ୱାସ, ଅଦାଲତ୍‌ର ରାୟ ନୁହେଁ । ସେହି ବିଶ୍ୱାସର ଗଢ଼ଣ ଉପକରଣରେ ପଡ଼ିଥିଲା ରଣଜିତ୍ କଥା, ବଳୀଦତ୍ତ କଥା, ସରୋଜିନୀ କଥା, ଆଉ କେତେ କଥା, ଆପଣାର ମାଠିଆ ଟେକି ବିଶ୍ୱାସସିଦ୍ଧ ନିଷ୍ପତ୍ତିରେ ଭର୍ତ୍ତିକରି ଫେରିଗଲେ କେତେ ଲୋକ । ଜଣାଜଣିରେ ଚହଲି ଗଲା କଥା । ପ୍ରତ୍ୟେକ ଲୋକ ଶମ୍ଭୀ ବିଷୟରେ ହଠାତ୍ ସଚେତନ, ଶମ୍ଭୀ ପ୍ରତି ସହାନୁଭୂତିଶୀଳ । ବଞ୍ଚିଥାଇ ସେ ଥିଲା ଅଚିହ୍ନା, ଅତି ଦୂର; ମରିଯାଇ ସେ ଯେପରି ଅତି ନିକଟ, ଅତି ଆପଣାର । ସମସ୍ତେ ତା ପାଇଁ ଭାବୁଛନ୍ତି, ସମସ୍ତେ ଆହା କହୁଛନ୍ତି । ତାର ନିତାନ୍ତ ଘରୋଇ କଥା, ସେ ବି ସତେ ଅବା ସାଧାରଣ ସମ୍ପତ୍ତି, ତାର ସୁଖଦୁଃଖରେ ପଦେ କହିବାକୁ ସମସ୍ତେ ହକ୍‌ଦାର୍, ପୁଣି ମାଠ ବାଛ ଦେବାକୁ ସେ ଜଣ କରିଥିଲେ କଣ ହୋଇ ନ ଥାନ୍ତା । କାରଣ ସେ ମରିଛି, ସେ ଖାଲି ଗୋଟାଏ ନାଁ, ଗୋଟିଏ ମଣିଷର ରୂପକ, ଜଣେ ଜଣଙ୍କ ମଝିରେ ବାଡ଼ ପକାଏ ଯେଉଁ ରକ୍ତ ମାଂସର ଦେହ, ସେ ତାକୁ ଛାଡ଼ିଦେଇ ହୋଇଛି ସମସ୍ତିଙ୍କର ।

ଠିକ୍ ବେଳେ ଇଞ୍ଜିନ୍ ଚାଲିଲା, ଫ୍ୟାକ୍ଟ୍ରିରେ ଉତ୍ପାଦନ ଆରମ୍ଭ କଲା, ଅଫିସ ଧାଇଁ ଧାଉଁ ହେଲା କାମରେ । ନିଜ ଟେବୁଲ୍ ପାଖେ ମେଘା ମେଘା । ବଳୀଦତ୍ତ କାମ କରୁଥାଏ । ଠିକ୍ ଗୋଟାଏ ବେଳେ ପ୍ରଧାନ ଅଫିସରୁ ଟେଲିଗ୍ରାମ୍ ଆସିଲା ଆଜି ଛୁଟି । ଅଫିସ୍‌ରେ ମିଟିଂ ହେଲା, ସାହେବ୍‌ର ସ୍ୱର୍ଗତ ଆତ୍ମାର ସ୍ମୃତିରେ ତିନିମିନିଟ୍ ଠିଆ ହୋଇ ଦଶମିନିଟ୍ ବକ୍ତୃତା ଶୁଣିସାରି ଅକାଳ ଛୁଟି ଉପଭୋଗ କରିବାକୁ ସମସ୍ତେ ଘରକୁ ଫେରିଗଲେ ।

ବଳୀଦତ୍ତ ଲେଉଟି ଆସିଲା ।

ନିଚ୍ଛଟିଆ ଘରେ ଖଟ ଉପରେ—ମୁହଁମାଡ଼ି ସରୋଜିନୀ କାନ୍ଦୁଛି । ତାର ପିଠି ସେପରିକି ଲହଡ଼ି ଖେଳୁଛି । ବଳୀଦତ୍ତ ଯେ ପାଖକୁ ବି ଗଲାନାହିଁ । ଅନୁଭବ କଲା ମୁଣ୍ଡ ଭିତରେ ତାତି, ଅନ୍ତର ଭିତରେ ଦାହ ।

Digitized by srujanika@gmail.com

ଏଇ ଘର ତାର, ଏଇ ତାର ସ୍ତ୍ରୀ ।

ଏକୁଟିଆ ଦାଣ୍ଡଘରେ ଦୁଇ ହାତରେ ମୁଣ୍ଡକୁ ଭରା ଦେଇ ତଳକୁ ମୁହଁ-ପୋତି ବସି ରହିଲା ।

ସରୋଜିନୀ ଘରେ ଥାଏ, ଯେବେ ଏଇ ଆଡ଼କୁ ଲୋକେ ଅନେଇ ଅନେଇ ଯାଆନ୍ତି ! ଦୂରରୁ ଅନୁମାନ କରିପାରେ ସେମାନଙ୍କ କୁତୂହଳ, ତାଙ୍କ କଥାଭାଷା, ମୁଣ୍ଡ ନୁଆଁଏ ।

କେହି ତୁଣ୍ଡ ଫିଟେଇ କିଛି କହେ ନାହିଁ, ତଥାପି ତ, ଆପଣା ହୃଦୟ ଭିତରକୁ ଚାହିଁଲେ ଆପଣା ବିଷୟରେ ଜଗତଯାକର ଅକୁହା କଥା ସବୁ ଶୁଭିଯାଏ, ସବୁ ଜାଣିହୁଏ । ଭାଷାର ଯେଉଁ ଛବି, ସେହି ଅର୍ଥ, ସେହି ବେଗ । ମନରେ ପାଗଳ ଲାଗେ,—ଏ କଣ ? କଣ କାହାର ସେ କରିଛି ? ଦୁନିଆଁର କାହିଁକି ଏ ଆକ୍ରୋଶ ? କାହିଁକି ଏ ଦୋଷଦିଆ ?

ଦୋଷଦିଆ ହିଁ ତ ? ଟୁପୁରୁ ଟାପୁରୁ ଟୁପୁରୁ ଟାପୁରୁ ସବୁଥିରେ କୋଣ ତୁଣ୍ଡ-ବାଇଦର ଯେଣ୍ଡୁରା,—ଗାଁ କଥା ମନେ ପଡ଼େ, ନିଜର ନୁହେଁ ଆଉମାନଙ୍କର । କେଉଁ ଦୂର ଦୂରର ବାରତା ପବନରେ ଭାସିଆସେ, ପାଣ୍ଠୁଆ ପରି ଟିକି ପୃଥିବୀରେ କିଛି କେଉଁଠି ଛପେ ନାହିଁ ଲୁଚେ ନାହିଁ, ପବନରେ ମିଶି ଶବ୍ଦ ହାଉଆ ଶୁଭେ ପଛେ,—ଶୁଭେ । ଗାଁ ପୋଖରୀରେ ଢେଲା ପଡ଼ିଲେ ଲହଡ଼ି ଭଉଁରି ଭଉଁରି କୂଳରେ ଆସି ବାଜେ । କଥା ଚହଲିଯାଏ, ଲୁଚେ ନାହିଁ, ଓଃ !

ତାର ସନ୍ଦେହୀ ମନ ପ୍ରମାଣ ଦେଖେ । ସେ ପାଖେ ପଶୁଡାକ୍ତର ବାବୁଙ୍କ ଘର ଦୁଆରେ ତାଙ୍କର ସ୍ତ୍ରୀ ଏଣିକି ଆଡ଼କୁ ଅନେଇ ଠିଆ ହୋଇଛନ୍ତି । ଆସନ୍ତି ନାହିଁ କାହିଁକି ? ମନେ ମନେ ହସୁଥିବେ ନିଶ୍ଚୟ । ସରୋଜିନୀ ଭୁଲି ଯାଇଛି ତାଙ୍କ ପାଖେ ଉଲବୁଣା ଶିଖି ଶିଖି ସେ ଏଠା ଛାଡ଼ି ଅନ୍ୟ ପୁରକୁ ଉଡ଼ିଯାଇଥିଲା, ସେଦିନୁ ତାଙ୍କୁ ପଚାରି ନାହିଁ ଆଉ, ସେ ବି ଆସିନାହାନ୍ତି । କେହି ଆସନ୍ତି ନାହିଁ, ମିଲି ନାଲି ତ ସହଜେ । କେଡ଼େ ଚଞ୍ଚଳ ପର କରିଦେଲେ ! ସରୋଜିନୀ ଭୁଲିଯାଇଛି ଯେ ନିଜେ ଆଉ 'ସମାଜ' ଅଞ୍ଚଳକୁ ବାହାରି ନାହିଁ, ଏଠା ସମାଜରୁ ଦୂରେଇ ରହିଛି ଆପେ ଆପେ । ମିଲି ଚିଠି ଲେଖିଥିଲା—"ଆଉ ରେକ୍ କହିବ ନାହିଁ ତୁମକୁ, ତୁମେ ମୂର୍ତ୍ତିମନ୍ତ 'ସରୋଜ୍' । ତୁମର ନିଷ୍ଠାପାଇଁ ଧନ୍ୟବାଦ ନିଶ୍ଚୟ, ତଥାପି, ହେ ବନ୍ଧୁ, ବିଦାୟ ।"

କଣ ତା'ର ଅର୍ଥ ? କଣ ନୁହେଁ !

Digitized by srujanika@gmail.com

ସତ୍ୟବତୀଙ୍କ ଅବଚଳିତ ନିତୀର,— ତାର ମୁହଁକୁ ଅନେଇଲେ ତାର ସ୍ଥିର ମୁଖା ପଛଅଡ଼େ ସେହି ଏକା ଦୋଷଦିଆ ଯୋଜନା ଫେଣ୍ଟୁଥିଲା ପରି ତାକୁ ଲାଗେ । ନିତୀର ବି ହେଉଥିବ, ଦୋରେ ହାଣ୍ଟ ବସାଉଥିବ,—କିଛି କହୁନାହିଁ ସିନା ! କିନ୍ତୁ କହୁ କେମିତି ଦିଶୁଥିବ ତାର ମୁହଁ ! କି ବିଭତ୍ସ ଉଲ୍ଲାସ ! କି ଅଶ୍ଳୀଳ ଭ୍ରୂକୁଟି ! କଳ୍ପନା କରି ହୁଏ । ସରୋଜିନୀ ଶିହରିଉଠେ । ସେମିତି ମେଞ୍ଚାଏ ଛୁଆ ହର୍ଷା, କହି ବୁଲୁଥିବ ସତ ମିଛ ଫାନ୍ଦ ଫାନ୍ଦ । ଚୁପ୍‌ସଇତାନ୍ । ଏ-କଥାରେ ସରୋଜିନୀ ତାକୁ ଗାଳିଦିଏ, ବାରମ୍ବାର ରଡ଼ି ଛାଡ଼େ । ଇଚ୍ଛା ହୁଏ ପିଠିରେ ଗୁମ୍‌ଗାମ୍ ବସେଇଦିଅନ୍ତା,— ପୁଣି ଡର ମାଡ଼େ ବଳୀଦତ୍ତଙ୍କୁ ।

ପ୍ରକୃତରେ ଡର ମାଡ଼େ । ସତେ ଯେପରି ଗେଟମ୍‌ଗାଟମ୍ ସେହି ସ୍ଥାନ ମଣିଷଟା ଓ ସେ ଏକା ଘରେ ବନ୍ଦ, ତାର ପ୍ରହରୀ ସେହି ଗେଟମ୍‌ଗାଟମ୍ ଲୋକ, ନିକେ, ବନ୍ଦୀ କରିଛି । କଣ କିଛି ଭଦ୍ରଙ୍କର କଥା କରି ବସିବ । ଛାତି ଦମ୍ ଦମ୍ ପଡ଼େ । ମୁହଁକୁ ଚାହିଁଲେ ଚକ୍ଷୁ ଶୁଖିଯାଏ । ସେ ଦିଶେ ଅତି ଗମ୍ଭୀର, ଅତି କାର୍ଯ୍ୟ-ବ୍ୟସ୍ତ । କଥାଭାଷା ହେବାକୁ ବେଳ ନାହିଁ । ଘରେ କୁଆଡ଼େ ଯାଏ, ଡେରିରେ ଫେରେ, ଅଧଘଣ୍ଟା ସେପାଖେ ଟେବି ଆଲୁଅ ପାଖେ ମୁହଁ ପୋତିରହି କାମ କରିଯାଏ ସରୋଜିନୀ ବିଛଣା ଟିକି ଗାଲେଇ ପଡ଼ି ରହିଥିଲା ବେଳେ ଦେଖେ 'ସେ' ଆସିଲେ, କର ଲେଉଟେଇ ପଡ଼ି ରହିଲେ । ଥାଇ ଥାଇ ଦିଟା ଗୋଟାଏ ଦୀର୍ଘଶ୍ୱାସ, ତା ପରେ ନିଦ । ହୁଏତ ଏତିଆ ହେଉଥିଲା ଅଗେ ବି,— ବଳୀଦତ୍ତ କାମର ମଣିଷ । ନିଜ କାମ ଯେଣିକି ବ୍ୟସ୍ତ ଥାଏ, ସ୍ତ୍ରୀର କାମ ବିଷୟରେ ମୁଣ୍ଡ ଘୂରେଇବା ଦରକାର, ମନେ ପଡ଼େ ନାହିଁ । କିନ୍ତୁ ବର୍ତ୍ତମାନ ଅର୍ଥ କରି ସରୋଜିନୀ ଭାବୁଛି,— ଏ ସ୍ୱାମୀ କେମିତି ଭଲେ ମଣିଷ । ସେ ଜାଣି ଜାଣି ଗମ୍ଭୀର ରହୁଛି କଷ୍ଟ ଦେବାକୁ, ମଉକା ଖୋଜୁଛି ଝାମ୍ପି ପଡ଼ିବାକୁ । ବାରମ୍ବାର ସରୋଜିନୀ ମନେ ମନେ ତା ବିରୁଦ୍ଧରେ ଗଢ଼ି ଠିଆକରେ ଆତ୍ମରକ୍ଷା ପାଇଁ ଯେତେ ହିଂସ୍ରକ ଠାଣି, ଯେତେ ପ୍ରକାର କଥାର ବଜ୍ରବାଣ ଦାନ୍ତ ନିକୁଟି ଟୁମ ଠିଆକରି, ଲାଙ୍ଗୁଡ଼ ଫୁଲେଇ, ନଖ ବାହାର କରି ବାଲେଇ ଯେପରି କୁକୁର ଆଗରେ ସଶସ୍ତ୍ର ସଚେତ ଆତ୍ମରକ୍ଷକ ହୁଏ ସେହିପରି,— କିନ୍ତୁ ସରୋଜିନୀ ବଳୀଦତ୍ତଙ୍କୁ ମୁହାଁମୁହିଁ ଚାହିଁ ପାରେନାହିଁ, ବଳୀଦତ୍ତ ବି ପ୍ରଶ୍ନ ଦିଏନାହିଁ ମୁଦ୍ଦର । ତାର ଶୀତଳ ଉପେକ୍ଷା ଭୟ ଉପୁଜାଏ । ସରୋଜିନୀ ମନକୁ ମନ ଅନୁଭବ କରେ,— ତାର ବ୍ୟକ୍ତିତ୍ୱ ଭାଙ୍ଗି ପଡ଼ୁଛି, ଶେଷାଶେଷି ସେହି ଭଙ୍ଗା ବ୍ୟକ୍ତିତ୍ୱ ହିଁ ତାର ଆଶ୍ରୟ, କଣରେ ପଡ଼ି ଆପଣାର କ୍ଷତ ଆପଣା ଜିଭରେ ଚାଟି ହେବାକୁ, କାନ ଡେରିବାକୁ, ତରଂ ତରଂ କଣେଇଁ କଣେଇଁ ଗୃହାଣି ଗ୍ରଣ୍ଟିବାକୁ । ସେହି ଅନ୍ଧାରରେ ଦେହ ଝଡ଼ିଯାଏ, କ୍ଷୁଧା କମେ, ତୁଚ୍ଛାକୁ ମୁଣ୍ଡ ବଥାଏ, ଦେହ ଝିମିଝିମି ହୁଏ, ତଳିପା ପୋଡ଼େ, ଅନିଦ୍ରା ହୁଏ । କ୍ଲାନ୍ତ ହୋଇ ବିଛଣା ଧରିଲେ

Digitized by srujanika@gmail.com

ଡପ୍ ଡପ୍ ମୁଣ୍ଡରେ ଯେତେବେଳେ ଅବେଳାରେ ଦେହ ଦୁର୍ବଳତାର ଅବଶ ନିଦ କାହାରର ଚେତା ନଭେଇ ଦଏ, ଯେତେବେଳେ ଉଜ୍ଜ୍ୱଳ ଦିନ ଆଲୁଅରେ ବି ପ୍ରକୃତ ହଏ ଅନ୍ଧାରର ଆଶ୍ରୟ । ଚମକିପଡ଼ି ନିଦ ଭାଙ୍ଗେ । ବିଭତ୍ସ ଦୁଃସ୍ୱପ୍ନର ରୂପାନ୍ତରିତ ଚେତନାର ଶେଷ ପ୍ରବାହ ଚେତା ମନ ଆଗରେ ଅପସରି ଯାଉଛି । ଦାଉଁ ଦାଉଁ ତୃଷା । ଝାଳ ଫିଟିଯାଉଛି । ଅସମ୍ଭାଳ ହୋଇ ଅନ୍ୟ ସ୍ଥାନକୁ ଚାଲିଯାଇ ହାଲିଆ ହୋଇ ଧକେଇ ହେଉ ହେଉ ସବ୍ରେଜନୀ ହାଡ଼େ ହାଡ଼େ ବୁଝେ ଜୀବନ ଭିତରେ ଏ ନୂଆ ସ୍ତରର ଅବସ୍ଥିତି,—ଯେଉଁଠି ଶୋଇବା ମାନେ ଯନ୍ତ୍ରଣାରେ ଘୋଷାରି ହୋଇ ଘୂରିବା, ଚେଇଁବା ମାନେ ଯନ୍ତ୍ରଣାର ତାଆଁ ଜଳାରେ ଛଟପଟ ହେବା !

ମନେ ପଡ଼େ ଟୋକାଦିନେ ଦ୍ୱିପ୍ରହର ବେଳେ ଶୁଣା ବୁଢ଼ୀ ଭିଣ୍ଡର ପୋଥି ପଢ଼ା ଓ ବ୍ୟାଖ୍ୟା । ସତେ ସତେ କେତେ ସ୍ୱର୍ଗ ନରକ ଅଛି ? ବସ୍ତାର ଏହି କଳବଳ, ଛଟପଟ, ଏହି ହଳାହଳ,—ଏଇ କଣ ରୌରବ ନରକ ?

ଭାବନା କମିଆସେ ।

ମେଞ୍ଚାମାଞ୍ଚା ହୋଇ ବସି ଏକପ୍ରକାର ଠାଣିରେ ରହି ବେଳ ଗଡ଼େଇ ଗଡ଼େଇ କେବେ କେବେ ମନ ଆସେ ଆତ୍ମଘାତୀ ଚିନ୍ତା, ହାତ ଉଠେ ନାହିଁ, ମନର ଟାଣ ହୃଦୟର ଭାବକୁ ଅଣ୍ଟେ ନାହିଁ । ପ୍ରକୃତି ଗଢ଼େ ବ୍ୟାଧି ନିରାକରଣ ପାଇଁ ନୂଆ ବ୍ୟାଧି, ସବ୍ରେଜନୀ କଥା ଭୁଲିଯାଏ, ଦୁଶ୍ଚିନ୍ତା ଭୁଲିଯାଏ, ଅଭ୍ୟାସ ଭୁଲିଯାଏ । ତଥାପି ତାର ଦେହ-ପୃଥିବୀ ଭିତରେ ଅବିରାମ ସୃଷ୍ଟି ହୋଇ ଚାଲେ ନୂଆ ରସର ପ୍ରବାହ । ନୂଆ ପ୍ଲାବନ, ନୂଆ ବିପ୍ଳବ,—ଅମୁହାଁ ଅନ୍ଧାରରୁ ଆଲୁଅ ଆଡ଼କୁ, ରୋଗରୁ ରୋଗମୁକ୍ତିକୁ ।

ଏମିତି ଦିନେ କେବେ,—ପଦାକୁ ସ୍ନେହ ଅନୁଭବ କଲା ତାର ଆପଣା ଭିତରେ କେଉଁ ରକ୍ତମାଂସର କଳ୍ପନାର ଚଳନ୍ତ ମୂର୍ତ୍ତି । ଖଣ୍ଡ ଖଣ୍ଡ ସ୍ୱପ୍ନ ସତେଜ ଏକାଠି ହୋଇ ବାସ୍ତବ ହୋଇଛି । ସଜାସଜ ହୋଇ ଅବୟବ ପାଇଛି । ନୂଆ ଅନୁଭୂତି—ଆପଣା ଭିତରେ, ପୁଣି ଆପଣା ଭିତରେ, ପୁଣି ଆପଣା ବାହାରେ । ଯେତେବେଳେ ତାର କଳ୍ପନା ହି ହୁଏ ଆଧେୟ, କେଉଁ ସୁଖର ମୁହୂର୍ତ୍ତେ ଦୁଃଖର ବଲ୍କଲ ଖୋଲି ପୋପାଡ଼ି ଦେଇ ବାହାରି ଆସିଛି ତେଜସ୍ୱାନ ହୋଇ, ତାର ନିଜର ରକ୍ତ ତାର ଆଧାର, ଯେତେ ସେହି ଆଧାର ଭିତରେ ହସି ଖୁସି ଖେଳି ଯାଉଛି, ସେତେ ଦେଇଯାଉଛି ସୁଖର ଅନୁଭୂତି, ତେଜର, ଜୀବନର । ଅନୁଭବ କରୁଛି ସେ ସୃଜନମୟୀ ନାରୀ, ସୃଜନ କ୍ଷମତାରେ ହିଁ

Digitized by srujanika@gmail.com

ଚେଷ୍ଟାନ୍ । ଆଖିରେ ଦିଶୁଛି ନୂଆ ପଥ, ସବୁଜ ଗଛଲତା, ସୃଷ୍ଟିର ବିବିଧ ବର୍ଣ୍ଣ । ଅନୁଭବ କରୁଛି ଆପଣା ଭିତରେ ବରଷଣା ମେଘର ଉଗ୍ର ଉତ୍ତପ୍ତ କାମନା, ଯେ ପରିଣତି ଖୋଜେ ପୃଥିବୀକୁ ଫେର ଶ୍ୟାମଳା କରିବାପାଇଁ ଝୋପାଏ ଶୀତଳ ବର୍ଷା ବିନ୍ଦୁରେ । ପୁଣି କେତେବେଳେ ଅନୁଭବ କରୁଛି ସ୍ଥୂଳ ଦେହ ସମେତ ସେ ନିଜେ ହିଁ ଅଦୃଶ୍ୟ, ତାର ଅନ୍ତରେ ନୂଆ ସୃଷ୍ଟି ହିଁ ତାର ଆଧାର । ଆପଣାର ଅସ୍ପଷ୍ଟ ସୃଷ୍ଟି କୋଳରେ ଆତ୍ମସମର୍ପଣ କରି ଛନ୍ଦେ ଛନ୍ଦେ ସେ ବଢ଼ି ବଢ଼ି ଉଠେ । କାହିଁ ଶୋକ ? କାହିଁ ଦୁଃଖ ? ଖାଲି ଜୀବନର ଖେଳ । କ୍ଷଣେ କ୍ଷଣେ ଅଜଣା ପ୍ରତୀକ୍ଷାରେ ସୁଖର ଜୁଆର ମାଡ଼ି ଆସେ । ସର୍ବେଜନୀ ଆପଣାକୁ ଆଦର ପରିପୂର୍ଣ୍ଣ ହୋଇଉଠେ,—ଅନ୍ୟ କେହି ତାର ଆବଶ୍ୟକ ନାହିଁ । ଖାଲି ସେ—ଓ ତାର ଅନ୍ତରର ସୃଜନାନନ୍ଦ ଅସ୍ପଷ୍ଟ ସୃଷ୍ଟି, ଯେ ସୂକ୍ଷ୍ମାତିସୂକ୍ଷ୍ମ ଜଡ଼ ସ୍ନାୟୁରେ ପୁଣି ଅତନ୍ଦ୍ର ଚେତନା ସ୍ରୋତରେ ବାରମ୍ବାର ସନ୍ଦେଶ ପଠାଏ,—ମୁଁ ଆସୁଛି, ମୁଁ ଅଛି ।

କାହାର ସେ ?

ତନ୍ଦ୍ରାରେ ବୁଦ୍‌ବୁଦ ଭାସେ, ପୁଣି ଦୀର୍ଘଶ୍ୱାସରେ ତା ଉଡ଼ିଯାଏ । ଉଡ଼ିଯାଏ ଜୀବନର ଅନୁଭୂତି, ସମୁଦ୍ରରେ କେତେ ମନ୍ଥନର କଲ୍ଲୋଳ । ଅଳ୍ପକାଳ ଭିତରେ ସଂସାରକୁ ସେ ବହୁତ ଦେଖିଛି, ବହୁତ ଲୋକ, ବହୁତ ପରିସ୍ଥିତି । ଆଜି ଶାମୁକାରେ କାହାଣୀ-ରାଇଜର ବର୍ଷାବିନ୍ଦୁ ପଡ଼ୁଛି, ଶାମୁକା ମୁକ୍ତା ହୋଇଛି ।

କେତେ ମେଘ ଆସିଛନ୍ତି, କେତେ ମେଘ ଗଲଛନ୍ତି, ଯାଇଛନ୍ତି, କି ଯାଏ ତାର ?

ଶର୍ମା,—ଗାଢ଼ ଦୁଃଖ ପାଲଟିଛି ପାସୋରା ଅଳୀକତା, ଯେପରିକି ସେ ସେପାରିର କଥା, ସ୍ୱପ୍ନର କଥା ।

ରଣଜିତ୍ ବାବୁ,—ଯେଉଁଦିନ ବଳୀଦତ୍ତ ଆସି ସମ୍ବାଦ ଦେଲା ସେ ଛୁଟିନେଇ ଗଲେଣି, କଣ ଅସୁସ୍ଥ ହେଲେ ବୋଲି । ସୁଏତ—। କାଠପରି ସେ କଥାର ଶବ୍ଦ ଶୁଣିଥିଲା, ତାର ବିସ୍ମୃତ ମନର ଅସଂଖ୍ୟ ଉଜ୍ଜ୍ୱଳ-ବିନ୍ଦୁ ସମଷ୍ଟି ଭିତରେ ଟିକ୍ ଟିକ୍ କରିଥିଲା କେତୋଟି ନିଆଁ ଗୁଳି, ତା ପରେ ନିଭି ଯାଇଥିଲା ।

ଆଉ କେତେ ବାବୁ, ଆଉ କେତେ ସାହେବ୍, ସମାଜଗୁରୁ ଦଳ,—କ୍ରମେ ଭୁଲି ହୋଇଛି ସବୁ, ପାହାନ୍ତାରେ ଉଠି ଦୂର ଅନ୍ଧାରର ମଶାପଲଙ୍କ ଘାଉଁ ଘାଉଁ ପରି,—ସବୁ ମନେ ନାହିଁ, ମଶାଦଂଶନ ମନେ ନାହିଁ ।

Digitized by srujanika@gmail.com

ସୃଷ୍ଟିର ଛଦ୍ମରୂପ,—ସେମାନେ ଆସିଛନ୍ତି ଦଳ ଦଳ ହୋଇ, ଚାଲି-ଯାଇଛନ୍ତି ଯୁଗେ ଯୁଗେ । ରହିଯାଇଛି ତାଙ୍କର ଗୁଣନୀୟକ, ପ୍ରକୃତିର ମାୟାର ସଙ୍ଗୀତ ଭିତରେ ଚିରନ୍ତନ ଦୁଇ ପ୍ରାଣୀ ନର ଓ ନାରୀ । ଏଠି ଅବା ସେଠି ତା କେବଳ ଘଟନାଯନ୍ତ୍ରରେ, ଏଠି ନ ହେଲେ ସେଠି ହୋଇପାରିଥାନ୍ତା । କ୍ଷେତ୍ର ଦେଇଛି ବୀଜ, ହିତ ପାଇଛି ଅଙ୍କୁରର ଉନ୍ମତ୍ତତା, ସୃଜନର ପ୍ରତୀକ୍ଷା ତାର ପ୍ରକାଶ ପାଇଁ, ଗର୍ଭାଧାନର ଆନନ୍ଦରେ ଗରଭିଣୀ ମାଟି ପରିଚୟ ଖୋଜୁନାହିଁ, ସେ ପରିପୂର୍ତ୍ତି,—ଏତିକି ସେପରିକି ଯଥେଷ୍ଟ । ମାଟି ପାଇଛି ଆପଣାର ପରିଚୟ,—ସେ ସର୍ଜନର ଅଫୁରନ୍ତ ଖଣି, ସେ ବସୁଧା, ତେଣିକି ତାର ମୃଣ୍ମୟୀର ମାୟାର ସ୍ୱପ୍ନ, କ୍ଷଣେ କ୍ଷଣେ ବହୁଧା, କ୍ଷଣେ କ୍ଷଣେ ପରିବ୍ୟାପ୍ତ ଆନନ୍ଦ,—ଲୋକେ ଯାଉଛନ୍ତି, ଛଦ୍ମ-ରୂପ ମିଳେଇ ଯାଉଛନ୍ତି, ଯାଉନ୍ତୁ,—ସେ ଅଛି । ଯାହା ରହିଛି ତାର ଅନ୍ତରରେ ତାର ନାଁ ନାହିଁ, ଜାତି ଦେଶର ସଂକୀର୍ଣ୍ଣତା ନାହିଁ, ସବୁବେଳକି ଲେଉଟି ଆସୁଛି ନୂଆ ବ୍ୟକ୍ତିତ୍ୱ ଘେନି ।

ଆଶ୍ଚର୍ଯ୍ୟ ଲାଗୁଛି ଏ ଅନନୁଭୂତ ଜୀବନ, ସଂସାରେ ଅବସ୍ଥିତିର ଅସଂଖ୍ୟ ସ୍ତର । ଆପଣାର ବୈଚିତ୍ର୍ୟରେ ସେ ମୁଗ୍ଧ ହୋଇ ଅନାଇ ପଡ଼େ, ତାର ସ୍ୱପ୍ନ ତୁଟେ ନାହିଁ ।

ବଳୀଦତ୍ତ ଯେଉଁଦିନ ଜାଣିଲା ଯେ ତାର ବଂଶଧର ତାର ସ୍ତ୍ରୀ ଗର୍ଭରେ, ତାର ଆନନ୍ଦର ସୀମା ରହିଲା ନାହିଁ । ହଠାତ୍ ଯେପରିକି ଏକା ଝଟକରେ ତାର ଏତେ ଦିନର ଗମ୍ଭୀର ସଂକୋଚ ଓଟାଳ ହୋଇ ଚାଲିଗଲା, ତାର ପ୍ରାଚୀନ ବ୍ୟକ୍ତିତ୍ୱ, ପୂର୍ବପରି ସ୍ତ୍ରୀ ଆଗରେ ପକ୍ଷୀ ଝାଡ଼ିଦେଇ ବକ୍ତୃତା ଆରମ୍ଭ କରିଦେଲା,—"ଜାଣିଲ ସରୋଜ—ଏତେ ଦିନକେ !—"

ହେଇ ତ ସେ, ଦର୍ପଣ ଆଗରେ ସ୍ଥିର ହେବାକୁ ବସିଥିଲା । କହିଦେଇ ହସି ହସିକା ଡାକ୍ତରଣୀ ହେଇ ବର୍ତ୍ତମାନ ଚାଲିଗଲେ,—"ଜାଣିଲେ ତ ? ଟିକିଏ ଦୁର୍ବଳ ହୋଇ ଯାଉଛନ୍ତି । ପ୍ରଚୁର କମଳା ଲେମ୍ବୁ ଖାଇବାକୁ ଦେବେ । ଅଷ୍ଟୋ କ୍ୟାଲସିଅମ୍ ବଟିକା, ଭିଟାମିନ୍ ବି କମ୍ପ୍ଲେକ୍ସ, ଏହି ଯାହା ମୁଁ ଲେଖିଦେଇଗଲି । ଅଳ୍ପ ପରିଶ୍ରମ, ଅନ୍ତତଃ ମାସକେ ଥରେ— ।"

ସରୋଜିନୀର ସ୍ୱାସ୍ଥ୍ୟର ଏ ବିଚିତ୍ର ଧାରା ଦେଖି ସେ କର୍ତ୍ତବ୍ୟ ଅନୁରୋଧରେ ଡାକ୍ତରଣୀ ଡକେଇ ଆଣିଥିଲା, କିନ୍ତୁ ଏ ସମ୍ବାଦ !

Digitized by srujanika@gmail.com

ଦାମ୍ପାରେ ଦଣ୍ଡିଛି ଆପଣାର ଫୁଲ୍‌କା ଗୋଲ ମୁହଁଟି, କୁଣ୍ଡେ ମୋଟା ଛାତିରେ ସେ ନିଜକୁ ହିଁ ଦେଖି ଲାଗିଛି, ହଠାତ୍ ଖିଆଲ ଆସୁଛି ସେ ନିଜକୁ ବଢ଼ାଇବାକୁ ଛାଡ଼ିଦେବ, ଅନ୍ତତଃ ଆଉ ଅଳ୍ପକ, ଅନ୍ୟମାନଙ୍କଠୁ ଦେଖିଛି, ନିଜ ମୁହଁର ଏକପ୍ରକାର ବାରପଣ ବଢ଼ାଏ, ଏହି ସେ, ସବୁଥିରେ କୃତକାର୍ଯ୍ୟ ।

"ବୃଝିଲ ସରୋଜ, ମୁଁ ବଡ଼ ଦୁଃଖିତ । କାମକାର୍ଯ୍ୟର ଘମାଘୋଟ ଭିତରେ ତୁମ ଆଡ଼କୁ ନଜର ଦେବାକୁ ବେଳ ପାଉନାହିଁ, ତୁମକୁ କ୍ଲବ୍‌କୁ ନେଇପାରୁ ନାହିଁ କୁଆଡ଼େ, ତେବେ ଏଇଟା ମୋର ଜାଣିବା ଉଚିତ ଥିଲା, ତୁମେ ଦେଖିବ ମୋର କୋଷ୍ଠୀରେ ଲେଖାଅଛି । ଏହି ଅଣତିରିଶ ବର୍ଷ ବୟସ ସମୟରେ ପୁଣି ଲଭ । ସ୍ଥାନାନ୍ତର । ପଦୋନ୍ନତି । ସ୍ତ୍ରୀ ଅଙ୍ଗେ ସାମାନ୍ୟ ପୀଡ଼ା, ସେ ତ ତମର ଜଟି ଚାଲିଛି । ମୋର ସବୁ ପରିଶ୍ରମର ଚୂଡ଼ାନ୍ତ ପୁରସ୍କାର ଯେଉଁ ଜନ୍ମ ହେବ ଏହି ପୁଅ, ଜାଣିଛ ତୁମେ ? ଆମେ ବଡ଼ ସାହେବ ହେଉଛୁ ବୋଧେ, ବଡ଼ ସାହେବ୍ ! ଅନୁମାନ କରି ପାରୁଛି ତା କଣ ? ଓଃ ସରୋଜ୍, ସରୋଜ୍ !"

ମୁହଁ ପୋତି ଅଧ ଆଉଜା ହୋଇ ସେ ବସିରହିଛି । ଲାଜ ଲାଜ, ଅଳ୍ପ ଅଳ୍ପ ହସ ହସ । ଏମିତି ହୁଏ । ଅବିକଳ ଏମିତି ହେବା ସ୍ୱାଭାବିକ । ଭାଗ୍ୟବନ୍ତୀ । ସେହି ତ ଆଣିଛି ତାର ସୌଭାଗ୍ୟ, ଆଉ କିଏ ? ତାର ଅତି ଆପଣାର । ଏକ ମନ ଏକ ଆତ୍ମା । ସବୁ ଘରକରଣା ସ୍ୱାଗପାଇଁ ତ । ତାର ସ୍ତ୍ରୀ ।

ବଳୀଦତ୍ତ ଦାପ୍ ଦରହସା ହୋଇ ଗୁହିଁ ରହିଛି । ତାର ଆଖିରେ ସେହି ସନାତନ ସ୍ୱାମୀ-ଆଖିର ମାୟା, ତହିଁରୁ କେତେକ ତାର ଆପଣାର ଆତ୍ମବିଶ୍ୱାସ, କେତେକ ଆପଣାର ଆତ୍ମ-ତୃପ୍ତି ଲଗା, ବଞ୍ଚିବାପାଇଁ ପ୍ରତ୍ୟେକ ଅବସ୍ଥାକୁ ଆପଣାର କରି ଅଭ୍ୟସ୍ତ କରିବା ସକାଶେ ପ୍ରକୃତିର ଦାନ, କେତେକ ତାର କାମନା, କେତେକ ସେହି ଅତି ଚଲ୍ଲା ଦେହର ମୋହ । ସେ ସ୍ୱାମୀ, ସ୍ତ୍ରୀକୁ ଅନ୍ଧବିଶ୍ୱାସରେ ଭଲ ପାଇବାହିଁ ତାର ମନର ସହଜ ପ୍ରବୃତ୍ତି । ଅବିଶ୍ୱାସ କରିବା ନୁହେ । ଦର୍ପଣ ଦେଖାଉଛି ତାର ଗୋଲ ଗୋଲ ଢଳଢଳ-ଢାଉଳ ଦେହ, ହାତକୁ ଟାଙ୍କିଦେଇ ଚାହିଁ ସେ ଦେଖୁଛି ବାହା ଉପରର ମାଂସବଣ୍ଡିକୁ, ନ ହେଲା ବା ଗୋଲ୍,— ମୋଟା ତ ?

"ଏଇ ହର୍ଷା ତେଲ ମାଲିସ୍ କରି ଦେ", ବଳୀଦତ୍ତ ଗର୍ଜନ କଲା ତାର ଆଦେଶ, ପୁଣି ସରୋଜନୀକୁ ଅନେଇ ରହିଲା । ତାର ଦେହରେ ବଳ ଆଣିବାକୁ ହେବ ଯେ କୌଣସି ଉପାୟରେ । ସଙ୍ଗେ ସଙ୍ଗେ ନଟାଇକୁ ଔଷଧ ପାଇଁ ବଜାରକୁ ପଠାଇଲା, "ଆଉ ଭଲ ଲେମ୍ବୁ ଆଣିବୁ ଟଙ୍କାକର, ହଁ ।"

Digitized by srujanika@gmail.com

"ନିଜ ଦେହର ଯତ୍ନ ନିଅ ସରୋଜ୍ ! ନିୟମିତ ଔଷଧ ଖାଅ । ନ ହେଲେ ପିଲ ବଢ଼ି ପାରିବନାହିଁ । ଏଥିରେ ଲାଜ ଡରର କିଛି ନାହିଁ, ଅତି ସାଧାରଣ କଥା; କିନ୍ତୁ ଯତ୍ନରେ ହେଳା କଲେ ଚଳିବ ନାହିଁ । ଯା ହେଉଛି ମତେ କହ ! ସବୁ ବନ୍ଦୋବସ୍ତ କରି ଦେଉଛି; କିନ୍ତୁ ଡାକ୍ତରଙ୍କୁ ରୋଗୀ ସାହାଯ୍ୟ ନ କଲେ ଚଳିବ କୁଆଡ଼ୁ । ଅବଶ୍ୟ ଏ ଗୋଟାଏ କିଛି ରୋଗ ନୁହେଁ, ମନେରଖ । ମାନେ, ବୃଥାରେ ଛୁନିଆ ହୁଅନାହିଁ......"

ସେ ଏକାଥରକେ କେତେ କଥା କହିବାକୁ ଚାହେଁ, କିନ୍ତୁ ଟୁବ୍ ତରତରରେ, ସେ ବହୁତ କଥା, ଆପଣା ଭିତରେ ଠେଲାଠେଲି ଲଗେଇ ପରିଷ୍କାର ହୋଇ କିଛି ବାହାରିପାରେ ନାହିଁ, ପୁଣି ସଂଶୋଧନ କରିବାକୁ ହୁଏ । ଘୂରି ଲାଗିଛି ମୁଣ୍ଡ ଭିତରେ ତାର ଆପଣାର କାହାଣୀ, ଜୀବନରେ କୌଣସି ସନ୍ଧ୍ୟାବେଳା ଦେଖିଲେ ଏହିପରି ଘୂରେ । ସେ ପ୍ରଚୁର ଧନ ସଞ୍ଚିଛି । ଦାନାପାଣିରେ ନିଧଡ଼କ । । ଚାକିରିରେ ଉଠି ଉଠି ହେବାକୁ ବସିଛି ଉପରିକ ପଦବୀରେ ଚରମ, ସାହେବ୍; କିନ୍ତୁ ବଂଶଧର ଅଭାବରୁ ଧନର ଉଦ୍ଦେଶ୍ୟ ନ ଥିଲା, ଘରରେ ନ ଥିଲା ଲମ୍ଭେଇ ହେବାର ଡୋର ।

"ବେଶି ପରିଶ୍ରମ କରନାହିଁ ! କ୍ଳାନ୍ତ ଲାଗୁଛି ? ଶୋଇପଡ଼ ସରୋଜ୍ ! କଣ ହେଲା ସକାଳ ହୋଇଥିଲେ ବି ? ତୁମେ ଶୋଇପଡ଼ନା । ମୋର ଆଜି ତରତର ନାହିଁ । ତୁମକୁ ଔଷଧ ଖୋଇସାରି ତା'ପରେ ଯିବି । ତୁମେ ଶୋଇପଡ଼ ।"

ସତକୁ ସତ ସରୋଜିନୀ ଶୋଇପଡ଼ିଲା । ଏଇ ତାର ସ୍ୱାମୀ । ହଠାତ୍ ଇଚ୍ଛା ହେଲା ମନ ଖୋଲି କାନ୍ଦିବାକୁ । ତକିଆରେ ମୁହଁ ମାଡ଼ିଦେଲା ।

"ନା, ଚିତ୍‌ହୋଇ ଶୋଇଲେ ଭଲ ବୋଧହେବ । ଅରେ, ଭୁଲିଗଲି ତ, ମଟର ବିଷୟରେ ଆଜି ଶେଷ କଥା ଠିକଣା କରିବାକୁ ହେବ । ନ ହେଲେ ତୁମେ ଟିକିଏ ହାଓ୍ୱା ଖାଇଯିବ କେମିତି ? ଅଚ୍ଛା, ଆଜି ସବୁ ଠିକ୍ ହେବ । ତୁମେ ବିଶ୍ରାମ କର ।"

ଉଡ଼ି ଚାଲିଯାଏ—

ଦିନ ଦିନକର ଜୀବନ, ପୁରୁଣା ହଳଦିଆ ପୃଷ୍ଠାପରି ବଡ଼ ଜୀବନର ପୋଥି ଭିତରୁ, ନୂଆ ପୃଷ୍ଠା ଖୋଲେ । କେବେ ନୂଆ ଅନୁଭୂତି ପୁରୁଣାର ସାଦୃଶ୍ୟ ଆଣେ, ସେହି ବେଳା, ସେହି ସନ୍ଧ୍ୟା ଦୃଶ୍ୟ, ମନରେ ସେହି ଭାବ, ସତେ ଅବା ଗୋଟାଛୁଏଁ ସେହି । କିଛି ବେଳ ଅତୀତରେ କଟାଇ ହଠାତ୍ ସେହି ମଇଳା ପତ୍ର ପୁଣି ଆଖି ଆଗରେ ମୋଡ଼ି ମୋଡ଼ି ହୋଇ ଗୁଣ୍ଡାହୋଇ ଝଡ଼ିପଡ଼େ । ବିକଳ ଅନୁଶୋଚନାର

Digitized by srujanika@gmail.com

ବ୍ୟର୍ଥ ଦୀର୍ଘଶ୍ୱାସ,—ଝୁପୁକେଇବାର ଶକ୍ତି ତାର ନାହିଁ, ଖାଲି ସ୍ପନ୍ଦନର ତର୍ପଣ । ଯେତେ ଝୁରିଲେ ବି ଅବିକଳ ପ୍ରତିଫଳେ ନାହିଁ ସ୍ପନ୍ଦ, ମଝିରେ ଘନ ସମୟର ସ୍ରୋତ ।

ଆପଣା ମଟର ଗାଡ଼ିର ନରମା ପଛ ସିଟ୍‌ରେ ସୁଖରେ ଆଉଜି ବସି ସରୋଜିନୀ ଭାବୁଥାଏ । ଆଗରେ ଡ୍ରାଇଭର ପାଖେ ବଳିଦାଉ । ଗାଡ଼ିର କାଇଦା କଦର ଅନୁଭବ କରିବାକୁ ତାର ଉଚ୍ଛୁଳା କୁତୂହଳ, ବାରମ୍ବାର ଡ୍ରାଇଭରକୁ ଜେରା କରି ଚାଲିଛି । ସେ ଭାବେ ନିଜେ ଡ୍ରାଇଭ୍ କରି ଶିଖିବ ।

ଏ ମିଷ୍ଟର୍ ଶର୍ମାଙ୍କ ଗାଡ଼ି । ଶର୍ମା ମଲେ, ଦେଶରୁ ତାଙ୍କର କିଏ ଲୋକ ଆସିଥିଲେ, ଅତି ଶସ୍ତାରେ ବିକି ଦେଇଗଲେ ତାଙ୍କର ସବୁ ଜିନିଷ । ବଳିଦାଉ ଗାଡ଼ିଟିଏ କିଣିନେଲା ।

“ବୁଝିଲୁ ସରୋଜ୍, ଖୋଜୁଥିଲି ରଣଜିତ୍‌ବାବୁଙ୍କ ଗାଡ଼ି ପରି ଗାଡ଼ି, ହେଇ ନିଅ ତା'ଠୁଁ ଭଲ. ନିଜେ ମିଷ୍ଟର୍ ଶର୍ମାଙ୍କ ଗାଡ଼ି । ଆହା, ବିଚରାର କି ସଉକ ଥିଲା ! କିଏ କିଣେ,—ପୁଣି ଭୋଗକରୁଏ କାହାକୁ ? ଏଇ ତ ଦୁନିଆଁର ରୀତି । ଯା ହଉ ମୋ ହାତରେ ପଡ଼ିଲା, ଶର୍ମା ଥିଲେ ବି ଖୁସି ହୋଇଥାନ୍ତେ । ନ ହେଲେ ଅଉ କିଏ ବି ତ ନେଇ ପାରିଥାନ୍ତେ ! ଗାଡ଼ି ସହିତ ଆସିଥିଲେ ଜଣେ ପଶ୍ଚିମା କାନ୍ତ୍ରବ୍ଟି ଭଦ୍ରଲୋକ, କହିଲେ—‘ଠିକ୍ ହାୟ ! ଠିକ୍ ହାୟ ! ଆପଣଂକର୍ ମନ୍ ତ ମାନିଛି, ଦେବୀଜୀଙ୍କର ମନ୍ ମାନିଲେ ଜାଣିବି ମୋର ଶ୍ରମ୍ ସାର୍ଥକ ହେଲା । କୁଲ୍ ଗ୍ୟାରହ୍ ହଜାର୍ ରୁପିୟା । ଥୋଡ଼ା କମ୍ ପଡ଼ିଲା ?”

ସେହି ତାର ‘ଆପଣା’ର ମଟରଗାଡ଼ି । ଆପଣାର ! କାହାର ସେ ? ଶର୍ମା—ସେ ତ ଗଲେଣି । ବଳିଦାଉ,—ସେ ତ ଟଙ୍କା ଦେଇନାହିଁ । ଟଙ୍କା ଯେ ଦେଲେ,--ଶୋକ କରୁଥିଲେ,—“କୁଲ୍ ଗ୍ୟାରହ୍ ହଜାର୍ ରୁପିୟା—” ଆଉ ତାଙ୍କ ସଙ୍ଗେ ଦେଖାହେବ କି ନାହିଁ ଜଣାନାହିଁ, କାରଣ ବଳିଦାଉ ବଦଳିରେ ଚାଲିଛି । ଗାଡ଼ି ଯେ ବ୍ୟବହାର କରୁଛି ଟାଡ଼ି ତାର, ଗାଡ଼ି ତାର ଆପଣାର ।

ସବୁ ସେମିତି ଅଛି । ଏଇ ଗାଡ଼ି । ଏଇ ସିଧା ରାସ୍ତା, ଲମ୍ବା ରାସ୍ତା ଦି ପାଖେ ଧାଡ଼ି ଧାଡ଼ି ପୁରୁଣା ଗଛ । ଏଇ ସେହି ଛୁଇଁନେଉଁଟା ବେଳ ଯେତେବେଳେ ପ୍ରାଣୀମାନେ ଘରବାହୁଡ଼ା ମନ ଧାରେ, ବସା ଧରିବାକୁ ପକ୍ଷୀର ମନ ବାଉଳା ଧରେ । ସାମ୍ନାର ଦୃଶ୍ୟ ଦେଖି ଆଗରେ କଣ ଅଛି ସେ ଅନୁମାନ କରିପାରୁଛି । କିଛି ଦୂରରେ କୁମ୍ପାନୀର ଗୋଟିଏ କରତ କଳର ଯାନ ଡିପୋ, କରଛଡ଼ା ହୋଇ ବଣ ମଝିରେ କୁମ୍ପାନୀର ବଙ୍ଗଳା ଘରଟିଏ, ରାସ୍ତାକୁ ଲାଗିଛି ତାର ହତା । ଅନୁମାନ କରିହୁଏ ତାର ଭିତର ପଣୁ ପଣୁ ବାଟ ଦି ପାଖରେ କଲମୀ ଗଜା ଆମ୍ବଗଛ ବୁଢ଼ା ବୁଢ଼ା,

Digitized by srujanika@gmail.com

ତାପରେ ଗୋଲାପ ବଣ, ଅର୍ଦ୍ଧାଉଜଳିଆ ହୋଇ ବଢ଼ିଉଠି ଲେଟିଯାଇଛି । ଅନର୍ଯାପ୍ ଫଲ୍ । ଖବ୍ରୁ ଖବ୍ରୁ ଗୁଳଗଲଣି ସେ ବଙ୍ଗଳା, ଜଣ୍ଟପ୍ସ ପଛରେ ଗହ୍ଲଣୀ, ଦୀର୍ଘଶ୍ୱାସ ପକାଇ ସଙ୍ଗୋଳ ବ ହେଲ୍ଲନାହିଁ । ଏକା ମଟ୍ଟକେ ଶାଳଗଛର ମୁଣ୍ଡି ଦିଶୁଛି, ବାଁ କରକୁ ଅଧେ ଖୋଲା ହୋଇ ଟ୍ରେଞ୍ଚ ପାହାଡ଼ ଖଣ୍ଡେ । କଏ କହୁଥିଲା ଏତକବେଳେ ସେଠି ଖଲୁ ବାହାରେ, ଗୁଡ଼ ଗୁଡ଼କା ଥୁଣ୍ଟା ଜଙ୍ଗଲ ଭିତରେ ଏଠି ସେଠି ଖଣ୍ଡେ ଖଣ୍ଡେ କଳାପଥର ଦେଖି ଦେଖି ସରୋଜନୀ ବାରମ୍ବାର ପଚ୍ଛରେ,— "ହେଇ ଦୂରରେ,—ସେଇଟା କଣ ଖଲୁ ?"

"କାହିଁ ?" ନଇଁପଡ଼େ ବେକ, ଦେହ ଉପରେ ତତଲ ନିଶ୍ୱାସ । କାହାର ? କାହିଁ କଏ ?

ଏହା ପରେ ପଥରଚଢ଼ା ଡ଼ାପୋ । କୁଲବସ୍ତିଠୁଁ ଦୂରରେ ପାହାଡ଼ ତଳେ ଟ୍ରେଞ୍ଚ ବଙ୍ଗଳା ଘରଟି । ପଛଆଡ଼େ ପାଣିର ଗଣ୍ଡ, କୂଦ ଉପରେ ହୁଙ୍କି ଳ ଗଛରେ କେଉଁ ବଣୁଆଁ ଦେବତା । ଗଛରେ ବନ୍ଧା ହୋଇଛି ଖଣ୍ଡେ ଗୋଟା ବାଉଁଶ, ତା ଅଗରେ ଧଳା ପତାକା, ଗ୍ରସ୍ତାରୁ ସେ ଦିଶେ । ଜାଗାର ତତ୍ତ୍ୱ ! ବଙ୍ଗଳା ପଛଆଡ଼େ ପାଣି ଗଣ୍ଡ ଉପରେ ଉଞ୍ଚ ପଥର, ବଉଳ ଗଛର ଗ୍ଧାଇତଳେ ପଥର ଉପରେ ବସିଲେ ପାଣି ଗଣ୍ଡରେ ସୂର୍ଯାସ୍ତର ଶୋଭା ଦିଶେ ସୁନ୍ଦର, ମାଛମାନଙ୍କର ଖେଳ ଦେଖିହୁଏ ।

ଗୋଟାଏ କଥାରୁ ଆଉ ଗୋଟାଏ କଥା ମନେପଡ଼େ । ଗଢ଼ି ହୋଇଆସେ ପୁରୁଣା ମାସୋବ ସ୍ମୃତ, ଫୁଟିଉଠେ ଫୁଲପଣ, ତା'ପରେ ଆଉ ନାହିଁ । ଖଲୁମଣି ଖେଳ । ସେ ସରିଛି ।

ଶମ୍ପୀ ନାହିଁ, ରଣଜିତ୍‌ବାବୁ ଗଲେଣି, ଜୀବନରେ ଆଇ ବ ନଥିଲା ପର, ସଂସାରରେ ଏତେ ଲୋକ, ସମସ୍ତେ ସମସ୍ତଙ୍କପାଇଁ ଜାଥନ୍ତା ନୁହନ୍ତି । ଗ୍ରସ୍ତାଧୂଳି ସଙ୍ଗେ ମୁଣ୍ଡ ମିଶିଯାଏ ଘଡ଼ି-ଘଡ଼ିକର ଯେତେ ପଣଚସ୍ତର, ତହିଁର ଜଣଜଣ ଅସଂଖ୍ୟ ଲୋକ, ଯଡ଼ିକର ଅଗଣିତ ଧୂଳିକଣା, ବାକି ହୁଏ ନାହିଁ । ଆଉ ଜୀବନର ବଶିଷ୍ଟ ଅନୁଭୂତିର ପର୍ଯାୟ ଯେତେ, କେତେବେଳେ କେଉଁ ସମ୍ପର୍କରେ କେଉଁ ଭାବରେ କ ରଙ୍ଗ ଘେନଥିଲା ଧାନଗାଡର ଜୀବନ,—ସେ ବି ସତେ ଭୁଲିହୁଏ ବାଟକରର ଏହି ଗୋଟା ଗୋଟା ବଙ୍ଗଳା ଘର ପର । ଜୀବନର ଥାକ,—ବାଟକରର ଚଟିଘର, ସେହି ଘର ଥିବ, ବାଟୋଇ ଆସୁଥିବେ, ଯେ ଯାଇଛି ସେ ଯାଇଛି ।

ସଞ୍ଜ ପାଖେଇ ଆସୁଛି, ତହିଁ ସ୍ଥାନର ସଙ୍କେତ ନଇନଇ ବଦାଇ ନେଉଛି, କେତଣିକ ଅମୁହାଁ ଅନ୍ଧାର, ମନର କୁଟିଛି । ସରୋଜନୀର ଦୁଃଖର ଭାବନା ପୁଞ୍ଜୀଭୂତ ହେଲା ଶେଷ ପ୍ରତିଶୋଧପାଇଁ, ମାଡ଼ ବସିଥିବା ଅନୁଶୋଚନାର ହାହାକାର ବଗୁଲରେ ଏ ଯେପରିକ ତାର ଜୀବୀ-ବ୍ୟକ୍ତିତ୍ୱର ପ୍ରତିକ୍ରିୟା । କଏ କହିଲା ସବୁ ସରିଯାଇଛି ?

Digitized by srujanika@gmail.com

ତାର ଦେହ ଅଛି, ସ୍ୱାସ୍ଥ୍ୟ ଅଛି, ପ୍ରାଣର ପ୍ରାଚୁର୍ଯ୍ୟ ଅଛି, ସବୁର ଉପରେ ଅଛି ଜୀବନ ସହିତ ତାର ସମ୍ବନ୍ଧର ଡୋରି,—ତାର ଜନ୍ମ ନ ହୋଇଥିବା ସନ୍ତାନ। ସେହି ସେ,—ଯେ ଅନହୁତ ଚଞ୍ଚଳ କରି ପକାଏ, ଅବଶ୍ୟ ଉଦାସପଣ ଖଞ୍ଜି ମନ ଭିତରେ ଭୁହାଏ ନାନାଜାତି କାମନାର ଲହଡ଼ି, କାମନା ପରିତୃପ୍ତି ପାଏ କଳ୍ପନାରେ।

ଅନ୍ଧାର ସହିତ ଆପଣା ଉପରେ ଅଜାଡ଼ି ହୋଇ ପଡ଼ୁଛି ସେହି କାମନାର ଜ୍ୱାଳା, ମାଂସାଶୀ ଜନ୍ତୁର ଦୃଷ୍ଟିପରି ଜଳଉଠୁଛି ତାର ଗୃହିଣୀ। ଶମୀ ଯାଇଛି, ଅଥଚ ଏହି ରହିଛି ତାର ମଟର ଗାଡ଼ି ସରୋଜିନୀ ପାଇଁ। ଶମୀ ଯାଇଛି, ସେ ନିଜେ ତ ଅଛି। ଭୋଗର ଉପକରଣ ଏହି ସାରା ଦୁନିଆ ଅଥଚ ଭୋଗ ଦକ୍ଷତା କେବଳ ନିଜଠି, ତେଣୁ ଶମୀ ଯାଉ, ରଣଜିତ୍ ଯାଉ, ନମିତର ଇନ୍ଧନ ଯୋଗ ବସୁଧା ପୂର୍ତ୍ତି-ଥିବ ସବୁବେଳେ, ଯେତେ କାଳ ନିଜେ ସେ ଥିବ ଅଗ୍ନିସମ।

ତତଲ ଭୂଇଁ ପରି ସବୁ ସେ ଶୋଷି ନେବାକୁ ଚାହେଁ: ଅପରନ୍ତୁ ମାତୃରୂପା ନାରୀର ଶୋଷ,—ଥରେ ଚେଇଁଲେ। ଶୋଷି ନେବାକୁ ଚାହେଁ; କିନ୍ତୁ କାହାକୁ? ଅନ୍ଧାରୀ ରାସ୍ତାରେ ସାଇଁ ସାଇଁ ଛୁଟିଛି ମଟର। ଆଲୁଅରେ ଯେତେ ବାଟ ଖୋଲୁଛି ସେତେ ବାଟ ସରୁଛି। ତଥାପି ସାମ୍ନାରେ ପଡ଼ିଛି ଖୋଲା ରାସ୍ତା।

ତତଲ ଦେହରେ ଖର ନିଃଶ୍ୱାସ ଖେଳାଇ ସରୋଜିନୀ ଭାବନାକୁ କେନ୍ଦ୍ରୀ-ଭୂତ କଲା। ଚାଲିଛି ସେହି ପୁରୁଣା ସହରକୁ। ଦିଶିଯାଏ ପୂର୍ବର ଫ୍ଲେଟ ବସାଘର, ସାମ୍ନାରେ ସେ, ଯେ ଥିଲା କଲେଜ ଛାତ୍ର,—କସରତ୍ କରୁଥିଲା, ବଂଶୀ ବଜାଉଥିଲା। କେତେବେଳେ କିଏ ଆସି ଡାକେ। ଆଉ ଦିଶିଯାନ୍ତି ଜଣେ,—ଥାଳଧରା ବାର-ଦୁଆର ଭାଟ,—ଉପରିକ ମହାପାତ୍ର। ଯେତେବେଳେ ଯେ ଖାଲି ଦେଖିଥିଲା, ମନର କବାଟ ଥରିଥିଲା, କିନ୍ତୁ ଖୋଲିନାହିଁ, ଚନ୍ଦନ ମନରେ ସୂଚନାର ବ୍ୟାଖ୍ୟା ଅତି ବାସ୍ତବ ହୋଇ ବାଜିନାହିଁ ସହଜ ସ୍ପର୍ଶ କରିଥିଲା। ଅତୀତର ଘଟଣାକୁ ଆଜିକାର ନୂଆ ଆଖିରେ ଚାହିଁ ସେଥିରେ ସେ ସ୍ପଷ୍ଟ ଉଦ୍ଦେଶ୍ୟ ଦେଖିପାରୁଛି, କୁହୁକ ପାଉଛି ଅତୀତ ପାଇଁ।

ପୁଣି ଲେଉଟୁଛି ସେହି ସହରକୁ, କିନ୍ତୁ ଭିନ୍ନ ପରିସ୍ଥିତି। ଯାହା ଯାଇଛି, ତାହା ଯାଇଛି। ତାର ସୂଚନା ଅଛି, ସେ ନିଜେ ଅଛି। ହୁଏତ ଭବିଷ୍ୟତରେ,—

ରାତି ପ୍ରାୟ ଦଶଟା। ସହରର ଆଲୁଅ ସବୁ ଚଳନ୍ତା ମଟର ଆଡ଼କୁ ଧାଇଁ ଆସୁଛି ସତେ କି ବେକରେ ଲମ୍ବେଇଦେବ ଆଲୁଅର ମାଳ। ବଳୀଦତ୍ତ କୁହାଟ ଛାଡ଼ିଲା—"ଶୋଇଛ କି ସରୋଜ୍?"

"ନା—"

"ଉଠିଲଣି ତେବେ? ରାସ୍ତାଯାକ ଖାଲି ଚୁପ୍‌ଚାପ୍, ଖୁବ୍ ଭଲ ବିଶ୍ରାମ ହୋଇଥିବ, ନୁହେଁ? ଭଲ, ବିଶ୍ରାମ କର ମନଇଚ୍ଛା, ଡାକ୍ତର କହୁଛି। ତୁମ

Digitized by srujanika@gmail.com

ଦେହର ଯାହା ଅବସ୍ଥା, ତହିଁରେ ଦୂର ବାଟ । ଯାହା ହଉ ନୂଆ ମଟର କାମ ଦେଲା ଯୁଦ୍ଧବେଳୁ । ଲୋକେ କହନ୍ତି, ଏ ମଟରରେ ପାଣି ଟିକିଏ ଥୋଇଦେଲେ ଅଦୌ ଟହଳିବ ନାହିଁ, ଏମିତି ହାର ଟଣା । ନା କଣ ? ତୁମକୁ କେମିତି ଲାଗିଲା ? ବସା ତ ପାଖ ହେଲା, ଅଉ କଣ ?"

ଏହି ଦିଶିଯାଉଛି, ପୁଣି ସେହି ଟିହା କୋଠା ସବୁ । ବଳୀଦଉର ଅଫିସ୍ । ତା'ପରେ ଟାଁ ପାଟକି ଦରୁ ରାସ୍ତା । ତାର ଦୁଇପାଖେ ଘର । ତାହାର ପ୍ରାୟ ଶେଷ ଅଡ଼କୁ ବଳୀଦଉର ଅଗ ବସା । ତାର ଦୁଆରେ କମଳା ଗଛ, ଅମୃତଭଣ୍ଡା ଗଛ, କଣ୍ଟକିଆ ହୋଇ ଗ୍ରେଷଘର, ବୋହୁ ସର୍ବେଶ୍ୱରଙ୍କର କର୍ମସ୍ଥଳ । ପୁରୁଣା ପୋଷ୍ଟର ଦଳୁଆ ଓଦା ଚାନ୍ଦା ଦଶ ଅପଣା ଉପରେ ମାଡ଼ି ମାଡ଼ି ପଡ଼େ ସେହି ପୁରୁଣା ଜୀବନର ଶାନ୍ତି ।

ଆଖି ବୁଜି ହୋଇଯାଏ ।

ଗୋଜାଡର ନିଷ୍ଠୁର ଜୀବନ,—ଅଖିଜଳକା ନୁହେଁ ସତ, ସେଠି ନ ଥିଲା ଚନ୍ଦ୍ରର ଅବେଶ୍ଣା ଅଭ୍ୟାଶ ନୃଷ୍ଟି କର ତାହାର ପଛେ ପଛେ ଲୋକଂ ଦଖାଣି ହୋଇ ଉଦ୍ଦୁନ୍ଦା ହୋଇ ଧାଇଁବା, ନ ଥିଲ ତ ଅନେକ କଥା, କିନ୍ତୁ ସେ ବୁଝି ଥିଲ । ଗାଡ଼ି ବାଙ୍କ ନେଉଛି । ସର୍ବେଶ୍ୱର ଗୁହିଁ ଦେଲ । ବାରେ ସେ ଟହ୍ଲା ରାସ୍ତା, ପଛକୁ ଅନେଇଁ ସର୍ବେଶ୍ୱରୀ ଚକ୍କାର କଲ—

"ହ୍ୟାଡ଼େ କୁଆଡ଼େ ? ବାଟ ଭୁଲ୍ ହେଲ ଯେ ? ହେଇ ଡ୍ରାଇଭର, ବାଁ'ରେ ରାସ୍ତା, ପଛରେ ରହିଗଲ ।"

ଗାଡ଼ି ମାଡ଼ି ଗୁଲିଲଣି । ହୋ ହୋ ହସି ବଳୀଦଉ ଉତ୍ତର ଦେଲ—"ଠିକ୍ ଅଛି ଠିକ୍ ଅଛି । ହୋଃ ହୋଃ-ସର୍ବେଶ, ପୁଣି ଫେରିଯିବା ସେହି ସଂକୀର୍ଣ୍ଣ ରାସ୍ତା ଭିତରକୁ ? ଭୁଲିଯାଉଛନ୍ତି ଯେ ତୁମେ କିଏ ! ହେଇ ଆଗରେ ତ ବଡ଼-ସାହେବର କୋଠି, ଅମର କୋଠି, ଆମେ ଅମର ଲକ୍ଷ୍ୟସ୍ଥଳରେ ପହଞ୍ଚିଲୁ । ହେଇ ତ' ଘର, କେଣେ କୁଆଡ଼େ ଯାଇଥାନ୍ତେ ?"

ସର୍ବେଶ୍ୱରର ଦେହରେ ଚମକ୍ ଖେଳିଲା । ସତେ ତ, ତାର ଶ୍ରେଣୀ ବଦଳିଛି । ସିଧା ହୋଇ ବସି କଠୋର କର୍ତ୍ତୃତ୍ୱମୟ ଦୃଷ୍ଟିରେ ସେ ସାମ୍ନାକୁ ଗୁହିଁଲା ହତାର ବଡ଼ ଫାଟକ ଆଡ଼କୁ ।

Digitized by srujanika@gmail.com

ଅଫିସ କୋଠା କରକୁ ଲଗେ ଛୋଟ ବଗିଚା, ବିଶେଷ ସମ୍ବନ୍ଧିତ ନୁହେଁ, କିନ୍ତୁ ସେ କମ୍ପାନୀର ବଡ଼ ଅଫିସ୍‌ର ଆଭିଜାତ୍ୟର ଚିହ୍ନ । ସେଠି ପଥରର ଆସନ ଅଛି ବସିବାକୁ, ବୁଲିବାକୁ ମଟାଳର ରାସ୍ତା ଅଛି । ଯେ ଚାହେଁ ସେ ବୁଲି ବୁଲି ଧୂଳି ଖାଇପାରେ, କାରଣ ବଗିଚାର ପେଟେଉଥିବା କଣ୍ଟାବାଡ଼ ସେପାଖେ ଗାଡ଼ି ରହିବା ଜାଗାକୁ ରାସ୍ତା, ସବୁ ଗାଡ଼ି ସେହି ବାଟେ ଯାଏ । ଯାହାର ବେଳଥିବ ସେ ବୁଲି ବୁଲି ବଗିଚା ଦେଖିପାରେ, ସରୁ ରାସ୍ତାର ଜାଲ ମଝିରେ ପଟିପଟିକା ଦରହମଲି ଘାସ, ପଟିଏ ଗୋଲ ତ ପଟିଏ ତ୍ରିଭୁଜାକୃତି, ପଟିଏ ଚଉଡ଼ା ତ ପଟିଏ ପାନପରି, ସ୍ଥାନେ ସ୍ଥାନେ,—ଯେଉଁଠି ଅବୟବ ଅସ୍ପଷ୍ଟ,—ମାଳିର ସାହାଯ୍ୟ ନେଲେ ସେ ବୁଝେଇଦେଇ ପାରିବ,—ଏ ମୟୂରପରି କଟା ହୋଇଛି, ଏ ହାତୀ ପରି । ସ୍ଥାନେ ସ୍ଥାନେ କୁଣ୍ଡରେ ନର୍ଜବା ଗଛ କିଛି, ଏଠି ସେଠି କିଛି ଋତୁର ଫୁଲ, ଭଲ ଫୁଟେ ନାହିଁ, ଏକପର୍ସ୍ତିଆ ଟଗର କେତେ ବୁଦା, କିଛି ନାଲି କନିଅର, ପତ୍ରବହୁଳ ମନ୍ଦାର, ବାଡ଼କଡ଼ରେ କ୍ୟାନା,—ଅଧେ ଅଧେ ଶୁଖିଲା ପତ୍ର ଉପରେ ଗୋଲ ଗୋଲ ଫଳ ଧରି ଧରି ଥୋଡ଼ ଉଠିଥାଏ । ସ୍ଥାନେ ସ୍ଥାନେ ମଲ୍ଲିଗଛର ଥୁଣ୍ଟା ଦିଶି-ପାରେ । ମାଳି ବୁଝେଇଦିଏ,—ଏଠିକି ପାଣି ଆଣିବା କଷ୍ଟ, ବହୁତ ଦୂରରୁ ବୋହିବାକୁ ହୁଏ, ତା ଛଡ଼ା ବାବୁମାନଙ୍କ ଅନାସ୍ଥାଭାବ, କମ୍ପାନୀର ଏତେ ଟଙ୍କା ଏତେ ଆଡ଼େ ସରୁଛି, ଅଥଚ ଏଠି ଖର୍ଚ୍ଚ କଲାବେଳକୁ— । ତାଛଡ଼ା ଛେଳି, ମାଳି ତାର ପ୍ରମାଣ ଦେଖାଏ, କଣ୍ଟାବାଡ଼ ମଝିରେ ଗୋଦା ମେଲା ହୋଇଛି, ସେଠି ମାଳି ଗେଞ୍ଜିଛି ଶୁଖିଲା ଝାଟି କିଛି କିଛି । ମାଳି କହେ ସେ ଝୁଣ୍ଟିଆର ବି ଶତ୍ରୁ ଅଛନ୍ତି, ନଛୁଟିଆବେଳେ ଟୋକେଇ ଧରି ଜାଳି ସଂଗ୍ରହ କରିବାକୁ ଥୋଡ଼ାଏ ଟୋକା ବୁଲନ୍ତି । ଏହି ବଗିଚା,—ସେଥିରେ ଗୋଟିଏ ବଡ଼ କାଠ ଫାଟକ, ତାଲା ପଡ଼େ ।

ବଗିଚାର ପରିକଳ୍ପନାର ଉଦ୍ଦେଶ୍ୟ ଥିଲା ଯେ କାର୍ଯ୍ୟବ୍ୟସ୍ତ କର୍ମଚାରୀମାନେ ଏଠି ବୁଲାବୁଲି ବିଶ୍ରାମ ନେଇ ଆଖି ଓ ମନ ତୃପ୍ତ କରି ନୂଆ ଉତ୍ସାହ ପାଇବେ । କିନ୍ତୁ କାର୍ଯ୍ୟବ୍ୟସ୍ତ କର୍ମଚାରୀମାନଙ୍କୁ ଫୁରସତ୍ ହୁଏନାହିଁ ଆପଣା ଆପଣା ଆସନରୁ ଉଠିବାକୁ । ବଗିଚା ରହିଛି ସେମାନଙ୍କ ପ୍ରତୀକ ପରି, ଅଧା ଜୀଇଲା, ଅଧା ମଲା, ନୁଟୁରା, ଅବର୍ଜ୍ଜ । ।

ନୂଆ ସାହେବଙ୍କ ଅଭିନନ୍ଦନ ଅଭିଷେକ, ବଗିଚାରେ ଟେବ୍‌ଲ ଚୌକି ଭର୍ତ୍ତି, ସମସ୍ତେ ବସିଛନ୍ତି । ବଗିଚାର ପଛଭୂମିରେ କମ୍ପାନୀର ଆଶ୍ରିତ ଦଳ । ଏଠି ବି ଦେ

Digitized by srujanika@gmail.com

ଦେଖି ଆସନ, ବଡ଼ ସାହେବ୍, ତା' ପରେ ତାଠୁ ଛୋଟ, ତାଠୁ ଛୋଟ ହୋଇ ଉପଶକମଣ୍ଡଳୀ, ଦୂରରେ କରାନମାନେ, ତେଣିକି ଚପରାଶି ଧାଡ଼ି ।

ଚାହା ଜଳଖିଆ, ନାନାପ୍ରକାର ଗଳ୍ପ ଟୁପ୍‌ଟାପ୍ । ତା' ପରେ ଅଭିନନ୍ଦନ ଅର୍ପଣ ଓ ଅଭିନନ୍ଦନର ଉତ୍ତର ।

ଏହି ତାର ଫୌଜ,—ବଳୀଦତ୍ତ ଆଖି ବୁଲେଇ ଆଣିଲା,—ଥାକକୁ ଥାକ,—ସମସ୍ତେ ତାର ଅଧସ୍ତନ । କେଡ଼େ ଚଞ୍ଚଳ ସବୁ ବଦଳି ଯାଇଛି, ଦୋ-ଦୋଚିହ୍ନା ଦିଶୁଛନ୍ତି କେତେଜଣ, କେତେ ଜଣ ଅବା ଅଧ ଚିହ୍ନା, ବାକି ସମସ୍ତେ ନୂଆ । ପୁରୁଣା ହେଲେ ବି ସବୁ ନୂଆ, ସେ ଚିହ୍ନା ହେବାକୁ ବ୍ୟସ୍ତ ନୁହେଁ, ସେଥିରେ ଶୃଙ୍ଖଳା ଭାଙ୍ଗିପାରେ । ତେଣୁ ଚିହ୍ନାଲୋକଙ୍କୁ ଚାହିଁ ଚାହିଁ ବି ସେ କଥା କହିଲା ନାହିଁ; କିନ୍ତୁ ମନରେ ଦୁଇ ଧାରା, ପାଖେ ପ୍ରଭୁତ୍ୱର ନୂଆ ଦୃଷ୍ଟିରେ ନୂଆ ଅନୁଭୂତି, ତହିଁରେ ଆଖି ଗାଢ଼େଇ ହୋଇ ଡେରେଇ ହୋଇ ରହେ, ପଷ୍ଟୋର ବୁଝାଏ ମୁଁ ଏଠି ବଡ଼,—ପାଛେ ପୁରୁଣା ସ୍ମୃତି, ହେଇ ସେ ପାଟରେ ଠେଲଠେଲି ଦଳ ଭିତରୁ କେଉଁ ସନ୍ଧରୁ ବାହାରି ପାହାଚେ ପାହାଚେ ସେ ଚଢ଼ି ଚଢ଼ି ଚାଲି ଆସିଛି ଉପରକୁ । ସେମାନେ କଣ ଭାବୁଥିବେ ? ଈର୍ଷା ? ପ୍ରଶଂସା ? କୁତୂହଳ ? ଯେତେ ଦାବିଲେ ସମ୍ଭାଳି ହୋଇ ପାରିଲାନାହିଁ । ହେଇତ,—

"ଏଙ୍କଟ୍‌ରାଓ ?"

"ୟେସ୍ ସାର୍ ।" କେତେ ମିଠା ଶୁଭେ ଚିହ୍ନା ତୁଣ୍ଡରେ 'ସାର୍' ପଦ ! ଏଙ୍କଟ୍‌ରାଓ ଅଧୀନ୍ୟର ଅବତାର । କେମିତି ବଙ୍କେଇ ରହିଛି ତାର ଦେହ, ତଳକୁ ଦୃଷ୍ଟି । ଯା ପରେ କଣ ?

"ଏଙ୍କଟ୍‌ରାଓ ?"

"ୟେସ୍ ସାର୍ !"

"ସବୁ ଭଲ ଚାଲିଛି ତ ?"

"ଆପଣଙ୍କ ଦୟାରୁ ସବୁ ଭଲ ସାର୍ !"

କାହିଁ କିନ୍ତୁ ? ବଳୀଦତ୍ତ ଚାରିଆଡ଼କୁ ତରାଟି ତରାଟି ଚାହିଁ ସାରିଲାଣି କେତେବେଳୁ । ତାର ପୁରୁଣା ସହକର୍ମୀ ବନବିହାରୀ ପଟ୍ଟନାଏକ ଏ ଦଳରେ ଦିଶୁନାହିଁ । ସତ, ବହୁଦିନୁଁ ତାର ସେ ଖବର ରଖିନାହିଁ । ଦଢ଼େଇ କରି ଉପଦେଶ ଦି ପଦ ଦେଇଥିଲା,—"ବନୁ, ଏ ମାର୍ଗ ଛାଡ଼୍,—ନରମ ହ, ଅମାନିଆ ହେଲେ କିଛି ଭଲ ନାହିଁ ।"

ଉପଦେଶ ଦେବ ?

ନା, ସେ ସ୍ତର ଆଉ ନାହିଁ । ବରଂ ଗମ୍ଭୀର ହୋଇ ରହିବ । ଶାସନ କରିବାକୁ ଟାଣ ଟାଣ ଦି ପଦ କହିଦେବ,—"ଏପରି କଲେ ବାଧ ହେବ

Digitized by srujanika@gmail.com

ଅପ୍ରୀତିକର ଆଦେଶ ଜାରି କରିବାକୁ । କଣ କରାଯାଏ । ତୁମମାନେ କାର୍ଯ୍ୟରେ ଶୃଙ୍ଖଳା ତ ରଖିବାକୁ ଦେବ । ଧର ମୋ ପରିବର୍ତ୍ତେ ଅନ୍ୟ କିଏ ଥାଆନ୍ତା, ସେ କଣ କରନ୍ତା ?"

ମନେ ମନେ ବଚନିକା ଉଚ୍ଚାରଣ କରୁ କରୁ କୁଂଚି ହୋଇ ଯାଉଛି ମୁହଁ, ଢୁଲୁଢୁଲୁ କାନ ଆଡ଼କୁ ଟାଙ୍କି ହୋଇଯାଉଛି, ଦାନ୍ତଅଡ଼କୁ ଜଳନ୍ତା ନିଆଁ ପରି ଦୃଷ୍ଟି ଛୁଟିମାରୁଛି । ନା, ସେ ଏତେ ଟିକିଏ କୋହଳ ହେବନାହିଁ । କିଏ ଆସିବେ ପରିଚୟର ସୁବିଧା ନେବାକୁ, କେତେ ଆସିବେ ପେଟ ମୁଣ୍ଡ ଦେଖାଇ କହିବେ ମନକଚାଳିଆ କଥା, ଦରମା ଅଣ୍ଟୁନାହିଁ, କାମ ଭିଡ଼, ଘରେ ଚୁଲିଗୁଳ ନାହିଁ, ସ୍ତ୍ରୀର ହାତ ଖାଲି, ପିଲା ବାଲୁଙ୍ଗା, ତେଣେ ନିଘା ଦେବାକୁ ସମୟ ନାହିଁ । ସେହି ପୁରୁଣା ମନ୍ତ୍ର, ହୁଏତ ଅଧିକାଂଶ ତହିଁରୁ ସତ ।

କିନ୍ତୁ ସେ ନରମ ହେବନାହିଁ । ତାର ଶାସନ ଭିତରୁ ବାଦ୍ ଯିବନାହିଁ କିନ୍ତୁ, ସେ ଯେତେ ଚହଲା ହେଉ । ହେଇ ପ୍ରଥମ ଶୀଳ ସେ ଭଙ୍ଗକରି ସାରିଲାଣି, କାହିଁ ଦେଖାପଡ଼ନ୍ତା, ସୁଖ ଦୁଃଖ ପଚାରନ୍ତା, ଅଭିନନ୍ଦନ ଜଣାନ୍ତା, ନା ତାର ଆଦୌ ଛୁଇଁ ପଡ଼ୁନାହିଁ । ନିଶ୍ଚୟ ସେ କେଉଁଠି ବଡ଼ ଶୋଷି ଶୋଷି ଗୋଟାଏ ବିଦ୍ରୋହର ବକ୍ତୃତା ଝାଡ଼ୁଥିବ । ଚୁଚ୍ଛା ଧୂଆଁର ବାଣ, ଅଥଚ ସେହି ତାର ପ୍ରିୟ । ପ୍ରଚାରର ଫଳରେ ହେଲେ ଏହି ଧୂଆଁବାଣ ନିଆଁବାଣ ହୋଇପାରେ—ବଳୀବର୍ଦ୍ଧ ଚମ୍ବୀର ହୋଇ ହେଲେ । କେଉଁଠି ସାମାନ୍ୟ ନିଆଁ ଅଗ୍ରଏ, ତା ପରେ ତା ବ୍ୟାପି-ଯିବ, ତୁମମାନଙ୍କର କୋଟି କୋଟି ଟଙ୍କାର ଛତି, ଅତଏବ ସାବଧାନ ହେବା ବୁଦ୍ଧିମାନର କାର୍ଯ୍ୟ, —ଅତଏବ— ।

ଲମ୍ବିଯାଉଛି ଫୁଲମାଳ । ଶୁଭୁଛି ବକ୍ତୃତା ଏହି । ପ୍ରସନ୍ନ ହସ ହସିବାକୁ ହେବ । ମନେ ପଡ଼ୁଛି, ସମ୍ବର୍ଦ୍ଧନା ଅସିଥାନ୍ତା । ଅସିବା ଉଚିତ ଥିଲା । ସେ ଏସବୁ ସାମାଜିକ ଅନୁଷ୍ଠାନକୁ ପାରେ ଭଲ । ତା'ର ମୁହଁରେ ମୋହିନୀ ଅଛି । ଖବଲେ ଆପେ ସ୍ମିତହାସ୍ୟ ଅଙ୍କି ହୋଇଯାଉଛି । ଶୁଭୁଛି ଅଭିନନ୍ଦନ, ଏ ଐତିହାସିକ,—

"ଆପଣଙ୍କର ହୃଦ୍ୟବତ୍ତା, ଆପଣଙ୍କର ବଳିଷ୍ଠ ମାନବିକତା, ଅଧସ୍ତନମାନଙ୍କ ପ୍ରତି ଆପଣଙ୍କର ଗଭୀର ସ୍ନେହସହାନୁଭୂତି କାହାର ଅବିଦିତ ନୁହେ । ପୁଣି ଆପଣଙ୍କ କର୍ମକଠୋରତା, ଆପଣଙ୍କର ଧୁରନ୍ଧର କାର୍ଯ୍ୟଦକ୍ଷତା, ତୀକ୍ଷ୍ଣ ବୁଦ୍ଧି ଓ ଉଦାର ଦୂରଦର୍ଶୀ ବିବେଚନା ଆପଣଙ୍କ ପ୍ରତି ତୁମମାନଙ୍କର ବିଶ୍ୱାସ ଯଥାର୍ଥ ଆକର୍ଷଣ କରିଛି । ଆପଣଙ୍କ ପରି ଏକାଧାରରେ ସୁଯୋଗ୍ୟ ଓ ହୃଦୟ ଉପରିକ ପୁରୁଜନ୍ମର ସୁକୃତିରୁ ଆମ୍ଭମାନଙ୍କୁ ମିଳିଛି । ଅତଏବ—"

ଏତେ ଗୁଣ ତା'ଠି !

Digitized by srujanika@gmail.com

ନିଜେ ଭାବିଲେ ବିସ୍ମିତ ଲାଗେ ।

କାଲିପରି ଲାଗୁଛି, ଏଇ ଥିଲା ତାର କର୍ମସ୍ଥଳ, କେହି ପଚାରୁ ନ ଥିଲେ ।

କିନ୍ତୁ ଆତ୍ମବିଶ୍ୱାସ ଆସୁଛି, ଯେତେବେଳେ ବି ତ ସେ ସହକର୍ମୀଙ୍କୁ କହୁଥିଲା,—

"ତୁମେ ଦେଖିବ, ଯେମାନେ ଚାହିଁବେ ଯେତେବେଳେ, ଗୁଣ ଲୁଚେ ନାହିଁ, ସାଧନା ବୃଥା ଯାଏନାହିଁ ।"

ଆଜି ସେମାନେ ତାକୁ ଚାହିଁଛନ୍ତି, ପ୍ରତିଷ୍ଠିତ ତାର ଦାନାପାଣିର ଆସନ, କେବଳ ନିଜପାଇଁ ନୁହେଁ, ଆସୁଛି ଯେଉଁ ବଂଶଧର ତାପାଇଁ ଏବଂ ଅନାଗତ ସନ୍ତତି-ମାନଙ୍କ ପାଇଁ । ସେ ବଂଶ ପ୍ରତିଷ୍ଠା କରିପାରିଛି ।

ବଳୀଦତ୍ତ ବକ୍ତୃତା ଦେବାକୁ ଠିଆହେଲା । ସମସ୍ତେ ସମ୍ଭ୍ରମରେ ଚାହିଁ ରହିଛନ୍ତି । ଯେ ନିଜେ ଅନୁଭବ କରୁଛି ସେ ବଡ଼ । ମନ ଫୁଲି ଉଠୁଛି । ନିଜକୁ ବଡ଼ ବୋଲି ଭାବି ପାରିଲେ କେତେ ସହଜେ ଆସେ ମୁଣ୍ଡରେ ଭାଷା । ସେ କଥା କହୁନାହିଁ, ତା ଭିତରୁ ଆଉ କିଏ କଥା କହୁଛି । ସମସ୍ତେ ଶୁଣୁଛନ୍ତି । କେତେଜଣ ଲେଖିନେଉଛନ୍ତି ।

ପରିଶେଷରେ ମୁଁ ଆପଣମାନଙ୍କୁ କିଛି ଉପଦେଶ ଦେବି । ଧର୍ମ କଣ ? ସେ ଖାଲି ଠାକୁର ପୂଜା ନୁହେଁ । କର୍ତ୍ତବ୍ୟ ପାଳିବାହିଁ ଅସଲ ଧର୍ମ । କର୍ତ୍ତବ୍ୟ କଣ ? କର୍ତ୍ତବ୍ୟ କେତେଗୁଡ଼ିଏ ଦାୟିତ୍ୱର ସମଷ୍ଟି । ନିଜ ପ୍ରତି । ଈଶ୍ୱରଙ୍କ ପ୍ରତି ସବୁଠୁ ବଡ଼, ଯେ ଆମ୍ଭମାନଙ୍କର ଅନ୍ନଦାତା ତା ପ୍ରତି । ଅର୍ଥାତ୍ ଆପଣାର କାମ କାର୍ଯ୍ୟ ପ୍ରତି ।

"ପଦେ ପଦେ କେତେବେଳେ ଦୁଇ ଅଥବା ତିନି କର୍ତ୍ତବ୍ୟ ଭିତରେ ବିରୁଦ୍ଧକର ବିବାଦ ଉଠୁଥିବ, ଆପଣମାନେ ବଡ଼ ବଡ଼ କର୍ତ୍ତବ୍ୟକୁ ପ୍ରଥମ ସ୍ଥାନ ଦେଉଥିଲେ ଆଉ ମନରେ ସନ୍ଦେହ ରହିବନାହିଁ । ବିବେକ ସଫା ଥିବ । ଦୁର୍ବଳତା ଆସିବ ନାହିଁ । କର୍ତ୍ତବ୍ୟ ତୁଳାଇବାକୁ ତ୍ୟାଗ ଦେବାକୁ ପଡ଼ିବ, ଯେପରିକି ପୂଜାରେ ବଳି; କିନ୍ତୁ ସେଇ ତ୍ୟାଗହିଁ ତ ଆନନ୍ଦ । କାର୍ଯ୍ୟହିଁ ବିଶ୍ରାମ । ଆଳସ୍ୟ ବ୍ୟାଧି, ବିଶ୍ରାମ ନୁହେଁ ।

ମୁଁ ଦେଖିଛି, ଯେତେବେଳେ ମୁଁ ଫାଇଲ ଭିତରେ ବୁଡ଼ି ରହିଥାଏଁ, ସେତେବେଳେ ମୁଁ ପାଏଁ ଚରମ ଆନନ୍ଦ । କାରଣ ଆପଣମାନେ ଜାଣନ୍ତି କାର୍ଯ୍ୟରେ ସିନା ଜୀବନକୁ ଅନୁଭବ କରିହୁଏ, ନିଦ୍ରାରେ ଜୀବନକୁ ଅନୁଭବ କରି ହୁଏନାହିଁ । ଅବଶ୍ୟ ସମସ୍ତଙ୍କ ମତ ସମାନ ହୋଇ ନପାରେ, କିନ୍ତୁ ମୁଁ କହିଲି ମୋ' ମତ, ଆପଣମାନେ ଭାବି ଦେଖିବେ—"

Digitized by srujanika@gmail.com

ଘନ ଘନ କରତାଳରେ ତା'ର ବକ୍ତୃତା ଶେଷକଲାବେଳକୁ ସମସ୍ତେ **ଉଠି** ଘେରଗଲେଣି । ବିନୀତ ନମସ୍କାର କରି ସମସ୍ତେ ବିଦାହେବାକୁ ଲାଗିଲେ । ଏଙ୍କଟ୍‌ରାଓ ଗୁଇପରି ବୁଲୁଛୁ । ବଳୀଦତ୍ତ ଡାକିଲା, "ଏଙ୍କଟ୍‌ରାଓ—"

"ୟେସ୍ ସାର୍—"

"ଟିକିଏ ସ୍ମାର୍ଟ୍‌କୁ,—" ଆସ ବା ଆସନ୍ତୁ କହୁ ଠିକ୍ କରି ପାରିଲାନାହିଁ, —"ସ୍ମାର୍ଟ୍‌କୁ ଟିକିଏ, ଟିକିଏ କଥା ଅଛୁ ।"

"ୟେସ୍ ସାର୍ !"

"ବର୍ତ୍ତମାନ କୋଉ ସିଟ୍‌ରେ ?"

"କୋଠାବାଡ଼ି ପୋଲ ରାସ୍ତା ଛୁଆରି ସମୀର୍ଜୀପୁ କୁମ୍ପାନିର ଗୋଦାମ ଗୁର୍ଯ୍ୟାଡ୍‌ରେ ।"

"ଭଲ ତା'ହେଲେ ?"

"ୟେସ୍ ସାର୍ !"

"ଆଜ୍ଞା ହାତଦେଖା କୋଷ୍ଠୀଦେଖା ଅଭ୍ୟାସ ରୁଳୁଛି ନା ?"

ଏଙ୍କଟ୍‌ରାଓ ହସିଲା । ୟେସ୍ ସାର୍ ! ଅନୁମତି ଦେଲେ ଯିବି କାଲି ସକାଳେ ।"

"ବନବିହାରୀ ମନେଅଛି ନା, କଣ୍ ତା'ର ଖବର ? ସବୁ ଭଲ ତ ?"

"ୟେସ୍ ସାର୍ !"

"ସେ ବର୍ତ୍ତମାନ କୋଉଠି ? କି ସିଟ୍ ଗୁର୍ଯ୍ୟରେ ? ତାକୁ ଏଠି ଦେଖୁନାହିଁ କାହିଁକି ?"

"ସେ ତ କେଉଁଦିନୁ ଚାକିରିରୁ ଗଲାଣି ସାର୍—"

"ଏଁ ! ହାସ୍ପରେ ହତଭଗା । ଏକଦମ୍ ଗ୍ଲାଲଗଲା ? ବର୍ତ୍ତମାନ ଚଳୁଛି କେମିତି ? ଖାଏ କଣ୍ ?"

"ତା' ପାଇଁ ଦୁଃଖ କରିବେ ନାହିଁ ସାର୍ ! ସେ ଭଲରେ ଅଛି । ଏକପ୍ରକାର ବଡ଼ ମଣିଷ କୁହାଯାଇପାରେ ।"

"ଚାକିରି ଛାଡ଼ି ବି ତାକୁ ବଡ଼ ମଣିଷ କୁହାଯାଇପାରେ ? କଣ୍ ବାବାଜୀ, ନା, ରାଜନୈତିକ କହୁ ?"

"ନାହିଁ ସାର୍, ସେ ବେପାରୀ । ତା'ର ପ୍ରକାଣ୍ଡ ଇଲେକ୍‌ଟ୍ରିକ୍ୟାଲ୍ ଦୋକାନ, ପୁଣି ରେଡ଼ିଓ ବିକ୍ରୀ କରେ । ସେ ସହରର ଜଣେ ନାମୀଲୋକ ।"

Digitized by srujanika@gmail.com

"ଆଶ୍ଚର୍ଯ୍ୟ !"

"କିଛି ନାହିଁ ସାର୍, ଏ ବେପାରର ମୂଳ କଥା, ତା ଛଡ଼ା ଇଲେକ୍‌ଟ୍ରିକ୍ସ ମାଡ଼ିଚାଲିଛି ହୁ ହୁ କରି । ପ୍ରଥମେ ଯେତେବେଳେ ଅଫିସରେ ମାଡ଼ଗୋଳ ଲାଗି ବାହାରି ଚାଲିଗଲି, ଅନେକେ ଭାବିଥିଲେ ସେ ଗଲା । ହାତରେ କଣା କଉଡ଼ିଏ ନାହିଁ, ବରଂ ଦେଣା କିଛି, ଅତି ଶ୍ରେଷ୍ଠ ନୁହେଁ ପରିବାର; କିନ୍ତୁ ମୁଁ ତାର ହାତ ଦେଖିଥିଲି । ତା'ପରେ—"

ବାଧାଦେଇ ବଳୀଦତ୍ତ କହିଲା,— "ହଉ, ପରେ । ତା ହେଲେ ନମସ୍କାର ।"

ଏଙ୍କଟ୍‌ରାଓ ନମସ୍କାର କରିଣ ଚଞ୍ଚଳ ଚାଲିପଡ଼ି ଚାଲିଗଲା । ବଳୀଦତ୍ତ ମୋହିଲା ମଟରକୁ । ସବୁ ବିରକ୍ତ ଏଙ୍କଟ୍‌ରାଓ ଉପରେ ଢାଳି ପଡ଼ୁଥାଏ, ଏହିପରି ଏମାନେ ଅଳ୍ପ ପ୍ରଶ୍ରୟ ଦେଲେ ଆରମ୍ଭ କରିଦେବେ ଖୁସିଗପ । ତେଣୁ ମଝିରେ ତାର କଥାକୁ କାଟିଦେଇ ସେ ଠିକ୍ କରିଛି, ଏଙ୍କଟ୍‌ରାଓ ବୁଝିବା ଉଚିତ, ସମୟ ବଦଳିଛି ।

ଭାଁ ଭାଁ ମଟର ଛୁଟିଲା ସିଧା କୋଠିକୁ । ଭିତରେ ତରତର ମନ । ବଳୀ ବଡ଼ଲୋକ ହୋଇଛି । କାହିଁକି ? କଣ୍ ତାର ତ୍ୟାଗ ? କଣ୍ ତାର ଚେଷ୍ଟା ? ହାଓ୍ୱା ଖାଇ ଚାଲୁଥିଲେ ଅନେକେ, ସେମାନେ ବି ଉଠିଛନ୍ତି । କାହିଁକି ? ସ୍ୱର୍ଗ ଜଳିଲା ଦୁନିଆଁ ଉପରେ, ବଡ଼ଲୋକୀ ମନରେ ବି ଧିକ୍କାର ଲାଗିଲା ସେ ଦୁନିଆଁର ଅସମତାକୁ, ଅନୁଭବ କଲା ସେ ଅତ୍ୟାଚାରିତ ।, ସେ ଦୁଃଖୀ ।

ବସାରେ ପହଞ୍ଚିଲା ।

ସମ୍ବେଦନା ନାହିଁ, ଘର ଖାଁ ଖାଁ ।

ଚପରାଶି ଟହଲୁଛନ୍ତି । ହର୍ଷା ବସିପଡ଼ିଛି ଗୋଟାଏ ଚୌକି ଉପରେ । ଗୋଡ଼ ହଲେଇ ହଲେଇ ପିଜୁଳି ଖାଉଛି । ଚପରାଶି ସଲାମ କଲେ । ହର୍ଷା ପିଜୁଳି ଲୁଚେଇ ଦେଇ ଯୋତାର ଫିତା ଖୋଲିଦେବାକୁ ନଇଁପଡ଼ିଲା । ରୋଷେଇଶାଳ ମୁଖରିତ ହୋଇ ଉଠିଲା ଖାନ୍‌ସମା, ବବୁର୍ଚ୍ଚି ଓ ପାଣିଓ୍ୱାଲାଙ୍କ କଳରବରେ । ଆଲୁଅ ଜଳୁଛି । ସାଜସଜ୍ଜାରେ ସୁନ୍ଦର, ବଡ଼ସାହେବ୍‌ର କୋଠି । ଓସାର ପିଣ୍ଡାତଳେ ଫୁଲକୁଣ୍ଡ ଧାଡ଼ି ଧାଡ଼ି । ପ୍ରକାଣ୍ଡ ବଗିଚା ।

"କିରେ, ମା କାହାନ୍ତି ?" ବଳୀଦତ୍ତ ପଚାରିଲା ।

Digitized by srujanika@gmail.com

"ସେ ଯୋଉ ବାବୁ," ହର୍ଷା କହିଲା, "ଯୋଉ ବାବୁ ମଟରରେ ଚଢ଼ି ବୁଲି ଆସୁଥିଲେ ସେଠି ଥିଲାବେଳେ, ସେ ଆସିଥିଲେ । ମା ଆଉ ସେ ଚ୍' ଖାଇଲେ । ମା' ତାଙ୍କ ସଙ୍ଗେ ବୁଲିଯାଇଛନ୍ତି ହୁଅନ୍ତେ । ସେବାବୁ ଆସିବେ, ଆଜି ରାତିରେ ଏଠି ରହିବେ ।"

"କୋଉ ବାବୁରେ ?"

"ସେଇ ଯୋଉ ବାବୁ ମଟରରେ ଚଢ଼ି ବୁଲି ଆସୁଥିଲେ ସେଠି ଥିଲାବେଳେ,—ସେ ଯୋଉ ବାବୁ—" ହର୍ଷା ମୂଳରୁ ଲଗେଇ ଦେଲା ତାର ଗ୍ରାମୋଫୋନ୍ ରେକର୍ଡ, ସେ କେବଳ ସମ୍ବାଦ ଦେଉଛି, ତାର ମତାମତ ନାହିଁ ।

କୋଉ ବାବୁ ଯେ ?

କେତେ ତ ଆସୁଥିଲେ । କଣ ରଣଜିତ୍‌ବାବୁ ? ନା ଆଉ କେହି ?

ହଠାତ୍ ମୁଣ୍ଡ ଭିତର ତାତି ଆସିଲା, ଖୋଟାଏ ନୂଆ ସ୍ୱରରେ ଅବସ୍ଥିତ । ତଳି ଓଠକୁ ଦାନ୍ତରେ କାମୁଡ଼ି ବସି ରହିଲା, ସାମ୍ନାର ସ୍ଥୂଳ ଦୃଶ୍ୟ ଦେଖି ପାରୁନାହିଁ, ଅଥଚ ଦେଖୁଛି, ଅନ୍ଧ ଆଖିରେ ଦେଖୁଛି ବଣ୍ଟି‌ଚିକା । ଆପଣା ମନର ଭୂତ, ସେମାନେ ଏଠି ଚାରିପାଖେ ଚଷି ବୁଲୁଛନ୍ତି । ଥେଇ ଥେଇ ନାଚ ଟାହି-ଟାପରା କରୁଛନ୍ତି, ହାଡ଼ରେ ନିଆଁ ଲଗାଉଛନ୍ତି । ଓଃ ! କି ଯନ୍ତ୍ରଣା ! କାହିଁର ବଡ଼ପଣ ? କାହିଁର ସାଫଲ୍ୟ ? କାହାପାଇଁ ? କଣ ସେ ପାଇଛି ? ମୁଣ୍ଡରେ ଦୁଇ ହାତ ଚାପି ଧରି ଅନ୍ଧାରକୁ ଅନେଇଛି । ଏଇ ତାର ପଥ, ତାର ଅନ୍ତ ନାହିଁ । ଏଇ ତାର ଜୀବନର ଅରୁଣ୍ଡା କାହାଣୀ, ଦାନାପାଣିର ମୂଳ ତଉଲରେ ସାଫଲ୍ୟ ଖୋଜି ଖୋଜି ଧନ ଗଢ଼ି ବଢ଼ିଯାଉଛି, ଅପଣାର ଦେହରେ ଲାଗିରହୁଛି ନିଆଁ ।

ସର୍ବେଜନା ପୁଣି ବୁଲିଯାଉଛି ।

"ଓଃ !"

ବଳଦେବ ତରତର ହୋଇ ଉଠିପଡ଼ିଲା । ସିଧା ଗ୍ଲିଲା ଅଫିସ ବଙ୍ଗ୍ଳାକୁ । ବସି ପଡ଼ି ଫାଇଲ କୁଢ଼ରୁ ଗୋଟିଏ ଫାଇଲ ଉଠେଇ ନେଇ ଚିତ୍କାର କଲା,

"ଚପରାଶି—"

"ହଜୁର ।"

"ସଲ୍‌ଦି ବୁଲାଓ ଷ୍ଟେନୋ ବାବୁଙ୍କୁ ।"

ବେଶ୍, ଏଇ ଭଲ, ଏଠି ସେ କର୍ତ୍ତା । ଏ କାରଖାନା, ଜୀବନ ଏଠୁ ସଜ୍ଜେଇ ରହେ ।

● ●

ମୁଦ୍ରଣ—ପ୍ରଜାତନ୍ତ୍ର ପ୍ରେସ, କଟକ-୨

Digitized by srujanika@gmail.com